
'ବାରଣାସୀ'କୁ ନେଇ ଚର୍ଚ୍ଚା

▸ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-115 ♦WEDNESDAY ♦22 OCTOBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୧୫ ♦ବୁଧବାର ♦୨୨ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


# ଦୀପାବଳି ବେପାର ୬ ଲକ୍ଷ କୋଟି

- ଗତ ବର୍ଷ ତୁଳନାରେ ବ୍ୟବସାୟ ୨୫% ବୃଦ୍ଧି
- ସେବା କ୍ଷେତ୍ରରେ କାରବାର ୬୫ ହଜାର କୋଟି

■ନୂଆଦିଲ୍ଲୀ,୨୧।୧୦(ଏଜେନ୍ସି): ଚଳିତ ବର୍ଷର ଦୀପାବଳି ଉତ୍ସବ କେବଳ ଆଲୋକ ଏବଂ ମିଠାର ପର୍ବ ନ ଥିଲା, ଏହା ଭାରତୀୟ ଅର୍ଥନୀତି ପାଇଁ ଉତ୍ସାହଜନକ ପରିବେଶ ଥିଲା। ଏହି ସମୟରେ ଜାତୀୟ ବଜାର ପୂର୍ବବର୍ଷ କାରବାରର ସମସ୍ତ ରେକର୍ଡ ଭାଙ୍ଗିଦେଇଛି। ଏଥର ସାରା ଦେଶରେ ୬ ଲକ୍ଷ କୋଟିରୁ ଅଧିକ ଟଙ୍କାର କାରବାର ହୋଇଛି। ଗତବର୍ଷ ଏହି ସମୟରେ ୪.୨୫ ଲକ୍ଷ କୋଟି ଟଙ୍କାର କାରବାର ହୋଇଥିବା ବେଳେ ଏଥର ଏଥିରେ ୨୫ ପ୍ରତିଶତ ବୃଦ୍ଧି ପାଇ ୬ ଲକ୍ଷ କୋଟିରୁ ଅଧିକରେ ପହଞ୍ଚିଛି। ଏହାକୁ ଦେଶର ବ୍ୟବସାୟ ଇତିହାସରେ ସବୁଠାରୁ ବଡ଼ ଉତ୍ସବ ବିକ୍ରି (ଫେଷ୍ଟିଭ୍ ସେଲ୍) ବୋଲି କୁହାଯାଉଛି। ଏହି ସମୟରେ ୫.୪୦ ଲକ୍ଷ କୋଟି ଟଙ୍କାର ସାମଗ୍ରୀ ବିକ୍ରି ହୋଇଥିବା ବେଳେ ସେବା କ୍ଷେତ୍ରରେ ୬୫ ହଜାର କୋଟି ଟଙ୍କାର ରେକର୍ଡ କାରବାର ହୋଇଛି।



କନଫେଡେରେସନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ (କ୍ୟାଟ୍)ର ସର୍ଭେ ରିପୋର୍ଟ ଅନୁଯାୟୀ, ଏହି ବମ୍ପର ବିକ୍ରି କୌଣସି ଗୋଟିଏ କ୍ଷେତ୍ର।।ରେ ସୀମିତ ନ ଥିଲା। ରାସନ ସାମଗ୍ରୀ ଠାରୁ ଆରମ୍ଭ କରି, ମୋଟର ଯାନ, ଇଲେକଟ୍ରୋନିକ୍ସ ସାମଗ୍ରୀ, ସୁନା ଏବଂ ରୁପା ଅଳଙ୍କାର ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ବିକ୍ରି ବଟାରେ ଇତିହାସ ସୃଷ୍ଟି ହୋଇଛି। କ୍ୟାଟ୍‌ର ଜାତୀୟ ସଭାପତି ବି.ସି. ଭରତିଆ କହିଛନ୍ତି ଯେ ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ କିଣାକିଣି ଜୋରଦାର ହୋଇଛି। ନବରାତ୍ରି (୨୯ ସେପଟେମ୍ବର)ରୁ ଦୀପାବଳି (୨୦ ଅକଟୋବର) ମଧ୍ୟରେ ହୋଇଥିବା କାରବାରକୁ ଫେଷ୍ଟିଭ୍ ସିଜିନ ରୂପେ ବିଚାର କରାଯାଉଛି। ଏହି ସମୟ ମଧ୍ୟରେ ସର୍ବାଧିକ କାରବାର ଗ୍ରସରି ଏବଂ ଏଫ୍‌ଏମ୍‌ସିଜି (ରାସନ ଓ ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ)ର ଭାଗ ସର୍ବାଧିକ ୧୨%ଥିଲା। ଉତ୍ସବ ଋତୁରେ ସମୃଦ୍ଧିର ପ୍ରତୀକ ଭାବରେ ବିବେଚିତ ସୁନା ଏବଂ ରୁପା ଅଳଙ୍କାର କାରବାର ୧୦% ସହ ଦ୍ୱିତୀୟ ସ୍ଥାନରେ ରହିଛି। ▸ପୃଷ୍ଠା-୭

# ପଛକୁ ପଛ ଆସୁଛି ୩ ଲଘୁଚାପ

## ଧାନ କ୍ଷେତକୁ ବାତ୍ୟା ଓ ବର୍ଷା ଭୟ

■ଭୁବନେଶ୍ୱର,୨୧।୧୦(ସମିସ): କ୍ଷେତରେ ଲହଡ଼ି ଭାଙ୍ଗୁଛି ଧାନ ଫସଲ। କିଛି ଅଞ୍ଚଳରେ ଧାନ ପାଚିବା ପାଚିବା ଅବସ୍ଥାରେ ପହଞ୍ଚି ଥିବା ବେଳେ ଅନେକ ସ୍ଥାନରେ ପାଚିଲା ଧାନ କ୍ଷେତରେ ଲହଡ଼ି ମାରୁଛି। ଅନୁକୂଳ ମୌସୁମୀ ଯୋଗୁଁ ଚଳିତ ବର୍ଷ ଆଶାନୁରୂପ ଅମଳ ହେବ ବୋଲି ଚାଷୀ ଅନୁମାନ କରୁଛନ୍ତି। ଏହି ସମୟରେ ବଙ୍ଗୋପସାଗରରେ ପଛକୁ ପଛ ୩ଟି ଲଘୁଚାପ ରାଜ୍ୟର ଚାଷୀଙ୍କ ନିଦ ହଜାଇ ଦେବା ସହ ଚିନ୍ତାର କାରଣ ପାଲଟିଛି । ବର୍ଷା କି ପବନ ହେଲେ ଧାନ କ୍ଷେତ ଗଭୀର ଭାବରେ ପ୍ରଭାବିତ ହେବ ଓ ଅମଳ କମିବ ବୋଲି ଚାଷୀମାନେ ଆଶଙ୍କା କରିଛନ୍ତି ।

ସମ୍ପ୍ରତି ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ସୁଦୃଶ୍ୟ ଲଘୁଚାପରେ ପରିଣତ ହୋଇଛି। ବର୍ତ୍ତମାନ ଏହା ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସକ୍ରିୟ ରହିଥିବା ବେଳେ ପଶ୍ଚିମ-ଉତ୍ତର ପଶ୍ଚିମକୁ ଦିଗକୁ କରୁଛି। ବୁଧବାର ଅପରାହ୍ନ ସୁଦ୍ଧା ଏହା ଆହୁରି ଘନୀଭୂତ ହୋଇ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ପରବର୍ତ୍ତୀ ୨୪ ଘଣ୍ଟାରେ ଏହା ଘନୀଭୂତ ହୋଇ ଉତ୍ତର ତାମିଲନାଡୁ, ପୁଡୁଚେରୀ, ଦକ୍ଷିଣ ଆନ୍ଧ୍ର ଉପକୂଳ ଆଡକୁ ଗତି କରିବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏହା ପ୍ରଭାବରେ ଦକ୍ଷିଣ ଓଡ଼ିଶାର କିଛି ଜିଲ୍ଲାରେ ବର୍ଷା ନେଇ ମଧ୍ୟ ଅନୁମାନ କରାଯାଇଛି।

ମାତ୍ର ଏହି ଲଘୁଚାପ ପଛେପଛେ ଚଳିତ ସପ୍ତାହ ଆଉ ଏକ ଲଘୁଚାପ ସୃଷ୍ଟି ସମ୍ପର୍କରେ ପାଣିପାଗ ବିଜ୍ଞାନୀ ଆକଳନ କରିଛନ୍ତି। ବିଭିନ୍ନ ମଡ଼େଲରେ ଏ ସମ୍ପର୍କରେ ପୂର୍ବାନୁମାନ କରାଯାଇଥିବା ବେଳେ କିଛି ପାଣିପାଗ ବିଜ୍ଞାନୀ ରାଜ୍ୟରେ ବର୍ଷା ହେବା ଆଶଙ୍କା କରିଛନ୍ତି। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଚଳିତ ସପ୍ତାହ ବଙ୍ଗୋପସାଗରରେ ଦୁଇଟି ଲଘୁଚାପର ସମ୍ଭାବନା ରହିଛି। ବର୍ତ୍ତମାନ ଗୋଟିଏ ଲଘୁଚାପ ସୃଷ୍ଟି ହୋଇଥିବା ବେଳେ ଆଉ




ଗୋଟିଏ ଲଘୁଚାପ ଆଗକୁ ସୃଷ୍ଟି ହେବ। ବଙ୍ଗୋପସାଗରରେ ଚଳିତ ସପ୍ତାହ ସମୁଦ୍ର ଓ ଉପରିସ୍ଥ ବାୟୁମଣ୍ଡଳର ପ୍ରତିକୂଳ ପରିସ୍ଥିତି ଯୋଗୁଁ ବର୍ତ୍ତମାନ ରହିଥିବା ଲଘୁଚାପ ୨୪ ତାରିଖ ସୁଦ୍ଧା ଘନୀଭୂତ ନ ହୋଇ ୨୪-୨୫ ମଧ୍ୟରେ ସମ୍ଭାବ୍ୟ ଦ୍ୱିତୀୟ ଲଘୁଚାପ ସହିତ ମିଶି ଅନ୍ୟ ଗୋଟିଏ ପାଣିପାଗ ନିୟାମକ (ସିଷ୍ଟମ) ହେବ। ତେବେ ଏହା କେବେ ଓ କେତେ ଘନୀଭୂତ ହେବ ଏବଂ ଗତିପଥ କ'ଣ ରହିବ ତାହା ବର୍ତ୍ତମାନ ଅନିଶ୍ଚିତତା ମଧ୍ୟରେ। ଏହା ୨୪ ତାରିଖ ବେଳକୁ ସ୍ପଷ୍ଟ ହେବ। ବର୍ତ୍ତମାନ ସାମୁଦ୍ରିକ ବାୟୁର ପ୍ରବାହ ଯୋଗୁଁ ଉତ୍ତରା ଥଣ୍ଡା ପବନ ରାଜ୍ୟକୁ ଆସିପାରୁ ନାହିଁ। ସପ୍ତାହେ ପର୍ଯ୍ୟନ୍ତ ସର୍ବନିମ୍ନ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ସମ୍ଭାବନା ନାହିଁ। ଏହାସହିତ ମଝିରେ ମଝିରେ ବର୍ଷା ଓ ମେଘୁଆ ପାଗର ମଧ୍ୟ ସମ୍ଭାବନା ରହିଛି ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ଶରତ ସାହୁ କହିଛନ୍ତି ଯେ ବର୍ତ୍ତମାନର ଲଘୁଚାପ ଦକ୍ଷିଣ-ପଶ୍ଚିମ ଆଡ଼କୁ ଗତି କରିବା ନେଇ ଜଣାପଡୁଛି। ଏହା ଆରବ ସାଗର ଆଡ଼କୁ ବି ଯାଇପାରେ। ଏହା ପ୍ରଭାବରେ ଓଡ଼ିଶାରେ ୨୪ରୁ ୨୬ ଭିତରେ ବର୍ଷା ହୋଇପାରେ। ଆଭ୍ୟନ୍ତରୀଣ ଓଡ଼ିଶାରେ ମାତ୍ରାଧିକ ବର୍ଷା ହେବାର ସମ୍ଭାବନା ରହିଛି। ଏହାପରେ ବଙ୍ଗୋପସାଗରରେ ଆଉ ଦୁଇଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଗୋଟିଏ ୨୬ ବା ୨୭ ତାରିଖରେ ଓ ଅନ୍ୟଟି ୨୮ ବା ୨୯ ତାରିଖରେ ସୃଷ୍ଟି ହୋଇପାରେ। ତୃତୀୟ ଲଘୁଚାପ କ୍ଷେତ୍ର ତାମିଲନାଡୁ ଆଡ଼କୁ ଗତି କରିପାରେ। ତେବେ ଦ୍ୱିତୀୟ ଲଘୁଚାପର ପ୍ରଭାବ ଓଡ଼ିଶା ଉପରେ ପଡ଼ିବାର ସମ୍ଭାବନା ରହିଛି। ଯଦିଓ ବର୍ତ୍ତମାନ ବାତ୍ୟା ପାଇଁ ପାଗ ଅନୁକୂଳ ଅଛି; କିନ୍ତୁ ଏକାଧିକ ଲଘୁଚାପ ସୃଷ୍ଟି ହେବା କାରଣରୁ ଏଗୁଡ଼ିକ ଘନୀଭୂତ ହୋଇପାରିବ ନାହିଁ ବୋଲି ସେ କହିଛନ୍ତି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ବୁଧବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ▸ପୃଷ୍ଠା-୭

# ଦୀପାବଳି ପ୍ରଦୂଷଣ: ଦିଲ୍ଲୀକୁ ଟପିଲା ଭୁବନେଶ୍ୱର



## କେବଳ କାଗଜ କଲମରେ କଟକଣା, ୬୫୭ରେ ପହଞ୍ଚିଲା ବାୟୁର ଗୁଣବତ୍ତା

■ ଭୁବନେଶ୍ୱର, ୨୧।୧୦(ସମିସ): ଦୀପାବଳି ବାଣ ପ୍ରଦୂଷଣରେ ଜାତୀୟ ରାଜଧାନୀ ଦିଲ୍ଲୀକୁ ଟପିଛି ଓଡ଼ିଶାର ରାଜଧାନୀ ଭୁବନେଶ୍ୱର। ପ୍ରଦୂଷଣ କ୍ଷେତ୍ରରେ ସାରା ଦେଶରେ ଦିଲ୍ଲୀ ସବୁଠାରୁ ଅପଖ୍ୟାତି ଅର୍ଜନ କରିଥିବା ସମୟରେ ଭୁବନେଶ୍ୱର ତାହାକୁ ବି ଅତିକ୍ରମ କରିଛି । ଗତକାଲି ଏକ ସମୟରେ ବାୟୁର ଗୁଣବତ୍ତାମାନ ରାଜଧାନୀ ଭୁବନେଶ୍ୱରରେ ୬୦୦ ଏକ୍ୟୁଆଇ (ଏୟାର କ୍ୱାଲିଟି ଇଣ୍ଡେକ୍ସ) ଅତିକ୍ରମ କରିଛି। ଯାହା ଅତ୍ୟନ୍ତ ଦୂଷିତ ଓ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଭାବରେ ଗଣାଯାଇଛି। ଦ୍ୱୈତନଗରୀ କଟକ-ଭୁବନେଶ୍ୱର ପାଇଁ ଜାରି କମିଶନରେଟ ପୁଲିସର କଟକଣା କେବଳ କାଗଜକଲମରେ ସୀମିତ ରହିଛି।

ଦୀପାବଳି ଦିନ ଭୋର ସମୟରେ ରାଜଧାନୀର ବାୟୁସ୍ତର ବେଶ୍ ସ୍ୱଚ୍ଛ ଥିଲା ଓ ଏକ୍ୟୁଆଇ ୮୪ ରହିଥିଲା। ଦିନ ୧୨ ଟା ସୁଦ୍ଧା ପଟିଆ ଅଞ୍ଚଳରେ ଏକ୍ୟୁଆଇ୧୦୫ ରହିଥିବା ବେଳେ ଲିଙ୍ଗରାଜ ମନ୍ଦିର ଏରିଆରେ ଏକ୍ୟୁଆଇ ୧୩୮ ରହିଥିଲା। ହେଲେ ସନ୍ଧ୍ୟାରେ ବାଣ ଫୁଟା ଆରମ୍ଭ ସହ ସହରର ପ୍ରଦୂଷଣ ବଢ଼ିବାକୁ ଲାଗିଥିଲା। ଏମିତି କି କିଛି କିଛି ସ୍ଥାନରେ ସନ୍ଧ୍ୟା ୭ଟା ସୁଦ୍ଧା ଏକ୍ୟୁଆଇ ୬୦୦ରେ ପହଁଚିଯାଇଥିଲା। ଏହି ପ୍ରଦୂଷଣର ମାତ୍ରା ରାତି ସାଢ଼େ ୧୧ଟା ବେଳକୁ ୬୫୭ରେ ପହଁଚିଥିଲା। ଯାହାଦ୍ୱାରା ▸ପୃଷ୍ଠା-୭

### ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା

# ଫେଲ୍ ହୋଇଥିଲା ପ୍ଲାନ୍ 'ଏ'

- ପୂର୍ବତନ ମେୟରଙ୍କ ସହ ୧୪ ଅଟକ, ୨ ବନ୍ଧୁକ ଜବତ
- ବିହାରୀ ନୁହେଁ ସ୍ଥାନୀୟ ଅପରାଧୀ ଭିଆଇଛନ୍ତି କାଣ୍ଡ
- ଖୁବ୍‌ଶୀଘ୍ର ପର୍ଦ୍ଦାଫାସ: ଆଇଜି

■ ବ୍ରହ୍ମପୁର,୨୧।୧୦(ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାରେ ଦିନକୁ ଦିନ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି । ଥରେ କି ଦୁଇଥର ନୁହେଁ, ପୀତବାସଙ୍କୁ ହତ୍ୟା ପାଇଁ ଅପରାଧୀମାନେ ବାରମ୍ବାର ଯୋଜନା କରିଥିଲେ ହେଁ ତାହା ସଫଳ ହୋଇ ନ ଥିଲା। ତେବେ ଶେଷଥର ପ୍ରସ୍ତୁତ ହୋଇଥିବା ଦୁଇଟି ଯୋଜନା ମଧ୍ୟରୁ ଗୋଟିଏ ସଫଳ ହୋଇଥିଲା। ଏଥିପାଇଁ ଦୁଇସ୍ତରୀୟ ଯୋଜନା ହୋଇଥିଲା; 'ପ୍ଲାନ ଏ' ଓ 'ପ୍ଲାନ୍ ବି' । ବିହାରୀ ସାର୍ପ ସୁଟରମାନଙ୍କୁ 'ପ୍ଲାନ୍ ଏ' ଯୋଜନାରେ ସ୍ଥାନ ଦିଆଯାଇଥିଲା ଓ 'ପ୍ଲାନ ବି'ରେ ସ୍ଥାନୀୟ କିଛି ଅପରାଧୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇଥିଲା। ତେବେ କୌଣସି କାରଣରୁ 'ପ୍ଲାନ ଏ' ଫେଲ୍ ହୋଇ ଯାଇଥିଲା ଓ ପ୍ଲାନ୍ ବି ଅନୁସାରେ ସ୍ଥାନୀୟ ଯୁବକ ପୀତବାସଙ୍କୁ ହତ୍ୟା କରିବାକୁ ସକ୍ଷମ ହୋଇଥିଲେ।

ଅନୁସନ୍ଧାନରୁ ଜଣାପଡ଼ିଛି ଯେ ବିଭିନ୍ନ କାରଣରୁ ପୀତବାସଙ୍କ ଶତ୍ରୁସଂଖ୍ୟା ଥିଲା ଅସଂଖ୍ୟ । କୌତୂହଳର ବିଷୟ ହେଉଛି ଏକଦା ପୀତବାସଙ୍କ ଅତ୍ୟନ୍ତ ଘନିଷ୍ଠ ଥିବା ଜଣେ ବ୍ୟକ୍ତି ତାଙ୍କର ଚରମ ଶତ୍ରୁରେ ପରିଣତ ହୋଇଥିଲେ। ତାଙ୍କ ହତ୍ୟା ଘଟଣା ପଛରେ ତାଙ୍କର ପ୍ରଚ୍ଛନ୍ନ ହାତ ଥିବା ପୁଲିସ ସନ୍ଦେହ କରୁଛି। ପୂର୍ବ ଶତ୍ରୁତା କାରଣରୁ ସେହି ବ୍ୟକ୍ତି ପୀତବାସଙ୍କୁ ରାସ୍ତାରୁ ହଟାଇବାକୁ ଷଡ଼ଯନ୍ତ୍ର କରିଥିଲେ ଓ ଏଥିପାଇଁ କିଛି ବିହାରୀ ଅପରାଧୀଙ୍କୁ ସୁପାରି ଦେଇଥିଲେ। ସମ୍ପୃକ୍ତ ସାର୍ପସୁଟରମାନେ ବ୍ରହ୍ମପୁରରେ ଡ଼େରା ପକାଇଥିଲେ ଓ ପୀତବାସଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ପୀତବାସ ▸ପୃଷ୍ଠା-୭

# ବିଦ୍ୟୁତ୍ ଆଘାତରେ ୩ ମୃତ

- ଭଜନ ଶୁଣିବାକୁ ଯାଇ ଗଲା ୨ ଜୀବନ
- ବରଗଡ଼ ଜେଲ୍‌ରେ କଏଦୀଙ୍କ ମୃତ୍ୟୁ

■ ସାକ୍ଷୀଗୋପାଳ/ବରଗଡ଼, ୨୧।୧୦(ସମିସ): ଗତ ୨୪ ଘଣ୍ଟାରେ ବିଦ୍ୟୁତ୍ ଆଘାତରେ ରାଜ୍ୟରେ ୩ଜଣଙ୍କ ମୃତ୍ୟୁ ହୋଇଛି। ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ପ୍ରସିଦ୍ଧ ବାମାବର୍ତ୍ତୀ ବାଙ୍ଗୀୟ ତନ୍ତ୍ରପୀଠ ମା' ଦକ୍ଷିଣ କାଳୀ ମନ୍ଦିର ନିକଟରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ବରଗଡ଼ ଜେଲ୍‌ର ଜଣେ ବିଚାରାଧୀନ କଏଦୀ ପ୍ରାଣ ହରାଇଛନ୍ତି।

ଦୀପାବଳି ରାତିରେ ବାମାବର୍ତ୍ତୀ ବାଙ୍ଗୀୟ ତନ୍ତ୍ରପୀଠ ମା' ଦକ୍ଷିଣ କାଳୀଙ୍କ ମନ୍ଦିର ନିକଟରେ ଏକ ଭଜନ ସଂଧ୍ୟା ଚାଲିଥିଲା। ରାତି ପ୍ରାୟ ୧୨ଟାରେ ମଞ୍ଚ ପାର୍ଶ୍ୱରେ ଜଣେ ପୁରୁଷ ଓ ଜଣେ ମହିଳା ଅସାବଧାନତା ବଶତଃ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯିବାରୁ ଗୁରୁତର ଆହତ ହୋଇଥିଲେ। ସାକ୍ଷୀଗୋପାଳ ଅଗ୍ନିଶମ କେନ୍ଦ୍ରର ଅଗ୍ନିଶମମାନେ ଦୁହିଁଙ୍କୁ ଚିକିତ୍ସା ନିମନ୍ତେ ବୀରଗୋବିନ୍ଦପୁର ଗ୍ରାମରେ ଖୋଲାଯାଇଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ଦୀପସ୍ମିତା ରାୟ ପ୍ରାଥମିକ ଚିକିତ୍ସା ପରେ ଆହତଦ୍ୱୟଙ୍କୁ ଅଧିକ ଚିକିତ୍ସା ନିମନ୍ତେ ସାକ୍ଷୀଗୋପାଳ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। କିନ୍ତୁ ସେଠାରେ ଦୁହିଁଙ୍କର ମୃତ୍ୟୁ ▸ପୃଷ୍ଠା-୭

# ବିଜେଡି ମହିଳା କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ

■ ଜଗତସିଂହପୁର, ୨୧।୧୦ (ସମିସ): ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ପଟସରା ଗ୍ରାମର ବିଜେଡି କର୍ମୀ ରଶ୍ମିରଞ୍ଜିତା ପରିଜାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଗ୍ରାମର ଅନିରୁଦ୍ଧ ରାଉତ ତାଙ୍କୁ ଘରୁ ଘୋଷାଡ଼ି ଆଣି ଗାଁ ଦାଣ୍ଡରେ ନିସ୍ତୁକ ମାଡ଼ ମାରିବା ସହ ତାଙ୍କ ମୁଣ୍ଡ ଫଟାଇ ଦେଇଛନ୍ତି। ଗାଁର କିଛି ପୁରୁଷ ଓ ମହିଳା ମଧ୍ୟ ସାମିଲ ହୋଇ ରଶ୍ମିଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କ ଅଭିଯୋଗ ଆଧାରରେ ସଦର ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଅନିରୁଦ୍ଧ ରାଉତ ଗତକାଲି ନିଶା ସେବନ କରି ରଶ୍ମିଙ୍କ ଘର ନିକଟରେ ପହଞ୍ଚିଥିଲେ। ସେଠାରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କୁ



ଘରୁ ବାହାରି ଆସିବାକୁ କହିଥିଲେ। ରଶ୍ମି ନ ଆସିବାରୁ ଅନିରୁଦ୍ଧ ତାଙ୍କ ଘର ଭିତରେ ପଶି ରଶ୍ମିଙ୍କୁ ବାହାରକୁ ଘୋଷାଡ଼ି ଆଣି ଗାଁ ଦାଣ୍ଡରେ ମାଡ଼ ମାରିଥିଲେ। ଏହା ଦେଖି ରଶ୍ମିଙ୍କ ସ୍ୱାମୀ ଦୁଃଖୀଶ୍ୟାମ ରାଉତ ଓ ▸ପୃଷ୍ଠା-୭

### ଘଟଣାକୁ ନବୀନଙ୍କ ଦୃଢ଼ ନିନ୍ଦା

## ଗ୍ରହଣୀୟ ନୁହେଁ ଅଶାନ୍ତି, ଆତଙ୍କରାଜ



■ ଭୁବନେଶ୍ୱର,୨୧।୧୦(ସମିସ): ଜଗତସିଂହପୁରରେ ବିଜୁ ଜନତା ଦଳର କର୍ମୀ ରଶ୍ମି ପରିଜାଙ୍କ ଉପରେ ହୋଇଥିବା ସଂଘବଦ୍ଧ ମରଣାନ୍ତକ ଆକ୍ରମଣ ଘଟଣାରେ ଉଦ୍‌ବେଗ ପ୍ରକାଶ କରିଛନ୍ତି ବିଜେଡି ସଭାପତି ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ନିଜ ସୋସିଆଲ୍ ମିଡିଆ ଆକାଉଣ୍ଟରେ ନବୀନ ଏହି ଘଟଣାକୁ ଦୃଢ଼ ନିନ୍ଦା କରିବା ସହ ମହିଳାଙ୍କ ଉପରେ ବଢୁଥିବା ଏପରି ଘଟଣା କଦାପି ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି। ଶାନ୍ତିପ୍ରିୟ ଓଡ଼ିଶାରେ ଅଶାନ୍ତିର ଏ ବାତାବରଣ ଜନମାନସରେ ଆତଙ୍କ ସୃଷ୍ଟି କରିଛି। ରାଜ୍ୟରେ ଅସାମାଜିକ ବ୍ୟକ୍ତି ଅପରାଧ ଘଟାଇବାକୁ ଭୟ କରୁନାହାନ୍ତି; ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ସରକାର ଦୋଷୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆଇନ ବ୍ୟବସ୍ଥା ଉପରେ ଲୋକଙ୍କ ଆସ୍ଥା ବଜାୟ ରଖନ୍ତୁ ବୋଲି ନବୀନ ତାଙ୍କ ପୋଷ୍ଟରେ ଉଲ୍ଲେଖ କରିଛନ୍ତି।

# ଚୌଦ୍ୱାର ଜେଲ୍‌ରେ ଗ୍ୟାଙ୍ଗ୍‌ୱାର୍ !

■କଟକ/ଚୌଦ୍ୱାର,୨୧।୧୧(ସମିସ): ଦଶହରା ରାତିରେ ୨ ଦୁର୍ଦ୍ଦାନ୍ତ ବିହାରୀ ଅପରାଧୀ ଜେଲ୍ କାନ୍ଥ ଡେଇଁ ଫେରାର୍ ହେବା ଘଟଣାକୁ ଦିନ କେଇଟା ବିତି ନଥିବା ବେଳେ ଗତକାଲି ଭୋର୍‌ରେ ଜଣେ କଏଦୀଙ୍କୁ ମରଣାନ୍ତକ ଆକ୍ରମଣ, ପୁଣିଥରେ




ଚୌଦ୍ୱାର ମଣ୍ଡଳ କାରଗାର ପାଇଁ ବଦନାମ ଆଣିଛି। ଆକ୍ରମଣର ଶିକାର କଏଦୀଜଣଙ୍କ ହେଲେ, କବି ସେଠ। ସେ ୱାର୍ଡ ନମ୍ବର ୬୨ର ଅନ୍ତେବାସୀ। ଗତକାଲି ଭୋର୍‌ରେ ସେ ଶୋଇଥିବା ବେଳେ ଅନ୍ୟ ଜଣେ କଏଦୀ ତାଙ୍କ ସେଲ୍‌ରେ ପଶି ମାଙ୍କଡ଼ା ପଥର ତାଙ୍କ ମୁଣ୍ଡକୁ ଛେଚି ଦେଇଛନ୍ତି। ଗୁରୁତର କବିଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ତାଙ୍କ ମୁଣ୍ଡରେ ୩୫ଟି ଷ୍ଟିଚ୍ ପଡ଼ିଛି। ଜେଲ୍ ଭିତରେ ୨ ଗୋଷ୍ଠୀ ମଧ୍ୟରେ ବିବାଦରୁ କବିଙ୍କୁ ଏପରି ପ୍ରାଣାନ୍ତକ ଆକ୍ରମଣ ହୋଇଥିବା ଜଣାଯାଇଛି। ଏହି ବିବାଦର ସମାଧାନ ନ ହେଲେ ଆଗାମୀ ଦିନରେ ଗ୍ୟାଙ୍ଗ୍‌ୱାର୍‌ର ରୂପ ନେବାକୁ

### କଏଦୀଙ୍କୁ ମରଣାନ୍ତକ ଆକ୍ରମଣ

ଯାଉଥିବା କୁହାଯାଉଛି। ଅପରପକ୍ଷେ, ଜେଲ୍ ଭିତରେ ଗୋଟିଏ ପରେ ଗୋଟିଏ ବିଶୃଙ୍ଖଳା ଘଟିବା କର୍ତ୍ତୃପକ୍ଷଙ୍କ ପାରିବାପଣିଆ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନାନୁସାରେ, ଜେଲ୍ ଭିତରେ ୨ଗୋଷ୍ଠୀ ମଧ୍ୟରେ ଦୀର୍ଘ ଦିନ ହେବ ଛକାପଞ୍ଝା ଲାଗି ରହିଥିଲା। ଗୁରୁତର କବି ଗୋଟିଏ ଗୋଷ୍ଠୀର ସମର୍ଥନରେ ରହିଥିବା ବେଳେ ଆକ୍ରମଣ କରିଥିବା କଏଦୀ ସନ୍ତୋଷ ସିହ୍ନା ଅନ୍ୟ ଏକ ଗୋଷ୍ଠୀର ବୋଲି ଜଣାପଡ଼ିଛି। ଗତ ରବିବାର ଜେଲ୍ ପକ୍ଷରୁ ସକାଳ ଜଳଖିଆ ଖାଇବାକୁ ଦିଆଯାଇଥିଲା। ଏହି ସମୟରେ ସନ୍ତୋଷ ଓ କବି ମଧ୍ୟରେ ବଚସା ହୋଇଥିଲା। ଏଥିରେ ରାଗିଯାଇ କବିର ଖାଇବା ଥାଳିକୁ ଫିଙ୍ଗି ଦେଇଥିଲା ସନ୍ତୋଷ। ନିଜର ସକାଳ ଜଳଖିଆ ତଳେ ପଡ଼ିଯିବା ପରେ କବି ଉତ୍‌କ୍ଷିପ୍ତ ହୋଇପଡ଼ିଥିଲା। ୨ଜଣ ମଧ୍ୟରେ ପେଲାଠେଲା ହୋଇଥିଲା। ପାଖରେ ଥିବା ଜମାଦାର ଓ ୱାର୍ଡର ପହଞ୍ଚି ୨ଜଣଙ୍କୁ ବୁଝାସୁଝା କରିବା ପରେ ଗଣ୍ଡଗୋଳ ଶାନ୍ତ ପଡ଼ିଥିଲା। ପରେ କବି ନିଜ ୱାର୍ଡକୁ ଯାଇଥିବା ବେଳେ ସନ୍ତୋଷ ୩ ନମ୍ବର ସେଲ୍‌କୁ ଯାଇଥିଲା। ତେବେ ରାଗ ଶୁଝାଇବାକୁ ସୁଯୋଗ ଖୋଜୁଥିବା ସନ୍ତୋଷ ସୋମବାର ଭୋର୍‌ରେ କବିର ▸ପୃଷ୍ଠା-୭

# ରାଜ୍ୟରେ ବନ୍ଦ ହେବ ୫୬୩୦ ସ୍କୁଲ୍ !

## ପଶ୍ଚିମ ଓଡ଼ିଶାରୁ ୧୮୨୬; ନୂଆପଡ଼ାରେ ୧୫୬

■ ଭୁବନେଶ୍ୱର, ୨୧।୧୦(ସମିସ): ୨୦ରୁ କମ୍ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟକୁ ବନ୍ଦ କରିବେ ରାଜ୍ୟ ସରକାର। ଏଥିପାଇଁ ପ୍ରାଥମିକ ପର୍ଯ୍ୟାୟରେ ସର୍ଭେ ମଧ୍ୟ ସରିଛି। ରାଜ୍ୟସାରା ପ୍ରାୟ ୫୬୩୦ ବିଦ୍ୟାଳୟକୁ ବନ୍ଦ ପାଇଁ ସର୍ଭେ କରାଯାଇଥିବା ବେଳେ କେବଳ ପଶ୍ଚିମ ଓଡ଼ିଶାର ୧୮୨୬ ବିଦ୍ୟାଳୟ ବନ୍ଦ କରିବା ଲାଗି ଚିହ୍ନଟ ହୋଇଛି। ସୁନ୍ଦରଗଡ଼ ଜିଲ୍ଲାରେ ସର୍ବାଧିକ ୩୯୭ଟି ବିଦ୍ୟାଳୟକୁ ବନ୍ଦ ବା ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ ପାଇଁ ଜିଲ୍ଲା କମିଟି ସୁପାରିସ କରିଥିବା ବେଳେ ନୂଆପଡ଼ା ଜିଲ୍ଲାର ୧୫୬ଟି ବିଦ୍ୟାଳୟ ଏହି ତାଲିକାରେ ରହିଛି। ସାଧାରଣ ନିର୍ବାଚନ ପୂର୍ବରୁ ବନ୍ଦ ସ୍କୁଲ୍‌ଗୁଡ଼ିକୁ ଖୋଲିବା ପାଇଁ ପ୍ରତିଶ୍ରୁତି ଦେଇଥିବା ବିଜେପି ସରକାରକୁ ଆସିବା ପରେ ବିଦ୍ୟାଳୟ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଥିବାରୁ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

୨୦ରୁ କମ୍ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟକୁ ବନ୍ଦ ବା ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ ପାଇଁ ଗତ ମାର୍ଚ୍ଚ ମାସରେ ବିଜ୍ଞପ୍ତି ଜାରି ହୋଇଥିଲା। ସେହି ଅନୁଯାୟୀ ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ)ଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇ କମ୍ ପିଲା ଥିବା ବିଦ୍ୟାଳୟର ଭିତ୍ତିଭୂମି ଯାଞ୍ଚ କରିବା ସହ ନିକଟସ୍ଥ ବିଦ୍ୟାଳୟ ସହ ଦୂରତା ସମ୍ପର୍କରେ ସର୍ଭେ କରାଯାଇଥିଲା। ତଦନୁଯାୟୀ ସୁନ୍ଦରଗଡ଼ ଜିଲ୍ଲାରେ ସର୍ବାଧିକ ୩୯୭ଟି ବିଦ୍ୟାଳୟ ଚିହ୍ନଟ ହୋଇଥିବା ବେଳେ ବରଗଡ଼ ଜିଲ୍ଲାରେ ୨୭୩, ବଲାଙ୍ଗୀରରେ ୨୮୬, ବୌଦ୍ଧରେ ୧୪୫, ଝାରସୁଗୁଡ଼ାରେ ୧୦୭, ନୂଆପଡ଼ାରେ ୧୫୬, ସମ୍ବଲପୁରରେ ୨୩୩, ସୋନପୁରରେ ୧୪୪ ଓ ଦେବଗଡ଼ରେ ୮୫ଟି ବିଦ୍ୟାଳୟକୁ ବନ୍ଦ କରିବା ପାଇଁ ଚିହ୍ନଟ କରାଯାଇଛି। କିଛି ସ୍ଥାନରେ ଗ୍ରାମବାସୀ ଏହାକୁ ବିରୋଧ କରିବାରୁ ଆସନ୍ତା ୩୧ ତାରିଖ ମଧ୍ୟରେ ସମ୍ପୃକ୍ତ ବିଦ୍ୟାଳୟର ପରିଚାଳନା କମିଟି ଓ ଗ୍ରାମବାସୀମାନେ ଏନେଇ ଜିଲ୍ଲାପାଳ ବା ଡିଇଓଙ୍କ ନିକଟରେ ଅଭିଯୋଗ କରିପାରିବେ ବୋଲି କୁହାଯାଇଛି। ବନ୍ଦ ହୋଇଥିବା ବିଦ୍ୟାଳୟ ଖୋଲିବା ପାଇଁ ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିବା ବିଜେପି ସରକାରକୁ ଆସିବା ପରେ ଦୋହରା ଆଭିମୁଖ୍ୟ ଆପଣାଇଛି। ଶିକ୍ଷାବିତ୍ ଓ ଅଭିଭାବକମାନେ ଏହାର ପ୍ରତିବାଦ କରିବା ସହ ସରକାରଙ୍କ ଏପରି ନିଷ୍ପତ୍ତି ଭାରି ପଡ଼ିବ ବୋଲି ଚେତାବନୀ ଦେଇଛନ୍ତି।

## ପରିବା ଦର ଆକାଶଛୁଆଁ; ଚିନ୍ତାରେ ଖାଉଟି



**ଧରାକୋଟ, ୨୧।୧୦(ସମିସ):** କାର୍ତ୍ତିକ ପାଇଁ ଧରାକୋଟ ଅଞ୍ଚଳରେ ପରିବା ଦର ଅହେତୁକ ଭାବରେ ବୃଦ୍ଧି ପାଇଛି। ଯାହା ଖାଉଟିମାନଙ୍କ ଚିନ୍ତା ବଢ଼ାଇ ଦେଇଛି। ବିଶେଷତଃ ମୁଣ୍ଡମରାଇ, ଧରାକୋଟ, ଦଶମାଇଲି, ମାଣିକପୁର, ପୁଟୁ, ଯାହାଡ଼ା, ସିଙ୍ଗିପୁର, ଚାରିଛକ, କାନଗିରିଡି, କାସ ପଡ଼ା, ସରଧାପୁର, ଓଳମ୍ବା, ପୋଡ଼ାପଲି, ସିନ୍ଦୂରାପଲି, ବେଠୁଆର, ସୁନାପଲି ଗାଁରେ ଅଧିକ ପରିମାଣରେ ପନି ପରିବା ଚାଷ କରାଯାଏ। ଏହି ସବୁ ଗାଁରୁ ପ୍ରତିଦିନ ଆଦାୟ ହେଉଥିବା ପରିବା ବ୍ରହ୍ମପୁର, ହିଞ୍ଜିଳି, ଆସିକା, ସୋରଡା, ଦାରିଙ୍ଗିବାଡ଼ି, କବିସୂର୍ଯ୍ୟନଗର ଅଞ୍ଚଳର ବେପାରୀ ସକାଳୁ ସକାଳୁ କିଣି ନିଅନ୍ତି। ଏଣୁ ସ୍ଥାନୀୟ ଅଞ୍ଚଳରେ ପରିବା ଆବଶ୍ୟକତା ଅନୁଯାୟୀ ମିଳିପାରିନାହିଁ। ଫଳରେ ବର୍ତ୍ତମାନ ବିନ୍ସ କିଲୋ ୧୨୦, ଦେଶୀ କାଙ୍କଡ଼ ୧୪୦, ବଡ଼କାଙ୍କଡ଼ ୮୦, ପୋଟଳ ୮୦, କଲରା ୬୦, ସାରୁ ୫୦, ଭେଣ୍ଡି ୬୦, ବାଇଗଣ ୬୦, କଖାରୁ ୪୦, କୁନ୍ଦୁରି ୪୦, ଝାଲଣ ୬୦, ଦେଶୀଆଳୁ ୬୦, କଞ୍ଚାକଦଳୀ ୮୦, ସଜନା ୧୦୦, ଟମାଟୋ ୪୦, କନ୍ଦମୂଳ ୬୦ ଟଙ୍କାରେ ବିକ୍ରି ହେଉଛି। ଏପରିକି କୋଶଳା ଓ ସଜନା ଶାଗ ବିଡ଼ା ୨୦ ଟଙ୍କାରେ ପହଞ୍ଚିଛି। ଫଳରେ ଖାଉଟିମାନେ ଖୁବ କମ ପରିମାଣର ପରିବା ନେଉଛନ୍ତି। କିନ୍ତୁ ଆଳୁ ଓ ପିଆଜ ଦର ନିୟନ୍ତ୍ରଣ ମଧ୍ୟରେ ରହିଥିବାରୁ ଲୋକେ ସାମାନ୍ୟ ଆଶ୍ୱସ୍ତିରେ ଅଛନ୍ତି।

### ଅବ୍ୟବସ୍ଥାରେ ଇନ୍‌ଡୋର୍ ଷ୍ଟାଡିୟମ୍

# କାନ୍ଥରେ ଫାଟ; ଦବିଛି ବ୍ୟାଡମିଣ୍ଟନ୍ କୋର୍ଟ

ଗଞ୍ଜାମ/ହୁମ୍ମା, ୨୧।୧୦(ସମିସ)




ଗଞ୍ଜାମ ସହରର ପ୍ରତିଷ୍ଠିତ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର୍ ଷ୍ଟାଡିୟମ୍‌କୁ ୨୩ ଫେବୃଆରୀ ୨୦୨୪ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏହି ଆଧୁନିକ କ୍ରୀଡ଼ାଙ୍ଗନ ସ୍ଥାନୀୟ ଯୁବପିଢ଼ି ଏବଂ କ୍ରୀଡ଼ାପ୍ରେମୀଙ୍କ ପାଇଁ ଏକ ବଡ଼ ସ୍ୱପ୍ନର ପ୍ରତୀକ ଥିଲା। କିନ୍ତୁ ମାତ୍ର ଦେଢ଼ ବର୍ଷରେ ଏହାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଯାହା ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ଷ୍ଟାଡିୟମ୍‌ର ବିଲ୍‌ଡିଂ କାନ୍ଥଗୁଡ଼ିକରୁ ସିମେଣ୍ଟ ଖସୁଛି, ଫାଟ ପଡ଼ିଯାଇଛି ଏବଂ ବ୍ୟାଡମିଣ୍ଟନ୍ କୋର୍ଟଗୁଡ଼ିକ ଦବି ଯାଇଥିବାରୁ ଖେଳାଳିମାନେ ନିୟମିତ ଅଭ୍ୟାସରେ ବାଧାର ସମ୍ମୁଖୀନ ହେଉଛନ୍ତି। ବ୍ୟାୟାମଶାଳାର ସାମଗ୍ରୀଗୁଡ଼ିକ ନଷ୍ଟ ହେବାକୁ ବସିଥିବା ବେଳେ ଆଲୋକ ବ୍ୟବସ୍ଥା ମଧ୍ୟ ଅକାମୀ ହୋଇପଡ଼ିଛି। ଅନେକ ବଲ୍‌ବ ଖରାପ ହୋଇଯାଇଥିବାରୁ ସନ୍ଧ୍ୟା ସମୟରେ ଅଭ୍ୟାସ ପ୍ରଭାବିତ ହେଉଛି। ପ୍ରାରମ୍ଭିକ ଦିନଗୁଡ଼ିକରେ ଗଞ୍ଜାମ ଓ ଆଖପାଖ ଅଞ୍ଚଳର ପିଲା ଏବଂ ଯୁବକମାନେ ଉତ୍ସାହର ସହ ଏଠାକୁ ଆସୁଥିଲେ, କିନ୍ତୁ ଏବେ ରକ୍ଷଣାବେକ୍ଷଣର ଅଭାବରୁ ସେମାନଙ୍କର ଆଗମନ କମିଯାଇଛି।

ସ୍ଥାନୀୟ ଖେଳପ୍ରେମୀମାନେ ଅଭିଯୋଗ କରିଛନ୍ତି ଯେ, ଅଧିକାରୀମାନଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଜଣେ ଯୁବ ଖେଳାଳି କହିଛନ୍ତି, ଏହି ଷ୍ଟାଡିୟମ୍ ଆମର କ୍ରୀଡ଼ା ସ୍ୱପ୍ନର ଆଧାର ଥିଲା, କିନ୍ତୁ ଏବେ ଏହା ଅବହେଳାର ଜ୍ୱଳନ୍ତ ଉଦାହରଣ ହୋଇଛି। ଆମେ ରକ୍ଷଣାବେକ୍ଷଣ ପାଇଁ ଦାବି କରୁଛୁ, କିନ୍ତୁ କେହି ଶୁଣୁନାହାନ୍ତି। ଅନ୍ୟଜଣେ ଅଭିଯୋଗ କରିଛନ୍ତି ଯେ, ଗତ ଦୁଇ ମାସରୁ ଅଧିକ ସମୟ ହେଲା ଏକ ଦରଖାସ୍ତ ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କୁ ଦିଆଯାଇଛି, କିନ୍ତୁ କୌଣସି ଅଗ୍ରଗତି ନାହିଁ। ଏହି ଷ୍ଟାଡିୟମ୍‌ରୁ ପ୍ରଶିକ୍ଷଣ ନେଇ ଅନେକ ଖେଳାଳି ରାଜ୍ୟ ଓ ଜାତୀୟ ସ୍ତରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି।

ପ୍ରକାଶ ଥାଉ କି, ଗତ ସେପ୍ଟେମ୍ବର ମାସରେ ହିମାଚଳ ପ୍ରଦେଶରେ ଅନୁଷ୍ଠିତ ଜାତୀୟ କିକ୍ ବକ୍ସିଂ ପ୍ରତିଯୋଗିତାର ଜୁନିଅର ବର୍ଗରେ ଗଞ୍ଜାମର ବିକାଶ ବେହେରା କାଂସ୍ୟ ପଦକ ଜିତିଛନ୍ତି। ସେହିଭଳି ବିକାଶ ଅନୁଗୁଳରେ ଆୟୋଜିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଗୋଟିଏ ସ୍ୱର୍ଣ୍ଣ ଏବଂ କାଂସ୍ୟ ପଦକ, ସଚିନ ରୌପ୍ୟ ପଦକ, ଅମନ କାଂସ୍ୟ ପଦକ ଜିତିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟସ୍ତରୀୟ କିକ୍‌ବକ୍ସିଂ ପ୍ରତିଯୋଗିତାରେ ଗଞ୍ଜାମର ପାୟଲ ନାହାକ ସ୍ୱର୍ଣ୍ଣ ପଦକ ଏବଂ କଳ୍ପଜିତ ପାତ୍ର ବ୍ରୋଞ୍ଜ ପଦକ ଜିତିଥିଲେ। ଏନେଇ ଜିଲ୍ଲା କ୍ରୀଡ଼ା ଅଧିକାରୀ (ଡିଏସଓ) ସନ୍ତୋଷ କୁମାର ମିଶ୍ର କହିଛନ୍ତି ଯେ, ଅଭିଯୋଗଗୁଡ଼ିକ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଦିଆଯାଇଛି ଏବଂ ଯଥାଶୀଘ୍ର ୧୦ରୁ ୧୫ ଦିନ ମଧ୍ୟରେ ମରାମତି କାର୍ଯ୍ୟ ଆରମ୍ଭ ହେବ।

## ପୁଲିସର ସାଇବର୍ ସଚେତନତା

**ଖଲ୍ଲିକୋଟ, ୨୧।୧୦(ସମିସ):** ଖଲ୍ଲିକୋଟରେ ପୁଲିସର ସାଇବର ସଚେତନତା ରଥ ପହଁଚିଛି। ସ୍ଥାନୀୟ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗଞ୍ଜାମ ଅତିରିକ୍ତ ଏସପି ତଥା ସାଇବର ସଚେତନତା ରଥର ନୋଡାଲ ଅଫିସର ସୀମା ସ୍ୱାଇଁ ଉପସ୍ଥିତ ରହି ଲୋକଙ୍କୁ ସାଇବର ଠକେଇ ରୁ କେମିତି ବର୍ତ୍ତିବେ ସେ ସମ୍ପର୍କରେ ବିଭିନ୍ନ ପରାମର୍ଶ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଛତ୍ରପୁର ଏସଡିପିଓ ଚନ୍ଦନ ଘଡେଇ, ଖଲ୍ଲିକୋଟ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ, ପୂର୍ଣ୍ଣ ଚନ୍ଦ୍ର କିଶାନ, କେଶବ ଷଡ଼ଙ୍ଗୀ, ଏସଆଇ ମାନସୀ ସାହୁ, ପିଙ୍କିନି ପଟ୍ଟନାୟକଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ କଲେଜରେ ଅନୁଷ୍ଠିତ ହୋଇଥିବା ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।




## ଭାଗବତ ଟୁଙ୍ଗୀ ସୁରକ୍ଷା ସମିତିର ପଦଯାତ୍ରା

**ରମ୍ଭା, ୨୧।୧୦(ସମିସ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ମଲାଡ ଗ୍ରାମର ଶ୍ରୀଠାକୁର ଅଭିରାମ ପରମହଂସ ଦେବଙ୍କ ଶାନ୍ତି ଆନନ୍ଦ ଆଶ୍ରମ ପରିସରରେ ଭାଗବତ ପ୍ରଚାର ପ୍ରସାର ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲା ଭାଗବତ ଟୁଙ୍ଗୀ ସୁରକ୍ଷା ସମିତିର ସଂଗଠନ ସମ୍ପାଦକ ଆର୍ ରାମା ରାଓଙ୍କ ନେତୃତ୍ୱରେ ବ୍ଲକସ୍ତରୀୟ ଓଁ ନମଃ ଭଗବତେ ବାସୁଦେବାୟ ସଂକୀର୍ତ୍ତନ ମଣ୍ଡଳୀ ପଦଯାତ୍ରା ମାଧ୍ୟମରେ ମଲାଡ ଗ୍ରାମର ସାତ ଖଣ୍ଡ ସାହି ପରିଭ୍ରମଣ କରିଥିଲା। ଏହା ପରେ ଗଞ୍ଜାମ ବ୍ଲକ ଭାଗବତ ଟୁଙ୍ଗୀର ସଭାପତି ନିରଞ୍ଜନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଗଞ୍ଜାମ ବ୍ଲକ ଭାଗବତ ଟୁଙ୍ଗୀର ସୁରକ୍ଷା ନିମିତ୍ତ ସାଂଗଠନିକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ମଲାଡ ସରପଞ୍ଚ ମମତା ବେହେରା, ମୁଖ୍ୟବକ୍ତା ଭାବେ ଶାନ୍ତି ଆନନ୍ଦ ଆଶ୍ରମର ମଠାଧୀଶ ବାବାଜୀ ରସାନନ୍ଦ ମହାରାଜ, ସମ୍ମାନୀତ ଅତିଥି ଭାବେ ଉପ ସଭାପତି କେ ଜୟଦେବ ରେଡ୍ଡୀ ଓ ଗଞ୍ଜାମ ବ୍ଲକ ଭାଗବତ ଟୁଙ୍ଗୀ ସୁରକ୍ଷା ସମିତିର ସମ୍ପାଦକ ଶେଷଦେବ ବେହେରା ପ୍ରମୁଖ ଯୋଗ ଦେଇ ଭାଗବତ ଟୁଙ୍ଗୀ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଉପଦେଷ୍ଟା ଗୋବିନ୍ଦ ନାୟକ ଅତିବଡ଼ି ଶ୍ରୀଜଗନ୍ନାଥ ଦାସଙ୍କ ରଚିତ ଓଡ଼ିଆ ଭାଗବତର ମହିମା ତତ୍ତ୍ୱକୁ ଗାନ କରିଥିଲେ। କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ଓ କୋଷାଧ୍ୟକ୍ଷ କବିରାଜ ପ୍ରଧାନ ଓ ସଦସ୍ୟ ଟୁକୁନା ସାହୁ ପରିଚାଳନା କରିଥିଲେ।

## ଦୀପାବଳି ଉତ୍ସବ ପାଳିତ

**ଶେରଗଡ଼, ୨୧।୧୦(ସମିସ):** ଶେରଗଡ଼ ସହର ତଥା ଆଖପାଖ ଅଞ୍ଚଳରେ ଆଲୋକର ପର୍ବ ଦୀପାବଳି ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ଲୋକେ ପିତୃପୁରୁଷଙ୍କ ଲାଗି ବଡ଼ବଡୁଆ ଡାକିବା ସହ ଆତସବାଜି ଫୁଟାଇ ଖୁସି ମନାଇଥିଲେ। ଅନ୍ଧକାର ଉପରେ ଆଲୋକର ଆଲୋକର ବିଜୟ ଓ ଅଧର୍ମ ଉପରେ ଧର୍ମର ବିଜୟ ଲାଗି ଦୀପାବଳି ଉତ୍ସବ ପାଳନ କରାଯାଉଥିବା କୁହାଯାଉଛି। ଶେରଗଡ଼ ପୁଲିସ ପ୍ରଶାସନ ପକ୍ଷରୁ ନିଜ ଥାନା ପରିସରଭୁକ୍ତ ଅଞ୍ଚଳରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯାଇଥିଲା।

## ବର୍ଷା ଯୋଗୁଁ ଶୈବପୀଠ ଖାଁ ଖାଁ

**ବୁଗୁଡ଼ା, ୨୧।୧୦(ସମିସ):** ଧର୍ମ ମାସ କାର୍ତ୍ତିକର ଦ୍ୱିତୀୟ ସୋମବାର ଦିନ ବର୍ଷା ଏବଂ ଦୀପାବଳି ଅମାବାସ୍ୟା ଯୋଗୁଁ ବୁଗୁଡା ଅଞ୍ଚଳର ବିଭିନ୍ନ ଶୈବପୀଠ ଶ୍ରଦ୍ଧାଳୁଙ୍କ ବିହୁନେ ଖାଁ ଖାଁ ଲାଗୁଥିବା ଦେଖିବାକୁ ମିଳିଥିଲା। ପ୍ରାତଃକାଳରରୁ ହିଁ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା ବେଳେ ଶୈବପୀଠ ଗୁଡିକରେ ଶ୍ରଦ୍ଧାଳୁଙ୍କ ଗହଳି ଚହଳି ଆଦୌ ନଥିଲା। ଅନ୍ୟପକ୍ଷରେ ବୁଦ୍ଧଖୋଲ ପାଦଦେଶର ଲୋକଙ୍କ ରୋଷେଇ କରି ଭୋଜିଭାତର ଆସର ଜମିନଥିଲା। ତଥାପି ବୁଦ୍ଧଖୋଲ ଉନ୍ନୟନ ସମିତି ପକ୍ଷରୁ ଭକ୍ତଙ୍କ ଠାକୁର ଦର୍ଶନ ସାଙ୍ଗକୁ ସ୍ୱେଚ୍ଛାସେବୀଙ୍କ ସହଯୋଗରେ ଯାନବାହାନ ରହଣିର ସୁବନ୍ଦୋବସ୍ତ କରାଯାଇଥିଲା।

## ଶ୍ୟାମାକାଳୀ ପୂଜା ଲାଗି ଚଳଚଞ୍ଚଳ ଛତ୍ରପୁର

**ଛତ୍ରପୁର, ୨୧।୧୦(ସମିସ):** ଦୀପାବଳି ଅମାବାସ୍ୟା ତିଥିରେ ମା'କାଳୀ ଧରାବତରଣ କରିଛନ୍ତି। ବିଭିନ୍ନ ସ୍ଥାନରେ ମା' ଶ୍ୟାମାକାଳୀଙ୍କ ମୃଣ୍ମୟୀ ପ୍ରତିମୂର୍ତ୍ତିକୁ ଭକ୍ତ ଓ ଶ୍ରଦ୍ଧାଳୁମାନେ ପୂଜା କରୁଛନ୍ତି। ସହରର ମାର୍କେଟ ରୋଡ୍, ରିକାପଲ୍ଲୀ, ନୀଳକଣ୍ଠେଶ୍ୱର ସାହି ଓ ବଡ଼ ବଜାର ପୂଜା କମିଟି ପକ୍ଷରୁ ମା'ଶ୍ୟାମାକାଳୀଙ୍କ ପୂଜା ଆୟୋଜନ କରାଯାଉଥିବା ବେଳେ ଛତ୍ରପୁର ବ୍ଲକର ବିଭିନ୍ନ ଗ୍ରାମ ମାନଙ୍କରେ ମଧ୍ୟ ଏହି ପୂଜା ପାଳିତ ହେଉଛି। ପ୍ରତିଦିନ ସକାଳୁ ସକାଳୁ ସୂର୍ଯ୍ୟନାରାୟଣଙ୍କ ପୂଜା ସହିତ ରିତିନୀତି ଅନୁଯାୟୀ ପୂଜାର୍ଚ୍ଚନା ଆୟୋଜନ କରାଯାଉଥିବା ବେଳେ ସନ୍ଧ୍ୟାରେ ସନ୍ଧ୍ୟା ଆଳତୀ ଏବଂ ଚଣ୍ଡୀପାଠ ଆଦି ଅନୁଷ୍ଠିତ ହୋଇଥାଏ। ସନ୍ଧ୍ୟାରେ ମା'ଙ୍କ ଆଳତୀ ଦର୍ଶନ କରିବାକୁ ବହୁ ଭକ୍ତ ପୂଜା ମଣ୍ଡପକୁ ଛୁଟି ଆସିଥାନ୍ତି। ସମସ୍ତ କାର୍ଯ୍ୟକ୍ରମକୁ ପୂଜା କମିଟିର ସଦସ୍ୟମାନେ ପରିଚାଳନା କରୁଛନ୍ତି।



## ତନରଡ଼ା କ୍ଲଷ୍ଟରସ୍ତରୀୟ 'ସୁରଭି'

**ବେଲଗୁଣ୍ଠା, ୨୧।୧୦(ସମିସ):** ବେଲଗୁଣ୍ଠା ବ୍ଲକ ତନରଡା ସ୍ଥିତ ଆର୍ଯ୍ୟକନ୍ୟା ଗୁରୁକୁଳ ପରିସରରେ ତନରଡ଼ା କେନ୍ଦ୍ରସ୍ତରୀୟ ସୁରଭି-୨୦୨୫ ଅନୁଷ୍ଠିତ ହୋଇଯାଇଛି। ତନରଡ଼ା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମନୋଜ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ତଥା ଆର୍ଯ୍ୟକନ୍ୟା ଗୁରୁକୂଳର ପ୍ରଧାନ ଶିକ୍ଷକ ସୂର୍ଯ୍ୟନାରାୟଣ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବେଲଗୁଣ୍ଠା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ପାଢ଼ୀ, ମୁଖ୍ୟବକ୍ତା ଏବିଇଓ ପ୍ରତିଭା ରଥ ଯୋଗ ଦେଇ ସୁରଭି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ପ୍ରତିଭା ବିକାଶର ପ୍ରମୁଖ ମାଧ୍ୟମ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ରୂପେ ବେଲଗୁଣ୍ଠା ନୋଡ଼ାଲ୍ ଘୁମୁସର ବୈଷୟିକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ମହାରଣା, ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡକ୍ଟର ପୋଲାଇ ପ୍ରମୁଖ ଯୋଗ ଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ପ୍ରଶାନ୍ତ କୁମାର ସେଠୀ ମଞ୍ଚ ପରିଚାଳନା କରିଥିଲେ।

## ରାସ୍ତା କଡ଼ରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ରଙ୍ଗେଇଲୁଣ୍ଡା, ୨୧।୧୦(ସମିସ):** ଗଞ୍ଜାମ ଜିଲ୍ଲା ଗୋଳନ୍ଥରା ଥାନା ସୋରଳ ଛକ ୧୬ ନଂ. ଜାତୀୟ ରାଜପଥ କଡ଼ରୁ ଜଣେ ଯୁବକଙ୍କ ମୃତଦେହ ପୁଲିସ ଉଦ୍ଧାର କରିଛି। ମୃତକଙ୍କ ପରିଚୟ ମିଳିନଥିବା ବେଳେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

**● ମିଳୁନି ପରିଚୟ, ହତ୍ୟା ସନ୍ଦେହ**

ସୂଚନା ଅନୁସାରେ, ଏହି ଥାନା ଅଧୀନସ୍ଥ ସୋରଳ ଜଙ୍ଗସନ ୧୬ ନଂ. ଜାତୀୟ ରାଜପଥ କଡ଼ରେ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକ ଦେଖି ଗୋଳନ୍ଥରା ଥାନାକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ମୃତଦେହ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। କିଭଳି ଓ କେଉଁ ପରିସ୍ଥିତିରେ ଯୁବକଙ୍କ ମୃତ୍ୟୁ ହେଲା ନା ତାଙ୍କୁ କିଏ ହତ୍ୟା କରି ଆଣି ଏଠାରେ ଫିଙ୍ଗି ଦେଇଛି ସେ ନେଇ ନାନା କଥା ଆଲୋଚନା ହେଉଛି। ଏ ନେଇ ନଂ.୪୩/୨୫ ପ୍ରକାରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତଦେହକୁ ବ୍ୟବଛେଦ ଗୃହରେ ରଖିଯାଇଛି। ଯୁବକଙ୍କ ବୟସ ୩୦ରୁ ୩୫ ବର୍ଷ ହେବ ଓ ସେ ବ୍ଲୁ କଲର ଫୁଲ୍‌ପ୍ୟାଣ୍ଟ ପିନ୍ଧିଥିବା ବେଳେ ନୀଳ ଓ ଧଳା ଚେକ୍‌ସାର୍ଟ ପନ୍ଧିଥିବା ପୁଲିସ କହିଛି।

## ଏନ୍‌ଡିଆର୍‌ଏଫ୍ ଟିମ୍‌ର ସଚେତନତା

**ଆସିକା, ୨୧।୧୦(ସମିସ):** ଆସିକା ବ୍ଲକ କର୍ପୁରନୂଆଗାଁ ବଡ଼ନଦୀରେ ନଈ କୁଳିଆବାସୀଙ୍କୁ ବନ୍ୟା, ବାତ୍ୟା ବିପଦ ସମୟରେ ଉଦ୍ଧାର କୌଶଳ ଶିଖାଇଥିଲେ କଟକ ମୁଣ୍ଡୁଳିରୁ ଆସିଥିବା କାର୍ଯ୍ୟକ୍ରମରେ ତହସିଲଦାର ସଙ୍ଗୀତା ସେନ, ବିଡିଓ ଲିପିନା ଦାସ, ଜିଲ୍ଲାରୁ ଆସିଥିବା ବିପର୍ଯ୍ୟୟ ପ୍ରଶମନର ଅଧିକାରୀ ତଥା ଡେପୁଟି କଲେକ୍ଟର ଅଭିଷେକ ସାହୁ, ଜିଲ୍ଲା ପ୍ରକଳ୍ପ ଅଧିକାରୀ ଦେବେନ୍ଦ୍ର ନାୟକ, ଆସିକା ବ୍ଲକ ଉପାଧ୍ୟକ୍ଷା ରେଶମା ଦୋରା, ସରପଞ୍ଚ ଜୟନ୍ତୀ ବେହେରା, ଜୟସେନ ସ୍ୱାଇଁ, ଦେବରାଜ ନାୟକ, ସମାଜସେବି କାହ୍ନୁ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବ୍ଲକର ସମସ୍ତ ପଦାଧିକାରୀ ଏବଂ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଉପସ୍ଥିତ ଥିଲେ।



**ଆଣ୍ଡେଇଛି ବିକାଶ**

## ମର୍ଦ୍ଦକୋଟ ଗ୍ରାମ୍ୟ ରାସ୍ତା ଶୋଚନୀୟ

କୋଦଳା, ୨୧।୧୦(ସମିସ)

କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ଗାଁ ଗାଁରେ ବିକାଶର ଧାରା ବହି ଚାଲିଛି ବୋଲି ଖବର ପ୍ରକାଶ ପାଉଛି। ହେଲେ ପ୍ରଶାସନିକ ଅବହେଳା କିମ୍ବା ରାଜନୈତିକ ଇଚ୍ଛାଶକ୍ତିର ଅଭାବ ହେଉ କେଉଁଠି ନା କେଉଁଠି ଏହି ବିକାଶ ଆଣ୍ଡେଇ ପଡ଼ିଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ବେଗୁନିଆପଡ଼ା ବ୍ଲକର ବେଗୁନିଆପଡ଼ା ଠାରୁ ମର୍ଦ୍ଦକୋଟ ଗ୍ରାମ୍ୟ ଉର୍ନ୍ନୟନ ରାସ୍ତା। ବ୍ଲକର ନାକତଳେ ଏହି ରାସ୍ତାଟି ଥିବାବେଳେ ରାସ୍ତାର ଅବସ୍ଥା କହିଲେ ନ ସରେ। ଗାଁ ମଝିରେ ଥିବା ରାସ୍ତାର ଅବସ୍ଥା ତା ଠାରୁ କଦର୍ଯ୍ୟ। ମୁଖ୍ୟ ଗ୍ରାମ୍ୟ ରାସ୍ତାଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ମଝିରେ ମଝିରେ ବର୍ଷା ଦିନେ ପାଣି ଜମି ରହି କୃତ୍ରିମ ହ୍ରଦର ଭ୍ରମ ସୃଷ୍ଟି କରୁଛି। ଏହି ରାସ୍ତା ଦେଇ ମର୍ଦ୍ଦକୋଟ, ମର୍ଦ୍ଦମେଖ, ଘୋଡାପଡ଼ା, ଚନ୍ଦନପୁର ପଞ୍ଚାୟତ ସମେତ କୋଦଳା ଏନଏସିର ଜନସାଧାରଣ ଯାତାୟତ କରିଥାନ୍ତି। ଉକ୍ତ ରାସ୍ତାର ଅନତି ଦୂରରେ ଦର୍ଶନୀୟ ସ୍ଥାନ ଝରନଇ ଜଳ ପ୍ରକଳ୍ପ ସାଙ୍ଗକୁ ମନୋରମ ପରିବେଶ ଦର୍ଶକଙ୍କୁ ଆକୃଷ୍ଟ କରୁଛି। ତେଣୁ ଅନେକ ଲୋକ ଏହି ରାସ୍ତା ଦେଇ ପିକନିକ ପାଇଁ ଯାଇଥାନ୍ତି। ଏ ସବୁର ବାଣିଜ୍ୟକ ପେଣ୍ଠସ୍ଥଳୀ ହେଉଛି ବେଗୁନିଆପଡ଼ା। ଉକ୍ତ ଅଞ୍ଚଳବାସୀ ବ୍ଲକ, ମେଡିକାଲ, ବ୍ୟବସାୟ ପାଇଁ ବେଗୁନିଆପଡ଼ା ଉପରେ ନିର୍ଭର କରି ଏହି ରାସ୍ତା ଦେଇ ଯାଇଥାନ୍ତି। ଏପରିକି କଲେଜରେ ପଢ଼ିବା ପାଇଁ ଛାତ୍ରଛାତ୍ରୀ ମାନେ ମଧ୍ୟ ଏହି କଦର୍ଯ୍ୟ ରାସ୍ତାରେ ଯାଇ ଅନେକ ଅସୁବିଧାର ସମ୍ମୁଖୀନ ସହିତ ବିଭିନ୍ନ ଦୁର୍ଘଟଣାର ଶିକାର ହେଉଥିବା ଦେଖାଦେଇଛି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏସଡିଓ ଭି. ଶଙ୍କର ରାଓଙ୍କ ମତାମତ ନେବାରୁ ସେ କହିଲେ ମେଗା ଜଳ ପ୍ରକଳ୍ପ କାମ ଯୋଗୁଁ ରାସ୍ତାଟି ନଷ୍ଟ ହୋଇଛି ତେବେ ବର୍ଷା ଦିନ ପରେ ତୁରନ୍ତ ଏହି ରାସ୍ତାର ଉନ୍ନତି କରଣ ପାଇଁ ପଦକ୍ଷେପ ନିଆଯିବ। ସ୍ଥାନୀୟ ସରପଞ୍ଚ ସନ୍ତୋଷ କୁମାର ବିଶ୍ୱାଳ କହିଛନ୍ତି, ମୁଁ ବହୁତ ଦିନ ଆଗରୁ ବାରମ୍ବାର ଏହି ରାସ୍ତା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଛି, ତଥାପି କୌଣସି ପଦକ୍ଷେପ ନିଆ ଯାଉନାହିଁ। ତେବେ ଅଞ୍ଚଳବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।



## ଶିକ୍ଷକ ନେତାଙ୍କ ଘରେ ଫୁଟିଲା ବ୍ରହ୍ମକମଳ

**ଛତ୍ରପୁର, ୨୧।୧୦(ସମିସ):** ଛତ୍ରପୁର ବ୍ଲକ ଅନ୍ତର୍ଗତ କେରାଣ୍ଡିତୋଳା ନାରାୟଣପୁର ଗ୍ରାମ ବାସିନ୍ଦା ତଥା ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ଅଧ୍ୟକ୍ଷ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ କାମରାଜୁ ମହାରଣାଙ୍କ ବାସଭବନର ମିନି ବଗିଚାରେ ତିନୋଟି ଅତି ବିରଳ ବ୍ରହ୍ମକମଳ ପୁଷ୍ପ ପ୍ରସ୍ଫୁଟିତ ହୋଇଛି।

ପୂର୍ବରୁ ମଧ୍ୟ ଅନେକ ଥର ବହୁ ବ୍ରହ୍ମ କମଳ ମହାରଣାଙ୍କ ବଗିଚାରେ ଫୁଟିଛି। ଏବଂ ସେଇ ସବୁ ପୁଷ୍ପକୁ ନିକଟସ୍ଥ ଭାଟକୁମରଡ଼ା ଜଗନ୍ନାଥ ମନ୍ଦିରରେ ସମର୍ପଣ କରାଯାଇଛି। ଏଭଳି ବିରଳ ପୁଷ୍ପ ଗ୍ରାମରେ ଏବଂ ଅଞ୍ଚଳରେ ଦୃଷ୍ଟିଗୋଚର ହେବା ନୂଆ କଥା ବୋଲି ଅଞ୍ଚଳବାସୀ କହୁଛନ୍ତି।



## ଆର୍‌ଆଇ ଅଫିସ୍ ନିର୍ମାଣ କାମ ନିମ୍ନମାନର ଅଭିଯୋଗ

# କାମ ବନ୍ଦକଲେ ଗାଁ ଲୋକ

ରାଜକନିକା, ୨୧।୧୦(ସମିସ)



ଆରଆଇ ଅଫିସ କାମ ନିମ୍ନମାନର ହେଉଥିବାରୁ ବନ୍ଦ କରିଛନ୍ତି ଦଶଭାଗାରିଆ ଗାଁ ଲୋକେ। କାମ ହେବା ଦିନରୁ ନାହିଁ ପ୍ରୋଜେକ୍ଟ ପିଲର। ଆଜି ଗ୍ରେଡ୍ ବିମ ପକାବାକୁ ଯାଇଥିବା ଠିକାଦାରଙ୍କୁ କାମ ବନ୍ଦ କରି ଗ୍ରାମ୍ୟ ଉନ୍ନୟନ ବିଭାଗ ଜେଇଙ୍କୁ ଡାକିଥିଲେ ଗାଁ ଲୋକେ। ବିଭାଗୀୟ ଜେଇ ଜ୍ୟୋତିର୍ମୟୀ ଦଳାଇ ପହଞ୍ଚି କାମ ଭୁଲ ଥିବା କହିବା ପରେ କାମ ବନ୍ଦ ହୋଇଥିଲା। ପ୍ରୋଜେକ୍ଟ ପିଲର ନାହିଁ କାହିଁକିର ଉତ୍ତର ଦେଇ ପାରି ନ ଥିଲେ ବିଭାଗୀୟ ଜେଇ। ପ୍ରୋଜେକ୍ଟ ପିଲର ଲଗାଇଲେ କାମ ହେବ ବୋଲି ଗାଁ ଲୋକ ଜିଦ୍ ଧରିଥିଲେ। ଫଳରେ କାମ ବନ୍ଦ ରହିଛି।

ରାଜକନିକା ବ୍ଲକ ଭରିଗଦା ପଞ୍ଚାୟତର ଦଶଭାଗାରିଆ ଗାଁରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ ହେଉଛି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ। ଏଠାରେ ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ କାମର ପ୍ରୋଜେକଟ ପିଲର ଲଗାଯାଇନାହିଁ। ରାଜ୍ୟ ସରକାରଙ୍କ ଯେକୌଣସି କାମ ହେବ ସାଧାରଣ ଲୋକ କାମ କେତେ ଟଙ୍କାର, କାମ କାହା ନାମରେ ରହିଛି ଓ କାମର ସମ୍ପୂର୍ଣ୍ଣ ତଥ୍ୟ ଜାଣିପାରିବେ। ସେଥିଲାଗି ଆଗେ ପ୍ରୋଜେକଟ ପିଲର ଲାଗିବ ପରେ କାମ ହେବା କଥା। ତେବେ ବିଭାଗୀୟ ଜେଇ ଲୋକଙ୍କୁ ଅନ୍ଧାରରେ ରଖି ଠିକାଦାରଙ୍କୁ ଖୁସି କରିବା ଲାଗି ଲଗାଇନାହାନ୍ତି ପ୍ରୋଜେକଟ ପିଲର ବୋଲି ଗାଁ ଲୋକେ ଅଭିଯୋଗ କରିଛନ୍ତି। ଆଜି ଏହି ଗୃହର ଗ୍ରେଡ୍ ବିମ ପକାଇବା ଲାଗି ଠିକାଦାର ମିସ୍ତ୍ରି ଓ ଶ୍ରମିକ ଧରି ଆସିଥିଲେ। ଯେଉଁ ଗ୍ରେଡ୍ ବିମ ଲାଗି ଠିକ ଭାବେ ରଡ଼ ବନ୍ଧା ଯାଇ ନ ଥିଲା, ଅଳ୍ପ ରଡ୍ରେ ଗ୍ରେଡ୍ ବିମ ପକାଇଥା'ନ୍ତେ ଠିକାଦାର। ଗାଁ ଲୋକ ପହଞ୍ଚି ଏମିତି କ'ଣ ରଡ୍ ବନ୍ଧାଯାଇଛି କହି କାମ ବନ୍ଦ କରିଥିଲେ। ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଜେଇ ଜ୍ୟୋତିର୍ମୟୀ ଦଳାଇ ପହଞ୍ଚି କାମ ଦେଖିଥିଲେ। ଠିକ୍ ଭାବେ ରଡ୍ ବନ୍ଧା ଯାଇନଥିବା କହିଥିଲେ। ପ୍ରୋଜେକଟ ପିଲର କାହିଁକି ନାହିଁ ବୋଲି ଲୋକମାନେ ବିଭାଗୀୟ ଜେଇଙ୍କୁ ପ୍ରଶ୍ନ କରିଥିଲେ। ଜେଇ ପ୍ରଶ୍ନକୁ ଏଡାଇ ଯାଇଥିଲେ ବୋଲି ଗାଁ ଲୋକେ କହିଛନ୍ତି। ଏହାସହିତ କେତେ ବାଲି, କେତେ ସିମେଣ୍ଟ ଭାଗରେ କାମ ହେଉଛି ତାହା କାହାରିକୁ କୁହାଯାଉନାହିଁ। ମନଇଚ୍ଛା କାମ କରୁଛନ୍ତି ଠିକାଦାର। ଏହି କାମ ଦେଖିବାକୁ ବିଭାଗୀୟ ଅଧିକାରୀଙ୍କୁ କେବେ ଦେଖିନାହୁଁ ବୋଲି ଗାଁ ଲୋକେ କହିଛନ୍ତି। ଗ୍ରାମ ମୁଖ୍ୟ ଶ୍ୟାମସୁନ୍ଦର ବେହେରା, ବିଜୟ ପଲାର, ନିର୍ମଳ ବେହେରା, ନିର୍ମଳ ମହଲା, ଅଜାମ୍ବର ରାଉତ, ବୃନ୍ଦାବନ ବେହେରା, ଚନ୍ଦ୍ରଭାନୁ ମହଲା, ବିଚିତ୍ର ବେହେରା, ରଞ୍ଜନ ରାଉତ, ରାଧୁଚରଣ ରାଉତ କହିଛନ୍ତି, ଏ କାମ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ଚାଲିଛି। ଯଦି ଆମ ଗାଁ ଲୋକ କାମ ବନ୍ଦ କରି ନ ଥା'ନ୍ତୁ ଆଜି ନିମ୍ନମାନର କାମ କରି ଚାଲି ଯାଇଥା'ନ୍ତେ ଠିକାଦାର। ତୁରନ୍ତ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଗାଁ ଲୋକେ ଦାବି କରିଛନ୍ତି।

## ବେଆଇନ ବାଣ ଦୋକାନ ଉପରେ ପୁଲିସର ଚଢ଼ଉ



ପଞ୍ଚୁପାଣ୍ଡବ,୨୧।୧୦(ସମିସ): ନିକିରାଇ ଥାନା ଅଧୀନରେ ଥିବା ବିଭିନ୍ନ ଜାଗାରେ ବେଆଇନ ବାଣ ଦୋକାନ ଉପରେ ନିକିରାଇ ଥାନା ପୁଲିସ ଚଢ଼ଉ କରି ୬ ଜଣଙ୍କୁ ଗିରଫ କରିବା ସହ ବାଣ ଜବତ କରିଥିବା ଜଣାପଡ଼ିଛି। କେତେକ ବେପାରୀ ବାଣ ବିକୁଥିବାବେଳେ ପୁଲିସ ଚଢ଼ଉ କରିଥିଲା। ଛୋଟି ବଜାର, ବେଣୀପୁର ଛକ, ସଦାନନ୍ଦପୁର ଛକ ଓ ବିଭିନ୍ନ ସ୍ଥାନରୁ ପ୍ରାୟ ଛଅ ଜଣକୁ ଥାନାକୁ ନେଇଥିବା ଜଣାପଡ଼ିଛି।

## ଶତାୟୁ ଭାଗବତପ୍ରେମୀ କୃଷ୍ଣଚନ୍ଦ୍ର ବେହେରାଙ୍କ ପରଲୋକ



ପଟ୍ଟାମୁଣ୍ଡାଇ,୨୧।୧୦(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ଖଣତା ପଞ୍ଚାୟତ ରେସୋ ଗ୍ରାମର ଭାଗବତପ୍ରେମୀ ତଥା ଶତାୟୁ କୃଷ୍ଣଚନ୍ଦ୍ର ବେହେରାଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୧୦୧ ବର୍ଷ ବୟସ ହୋଇଯାଇଛି। ତାଙ୍କ ମୃତ୍ୟୁ ଖବର ପାଇ ଖଣତା ସରପଞ୍ଚ ଅନୀଲ ଲେଙ୍କା, ସମିତି ସଭ୍ୟ ସୁରେଶ ଜେନା, ବିଜେପି ଯୁବନେତା ପୂର୍ବତନ ସରପଞ୍ଚ ପ୍ରତିନିଧି ସମୀର ପ୍ରଧାନ, ଧ୍ରୁବ-ଅନ୍ନପୂର୍ଣ୍ଣା ସେବା ଓ କଳା ପରିଷଦ ସଭାପତି ନଳିନୀକାନ୍ତ ସ୍ୱାଇଁ, ସମାଜସେବୀ କୈଳାସ ମହାନ୍ତି, ନାଏବ ସରପଞ୍ଚ ବାସନ୍ତୀ ବାରିକ, ୱାର୍ଡ ସଭ୍ୟ ଡମ୍ବରୁଧର ସେଠୀ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସମାଜସେବୀ, ପାଲା ଗାୟକ କଳାକାର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୁତ୍ର ତଥା କେନ୍ଦ୍ରପଡ଼ା ପାଲା ଗାୟକ ସଂଘ ଜିଲ୍ଲା ସଭାପତି ବସନ୍ତ ପ୍ରଧାନ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ବ୍ୟବସାୟୀ ସଙ୍ଘ ସଦସ୍ୟଙ୍କ ପରଲୋକ



ପଟ୍ଟାମୁଣ୍ଡାଇ,୨୧।୧୦(ସମିସ): ପଟ୍ଟାମୁଣ୍ଡାଇ ଷ୍ଟେସନାରୀ ବ୍ୟବସାୟୀ ସଂଘର ପ୍ରମୁଖ ସଦସ୍ୟ ପୋଖରୀଆପଡ଼ା ଗ୍ରାମର ଲକ୍ଷ୍ମୀଧର ନାୟକଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୬ ବର୍ଷ ବୟସ ହୋଇଥିଲା। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କର ମୃତ୍ୟୁରେ ପଟ୍ଟାମୁଣ୍ଡାଇ ଷ୍ଟେସନାରୀ ଦୋକାନୀ ଦୋକାନ ବନ୍ଦ ରଖିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୁତ୍ର ପତିତପାବନ ନାୟକ ମୁଖାଗ୍ନି ଦେଇଥିଲେ।

## ବେଆଇନ ବାଣ କାରବାର; ଥାନାରେ ୫ ମାମଲା

ରାଜନଗର, ୨୧।୧୦(ସମିସ): ରାଜନଗରରେ ବେଆଇନ ଭାବେ ବାଣ କାରବାର ଚାଲିଥିଲା। କେରେଡାଗଡ଼ରେ ବେଆଇନ ଭାବେ ତିଆରି ହେଉଥିବା ବାଣ ରାଜନଗର ସାରା ଛାଇ ହୋଇଯାଇଥିଲା। ଦୀପାବଳି ପୂର୍ବରୁ ରାଜନଗର ପୁଲିସ ବିନା ଲାଇସେନ୍ସରେ ବାଣ ବିକ୍ରି କରୁଥିବା ୫ ଜଣଙ୍କ ନାଁରେ ମାମଲା ରୁଜୁ କରିଛି। ଲକ୍ଷାଧିକ ଟଙ୍କାର ବାଣ ଜବତ କରାଯାଇଥିବାବେଳେ ୫ ଜଣଙ୍କୁ ଗିରଫ କରି ଥାନାରୁ ୩୫ (୩) ବିଏନଏସରେ ଜାମିନ ଦିଆଯାଇଛି। ରାଜନଗର ଥାନାରେ କେସ ନମ୍ବର ୩୬୦/୨୫, ୩୫୯ /୨୫, ୩୫୮/୨୫, ୩୫୭/୨୫ ରେ ମାମଲା ରୁଜୁ କରାଯାଇଛି। ଓକିଲପାଳ ବଜାରରୁ ଜଣେ, ଗୁପ୍ତି ବଜାରରୁ ଜଣେ ଓ ରାଜନଗର ବଜାରରୁ ୩ ଜଣ ବ୍ୟବସାୟୀଙ୍କଠାରୁ ବେଆଇନ ବାଣ ଜବତ କରାଯାଇଥିବା ଜଣାପଡ଼ିଛି।

## ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି

କେନ୍ଦ୍ରାପଡ଼ା,୨୧।୧୦(ସମିସ): ନିକିରାଇ ଥାନା ଅନ୍ତର୍ଗତ କୋରୋ ଗ୍ରାମର ଦିବାକର ଜେନାଙ୍କ ପୁଅ ଗୋଲେଖ ଚନ୍ଦ୍ର ଜେନାଙ୍କ ଘରେ କେହି ନ ଥିବା ସୁଯୋଗ ନେଇ କେହି ଦୁର୍ବୃତ୍ତ କବାଟ ତାଡ଼ି ଘରେ ପଶି ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି କରିନେଇଛି। ଏଥିରେ ଗୋଟିଏ ସୁନାହାର, ୨ଟି ସୁନା ଚେନ, ୧୨ଟା ସୁନା ମୁଦି ସମେତ ନଗଦ ୫ ହଜାର ଟଙ୍କା ରହିଛି। ପଟ୍ଟାମୁଣ୍ଡାଇର ରଘୁନାଥ ପରିଡ଼ା ନିକିରାଇ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ତାଙ୍କ ଭିଣୋଇ ଗୋଲେଖ ସପରିବାର ବାଙ୍ଗାଲୋରରେ ରୁହନ୍ତି। ତାଙ୍କ କୋର ଗ୍ରାମରେ ଥିବା ପୈତୃକ ଘରେ କେହି ନ ଥିବା ସୁଯୋଗ ନେଇ କେହି ଦୁର୍ବୃତ୍ତ ୨ଟି ଗୋଦରେଜ ଆଲମୀରା ଓ ୨ଟି ଟିଣ ବାକ୍ସ ଭାଙ୍ଗି ସେଥିମଧ୍ୟରେ ଥିବା ଉପରୋକ୍ତ ସୁନା ଅଳଙ୍କାର ଓ ନଗଦ ଅର୍ଥ ସହ ଅନ୍ୟାନ୍ୟ ସମସ୍ତ ଜିନିଷ ଚୋରି କରିନେଇଛି।

## ଜିଲ୍ଲାସ୍ତରୀୟ ଚେସ୍‌ରେ ନୈତିକ ପ୍ରଥମ

କେନ୍ଦ୍ରାପଡ଼ା,୨୧।୧୦(ସମିସ): ଗରାପୁରସ୍ଥ ହୋଟେଲ ସ୍ୱର୍ଣ୍ଣସିନ୍ଧାରେ ଅନୁଷ୍ଠିତ ଡାକ୍ତର ବୈଷ୍ଣବ ପରିଡ଼ା ଜିଲ୍ଲାସ୍ତରୀୟ ଚେସ୍ ପ୍ରତିଯୋଗିତାରେ ଜେନିଥ ଇଣ୍ଟରନ୍ୟାସନାଲ ସ୍କୁଲର ଷଷ୍ଠ ଶ୍ରେଣୀ ଛାତ୍ର ନୈତିକ ସାମନ୍ତରାୟ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ଏ ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ ଜିଲ୍ଲାପାଳ ରଘୁରାମ ଆର. ଆୟାର ମୁଖ୍ୟଅତିଥି ଭାବେ ଯୋଗଦେଇ ନୈତିକଙ୍କୁ ଟ୍ରଫି, ପ୍ରମାଣପତ୍ର ସହିତ ପୁରସ୍କାର ରାଶି ପ୍ରଦାନ କରିଥିଲେ। ନୈତିକ କେନ୍ଦ୍ରାପଡ଼ା ବ୍ଲକ୍ ସହକାରୀ ଯନ୍ତ୍ରୀ ଇଂ ଚିନ୍ମୟୀ ସାହୁଙ୍କ ପୁତ୍ର ଅଟନ୍ତି।



## ସଦାନନ୍ଦପୁରରେ ଗିରିଗୋବର୍ଦ୍ଧନ ପୂଜା ଆରମ୍ଭ

ପଞ୍ଚୁପାଣ୍ଡବ,୨୧।୧୦(ସମିସ): ଡେରାବିଶ ବ୍ଲକ୍ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଗ୍ରାମରେ ଥିବା ବୁଣାକାର ସାହିରେ ଆଜି ଗିରି ଗୋବର୍ଦ୍ଧନ ପୂଜା ଆରମ୍ଭ ହେବ। ଏହି ପୂଜା ମଣ୍ଡପରେ ପ୍ରାୟ ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱରୁ ହେବ ଗିରିଗୋବର୍ଦ୍ଧନ ପୂଜା କରାଯାଉଛି। ଏହି ବୁଣାକାର ସାହିର ପ୍ରାୟ ୮୦ଟି ପରିବାର ଏହାକୁ ଦୀର୍ଘଦିନ ଧରି ପାଳନ କରୁଥିବାବେଳେ ଚଳିତବର୍ଷ ବି ସାତଦିନ ଧରି ଧୁମଧାମରେ ପାଳନ କରାଯିବ ବୋଲି ପୂଜା କମିଟି ସଭାପତି ବିଭୂତି ଭୂଷଣ ଘଡ଼ାଇ କହିଛନ୍ତି। ଗିରିଗୋବର୍ଦ୍ଧନ ପୂଜା ସାତଦିନ ଧରି ପୂଜା ପାଳନ ହେବା ସହ ପ୍ରତି ସନ୍ଧ୍ୟାରେ ଭଜନ, କୀର୍ତ୍ତନ, ପାଲା, ମେଲୋଡି ଓ ତିନିଦିନ ଧରି ଯାତ୍ରା ପରିବେଷଣ କରାଯିବା ନିଷ୍ପତ୍ତି ହୋଇଛି। ୨୩ ତାରିଖରେ ରକ୍ତଦାନ ଶିବିର ଆୟୋଜନ କରାଯିବ ବୋଲି ସୁବାସ ଘଡାଇ କହିଛନ୍ତି। ଏହି ପୂଜାରେ ଗିରିଗୋବର୍ଦ୍ଧନ ପୂଜା କମିଟି ସଦସ୍ୟଙ୍କ ସହ ଗ୍ରାମର ଗାହାଣ ସାହି, ଘଡାଇସାହି ଓ ମଣ୍ଡଳସାହିର ଲୋକେ ସହଯୋଗ କରୁଛନ୍ତି।

## ନେତାଜୀ କପ୍ ଟ୍ରଫି ଉନ୍ମୋଚିତ




ରାଜକନିକା,୨୧।୧୦(ସମିସ): ଆଜି ନେତାଜୀ ମିନି ଷ୍ଟାଡ଼ିୟମରେ ଆସନ୍ତାକାଲିଠୁ ଆରମ୍ଭ ହେବାକୁ ଥିବା ୩୪ତମ ନେତାଜୀ କପ୍ ଫୁଟବଲ ଚାମ୍ପିଅନସିପ୍ର ଟ୍ରଫି ଉନ୍ମୋଚନ କରାଯାଇଛି। ଉକ୍ତ ଖେଳରେ ଭାଗ ନେଇଥିବା ସମସ୍ତ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ ମୁଖ୍ୟଅତିଥି ଭାବେ ଡା. ଦେବସ୍ମିତା ଶର୍ମା ଯୋଗଦେଇ ଟ୍ରଫି ଉନ୍ମୋଚନ କରିଛନ୍ତି। ଏହି କ୍ରୀଡା ଆୟୋଜନ ଯୁବକଙ୍କ ମଧ୍ୟରେ ଖେଳ ସଚେତନତା ଓ ଭାଇଚାରାର ଭାବନାକୁ ବଢ଼ାଇ ପାରିଛି ବୋଲି ଡା ଶର୍ମା ମତ ପ୍ରକାଶ କରିଛନ୍ତି। ନେତାଜୀ କ୍ଲବ୍ ସଭାପତି ଓ ସମ୍ପାଦକ ଟୁର୍ଣ୍ଣାମେଣ୍ଟର ଐତିହ୍ୟ ଓ ଗୁରୁତ୍ୱ ଉପରେ ଆଲୋକପାତ କରିଛନ୍ତି। ଆସନ୍ତା ୨୨ ଓ ୨୩ ତାରିଖରେ ଦୁଇଦିନ ଧରି ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ସତ୍ୟନାରାୟଣ କ୍ଲବ୍ ବାଘବୁଦା, ୱାଇ.ୱାଇ କ୍ଲବ୍ ଚେରଣ୍ଟପଡ଼ା, ଏନଏସି ଚାନ୍ଦବାଲି, ଡିଫା ଯାଜପୁର, କିଶାନ କ୍ଲବ ଗୋଲାଡିଆ, ମା' ମଙ୍ଗଳା ଯାଜପୁର, ସୁରଜ କ୍ଲବ୍ କେନ୍ଦ୍ରାପଡା, ରାମେଶ୍ୱର କ୍ଲବ୍ ଭଦ୍ରକ, ପାରାଦୀପ ପୋର୍ଟ ଏଫସି ଓ ନେତାଜୀ କ୍ଲବ ତରାସର ମ୍ୟାନେଜର ଓ କ୍ୟାପଟେନ ଉପସ୍ଥିତ ଥିଲେ। କ୍ଲବର ସଭାପତି ବନଜ କୁମାର ବାରିକ ସଭା ପରିଚାଳନା କରିଥିବାବେଳେ ସମ୍ପାଦକ ପ୍ରଜ୍ଞାଜିତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ପଟ୍ଟାମୁଣ୍ଡାଇରେ କାଳୀପୂଜା



ପଟ୍ଟାମୁଣ୍ଡାଇ,୨୧।୧୦(ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଶାରଦୀୟ ଦୁର୍ଗାପୂଜା, ଗଜଲକ୍ଷ୍ମୀ ପୂଜା ପରେ ଏବେ କାଳୀପୂଜା ଉତ୍ସବ ସମାରୋହରେ ପାଳିତ ହେଉଛି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ୧୮ ନଂ ୱାର୍ଡ ତାତନା ଗ୍ରାମରେ ସମାରୋହରେ ଆୟୋଜିତ ହୋଇଛି କାଳୀପୂଜା ଉତ୍ସବ। କାଳୀପୂଜା ପାଇଁ ତାତନା ସମେତ ଆଖପାଖ ଅଞ୍ଚଳ ଉତ୍ସବମୁଖର ହୋଇପଡ଼ିଛି। ବେଦଜ୍ଞ ବ୍ରାହ୍ମଣ ଓ ପଣ୍ଡିତ ମା' କାଳୀଙ୍କ ପୂଜା କରୁଛନ୍ତି। ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରୁଛନ୍ତି। ଏହି ପୂଜା ଉତ୍ସବକୁ ତାତନା ଗ୍ରାମବାସୀ ପରିଚାଳନା କରୁଛନ୍ତି।

## ୬୬ତମ ପୁଲିସ ସହିଦ ଦିବସ ପାଳିତ



କେନ୍ଦ୍ରାପଡ଼ା,୨୧।୧୦(ସମିସ): କେନ୍ଦ୍ରାପଡ଼ାର ଜଗଙ୍ଗସ୍ଥ ଜିଲ୍ଲା ପୁଲିସ ରିଜର୍ଭ ପଡ଼ିଆରେ ମଙ୍ଗଳବାର ୬୬ତମ ପୁଲିସ ସହିଦ ଦିବସ ପାଳିତ ହୋଇଯାଇଛି। ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ପ୍ରଥମେ ରାଜ୍ୟପାଳ ଓ ପରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ। ପରେ ଏସପି ସହିଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଲେ, ୧୯୫୯ ଅକ୍ଟୋବର ୨୧ ତାରିଖ ଦିନ ସିଆରପିଏଫର ୧୦ ଜଣ କର୍ତ୍ତବ୍ୟନିଷ୍ଠ ଯବାନ ଲଦାଖରେ ଭାରତ ସୀମା ଉଲ୍ଲଙ୍ଘନ କରିବାକୁ ପ୍ରୟାସ କରୁଥିବା ଚୀନ ସୈନ୍ୟବାହିନୀ ସହିତ ଯୁଦ୍ଧ କରି ମାତୃଭୂମି ସେବାରେ ପ୍ରାଣବଳୀ ଦେଇଥିଲେ। ୧୯୬ ଜାନୁଆରୀରେ ଦେଶର ସମସ୍ତ ଆରକ୍ଷୀ ମହାନିରୀକ୍ଷକଙ୍କ ଅନୁଷ୍ଠିତ ସମ୍ମିଳନୀରେ ଏହି ଦିବସକୁ ସହିଦ ଦିବସ ରୂପେ ପ୍ରତ୍ୟେକ ଜିଲ୍ଲା ସଦର ମହକୁମା ଓ ପୁଲିସ ପ୍ରତିଷ୍ଠାନରେ ପାଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସେହିଦିନଠାରୁ ପ୍ରତ୍ୟେକ ବର୍ଷ କର୍ତ୍ତବ୍ୟ ସମ୍ପାଦନ ସମୟରେ ଦେଶ ପାଇଁ ପ୍ରାଣବଳୀ ଦେଇଥିବା ପୁଲିସଙ୍କ ସ୍ମୃତି ଉଦ୍ଦେଶ୍ୟରେ ବା ରାଷ୍ଟ୍ର ପାଇଁ ସର୍ବୋଚ୍ଚ ତ୍ୟାଗ ସ୍ୱୀକାର କରିଥିବା ବୀର ପୁଲିସଙ୍କ ସ୍ମୃତି ଉଦ୍ଦେଶ୍ୟରେ ୧୯୬୦ଠାରୁ ଏହି ଦିବସ ପାଳିତ ହୋଇଆସୁଛି। ଦେଶର ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ଏହି ବୀର ପୁଲିସମାନେ ବୀରତ୍ୱ ସହିତ କର୍ତ୍ତବ୍ୟ ସମ୍ପାଦନ କରି ସେମାନଙ୍କ ଦାୟିତ୍ୱ ନିର୍ବାହ କରିଥା'ନ୍ତି। ଗତ ବର୍ଷକ ମଧ୍ୟରେ କର୍ତ୍ତବ୍ୟ ସମ୍ପାଦନ ସମୟରେ ପ୍ରାଣବଳି ଦେଇଥିବା ଦେଶର ୧୯୧ ଜଣ ବୀର ପୁଲିସଙ୍କ ସହିତ ଓଡ଼ିଶାର ୨ଜଣ କନଷ୍ଟେବଲ ଲକ୍ଷ୍ମଣ ମାଝୀ ଓ ଓଡ଼ିଶା ଅକ୍ଜିଲାରୀ ପୁଲିସ ଫୋର୍ସର ଲୋକନାଥ ସବରଙ୍କ ପ୍ରତି ଆରକ୍ଷୀ ଅଧୀକ୍ଷକ ଶ୍ରୀ କଟାରିଆ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଏଥିସହିତ କେନ୍ଦ୍ରାପଡ଼ା ଏସଡିପିଓ ଜ୍ୟୋତିରଞ୍ଜନ ଗୌଡ, ଡିଏସପି (ଆଇସିଏଡବ୍ଲୁ) ସସ୍ମିତା ସାହୁ, ହେଡକ୍ୱାଟର ଇନ୍ସପେକ୍ଟର ପୂର୍ଣ୍ଣଚନ୍ଦ୍ର ପଟାୟତ, ଟାଉନ ଥାନା ଅଧିକାରୀ ଦିଲ୍ଲୀପ କୁମାର ସାହୁ ପ୍ରମୁଖ ସହିଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏ ଉପଲକ୍ଷେ ଅନୁଷ୍ଠିତ ପ୍ୟାରେଡ୍କୁ ରିଜର୍ଭ ପୁଲିସ ଇନ୍ସପେକ୍ଟର ପ୍ରଶାନ୍ତ କୁମାର ରଣସିଂହ କମାଣ୍ଡିଂ କରିଥିବାବେଳେ ସେକେଣ୍ଡ ଇନ୍ କମାଣ୍ଡିଂ ଭାବେ ଇନ୍ସପେକ୍ଟର (ଆର୍ମସ) ଅକ୍ଷୟ ଘଡେଇ ଓ ଏଏସଆଇ. ଜବାହରଲାଲ୍ ଖାନ୍ ପ୍ରମୁଖ କାର୍ଯ୍ୟନିର୍ବାହ କରିଥିଲେ। ଏହି ପ୍ୟାରେଡ୍ରେ ୩ ପ୍ଲାଟୁନ୍ ଫୋର୍ସ ଅଂଶଗ୍ରହଣ କରିଥିଲେ। ପୁଲିସ ରିଜର୍ଭ ପଡ଼ିଆରେ ଅନୁଷ୍ଠିତ ପ୍ୟାରେଡରେ ଆରକ୍ଷୀ ଅଧୀକ୍ଷକ ଶ୍ରୀ କଟାରିଆ ଅଭିବାଦନ ଗ୍ରହଣ କରିଥିଲେ।

## ଅଳାବାଙ୍କରେ ମା' ଶ୍ୟାମାକାଳୀଙ୍କ ପୂଜା



ଡେରାବିଶ,୨୧।୧୦(ସମିସ): ଡେରାବିଶ ବ୍ଲକ୍ ଅଧୀନ ଅଳାବାଙ୍କସ୍ଥ ମହାକାଳୀ ଆଶ୍ରମ ପରିସରରେ ପବିତ୍ର ଦୀପାବଳୀରେ ମା' ପରମ ବୈଷ୍ଣବୀ ଶ୍ୟାମାକାଳୀଙ୍କ ପୂଜା ଆରମ୍ଭ ହୋଇଛି। ସୋମବାର ପୂର୍ବାହ୍ନରେ ଶ୍ରଦ୍ଧାଳୁ ନିକଟସ୍ଥ ଜଳାଶୟରୁ ପୂଜାର୍ଚ୍ଚନା ପୂର୍ବକ ପବିତ୍ର ଜଳପୂର୍ଣ୍ଣ କଳସକୁ ଘଣ୍ଟ ଘଣ୍ଟା ସଂକୀର୍ତ୍ତନ ମଧ୍ୟରେ ଆଶ୍ରମ ପରିସରକୁ ଆଣିବା ପରେ ମା'ଙ୍କ ପୂଜା ଓ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ରାତ୍ରରେ ମା'ଙ୍କ ନିକଟରେ ମହାପୂଜା ଦୀପଦାନ, ମହାମାୟା ପୂଜା, ବୈଷ୍ଣବ୍ୟା ଅନ୍ନପୂର୍ଣ୍ଣା ବେଶ ଅନୁଷ୍ଠିତ ହୋଇଥିଲା। ଆଜି ମା'ଙ୍କ ନିକଟରେ ଚଣ୍ଡିପୂଜା, ଜଗଦ୍ଧାତ୍ରୀ ପୂଜା ଅନୁଷ୍ଠିତ ହୋଇଥିବାବେଳେ ଆସନ୍ତାକାଲି ମା'ଙ୍କ ଜଗଦମ୍ବା ପୂଜା ଅନୁଷ୍ଠିତ ହେବା ସହ ବିଳମ୍ବିତ ରାତ୍ରରେ ଯଜ୍ଞର ପୂର୍ଣ୍ଣାହୁତି ହେବା ସହ ଆସନ୍ତା ୨୩ ତାରିଖ ଦିନ ମା'ଙ୍କୁ ବିସର୍ଜନ କରାଯିବ ବୋଲି ଆଶ୍ରମର ମୁଖ୍ୟ ପରିଚାଳକ ଦେବବ୍ରତ ଆଚାର୍ଯ୍ୟ ପ୍ରକାଶ କରିଛନ୍ତି।

ପଣ୍ଡିତ ତପନ ପାଢ଼ୀ, ହରିହର ତ୍ରିପାଠୀ, ଦିଲ୍ଲୀପ ରଥ, ଉମାକାନ୍ତ ନାୟକ, ବିଚିତ୍ରାନନ୍ଦ ରଥ, ରଶ୍ମିରଞ୍ଜନ ପାଣି, ମହାପାତ୍ରଙ୍କ ଦ୍ୱାରା ମା'ଙ୍କ ପୂଜା ଓ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହେଉଥିବାବେଳେ ସଞ୍ଜୟ କୁମାର ବେହେରା କର୍ତ୍ତା ଅଛନ୍ତି। ଅଜୟ କୁମାର ବେହେରା ଓ କାର୍ତ୍ତିକ ସ୍ୱାଇଁ ପୂଜା କାର୍ଯ୍ୟ ପରିଚାଳନା କରୁଛନ୍ତି। ଅଳାବାଙ୍କ ଗ୍ରାମବାସୀଙ୍କ ସହଯୋଗ ଓ ମହାକାଳୀ ଆଶ୍ରମ ଦ୍ୱାରା ଅନୁଷ୍ଠିତ ଏହି ପୂଜା ଉତ୍ସବରେ ପ୍ରତ୍ୟେହ ସନ୍ଧ୍ୟାରେ ଶହ ଶହ ଶ୍ରଦ୍ଧାଳୁ ଉପସ୍ଥିତ ହୋଇ ମା'ଙ୍କ ଦର୍ଶନ କରିବା ସହିତ ଆଶିଷ ଲାଭ କରୁଛନ୍ତି।

## ଦାମୋଦରପାଟଣାରେ ହନୁମାନ ବିଗ୍ରହ ପ୍ରତିଷ୍ଠା ପାଇଁ ଭୂମିପୂଜା

ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି,୨୧।୧୦(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ଦାମୋଦରପାଟଣାଠାରେ ହନୁମାନ ବିଗ୍ରହ ପ୍ରତିଷ୍ଠା ପାଇଁ ଭୂମି ପୂଜନ ଅନୁଷ୍ଠିତ ହୋଇଯାଇଛି। ପୀଠର ପୀଠାଧୀଶ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ସେବକ ଦିବ୍ୟରଞ୍ଜନ ନାୟକ, ବିଶ୍ୱରଞ୍ଜନ ନାୟକଙ୍କ ତତ୍ତ୍ୱାବଧାନ ଓ ପଦ୍ମନାଭ ନାୟକ, ଗୀତାଞ୍ଜଳି ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ପୂଜା ଉତ୍ସବରେ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଓ ଜନସାଧାରଣ ଯୋଗଦେଇ ପୂଜା ପାଠ କରିଥିଲେ। ଉତ୍ସବରେ ଅଧ୍ୟାପକ ଅଶୋକ ନାୟକ, ରବୀନ୍ଦ୍ର ଧଳ, ବିଜୟ ରାଉତ, ସୁବାସ ନାୟକ, କୈବଲ୍ୟ ପରିଡ଼ା, ପ୍ରତିମା ବିଶ୍ୱାଳ, ଅନୀତା ନାୟକ, ଅମିତା ନାୟକ, କବିତା ସାମଲ, ଶର୍ମିଳ ବିଶ୍ୱାଳ, ପ୍ରଗତି ନାୟକ ପ୍ରମୁଖ ଭାଗ ନେଇଥିଲେ। ପଣ୍ଡିତ ପ୍ରଫୁଲ୍ଲ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜାର ନୀତିକାନ୍ତି ସମ୍ପନ୍ନ ହୋଇଥିଲା। ଶେଷରେ ପଦ୍ମନାଭ ନାୟକ, ଗୀତାଞ୍ଜଳି ନାୟକ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ।



## ବରିଷ୍ଠ ନାଗରିକଙ୍କ ବୈଠକ ଓ କର୍ମକର୍ତ୍ତା ନିର୍ବାଚନ



କେନ୍ଦ୍ରାପଡ଼ା,୨୧।୧୦(ସମିସ): କେନ୍ଦ୍ରାପଡ଼ା ବ୍ଲକ୍ ଅନ୍ତର୍ଗତ ଓସ୍ତପୁର ପଞ୍ଚାୟତର ବରିଷ୍ଠ ନାଗରିକଙ୍କ ବୈଠକ ଓସ୍ତପୁର ଗ୍ରାମ ତାରିଣୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ୨୦ ଜଣ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ବୈଠକରେ ଅଧ୍ୟକ୍ଷତା କରିଥିଲେ ଦେପୁର ଗ୍ରାମର ବରିଷ୍ଠ ନାଗରିକ ଅବସରପ୍ରାପ୍ତ ଉପନିରୀକ୍ଷକ ମଧୁସୂଦନ ରାଉତ। ସଂଯୋଜକ ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୈଳାସ ସ୍ୱାଇଁ ସଭାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସର୍ବସମ୍ମତି କ୍ରମେ ୧୦ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ମଧୁସୂଦନ ରାଉତ ସଭାପତି, ଉପେନ୍ଦ୍ର ପ୍ରଧାନ ଉପସଭାପତି, ହରେକୃଷ୍ଣ ପତି ସମ୍ପାଦକ, ହୃଷିକେଶ ନାୟକ ସହସମ୍ପାଦକ, ଅନନ୍ତ ସ୍ୱାଇଁ କୋଷାଧ୍ୟକ୍ଷ, ରାମଚନ୍ଦ୍ର ରାଉତ ସାଂସ୍କୃତିକ ସମ୍ପାଦକ ରୂପେ ମନୋନୀତ ହୋଇଥିଲେ। ଧନେଶ୍ୱର ତ୍ରିପାଠୀ, ବୈଷ୍ଣବ ରାଉତ, ମୁରଲୀଧର ପାତ୍ର ଉପଦେଷ୍ଟା ଓ ରତ୍ନାକର ରାଉତ, ବନମାଳି ସାମଲ, ଗୋବିନ୍ଦ ସ୍ୱାଇଁ, ଓ ଶ୍ରୀଧର ନାୟକ ପ୍ରମୁଖ ସଦସ୍ୟ ଭାବେ ମନୋନୀତ ହୋଇଥିଲେ। ସଭାପତିଙ୍କ ଓ ଅନ୍ୟ ସଦସ୍ୟଙ୍କୁ ଧନ୍ୟବାଦ ଦିଆଯାଇ ଆସନ୍ତା ବୈଠକ ଆଗାମୀ ନଭେମ୍ବର ମାସ ତୃତୀୟ ରବିବାର ଦିନ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଥିଲା।

## ପଟ୍ଟାମୁଣ୍ଡାଇ-କାଳିମେଳା ଜଗନ୍ନାଥ ଏକ୍ସପ୍ରେସରେ ଅବ୍ୟବସ୍ଥା

ପଟ୍ଟାମୁଣ୍ଡାଇ/ମାଳିପୁର,୨୧।୧୦(ସମିସ)

ଗତ ୧ ତାରିଖରୁ ପଟ୍ଟାମୁଣ୍ଡାଇରୁ କାଳିମେଳା ଯାତାୟାତ ପାଇଁ ଆରମ୍ଭ ହୋଇଥିବା ବସ୍ ସେବାରେ ନାନା ଅବ୍ୟବସ୍ଥା ହେତୁ ଯାତ୍ରୀ ହଇରାଣ ହେଉଥିବା ଅଭିଯୋଗ ହୋଇଛି। ଏହାର ସମାଧାନ କରାଯିବାକୁ ସାଧାରଣରେ ଦାବି ହେଉଛି।

ସୂଚନା ମୁତାବକ, ଯାତ୍ରୀ ଯେପରି ସୁରୁଖୁରୁରେ ଗନ୍ତବ୍ୟ ସ୍ଥଳରେ କମ୍ ସମୟରେ ପହଞ୍ଚିପାରିବେ, ସେଥିପାଇଁ ସରକାରଙ୍କ ପକ୍ଷରୁ ବିଳାସପୂର୍ଣ୍ଣ ସେମିସ୍ଲିପର ଭାଲ୍ଭୋ ବସ୍ ସେବା ଯୋଗାଇ ଦିଆଯାଇଛି। ଏଥିପାଇଁ ଟିକେଟ ବାବଦକୁ ଅନ୍ୟ ସମସ୍ତ ବସ୍ଠାରୁ ସର୍ବାଧିକ ଅର୍ଥ ପୈଠ କରିବାକୁ ପଡୁଛି। ଏହାର ପରିଚାଳନାରେ ଅନେକ ଅବ୍ୟବସ୍ଥା ହେଉଥିବା ଅଭିଯୋଗ ଆସିଛି। ସବୁ ଗାଡ଼ିରେ ଜଗରଡ ରହିବା ବାଧ୍ୟତାମୂଳକ ହୋଇଥିବାବେଳେ ଗତ ଶନିବାର ଦିନ କାଳିମେଳାରୁ ପଟ୍ଟାମୁଣ୍ଡାଇ ଫେରୁଥିବା ଜଗନ୍ନାଥ ଏକ୍ସପ୍ରେସ ଜଗରଡ଼ ନଥିବାରୁ ବାଟରେ ଘାଟି ଉପରେ ମଧ୍ୟରାତ୍ରରେ ଜଙ୍ଗଲ ମଝିରେ ଟାୟାର ଖୋଲିବା ପାଇଁ କିଛି ସମୟ ପାଇଁ ଠିଆ ହୋଇ ରହିଥିବା ଅଭିଯୋଗ ହୋଇଛି। କିଛି ସମୟ ପରେ ଆଉ ଗୋଟିଏ ସରକାରୀ ବସ ପଛରେ ଆସୁଥିବାରୁ ସେ ବସ୍ରୁ ଜଗରଡ଼ ମାଗି ବସ କର୍ମଚାରୀ କାମ ଚଳାଇ ନେଇଥିଲେ। ସେହିଭଳି ବସ୍ରେ ସିସିଟିଭି ଲାଗିଥିଲେ ମଧ୍ୟ କର୍ଯ୍ୟକ୍ଷମ ହୋଇ ନ ଥିବା ନଜରକୁ ଆସିଛି। ଯାତ୍ରୀ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବାରେ ଦୁଇରୁ ତିନି ଘଣ୍ଟା ବିଳମ୍ବ ହେଉଥିବା ଯାତ୍ରୀ ଅଭିଯୋଗ କରିଛନ୍ତି। କାଳିମେଳାରୁ ଫେରି କଟକରେ ପହଞ୍ଚିବା ପରେ ଗାଡ଼ି ଧୋଇବା ପାଇଁ କଟକ ବସ୍ଷ୍ଟାଣ୍ଡରେ ଦୁଇରୁ ତିନି ଘଣ୍ଟା ଅଟକାଇ ରଖାଯାଉଛି। ଯଦ୍ୱାରା ପଟ୍ଟାମୁଣ୍ଡାଇରେ ୯ଟା ୩୩ ମିନିଟରେ ପହଞ୍ଚିବା ପରିବର୍ତ୍ତେ ତିନି ଘଣ୍ଟା ବିଳମ୍ବରେ ପହଞ୍ଚୁଛି। ଯାତ୍ରୀ ନିତ୍ୟକର୍ମ ସାରିବାରେ ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ଭୋକ ଉପାସରେ ରହି ଅଯଥାରେ ଗୋଟିଏ ଦିନ ନଷ୍ଟ ହେଉଛି ବୋଲି କହିଛନ୍ତି।

ଏପରିକି ଗତ ଶନିବାର ଦିନ କାଳିମେଳାରୁ ପଟ୍ଟାମୁଣ୍ଡାଇ ଅଭିମୁଖେ ଆସୁଥିବା ଜଣେ ଯାତ୍ରୀଙ୍କୁ ବସ କର୍ମଚାରୀ ବାଦାମବାଡିରେ ଛାଡ଼ି ଦେଇଆସିଥିବା ଯାତ୍ରୀ ଜଣକ ଅଭିଯୋଗ କରିଛନ୍ତି। ଗାଡ଼ିରେ ସମ୍ପୃକ୍ତ ଯାତ୍ରୀଙ୍କ ତିନୋଟି ବ୍ୟାଗ ରହିଯାଇଥିଲେ ମଧ୍ୟ ବସ୍ କର୍ମଚାରୀ ସେଥିପ୍ରତି ଧ୍ୟାନ ଦେଇ ନ ଥିଲେ କି ଗାଡ଼ି ଛାଡିବା ପୂର୍ବରୁ ଉକ୍ତ ଯାତ୍ରୀଙ୍କୁ ଫୋନ କରି ନ ଥିଲେ। ପରେ ଯାତ୍ରୀ ଜଣଙ୍କ କଣ୍ଡକ୍ଟରଙ୍କ ମୋବାଇଲ ନମ୍ବର ସଂଗ୍ରହ କରିବା ପରେ କଣ୍ଡକ୍ଟରଙ୍କୁ ଫୋନ କରି ଓଏମପି ଛକରେ ଗାଡ଼ି ରଖିବାକୁ ଅନୁରୋଧ କରିଥିଲେ। ଅଟୋରେ ଆସି ବସରେ ଚଢ଼ିଥିଲେ। ଅପରପକ୍ଷେ ପଟ୍ଟାମୁଣ୍ଡାଇରୁ କାଳିମେଳା ଯାଉଥିବା ବସ ମଧ୍ୟ ବିଳମ୍ବରେ ପହଞ୍ଚୁଥିବାରୁ ଯାତ୍ରୀଙ୍କ ଗୋଟିଏ ଦିନ ନଷ୍ଟ ହେଉଥିବା ଅଭିଯୋଗ ହୋଇଛି। ଏଣୁ ପଟ୍ଟାମୁଣ୍ଡାଇରୁ ବସ ଛାଡିବା ଟାଇମ ବଦଳାଇ ଅପରାହ୍ନ ୫ଟା ପରିବର୍ତ୍ତେ ଅପରାହ୍ନ ୩ଟାରୁ ଛାଡିବାକୁ ଅନେକ ଯାତ୍ରୀ ଅନୁରୋଧ କରିଛନ୍ତି।








# ନୂଆପଡା ଉପନିର୍ବାଚନ

## ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ନାମାଙ୍କନ ଦାଖଲ




## ବିଜେଡିରେ ଉତ୍ସାହ

# ଯୋଗଦେଲେ କଂଗ୍ରେସ ଓ ବିଜେପିର ୩ ହଜାରରୁ ଅଧିକ କର୍ମୀ








ନୂଆପଡ଼ା,୨୧।୧୦(ସମିସ)

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟିଭଙ୍ଗୀମୂଳକ ନେତୃତ୍ୱ ଓ ଲୋକାଭିମୁଖି ଶାସନ ନୀତିରେ ପ୍ରେରିତ ହୋଇ କଂଗ୍ରେସ ଓ ବିଜେପିର ୩ହଜାରରୁ ଅଧିକ କର୍ମୀ ଓ ସମର୍ଥକ ବିଜେଡିରେ ଯୋଗଦେଇଛନ୍ତି।ସ୍ଥାନୀୟ ଟାନୱାଟ ଠାରେ ଆଦିବାସୀ ସଂଘ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ଏହି ଅବସରରେ ମିଶ୍ରଣ ପର୍ବ ହୋଇଛି। ନୂଆପଡ଼ା ବ୍ଲକ୍ ଅଞ୍ଚଳରୁ ଆସିଥିବା ହଜାର ହଜାର ଲୋକଙ୍କ ଉପସ୍ଥିତିରେ ଯୋଗଦାନ କାର୍ଯ୍ୟକ୍ରମ ଏକ ଐତିହାସିକ ଘଟଣା ହୋଇଛି। ବିଜେଡିରେ ମିଶିଥିବା କର୍ମୀମାନେ କହିଛନ୍ତି ଯେ କଂଗ୍ରେସ ଓ ବିଜେପି ଦୁଇଟି ଦଳ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଲୋକଙ୍କ ବିକାଶକୁ ଅବହେଳା କରୁଛନ୍ତି। ସେମାନେ ୨୦୨୪ ମସିହାରେ ସାଧାରଣ ନିର୍ବାଚନରେ ବର୍ତ୍ତମାନ କଂଗ୍ରେସ ପ୍ରାର୍ଥୀଙ୍କ ବିଶ୍ୱାସଘାତ ଓ ଧୋକାବାଜ ଆଚରଣ ପ୍ରତି ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଜେଡିରେ ଯୋଗଦେଇଥିବା ପ୍ରମୁଖ ବ୍ୟକ୍ତିମାନେ ହେଲେ ତେଜରାଜ ଶବର,ହରପ୍ରସାଦ ମାଝୀ,ପରସୁରାମ ମାଝି, କପୁରଚନ ମାଝି, ଖେମରାଜ ମାଝି, ମେଘ ରାଉତ, ରୁପସିଂ ଭୁଞ୍ଜିଆ, ଶ୍ୟାମଲାଲ ବରିହା, ତ୍ରିନାଥ ବରିହା, ଜୁବରାଜ ମାଝି, ପ୍ରସ୍ନ ମାଝି, ମହେନ୍ଦ୍ର ମାଝି, ହୀରାଲାଲ ମାଝି, ବେଦରାମ ରାଉତ, ରୁପସିଂ ଅଘରିଆ, ଠାକୁରସିଂ ମାଝି,ବୈଜନାଥ ମାଝି, ତିହାରୁ ମିର୍ଦ୍ଧା, ଗୋପାଳ ମିର୍ଦ୍ଧା,ସନ୍ତାରାମ ମିର୍ଦ୍ଧା, ଖୀରନ ମିର୍ଦ୍ଧା, ପବିତ୍ର ମାଝି, ସୋହନ ଶବର, ତୀର୍ଥ ମାଝି, ଖଗେଶ୍ୱର ଶବର, ଜୁଗଲ ବରିହା, ନରସିଂ ବରିହା, ତରାଚନ୍ଦ ମାଝି, ଜଗନ୍ନାଥ କୁମାର, ପରସୁରାମ କୁମାର, ରମେଶ କୁମାର, ନରେଶ କୁମାର, ନିହାରସିଂ ମାଝି, ସୁନ୍ଦରସିଂ ମାଝି, ବିଷ୍ଣୁ ସାହୁ, ଅଶୋକ ରାଜପୁତ, ଅମରସିଂ ମାଝି, ମଦନ କେଉଁଟ,ଧନତ ରାମ ଶବର, ସନ୍ତୋଷ ମାଝି,ରତ୍ନାକର ରଣା, ଶଙ୍କର ଯାଦବ, ନରେଶ ମାଝି, ଅର୍ଜୁନ ଠାକୁର, ସେତୁ ଦେବାଙ୍ଗନ ଓ ଅଶୋକ ସାହୁ, ସହିତ ତିନି ହଜାରରୁ ଅଧିକ କର୍ମୀ ସାମିଲ ହୋଇଥିଲେ। ସଭାରେ ବରିଷ୍ଠ ଆଦିବାସୀ ନେତା ବିହାରୀ ଲାଲ ବିଶ୍ୱାଳ ଅଧ୍ୟକ୍ଷତା କରିଥିବାବେଳେ ସଭାରେ ବିଜେଡି ବିଧାୟକ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ଲୋକମାନଙ୍କୁ ଆଶୀର୍ବାଦ ଓ ସମର୍ଥନ ପାଇଁ ଅନୁରୋଧ କରିଥିଲେ।ଅନ୍ୟମାନଙ୍କ ମଧ୍ୟରେ ବିଜେଡି ବରିଷ୍ଠ ଉପାଧ୍ୟକ୍ଷ ଓ ପୂର୍ବତନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର, ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପୁଜାରୀ, ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ଓ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ନୁଆପଡ଼ା ଅଧ୍ୟକ୍ଷ ଭାନୁ ପ୍ରତାପ ସିଂହ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ନେତାମାନେ ସାମିଲ କର୍ମୀମାନଙ୍କୁ ସ୍ୱାଗତ କରି କହିଥିଲେ ଯେ ଏହି ଯୋଗଦାନ ନବୀନ ପଟ୍ଟନାୟକଙ୍କ ଉପରେ ଲୋକଙ୍କ ଅଟଳ ଆସ୍ଥାର ପ୍ରତିକ ଓ ନୂଆପଡ଼ା ଜନତାର ଶାନ୍ତି, ଉନ୍ନତି ଓ ସମୃଦ୍ଧି ପ୍ରତି ନିଷ୍ଠାର ଫଳ ବୋଲି କହିଥିଲେ। ବିଶାଳ ଯୋଗଦାନ ଦ୍ୱାରା ବିଜେଡି ଆସନ୍ତା ଉପନିର୍ବାଚନରେ ବିଜୟ ଲାଭ କରି ଇତିହାସ ସୃଷ୍ଟି କରିବ ବୋଲି ନେତୃବୃନ୍ଦ କହିଛନ୍ତି।

## • ଖରିଆରରୋଡରେ ଉଚ୍ଚସ୍ତରୀୟ ବୈଠକ

ବିଜେଡିର ସମସ୍ତ ନେତୃବର୍ଗଙ୍କୁ ନେଇ ଖରିଆର ରୋଡରେ ଉଚ୍ଚସ୍ତରୀୟ ବୈଠକ କରି ରଣନୀତି ପ୍ରସ୍ତୁତି କରାଯାଇଛି।ଜିଲ୍ଲା ସଭାପତି ଅବନୀ ରଞ୍ଜନ ଯୋଗୀଙ୍କ ଅଧ୍ୟକ୍ଷତାରେ ଖରିଆରରୋଡ ଗଣପତି ହୋଟେଲରେ ସମସ୍ତ ଜିଲ୍ଲା ତଥା ରାଜ୍ୟସ୍ତରୀୟ ବରିଷ୍ଠ କାର୍ଯ୍ୟକର୍ତ୍ତାମାନଙ୍କର ଏକ ମନ୍ଥନ ଏବଂ ନିର୍ଣ୍ଣାୟକ ରଣନୀତି ପ୍ରସ୍ତୁତି କରାଯାଇଥିଲା।ଏଥିରେ ଆଗକୁ କିପରି ତାଙ୍କର ପୁରୁଣା ଏବଂ ଅଭିଜ୍ଞତାକୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଉପନିର୍ବାଚନରେ କାର୍ଯ୍ୟକାରୀ କରିବାକୁ ପଡିବ। ନବୀନଙ୍କ ବଳକୁ ପାଥେୟ କରି ଆମକୁ ଲଢିବାକୁ ହେବ ବୋଲି ପ୍ରାର୍ଥୀ ତଥା ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଦମ୍ଭୋକ୍ତି ପ୍ରକାଶ କରିଥିଲେ। ଏହି ଅବସରରେ ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ସ୍ୱର୍ଗତ ରାଜେନ୍ଦ୍ରଙ୍କ ଗଡ଼ ରକ୍ଷା କରିବେ ସେଥିପାଇଁ ସମସ୍ତ ପଦାଧିକାରୀ ମତାମତ ରଖିଥିଲେ।

## ନିର୍ବାଚନ ଖର୍ଚ୍ଚ ସମୀକ୍ଷା କଲେ ପର୍ଯ୍ୟବେକ୍ଷକ

ନୂଆପଡା,୨୧।୧୦(ସମିସ): ନୂଆପଡ଼ା ଉପନିର୍ବାଚନ ପାଇଁ ନିଯୁକ୍ତ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଅତୁଲ୍ ପାଣ୍ଡେ, ଭାରତୀୟ ରାଜସ୍ୱ ସେବା, ନିର୍ବାଚନ ଖର୍ଚ୍ଚ ଉପରେ ସମୀକ୍ଷା ବୈଠକରେ କରିଛନ୍ତି। ଆସନ୍ତା ନଭେମ୍ବର ୧୧ ତାରିଖରେ ହେବାକୁ ଥିବା ନୂଆପଡା ବିଧାନସଭା ଉପନିର୍ବାଚନକୁ



ସମ୍ପୂର୍ଣ୍ଣ ଶୃଙ୍ଖଳିତ ଓ ନିରପେକ୍ଷ ଭାବରେ ପରିଚାଳିତ କରିବା ସହିତ ସମଗ୍ର ପ୍ରକ୍ରିୟାର ଖର୍ଚ୍ଚକୁ ତଦାରଖ କରିବା ପାଇଁ ବୈଠକରେ ଆଲୋଚନା କରିଛନ୍ତି। ଜିଲ୍ଲାପାଳ ମଧୁସୁଦନ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଆଡିସନାଲ ଏସପି ରଣଜିତ ନାୟକ, ଉପଜିଲ୍ଲାପାଳ ସୁର୍ମି ସୋରେନ, ଡେପୁଟି କମଶନର ସିଟି ଜିଏସ୍‌ଟି ପ୍ରିୟବ୍ରତ ଗଡତିଆ, ନିର୍ବାଚନ ଖର୍ଚ୍ଚ ତଦାରଖ କମିଟିରେ ଥିବା ସମସ୍ତ ଅଧିକାରୀ ଯୋଗ ଦେଇଥିଲେ। ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଖର୍ଚ୍ଚ ପର୍ଯ୍ୟବେକ୍ଷକ ଶ୍ରୀ ପାଣ୍ଡେ ନିର୍ବାଚନ ଖର୍ଚ୍ଚ ସହିତ ସଂପୃକ୍ତ ବିଭିନ୍ନ କମିଟିର ମୁଖ୍ୟମାନଙ୍କ ସହିତ ଆଲୋଚନା କରି ସେମାନଙ୍କ କାର୍ଯ୍ୟ ଏବଂ ପଦ୍ଧତି ବିଷୟରେବୁଝାଇ ଆବଶ୍ୟକ ପରାମର୍ଶ ପ୍ରଦାନ କରିଥିଲେ। ସମସ୍ତ ଖର୍ଚ୍ଚ ମିଶାଇ ଜଣେ ପ୍ରାର୍ଥୀଙ୍କ ଖର୍ଚ୍ଚ ୪୦ ଲକ୍ଷ ଟଙ୍କା ଭିତରେ ରହିବା ଅତ୍ୟନ୍ତ ଆବଶ୍ୟକ ବୋଲି କହିଥିଲେ ସମସ୍ତ ଟିମ ପରସ୍ପର ମଧ୍ୟରେ ଉତ୍ତମ ଯୋଗାଯୋଗ ରକ୍ଷା କରି ସାମୂହିକ ଭାବରେ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଅଧିକାରୀ ମାନଙ୍କୁ ଆହ୍ୱାନ ଦେଇଛନ୍ତି। ଜିଲ୍ଲାପାଳ ଶ୍ରୀ ଦାଶ ନିର୍ବାଚନର ଖର୍ଚ୍ଚ ତଦାରଖ ସମ୍ବନ୍ଧୀୟ ସମସ୍ତ ପ୍ରସ୍ତୁତି ପାୱାର ପଏଣ୍ଟ ମାଧ୍ୟମରେ ଉପସ୍ଥାପନା କରିଥିଲେ।ଭାରତ ନିର୍ବାଚନ ଆୟୋଗ ପର୍ଯ୍ୟବେକ୍ଷକମାନଙ୍କୁ ନିର୍ବାଚନ ପ୍ରକ୍ରିୟାର ସମସ୍ତ ପ୍ରକ୍ରିୟାକୁ ତଦାରଖ କରି ସ୍ୱଚ୍ଛ, ନିରପେକ୍ଷ ଓ ପାରଦର୍ଶୀ ଭାବରେ ନିର୍ବାଚନ ପରିଚାଳନା ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଖର୍ଚ୍ଚ ପର୍ଯ୍ୟବେକ୍ଷକ ଶ୍ରୀ ପାଣ୍ଡେଙ୍କ ମୋବାଇଲ୍ ନମ୍ବର ୭୦୭୮୩୬୪୨୮ ରେ ଯୋଗାଯୋଗ କରି ନିର୍ବାଚନ ଖର୍ଚ୍ଚ ସମ୍ବନ୍ଧୀୟ ଯେକୌଣସି ଅଭିଯୋଗ ସମସ୍ୟା ସମ୍ପର୍କରେ ଯେକେହି ଜଣାଇ ପାରିବେ ବୋଲି ଜଣାଇଛନ୍ତି।

## • ଅବକାରୀ ବିଭାଗ ପକ୍ଷରୁ ଯାଞ୍ଚ ଜୋରଦାର

## ୩ ବାଇକ୍ ସହ ବିପୁଳ ଅବକାରୀ ସାମଗ୍ରୀ ଜବତ



ନୂଆପଡା,୨୧।୧୦(ସମିସ): ନୂଆପଡା ଉପନିର୍ବାଚନ ପାଇଁ ଅବକାରୀ ବିଭାଗ ତରଫରୁ ତଲାସୀ ଅଭିଯାନକୁ ଗୁରୁତ୍ୱ ଦିଆଯାଇଛି।ସୋମବାର ବିଭାଗୀୟ ଅଧିକାରୀ ଯାଞ୍ଚ କରି ୨୯୫ ଲିଟର ହାତରନ୍ଧା ମଦ,୨୫ଲିଟର ବାହାର ଭାଟି ମଦ ଏବଂ ୭୯୫୦ କେଜି ମହୁଲ ପୋଚ ଜବତ କରିଛନ୍ତି।ଏସବୁର ଆନୁମାନିକ ମୂଲ୍ୟ ୪ଲକ୍ଷ ୬୨ ହଜାର ଟଙ୍କା ହେବ।ଅଦ୍ୟାବଧି ଅବକାରୀ ବିଭାଗ ୬୩ଲି ବିଅର୍, ୩୨.୫ଲି ବିଦେଶୀ ମଦ, ୩୪୧୦ଲି ହାତ ରନ୍ଧା ମଦ,୫୭୦ଲି ବାହାର ଭାଟି ମଦ ,୪ କେଜି ଗଞ୍ଜେଇ ଏବଂ ୭୮,୩୦୦ କେଜି ମହୁଲ ପୋଚ ଜବତ କରିଛନ୍ତି। ଏସବୁର ଆନୁମାନିକ ମୂଲ୍ୟ ୪୯ ଲକ୍ଷ ୮୭ ହଜାର ଟଙ୍କା ହେ। ଏହା ସହିତ ତିନୋଟି ବାଇକ୍ ମଧ୍ୟ ଅବକାରୀ ବିଭାଗ ଜବତ କରିଛନ୍ତି। ବେଆଇନ ଅବକାରୀ ସାମଗ୍ରୀ ଚାଲାଣ ଓ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଜିଲ୍ଲାପାଳ ନିୟୋଜିତ ସମସ୍ତ ଟିମଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ସହରସାରା ବୁଲୁଛନ୍ତି ନବୀନ ଫ୍ୟାନ୍

ନାମାଙ୍କନ ପତ୍ରଦାଖଲର ପର୍ବ ଆରମ୍ଭ ହେବାଦିନ ଠାରୁ ନୂଆପଡା ସହର ଏକ ପ୍ରକାର ନେତାମୟ ହେଲାଣି। ରବିବାର ଏବଂ ସୋମବାର ଦୁଇ ଦିନ ନୂଆପଡା ଥିଲା ବିଜେଡିର ଦିନ। ଲୋକଙ୍କର ଧାରଣା ଥିଲା ଯେ ସ୍ନେହାଙ୍ଗିନୀ ବାହାର ଜିଲ୍ଲାର ପ୍ରାର୍ଥୀ ତାଙ୍କ ପାଇଁ ଲୋକେ ଯୋଗାଡ ହେବେ ନା ନାହିଁ। ହେଲେ ତାକୁ ଭୁଲ ପ୍ରମାଣିତ



କରିଦେଲେ ସ୍ନେହାଙ୍ଗିନୀ। ଦୁଇ ଦିନ ହେଲା ନବୀନ ଫ୍ୟାନ ଗଳିଗଳି ଘୁରି ବୁଲୁଛନ୍ତି। କିଛି ଫ୍ୟାନ ନିଜ ଦେହରେ ନବୀନଙ୍କ ଟାଟୁ କରି ବୁଲୁଥିବା ବେଳେ କିଛି ଦେହସାରା ସବୁଜ ବସ୍ତ୍ର ପିନ୍ଧି ଗାଡି ବି ସବୁଜ ରଙ୍ଗରେ ରଙ୍ଗିନ କରିଛନ୍ତି। ତାଙ୍କର ନାରାବାଜି ଟିକିଏ ନିଆରା ଲାଗୁଛି। ସେମାନେ କୁଆଡେ ଆଗକୁ ନବୀନ ଆସୁଛନ୍ତି ବୋଲି ପ୍ରଚାର ପ୍ରସାର କରି ଚାଲିଛନ୍ତି।



## ଭୁବନେଶ୍ୱର ସିଟି

# ମାନିଲେନି କଟକଣା; ଧଜିଆ ଉଡ଼ିଲା



ଭୁବନେଶ୍ୱର, ୨୧।୧୦ (ସମିସ): କାଳୀପୂଜା ଓ ଦୀପାବଳି ଦୁଇ ଦିନ ପଡ଼ିଥିବାରୁ ରାଜଧାନୀବାସୀ ଦୁଇ ଦିନ ଧରି ବାଣ ଫୁଟାଇଛନ୍ତି। ସୋମବାର ଦୀପାବଳି ପାଳନ ପାଇଁ ହୋଇଥିବା ନିୟମକୁ ଫୁ କରି ଦେଇଛନ୍ତି ଅମାନିଆ। ସାରା ରାଜ୍ୟରେ ଦୀପାବଳି ଉପଲକ୍ଷେ ବାଣ ଫୁଟାଇବା ପାଇଁ ସନ୍ଧ୍ୟା ୭ଟାରୁ ୯ଟା ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ ହୋଇଥିବା ବେଳେ କମିସନରେଟ ପୁଲିସ ପକ୍ଷରୁ ମଧ୍ୟ ଘୋଷଣା କରାଯାଇଥିଲା। ବାୟୁ ପ୍ରଦୂଷଣକୁ ଦୃଷ୍ଟିରେ ବାଣ ଫୁଟାଇବା ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ପରାମର୍ଶ ଦେଇଥିଲା। କିନ୍ତୁ ସୋମବାର ଦୀପାବଳି ଉତ୍ସବ ପାଳନ ବେଳେ ଲୋକେ ନିୟମର ଧଜିଆ ଉଡ଼ାଇ ଥିଲେ। ଅନ୍ୟ ଅଞ୍ଚଳ କଥା ଛାଡ଼ନ୍ତୁ, ଖୋଦ୍ ରାଜଧାନୀର ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ରାତି ୯ଟା ପରେ ମଧ୍ୟ ଉଚ୍ଚ ଶବ୍ଦ କରୁଥିବା ବାଣ ଫୁଟାଇଥିଲେ। କେବଳ ରାତି ୯ଟା ପରେ ନୁହେଁ, ରାଜଧାନୀର ବିଭିନ୍ନ ଅଞ୍ଚଳରେ ରାତି ସାରା ବାଣ ଫୁଟୁଥିବା ଦେଖିବାକୁ ମିଳିଥିଲା। ଏ ନେଇ ପୁଲିସ କଣ୍ଟ୍ରୋଲ ରୁମ୍ ଓ ଥାନାକୁ ଏକାଧିକ ଫୋନ୍ ମଧ୍ୟ ଆସିଥିଲା। ରାତି ୯ଟା ପରିବର୍ତ୍ତେ ୧୦ଟା ପରେ ପୁଲିସ ପାଟ୍ରୋଲିଂ ଆରମ୍ଭ କରିଥିଲା। ସାଇରନ୍ ଦେଇ ବିଭିନ୍ନ ସ୍ଥାନରେ ବୁଲିଥିଲେ ମଧ୍ୟ ପୁଲିସ ଯିବା ପରେ ପୁଣି ଆରମ୍ଭ ହୋଇଥିଲା ବାଣ ଫୁଟା। ରାତିର ରାଜଧାନୀ ଧୂଆଁମୟ ହୋଇଥିବା ବେଳେ କୁହୁଡ଼ିର ଭ୍ରମ ସୃଷ୍ଟି କରିଥିଲା। ପ୍ରଦୂଷଣର ମାତ୍ରା ଏଭଳି ଭାବେ ବଢ଼ିଯାଇଥିଲା ଯେ ରାସ୍ତା ଦେଖାଯିବା କଷ୍ଟକର ହୋଇଥିଲା। ଏପରିକି ଦିଲ୍ଲୀ ପରି ସ୍ଥିତି ମଧ୍ୟ ସୃଷ୍ଟି ହୋଇଥିଲା।

**ରାତି ଅଧ ଯାଏଁ ଫୁଟିଲା ବାଣ, ସାରା ସହର ଧୂଆଁମୟ**

**କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା ପାଇଁ ୧୦୦ ଜଣ ଭର୍ତ୍ତି**

**୩୦ ଦୁର୍ଘଟଣା, ବାଣଫୁଟି ୨୦ ଜଣଙ୍କ ଆଖିରେ ଆଘାତ**

ସେପଟେ ବାଣ ଫୁଟାଇ ୧୦୦ରୁ ଅଧିକ ଆହତ ହୋଇଛନ୍ତି। ଦିନ ୨ଟାରୁ ରାତି ୧୦ଟା ମଧ୍ୟରେ ୬୨ ଜଣ ଆହତ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଡାକ୍ତରଖାନା ପକ୍ଷରୁ ସୂଚନା ଦିଆଯାଇଛି ଯାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଏହି ସଂଖ୍ୟା ୧୦୦ ଛୁଇଁଛି। ସେହିପରି ଦୀପାବଳିକୁ ଆଖି ଆଗରେ ରଖି କ୍ୟାପିଟାଲ ହସ୍ପିଟାଲ ପକ୍ଷରୁ ଆଖି ଓପିଡି ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଲା ରହିଥିଲା। ବଳଙ୍ଗା ଅଞ୍ଚଳର ଜଣେ ୬ ବର୍ଷୀୟା ନାବାଳିକାଙ୍କ ଆଖି ବାଣ ଫୁଟି କ୍ଷତିଗ୍ରସ୍ତ ହୋଇଛି। ବାଣ ଦ୍ୱାରା ପିପିଲିର ସୌମ୍ୟରଞ୍ଜନ ନାୟକ, ଜୟଦେବ ବିହାରର ସୁମନ ମହାନ୍ତି, ଖୋର୍ଦ୍ଧାର ଲକ୍ଷ୍ମୀପ୍ରିୟା ସୋରେନ, ଗଙ୍ଗନଗରର ଲଳିତେନ୍ଦୁ ବିଦ୍ୟାଧର ସାହୁ, ଡୁମୁଡୁମାର ୪ ବର୍ଷୀୟ ଇମ୍ରାନ ଅଲ୍ଲୀଙ୍କ ଆଖି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ବାଣ ଫୁଟି ଆଖି କ୍ଷତିଗ୍ରସ୍ତ ହୋଇଥିବା ପ୍ରାୟ ୨୦ ଜଣ କ୍ୟାପିଟାଲ ହସପିଟାଲକୁ ଚିକିତ୍ସା ପାଇଁ ଆସିଛନ୍ତି। ଅନେକଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇ ଘରକୁ ପଠାଇ ଦିଆଯାଇଥିଲା। କେତେକ ଗୁରୁତର ଏବେବି ଚିକିତ୍ସାଧୀନ ଥିବାବେଳେ ଆଉ କିଛିଙ୍କୁ ଅନ୍ୟ ଡାକ୍ତରଖାନାକୁ ରେଫର କରାଯାଇଛି।

## ସରିଲା ଦୀପାବଳି; ରହିଗଲା ଆବର୍ଜନା

ସରିଲା ଦୀପାବଳି। ରାଜଧାନୀର ଗଳିକନ୍ଦିଠାରୁ ଆରମ୍ଭ କରି ପ୍ରମୁଖ ଅଞ୍ଚଳରେ ବାଣ ଫୁଟାଇଥିଲେ ସହରବାସୀ। ପ୍ରାୟ ୫ କୋଟି ଟଙ୍କାର ବାଣ ବିକ୍ରି ହୋଇଥିବା ବେଳେ ମଙ୍ଗଳବାର ସକାଳୁ ସକାଳୁ ରାଜଧାନୀର ଗଳିକନ୍ଦିରେ ପଡ଼ିଥିଲା କୁଢ଼କୁଢ଼ ଦୀପାବଳି ଆବର୍ଜନା। ବିଶେଷକରି ୟୁନିଟ୍-୬ର କ୍ୟାପିଟାଲ ହସ୍ପିଟାଲ ପଛପାଖ ରାସ୍ତା, ବାପୁଜୀ ନଗର, ପଳାଶୁଣି, ଚକେଇସିଆଣି, ଚନ୍ଦ୍ରଶେଖରପୁର, ପଟିଆ, ଖଣ୍ଡଗିରିରେ ବିଭିନ୍ନ ଗଳି ରାସ୍ତାରେ ଏଭଳି ଅଳିଆ ପଡ଼ି ରହିଥିବା ଦେଖିବାକୁ ମିଳିଥିଲା।

କେତେକ ସ୍ଥାନରେ ବିଏମ୍‌ସି ପକ୍ଷରୁ ଆବର୍ଜନାଗୁଡ଼ିକ ଉଠାଯାଇଥିବା ବେଳେ ଅଧିକାଂଶ ସ୍ଥାନରେ ଗଦା ହୋଇ ରହିଥିଲା ଆବର୍ଜନା। କ୍ଷତିକାରକ ଦୀପାବଳି ଅପଚୟ ମଧ୍ୟରେ ରହିଛି ବାଣରୁ ବାହାରୁଥିବା ପ୍ଲାଷ୍ଟିକ୍, କାଗଜ, ସୀସା, ବେରିୟମ୍ ଏବଂ ଷ୍ଟ୍ରୋଣ୍ଟିୟମ୍ ପରି ଧାତୁ। ଯାହା ବାୟୁ ଏବଂ ମାଟି ପ୍ରଦୂଷଣର କାରଣ ହୁଏ, ଏବଂ ଅବିଘଟନଶୀଳ ସାଜସଜ୍ଜା ସାମଗ୍ରୀ ମଧ୍ୟ ଅନ୍ତର୍ଭୁକ୍ତ। ଏହି ଅପଚୟକୁ ପୋଡ଼ିବା ଦ୍ୱାରା କାର୍ବନ ମନୋକ୍ସାଇଡ୍, ନାଇଟ୍ରୋଜେନ୍ ଅକ୍ସାଇଡ୍, ସଲ୍‌ଫର ଡାଇଅକ୍ସାଇଡ୍ ଏବଂ ଅସ୍ଥିର ଜୈବ ଯୌଗିକ ପରି ବିଷାକ୍ତ ଗ୍ୟାସ ନିର୍ଗତ ହୁଏ ବୋଲି କହିଛନ୍ତି ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି।

**ବିପଦରେ ଗାଈଗୋରୁ, ବୁଲା କୁକୁର**



ରାଜଧାନୀ ରାସ୍ତାଘାଟରେ ପଡ଼ିଥିବା ଆବର୍ଜନାଗୁଡ଼ିକୁ ଗାଈଗୋରୁ ଖାଉଥିବା ଦେଖିବାକୁ ମିଳିଥିଲା। କ୍ଷତିକାରକ ରାସାୟନିକ ପଦାର୍ଥ, ଧାତୁଆ ଜିନିଷ ଏବଂ ଅପଚୟକାରୀ ପ୍ଲାଷ୍ଟିକ ଯୋଗୁଁ ଦୀପାବଳିର ଅଳିଆ ସାମଗ୍ରୀ ଗାଈ ଏବଂ କୁକୁରଙ୍କ ପାଇଁ ଅତ୍ୟନ୍ତ ବିପଦପୂର୍ଣ୍ଣ। ପାର୍ବଣ ଋତୁରେ ପ୍ରଚୁର ପରିମାଣର ଅଳିଆ ଉତ୍ପାଦିତ ହୁଏ ଯାହାକୁ ସଠିକ୍ ପୃଥକୀକରଣ ବିନା ଫିଙ୍ଗାଯାଇଥିବାରୁ ତହା ବୁଲା କୁକୁର ଏବଂ ଗୋରୁଙ୍କ ପାଇଁ ବିପଦ ସୃଷ୍ଟି କରିବାର ଆଶଙ୍କା ରହିଛି।

ଏଥିରେ ଥିବା ପୋଡ଼ା ବାରୁଦ ମିଶା କାଗଜ ବୁଲାଗୋରୁମାନେ ଖାଉଥିବାରୁ ଆଗାମୀଦିନରେ ସେମାନେ ବିଭିନ୍ନ ପେଟରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ବିଶେଷକରି ରାଜଧାନୀର ଗଳିକନ୍ଦିରେ ବୁଲୁଥିବା ଷଣ୍ଢଗୁଡ଼ିକ ଏଭଳି ବିଷାକ୍ତ କାଗଜ ଏବଂ ଆବର୍ଜନା ଖାଇବା ଦ୍ୱାରା ସେମାନେ ବିପଜ୍ଜନକ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଏମିତି କି ଅନେକ କ୍ଷେତ୍ରରେ ଷଣ୍ଢଙ୍କ ମୃତ୍ୟୁ ହେବାର ଆଶଙ୍କା ରହିଛି ବୋଲି ପ୍ରାଣୀପ୍ରେମୀମାନେ ମତ ଦେଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଫୁଲଝରି ଭଳି ଅନେକ ବାଣ ରହିଛି ଯେଉଁଥିରେ ଲୁହା ତାର ବ୍ୟବହାର ହୋଇଥାଏ। ଆବର୍ଜନା ସହ ମିଶି ରହିଥିବା ଏହା ଲୁହାଗୁଡ଼ିକ ଗୋରୁଙ୍କ ପାଟି, ଅନ୍ତଃନଳୀ ଏବଂ ପେଟରେ କ୍ଷତ ସୃଷ୍ଟି କରିଥାଏ।

ସେହିଭଳି ରାଜଧାନୀର ବିଭିନ୍ନ ରାସ୍ତା ଘାଟରେ ବୁଲୁଥିବା ବୁଲାକୁକୁରମାନେ ଏଭଳି ବିଷାକ୍ତ ଆବର୍ଜନା ଦ୍ୱାରା ଶିକାର ହେବାର ଆଶଙ୍କା ରହିଛି। ବିଭିନ୍ନ ଆବର୍ଜନାଗୁଡ଼ିକରେ ନିଆଁ କୁହୁଳୁଥିବାରୁ ତାହା ଯେକୌଣସି ସମୟରେ ଅଗ୍ନିସଂଯୋଗ ହୋଇ ଦରଫୁଟା ବାଣଗୁଡ଼ିକ ଫୁଟିବାର ଆଶଙ୍କା ରହିଛି। ଏହାଦ୍ୱାରା କେବଳ କୁକୁର ନୁହନ୍ତି ଗାଈଗୋରୁ ମଧ୍ୟ କ୍ଷତିଗ୍ରସ୍ତ ହୋଇପାରନ୍ତି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ରାସ୍ତାକଡ଼ରେ ପଡ଼ି ରହିଥିବା ଦୀପାବଳି ଆବର୍ଜନାରେ ଥିବା ବାରୁଦ ଏବଂ ପୋଡ଼ା ବାରୁଦ ମାଟିରେ ମିଶିବା ଦ୍ୱାରା ମୃତ୍ତିକାକୁ ବ୍ୟାପକ କ୍ଷତି ପହଞ୍ଚାଇବାରେ। ଦୀପାବଳି ସମୟରେ ପୃଥିବୀକୁ କ୍ଷତି ପହଞ୍ଚାଉଥିବା କ୍ଷତିକାରକ ଅପଚୟ ଏବଂ ପ୍ରଦୂଷଣ ମୁଖ୍ୟତଃ ଫୋଟକା, ଅବିଘଟନଶୀଳ ସାଜସଜ୍ଜା ଏବଂ ଅତ୍ୟଧିକ ଅପଚୟ ଉତ୍ପାଦନରୁ ଆସିଥାଏ। ଏହା ବାୟୁ, ଜଳ ଏବଂ ଶବ୍ଦ ପ୍ରଦୂଷଣ ସୃଷ୍ଟି କରେ ଯାହା ପରିବେଶ ଏବଂ ଜୀବଜଗତ ଉପରେ ସ୍ଥାୟୀ ପ୍ରଭାବ ପକାଇବାର ଆଶଙ୍କା ରହିଛି ବୋଲି ପରିବେଶବିତ୍‌ମାନେ ମତପୋଷଣ କରିଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ଯୁବତୀ ମୃତ

ଭୁବନେଶ୍ୱର, ୨୧।୧୦ (ସମିସ): ଦୀପାବଳିରେ ଜାତୀୟ ରାଜପଥରେ ଦୁର୍ଘଟଣା ଘଟିଛି। ଅଜଣା ଗାଡ଼ି ଧକ୍କାରେ ଯୁବତୀ ପ୍ରାଣ ହରାଇଛନ୍ତି। ମୃତା ଯୁବତୀ ହେଉଛନ୍ତି ଖଣ୍ଡଗିରି ବରବାରି ଅଞ୍ଚଳରେ ରହୁଥିବା ବାଙ୍କୀ ଥାନା ପାଟପୁରର ଲିଜା ରଣା (୨୨)। ଦୁର୍ଘଟଣାରେ ଲିଜାଙ୍କ ପୁରୁଷ ବନ୍ଧୁ ତଥା ଭଞ୍ଜନଗର ଥାନା ଲାଲ୍ ସିଂ ଗାଁର ରୂପମ୍ ସ୍ୱାଇଁ ଗୁରୁତର ହୋଇଛନ୍ତି।

ଅଭିଯୋଗ ଅନୁଯାୟୀ, ଜାଗମରା ଅଞ୍ଚଳରେ ରହୁଥିବା ରୁପମ୍ ଓ ଲିଜା ସ୍କୁଟି ଯୋଗେ ଭୁବନେଶ୍ୱରରୁ ଖୋର୍ଦ୍ଧା ଆଡ଼କୁ ଯାଉଥିଲେ। ଲିଜା ସ୍କୁଟି ଚଳାଉଥିବା ବେଳେ ରୁପମ୍ ପଛରେ ବସିଥିଲେ। ତମାଣ୍ଡୋ ପେଟ୍ରୋଲ ପମ୍ପ ନିକଟରେ ପାଇଥିବା ବେଳେ ଏକ ଅଜଣା ଗାଡ଼ି ତାଙ୍କୁ ପଛରୁ ଧକ୍କା ଦେଇଥିଲା। ଫଳରେ ଲିଜା ଓ ରୁମ୍ ଗାଡ଼ିରୁ ଛିଟିକି ପଡ଼ିଥିଲେ। ଉଭୟଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ଘଟଣାସ୍ଥଳରେ ଲିଜା ପ୍ରାଣ ହରାଇଥିଲେ। ଖବରପାଇ ତମାଣ୍ଡୋ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ କ୍ୟାପିଟାଲ ହସପିଟାଲରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ଲିଜାଙ୍କୁ ମୃତ ଘୋଷଣା କରିଥିଲେ। ଲିଜାଙ୍କ ବାପା ବିଜୟ ରଣାଙ୍କ ଅଭିଯୋଗ ଆଧାରରେ ତମାଣ୍ଡୋ ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା।

ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ରୂପମ୍ ଚିକିତ୍ସା ପରେ ଡିସଚାର୍ଜ ହୋଇଥିଲେ ମଧ୍ୟ ତାଙ୍କ ଅବସ୍ଥା ଗୁରୁତର ରହିଛି। ଦୁର୍ଘଟଣାଗ୍ରସ୍ତ ସ୍କୁଟିକୁ ଜବତ କରିଥିବାବେଳେ ଧକ୍କା ଦେଇଥିବା ଗାଡ଼ିକୁ ଚିହ୍ନଟ କରିବା ପାଇଁ ସିସିଟିଭି ଫୁଟେଜ ଯାଞ୍ଚ କରୁଛି।

## ରାସ୍ତାରେ ଯୁବତୀଙ୍କୁ ଅସଦାଚରଣ; ଜଣେ ଅଟକ

ଭୁବନେଶ୍ୱର, ୨୧।୧୦ (ସମିସ): ରାଜଧାନୀ ଦୀପାବଳି ପାଳୁଥିବା ବେଳେ ରାସ୍ତାରେ ଯୁବତୀଙ୍କୁ ଅସଦାଚରଣ ହୋଇଛି। ଡମଣା ଛକରେ ଏଭଳି ଘଟଣା ଘଟିଥିବା ବେଳେ ଅଭିଯୁକ୍ତଙ୍କୁ ଅଟକ ରଖିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ।

ମିଳିଥିବା ସୂଚନା ଅନୁଯାୟୀ, ସୋମବାର ସନ୍ଧ୍ୟାରେ ଯୁବତୀ ଜଣକ ଚାଲି ଚାଲି ଯାଉଥିବା ବେଳେ ଜଣେ ଯୁବକ ତାଙ୍କୁ ରାସ୍ତାରେ ଅଟକାଇଥିଲା। ହଠାତ୍ ଯୁବତୀଙ୍କୁ ଟଣାଓଟରା କରିବା ସହ ଉଠାଇ ନେବାକୁ ଉଦ୍ୟମ କରିଥିଲା। କିଛି ସମୟ ପର୍ଯ୍ୟନ୍ତ ଧସ୍ତାଧସ୍ତି ଚାଲିଥିବା ବେଳେ ଯୁବତୀଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଏକାଠି ହୋଇ ଯାଇଥିଲେ। ଅସାମାଜିକ ଯୁବକକୁ କାବୁକରି ପୁଲିସକୁ ହସ୍ତାନ୍ତର କରିଥିଲେ। ଖବରପାଇ ଚନ୍ଦ୍ରଶେଖରପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଯୁବତୀଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରିଛି ପୁଲିସ। ଅଟକ ଯୁବକକୁ ଆସନ୍ତାକାଲି କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ କହିଛି।



## ବିନ୍ଦୁ ସାଗର କୂଳରେ ପୟା ଶ୍ରାଦ୍ଧ

ଭୁବନେଶ୍ୱର, ୨୧।୧୦(ସମିସ): ପବିତ୍ର ପୟା ଶ୍ରାଦ୍ଧ ଓ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପୂଜା କରି ବଡ଼ବଡୁଆ ଡାକ ପାଇଁ ଦୀପାବଳିରେ ଏକାମ୍ର କ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ବିନ୍ଦୁସାଗର କୂଳ ଓ ଶ୍ରୀରାମନଗର ସ୍ଥିତ ସୂକ୍ଷ୍ମେଶ୍ୱର ମନ୍ଦିର ନିକଟରେ ଶ୍ରଦ୍ଧାଳୁମାନେ ତାଙ୍କ ପିତୃପୁରୁଷ ଓ ମାମୁଘରର ତିନି ପୁରୁଷକୁ ଏହି ପିଣ୍ଡଦାନ କରିଥିଲେ। ଏଥିପାଇଁ ବିନ୍ଦୁସାଗର କୂଳରେ ଧାଡ଼ି ହୋଇ ବ୍ରାହ୍ମଣମାନେ ରହି ପୂଜା କାର୍ଯ୍ୟ କରିଥିଲେ। ଏହି ସ୍ଥାନରେ ପିଣ୍ଡଦାନ କଲେ ପରଲୋକଗତ ଆତ୍ମାର ସଦ୍‌ଗତି ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଶ୍ରଦ୍ଧାଳୁମାନେ ଭୋର୍‌ରୁ ଆସି ଶ୍ରାଦ୍ଧ ଅର୍ପଣ କରିଥିଲେ। ବିନ୍ଦୁସାଗର ଦକ୍ଷିଣ ପୂର୍ବ ଘାଟଠାରୁ ଉତ୍ତରେଶ୍ୱର ଘାଟ ପର୍ଯ୍ୟନ୍ତ ବହୁ ପୁରୁଷ ଓ ମହିଳାଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା। ସେହିପରି ଦୀପାବଳି ଅମାବାସ୍ୟା ଉପଲକ୍ଷେ ବଡ଼ବଡୁଆଙ୍କୁ ଡାକିବା ପାଇଁ ବିନ୍ଦୁସାଗର କୂଳ ଓ ଶ୍ରୀଲିଙ୍ଗରାଜ ମନ୍ଦିରରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସକାଳ ୯ଟାରୁ ବିନ୍ଦୁ ସାଗର କୂଳରେ ପିତୃପୁରୁଷଙ୍କୁ ପୟା ଶ୍ରାଦ୍ଧ ଦେବାକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ସେହିପରି ସୂର୍ଯ୍ୟାସ୍ତ ପରେ ଶ୍ରଦ୍ଧାଳୁମାନେ କାଉଁରିଆ କାଠି ଓ ବିଭିନ୍ନ ପୂଜା ସାମଗ୍ରୀ ଆଣି ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ବଡ଼ବଡୁଆ ହୋ... ଡାକିଥିଲେ। ଏହି ଅବସରରେ ପ୍ରାୟ ୫ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ସୂଚନା ରହିଛି।

## ଦୁର୍ଘଟଣାରେ ସ୍କୁଟି ଆରୋହୀ ମୃତ

ଭୁବନେଶ୍ୱର, ୨୧।୧୦ (ସମିସ): ମଙ୍ଗଳବାର ରାତିରେ ୟୁନିଟ୍ ୨ ଅଞ୍ଚଳରେ ଏକ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ଜଣେ ସ୍କୁଟି ଆରୋହୀ ମୃତ୍ୟୁବରଣ କରିଛନ୍ତି। ମୃତକ ହେଉଛନ୍ତି ସ୍ଥାନୀୟ ଅଞ୍ଚଳର ସିପୁନ।

ସୂଚନା ଅନୁସାରେ, ସିପୁନ ଏକ ସ୍କୁଟି ଯୋଗେ ଘରକୁ ଫେରୁଥିଲେ। ୟୁନିଟ୍ ୨ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରେ ଭାରସାମ୍ୟ ହରାଇ ଏକ ଗଛରେ ଧକ୍କା ଦେଇଥିଲେ। ଫଳରେ ଘଟଣାସ୍ଥଳରେ ଅଚେତ ହୋଇ ପଡ଼ିଥିଲେ। ଖବରପାଇ କ୍ୟାପିଟାଲ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ସିପୁନଙ୍କୁ କ୍ୟାପିଟାଲ ହସପିଟାଲରେ ଭର୍ତ୍ତି କରିଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସିପୁନଙ୍କ ମୃତଦେହ ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ଆସନ୍ତାକାଲି ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ କହିଛି।

## ଡକାୟତି ଉଦ୍ୟମ ପଣ୍ଡକଲା ପୁଲିସ

ହଂସପାଳ, ୨୧।୧୦(ସମିସ): ବିଳମ୍ବିତ ରାତିରେ ଡକାୟତ ଉଦ୍ୟମ ଯୋଜନା ପଣ୍ଡ କରିଛି ପାହାଳ ଥାନା ପୁଲିସ। ସଦର ଥାନା ଗୋବସ୍ତର ସୌକତ ଅଲୀ(୨୩), ପାହାଳ ଥାନା ତ୍ରିନାଥ ବଜାର ବଙ୍ଗାଳୀ ସାହିର ରଞ୍ଜନ ମଣ୍ଡଳ(୨୧), ରାକେଶ ମିର୍ଦ୍ଧା(୨୪)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ପାହାଳ ଥାନା ପୁଲିସ ରାତ୍ରିକାଳୀନ ପାଟ୍ରୋଲିଂ ନଖରା ଅଞ୍ଚଳରେ କରୁଥିବା ସମୟରେ ବିଶେଷ ସୂତ୍ରରୁ ସୂଚନା ପାଇଥିଲେ ଯେ ପଞ୍ଚବଟୀ ମେଲଣ ପଡ଼ିଆ ନିକଟରେ କିଛି ଦୁର୍ବୃତ୍ତ ଡକାୟତି ପାଇଁ ଏକାଠି ହୋଇ ଯୋଜନା ପ୍ରସ୍ତୁତ କରୁଛନ୍ତି। ସଙ୍ଗେ ସଙ୍ଗେ ପେଟ୍ରୋଲିଂରେ ଥିବା ପାହାଳ ଥାନା ସବ ଇନ୍ସପେକ୍ଟର ଅମିୟ କୁମାର ମଲ୍ଲିକ ଡକାୟତ ଙ୍କ ଆଡାସ୍ଥଳୀ ଉପରେ ଚଢାଉ କରିଥିଲେ। ପୁଲିସକୁ ଦେଖି ୫ ଜଣ ଅପରାଧୀ ଘଟଣାସ୍ଥଳରୁ ଅଟୋରିକ୍ସା ଛାଡ଼ି ଦୌଡ଼ିବା ବେଳେ ୩ ଜଣଙ୍କୁ ପୁଲିସ ମାଡ଼ି ବସିଥିଲା ଏବଂ ଅନ୍ୟ ୨ ଜଣ ଖସି ପଳାଇଥିଲେ। ଥାନାରେ ଅଭିଯୁକ୍ତଙ୍କୁ ପଚରାଉଚରା ସମୟରେ ଅନ୍ୟ ୨ ପଳାତକ ଅପରାଧୀଙ୍କ ନାମ ପ୍ରକାଶ କରିଥିଲେ ଯେ ସେମାନେ ବାଲିଅନ୍ତା ଥାନା କାକରୁଦ୍ରପୁରର ଅନିଲ ପରିଡ଼ା ଏବଂ ତାଙ୍କ ଜଣେ ସହଯୋଗୀ ଥିଲେ। ଅଟୋରିକ୍ସା ଭିତରୁ ପୋଲିସ ବହୁ ମାରଣାସ୍ତ୍ର ସହ ମଦ ବୋତଲ, ଲଙ୍କା ଗୁଣ୍ଡ, ଲୁହା ପ୍ଲେଟ ଜବତ କରିଛି। ଅନ୍ୟ ୨ ଜଣଙ୍କୁ ବହୁ ଜଲ୍‌ଦୀ ଗିରଫ କରାଯିବ ବୋଲି ପାହାଳ ଥାନା ଅଧିକାରୀ ଅଶ୍ୱିନୀ ଜେନା ସୂଚନା ଦେଇଛନ୍ତି।



**ସେକ୍ସ ରାକେଟ ଠାବ ଘଟଣା**

# ଗୁମର ଖୋଲିବ 'ନାଲି ଡାଏରୀ'

ଭୁବନେଶ୍ୱର, ୨୧।୧୦ (ସମିସ): ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ଦୁଷ୍କର୍ମ ଘଟଣାରୁ ସେକ୍ସ ରାକେଟ ଠାବ ହେବା ଘଟଣାରେ ଗୁମର ଖୋଲିବାରେ ଲାଗିଛି। ଦୁଷ୍କର୍ମ ଓ ସେକ୍ସ ରାକେଟ ଘଟଣାରେ ସାଙ୍ଘାତିକ ତଥ୍ୟ ପୁଲିସ ହାତରେ ଲାଗିଛି। ସେକ୍ସ ରାକେଟ ଠାବ ହୋଇଥିବା ଯାଜ୍ଞସେନୀ ନିବାସରେ ସୋମବାର ପୁଲିସ ଚଢ଼ଉ କରି ନାଲି ଡାଏରୀ ଜବତ କରିଛି। ଜବତ ଡାଏରିରେ ପ୍ରଭାବଶାଳୀ ବା ହାଇପ୍ରୋଫାଇଲ୍ ଲୋକଙ୍କ ନାମ ରହିଛି। ଠିକାଦାର, ସୁନା ଦୋକାନୀ ଠାରୁ ଆରମ୍ଭ କରି ଖଣି ମାଲିକ ଓ ପ୍ରତିଷ୍ଠିତ ବ୍ୟବସାୟୀଙ୍କ ନାମ ମଧ୍ୟ ସେହି ଡାଏରୀରେ ରହିଛି। ଡାଏରୀରେ ଡାକ ନାମ ଲେଖା ଥିବାରୁ ଗରାଖଙ୍କୁ ଚିହ୍ନଟ କରିବା ପୁଲିସ ପାଇଁ କାଠିକର ପାଠ ହୋଇଛି। ହେଲେ ସେଥିରୁ କିଛି ନମ୍ବର ଯାଞ୍ଚ କରି ସେମାନେ ପ୍ରଭାବଶାଳୀ ବୋଲି ପୁଲିସ ଜାଣିବାକୁ ପାଇଛି। ଜବତ ଡାଏରି ଯୌନ ପିପାସୁଙ୍କ ଗୁମର ଖୋଲିବ ବୋଲି ପୁଲିସ ଆଶା କରୁଛି। ଘଟଣାରେ ମୋଟ ୪ ଜଣ ଗିରଫ ହୋଇଥିଲେ ମଧ୍ୟ ମାଷ୍ଟର ମାଇଣ୍ଡ ଏଯାଏଁ ଧରା ପଡ଼ିନାହିଁ। ବାରିକ ବାବୁ ହିଁ ସେକ୍ସ ରାକେଟର ମୁଖ୍ୟ କାର୍ପଟଦାର ବୋଲି ପୁଲିସ ଜାଣିବାକୁ ପାଇଛି। କିଏ ସେହି ବାରିକ ବାବୁ? ବାରିକ ବାବୁ ହିଁ ସର୍ବେସର୍ବା ନାଁ ତାଙ୍କ ପଛରେ ଆଉ କେହି ବସ୍‌ଅଛନ୍ତି? ଏଭଳି କେତୋଟି ପ୍ରଶ୍ନକୁ ନେଇ ପୁଲିସର? ତଦନ୍ତ ଆଗକୁ ବଢୁଛି।

ତଦନ୍ତ ଯେତିକି ଆଗକୁ ବଢୁଛି, ସେତିକି ନୂଆ ନୂଆ କଥା ପଦାକୁ ଆସୁଛି। ନୂଆବର୍ଷକୁ ଦେଶ ବାହାର ଦେହଜୀବୀଙ୍କୁ ଆଣି ଦେହ ବ୍ୟବସାୟରେ ନିୟୋଜିତ କରାଯାଉଥିବା ବୋଲି ଜଣାପଡ଼ିଛି। ଥାଇଲାଣ୍ଡ, ବାଂଲାଦେଶ, ନେପାଳ ଆଦି ଦେଶରୁ ରୂପଜୀବୀ ଆସୁଥିବା ନେଇ ସୂଚନା ମିଳିଛି। ନୂଆବର୍ଷ, ବଡ଼ଦିନ, ଦଶହରା ବେଳେ ଯାଜ୍ଞସେନୀ ନିବାସ ଆଗରେ ବଡ଼ ବଡ଼ ଗାଡ଼ି ଲାଗୁଥିଲା। ଛୋଟ ଛୋଟ ଗ୍ରାହକମାନେ ଯାଜ୍ଞସେନୀ ନିବାସରେ ଯୌନ କ୍ଷୁଧା ମେଣ୍ଟାଉଥିବା ବେଳେ ବଡ଼ବଡ଼ିଆ ବିଦେଶିନୀଙ୍କୁ ନେଇ ପୁରୀ, ଗୋପାଳପୁର ଆଦି ଅଞ୍ଚଳକୁ ଯାଉଥିଲେ। ସେହିପରି ରାଜ୍ୟ ବାହାର ଦେହଜୀବୀଙ୍କୁ ଆଣି ମୋଟା ଅଙ୍କର ଟଙ୍କା ରୋଜଗାର କରୁଥିଲା ମାଷ୍ଟରମାଇଣ୍ଡ। ବାରିକ ବାବୁ ଏଇ ଗୋଟିଏ ସ୍ଥାନରେ ନୁହେଁ, ବରଂ ଆହୁରି ଏକାଧିକ ସ୍ଥାନରେ ସେକ୍ସ ରାକେଟ ଚଳାଉଥିବା କଥା ସାମ୍ନାକୁ ଆସିଛି। ଜଗନ୍ନାଥ ନଗର ଅଞ୍ଚଳରେ ମଧ୍ୟ ଦୁଇଟି ଘରେ ଦେହ ଧନ୍ଦା ଚାଲିଥିବା ତଥ୍ୟ ପୁଲିସ ହାତରେ ଲାଗିଛି।



**■ ରାଜଧାନୀରେ ମିଳୁଥିଲା ଥାଇଲାଣ୍ଡ ମଜା**
**■ ଗରାଖଙ୍କ ତାଲିକା ଦେଖି ପୁଲିସ ଜଲକା**
**■ କୁଆଡ଼େ ଗଲେ ବାରିକ ବାବୁ**

ସେପଟେ ଦୀର୍ଘ ୫ ବର୍ଷ ହେବ ଏଠାରେ ସେକ୍ସ ରାକେଟ ଚାଲିଥିବା କଥା ସାମ୍ନାକୁ ଆସିଛି। ସ୍ଥାନୀୟ ଲୋକମାନେ ପୂର୍ବରୁ ସ୍ଥାନୀୟ ଆଇଆଇସିଙ୍କ ଠାରୁ ଆରମ୍ଭ କରି ପୁଲିସ କମିସନରଙ୍କ ପର୍ଯ୍ୟନ୍ତ ଦ୍ୱାରସ୍ଥ ହୋଇଥିଲେ। ସେକ୍ସ ରାକେଟ ଚାଲିଥିବା ନେଇ ୫୦୦ ଦସ୍ତଖତ ସମ୍ବଳିତ ଅଭିଯୋଗ ପତ୍ର ଦାଖଲ କରିଥିଲେ। ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ୍ୟ ପୁଲିସ ଶୁଣୁ ନ ଥିଲା ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ ଆସିବା ପୁଲିସର ଭୂମିକାକୁ ସନ୍ଦେହ ଘେରକୁ ଟାଣି ଆଣିଛି। ପୁଲିସ କାହିଁକି ଅନୁକମ୍ପା ଦେଖାଉଥିଲା ତାକୁ ନେଇ ପ୍ରଶ୍ନ ଉଠିଛି।

ଗତ ଶନିବାର ସେକ୍ସ ରାକେଟ ଠାବ ହେବା ପରେ ଯାଜ୍ଞସେନୀ ନିବାସର ବିଭିନ୍ନ ରୁମକୁ ସିଲ୍ କରିଥିଲା ପୁଲିସ। ହେଲେ ମୁଖ୍ୟ ଦ୍ୱାରକୁ ସେମିତି ଛାଡ଼ି ଦେଇଥିଲା। ଫଳରେ ପୁଲିସ ଯିବାପରେ କିଛି ଲୋକ ଆସି ଘର ଭିତରୁ ବିଭିନ୍ନ ସାମଗ୍ରୀ ବୋହି ନେଇଥିଲେ। ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ସ୍ଥାନୀୟ ଲୋକେ ଦାବି କରିବା ପରେ ପୁଲିସ କୋଠାକୁ ସିଲ୍ କରିଛି। ଏଥିସହିତ କୋଠାକୁ ତୁରନ୍ତ ବେଶ୍ୟାଳୟ ଘୋଷଣା କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ସେପଟେ ଦେହ ବେପାରୀଙ୍କ ପାଇଁ ସୁରକ୍ଷିତ ସ୍ଥାନ ପାଲଟିଛି ରାଜଧାନୀ। କିଛି ଦିନ ପୂର୍ବେ ଦେହ ବ୍ୟବସାୟରେ ଲିପ୍ତ ଥିବା ବଙ୍ଗୀୟ ଯୁବତୀଙ୍କୁ କଟକରୁ ଧରିଥିଲା ପୁଲିସ। ବାଂଲାଦେଶ ଯୁବତୀଙ୍କ ସମ୍ପୃକ୍ତ ଆସିବା ପରେ ଏନ୍‌ଆଇଏ ସେହି ମାମଲାର ତଦନ୍ତ କରୁଥିବା ବେଳେ ରାଜଧାନୀରୁ ହାଇପ୍ରୋଫାଇଲ ସେକ୍ସ ରାକେଟ ଠାବ ହୋଇଛି।

## ଓସିଏସ୍ ପାଇଥିବା ଛାତ୍ରଙ୍କୁ ସମ୍ବର୍ଦ୍ଧନା



**ସୁକିନ୍ଦା,୨୧।୧୦(ସମିସ):** ଚଳିତ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ୩୪୯ ରାଙ୍କରେ କୃତକାର୍ଯ୍ୟ ହୋଇଥିବା ସୁକିନ୍ଦା ବ୍ଲକ ଅନ୍ତର୍ଗତ ଖରଡ଼ି ଗ୍ରାମ ସଚ୍ଚିଦାନନ୍ଦ ନାୟକଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଖରଡ଼ି ସ୍ଥିତ ଲକ୍ଷ୍ମୀନାରାୟଣ ଉଚ୍ଚ ପ୍ରାଥମିକ ସରକାରୀ ବିଦ୍ୟାଳୟରେ ସଚ୍ଚିଦାନନ୍ଦ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମଣ୍ଡଳ ଉପଶିକ୍ଷାଧିକାରୀ ପ୍ରେମାଞ୍ଜଳି ନାୟକ, ଅମୂଲ୍ୟକୃଷ୍ଣ ମିଶ୍ର, ପ୍ରଫୁଲ୍ଲ କୁମାର ଦାସସାମନ୍ତ, ତ୍ରିଲୋକାନ ବରାଳ, ଅଲେଖ ପ୍ରସାଦ ପାଗଡ଼, ଗୋଲେଖ ପ୍ରଧାନ, ସିଆର୍‌ସିସି ସନ୍ତୋଷ ସାଗର ସାହୁ ପ୍ରମୁଖ ଉପସ୍ଥିତ ରହି ପୂର୍ବତନ ଛାତ୍ର ସଚ୍ଚିଦାନନ୍ଦଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଆଜି ପ୍ରେସ୍ କ୍ଲବ୍ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

**ବ୍ୟାସନଗର,୨୧।୧୦(ସମିସ):** ପ୍ରେସ୍ କ୍ଲବ ଯାଜପୁର ରୋଡ ଏବଂ ଉତ୍କଳ ହସ୍ପିଟାଲ ମିଳିତ ଆନୁକୂଲ୍ୟରେ ବ୍ୟାସନଗର ସହରର ବ୍ୟାସଦେବ ଟାଉନହଲ ଠାରେ ଆସନ୍ତା ବୁଧବାର ଏକ ଦିନିକିଆ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବ। ଆସନ୍ତା ୨୩ ତାରିଖ ବୁଧବାର ସକାଳ ୧୦ ଘଟିକାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ଏହି ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯିବ। ଏହି ସ୍ୱାସ୍ଥ୍ୟ ଶିବିରକୁ କୋରେଇ ବିଧାୟକ ଆକାଶ ଦାସ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିବେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ଏସ୍‌ପି ଯଶ ପ୍ରତାପ ଶ୍ରୀମଲ, ସିଡିଏମଓ ବିଜୟ କୁମାର ମିଶ୍ର, କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଶିବିରରେ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତରମାନେ ଯୋଗଦେଇ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବେ। ସାଧାରଣ ରୋଗ ଚିକିତ୍ସା ସହିତ ରକ୍ତଚାପ, ଡାଇବେଟିସ, ଶିଶୁରୋଗ, ହୃଦ୍‌ରୋଗ, ଅସ୍ଥିଶଲ୍ୟ, ଚକ୍ଷୁ ସମସ୍ୟା ଆଦିର ଚିକିତ୍ସା କରାଯିବ। ଏଥି ସକାଶେ ରୋଗୀମାନଙ୍କୁ ପ୍ରୟୋଜନୀୟ ଔଷଧ ପ୍ରେସ କ୍ଲବ ଯାଜପୁର ରୋଡ୍ ଏବଂ ଉତ୍କଳ ହସ୍ପିଟାଲ ପକ୍ଷରୁ ଯୋଗାଇ ଦିଆଯିବ। ଏଥିପାଇଁ ପ୍ରେସ୍ କ୍ଲବ ପକ୍ଷରୁ ଏହି ଶିବିରରେ ସମସ୍ତ ନାଗରିକଙ୍କୁ ଯୋଗଦେବାକୁ ଅନୁରୋଧ କରାଯାଇଛି।

## ଯୋଗ ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ଯାଜପୁର,୨୧।୧୦(ସମିସ):** ଯାଜପୁର ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ପରିସର ରେ ଆରମ୍ଭ ହୋଇଥିବା ପତଞ୍ଜଳି ଯୋଗ ସମିତି ଓ ଭାରତ ସ୍ୱାଭିମାନ ସହଯୋଗରେ ୨୫ ଦିନ ବ୍ୟାପି ଚାଲିଥିବା ଶିକ୍ଷକ ପ୍ରଶିକ୍ଷଣ ଶିବିର ସଂସ୍କୃତି ଭବନ ପରିସରରେ ଉଦ୍‌ଯାପିତ



ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିର ସକାଳେ ଓ ସନ୍ଧ୍ୟାରେ ଅନ୍ ଲାଇନ୍ ମାଧ୍ୟମରେ ପ୍ରଦାନ କରାଯାଉଥିଲା। ଆଜି ଉଦ୍‌ଯାପନୀ ଦିବସରେ ଯୋଗ ସହ ଯଜ୍ଞ ଏବଂ ପ୍ରତିଯୋଗୀମାନଙ୍କୁ ପରୀକ୍ଷା କରାଯାଇ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଯୋଗ ଓ ଆୟୁର୍ବେଦକୁ ଆଗକୁ ବଢ଼ାଇବା ସହ ରୋଗମୁକ୍ତ କରି ଜୀବନଚର୍ଯ୍ୟାକୁ ଠିକ୍ ରଖି କିପରି ରୋଗମୁକ୍ତ ହୋଇପାରିବ ସେ ସଂପର୍କରେ ପ୍ରଶିକ୍ଷକ ମାନେ ପରାମର୍ଶ ଦେଇଥିଲେ। ଏହି ଉଜ୍ଜାପନୀ ଦିବସରେ ପତଞ୍ଜଳି ଯୋଗ ସମିତି ଓଡ଼ିଶା ପ୍ରାନ୍ତର ପ୍ରଭାରୀ ରାଧାମାଧବ ବହିଦାର ଜୀ ଓ ପ୍ରାନ୍ତ କିଷାନ ସେବା ସମିତିର ମୁଖ୍ୟ ସ୍ୱାଇଁ ପ୍ରକାଶ ଜୀ ଉପସ୍ଥିତ ରହି ଯଜ୍ଞ ଥେରାପି ସହ ଯୋଗର ରହସ୍ୟ ବୁଝାଇବା ସହ ପ୍ରତିଭାଗୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରମୁଖ ମନ୍ମଥ କୁମାର ସାମଲ, ଅଧ୍ୟାପକ ବିବେକାନନ୍ଦ ଜେନା, ଯୁବା ପ୍ରଭାରୀ ଉମାକାନ୍ତ ବିଶ୍ୱାଳ, କିଷାନ ପ୍ରଭାରୀ ଧନେଶ୍ୱର ବେହେରା, ମିଡ଼ିଆ ପ୍ରଭାରୀ ଇଂ. ପ୍ରସନ୍ନ ସାହୁ ଓ ବିଭିଷଣ ନାୟକ, ବରିଷ୍ଠ ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁ, ଗୋପୀନାଥ ସେଠୀ, ସରୋଜ ଜେନା, ଦେବେନ୍ଦ୍ର ପତି, ଅନନ୍ତ କିରଣ, ଗୋବିନ୍ଦ, ଅକ୍ଷୟ ଦାସ, ସତ୍ୟ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## ମୌଲାନା ସାହେବଙ୍କ ଉର୍ସ ପାଳିତ

**ଧର୍ମଶାଳା,୨୧।୧୦(ସମିସ):** ଧର୍ମଶାଳା ବ୍ଲକ ଚୋରମୁହାଁ ଗ୍ରାମସ୍ଥିତ ପୀରବାବା ମୌଲାନା ସାହେବଙ୍କ ଉର୍ସ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ଗ୍ୟାରୁହିଁ ମାସ ୨୦ ତାରିଖ ରବିବାର ମୌଲନା ସାହେବଙ୍କ ଉର୍ସ ଅନୁଷ୍ଠିତ ହୋଇଛି। ଏହି ଉର୍ସରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଅତିଥି ଭାବେ ଯୋଗଦେଇ ମୌଲାନା ସାହେବଙ୍କ ଅସ୍ଥାନରେ ଚାଦର ଚଢ଼ାଇଥିଲେ। ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଚାଦର ଚଢ଼ାଇଥିଲେ। ଏହି ଉର୍ସରେ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ବାବାଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଦିନ ତମାମ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁରହିବା ସହିତ ସନ୍ଧ୍ୟାରେ ବିହାର, ପଶ୍ଚିମବଙ୍ଗ ଓ ଆନ୍ଧ୍ର ପ୍ରଦେଶ ସମେତ ଓଡିଶାର ବିଭିନ୍ନ ଅଞ୍ଚଳରୁ ଆସିଥିବା ମୌଲବିମାନେ ଇସଲାମ ଧର୍ମର ସାରତତ୍ତ୍ୱ ସମ୍ପର୍କରେ ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କୁ ବୁଝାଇଥିଲେ। ବିଳମ୍ବିତ ରାତ୍ରି ଯାଏଁ ଏହି କାର୍ଯ୍ୟକ୍ରମ ଚାଲିଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ସେକ ସାହାଜାନ, ସେକ ସନ୍ନାଉଲ୍ଲା, ସେକ ଅଲ୍ଲିମୁଦ୍ଦିନ ପ୍ରମୁଖ ବହୁ ସଦସ୍ୟ ପରିଚାଳନାରେ ସହାୟତା କରିଥିଲେ।

## ଯାଜପୁର ଜିଲ୍ଲା ରଗ୍‌ବି କ୍ୟାମ୍ପ ଉଦ୍‌ଘାଟିତ




**ଦଶରଥପୁର,୨୧।୧୦(ସମିସ):** ରଗ୍‌ବି ଇଣ୍ଡିଆ, ଓଡ଼ିଶା ରଗ୍‌ବି ଫୁଟବଲ ଆସୋସିଏସନ୍ ଓ ଯାଜପୁର ରଗ୍‌ବି ଫୁଟବଲ ଆସୋସିଏସନ୍‌ର ମିଳିତ ସହଯୋଗରେ ଆସନ୍ତା ନଭେମ୍ବର ୧ ତାରିଖରେ ଯାଜପୁର କୁସୁମା ନିକଟ ଫୁଟବଲ ଷ୍ଟାଡିୟମ୍‌ରେ ହେବାକୁ ଥିବା ଅସ୍ମିତା ସିଟି ରଗ୍‌ବି ଲିଗ୍ ପାଇଁ ଯାଜପୁର ଜିଲ୍ଲା ଖେଳାଳି ଚୟନ ତଥା ଖେଳାଳି ଉନ୍ନତିକରଣ ଶିବିର ଆଜି ମୁଖ୍ୟଅତିଥି ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ଦାସଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ସଭାପତି ନାରାୟଣ ସାହୁ ଓ ସମ୍ପାଦକ ଭରତ ସାହୁଙ୍କ ତତ୍ତ୍ୱାବଧାନରେ ଦଶରଥପୁର ହାଇସ୍କୁଲ ସ୍ଥିତ ଦିଲୀପ ତିର୍କି ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଆୟୋଜିତ ଶିବିର ୭ ଦିନ ଧରି ଚାଲିବ। ଶିବିରକୁ ରାଜ୍ୟ କୋଚ୍ ଓ ରେଫରୀ ଅଜୟ ପ୍ରଧାନ, ଲୋକନାଥ ସାହୁ, ବିଘ୍ନେଶ୍ୱର ମଲ୍ଲିକ ବିଶାଳ ଚୌଧୁରୀ ଓ ବରିଷ୍ଠ କ୍ରୀଡ଼ାବିତ ବାସୁଦେବ ତରାଇ, ଜ୍ୟୋତିପ୍ରକାଶ ସାହୁ, ଲିଲି ରାଣୀ ବେହେରା, ବିଷ୍ଣୁପ୍ରିୟା ମିଶ୍ର, କମ୍ମନଥ ବେହେରା ପ୍ରମୁଖ ଶିବିରକୁ ପରିଚାଳନା କରିବେ ବୋଲି ସମ୍ପାଦକ ଭରତ ସାହୁ ସୂଚନା ଦେଇଛନ୍ତି।

## ଭିନ୍ନକ୍ଷମଙ୍କୁ ସହାୟତା

**କୁଆଖିଆ,୨୧।୧୦(ସମିସ):** ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବିପଦର ବନ୍ଧୁ ପରିବାର ଚାରିଟେବୁଲ ଟ୍ରଷ୍ଟ ତରଫରୁ ରସୁଲପୁର ବ୍ଲକ ବାରବାଟୀ ପଞ୍ଚାୟତ ଅନ୍ତର୍ଗତ ଫୁଲାଡି ଗ୍ରାମର ଶାରୀରିକ ଭିନ୍ନକ୍ଷମ କୃଷ୍ଣଚନ୍ଦ୍ର ସାହୁଙ୍କ ପରିବାରକୁ ରାସନ ସାମଗ୍ରୀ ସହିତ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ସମ୍ପାଦକ ଗୋପାଳ ପାତ୍ର, କୋଷାଧ୍ୟକ୍ଷ ଭଗବାନ ଦାଶ, ପ୍ରତିଷ୍ଠାତା ନିହାର ରଞ୍ଜନ ଆଚାର୍ଯ୍ୟ, କାର୍ଯ୍ୟକାରୀ ସଭାପତି ପ୍ରଦୀପ ସାମଲ, ସାଂଗଠନିକ ସମ୍ପାଦକ ଡ. ବସନ୍ତ କୁମାର ପଣ୍ଡା, ବସନ୍ତ କୁମାର ଶତପଥୀ, କୁଳମଣୀ ନାୟକ, ସୁଦାମ ଚରଣ ଦାସ, ପ୍ରଭାସିନୀ ମଲ୍ଲ, ସନ୍ତୋଷ ନାୟକ, ପ୍ରଶାନ୍ତ ସ୍ୱାଇଁ, ସନ୍ତୋଷ ଦାସ, ସତ୍ୟନାରାୟଣ ଜେନା ଓ ଶିବାନନ୍ଦ ପଣ୍ଡା, ମଳୟ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

### ପାଣି ଟୋପେ ପାଇଁ ଚାହିଁଛନ୍ତି ୪୭ ହଜାର ପରିବାର

# ସମୀକ୍ଷାରେ ସୀମିତ ପାନୀୟ ଜଳ ପ୍ରକଳ୍ପ

**କବାଟବନ୍ଧ,୨୧।୧୦(ସମିସ):**



ପାନୀୟ ଜଳ ପାଇଁ ଧର୍ମଶାଳା ବ୍ଲକର ୪୫ ପଞ୍ଚାୟତର ୪୭,୭୬୫ ପରିବାର ଚାହିଁ ବସିଥିବା ବେଳେ ଜିଲ୍ଲାପାଳଙ୍କ ସମୀକ୍ଷାରେ ପ୍ରକଳ୍ପ ସୀମିତ ରହିଥିବା ଅଭିଯୋଗ ହେଉଛି। ୨ ବର୍ଷ ମଧ୍ୟରେ ପ୍ରକଳ୍ପ ସାରିବାକୁ ଅବଧି ରହିଥିବା ବେଳେ ୫ ବର୍ଷ ପର୍ଯ୍ୟନ୍ତ ନ ସରିବା ଦୁର୍ଭାଗ୍ୟଜନକ ବୋଲି ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଇଛି। ପ୍ରଶାସନିକ ବ୍ୟବସ୍ଥା ଏବଂ ଆନ୍ତରିକତା ଅଭାବ ଯୋଗୁଁ ବାଲିକୁଦିଆ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରୁନାହିଁ। ପ୍ରାୟ ୩ ମାସ ତଳେ ଗତ ଜୁଲାଇ ୨୧ ତାରିଖରେ ତତ୍କାଳୀନ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଧର୍ମଶାଳା ବ୍ଲକ ଅନ୍ତର୍ଗତ ରାଇଛଦା ପଞ୍ଚାୟତ ବାଲିକୁଦିଆ ଠାରେ ନିର୍ମାଣାଧୀନ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ତଦାରଖ କରିବା ସହିତ ପ୍ରକଳ୍ପ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ନିର୍ମାନ ସଂସ୍ଥା ପ୍ରକଳ୍ପକୁ ଜେନେରେଟର ମାଧ୍ୟମରେ ଚାଲୁ କରାଇ ପରୀକ୍ଷା ମୂଳକ ଭାବେ ଚାଲୁ କରିଥିଲେ। ସେହି ସମୟରେ ବିଦ୍ୟୁତ୍ ସମସ୍ୟା ରହିଥିବା ତଥା ପ୍ରକଳ୍ପ ନିକଟକୁ ବିଦ୍ୟୁତ ସଂଯୋଗ ନଥିବା ଜାଣିବାକୁ ପାଇଥିଲେ। ଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ ତତ୍କାଳୀନ ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେହୁରିଆ, ଧର୍ମଶାଳା ବିଡିଓ ଜ୍ୟୋତିର୍ମୟୀ କର, ପାନୀୟ ଜଳ ଯୋଗାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ରଶ୍ମିରଞ୍ଜନ ମାର୍ଥା, ସହକାରୀ ଯନ୍ତ୍ରୀ ରଜତ ମହାପାତ୍ର, କନିଷ୍ଠ ଯନ୍ତ୍ରୀ ଦେବାଶିଷ ଧଳ ମଧ୍ୟ ଉପସ୍ଥିତ ଥିଲେ। ପ୍ରକଳ୍ପ ଚାଲିବାକୁ ବିଦ୍ୟୁତ୍ ସମସ୍ୟା ମୁଖ୍ୟ ପ୍ରତିବନ୍ଧକ ରହିଥିବା ଜିଲ୍ଲାପାଳ ଜାଣିବାକୁ ପାଇବା ପରେ ଖୁବଶୀଘ୍ର ବିଦ୍ୟୁତ୍ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଇତି ମଧ୍ୟରେ ୩ ମାସ ବିତି ଯାଇଥିଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ଆଗକୁ ବଢି ପାରୁ ନାହିଁ। ଏହା ଭିତରେ ଜିଲ୍ଲାପାଳଙ୍କ ବଦଳି ଏବଂ ନୂତନ ଜିଲ୍ଲାପାଳ ଯୋଗ ଦେବା ପରେ ଏହି ପ୍ରକଳ୍ପକୁ ନେଇ କେବଳ ସମୀକ୍ଷା ବୈଠକ କରିଛନ୍ତି। ମାତ୍ର ନିର୍ମାଣ ସଂସ୍ଥା ଏହାକୁ ଗୁରୁତ୍ୱ ଦେଉନାହିଁ। ଗତ ସେପ୍ଟେମ୍ବର ୧୯ ତାରିଖରେ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧକ୍ଷତାରେ ଜିଲ୍ଲାରେ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ଏବଂ ଯୋଗାଣ ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାରେ ଥିବା ନଳକୂପ, ବିଭିନ୍ନ ପାନୀୟ ଜଳ ଉତ୍ସ, ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳଯୋଗାଣ, ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ଏବଂ ଏହା ବିଳମ୍ବ ହେବା ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ଗାଁ ରାସ୍ତା ଗୁଡ଼ିକ ଖନନ କରାଯାଉଛି। ଏନେଇ ଗ୍ରାମବାସୀଙ୍କୁ ହେଉଥିବା ସମସ୍ୟାକୁ ଗୁରୁତ୍ୱ ଦେବା ସହ ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଠିକା ସଂସ୍ଥାର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ଜିଲ୍ଲାରେ ସମସ୍ତ ଅଧିବାସୀମାନେ ଯେପରି ପର୍ଯ୍ୟାପ୍ତ ମାତ୍ରାରେ ବିଶୁଦ୍ଧ ଜଳ ପାଇପାରିବେ, ଏହା ପ୍ରତି ଦୃଷ୍ଟି ଦେବା ପାଇଁ ଉପସ୍ଥିତ ବିଭାଗୀୟ ଅଧିକାରୀ ଏବଂ ବିଡିଓ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସମୀକ୍ଷା ବୈଠକ ଏବଂ ନିର୍ଦ୍ଦେଶ ଘୋଷଣା ଏବଂ କାଗଜପତ୍ରରେ ସୀମିତ ଥିବା ମନେ ହେଉଛି।

## ଦୁର୍ଘଟଣାରେ ଯୁବକ ଗୁରୁତର

**କୁଦଳ,୨୧।୧୦(ସମିସ):** ବାଲିଚନ୍ଦ୍ରପୁର ବାଇପାସ ଛକ ୫୩ ନଂ ଜାତୀୟ ରାଜପଥରେ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ହୋଇ କଟକରେ ଚିକିତ୍ସିତ ହେଉଛନ୍ତି। ଘଟଣାରୁ ପ୍ରକାଶ ଯେ ବାଲିଚନ୍ଦ୍ରପୁର ଥାନା ବରଦା ପଞ୍ଚାୟତ ବରଦା (ଧମନଦୀ) ଗ୍ରାମର ନାରାୟଣ ଦାସଙ୍କ ପୁଅ କିରଣ ଦାସ (୩୬) ବାଲିଚନ୍ଦ୍ରପୁର ବଜାରରୁ ନିଜ ଗ୍ରାମ ବରଦାକୁ ମଟରସାଇକଲ (ଓଡି୦୪ଆର୍ ୬୯୯୭) ଯୋଗେ ଫେରୁଥିବା ସମୟରେ ବାଇପାସ୍ ଛକରେ ଏକ ଦ୍ରୁତଗାମି ଟ୍ୟାଙ୍କର (ଏନ୍‌ଏଲ୦୧ ଏଇ ୮୩୪୫) ତାଙ୍କୁ ଧକ୍କା ଦେଇଥିଲା। ଧକ୍କା ଦେବା ଫଳରେ ତାଙ୍କର ବାଇକ୍‌ଟି ଗାଡ଼ିର ଚକା ତଳେ ରହିଥିବା ସ୍ଥଳେ ସେ ଦୂରକୁ ଛିଟିକି ପଡ଼ି ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ତେବେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ପ୍ରାରମ୍ଭିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ କଟକ ସ୍ଥାନାନ୍ତରିତ କରିଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଉଭୟ ଗାଡ଼ିକୁ ଜବତ କରିଥିବା ବେଳେ ଟ୍ରକ୍ ଡ୍ରାଇଭର କୌଶଳ କ୍ରମେ ପଳାଇଯାଇଥିଲା। ପୁଲିସ ରାସ୍ତା ଅବରୋଧ ହଟାଇ ଘଟଣାର ତଦନ୍ତ ଚାଲୁରଖିଥିବା ଜଣାପଡ଼ିଛି।

## ନାଗନାଗୁଣୀ ଉଦ୍ଧାର

**ସୁକିନ୍ଦା,୨୧।୧୦(ସମିସ):** ସୁକିନ୍ଦା ଅଞ୍ଚଳର ଏକ ପରିତ୍ୟକ୍ତ କୂଅରୁ ନାଗ ନାଗୁଣୀ ଉଦ୍ଧାର ହୋଇଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ସୁକିନ୍ଦା ଥାନା ଅନ୍ତର୍ଗତ ହରିପୁର ଗ୍ରାମ ଦିଲ୍ଲୀପ କୁମାର ଭୂୟାଁଙ୍କ ଘର ନିକଟରେ ଥିବା ଏକ ପରିତ୍ୟକ୍ତ କୂଅରେ ନାଗ ନାଗୁଣୀ ଥିବା ଦେଖି ଲୋକେ ଭୟଭୀତ ହୋଇ ସାପ ଧରାଳି ସୌମ୍ୟଜିତ ବେହୁରାକୁ ସୂଚନା ଦେଇଥିଲେ। ସୌମ୍ୟଜିତ ଘଟଣାସ୍ଥଳରେ ପହଞ୍ଚି କୂଅ ଭିତରେ ପଶି ଅତି ସାବଧାନତାର ସହ ଉଭୟ ସାପକୁ ଉଦ୍ଧାର କରି ମହାଗିରି ପାହାଡରେ ଛାଡ଼ିଥିବା ଜଣାପଡିଛି। ଉଭୟ ସାପ ୪ଫୁଟରୁ ଅଧିକ ଲମ୍ବା ହୋଇଥିବା ଦେଖିବାକୁ ମିଳିଛି।

## ଦୁର୍ଘଟଣାରେ ଦୁଇ ଯୁବକ ଗୁରୁତର

**ସୁକିନ୍ଦା, ୨୧।୧୦(ସମିସ):** ସୁକିନ୍ଦା ଥାନା ଅନ୍ତର୍ଗତ ନୂଆଡିହ ଗ୍ରାମ ନିକଟ ରେଙ୍ଗାଲି କେନାଲ ରାସ୍ତାରେ ଏକ ବାଇକ୍ ଦୁର୍ଘଟଣାରେ ଦୁଇ ଯୁବକ ଗୁରୁତର ଆହତ ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ନୂଆଡିହ କ୍ଷେତ୍ରବାସୀ ପ୍ରଧାନଙ୍କ ପୁଅ ସରୋଜ ପ୍ରଧାନ(୨୨) ଓ ଶୁକଦେବ ବେହେରାଙ୍କ ପୁଅ ନରେଶ (୨୮) ବାଇକ୍ ନେଇ ରେଙ୍ଗାଲି କେନାଲ ରାସ୍ତାରେ ଯାଉଥିବା ବେଳେ ଦୁର୍ଘଟଣାର ଶୀକାର ହୋଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟ ଆହତଙ୍କୁ ତୁରନ୍ତ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି।

# କବି ମଞ୍ଜୁଳ କୃଷ୍ଣପ୍ରସାଦ ବସୁଙ୍କ ଜୟନ୍ତୀ

**ଯାଜପୁର,୨୧।୧୦(ସମିସ):** ପୂର୍ଣ୍ଣାନନ୍ଦ ମିଶ୍ର ସ୍ମୃତିପାଠାଗାରରେ କବି ମଞ୍ଜୁଳ କୃଷ୍ଣପ୍ରସାଦ ବସୁଙ୍କ ଜୟନ୍ତୀ ସଭାପତି କହ୍ନାଇ ଚରଣ ମହାନ୍ତିଙ୍କ ଅଧକ୍ଷତାରେ ପାଳନ କରାଯାଇଅଛି। କବି ମଞ୍ଜୁଳଙ୍କ ଉଦ୍ଦେଶ୍ୟରେ ବରିଷ୍ଠ ସଦସ୍ୟ ବନବିହାରୀ ମହାପାତ୍ର, ସମ୍ପାଦକ ନୃସିଂହ ଚରଣ ମହାପାତ୍ର, ଯୁଗ୍ମ ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ, ଲେଖ ରବି ଶତପଥୀ, ଶିକ୍ଷାବିତ ପୁଷ୍ପକାନ୍ତ ମଲ୍ଲିକ, ଶିକ୍ଷକ ନେତା ଧନଞ୍ଜୟ କେଶରୀ ରାଉତରାୟ, ସମାଜସେବୀ ସୁବାସ ଚନ୍ଦ୍ର ମହାପାତ୍ର, ଅବରସପ୍ରାପ୍ତ ପ୍ରଧାନ ଶିକ୍ଷକ ମିହିର ରଂଜନ ନାୟକ, ଅବସରପ୍ରାପ୍ତ ପୁଲିସ୍ ପ୍ରଶାସକ ଗଦାଧର ରାଉତ ପ୍ରମୁଖ ବକ୍ତବ୍ୟରେ କବି ମଞ୍ଜୁଳ କୃଷ୍ଣପ୍ରସାଦ ବସୁ ଓଡ଼ିଶାର ଏକ ପ୍ରିୟ ନାମ, ଓଡ଼ିଶାର ପୁରପଲ୍ଲୀ ସର୍ବତ୍ର ସେ ସୁପରିଚିତ। ତାଙ୍କ ପରି ଯଶସ୍ୱୀ ଓ ପ୍ରତିଭାଶାଳୀ ସଫଳସାଧକଙ୍କର ସାରସ୍ୱତ କ୍ଷେତ୍ରରେ ସମତୁଳ



ବ୍ୟକ୍ତିଟିଏ ପାଇବା ବିରଳ। ଓଡ଼ିଶାର କଳା, ସଂଗୀତ ଓ ସାହିତ୍ୟକୁ ତାଙ୍କର ବିପୁଳ ଦାନ। ସେ ଓଡ଼ିଆ ବାଣୀ ଭଣ୍ଡାରକୁ ଅନ୍‌ୱିନ ୨୩ ଗୋଟି ନାଟକ ୩୬ ଗୋଟି ଖଣ୍ଡ କାବ୍ୟ, ୫ ଗୋଟି ପ୍ରବନ୍ଧ ଗ୍ରନ୍ଥ ଓ ଉପନ୍ୟାସ ସାଙ୍ଗକୁ ସହସ୍ରାଧିକ ସଂଗୀତାଦି ଦାନ କରିଛନ୍ତି। ସେ ଉତ୍କଳ ଗନ୍ଧର୍ବ ଉପାଧି ଲାଭ କରିବା ସହ କବି ମଞ୍ଜୁଳ ଉପାଧିରେ ଭୂଷିତ ହୋଇଥିଲେ। ପାଲାଜଗତକୁ ତାଙ୍କର ଅତୁଳନୀୟ ଅବଦାନ ଥିବାକଥା ବକ୍ତାମାନେ କହିଥିଲେ। କାର୍ଯ୍ୟକ୍ରମରେ ରାମକୃଷ୍ଣ ବେହୁରିଆ, ରଞ୍ଜନ କୁମାର ଦାସ, ଗୋପେନ୍ଦ୍ର କୃଷ୍ଣ ମହାନ୍ତି, ଭରତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିବାବେଳେ ନିରୁପମା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ବୁରୁସାହିରେ ଦୀପାବଳି



**କବାଟବନ୍ଧ,୨୧।୧୦(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଅଞ୍ଜିରା ପଞ୍ଚାୟତ ଆଦିବାସୀ ଗାଁରେ କୁନି କୁନି ପିଲାଙ୍କ ଗହଣରେ ଦୀପାବଳି ପାଳନ କରିଛି ସ୍ୱେଚ୍ଛାସେବୀ ଅନୁଷ୍ଠାନ ରକ୍ତବନ୍ଧୁ। ଆଦିବାସୀ ଅଧ୍ୟୁଷିତ ଏହି ଗାଁରେ ବିଭିନ୍ନ ପ୍ରକାର ଦୀପ, ମିଠା, ପେନସିଲ, ସବୁଜ ବାଣ ଆଦି ଦେଇ ଦୀପାବଳି ପାଳନ କରିଥିଲେ। ଏହି ଅବସରରେ ଯାଜପୁର ରୋଡ୍ ଉମାପଦା ଅଞ୍ଚଳରେ ଅମରିକ ସିଂ ଲୟାଲ ଜଣେ ବଦାନ ବ୍ୟକ୍ତି ନିଜ ଜନ୍ମଦିନ ପାଳନ ମଧ୍ୟ କରିଥିଲେ। ପିଲାମାନଙ୍କୁ ମିଠା, ପାଠ୍ୟ ଉପକରଣ, ଦୀପାବଳି ପାଇଁ ଦୀପ ଏବଂ ଅନ୍ୟାନ୍ୟ ଜିନିଷପତ୍ର ଦେଇ ପିଲାମାନଙ୍କ ସହିତ ସମୟ ଅତିବାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ରକ୍ତବନ୍ଧୁ ପରିବାର ପକ୍ଷରୁ ଆବାହକ ବସନ୍ତ କୁମାର ମଲ୍ଲିକ, ଅସିତ କୁମାର ନାୟକ, ସନ୍ତୋଷ କୁମାର ସାହୁ, ସନାତନ ମଲ୍ଲିକ, ବିକ୍ରମ ମଲ୍ଲିକ, ପ୍ରଭୁପ୍ରବୀଣ ସ୍ୱାଇଁ, ଓମ ପ୍ରକାଶ ସ୍ୱାଇଁ, ଓମପ୍ରକାଶ ସ୍ୱାଇଁ, ବୁବୁନା ମଲ୍ଲିକ, ସମାଜସେବୀ ମୋହନ ମହାରଣା ଉପସ୍ଥିତ ଥିଲେ।

## ବଡ଼ଚଣା ମହୋତ୍ସବ କମିଟିର ପ୍ରସ୍ତୁତି ବୈଠକ

**ବଡଚଣା,୨୧।୧୦(ସମିସ):** ୧୦ମ ବାର୍ଷିକ ବଡଚଣା ମହୋତ୍ସବର ଏକ ପ୍ରସ୍ତୁତି ବୈଠକ ମହୋତ୍ସବ କମିଟିର ସ୍ଥାୟୀ ସଭାପତି ମନୋରମା ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ୨୦୨୬-ବଡଚଣା ମହୋତ୍ସବକୁ ସରସ ସୁନ୍ଦର କରିବା ସହିତ ଜାକଜମକରେ ପାଳନ କରିବା ପାଇଁ ସଭାପତି ସମସ୍ତଙ୍କର ସାହାଯ୍ୟ ସହଯୋଗ କାମନା କରିଥିଲେ। ଏହି ଅବସରରେ ନୂତନ ସଂପାଦକ ଭାବେ ରବୀନ୍ଦ୍ର କୁମାର ରଣାଙ୍କୁ ମନୋନୀତ କରାଯାଇଥିଲା। ବଡ଼ଚଣା ମହୋତ୍ସବ ସ୍ଥାନୀୟ କଳା ସଂସ୍କୃତି, ଐତିହ୍ୟ ପରମ୍ପରାକୁ ପ୍ରଚାର ପ୍ରସାର କରାଯିବ। ଏହି ଅବସରରେ ବରିଷ୍ଠ ସଭ୍ୟ ଗଙ୍ଗାଧର ନାୟକ, ବୈକୁଣ୍ଠ ବାରାଳ, ପବନେଶ୍ୱର ଜେନା ଗଣେଶ୍ୱର ବରାଳ, ଆଶିଷ ରଞ୍ଜନ ଚୌଧୁରୀ, କାର୍ତ୍ତିକ ଚନ୍ଦ୍ର ପ୍ରଧାନ, ବିନୟ କୁମାର ପୃଷ୍ଟି, ବରିଷ୍ଠ ସାମ୍ବାଦିକ ଶିବରାମ ସାହୁ, ଧୁଲେଶ୍ୱର ଦାସ, ପ୍ରଦୀପ୍ତ କୁମାର ବଳ ସୁରେଶ ଚନ୍ଦ୍ର ବରାଳ, ନୀଳମଣି ଦାସ, ଭବାନୀ ସାହୁ, ସ୍ମୃତିରଞ୍ଜନ ପ୍ରଧାନ, ତୁଷାର ରଞ୍ଜନ ଦାସ, ପ୍ରଫୁଲ୍ଲ ପଣ୍ଡା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଦୀପରୁ ନିଆଁ ଲାଗି ମହିଳା ଗୁରୁତର

**ପାଣିକୋଇଲି,୨୧।୧୦(ସମିସ):** ପଥରପଦା ପଞ୍ଚାୟତ ଅନ୍ତର୍ଗତ ତାଜପୁର ଗ୍ରାମର ଜୈନିକ ମହିଳା ବାଣ ଫୁଟାଇବାକୁ ଯାଇ ଗୁରୁତର ଭାବେ ଆହତ ହୋଇଛନ୍ତି। ପ୍ରକାଶଯେ ତାଜପୁର ଗ୍ରାମର ପ୍ରଫୁଲ୍ଲ କୁମାର ଦାସ ସପରିବାର ପାଣିକୋଇଲିରେ ରୁହନ୍ତି। ଦୀପାବଳୀରେ ତାଙ୍କ ସ୍ତ୍ରୀ ମଧୁସ୍ମିତା ଦାସ (୩୫) ତାଙ୍କ ନଣନ୍ଦର ଝିଅକୁ ଧରି ଏକ ଝରଝରିଆ ବାଣ ଫୁଟାଇବାକୁ ଆସିଥିଲେ। ଝରଝରି ଧରି ଥିବା ବେଳେ ତାଙ୍କ ପଛପଟେ ଜଳୁଥିବା ଦୀପ ପ୍ରତି ଧ୍ୟାନ ଦେଇନଥିଲେ। ହଠାତ ଦୀପରୁ ଶାଢ଼ିରେ ନିଆଁ ଲାଗିଥିଲା। ସିନ୍ଥେଟିକ ଶାଢ଼ି ହୋଇଥିବାରୁ ତାହା ସମ୍ପୂର୍ଣ୍ଣ ଶରୀରକୁ ଲାଗିଯାଇଥିଲା। ରାତିରେ ତାଙ୍କୁ ପ୍ରଥମେ ଯାଜପୁର ମୁଖ୍ୟ ଚିକତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ତାଙ୍କୁ କଟକ ନେବାକୁ ପରାମର୍ଶ ଦେଇଥିଲେ। ଗୁରୁତର ଆହତ ଅବସ୍ଥାରେ ମଧୁସ୍ମିତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

# ଜିଲ୍ଲା ପୁଲିସର ସହିଦ ସ୍ମୃତି ଦିବସ

**ପାଣିକୋଇଲି,୨୧।୧୦(ସମିସ):**



ପାଣିକୋଇଲି ସ୍ଥିତ ଯାଜପୁର ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆଜି ୬୬ତମ ସହିଦ ସ୍ମୃତି ଦିବସ ପାଳିତ ହୋଇଛି। ଏହି ଅବସରରେ ରିର୍ଜଭ ପୁଲିସ ପ୍ୟାରେଡ ଗ୍ରାଉଣ୍ଡରେ ଆୟୋଜିତ ଉତ୍ସବରେ ଯାଜପୁର ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମଲ ଅତିଥିଭାବେ ଯୋଗଦେଇ ସହିଦ ସ୍ମୃତିପୀଠରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଆରକ୍ଷୀ ଅଧିକ୍ଷକ ସହିଦ ଦିବସ ଅବସରରେ ପ୍ୟାରେଡ୍ ଅଭିବାଦନ ଗ୍ରହଣ କରିବା ସହ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପଠନ କରିଥିଲେ। ୧୯୬୦ ମସିହରୁ ସହିଦ ସ୍ମୃତି ଦିବସ ପାଳନ କରାଯାଉଥିବା ବେଳେ ସାରା ଭାରତ ବର୍ଷରେ ବଳିଦାନ ଦେଇଥିବା ସହିଦଙ୍କ ନାମ ପଠନ ଓ ସ୍ମରଣ ଏବଂ ସେମାନଙ୍କ ବଳିଦାନ ସମସ୍ତ ପାଇଁ ପ୍ରେରଣାର ଉତ୍ସ ବୋଲି ମତବ୍ୟକ୍ତ କରିଥିଲେ। ସେମାନଙ୍କୁ ଶ୍ରଦ୍ଧାଞ୍ଜଳି, ସ୍ମୃତିଚାରଣ ଓ ପ୍ରେରଣା ନେବା ସହ ସେମାନଙ୍କ ପରିବାରକୁ ସମବେଦନା ଜ୍ଞାପନ ଏବଂ ଏହା ଆମ ପାଇଁ ପ୍ରେରଣାର ଉତ୍ସ ବୋଲି କହିଥିଲେ। ଏହି ପ୍ୟାରେଡ କାର୍ଯ୍ୟକ୍ରମକୁ ରିର୍ଜଭ ଇନ୍ସପେକ୍ଟର ଦିନେଶ ସାହୁ, ସରଜେଣ୍ଟ ଭାଗୀରଥି ବେହେରା ପରେଡ୍ ପରିଚାଳନା କରିଥିବା ବେଳେ ଅତିରିକ୍ତ ଏସ୍‌ପି ଶୀତକଣ୍ଠ କାନୁନଗୋ, ପୁଷ୍ପଲତା ବାରିକ ଶକ୍ତିକାନ୍ତ ନାୟକଙ୍କ ସମତେ ବିଭିନ୍ନ ଥାନାଧିକାରୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ହେଡକ୍ୱାଟରର ସମସ୍ତ ଅଧିକାରୀ, କର୍ମଚାରୀ ସହଯୋଗ କରିଥିଲେ।

## ଗାଡ଼ି ଧକ୍କାରେ ଯୁବକ ମୃତ

**ପାଣିକୋଇଲ,୨୧।୧୦(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଶର୍ମା ପେଟ୍ରୋଲ ପମ୍ପ ନିକଟସ୍ଥ କାଙ୍କଲା ଗଡ଼ାଣୀ ନିକଟରେ ଅଜଣା ଗାଡି ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟିଛି। ପ୍ରକାଶଯେ କୋରେଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତ ବର୍ତମଣା ଗ୍ରାମର ଗୋବର୍ଦ୍ଧନ ମଳିକଙ୍କ ପୁଅ ପ୍ରଶାନ୍ତ ମଳିକ(୨୫) ଦୀପାବଳି ରାତ୍ରୀରେ ରାଜପଥ କଡରେ ଚାଲି ଚାଲି ଯାଉଥିଲେ। ତାଙ୍କୁ ଏକ ଅଜଣାଗାଡି ଧକ୍କା ଦେଇଥିଲା। ଫଳରେ ସେ ରାସ୍ତା କଡ଼ ଡିଭାଇଡରେ ପିଟି ହୋଇ ଗୁରୁତର ଆହତ ହୋଇଥିଲେ। ଖବରପାଇ ଘଟଣାସ୍ଥଳେ ପୁଲିସ ପହଞ୍ଚି ତାକୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପାଣିକୋଇଲି ପୁଲିସ ଏକ ମାମଲା ୩୪୨/୨୫ ରୁଜୁ କରି ପଞ୍ଚାନାମା କରି ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଥିଲେ।

# ସମ୍ବଲପୁର ଷ୍ଟେସନରେ ଭିଡ଼ ପରିଚାଳନା ବ୍ୟବସ୍ଥା

ସମ୍ବଲପୁର,୨୧।୧୦(ସମିସ):



ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି, ପୂର୍ବତଟ ରେଳପଥର ସମ୍ବଲପୁର ମଣ୍ଡଳ ଯାତ୍ରୀମାନଙ୍କ ସୁରକ୍ଷା, ଆରାମ ଏବଂ ସୁବିଧା ସୁନିଶ୍ଚିତ କରିବା ପାଇଁ ସମ୍ବଲପୁର ରେଳ ଷ୍ଟେସନରେ ବ୍ୟାପକ ଭିଡ଼ ପରିଚାଳନା ବ୍ୟବସ୍ଥା କାର୍ଯ୍ୟକାରୀ କରିଛି। ଯାତ୍ରୀଙ୍କ ଗତିବିଧିକୁ ନିୟନ୍ତ୍ରଣ କରିବା ଏବଂ ଅଧିକ ଭିଡ଼କୁ ରୋକିବା ପାଇଁ ପ୍ରବେଶ ଏବଂ ପ୍ରସ୍ଥାନ ଦ୍ୱାର, ବୁକିଂ କାଉଣ୍ଟର, ପ୍ଲାଟଫର୍ମ ଏବଂ ଫୁଟ ଓଭରବ୍ରିଜ୍ ଭଳି ପ୍ରମୁଖ ସ୍ଥାନରେ ଅତିରିକ୍ତ ରେଳ ସୁରକ୍ଷା ବଳ (ଆରପିଏଫ) କର୍ମଚାରୀ ଏବଂ ବାଣିଜ୍ୟିକ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଯାତ୍ରୀମାନଙ୍କୁ ମାର୍ଗଦର୍ଶନ କରିବା ଏବଂ ଷ୍ଟେସନ ପରିସରରେ ସୁଗମ ଗତିବିଧି ବଜାୟ ରଖିବା ପାଇଁ ସାଧାରଣ ସମ୍ବୋଧନ ବ୍ୟବସ୍ଥା ମାଧ୍ୟମରେ ବାରମ୍ବାର ଘୋଷଣା କରାଯାଉଛି। ସୁରକ୍ଷାକୁ ଆହୁରି ବୃଦ୍ଧି କରିବା ପାଇଁ, ଟିକେଟ କାଉଣ୍ଟର ଏବଂ ସୁରକ୍ଷା ଚେକପୋଷ୍ଟଗୁଡ଼ିକରେ ଧାଡ଼ି ବ୍ୟବସ୍ଥା ପ୍ରଚଳନ କରାଯାଇଛି। ଯାତ୍ରୀମାନଙ୍କୁ ସେମାନଙ୍କର ନିର୍ଦ୍ଧାରିତ ଟ୍ରେନ୍ ପ୍ରସ୍ଥାନର ଯଥେଷ୍ଟ ପୂର୍ବରୁ ଷ୍ଟେସନରେ ପହଞ୍ଚିବାକୁ ଏବଂ ଏକ ଶୃଙ୍ଖଳିତ ଯାତ୍ରା ଅଭିଜ୍ଞତା ପାଇଁ ରେଳ କର୍ମଚାରୀଙ୍କ ସହିତ ସହଯୋଗ କରିବାକୁ ପରାମର୍ଶ ଦିଆଯାଉଛି। ସିସିଟିଭି ନିରୀକ୍ଷଣ ମାଧ୍ୟମରେ ଭିଡ଼ ଗତିବିଧିର ନିରନ୍ତର ତଦାରଖ କରାଯାଉଛି। ମଣ୍ଡଳ ରେଳ ପ୍ରବନ୍ଧକ, ସମ୍ବଲପୁର, ସୁବାଷ ଚନ୍ଦ୍ର ଚୌଧରୀ ସମସ୍ତ ଅଧିକାରୀଙ୍କୁ ସତର୍କ ରହିବାକୁ ଏବଂ ଯାତ୍ରୀମାନଙ୍କର ଅସୁବିଧା ଗୁଡିକୁ ଏଡାଇବା ପାଇଁ ସକ୍ରିୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ ଜନସାଧାରଣଙ୍କୁ ହାଲୁକା ଜିନିଷ ସହ ଯାତ୍ରା କରିବାକୁ, ଷ୍ଟେସନରେ ପ୍ରଦର୍ଶିତ ସୁରକ୍ଷା ନିର୍ଦ୍ଦେଶାବଳୀ ପାଳନ କରିବାକୁ ଏବଂ ରେଳ କର୍ମଚାରୀଙ୍କୁ ସହଯୋଗ କରିବାକୁ ମଧ୍ୟ ନିବେଦନ କରିଛନ୍ତି। ପାର୍ବଣ ଭିଡ଼ ସମୟରେ ସମସ୍ତ ଯାତ୍ରୀଙ୍କ ପାଇଁ ଏକ ନିରାପଦ, ସୁଗମ ଏବଂ ସୁଖଦ ଯାତ୍ରା ଅଭିଜ୍ଞତା ସୁନିଶ୍ଚିତ କରିବା ପାଇଁ ଭାରତୀୟ ରେଳ ପ୍ରତିବଦ୍ଧ ବୋଲି ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ କୁହାଯାଇଛି।

■ ବ୍ୟାଙ୍କ ମ୍ୟାନେଜରଙ୍କ କାର୍ ଦୁର୍ଘଟଣା

## ପତ୍ନୀ ମୃତ, ଶାଶୂ ସହ ନିଜେ ଗରୁତର

ରେଢ଼ାଖୋଲ,୨୧।୧୦(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ଚାରମାଳ ପଞ୍ଚାୟତ ଅଧୀନ ନୂଆପଡ଼ା ବ୍ରିଜ ନିକଟରେ ମଙ୍ଗଳବାର ଦିନ ବ୍ୟାଙ୍କ ଅଫ ଇଣ୍ଡିଆ ସମ୍ବଲପୁର ଜିଲ୍ଲା ଜୋନାଲ ମେନେଜର ଶ୍ରୀଜିତ ଶଙ୍କର ବେହେରାଙ୍କ କାର୍ ଦୁର୍ଘଟଣା ଗସ୍ତ ଘଟଣା ସ୍ଥଳରେ ପତ୍ନୀ ମୃତ, ଶାଶୂ ସହ ନିଜେ ଗୁରୁତର ହୋଇଛନ୍ତି। ସୂଚନା ଯୋଗ୍ୟ ଯେ ଶ୍ରୀଜିତ ଶଙ୍କର ଦୀପାବଳି ଛୁଟି ସାରି ଭୁବନେଶ୍ୱରରୁ ସମ୍ବଲପୁର ନିଜେ ଡ୍ରାଇଭିଂ କରି ପତ୍ନୀ ମିନାକ୍ଷୀ ବେହେରା ଓ ଶାଶୂ ସବିତାଙ୍କୁ ନେଇ ଫେରୁଥିଲେ। ହେଲେ ୫୫ ନଂ ଜାତୀୟ ରାଜପଥ ଚାରମାଳ ଥାନା ଅଧୀନ ନୂଆପଡା ବ୍ରିଜ ପାଖରେ ଆଖି ଲାଗି ଯିବାରୁ ଗାଡି ଭରସାମ୍ୟ ହରାଇ ପିଟି ହୋଇଯାଇଛି। ଏଥିରେ ଗାଡ଼ିର ଆଗପାଖ ଚୂରମାର ହୋଇଯାଇଛି।ଏହା ଜାଣିବା ପରେ ଚାରମାଳ ପୁଲିସ ସମସ୍ତ ତିନି ଜଣଙ୍କୁ ଉଦ୍ଧାର କରି ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟକୁ ଆଣି ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ମିନାକ୍ଷୀଙ୍କୁ ମୃତ ଘୋଷଣା କରିଥିଲେ।ଜୋନାଲ ମ୍ୟାନେଜର ଶ୍ରୀଜିତ ଶଙ୍କର ଏବଂ ଶାଶୂ ସବିତାଙ୍କୁ ଅଧିକ ଚିକିତ୍ସା ପାଇଁ ବୁର୍ଲା ଡ଼ାକ୍ତରଖାନାକୁ ସ୍ଥାନାନ୍ତରଣ କରିଥିଲେ। ଖବର ପାଇ ରେଢ଼ାଖୋଲ ମେଡିକାଲରେ ବ୍ୟାଙ୍କ କର୍ମଚାରୀ ଓ ବନ୍ଧୁ ପରିଜନଙ୍କ ଗହଳି ପରିଲକ୍ଷିତ ହୋଇଥିଲା।



## ନିୟନ୍ତ୍ରିତ ବଜାର କମିଟିର ସାଧାରଣ ବୈଠକ

ସମ୍ବଲପୁର,୨୧।୧୦(ସମିସ):ସମ୍ବଲପୁର ନିୟନ୍ତ୍ରିତ ବଜାର କମିଟିର ଅବସରପ୍ରାପ୍ତ କର୍ମଚାରୀମାନଙ୍କ ସାକ୍ଷୀପଡା ସ୍ଥିତ ହନୁମାନ ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ବଜାର ପର୍ଯ୍ୟବେକ୍ଷକ ବଟକୃଷ୍ଣ ରାୟଗୁରୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଅବସରପ୍ରାପ୍ତ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଯଥା ବିଭିନ୍ନ ବକେୟା ପ୍ରାପ୍ୟ, ୭ମ ବେତନ ଲାଗୁ ଆଦି ସମ୍ପର୍କରେ ଆଲୋଚନା କରାଯିବା ସହିତ ସମସ୍ୟା ଗୁଡିକର ସମାଧାନ ନିମନ୍ତେ ନିୟନ୍ତ୍ରିତ ବଜାର କମିଟିର କର୍ତ୍ତୃପକ୍ଷଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ନିମନ୍ତେ ୨ ଜଣିଆ କମିଟି ଗଠନ କରାଯାଇଥିଲା। କମିଟିରେ ବଟକୃଷ୍ଣ ରାୟଗୁରୁ ଓ କ୍ରିଷ୍ଟାଲାଲ ବରେକଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ୨୦ ଜଣରୁ ଉର୍ଦ୍ଧ୍ୱ ଅବସରପ୍ରାପ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ସମ୍ବଲପୁର ସାହିତ୍ୟ ସଂସଦ ପକ୍ଷରୁ ସାହିତ୍ୟ ସମାବେଶ




ସମ୍ବଲପୁର,୨୧।୧୦(ସମିସ):ସମ୍ବଲପୁରୀ ସାହିତ୍ୟ ଗଳ୍ପ, କବିତା ଓ ନାଟକ କ୍ଷେତ୍ରରେ ନିଜର କଳେବର ଉଭୟ ପରିମାଣ ଓ ଗୁଣବତ୍ତାରେ ସମୃଦ୍ଧ କରିପାରିଛି। ତେବେ ସମାଲୋଚନା ଓ ପ୍ରବନ୍ଧ ସାହିତ୍ୟରେ ଅତ୍ୟନ୍ତ ଦୁର୍ବଳ ରହିଥିବା ବେଳେ ଶିଶୁ ସାହିତ୍ୟ ଓ ଭ୍ରମଣ କାହାଣୀ ଭଳି ସାହିତ୍ୟର ଦିଗ ଆଦୌ ସନ୍ତୋଷଜନକ ନୁହେଁ। ତେଣୁ ସମ୍ବଲପୁରୀ ସାହିତ୍ୟରେ କାର୍ଯ୍ୟ କରୁଥିବା ସାହିତ୍ୟିକ ମାନଙ୍କ ଗୁରୁ ଦାୟିତ୍ୱ ରହିଛି ବୋଲି ସମ୍ବଲପୁର ସାହିତ୍ୟ ସଂସଦ ପକ୍ଷରୁ ମଙ୍ଗଳବାର ଆୟୋଜିତ ଏକ ସାହିତ୍ୟ ସମାବେଶରେ ମତ ପ୍ରକାଶ ପାଇଛି। ସ୍ଥାନୀୟ ସାମ୍ବାଦିକ ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ବଲପୁରୀ ସାହିତ୍ୟରେ ସାଂପ୍ରତିକ ସ୍ଥିତି ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରାଦେଶିକ ସ୍ତରରେ ନିଜକୁ ସିମୀତ ନ କରି ଯେଭଳି ସମ୍ବଲପୁରୀ ସାହିତ୍ୟ ବିଶ୍ୱ ସାହିତ୍ୟ ହୋଇ ପାରିବ ସେ ଦିଗରେ ନିରଳସ ସାଧନାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରା ଯାଇଥିଲା। ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ ଆଜିର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ସଂସଦର ସମ୍ପାଦକ ଦେବେନ୍ ପଟେଲ ପ୍ରାରମ୍ଭିକ ସୂଚନା ପ୍ରଦାନ ସହ ଆଜିର ଏଆଇ ଯୁଗରେ ମଣିଷ ଯନ୍ତ୍ର ନିର୍ଭରଶୀଳ ଜୀବନ ବଞ୍ଚୁଥିବା ବେଳେ ବିଭୁ ପ୍ରଦତ୍ତ ସାରସ୍ୱତ ପ୍ରତିଭାକୁ ଆହୁରି ବିକାଶ ସହ ନିଜ ମାତୃଭାଷାକୁ ସୁଦୃଢ କରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ବକ୍ତା ଭାବେ ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ, ଲକ୍ଷ୍ମୀ ନାରାୟଣ ପଣ୍ଡା, ସୁଶିଲ ତ୍ରିପାଠୀ ପ୍ରମୁଖ ସମ୍ବଲପୁରୀ ସାହିତ୍ୟର ବିକାଶ ଦିଗରେ ରହିଥିବା ବିଭିନ୍ନ ସମସ୍ୟା ଓ ତାର ସମ୍ଭାବ୍ୟ ସମାଧାନ ଦିଗରେ ଆଲୋଚନା କରିଥିଲେ। ପରେ ପରେ ସୂର୍ଯ୍ୟ ପାଣିଗ୍ରାହୀଙ୍କ ସଂଯୋଜନାରେ କବିତା ଓ ଗଳ୍ପ ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସୁଷମା ହୋତା, ବିଭୂତି ମିଶ୍ର, ପ୍ରଦୀପ ପାଣିଗ୍ରାହୀ, ଅନୁପମ ବିଶ୍ୱାଳ, ଆଭାସ ପଣ୍ଡା, ପ୍ରଦୀପ ଯୋଶୀ, କମଳ ଲୋଚନ ପଣ୍ଡା, ମମତା ନାଥ, ଗୋପୀନାଥ ଷଡ଼ଙ୍ଗୀ, ଗୋବିନ୍ଦ ମହାରଣା, ପ୍ରଭଞ୍ଜନ ପୁରୋହିତ, କାଳିନ୍ଦୀ ସିଂହ ପ୍ରମୁଖ ସ୍ୱରଚିତ ଗଳ୍ପ ଓ କବିତା ପାଠ କରିଥିଲେ।

## ଅସହାୟଙ୍କୁ ଥଇଥାନ




ସମ୍ବଲପୁର,୨୧।୧୦(ସମିସ):ସମ୍ବଲପୁର ଗୋଶାଳା ଚାରପାଳି ଛକରେ ଜଣେ ଅସହାୟ ମହିଳାଙ୍କୁ ଉଦ୍ଧାର କରିଛି ସାମାଜିକ ଅନୁଷ୍ଠାନ 'ପରିଚୟ'। ମହିଳା ଜଣକ କିଛି ଦିନ ଧରି ରାସ୍ତାରେ ଅସୁରକ୍ଷିତ ଅସହାୟ ସ୍ଥିତିରେ ବୁଲୁଥିବା ନେଇ ସୋମବାର ଦୀପାବଳିରେ ସମସ୍ତେ ବ୍ୟସ୍ତଥିବା ବେଳେ ଚାରପାଳିର ଜଣେ ଯୁବକ ପରିଚୟ ଅନୁଷ୍ଠାନର ଆଦି ନନ୍ଦ ଓ ଅନିଲ ଦେହୁରୀଙ୍କୁ ଖବର ଦେଇଥିଲେ। ପରେ ଚିପିଲିମା ପୁଲିସ କର୍ମଚାରୀ ସହାୟତାରେ ଉଦ୍ଧାର କରି ବୈଜାମୁଣ୍ଡା ସ୍ଥିତ ଥଇଥାନ କେନ୍ଦ୍ରରେ ରଖାଯାଇଥିଲା।

## ଗାନ୍ଧୀଙ୍କ ପୋଷାକ ନୁହେଁ, ତାଙ୍କ ବିଚାରଧାରା ହିଁ ଆଦର୍ଶ



ସମ୍ବଲପୁର,୨୧।୧୦(ସମିସ):ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ଠାରେ "ଆଜିର ପରିପ୍ରେକ୍ଷୀରେ ଗାନ୍ଧୀ ବିଚାର' ଶୀର୍ଷକ ଏକ ଆଲୋଚନା ସଭାରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ନାଗପୁର ବିଶ୍ୱବିଦ୍ୟାଳୟର ଗାନ୍ଧୀ ବିଚାର ଧାରା ବିଭାଗର ପ୍ରଫେସର ଡ. ଶୀଳାଦିତ୍ୟ ବିକାଶ ଚନ୍ଦନ ସିଂ ମହାତ୍ମାଗାନ୍ଧୀଙ୍କ ଚିନ୍ତାଧାରା ଉପରେ ଆଲୋଚନା କରିଥିଲେ। ମହାତ୍ମା ଗାନ୍ଧୀଙ୍କୁ ପୃଥିବୀର ଅଦ୍ୱିତୀୟ ମଣିଷ ଭାବେ ଚିତ୍ରଣ କରି ଦକ୍ଷିଣ ଭାରତ ତଥା ରୁଷିଆ, ଆରବ ପ୍ରଭୃତି ଦେଶର ସମସ୍ୟା କୁ ସମାଧାନ କରିବାରେ ତାଙ୍କ ଭୂମିକା ଉପରେ ବିଭିନ୍ନ ଉଦାହରଣ ସହ ବୁଝେଇଥିଲେ।ମହାତ୍ମା ଗାନ୍ଧୀ ଥିଲେ ଅସହାୟ ଓ ଗରିବଙ୍କ ପାଇଁ କାମ କରିଥିବା ବ୍ୟକ୍ତି।ସମାଜ ସେବା କ୍ଷେତ୍ରରେ କର୍ମଯୋଗୀ ଭାବେ ନିଜ କାମ ନିଜେ କରିବାକୁ ତାଙ୍କର ଆହ୍ୱାନକୁ ସେ ନିଜେ ପ୍ରମାଣ କରି ଦେଖାଇଥିଲେ। ତେଣୁ ଆଜିର ଏହି ସଙ୍କଟ ମୟ ପରିପ୍ରେକ୍ଷୀରେରେ ଗାନ୍ଧିବିଚାର ଧାରାର ପ୍ରାସଂଗିକତା ରହିଥିବା କହିଥିଲେ। ପରେ ଉପସ୍ଥିତ ଶ୍ରୋତାଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ। ଲାଇବ୍ରେରୀର ଅଧ୍ୟକ୍ଷ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ର. ଶଙ୍କର ପ୍ରସାଦ ପତି ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସଭ୍ୟ ସମ୍ପାଦକ ରଘୁନାଥ ମିଶ୍ର ମଞ୍ଚାସୀନ ଥିବାବେଳେ ଶେଷରେ ରାଜେନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଡିଏଭି ବିଦ୍ୟାଳୟରେ ସାହିତ୍ୟ ଆସର




ସମ୍ବଲପୁର,୨୧।୧୦(ସମିସ):ବୁର୍ଲାସ୍ଥିତ ଡିଏଭି ପବ୍ଲିକ ସ୍କୁଲରେ ଚତୁର୍ଥ ବାର୍ଷିକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଛି।କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ ତଥା ଏମସିଏଲ ବୁର୍ଲାର ମାନବ ସମ୍ବଳ ଜେନେରାଲ ମ୍ୟାନେଜର ସନ୍ଦୀପ କୁମାର ଶାହା ଦୀପ ପ୍ରଜ୍ୱଳନ କରି ଆରମ୍ଭ କରିଥିଲେ। ମୁଖ୍ୟଅତିଥି କାର୍ଯ୍ୟକ୍ରମର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ବେଦବାକ କଣ୍ଢେଇ ଶିଳ୍ପର ଇତିହାସ ସମ୍ପର୍କରେ କହିଥିଲେ। ବରିଷ୍ଠ ଶିକ୍ଷକ ଚନ୍ଦନ ମହାନ୍ତି କଣ୍ଢେଇ ନିର୍ମାଣରେ ବିଭିନ୍ନ ଦେଶର ଯୋଗଦାନ ସମ୍ପର୍କରେ ଆଲୋଚନା କରିଥିଲେ। କର୍ମଶାଳାରେ କଳାଶିକ୍ଷକ ପବିତ୍ର ମୋହନ ଶତପଥୀଙ୍କ ତତ୍ତ୍ୱବଧାନରେ ବିଦ୍ୟାର୍ଥୀମାନେ କାଗଜରେ କଣ୍ଢେଇ, ମୁଖା ପ୍ରସ୍ତୁତ କରି ନିଜର କଳା ପଦର୍ଶନ କରିଥିଲେ। ଡ. ଲିଙ୍ଗରାଜ ସାହୁ ଶିକ୍ଷାବିତ, ଲେଖକ ନବସୃଜନ ଓ ନବ ଲେଖକଙ୍କ ଉପରେ ଆଲୋଚନା କରିଥିଲେ।ନବ ପ୍ରତିଭା ପୁଣ୍ୟ ପ୍ରସୁନ ଦାସଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷୟିତ୍ରୀ ଇତିଶ୍ରୀ ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ, ଶ୍ରୀ ମହାନିତୀ ଧନ୍ୟବାଦ ଦେଇଥିଲେ।

## ବାଲ ଆଶ୍ରମରେ ଦୀପାବଳି ପାଳିଲେ ଜିଲ୍ଲାପାଳ



ସମ୍ବଲପୁର,୨୧।୧୦(ସମିସ):ବାଲ ଆଶ୍ରମରେ ଦୀପାବଳି ପାଳିଲେ ସମ୍ବଲପୁର ଜିଲ୍ଲାପାଳ। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସମ୍ବଲପୁର ସ୍ଥିତ ଉତ୍କଳ ବାଲ୍ ଆଶ୍ରମର ଶିଶୁମାନଙ୍କ ସହିତ ଦୀପାବଳି ଉତ୍ସବ ପାଳନ କରିଛନ୍ତି। ମୋଟ ୭୫ ଉତ୍କଳ ବାଲ ଆଶ୍ରମ ଶିଶୁଙ୍କୁ ମିଠା ଖୁଆଇ, ବାଣ ଫୁଟାଇ ଉତ୍ସବକୁ ମନାଇଥିଲେ।

## ସିଆର୍‌ପିଏଫ୍ ସେଣ୍ଟରରେ ପୁଲିସ୍ ସହିଦ ସ୍ମୃତି ଦିବସ



ସମ୍ବଲପୁର,୨୧।୧୦(ସମିସ):ସମ୍ବଲପୁରର ଗୌଶାଳା ସ୍ଥିତ ସିଆର୍‌ପିଏଫ୍ ଗ୍ରୁପ୍ ସେଣ୍ଟରରେ ପୁଲିସ୍ ଶହୀଦ ସ୍ମୃତି ଦିବସ ପାଳନ କରାଯାଇଛି।ଏହି ଅବସରରେ ପୁଲିସ ଉପମହାନିରୀକ୍ଷକ ସଞ୍ଜୟ କୁମାର ସିଂହ ମାର୍ଗଦର୍ଶନରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧିକାରୀ, ଅଧିନସ୍ତ ଅଧିକାରୀ ଏବଂ ଯବାନମାନେ ରାଷ୍ଟ୍ରର ପ୍ରତିରକ୍ଷା ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିବା ସହିଦ ସୈନିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶ୍ରୀ ସିଂହ କହିଥିଲେ ଯେ ଅକ୍ଟୋବର ୨୧, ୧୯୫୯ ଦେଶର ଇତିହାସରେ ବୀରତ୍ୱ ଏବଂ ବଳିଦାନର ପ୍ରତୀକ। ଏହି ଦିନ, ଲଦାଖର 'ହଟ୍ ସ୍ପ୍ରିଙ୍ଗ' ଅଞ୍ଚଳରେ ଚୀନ୍ ସେନା ଦ୍ୱାରା ହୋଇଥିବା ଆକ୍ରମଣକୁ ପ୍ରତିହତ କରିଥିଲେ, ଯେଉଁଥିରେ ୧୦ ଜଣ ସାହସୀ ସୈନିକ ମାତୃଭୂମିକୁ ସୁରକ୍ଷା ଦେଇ ନିଜ ଜୀବନ ବଳିଦାନ ଦେଇଥିଲେ। ସେମାନଙ୍କ ଅମର ବଳିଦାନକୁ ମନେ ପକାଇବା ପାଇଁ, ପ୍ରତିବର୍ଷ ଏହି ଦିନକୁ ପୁଲିସ ସ୍ମୃତି ଦିବସ ଭାବରେ ପାଳନ କରାଯାଏ। ଦେଶର ଏକତା, ଅଖଣ୍ଡତା ଏବଂ ସୁରକ୍ଷା ରକ୍ଷା ପାଇଁ ଦିଆଯାଇଥିବା ବଳିଦାନକୁ ମନେ ପକାଇବା ଅନ୍ତର୍ଭୁକ୍ତ ଥିଲା। ୧୯୧ ଜଣ ଅର୍ଦ୍ଧସାମରିକ ବାହିନୀ ଏବଂ ପୁଲିସ ସହିଦଙ୍କ ନାମ ମଧ୍ୟ ସମ୍ମାନର ସହିତ ପାଠ କରାଯାଇଥିଲା।

ମନ୍ତ୍ରୀମୁଣ୍ଡା କପ୍ ଫୁଟବଲ

## କେବିଏଫସି ଭୋଇପାଲି ସୁନ୍ଦରଗଡ଼ ଚାମ୍ପିଅନ



କୁଚିଣ୍ଡା,୨୧।୧୦(ସମିସ): କୁଚିଣ୍ଡା ବ୍ଲକ୍ ମନ୍ତ୍ରୀମୁଣ୍ଡା ଯୁବକସଂଘ ପକ୍ଷରୁ ମନ୍ତ୍ରୀମୁଣ୍ଡା ମିନିଷ୍ଟାଡିୟମରେ ଚାଲିଥିବା ମନ୍ତ୍ରୀମୁଣ୍ଡା କପ୍ ଫୁଟବଲ୍ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଦିବସରେ ମଧ୍ୟ ୩ଟି ମ୍ୟାଚ ଖେଳ ହୋଇଥିଲା। ପ୍ରଥମ ସେମିଫାଇନାଲ ମ୍ୟାଚ୍ ଦୋସ୍ତି ବ୍ରଦର୍ସ ସୁନ୍ଦରଗଡ଼ ଓ ଅରୁଣ ଏକାଦଶ ସମ୍ବଲପୁର ମଧ୍ୟରେ ହୋଇଥିଲା। ଏଥିରେ ୧-୦ ଦୋସ୍ତି ବ୍ରଦର୍ସ ସୁନ୍ଦରଗଡ଼ ବିଜେତା ହୋଇଥିଲା।ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ କେବିଏଫସି ଭୋଇପାଲି ସୁନ୍ଦରଗଡ଼ ଓ ମର୍ଡନ ଏଫସି ମଧ୍ୟରେ ହୋଇଥିବା ବେଳେ ୪-୦ ଗୋଲରେ କେବିଏଫସି ଭୋଇପାଲି ସୁନ୍ଦରଗଡ଼ ବିଜେତା ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ କେବିଏଫସି ଭୋଇପାଲି ସୁନ୍ଦରଗଡ଼ ଓ ଦୋସ୍ତି ବ୍ରଦର୍ସ ସୁନ୍ଦରଗଡ଼ ପରସ୍ପରକୁ ଭେଟିଥିଲେ। ୨-୦ ଗୋଲରେ କେବିଏଫସି ଭୋଇପାଲି ସୁନ୍ଦରଗଡ଼ ଦୋସ୍ତି ବ୍ରଦର୍ସ ସୁନ୍ଦରଗଡ଼କୁ ପରାସ୍ତ କରି ଚାମ୍ପିଅନ ହୋଇଛି। ଚାମ୍ପିଅନ ଦଳକୁ ୧ ଲକ୍ଷ ୩୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ଏହି ଉଦଯାପନୀ ଉତ୍ସବ ରେ ଗ୍ରାମ୍ୟ ଉନ୍ନୟନ, ପାନୀୟଜଳ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ,ରେଙ୍ଗାଲି ପୂର୍ବତନ ବିଧାୟକ ନାଉରି ନାଏକ, ଜିଲ୍ଲା ପରିଷଦ ଜୋନ ୨ ସଭ୍ୟ ଦୁବରାଜା କିସାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।ରେଫରୀ ଭବେ ଶିବ ଶଙ୍କର ପଣ୍ଡା, ପଞ୍ଚାନନ ପାତ୍ର, ସଲିଲ ବେହେରା, ସୁଜିତ ରାଜହଂସ, ରାଜେଶ ଜୟପୁରିଆ ଖେଳ ପରିଚାଳନା କରିଥିଲେ। ମନ୍ତ୍ରୀମୁଣ୍ଡା ଯୁବକ ସଂଘ ସଭାପତି ତାପସ କୁମାର ନାଏକ, ଉପସଭାପତି ଗୌତମ ମିଶ୍ର, ସମ୍ପାଦକ ଅକ୍ଷୟ କିଷାନ, କୋଷାଧ୍ୟକ୍ଷ ଭବାନୀ କିଷାନ, ଉପଦେଷ୍ଟା ପ୍ରଣବ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଟୁର୍ଣ୍ଣାମେଣ୍ଟ ପରିଚାଳନା ହୋଇଥିଲା।

## ଦୀପାବଳି ପାଳିତ

କୁଚିଣ୍ଡା,୨୧।୧୦(ସମିସ):କୁଚିଣ୍ଡା ପୁରପଲ୍ଲୀ ଆନନ୍ଦ ଉଲ୍ଲାସରେ ଦିବାବଳୀ ଉତ୍ସବ ପାଳିତ ହୋଇଛି। ଘର ଆଗରେ ମାଟି ଦୀପ ଲଗାଇ ଘରକୁ ଆଲୋକିତ କରିବା ସହ ଆଲୋକର ପର୍ବ ଦୀପାବଳିକୁ ପାଳନ କର ବିଭିନ୍ନ ପ୍ରକାର ବାଣ ଫୁଟାଇ ବା ସହ ମିଠା ବଣ୍ଟନ କରିଥିଲେ।କୁଚିଣ୍ଡା ରେ ମଧ ଧୁମଧାମରେ ଦିପାବଳୀ ପାଳନ କରିବା ସହ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ବାଣ ଫୁଟାଇ ଥିଲେ।ଛୋଟଛୋଟ ପିଲାମାନେ ହାତରେ ଫୁଲଝରି ଧରି ଆଲୋକର ପର୍ବ ଦୀପାବଳି ପାଳନ କରିଥିଲେ।

## ସାମ୍ବାଦିକଙ୍କ ମାତୃ ବିୟୋଗ



ସମ୍ବଲପୁର,୨୧।୧୦(ସମିସ):ସମ୍ବଲପୁରର ଫାଟକ କଟରଧୁଆ ନିବାସୀ ତଥା ସାମ୍ବାଦିକ ନିଉଟନ ରାୟଙ୍କ ମାତା ମାଧବୀ ରାୟଙ୍କ ସୋମବାର ୭୫ ବର୍ଷ ବୟସରେ ପରଲୋକ ହୋଇଯାଇଛି। ବିଗତ କିଛି ଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପିଡିତ ଥିଲେ। ତାଙ୍କ ମୃତ୍ୟୁ ଖବର ମିଳିବା ପରେ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଅନ୍ତିମ ଦର୍ଶନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେ ତାଙ୍କର ପଛରେ ସ୍ୱାମୀ ନିର୍ମଳ ଜ୍ୟୋତି ରାୟ, ପୁତ୍ର ନିଉଟନ, ନାଇଟ, ପୁତ୍ରବଧୂ ସ୍ୱର୍ଣ୍ଣପ୍ରଭା, ନିବେଦିତା, ନାତି ଅଧିରାଜ, ଅମ୍ରିତ ରାଜ ଓ ପରିବାରବର୍ଗଙ୍କୁ ଛାଡି ଯାଇଛନ୍ତି। ସ୍ଥାନୀୟ ରାଜଘାଟରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

୨୯ ରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରଉ

## ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ବୈଠକ

କୁଚିଣ୍ଡା,୨୧।୧୦(ସମିସ):




ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ସଭାପତି ବିଜୟ ମହାନ୍ତିଙ୍କ ଆହ୍ୱାନକ୍ରମେ କୁଚିଣ୍ଡା ଡିଭିଜନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ପକ୍ଷରୁ ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଆବାସିକ କାର୍ଯ୍ୟାଳୟ ଅକ୍ଟୋବର ୨୯ ତାରିଖରେ ହେବାକୁ ଥିବା ସମାବେଶ ତଥା ଧାରଣା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।ସମାବେଶରେ ମୁଖ୍ୟତଃ ସିଜିନାଲ କର୍ମଚାରୀଙ୍କ ମାସିକ ମଜୁରୀ ସରକାର ଘୋଷଣା କରିଥିବା ସର୍ବନିମ୍ନ ମଜୁରୀ ଅନୁପାତରେ ଧାର୍ଯ୍ୟ କରିବା, କନ୍ୟା ବିବାହ ସହାୟତା ବନ୍ଧେଇ ଶ୍ରମିକ ମାନଙ୍କ ବଣ୍ଡଲ ପ୍ରତି ମଜୁରୀ ବୃଦ୍ଧି ତଥା ତୋଳାଳି ଓ ବନ୍ଧେଇ ଶ୍ରମିକଙ୍କ ଯଥାକ୍ରମେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ୪୬୦ ଓ ୭୦୦ଟଙ୍କା ସହାୟତା ଦିଆଯିବା,କାର୍ଯ୍ୟକାରୀ ହୋଇନଥିବା ଏବଂ ତୋଳାଳିଙ୍କ ପତ୍ରଦର ବୃଦ୍ଧି ଦାବିରେ ସମାବେଶ ତଥା ଧାରଣାରେ ସାରା ରାଜ୍ୟରୁ ୧୦ ହଜାର ତୋଳାଳି କର୍ମଚାରୀ ସମବେତ ହେବେ। କୁଚିଣ୍ଡା ଡିଭିଜନରୁ ୫୦୦ ଶହ ତୋଳାଳି ଏବଂ ଶ୍ରମିକମାନେ ଯୋଗ ଦେବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ରାଜ୍ୟ ସମ୍ପାଦକ ମହମ୍ମଦ ମୁର୍ତୁଜା ସଭାପତିତ୍ୱ କରିଥିବା ବେଳେ ହେଡ ଚେକର ଭିକାରି ନାୟକ, କୈଳାସ ତୋଉଦିଆ,ନୃପାମଣି ଧୁରୁଆ,ରମେଶ ରାଉତ,ମିଳନ ପଲେଇ,ମହେନ୍ଦ୍ର ବେହେରା,ଫିଲମାନ ଲୁଗୁନ,କୀର୍ତ୍ତନ କିସାନ, ପୁଷ୍ପକେତୁ ଦେଓ, ଚୈତନ୍ୟ ମେହେର, ଶ୍ରୀକର କଣ୍ଟା, ଶିବ ପଟେଲ,ପ୍ରତିକ୍ଷ୍ୟା ପଟେଲ, ଜନକ କିସାନ, ସୁବାସିନୀ ନାଏକ,ଜପି ନାଏକ, କୁନ୍ତଳା କିସାନ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।









## ଦୀପାବଳି ପାଳିଲେ ଜାପାନୀ ପର୍ଯ୍ୟଟକ



ପୁରୀ,୨୧।୧୦(ସମିସ): ଆଲୋକର ପର୍ବ ଦୀପାବଳି। ଅସତ୍ୟ ଉପରେ ସତ୍ୟର ବିଜୟର ପ୍ରତୀକ ହେଉଛି ଦୀପାବଳି। ପୂରପଲ୍ଲୀରେ ଏହାକୁ ବେଶ୍ ଧୁମ୍‌ଧାମରେ ପାଳନ କରାଯାଏ। ସୋମବାର ସନ୍ଧ୍ୟାରେ ସ୍ଥାନୀୟ ଇଣ୍ଡିଆ-ଜାପାନ ଫ୍ରେଣ୍ଡଶିପ୍ ସେଣ୍ଟର ପରିସରରେ ଦୀପାବଳିକୁ ବେଶ୍ ଜାକଜମକରେ ପାଳନ କରିଛନ୍ତି ଜାପାନୀ ପର୍ଯ୍ୟଟକ। ଓଡ଼ିଶାର ଘରେ ଘରେ ଦୀପ ଜଳିବା ସହିତ ଯେଉଁଭଳି ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ କାଉଁରିଆ କାଠି ଜାଳି ବଡ଼ବଡୁଆ ଡକାଯାଇଥାଏ ସେହିଭଳି ଜାପାନରେ ତାହାକୁ ଓବମ୍ ବୋଲି କୁହାଯାଇଥାଏ। ସେଣ୍ଟର ପକ୍ଷରୁ ଦୀପାବଳି ପର୍ବ ସମ୍ପର୍କରେ ଜାପାନୀ ଭାଷାରେ ବୁଝାଯିବା ପରେ ସେମାନେ ଅତ୍ୟନ୍ତ ଖୁସି ହୋଇଯାଇଥିଲେ। ଓଡ଼ିଶାର ପାରମ୍ପରିକ ପୋଷାକ ପିନ୍ଧିବା ସହ ମୁରୁଜରେ ରଙ୍ଗୋଲି ପକାଇ ପର୍ବକୁ ଉତ୍ସାହ ସହକାରେ ପାଳନ କରିଥିଲେ। ଅନ୍ୟପକ୍ଷରେ ପରିବେଶକୁ ସୁରକ୍ଷିତ ରଖିବା ଲାଗି ଦୀପାବଳିରେ ପ୍ରଦୂଷଣ ବାଣ ବ୍ୟବହାର ନ କରି କେବଳ ଦୀପ ଜଳାଇ ପର୍ବ ପାଳନ ହୋଇଥିବା ସେଣ୍ଟର ସଭାପତି ଶ୍ରୀମନ୍ତ କୁମାର ଦାଶ ସୂଚନା ଦେଇଛନ୍ତି।

### ଶ୍ରୀକ୍ଷେତ୍ରରେ ଦୀପାବଳି ଓ ପୟାଶ୍ରାଦ୍ଧ

# ସିଂହଦ୍ୱାର ସମ୍ମୁଖରେ ବଡ଼ବଡୁଆ ଡାକ

ପୁରୀ,୨୧।୧୦(ସମିସ): ଚଳିତ ବର୍ଷ ଦୁଇଦିନ ଧରି ପାଳନ କରାଯାଇଛି ଆଲୋକର ପର୍ବ ଦୀପାବଳି। ସୋମବାର ଓ ମଙ୍ଗଳବାର ବଡ଼ବଡୁଆ ଡାକିବା ସହ ବାଣ ଫୁଟାଇଛନ୍ତି। କିନ୍ତୁ ଶ୍ରୀମନ୍ଦିରରେ ସୋମବାର ଦୀପାବଳି ଅମାବାସ୍ୟା ପାଳନ କରାଯାଇଥିବାବେଳେ ପୟାଶ୍ରାଦ୍ଧ ମଧ୍ୟ ଅନୁଷ୍ଠିତ ହୋଇଛି। ପୁରୀରେ ଖୁବ୍ ଧୁମ୍‌ଧାମରେ ଦୀପାବଳିକୁ ମନାଇଛନ୍ତି ସହରବାସୀ। ସଞ୍ଜ ନଇଁବା ପୂର୍ବରୁ ଆତସବାଜିରେ କମ୍ପିଥିଲା ଶ୍ରୀକ୍ଷେତ୍ର। ରାତି ସାଢ଼େ ୧୧ଟା ପର୍ଯ୍ୟନ୍ତ ବାଣ ଫୁଟିବାର ଶବ୍ଦ ଶୁଣିବାକୁ ମିଳିଥିଲା। ଅନ୍ୟପକ୍ଷରେ ଦୀପାବଳି ଅମାବାସ୍ୟା ଅବସରରେ ଶ୍ରୀକ୍ଷେତ୍ରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ମହାପ୍ରଭୁଙ୍କୁ ଦର୍ଶନ କରି ପୟାଶ୍ରାଦ୍ଧ କରିବା ପରେ ସିଂହଦ୍ୱାର ନିକଟରେ କାଉଁରିଆ କାଠି ଜାଳି ବଡ଼ବଡୁଆଙ୍କୁ ଡାକିଥିଲେ।



ସକାଳୁ ସିଂହଦ୍ୱାରରେ କାଉଁରିଆ କାଠ ଜାଳି ବଡ଼ବଡୁଆଙ୍କୁ ଡାକିବା ଆରମ୍ଭ ହୋଇଯାଇଥିଲା। ସନ୍ଧ୍ୟାରେ ପ୍ରବଳ ଗହଳି ହୋଇଥିଲା ସିଂହଦ୍ୱାର ନିକଟରେ। ବଡ଼ବଡୁଆ ଡାକିବା ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିଲେ ଶ୍ରଦ୍ଧାଳୁ। ବିଶ୍ୱାସ ରହିଛି ମହାଳୟାରେ ପିତୃପୁରୁଷଙ୍କୁ ଆବାହନ କରାଯାଏ। ଦୀପାବଳି ଅମାବାସ୍ୟାରେ ପିତୃପୁରୁଷଙ୍କୁ ଫେରିବା ପାଇଁ ଆଲୋକ ଦେଖାଯାଇଥାଏ। ତେଣୁ ଦୀପାବଳିକୁ ନଜରରେ ରଖି ଶ୍ରୀମନ୍ଦିର ପ୍ରଶାସନ, ପୁଲିସ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ସିଂହଦ୍ୱାର ନିକଟରେ କାଉଁରିଆ କାଠି ଜାଳି ବଡ଼ବଡୁଆଙ୍କୁ ଡାକିଥିଲେ ଶ୍ରଦ୍ଧାଳୁ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୁଲିସ ମୁତୟନ ହୋଇଥିବାବେଳେ ଅଗ୍ନିଶମ ବାହିନୀ କର୍ମଚାରୀ ମଧ୍ୟ ଉପସ୍ଥିତ ଥିଲେ।



ବଡ଼ଶଙ୍ଖ ମା' କାଳୀ



ବଟ କାଳୀ



ରେଳଷ୍ଟେସନ୍ ମା' କାଳୀ

## ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ

ପୁରୀ,୨୧।୧୦(ସମିସ): ପ୍ରତି ଅମାବାସ୍ୟାରେ ଶ୍ରୀମନ୍ଦିରରୁ ଅମାବାସ୍ୟା ନାରାୟଣ ସାଗର ବିଜେ କରିଥା'ନ୍ତି। ମଙ୍ଗଳବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସକାଳ ଧୂପ ପରେ ଅମାବାସ୍ୟା ନାରାୟଣ ସାଗର ବିଜେ କରିଥିଲେ। ମହାଜନ ସେବକ ଅମାବାସ୍ୟା ନାରାୟଣଙ୍କୁ ହାତରେ ଧରି ପାଲିଙ୍କିରେ ବିଜେ କରାଇଥିଲେ। ପାଲିଙ୍କି ସିଂହଦ୍ୱାର ଦେଇ ସ୍ୱର୍ଗଦ୍ୱାର ସମୁଦ୍ରକୂଳରେ ବିଜେ କରାଯାଇଥିଲା। ସେଠାରେ ସାଗର ବିଜେ ନୀତି ଅନୁଷ୍ଠିତ ହୋଇଥିଲା। ଗରାବଡୁ ସେବକ ରୁପା ପିଙ୍ଗଣରେ ସମୁଦ୍ର ଜଳ ଆଣି ପଣ୍ଡାଙ୍କୁ ଦେବା ପରେ ତାହାକୁ ସଂସ୍କାର କରାଯାଇ ଠାକୁରଙ୍କୁ ଲାଗି କରାଯାଇଥିଲା। ସାବତ ନିଯୋଗ ପକ୍ଷରୁ ପଣା ଭୋଗ, କର୍ପୂର ଆଳତି, ବନ୍ଦାପନା, ସଞ୍ଜ କାହାଳୀ ଆଳତି ପରେ ବିମାନବଡୁ ସେବକମାନେ ଠାକୁରଙ୍କୁ ପାଲିଙ୍କିରେ ନେଇ ଯମେଶ୍ୱର ମନ୍ଦିର ଦେଇ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହାପରେ ଠାକୁରଙ୍କ ଅନ୍ୟାନ୍ୟ ନୀତି ବଢ଼ିଥିଲା।

## ସର୍ଟସର୍କିଟରୁ ଅଗ୍ନିକାଣ୍ଡ

ପୁରୀ,୨୧।୧୦(ସମିସ): ସ୍ଥାନୀୟ ସିଦ୍ଧବକୁଳ ଲେନ୍‌ରେ ଅଗ୍ନିକାଣ୍ଡ ଘଟିଛି। ବିଦ୍ୟୁତ୍ ସର୍ଟସର୍କିଟ୍ ଯୋଗୁଁ ସୁମାରାଣୀ ବେହେରାଙ୍କ ଘରେ ଅଗ୍ନିକାଣ୍ଡ ଘଟିଥିଲା। ଏହି ଅଗ୍ନିକାଣ୍ଡ ଯୋଗୁଁ ଧୂଆଁ ଏତେମାତ୍ରାରେ ହୋଇଥିଲା ଯେ, ଅଗ୍ନିଶମ କର୍ମଚାରୀମାନେ ଘର ଭିତରକୁ ପ୍ରବେଶ କରିପାରି ନ ଥିଲେ। ଅଗ୍ନିଶମ କର୍ମଚାରୀମାନେ ମୁହଁରେ ସମସ୍ତ ଆଧୁନିକ ସରଞ୍ଜାମ ପରିଧାନ କରି ନିଆଁକୁ ଆୟତ୍ତ କରିଥିଲେ।

## ଖଜା ଦୋକାନୀଙ୍କୁ ଛୁରାମାଡ଼

ପୁରୀ,୨୧।୧୦(ସମିସ): ଦୀପାବଳିରେ ଯୁବକଙ୍କୁ ଛୁରାମାଡ଼। ପୁରୀ ଟାଉନ୍ ଥାନା ଅନ୍ତର୍ଗତ ପାପୁଡ଼ିଆ ମଠ ସମ୍ମୁଖରେ ଜଣେ ଖଜା ଦୋକାନୀ ହେମନ୍ତ ପଟ୍ଟନାୟକଙ୍କୁ ଛୁରାମାଡ଼ କରାଯାଇଛି। ହଠାତ୍ ଜଣେ ଦୁର୍ବୃତ୍ତ ପହଞ୍ଚି ଛୁରାମାଡ଼ କରିଥିବା ଜଣାପଡ଼ିଛି। ଗୁରୁତର ଅବସ୍ଥାରେ ହେମନ୍ତଙ୍କୁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅଭିଯୋଗ ଅନୁଯାୟୀ, ସୋମବାର ରାତିରେ ହେମନ୍ତ ନିଜ ଖଜା ଦୋକାନର ମାଲିକଙ୍କ ସହ କଥାବାର୍ତ୍ତା ହେଉଥିଲେ। ଦୁହେଁ ଥଟା ତାମ୍‌ସା ହେଉଥିବାବେଳେ ଜଣେ ଦୁର୍ବୃତ୍ତ ହଠାତ୍ ପହଞ୍ଚି ଉତ୍ତ୍ୟକ୍ତ ହୋଇ ନିଜ ପକେଟରେ ଥିବା ଛୁରି ବାହାର କରି ହେମନ୍ତଙ୍କ କାନକୁ ଆକ୍ରମଣ କରିଥିଲେ। ରକ୍ତାକ୍ତ ଅବସ୍ଥାରେ ହେମନ୍ତଙ୍କୁ ପୁଲିସ ଉଦ୍ଧାର କରି ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ଏ ନେଇ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ଦୁର୍ବୃତ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ହେଲେ କେଉଁଥିପାଇଁ ଦୁର୍ବୃତ୍ତ ଛୁରାମାଡ଼ କରିଛି ତାହା ସ୍ପଷ୍ଟ ହୋଇନାହିଁ।

## ଶ୍ରୀମନ୍ଦିର ଭିତରେ ଫଟୋ ଉଠାଉଥିଲେ ଯାତ୍ରୀ ଗୁମାସ୍ତା !

ପୁରୀ,୨୧।୧୦(ସମିସ): ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ, କ୍ୟାମେରା ଆଦି ନେବା ବାରଣ ସତ୍ତ୍ୱେ ଅନେକ ସମୟରେ ଏଥିରେ ବ୍ୟତିକ୍ରମ ଘଟୁଛି। ମନ୍ଦିର ଭିତର ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ସେବାୟତ ହୁଅନ୍ତୁ ବା ମନ୍ଦିର ଅଧିକାରୀ ଏବଂ କର୍ମଚାରୀ କେହି ଯେପରି ମୋବାଇଲ୍ ଫୋନ୍ ନ ନେବେ ତାହା କଡ଼ାକଡ଼ି କରିବାକୁ ଦାବି ହୋଇଆସୁଛି। ଏପର୍ଯ୍ୟନ୍ତ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ହୋଇ ନ ଥିବାବେଳେ ମଙ୍ଗଳବାର ମନ୍ଦିର ଭିତରୁ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ପ୍ରତିହାରୀ ନିଯୋଗ ନିକଟରେ ଜଣେ ଯାତ୍ରୀ ଗୁମାସ୍ତା ଫଟୋ ଉଠାଉଥିବା ନେଇ ସେବାୟତ ଡ୍ୟୁଟିରେ ଥିବା ପୁଲିସକୁ ଜଣାଇବାରୁ ପୁଲିସ ତାଙ୍କୁ ଥାନାକୁ ଆଣିଥିଲା। ସମ୍ପୃକ୍ତ ଗୁମାସ୍ତା ଯାତ୍ରୀଙ୍କୁ ମହାପ୍ରଭୁଙ୍କ ଦର୍ଶନ କରାଇଥିଲେ। ପ୍ରତିହାରୀ ନିଯୋଗ ନିକଟକୁ ନେଇ ଯାତ୍ରୀଙ୍କ ଫଟୋ ଉଠାଉଥିବା ବେଳେ ସେବାୟତମାନେ ତାଙ୍କୁ ବାରଣ କରିଥିଲେ। ପରେ ତାଙ୍କୁ ଥାନାକୁ ଅଣାଯାଇଥିବା ଶୁଣିବାକୁ ମିଳୁଥିଲେ ମଧ୍ୟ ଏହାକୁ ପୁଲିସ ଅସ୍ୱୀକାର କରିଛି। ସିଂହଦ୍ୱାର ଥାନାଧିକାରୀ ଶ୍ୱେତପଦ୍ମା ଦାଶ କହିଛନ୍ତି, ଆମେ ଏ ନେଇ କୌଣସି ଅଭିଯୋଗ ପାଇନାହୁଁ। କୌଣସି ଯାତ୍ରୀ ଗୁମାସ୍ତାଙ୍କୁ ଥାନାରେ ଅଟକ ରଖାଯାଇ ନାହିଁ। ମନ୍ଦିର ଭିତରୁ ଆସିଥିବା ଖବରର ସତ୍ୟତା ରହିଛି ନା ଜାଣିଶୁଣି ଏହାକୁ ଚାପି ଦିଆଯାଉଛି ତାହାର ଉପଯୁକ୍ତ ତଦନ୍ତ ହେବା ଦରକାର ବୋଲି ବୁଦ୍ଧିଜୀବୀ ଦାବି କରିଛନ୍ତି।

## ଖଡ଼ିପଦା ଜୁଆ ଆଡ୍ଡାରେ ଚଢ଼ଉ; ମାଷ୍ଟରମାଇଣ୍ଡ ଜଟିଆ ରାଉତ ଗିରଫ

ପୁରୀ,୨୧।୧୦(ସମିସ): ପୁରୀ ସଦର ଥାନା ଅନ୍ତର୍ଗତ ଖଡ଼ିପଦାରେ ଦୀର୍ଘଦିନ ଧରି ଚାଲିଥିବା ଜୁଆ ଆଡ୍ଡାର ମାଷ୍ଟରମାଇଣ୍ଡ ସୋମନାଥ ରାଉତ ଓରଫ ଜଟିଆକୁ ଗିରଫ କରିଛି ପୁଲିସ। ସୂଚନାଥାଉ କି, ଗତ ଶନିବାର ରାତିରେ ସଦର ଥାନା ପୁଲିସ ଖଡ଼ିପଦା ମେଳଣ ପଡ଼ିଆ ନିକଟ କୋଠଘରେ ଚାଲିଥିବା ଜୁଆ ଆଡ୍ଡାରେ ଚଢ଼ଉ କରିଥିଲା। ୧୪ ଜଣ ଜୁଆଡ଼ି ଧରାପଡ଼ିଥିବା ବେଳେ ୭ ଲକ୍ଷ ୭୧ ହଜାର ୬୦୦ ଟଙ୍କା, ୨ଟି ଦାମୀ କାର୍, ୬ଟି ବାଇକ୍, ୧୨ ପ୍ୟାକେଟ୍ ତାସମୁଠା ଏବଂ ୬୦ଟି ପ୍ଲାଷ୍ଟିକ୍ ଟୋକନ ଜବତ କରିଥିଲା। ତେବେ ଚଢ଼ଉବେଳେ ମାଷ୍ଟରମାଇଣ୍ଡ ଜଟିଆ ଖସିଯିବାକୁ ସକ୍ଷମ ହୋଇଥିଲା। ଏ ନେଇ ସଦର ଥାନା ପୁଲିସ ଏକ ମାମଲା (ନଂ.୬୩୬/୨୫) ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିଥିବାବେଳେ ଜଟିଆକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିଲା। ମଙ୍ଗଳବାର ପୁଲିସ ଜଟିଆକୁ ଗିରଫ କରିଛି। ଏହି ମାମଲାରେ ପୂର୍ବରୁ ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ଖଡ଼ିପଦାର ମାନସ ପ୍ରଧାନ, ପୁରୀ ଟାଉନ ଥାନା ମାର୍କଣ୍ଡେଶ୍ୱର ସାହିର ବିଜୟ ସ୍ୱାଇଁ, ଚନ୍ଦନପୁର ଦାମୋଦରପୁରର ପ୍ରମୋଦ ମହାନ୍ତି, କୁମ୍ଭାରପଡ଼ା ଗୋପବନ୍ଧୁ ଲେନ୍‌ର ମଧୁସୂଦନ ପ୍ରଧାନ, ଗଞ୍ଜାମ ରମ୍ଭା ସିପକୁଦାର ପ୍ରସନ୍ନ କୁମାର ନାହାକ, ଖଡ଼ିପଦାର ଅମିତ ସାହୁ, ଟାଉନ୍ ଥାନା ଗୌଡ଼ବାଡ଼ ସାହିର ପ୍ରମୋଦ ବରାଳ, ବଳିଆପଣ୍ଡା ଥାନା ଗୌଡ଼ବାଡ଼ ସାହିର ପବିତ୍ର ମଲ୍ଲିକ, ନୟାଗଡ଼ ଜିଲ୍ଲା ଟାଙ୍ଗୀ ଚାନ୍ଦପୁରର ପିଣ୍ଟୁ ମାଝୀ, କଣାସର ରାଜେଶ ବେହେରା, ବାସେଳିସାହି ଲୋକନାଥ ରୋଡ୍‌ର ଲକ୍ଷ୍ମୀଧର ବାରିକ, ବାସେଳିସାହି ଲୋକନାଥ ଘାଟର ଜଗନ୍ନାଥ ସାହୁ, ବାସେଳିସାହି ଲୋକନାଥ ରୋଡ୍ ହାତୀଶାଳର ପ୍ରଦୀପ୍ତ କୁମାର ଦାଶ ଏବଂ ଖଡ଼ିପଦାର ଧ୍ରୁବ ଚରଣ ବଳିୟାରସିଂ।

# ଆଇଏମ୍‌ଟି ଫାର୍ମାସୀ କଲେଜ ପ୍ରତିଷ୍ଠାତାଙ୍କ ପରଲୋକ

ପୁରୀ,୨୧।୧୦(ସମିସ): ଆଇଏମ୍‌ଟି ଫାର୍ମାସୀ ଓ ଆଲାଏଡ୍ ସାଇନ୍ସ କଲେଜ ପୁରୀର ପ୍ରତିଷ୍ଠାତା ଡ. ବିଶ୍ୱନାଥ ରଥଙ୍କ ୭୬ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସୋମବାର ଦୀପାବଳି ଅମାବାସ୍ୟା ରାତି ୧୨ଟା ୪୫ରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। ମଙ୍ଗଳବାର ତାଙ୍କ ମରଶରୀର ସତ୍ୟବାଦୀସ୍ଥିତ ପୈତୃକ ଗାଁ ଭୀମପୁରକୁ ଅଣାଯାଇଥିଲା। ପରେ ଆଇଏମ୍‌ଟି ଫାର୍ମାସୀ କଲେଜ, ପୁରୀ ହୋଇ ବାରବାଟୀ ନୂଆସାହିସ୍ଥିତ ବାସଭବନରେ ପହଞ୍ଚିଥିଲା। ମଧ୍ୟାହ୍ନ ସାଢ଼େ ୧୨ଟାରେ ସ୍ୱର୍ଗଦ୍ୱାରରେ ବହୁ ଶୁଭେଚ୍ଛୁ ଓ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ଏକମାତ୍ର ପୁତ୍ର ମନୋଜ ରଥ ମୁଖାଗ୍ନି ଦେଇ ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ଡ. ରଥଙ୍କ ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପୁଅ, ବୋହୂ, ଝିଅ, ଜ୍ୱାଇଁ, ଧର୍ମପତ୍ନୀ ଓ ଦୁଇ ନାତୁଣୀ ଉପସ୍ଥିତ ଥିଲେ। ଡ. ରଥଙ୍କ ବିୟୋଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ ଏବଂ ପ୍ରଭାତୀ ପରିଡ଼ା, ସାଂସଦ ଡ. ସମ୍ବିତ ପାତ୍ର, ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଧାୟକ ଓମ୍ ପ୍ରକାଶ ମିଶ୍ର, ବିଜେପି ସଂଗଠନ ମନ୍ତ୍ରୀ ମାନସ ମହାନ୍ତି, ଉପସଭାପତି ବିରଞ୍ଚି ତ୍ରିପାଠୀ,



ସୁଦୀପ୍ତ ରାୟ, ପଞ୍ଚାନନ ରାଉତ, ପୁରୀ ଜିଲ୍ଲା କଂଗେସ ସଭାପତି ଇଂ. ରାଜେଶ ମିଶ୍ର, ପୁରୀ ଜିଲ୍ଲା ବିଜେପି ସଭାପତି ଡା. ଦେବେନ୍ଦ୍ର ନାଥ ତରାଇ, ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ରମାରଞ୍ଜନ ବଳିୟାରସିଂ, ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ସଭାପତି ଜୟନ୍ତ ଦାଶ, କାମାକ୍ଷା ପ୍ରଧାନ, କୃଷ୍ଣ ଜଗଦ୍ଦେବ, ଆଦିକନ୍ଦ ଶ୍ରୀଚନ୍ଦନ, ପ୍ରଭଞ୍ଜନ ମହାପାତ୍ର, ବଦ୍ରି ମିଶ୍ର, ସୁକାନ୍ତ ପଣ୍ଡା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ସୂଚନାଥାଉ କି, ସ୍ୱର୍ଗତ ଡ. ରଥ ପୁରୀ ଜିଲ୍ଲାର ବରିଷ୍ଠ ବିଜେପି ନେତା, ପୂର୍ବତନ ଜାତୀୟ ପରିଷଦ ସଭ୍ୟ, ସତ୍ୟବାଦୀ ନିର୍ବାଚନମଣ୍ଡଳୀର ପୂର୍ବତନ ବିଜେପି ପ୍ରାର୍ଥୀ, ଭାରତ ସରକାରଙ୍କ ନାରିକେଳ ବିକାଶ ବୋର୍ଡର ପୂର୍ବତନ ଉପାଧ୍ୟକ୍ଷ ସମେତ ଅନେକ ପଦ ପଦବୀରେ ରହିଥିଲେ।

## ପୁଲିସ ସହିଦ ଦିବସ ପାଳିତ



ପୁରୀ,୨୧।୧୦(ସମିସ): ରିଜର୍ଭ ପୁଲିସ ପଡ଼ିଆରେ ମଙ୍ଗଳବାର ୬୬ତମ ପୁଲିସ ସହିଦ ଦିବସ ପାଳିତ ହୋଇଯାଇଛି। ଏଥିରେ ଏସ୍‌ପି ପ୍ରତୀକ୍ ସିଂ ଯୋଗଦେଇ ସହିଦ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ କରିବା ସହ ସେମାନଙ୍କର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଦେଶର ସେବା କରି ନିଜ ଜୀବନକୁ ଉତ୍ସର୍ଗ କରିଥିବା ଯବାନଙ୍କ ନାମ ପାଠ କରାଯାଇଥିଲା। ସେମାନଙ୍କ ସାହସିକତା ଓ ବୀରତ୍ୱ ଉପରେ ଏସ୍‌ପି ଉଦ୍‌ବୋଧନ ଦେଇଥିଲେ। ପୁଲିସ ବାହିନୀ ସବୁବେଳେ ସାହସିକତାର ପରିଚୟ ଦେଇ ଜନସାଧାରଣଙ୍କୁ ସେବା ଯୋଗାଇ ଆସୁଛି। ପୁଲିସର ସେବା ଉପରେ ଲୋକମାନଙ୍କର ଯେଉଁ ଭରସା ଓ ବିଶ୍ୱାସ ରହିଛି ତାହାକୁ ଅତୁଟ ରଖିବାକୁ ଏସ୍‌ପି ପରାମର୍ଶ ଦେବା ସହ ନିଷ୍ଠାପର ଭାବେ ସେବା କରିବା ପାଇଁ ଗୁରୁମନ୍ତ୍ର ପ୍ରଦାନ କରିଥିଲେ। ସେହିପରି ବରିଷ୍ଠ ପୁଲିସ ଅଧିକାରୀମାନେ ମଧ୍ୟ ସହିଦ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ପୁଲିସ ବିଭାଗର ଅବସରପ୍ରାପ୍ତ ଅଧିକାରୀଙ୍କ ସମେତ ଜନସାଧାରଣ ମଧ୍ୟ ଯୋଗଦେଇଥିଲେ।

## ୧୪ କେଜି ଗଞ୍ଜେଇ ଜବତ, ୨ ଗିରଫ

ପୁରୀ, ୨୧।୧୦ (ସମିସ): ଟ୍ରେନ୍‌ରେ ଗଞ୍ଜେଇ ଚାଲାଣ ଅଭିଯୋଗରେ ପୁରୀ ଜିଆର୍‌ପି ଥାନା ଦୁଇଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ବିହାରର ଛୋଟୁ କୁମାର ଓ ନିରଞ୍ଜନ କୁମାର। ସୋମବାର ସକାଳେ ଦୁଇଟି ବ୍ୟାଗ୍‌ରେ ଗଞ୍ଜେଇ ଭର୍ତ୍ତି କରି ଷ୍ଟେସନକୁ ପ୍ରବେଶ କରୁଥିବାବେଳେ ପୁଲିସ ସେମାନଙ୍କୁ କାବୁ କରିଛି। ସେମାନଙ୍କ ନିକଟରୁ ୧୪କେଜି ଗଞ୍ଜେଇ ଜବତ କରାଯାଇଛି। ପୁଲିସର ଜେରାବେଳେ ଉଭୟେ ଟ୍ରେନ୍‌ର ୱାଶ୍‌ରୁମ୍ ଛାତ ଭିତରେ ଚୋରା ଗଞ୍ଜେଇ ଲୁଚାଇବା ପାଇଁ ଆସିଥିବା ସ୍ୱୀକାର କରିଛନ୍ତି। ଜେରାବେଳେ ସେମାନଙ୍କଠାରୁ ଗଞ୍ଜେଇ ଚୋରାଚାଲାଣ ସମ୍ପର୍କରେ ବଡ଼ ସୁରାକ୍ ପାଇଛି ପୁଲିସ।

ସର୍ବୋଦୟ ନଗର ନିକଟରେ ବିହାର ପାଟନାର ରାମୁ ରାୟ ଏକ ଘର ଭଡ଼ା ନେଇଛନ୍ତି। ସେହି ଘରେ ଅଭିଯୁକ୍ତ ଦୁଇଜଣ ରୁହନ୍ତି। ରାମୁ ଏକ ନାଲି ରଙ୍ଗର କାର୍‌ରେ କନ୍ଧମାଳରୁ ଗଞ୍ଜେଇ ଆଣି ଭୁବନେଶ୍ୱର ୧ ନମ୍ବର ମାର୍କେଟରେ ଦିଏ। ସେହି ଗଞ୍ଜେଇକୁ

**ଟ୍ରେନ୍‌ରେ ଦିଲ୍ଲୀ ପଠାଇବାକୁ ଆସୁଥିବାବେଳେ ଧରାପଡ଼ିଲେ**

ସ୍କୁଟିରେ ପୁରୀ ଭଡ଼ା ଘରକୁ ଆଣି ସେଠାରେ ପ୍ୟାକିଂ କରାଯାଏ। ଦିଲ୍ଲୀ ଯାଉଥିବା ଟ୍ରେନ୍‌ର ଏସି ବଗି ବାଥ୍‌ରୁମ୍ ଛାତର ପ୍ଲାଇକୁ ସ୍କ୍ରୁଡାଇଭରରେ ଅଭିଯୁକ୍ତ ଦୁଇଜଣ ଖୋଲି ଗଞ୍ଜେଇକୁ ତା' ଭିତରେ ପ୍ୟାକିଂ କରି ପୁଣି ବନ୍ଦ କରିଥା'ନ୍ତି। ମାଲିକ ରାମୁ ପାଖକୁ ବଗି ଓ ଲୁଚାଇଥିବା ସ୍ଥାନର ଫଟୋ ପଠାଇ ଦିଅନ୍ତି। ରାମୁ ସେହି ଗଞ୍ଜେଇକୁ ଦିଲ୍ଲୀ ଷ୍ଟେସନ ପୂର୍ବରୁ ଲୁଚାଯାଇଥିବା ସ୍ଥାନରୁ ବାହାର କରି ଦିଲ୍ଲୀ ସହରରେ ଚଢ଼ା ଦରରେ ବିକ୍ରି କରିଥାଏ। ସୋମବାର ସକାଳେ ଅଭିଯୁକ୍ତ ଦ୍ୱୟ ଏକ ପାଉଁଶିଆ ରଙ୍ଗର ଟିଭିଏସ୍ ସ୍କୁଟିରେ ରେଳ ପାର୍ସଲ ଅଫିସ ପ୍ରବେଶ/ପ୍ରସ୍ଥାନ ଫାଟକ ନିକଟ ପାର୍କିଂରେ ପହଞ୍ଚିଥିଲେ। ଷ୍ଟେସନ ଭିତରକୁ ଦୁଇଟି କପଡ଼ା ଚେନ୍ ଆଚ୍ଛାଦିତ ବ୍ୟାଗ୍ ଧରି ଯିବା ସମୟରେ ପାଟ୍ରୋଲିଂ କରୁଥିବା ପୁଲିସଙ୍କୁ ଦେଖି ଦୌଡ଼ିବାକୁ ଲାଗିଥିଲେ। ସେହି ବ୍ୟାଗ୍ ଯାଞ୍ଚ ପରେ ୧୪ କେଜି ଗଞ୍ଜେଇ ଜବତ କରାଯାଇଥିଲା। ଏଥିସହ ଦୁଇଟି ମୋବାଇଲ ଫୋନ୍, ଏଟିଏମ୍ କାର୍ଡ, ଟ୍ରେନ୍ ଟିକଟ୍ ମଧ୍ୟ ଜବତ କରାଯାଇଥିଲା। ଏନେଇ ଜିଆର୍‌ପି ଥାନାରେ ଏକ ମାମଲା (ନଂ.୯୩/୨୫) ରୁଜୁ କରାଯାଇ ଉଭୟଙ୍କୁ କୋର୍ଟଚାଲାଣ କରିଛି ପୁଲିସ।

### ପିପିଲିରେ ସାମ୍ବାଦିକଙ୍କୁ ଆକ୍ରମଣ ଘଟଣା

# ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ ଦାବି କଲା ବିଜେଡି

ପିପିଲି, ୨୧।୧୦ (ସମିସ): ସରକାର ପରିବର୍ତ୍ତନ ପରେ ସରକାରୀ ଦଳର କର୍ମୀଙ୍କ ଉତ୍ପାତ ବଢ଼ିଯାଇଛି। ଗତ ୧୯ ତାରିଖ ସନ୍ଧ୍ୟା ସମୟରେ ପିପିଲି ଅଞ୍ଚଳର ଜନୈକ ସାମ୍ବାଦିକଙ୍କୁ ଆକ୍ରମଣ ହୋଇଛି। ଏକ ଖବର ପ୍ରସାରଣକୁ କେନ୍ଦ୍ର କରି ସାମ୍ବାଦିକ ମନୋରଞ୍ଜନ ମହାପାତ୍ରଙ୍କୁ ମାଡ଼ମାରି ଲହୁଲୁହାଣ କରିଛନ୍ତି ଶାସକ ଦଳର କିଛି କର୍ମୀ। ସାମ୍ବାଦିକ ମନୋରଞ୍ଜନ ପିପିଲି ଥାନାରେ ଦର୍ଶାଇଥିବା ଅଭିଯୋଗରେ ପୁରୀ ସାଂସଦଙ୍କ ପ୍ରତିନିଧି ସୁକାନ୍ତ ଭଟ୍ଟ ଏବଂ ତାଙ୍କ



ସହଯୋଗୀଙ୍କ ନାମ ଉଲ୍ଲେଖ କରିଛନ୍ତି। ତେବେ ମନୋରଞ୍ଜନଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ପିପିଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ଏହି ଘଟଣା ସମ୍ପର୍କରେ ପିପିଲି ପୁଲିସ ଖବର ପାଇ ତଦନ୍ତ ଜାରି ରଖିଛି। ଇତି ମଧ୍ୟରେ ୩୬ ଘଣ୍ଟା ବିତିଯାଇଥିଲେ ସୁଦ୍ଧା ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ମଙ୍ଗଳବାର ସାମ୍ବାଦିକମାନେ ପୁରୀ ଏସ୍‌ପି ପ୍ରତୀକ୍ ସିଂହଙ୍କୁ ଭେଟିଥିଲେ। ଏସ୍‌ପି ଘଟଣା ସମ୍ପର୍କରେ ଅବଗତ ହେବା ପରେ ପୁରୀରୁ ଜଣେ ସ୍ୱତନ୍ତ୍ର ଭାବେ ତଦନ୍ତକାରୀ ଅଧିକାରୀ ଏହି ମାମଲାରେ ତଦନ୍ତ କରିବେ ବୋଲି ପ୍ରତିଶ୍ରୁତି ଦେବା ସହିତ ୨୪ ଘଣ୍ଟା ସମୟ ନେଇଛନ୍ତି। ସେହିପରି ମଙ୍ଗଳବାର ବିଜୁ ଜନତା ଦଳ ପିପିଲି ଏନ୍‌ଏସି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇ ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାକୁ ଦୃଢ଼ ନିନ୍ଦା କରିବା ସହିତ ଆକ୍ରମଣକାରୀଙ୍କୁ ଗିରଫ କରିବାକୁ ଦାବି କରାଯାଇଛି। ଯଦି ତୁରନ୍ତ ଗିରଫ କରା ନ ଯାଏ ତେବେ ବିଜୁ ଜନତା ଦଳ ବାଧ ହୋଇ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ପିପିଲି ଏନ୍‌ଏସି ଅଧ୍ୟକ୍ଷ ସେକ୍ ବାବୁ, ଉପାଧ୍ୟକ୍ଷା ଭାଗ୍ୟବତୀ ମହାରଣା, ପିପିଲି ଏନ୍‌ଏସି ବିଜେଡି ସଭାପତି ଶରତ ବେହେରା, କାଉନ୍‌ସିଲର ଚନ୍ଦନ ସେଠୀ, କବିରାଜ ବରାଳ, ସୁନିଲ ବରାଳ, ମାନସୀ ବେହେରା, ବଳରାମ ମହାପାତ୍ର, ରସିଦ୍ ଖାଁ, ଛାତ୍ର ବିଜେଡି ସଭାପତି ଫଜଲ ଖାଁ, ମହିଳାନେତ୍ରୀ ପ୍ରମୁଖ ଯୋଗଦେଇଥିଲେ।

# ଧାନମେରା ସାହିରେ ବୁଲିଲା ଖଣ୍ଡା; ଏକାଧିକ ଆହତ

ବ୍ରହ୍ମପୁର,୨୧।୧୦(ସମିସ): ବଡ଼ବଜାର ଥାନା ଅନ୍ତର୍ଗତ ଧାନମେରା ସାହିରେ ଦୀପାବଳି ରାତିରେ ଦୁଇଗୋଷ୍ଠୀ ମଧ୍ୟରେ ମାରପିଟ ହୋଇ ଖଣ୍ଡା ବୁଲିଛି। ଗୋଟିଏ ଗୋଷ୍ଠୀର ଯୁବକମାନେ ଜଣେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଛନ୍ତି। ଆହତ ଯୁବକ ଜଣଙ୍କ ଉକ୍ତ ସାହିର ନରୋତ୍ତମ ନାୟକ। ତାଙ୍କୁ ଗୁରୁତର ଅବସ୍ଥାରେ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ଆହତଙ୍କ ସ୍ତ୍ରୀ ଅନିତା ନାୟକ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। ପ୍ରକାଶ ଯେ, ସୋମବାର ଦୀପାବଳି ପାଇଁ ଧାନମେରା ସାହି ଚଳଚଞ୍ଚଳ ଥିଲା। ରାତି ପ୍ରାୟ ୧୧ଟାରେ ୩/୪ ଜଣ ଯୁବକ ମାରଣାସ୍ତ୍ର ଧରି ନରୋତ୍ତମଙ୍କ ଘର ପାଖକୁ ଆସି ଆକ୍ରମଣ କରିଥିଲେ। ସେ ଦୌଡ଼ି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ସେମାନେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରି ଚମ୍ପଟ ମାରିଥିଲେ। ଅନ୍ୟପକ୍ଷରେ ଅମିତ୍ କୁମାର ମୁଖୀଙ୍କୁ ମଧ୍ୟ ଆକ୍ରମଣ ସହ ହତ୍ୟା ଧମକ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୁଲିସ ଦୁଇଟି ପୃଥକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡିଛି।



# ବିଭିନ୍ନ ସ୍ଥାନରେ କାଳୀପୂଜା

ବ୍ରହ୍ମପୁର,୨୧।୧୦(ସମିସ): ରେଶମ ସହର ବ୍ରହ୍ମପୁରରେ ଧୁମ୍‌ଧାମରେ ପାଳିତ ହେଉଛି କାଳୀପୂଜା। ସମସ୍ତ ପୂଜା କମିଟି ପକ୍ଷରୁ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଅନୁଷ୍ଠିତ ହେଉଛି। ପ୍ରାୟ ୧୦ରୁ ଅଧିକ ମଣ୍ଡପରେ ମା' ପୂଜା ପାଉଛନ୍ତି। ସହରର ଖୋଡ଼ାସିଙ୍ଗ, କୋର୍ଟପେଟା ଛକ, ଆଙ୍କୁଲି ଶିଳ୍ପାଞ୍ଚଳ, ସୁବାଷ ନଗର, ଲାଞ୍ଜିପଲ୍ଲୀ, ବ୍ରହ୍ମାନଗର ଓ ବଡଖେମୁଡ଼ି ସାହୁ ସମେତ ବିଭିନ୍ନ ସ୍ଥାନରେ ପୂଜା ହେଉଛି। ବିଭିନ୍ନ ପୂଜା କମିଟି ପକ୍ଷରୁ ଭିନ୍ନଭିନ୍ନ ତୋରଣ ପ୍ରସ୍ତୁତ ସହ ଆଲୋକସଜ୍ଜାକୁ ମଧ୍ୟ ସୁନ୍ଦର କରାଯାଉଛି। ମା'ଙ୍କୁ ଦର୍ଶନ କରିବାକୁ ସନ୍ଧ୍ୟାରେ ଶତାଧିକ ଭକ୍ତଙ୍କ ଭିଡ଼ ଲାଗି ରହିଥିବା ଯୋଗୁ ବ୍ୟାରିକେଡ଼ ସହିତ ଶାନ୍ତିଶୃଙ୍ଖଳାରେ କିଭଳି ଦର୍ଶନ କରିବେ ଶ୍ରଦ୍ଧାଳୁ ସେନେଇ ବିଭିନ୍ନ ବ୍ୟବସ୍ଥା କରାଯାଇଛି। ପ୍ରତିଦିନ ମା'ଙ୍କ ଯଥାରୀତିରେ ପୂଜାର୍ଚ୍ଚନା ଅନୁଷ୍ଠିତ ହେଉଛି। ଅନ୍ୟପକ୍ଷେରେ ଖୋଡ଼ାସିଙ୍ଗ ମା' ଶ୍ୟାମାକାଳୀ ପୂଜା କମିଟି ପକ୍ଷରୁ ଅନୁଷ୍ଠିତ କାଳୀପୂଜାର ତୋରଣ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଫଳରେ ଏଠାରେ ଭକ୍ତଙ୍କ ପ୍ରବଳ ଭିଡ଼ ଜମୁଛି। ସେହିପରି ସହରର ବିଭିନ୍ନ ସ୍ଥାନରେ ଅନେକ ତୋରଣ ସାଙ୍ଗକୁ ସୁନ୍ଦର ଆଲୋକ ସଜ୍ଜା କରି ମା'ଙ୍କ ପୂଜାର୍ଚ୍ଚନା ଜାରି ରହିଛି। ଅନେକେ ପୂଜା ମଣ୍ଡପରେ ସିସିଟିଭି ଲଗାଯାଇଛି।



## ବିଳମ୍ବିତ ରାତି ଯାଏ ଫୁଟିଲା ବାଣ

# ଅଢ଼େଇ କୋଟିରୁ ଊର୍ଦ୍ଧ୍ୱ କାରବାର; ୧୨ରୁ ଅଧିକ ଆହତ

ବ୍ରହ୍ମପୁର,୨୧।୧୦(ସମିସ)

ସୋମବାର ଗଞ୍ଜାମ ଓ ବ୍ରହ୍ମପୁର ସହରବାସୀ ପାଳିତ ହୋଇଯାଇଛି ଆଲୋକର ପର୍ବ ଦୀପାବଳି। ସହରବାସୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କୌଣସି ନିୟମ ମାନିନଥିଲେ। ସନ୍ଧ୍ୟା ୭ଟାରୁ ୯ଟା ଯାଏ ବାଣ ଫୁଟାଇବାକୁ ନିର୍ଦ୍ଦେଶ ଥିବାବେଳେ ରାତି ପ୍ରାୟ ୧ଟା ପର୍ଯ୍ୟନ୍ତ ସହରର ବିଭିନ୍ନ ସାହିରେ ବାଣ ଫୁଟାଇଥିଲେ ଅମାନିଆ। ଅନ୍ୟପକ୍ଷରେ ଛତୁ ଫୁଟିଲା ଭଳି ସାହି ସାହିରେ ବାଣ ଦୋକାନ ଖୋଲିଥିଲା। ବାଣ ବିକ୍ରି ପାଇଁ ସନ୍ଧ୍ୟା ୫ଟା ଓ ବାଣ ଫୁଟାଇବା ପାଇଁ ରାତି ୯ଟା ପାଇଁ ସମୟ ଧାର୍ଯ୍ୟ ହୋଇଥିଲା। ସବୁଜ ବାଣ ବ୍ୟତୀତ ଅନ୍ୟ ବାଣ କାରବାର ଓ ଫୁଟାଇବା ଉପରେ କଟକଣା ଲାଗିଥିଲା। ଏଥିପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦିଷ୍ଟ କିଛି ବ୍ୟବସାୟୀଙ୍କୁ ସର୍ତ୍ତମୂଳକ ଅନୁମତି ମିଳିଥିଲା। କିନ୍ତୁ ଦୀପାବଳି ରାତିରେ ଏସବୁ କଟକଣାକୁ ଫୁଁ' କରି ଉଡ଼ାଇ ଦେଇଥିଲେ ଲୋକେ। ଫଳରେ ପ୍ରଶାସନଠାରୁ ଅନୁମତି ନେଇ ବାଣ କାରବାର କରିଥିବା ବ୍ୟବସାୟୀ ଚିନ୍ତାରେ ପଡ଼ିଯାଇଥିଲେ। ସବୁଠାରୁ ବଡ଼କଥା ହେଲା ସବୁଜ ବାଣ ପାଇଁ ସହରରେ ମୋଟ ୭୦ରୁ ଊର୍ଦ୍ଧ୍ୱ ଜଣ ବ୍ୟବସାୟୀଙ୍କୁ ଅନୁମତି ମିଳିଥିଲେ ବି ଏକାଧିକ ବାଣ ଦୋକାନ ବେଆଇନ ଭାବେ ଖୋଲିଥିଲା। ଏସବୁକୁ ରୋକିବାକୁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା, ତେବେ କିଛି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହୋଇଥିବା ନଜିର ନାହିଁ। ସେହିପରି ପୁଲିସ ପାଟ୍ରୋଲିଂ ଚାଲିଥିବା ବେଳେ ବିନା ଅନୁମତିରେ ବ୍ୟବସାୟୀ ବିଭିନ୍ନ ସ୍ଥାନରେ ରାସ୍ତାକଡ଼ରେ ବାଣଧରି ବିକୁଥିବା ଦେଖିବାକୁ ମିଳିଥିଲା। ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବାଣ ବିକ୍ରୀ ପାଇଁ ମଧ୍ୟ ଲାଇସେନ୍ସ ପ୍ରାପ୍ତ ବ୍ୟବସାୟୀଙ୍କୁ କୁହାଯାଇଥିବା ବେଳେ ତାହାର ମଧ୍ୟ ଖୋଲା ଉଲ୍ଲଂଘନ ହୋଇଥିଲା।

ଚଳିତବର୍ଷ ଦୀପାବଳି ଅବସରରେ ବ୍ରହ୍ମପୁର ସହରରେ କେବଳ ପ୍ରାୟ ଅଢ଼େଇ କୋଟି ଟଙ୍କାର ବାଣ କାରବାର ହୋଇଥିବା ଆକଳନ କରାଯାଇଛି। ଅନ୍ୟପକ୍ଷରେ ଦୀପାବଳି ଅବସରରେ ବ୍ରହ୍ମପୁର ସହର ସମେତ ସମଗ୍ର ଜିଲ୍ଲାର ବିଭିନ୍ନ ସ୍ଥାନରେ ଛୋଟ ବଡ଼ ଅଘଟଣ ଘଟିଥିବା ସୂଚନା ମିଳିଛି।

ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ସୋମବାର କେବଳ ୩ ମହିଳାଙ୍କ ସମେତ ୧୨ଜଣ ଆହତ ହୋଇ ଭର୍ତ୍ତି ହୋଇଥିଲେ। ପରବର୍ତ୍ତୀ ସମୟରେ କିଛି ଘରକୁ ଫେରିଥିବା ବେଳେ ଆଉ କିଛି ମେଡ଼ିକାଲରେ ଚିକିତ୍ସାଧୀନ ଅଛନ୍ତି।

# ୬୬ ତମ ପୁଲିସ୍ ସହିଦ ଦିବସ ପାଳିତ



ବ୍ରହ୍ମପୁର,୨୧।୧୦(ସମିସ): ବ୍ରହ୍ମପୁର ପୁଲିସ ଜିଲ୍ଲା ପକ୍ଷରୁ ଆମ୍ବପୁଆ ସ୍ଥିତ ରିଜର୍ଭ ପୁଲିସ ପଡ଼ିଆରେ ୬୬ତମ ପୁଲିସ ସହିଦ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ରହ୍ମପୁର ଏସପି ଡ଼. ସର୍ବଣା ବିବେକ ଏମ୍‌ଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହିଦଙ୍କ ସ୍ମୃତିଚାରଣ କରାଯିବା ସହିତ ସହିଦ ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ବ୍ରହ୍ମପୁର ଜିଲ୍ଲା ପୁଲିସ୍ ବାହିନୀ ଦ୍ୱାରା ଅନୁଷ୍ଠିତ ପରେଡରେ ମୁଖ୍ୟଅତିଥି ଭାବେ ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର ଯୋଗଦାନ କରି ଅଭିବାଦନ ଗ୍ରହଣ କରିଥିଲେ। ଦେଶ ପାଇଁ ବୀର ଯବାନମାନଙ୍କ ବଳିଦାନ ପାଇଁ ପ୍ରତିବର୍ଷ ଅକ୍ଟୋବର ୨୧କୁ ଭାରତର ସମସ୍ତ ସଦର ମହକୁମାରେ "ସହିଦ୍ ସ୍ମାରକୀ ଦିବସ' ଭାବେ ପାଳନ କରିବାକୁ ୧୯୬୦ରେ ଆରକ୍ଷୀ ମୁଖ୍ୟଙ୍କ ସମ୍ମିଳନୀରେ ନିଷ୍ପତ୍ତି ନିଆଯାଇଥିଲା। ଚଳିତବର୍ଷ ସହିଦ ଦିବସ ଅବସରରେ ଓଡିଶାର ୨ଜଣ ଯଥା ଲକ୍ଷ୍ମଣ ମାଝୀ ଓ ଲୋକନାଥ ଶବର ଏବଂ ସମଗ୍ର ଦେଶରେ ୧୯୧ଜଣ ପୁଲିସ କର୍ମଚାରୀ ଜୀବନ ଉତ୍ସର୍ଗ କରିଛନ୍ତି। ଓଡ଼ିଶାର ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ସହ ଅମର ସହିଦ ଯବାନଙ୍କ ପ୍ରତି ରହିଥିବା ଶ୍ରଦ୍ଧାଞ୍ଜଳି ବାର୍ତ୍ତା ଏଠାରେ ପଠନ କରାଯାଇଥିଲା। ଏହାସହ ଦୁଇ ସହିଦ ପରିବାରଙ୍କୁ ସମ୍ମାନୀତ କରାଯାଇଥିଲା। ସ୍ୱର୍ଗତ ପୁଲିସ ଏସ୍‌ଆଇ ମନୋରଞ୍ଜନ ମିଶ୍ରଙ୍କ ପତ୍ନୀ ଓ ସୁଶାନ୍ତ ଗୌଡ଼ଙ୍କ ପିତାଙ୍କୁ ଆଜି ସମ୍ବର୍ଦ୍ଧିତ ସହ ସମ୍ମାନିତ କରାଯାଇଥିଲା। ଅତିରିକ୍ତ ଏସ୍‌ପି ଆଲୋକ ଜେନା, ଅତିରିକ୍ତ ଏସପି କୈଳାସ ଚନ୍ଦ୍ର ବୁରୁଦା, ଇନ୍ସପେକ୍ଟର ବାବା ଶଙ୍କର ସରଫ୍, କୃଷ୍ଣ ଶାହା, ରାମ ସୁବ୍ରମନିୟମ୍ ପ୍ରଧାନ, ପ୍ରଦ୍ମଚରଣ ଭଟ୍ଟ, ଶଙ୍କର ପଣ୍ଡା, ପ୍ରଶାନ୍ତ ମଲ୍ଲିକଙ୍କ ବହୁ ପୁଲିସ ଅଧିକାରୀ ଓ କର୍ମଚାରୀ ସାମିଲଥିଲେ। ରିଜର୍ଭ ଇନିସପେକ୍ଟର ଏମ ଲକ୍ଷ୍ମୀ ରଞ୍ଜନ ପ୍ୟାରେଡକୁ ପରିଚାଳନା କରିଥିବା ବେଳେ ସରଜେଣ୍ଟ ପ୍ରସନ୍ନ କୁମାର ଦାଶ ସହଯୋଗ କରିଥିଲେ।

# ଆମ୍ରିୟତା ବର୍ଣ୍ଣନା କଲା ନାଟକ 'ଇନ୍ଦ୍ରଜାଲ'

ବ୍ରହ୍ମପୁର,୨୧।୧୦(ସମିସ): ଗଞ୍ଜାମ କଳା ପରିଷଦ ପ୍ରେକ୍ଷାଗୃହରେ ଜାତୀୟ ପର୍ଯ୍ୟଟନ ମହୋତ୍ସବ ଅବସରରେ ଭୁବନେଶ୍ୱର ନାଟ୍ୟ ସଂସ୍ଥା, ଯୁଧିଷ୍ଠିର ଥିଏଟର ପକ୍ଷରୁ ନାଟକ "ଇନ୍ଦ୍ରଜାଲ' ମଞ୍ଚସ୍ଥ ହୋଇଛି। ଦୀପିକା ଦାସଙ୍କ ରଚିତ ନାଟକ ଇନ୍ଦ୍ରଜାଲକୁ ସଙ୍ଗୀତ ସଂଯୋଜନା କରିଥିଲେ ଶକ୍ତି ମିଶ୍ର, ଆଲୋକ ସଂଯୋଜନା କରିଥିଲେ ଶୁଭଙ୍କର। ରୂପସଜ୍ଜାରେ ଥିଲେ ଜଗା ରାଓ ତଥା ନାଟକର ପରିକଳ୍ପନା ଓ ନିର୍ଦ୍ଦେଶନା ଦେଇଥିଲେ ଦେବାନନ୍ଦ ନାୟକ ସୋନୀ। ଭୁବନେଶ୍ୱର ନାଟ୍ୟ ଜଗତର ଜଣାଶୁଣା କଳାକାର, ପ୍ରଦୀପ, ରୀତମ, ସୂର୍ଯ୍ୟ, ସନ୍ତୋଷ, ସୁକାନ୍ତ, ବବୁଲୁ, ସୁବୁଦ୍ଧି ଓ ସୌମ୍ୟା ସୁମନା ଆଦି ଅଭିନୟ କରିଥିଲେ। ନାଟକଟି ଏକ ଟୁରିଷ୍ଟ ଗାଇଡର ପ୍ରେମ କାହାଣୀକୁ ନେଇ ରଚିତ ହୋଇଥିବା ବେଳେ ଏଥିରେ ଗୋପାଳପୁର ବେଳାଭୂମି ଆଖପାଖ ଗାଁ ଏବଂ ଲୋକମାନଙ୍କର ଚଳଣୀ, ଅଭ୍ୟାସ, ବିଶ୍ୱାସ ତଥା ଲୋକ କଥାକୁ ନିଖୁଣ ଭାବରେ ଦର୍ଶାଯାଇଥିଲା। ଯାହାକୁ ଦର୍ଶକ ବେଶ ପ୍ରଶଂସା କରିଥିଲେ।



# ଜେଡ୍‌ଏସ୍‌ଆଇ ପକ୍ଷରୁ ନୂତନ ପ୍ରଜାତିର ମାଛ ଚିହ୍ନଟ

ବ୍ରହ୍ମପୁର,୨୧।୧୦(ସମିସ): ଗୋପାଳପୁର ସ୍ଥିତ ଭାରତୀୟ ପ୍ରାଣୀ ସର୍ବେକ୍ଷଣ କେନ୍ଦ୍ର ପକ୍ଷରୁ ନୂତନ ପ୍ରଜାତିର ସ୍ୟୁଡୋରମ୍ବସ ବାହୁଦାଏନ୍‌ସିସ ମାଛ ଚିହ୍ନଟ ହୋଇଛି। ଏହାର ପାଖାପାଖି ପ୍ରଜାତିର ଅନ୍ୟ ଏକ ମାଛ ୧୮୨୨ମସିହାରେ ପଶ୍ଚିମବଙ୍ଗ ଉପକୂଳ ଅଞ୍ଚଳରୁ ମିଳିଥିଲା। ସ୍ୟୁଡୋରମ୍ବସ ଆରସିୟସ ନାମକରଣ ରହିଥିଲା। ପରେ ଅନ୍ୟ ଏକ ପ୍ରଜାତିର ମାଛ ଗଞ୍ଜାମର ଚିକିଟି ବ୍ଲକ ଅନ୍ତର୍ଗତ ସୁନାପୁର ସ୍ଥିତ ବାହୁଦା ମୁହାଣରୁ ୨୦୨୨ ଅକ୍ଟୋବରରେ ସ୍ମୃତିରେଖା ଆଚାର୍ଯ୍ୟ, ରାଜେଶ ବେହେରା ସଂଗ୍ରହ କରିଥିଲେ। ଏହାକୁ ଗୋପାଳପୁର ଜେଡଏସଆଇକୁ ଆଣାଯାଇଥିଲା। କେନ୍ଦ୍ରର ପରୀକ୍ଷାଗାରରେ ଡ଼. ସ୍ୱରୂପ ରଞ୍ଜନ ମହାନ୍ତି, ବାଜକୁଲ ମିଳନ ମହାବିଶ୍ୱବିଦ୍ୟାଳୟର ଡ଼.ଦୀପାଞ୍ଜନ ରାୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମୁଦ୍ରିକ ବିଜ୍ଞାନ ବିଭାଗର ଡ଼.ଶେଷଦେବ ପାତ୍ର, ଶୁଭେନ୍ଦୁ ଶେଖର ମିଶ୍ର, ବୈଜ୍ଞାନିକ ଡ଼.ଅନିଲ ମହାପାତ୍ର ଏହି ମାଛକୁ ବିଭିନ୍ନ ପରୀକ୍ଷା ନିରୀକ୍ଷା କରିଥିଲେ। ଏହାର ଡ଼ିଏନଏ ପରୀକ୍ଷା ଦ୍ୱାରା ପ୍ରାୟ ୧୧ ପ୍ରତିଶତ ଭିନ୍ନ ରହିଥିବା ଜାଣିଥିଲେ। ଏହି ମାଛ ଗୋପାଳପୁର ଓ ପୁରୀ ସ୍ଥିତ ପେଣ୍ଟକଟାରୁ ୨୦୨୪ମସିହାରେ ପାଇଥିଲେ। ଏହି ମାଛ ବିଷାକ୍ତ ନୁହନ୍ତି। ଏହାକୁ ମଣିଷମାନେ ମଧ୍ୟ ଖାଦ୍ୟ ରୂପେ ଗ୍ରହଣ କରନ୍ତି। ଏମାନେ ମୁହାଁଣ ଓ ସମୁଦ୍ରର ତଳ ଭାଗରେ ରହନ୍ତି। ଏମାନେ ଛୋଟ ଛୋଟ ମାଛ କିଟ ଓ ଗୁଳ୍ମକୁ ଖାଇଥାନ୍ତି। ଏମାନଙ୍କ



ରଙ୍ଗ ଧୂସର ମାଟିଆ ଅଟେ। ଏମାନେ ଚିତେଇ ହୋଇ ପହରନ୍ତି। ଏମାନଙ୍କ ମୁଣ୍ଡରେ ୨ଟି ଆଖି ରହିଥାଏ। ଏହାର ଲମ୍ବ ୧୧ ସେଣ୍ଟିମିଟରରୁ ୩୧ସେଣ୍ଟିମିଟର ପର୍ଯ୍ୟନ୍ତ ରହିଥାଏ। ଏହି ମାଛର ଦେହରେ ୩୬ରୁ ୩୭ ମେରୁ ହାଡ଼ ରହିଥାଏ। ଏମାନଙ୍କ ଦେହରେ କାତି ରହିଥାଏ। ୨୦୦ବର୍ଷ ତଳର ପ୍ରଜାତିର ଏହି ମାଛ ପଶ୍ଚିମବଙ୍ଗରୁ ଆଣି ଗୋପାଳପୁର ଜେଡଏସଆଇରେ ମଧ୍ୟ ବିଭିନ୍ନ ପରୀକ୍ଷା ନିରୀକ୍ଷା କରାଯାଇଥିଲା। ୨ଟି ପ୍ରଜାତିର ଜେନେଟିକ ବିଭାଜନ ପ୍ରାୟ ୧୭ମିଲିୟନ ବର୍ଷ ପୂର୍ବରୁ ଘଟିଥିବା ଦେଖାଯାଇଛି। ଏହି ମାଛର ଆକୃତି ସମାନ ଦେଖାଯାଉଥିବା ବେଳେ ଆଣବିକ ଓ ଆକୃତି ଜନିତ ତଥ୍ୟ ସଂଗ୍ରହ କରିବାକୁ ଏକ ବର୍ଷ ସମୟ ଲାଗିଥିଲା। ଏନେଇ ଅଧିକରୁ ଅଧିକ ଗବେଷଣା କରାଯାଉଥିବା କେନ୍ଦ୍ରର ବୈଜ୍ଞାନିକ ଡ଼.ମହାପାତ୍ର କହିଛନ୍ତି। ଏହାକୁ ପୁଣି ରେକର୍ଡ ଯାଞ୍ଚ କରି ଆକୃତି ସମାନତା ରହିଥିଲେ ମଧ୍ୟ ଗୋଟିଏ ସିଧାରେଖା ଲାଞ୍ଜରୁ ମୁଣ୍ଡ ପର୍ଯ୍ୟନ୍ତ ଦେଖିଲେ ଆଖିର ଉପର ଭାଗକୁ ଦେଖାଯାଉଥିବା ବେଳେ ଏହି ପ୍ରଜାତିର ମାଛ ଆଖିର ମଧ୍ୟ ଭାଗକୁ ଦେଖାଯାଇଥାଏ। ତାହାସହ ଡ଼ିଏନଏ ପରୀକ୍ଷାରେ ମଧ୍ୟ ଭିନ୍ନ ରହିଥିବାରୁ ଏହା ଏକ ନୂତନ ପ୍ରଜାତିର ହୋଇଥିବାରୁ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ପତ୍ରିକା ଜୁଟାକ୍ସାରେ ପ୍ରକାଶିତ ହୋଇଥିବା କେନ୍ଦ୍ରର ବୈଜ୍ଞାନିକ ଡ଼.ଅନିଲ ମହାପାତ୍ର କହିଛନ୍ତି।

# ଜରା ନିବାସରେ ସବୁଜ ବାହିନୀ ପାଳିଲା ଦୀପାବଳି




ବ୍ରହ୍ମପୁର,୨୧।୧୦(ସମିସ): ବ୍ରହ୍ମପୁର ସହର ଉପକଣ୍ଠ ଆମ୍ବଗଡ଼ ସ୍ଥିତ ଓମ୍ ଜରା ନିବାସ ସେବାଶ୍ରମରେ ବ୍ରହ୍ମପୁର ସବୁଜ ବାହିନୀ ପକ୍ଷରୁ ଦୀପାବଳି ଉତ୍ସବ ପାଳିତ ହୋଇଯାଇଛି। ସେବାଶ୍ରମରେ ରହୁଥିବା ବରିଷ୍ଠ ନାଗରିକ ସେମାନଙ୍କ ପରିବାର ସହିତ ଦୀପାବଳି ପାଳନ କରିବାରୁ ବଞ୍ଚିତ ରହୁଥିବାରୁ ସବୁଜ ବାହିନୀ ଏମାନଙ୍କ ସହ ଦୀପାବଳି ପାଳନ କରିଛି। ସଂଗଠନର ସଦସ୍ୟ ସେବାଶ୍ରମରେ ରହୁଥିବା ବୃଦ୍ଧବୃଦ୍ଧାଙ୍କ ସହ ମିଶି ମଧ୍ୟାହ୍ନ ଭୋଜନ, ପିଠାପଣା, ନୂତନ ବସ୍ତ୍ର ସହ ଭଜନ ସମାରୋହ ଓ ନାମ ଜପର ଆୟୋଜନ କରିଥିଲେ। ଦୀପାବଳୀରେ ବାଣ ଫୁଟାଇବା ଦ୍ୱାରା ପରିବେଶ ପ୍ରଦୂଷିତ ହେଉଥିବାରୁ ଏଭଳି କାର୍ଯ୍ୟରୁ ନିବୃତ ରହିବା ସହ ଅସହାୟ ଲୋକଙ୍କ ସେବା କରିବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସଂଗଠନର ଉପ ସଭାପତି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉତ୍ସବରେ ବ୍ରହ୍ମପୁର ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀ ଓ ସମ୍ପାଦକ ସାଗର ପ୍ରସାଦ ପାତ୍ର ପରିଚାଳନା କରିଥିଲେ। ସେବାଶ୍ରମର ପରିଚାଳକ ମିନତୀ ରାଓ, କୋଷାଧ୍ୟକ୍ଷ ଗଣେଶ ପାଣିଗ୍ରାହୀ, ସହ ସମ୍ପାଦକ ଅନୀଲ ଚୌଧୁରୀ, ପି. ବିନୋଦ, ପ୍ରବୀଣ ନାୟକ, ରବି ସାହୁ, ଆକାଶ ରାଉତ, ଆଞ୍ଚଳିକ ବିକାଶ ପରିଷଦ ସଭାପତି ସାଗର ପ୍ରସାଦ ପାତ୍ର, ସମ୍ପାଦକ ବିଜେନ୍ଦ୍ର ମାଝୀ, ଷ୍ଟେପ ଅନ୍ ନେଚର ମୁଖ୍ୟ ସ୍ୱାଧୀନ ସାହୁଙ୍କ ସମେତ ବହୁ ପରିବେଶ ପ୍ରେମୀ ସମୂହ ଉପସ୍ଥିତ ଥିଲେ।

## ସୌର ବିପ୍ଳବରେ ସାମିଲ ହେଲା ଭାଟକୁମରଡ଼ା

# ସୌରଯାତ୍ରାରେ ଦକ୍ଷିଣ ଓଡ଼ିଶାର ପ୍ରତିଟି ଘର ସାମିଲ ହେବ

ବ୍ରହ୍ମପୁର,୨୧।୧୦(ସମିସ): ସ୍ୱଚ୍ଛ ଶକ୍ତିକୁ ପ୍ରୋତ୍ସାହନ ଯୋଗାଇବା ଏବଂ ଗ୍ରାମୀଣ ଉପଭୋକ୍ତାଙ୍କୁ ସଶକ୍ତ କରିବାର ଲକ୍ଷ୍ୟ ନେଇ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍‌ଓଡିଏଲ୍) ତରଫରୁ ନିଆଯାଇଛି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ପିଏମ୍ ସୂର୍ଯ୍ୟଘର ମୁଫତ ବିଜୁଳି ଯୋଜନାର ୟୁଟିଲିଟି-ଲେଡ଼ ଆଗ୍ରିଗେସନ୍ (ୟୁଏଲ୍‌ଏ) ମଡେଲ ଅଧୀନରେ ସୌରଶକ୍ତିକୁ ଆପଣେଇବା ପାଇଁ ସମସ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଛି ଟିପିଏସ୍‌ଓଡିଏଲ। ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି ସ୍ୱଚ୍ଛ ଶକ୍ତିକୁ ସହଜ ଓ ସୁଲଭ ମୂଲ୍ୟରେ ସଭିଙ୍କ ପାଖରେ ପହଞ୍ଚାଇବା ସହିତ ଗୁଣାତ୍ମକ ସୌର ପ୍ୟାନେଲ ସ୍ଥାପନ, ସୁରକ୍ଷା ଓ ଏକ ସ୍ଥାୟୀ ଏବଂ ଦୀର୍ଘମିଆଦୀ ବିକାଶକୁ ସୁନିଶ୍ଚିତ କରିବା। ୟୁଏଲ୍‌ଏ ମଡେଲ ଯୋଜନା ମାଧ୍ୟମରେ ଟିପିଏସ୍‌ଓଡିଏଲ୍ ଏକ ସଂଯୋଗ ହିସାବରେ କାର୍ଯ୍ୟ କରୁଛି ଯିଏ ଗ୍ରାହକମାନଙ୍କର ଚାହିଦାକୁ ଏକତ୍ରିତ କରିବା, ବୈଷୟିକ ପରିଚାଳନା ଏବଂ ଦକ୍ଷିଣ ଓଡ଼ିଶାର ଗାଁ'ଗୁଡ଼ିକରେ ନିରବଚ୍ଛିନ୍ନ ଭାବରେ ସୌର ପ୍ୟାନେଲ ସ୍ଥାପନ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଏହିକ୍ରମରେ ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଇଲେକ୍ଟ୍ରିକାଲ ଡିଭିଜନ ଅଧୀନସ୍ଥ ଭାଟକୁମରଡ଼ା



ଗ୍ରାମପଞ୍ଚାୟତ, ଭାଟକୁମରଡ଼ା ଗାଁର ଶ୍ରୀ ପ୍ରଭାକର ବେହେରାଙ୍କ ଘରେ ୧କିଲୋୱାଟ୍ କ୍ଷମତା ବିଶିଷ୍ଟ ରୁଫ୍ ଟପ୍ ସୌର ପ୍ୟାନେଲ ସଫଳତାର ସହିତ ସ୍ଥାପନ ହୋଇଛି। କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଏହି ଅବସରରେ ଉପସ୍ଥିତ ଥିଲେ। ଏହି ସୌର ପ୍ୟାନେଲ ସ୍ଥାପନ ପୂରା ଗାଁ ପାଇଁ ଏକ ବିଶେଷ ସଫଳତା ଅଟେ, ଯେଉଁଠି ସୌର ଶକ୍ତିକୁ ଏକ ନିର୍ଭରଯୋଗ୍ୟ ଏବଂ ସ୍ଥାୟୀ ଶକ୍ତିର ଉତ୍ସ ଭାବେ ଗ୍ରହଣ କରାଯାଉଛି।

ଭାଟକୁମରଡ଼ା ଗାଁର ପ୍ରାୟ ୨୨ଜଣ ଉପଭୋକ୍ତା ପ୍ରତ୍ୟେକ ଛାତ ଉପରେ ସୌର ପ୍ୟାନେଲ ସ୍ଥାପନ ପାଇଁ ୮,୭୪୭ଟଙ୍କା ଜମା କରିସାରିଛନ୍ତି। ତହିଁରୁ ୧୮ ଜଣ ଉପଭୋକ୍ତାଙ୍କ ଘର ଛାତ ଉପରେ ଏକ କିଲୋୱାଟ୍ କ୍ଷମତାର ସୌର ପ୍ୟାନେଲ ସ୍ଥାପନ ସରିଛି। ଏଥିସହିତ ବଳକା ଥିବା ସ୍ଥାପନ ପ୍ରକ୍ରିୟା ଖୁବ୍ ଶୀଘ୍ର ଶେଷ ହେବ। ଏହି ସମସ୍ତ ପ୍ରକ୍ରିୟା ତଥା ସମସ୍ତ ସୌର ପ୍ୟାନେଲ ସ୍ଥାପନ ହୋଇ କାର୍ଯ୍ୟକ୍ଷମ ହେଲେ ସମ୍ପୂର୍ଣ୍ଣ ଗାଁ ଏକ ରୂପାନ୍ତରଣର ସାକ୍ଷୀ ହେବ। ଯେଉଁଠାରେ ପୂରା ଗାଁର ବିଜୁଳି ଗ୍ରୀଡ୍ ଉପରେ ନିର୍ଭରତା ହ୍ରାସ ପାଇବ, ବିଜୁଳି ବିଲ୍ କମ୍ ହେବା ସହିତ ଏକ ସ୍ୱଚ୍ଛ ଓ ସବୁଜ ପରିବେଶ ଗଠନରେ ଭାଗିଦାରୀ ହୋଇପାରିବ। ଗ୍ରାମୀଣ ଉପଭୋକ୍ତାଙ୍କ ପାଇଁ ୟୁଏଲ୍‌ଏ ମଡେଲ ବିଶେଷ ଭାବରେ ସହାୟକ ହେବ। ଏହି ଯୋଜନାରେ ଏକ କିଲୋୱାଟ କ୍ଷମତାର ସୌର ପ୍ୟାନେଲ ସ୍ଥାପନ କରିଲେ ପ୍ରତିମାସ ପ୍ରାୟ ୧୦୦ୟୁନିଟର ସୌର ବିଜୁଳି ଶକ୍ତି ଉତ୍ପାଦିତ ହୋଇପାରିବ। ଏଥିସହିତ ପ୍ରତିବର୍ଷ ପ୍ରାୟ ୫ହଜାର ଟଙ୍କାର ସଞ୍ଚୟ କରିବାରେ ଉପଭୋକ୍ତାମାନେ ସମର୍ଥ ହୋଇପାରିବେ। ଏ ସମ୍ପର୍କରେ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ଭାରତର ସୌର ଯାତ୍ରାରେ ଦକ୍ଷିଣ ଓଡ଼ିଶାର ପ୍ରତିଟି ଘରକୁ ସାମିଲ କରିବା ହେଉଛି ଆମର ଲକ୍ଷ୍ୟ।

# ତ୍ରିନାଥ ମିଶ୍ରଙ୍କ ଜୟନ୍ତୀ ପାଳିତ



ବ୍ରହ୍ମପୁର,୨୧।୧୦(ସମିସ): ବିଜିପୁର ମୁଖରାସ୍ତା ସ୍ଥିତ ମା'ସନ୍ତୋଷୀ କଲ୍ୟାଣ ମଣ୍ଡପ ପରିସରରେ ବ୍ରହ୍ମପୁର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଜ୍ୟୋତିଷ ବିଶାରଦ ତ୍ରିନାଥ ମିଶ୍ରଙ୍କ ୭୯ତମ ଜୟନ୍ତୀ ପାଳିତ ହୋଇଯାଇଛି। ମଞ୍ଚର ପ୍ରତିଷ୍ଠାତା ସଭାପତି ତ୍ରିନାଥ ମହାରଣାଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱର୍ଗତ ମିଶ୍ରଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟାପଣ ଅର୍ପଣ କରି ତାଙ୍କ ସ୍ମୃତି ଚାରଣ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ପ୍ରଭାତ କୁମାର ମିଶ୍ର ଯୋଗଦେଇ ପଞ୍ଜିକାର ଲିଖନ ଗ୍ରହ ନକ୍ଷତ୍ରର ଗଣନା, ତିଥି ରାଶି ନକ୍ଷତ୍ରର ବର୍ଣ୍ଣନା କରି ମାନବ ଜୀବନରେ କେତେ ଆବଶ୍ୟକ ସେ ସମ୍ପର୍କରେ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ସ୍ୱର୍ଗତ ପଣ୍ଡିତ ତ୍ରିନାଥ ମିଶ୍ରଙ୍କ ନିର୍ଭୁଲ ଗଣନା ଓ ସମାଜରେ ଜ୍ୟୋତଷଶାସ୍ତ୍ରର ପ୍ରସାର ପାଇଁ ଉଦ୍ୟମକୁ ଭୂୟସୀ ପ୍ରଶଂସା କରି ତାଙ୍କପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଗଞ୍ଜାମ ଜିଲ୍ଲାର ଅନ୍ୟାନ୍ୟ ଜ୍ୟୋତିଷଙ୍କ ଜୀବନୀ ସଂଗ୍ରହ କରି ଏକ ଛୋଟ ବହି ପ୍ରକାଶ କରିବା ସହ ବ୍ରହ୍ମପୁର ପ୍ଲାନେଟୋରିୟମ ପରିସରରେ ଗଞ୍ଜାମ ଜିଲ୍ଲାର ପ୍ରତିଷ୍ଠିତ ଜ୍ୟୋତିଷ ବାଇକୋଳି ତ୍ରିନାଥ ମିଶ୍ର, ରାଜୀବ ଶତପଥୀ ଓ ନରସିଂହ ଶତପଥୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସଂସ୍କାରବାଦୀ ଓ ବ୍ରହ୍ମପୁର ବରିଷ୍ଠ ନଗରିକ ମଞ୍ଚ ସରକାରଠାରେ ଦାବି କରାଯିବାକୁ ନିଷ୍ପତି ହୋଇଛି। ଶେଷରେ ମଞ୍ଚର ଉପସଭାପତି ପ୍ରମୋଦ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୟ କୁମାର ବେହେରା, ହିମାଂଶୁ କୁମାର ପଟ୍ଟନାୟକ, ପଙ୍କଜ କୁମାର ନାୟକ, ବିଜୟ କୁମାର ବିଷୋୟୀ, ସମୀର କୁମାର ଆଚାର୍ଯ୍ୟ, ସଞ୍ଜୟ କୁମାର ମାଝୀ, ଉପସଭାପତି ପ୍ରମୋଦ କୁମାର ସାହୁ, ରାଜେନ୍ଦ୍ର ମହାନ୍ତି, ସମୀର କୁମାର ମହାନ୍ତି, ସନ୍ତୋଷ କୁମାର ମହାନ୍ତି, ରବିନାରାୟଣ ସାବତ ପ୍ରମୁଖ ଉପସ୍ଥିତ ଥିଲେ।



# ଭୁବନେଶ୍ୱର ସିଟି

## ରାଜଧାନୀରେ କାଳୀପୂଜା


କଟକରୋଡ ବ୍ୟବସାୟୀ ସଂଘ


କଟକରୋଡ ରିଫ୍ୟୁଜି କଲୋନି


କଟକରୋଡ ସେନଗୁପ୍ତା ଫାମିଲି


ଇଷ୍ଟକୋଷ୍ଟ ରେଲୱେ


ଝାରପଡ଼ା


ଲକ୍ଷ୍ମୀସାଗର ବେଙ୍ଗଲି କଲୋନି


ସହିଦ ନଗର


ସତ୍ୟନଗର


ଷ୍ଟେସନରୋଡ ବଜାର


ଭିଏସ୍ଏସ୍ ନଗର

## ବିଜେଡି ପକ୍ଷରୁ କେଦାରନାଥଙ୍କୁ ଶ୍ରଦ୍ଧାଞ୍ଜଳି




ଭୁବନେଶ୍ୱର, ୨୧।୧୦(ସମିସ): କେଦାରନାଥ ମହାପାତ୍ର ଥିଲେ ଜଣେ ପ୍ରସିଦ୍ଧ ଗବେଷକ। ସେ ଥିଲେ ଏକଧାରାରେ ଜଣେ ଐତିହାସିକ, ସାହିତ୍ୟିକ, ଗାଣିତିକ ତଥା ଏକ ବିରଳ ସର୍ବେକ୍ଷଣବିତ୍ ବୋଲି ମଙ୍ଗଳବାର ତାଙ୍କର ଜୟନ୍ତୀ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ରାଜଧାନୀର ବିନ୍ଦୁସାଗର ନିକଟରେ ଅବସ୍ଥିତ ପୂର୍ଣାବୟବ ପ୍ରତିମୂର୍ତ୍ତିସ୍ଥଳରେ ପାଳନ କରାଯାଇଛି। ପ୍ରଥମେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି। ଅନ୍ୟମାନଙ୍କ ମଧ୍ୟରେ ସାହିତ୍ୟିକ ଭୋଳନାଥ ମହାପାତ୍ର, ଉମେଶ ଚନ୍ଦ୍ର ମହାପାତ୍ର, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ସମାଜସେବୀ ମନୋରଞ୍ଜନ ମହାନ୍ତି, ଗିରିଜା ଶଙ୍କର ମହାପାତ୍ର, ଗୀତା ବିଶ୍ୱାସ, ଋଷିକେଶ ବେହେରା, ପ୍ରସନ୍ନ କୁମାର ସାହୁ ପ୍ରମୁଖ ଯୋଗଦାନ କରି ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଶେଷରେ ଅମିତ୍ ପାତାଳ ସିଂ ଧନ୍ୟବାଦ୍ ଦେଇଥିଲେ।

## 'ଆଳି ଇତିହାସ' ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର, ୨୧।୧୦(ସମିସ):ଭାରତୀୟ ଜାତୀୟ କଳା ଓ ସାଂସ୍କୃତିକ ଐତିହ୍ୟ ନ୍ୟାସ(ଇନଟାକ୍) ତଥା ସାମାଜିକ ସଂଗଠନ ପ୍ରମିଳା ସେବା ସଂସ୍ଥାନ ପକ୍ଷରୁ ଏତିହାସିକ ପୁସ୍ତକ 'ଆଳି ଇତିହାସ' ଲୋକାର୍ପିତ ହୋଇଯାଇଛି। ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଥାକାର ଗୌରହରି ଦାସ ପୁସ୍ତକକୁ ଉନ୍ମୋଚନ କରିଥିଲେ। ପୁସ୍ତକଟିର ସମୀକ୍ଷା କରିଥିଲେ ଐତିହାସିକ ଡ. ଲଲାଟେନ୍ଦୁ ଦାସମହାପାତ୍ର। ଐତିହାସିକ ବିଶାରଦ ଅନୀଲ ଧୀର ସ୍ୱାଗତଭାଷଣ ପ୍ରଦାନ କରିଥିଲେ। ଉତ୍ସବରେ ଅଧ୍ୟକ୍ଷତା କରି ଇନଟ୍ୟାକ୍‌ର ଓଡ଼ିଶା ରାଜ୍ୟ ଆବାହକ ଡ. ବିଶ୍ୱଜିତ୍ ମହାନ୍ତି ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ ଏବଂ ଗବେଷକ ଗୋଲକ ବିହାରୀ ସିଂହ ଲେଖକୀୟ ଅଭିବ୍ୟକ୍ତ ପ୍ରଦାନ କରିଥିଲେ। ଅନୁଷ୍ଠାନର ଭୁବନେଶ୍ୱର ଚାପ୍ଟର କର୍ମକର୍ତ୍ତା ପ୍ରଫେସର ଡ. ଆଦ୍ୟାଶା ଦାସ ମଞ୍ଚ ସଞ୍ଚାଳନ କରିଥିବା ବେଳେ ଅନୁଷ୍ଠାନର ଆଜୀବନ ସଦସ୍ୟ ସୁବାସ ଚନ୍ଦ୍ର ରଥ, ପ୍ରମିଳା ସେବା ସଂସ୍ଥାନର ଗୁଣଧର ସାମଲ, ଶୈଳେନ୍ଦ୍ର ଛାଟୋଇ, ଡ. ପୁଷ୍ପଲତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ରାମକୃଷ୍ଣ ମଠରେ କାଳୀପୂଜା



ଭୁବନେଶ୍ୱର, ୨୧।୧୦(ସମିସ): ରାମକୃଷ୍ଣ ମଠରେ ମା' କାଳୀଙ୍କ ପ୍ରତିମାରେ ଷୋଡ଼ଶ ଉପଚାରରେ ପୂଜା ସମ୍ପନ୍ନ ହୋଇଛି। ଏହି ଉପଲକ୍ଷେ ମଠ ପ୍ରାଙ୍ଗଣକୁ ଦୀପ, ପୁଷ୍ପ ଓ ଆଲୋକରେ ସଜା ଯାଇଥିଲା। ରାତିର ପ୍ରଥମ ପ୍ରହରରେ ପୂଜା ଆରମ୍ଭ ହୋଇ ଭୋର ପର୍ଯ୍ୟନ୍ତ ଚାଲିଥିବା ବେଳେ ଭଦ୍ରକର କୋଠାରରେ ଥିବା ଆଶ୍ରମର ସନ୍ନ୍ୟାସୀ ସ୍ୱାମୀ ବସୁପ୍ରଦାନନ୍ଦଙ୍କ ଦ୍ୱାରା ଭକ୍ତି ଓ ରୀତିନୀତି ଅନୁସାରେ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସ୍ୱାମୀ ସର୍ବମଙ୍ଗଳାନନ୍ଦ ତନ୍ତ୍ରଧାରକ ହୋଇଥିବା ବେଳେ ସ୍ୱାମୀ ଶିବାଧାନାନନ୍ଦ ସହଯୋଗ କରିଥିଲେ। ଏହି ଅବସରରେ ଶିଳ୍ପୀଙ୍କ ଦ୍ୱାରା ଭକ୍ତି ସଙ୍ଗୀତ ଓ ମାତୃ ସଙ୍ଗୀତ ପରିବେଷଣ ହୋଇଥିଲା। ମଠର ସନ୍ନ୍ୟାସୀ ଓ ଅନେକ ଭକ୍ତ ମା' କାଳୀଙ୍କ ଦର୍ଶନ ନକରିଥିଲେ। ଭୋରବେଳା ପୂଜା ଓ ହୋମ ସମାପ୍ତ ହେବା ପରେ ପ୍ରସାଦ ବିତରଣ କରାଯାଇଥିଲା। ମଙ୍ଗବଳବାର ମା' କାଳୀଙ୍କ ପ୍ରତିମା ବିସର୍ଜନ ରାଯାଇଛି। ତେବେ ମଠ ତିଆରି ହେବା ଦିନରୁ ଶାନ୍ତି, ଭକ୍ତି ଓ ଆଧ୍ୟାତ୍ମିକ ତୃପ୍ତି ସହିତ ମା' କାଳୀଙ୍କ ପୂଜା ପ୍ରତିବର୍ଷ ପାଳନ ହୋଇଆସୁଥିବା ମଠର ଅଧ୍ୟକ୍ଷ ଆତ୍ମପ୍ରଭାନନ୍ଦଜୀ କହିଛନ୍ତି।

## ଆନନ୍ଦ ମାର୍ଗ ପକ୍ଷରୁ ଆନ୍ତର୍ଜାତିକ ଧଳାବାଡ଼ି ଦିବସ

ଭୁବନେଶ୍ୱର, ୨୧।୧୦(ସମିସ): ଆନନ୍ଦ ମାର୍ଗ ଏକାଡେମୀ ଅଫ୍ ଲାଇଟ୍ ବା ଅମଲ ପକ୍ଷରୁ ଭୁବନେଶ୍ୱରରେ ଆନ୍ତର୍ଜାତିକ ହ୍ୱାଇଟ କେନ୍ ଦିବସ ପାଳନ ହୋଇଛି। ଦୃଷ୍ଟିହୀନ ବ୍ୟକ୍ତିମାନଙ୍କ ଅଧିକାର, ସମ୍ମାନ ଓ ସ୍ୱାଧୀନତା ସମ୍ବନ୍ଧରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା କାର୍ଯ୍ୟକ୍ରମର ମୁଖ୍ୟ ପ୍ରସଙ୍ଗ ରଖାଯାଇଥିଲା। ଏହି ଅବସରରେ ଓଡ଼ିଶାର ବିଭିନ୍ନ ଜିଲ୍ଲାର ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟରୁ ପ୍ରାୟ ୧୫୦ରୁ ଅଧିକ ଦୃଷ୍ଟି ବାଧିତ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ସେମାନେ ରାଜମହଲ ଛକରୁ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ନିଜ ଧଳା ବାଡ଼ିକୁ ସ୍ୱାଧୀନତା, ସ୍ୱାଭିମାନ ଓ ସାହସର ପ୍ରତୀକ ଭାବେ



ବର୍ଣ୍ଣନା କରିଥଲେ। ପରେ ରାଜ୍ୟ ସଂଗ୍ରହାଳୟ ଅଡିଟୋରିୟମରେ ଏକ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଟେଲି ଅଭିନେତ୍ରୀ ଅଙ୍କିତା ସ୍ୱାଇଁଙ୍କ ପରିଚାଳନାରେ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଶିକ୍ଷୟତ୍ରୀ ଆନନ୍ଦ ମଞ୍ଜରୀ, ମୁଖ୍ୟବକ୍ତା ଭାବେ ମହାରାଷ୍ଟ୍ରର ଦୃଷ୍ଟି ବାଧିତ ଇଂଜିନିୟର ଶେଖର ମଞ୍ଜୁଲକର, ସମ୍ମାନୀତ ଅତିଥି ଭାବେ ସମାଜସେବୀ କାହ୍ନୁ ଚରଣ ବେହୁରା ଯୋଗ ଦେଇଥିଲେ। ଅମଲ୍ ଅନୁଷ୍ଠାନର ପ୍ରତିଷ୍ଠାତା ଅଧ୍ୟକ୍ଷା ଇନ୍ଦ୍ରାଣୀ ସଙ୍ଗାରୀ ଏବଂ କୋଷାଧକ୍ଷ ରାଜଶ୍ରୀ ବିଶ୍ୱାଳ ମଧ୍ୟ ନିଜର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ଅମଲ୍ ତରଫରୁ ଧଳା ବାଡ଼ି ପ୍ରଦାନ କରାଯାଇଥିଲା।

## ଭାଇଚାରା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ନିଆରା ଦୀପାବଳି



ଭୁବନେଶ୍ୱର, ୨୧।୧୦(ସମିସ): ଆଲୋକର ପର୍ବ ଦୀପାବଳିକୁ ସବୁଠି ଧୁମଧାମ୍‌ରେ ପାଳନ କରାଯାଉଥିବାବେଳେ, କସମୋପଲିସସ୍ଥିତ ଭାଇଚାରା ଚାରିଟେବଲ ଟ୍ରଷ୍ଟ ଏକ ନିଆରା ଢଙ୍ଗରେ ଦୀପାବଳିକୁ ପାଳନ କରିଛି। କୋଲଥିଆସ୍ଥିତ ଜୀବନଜ୍ୟୋତି ଆଶ୍ରମରେ ଅନ୍ତେବାସୀଙ୍କ ସହ ସାମିଲ ହୋଇ ଏହି ଖୁସିର ଉତ୍ସବକୁ ଆଶ୍ରମ ପରିସରରେ ପିଲାମାନଙ୍କ ସହିତ ପାଳନ କରିଛନ୍ତି। ଏହି ଅବସରରେ ସଂଗଠନର ସଦସ୍ୟମାନେ ପିଲାମାନଙ୍କୁ ଖାତା, ପେନ୍, ପେନ୍‌ସିଲ, ବାଣ ସମେତ ବିସ୍କୁଟ ଏବଂ ମିଠା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ଉମେଶ ଚନ୍ଦ୍ର ପ୍ରଧାନ, କୋଶାଧକ୍ଷ୍ୟ ଅଜୟ ପ୍ରଧାନ, ସୋମ୍ୟ ରଞ୍ଜନ ମିଶ୍ର, ଆଶିଷ ପଲାଇ, ସ୍ୱରାଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଓଇଏସ୍ ପରିବେଶ ପୁରସ୍କାର ଘୋଷିତ

ଭୁବନେଶ୍ୱର, ୨୧।୧୦(ସମିସ): ଓଡ଼ିଶା ପରିବେଶ ସମିତି (ଓଇଏସ୍) ପକ୍ଷରୁ ଆସନ୍ତା ୨୫ତାରିଖରେ ଏହାର ୪୪ତମ ପ୍ରତିଷ୍ଠା ଦିବସ ପାଳିତ ହେବ। ଏହି ଅବସରରେ ପରିବେଶ ସୁରକ୍ଷା ଏବଂ ସଂରକ୍ଷଣର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ। ଓଇଏସ୍‌ର କାର୍ଯ୍ୟନିର୍ବାହୀ କମିଟି ଏହାର ସଭାପତି ଡ. ସୁନ୍ଦର ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଗୃହୀତ ନିଷ୍ପତ୍ତିରେ ଦର୍ଶାଇଛନ୍ତି ଯେ ଓୟୁଟିଆର୍‌ର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ବି ସୀତାରାମ ପାତ୍ରଙ୍କୁ ତାଙ୍କର ସାମଗ୍ରିକ ଅବଦାନ ନିମନ୍ତେ 'ଆଜୀବନ କୃତି ପୁରସ୍କାର' ପ୍ରଦାନ କରାଯିବ। ଭାରତ ସରକାରଙ୍କର ପାଣିପାଗ ବିଭାଗ ଭୁବନେଶ୍ୱରର ପୂର୍ବତନ ନିର୍ଦ୍ଦେଶକ ତଥା ଅଧୁନା ସୋଆ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଡ. ଶରତ ଚନ୍ଦ୍ର ସାହୁଙ୍କୁ 'ପରିବେଶ ଉତ୍କର୍ଷତା ପୁରସ୍କାର'ରେ ଏବଂ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ଭୁବନେଶ୍ୱରର ବରିଷ୍ଠ ଶିକ୍ଷା ଅଧିକାରୀ ଏବଂ ବିଜ୍ଞାନ ଲେଖକ ନିକୁଞ୍ଜ ବିହାରୀ ସାହୁ 'ଜନପ୍ରିୟ ପରିବେଶ ଏବଂ ବିଜ୍ଞାନ ପୁରସ୍କାର'ପ୍ରଦାନ କରାଯିବ। ଏହିପରି ପ୍ରମେୟ ଖବରକାଗଜର ସମ୍ପାଦକ ଗୋପାଳକୃଷ୍ଣ ମହାପାତ୍ରଙ୍କୁ 'ପରିବେଶ ସମ୍ବାଦରେ ଉତ୍କର୍ଷତା ପୁରସ୍କାର' ଏବଂ ଜଗତସିଂହପୁରସ୍ଥ ଇନସାପ୍ ସଂସ୍ଥାର ବୈଷୟିକ ଉପଦେଷ୍ଟା ଉତ୍କଳ ରଞ୍ଜନ ମହାନ୍ତିଙ୍କୁ 'ପ୍ରକୃତି ସଂରକ୍ଷଣ ପୁରସ୍କାର' ପ୍ରଦାନ କରାଯିବ। ଏଥିସହ କେତେକଙ୍କୁ 'ଓଇଏସ୍ ଫେଲୋ' ଉପାଧି ଏବଂ 'ଓଇଏସ୍ ପୃଷ୍ଠପୋଷକ' ମାନ୍ୟତା ପ୍ରଦାନ କରାଯିବ। ଏହି ଅବସରରେ ଓଇଏସ୍‌ର ପାଞ୍ଚ ଜଣ ବରିଷ୍ଠ ଆଜୀବନ ସଦସ୍ୟଙ୍କୁ ମଧ୍ୟ ସମ୍ମାନିତ କରାଯିବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ପୋଲିସ ଡିଜି ଏବଂ ଓପିଏସ୍‌ସି ଅଧ୍ୟକ୍ଷ ଡ. ସତ୍ୟଜିତ ମହାନ୍ତି ଯୋଗଦାନ କରିବେ। ୟୁଏନଡ଼ିପିର ଓଡ଼ିଶା କାର୍ଯ୍ୟାଳୟ ମୁଖ୍ୟ ଆଭା ମିଶ୍ର ମୁଖ୍ୟବକ୍ତା ରୂପେ 'ପ୍ରସନ୍ନ କୁମାର ଦାଶ ସ୍ମାରକୀ ବକ୍ତୃତା' ପ୍ରଦାନ କରିବେ। ଏନେଇ ଓଇଏସ୍‌ର କାର୍ଯ୍ୟକାରୀ ସଭାପତି ଡ଼. ଜୟକୃଷ୍ଣ ପାଣିଗ୍ରାହୀ ଏବଂ ସମ୍ପାଦକ ଇଂ ମନୋରଞ୍ଜନ ମିଶ୍ର ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ଏହା ଜଣାଇଛନ୍ତି।

### ଖାଉଟିଙ୍କ ଉପରେ ଦରବୃଦ୍ଧି ମାଡ଼

# କାର୍ତ୍ତିକରେ ବି ଉପରମୁହାଁ ଆମିଷ ଦର



**ପରିବା ଦର ଶୁଣି ମୁହଁ ଫେରାଉଛନ୍ତି ଗ୍ରାହକ**

ଭୁବନେଶ୍ୱର, ୨୧।୧୦(ସମିସ): କାର୍ତ୍ତିକରେ ବି ଉପରମୁହାଁ ହୋଇଛି ଆମିଷ ଦର। ସାଧାରଣତଃ ଧର୍ମର ମାସ କାର୍ତ୍ତିକ ମାସରେ ଅଧିକାଂଶ ଲୋକେ ଆମିଷ ଖାଉ ନ ଥିବାରୁ ସାଧାରଣତଃ ଆମିଷ ଦର କମିଥାଏ। ହେଲେ ବର୍ତ୍ତମାନ ଆମିଷ ଦର କମିବା ବଦଳରେ କିଲୋ ପିଛା ୨୦ରୁ ୩୦ ଟଙ୍କା ବୃଦ୍ଧି ପାଇଛି। ଅନ୍ୟପଟେ ପରିବା ଦର ମଧ୍ୟ କିଛି କମ ନାହିଁ।

ସାଧାରଣତଃ କାର୍ତ୍ତିକ ମାସ ଆରମ୍ଭରୁ ବଢ଼ିଚାଲେ ବିଭିନ୍ନ ପରିବା ଦର। ଏହି ମାସକୁ ହବିଷ୍ୟାଳିମାନେ ନିରାଡ଼ମ୍ବର ଭାବେ ପାଳନ କରୁଥିବା ବେଳେ ଧର୍ମାନୁଷ୍ଠାନ, ମଠ ମନ୍ଦିରରେ ସାଧାରଣ ଲୋକଙ୍କ ପାଇଁ ସାତ୍ତ୍ୱିକ ଖାଦ୍ୟ ପରଷା ଯାଇଥାଏ। ଏମିତିକି ଅଧିକାଂଶ ପରିବାର ମଧ୍ୟ ବିନା ପିଆଜ ରସୁଣରେ ପ୍ରସ୍ତୁତ ଖାଦ୍ୟ ଖାଇଥାନ୍ତି। ଫଳରେ ପରିବା ଉପରେ ଅଧିକ ମାଡ଼ ହେଉଥିବାରୁ ପରିବା ଦର ବୃଦ୍ଧି ପାଇଥାଏ ଏବଂ ଆମିଷର ଦର କମିଥାଏ। କିନ୍ତୁ ଚଳିତ ବର୍ଷ ଆମିଷ ଦର କମିବା ପରିବର୍ତ୍ତେ ବଢ଼ି ଚାଲିଛି। ଆନ୍ଧ୍ରା ରୋହି ମାଛ କିଲୋ ପିଛା ୧୮୦ରୁ ୨୦୦ଟଙ୍କା ରହିଥିବା ବେଳେ ଖୁଚୁରା ବ୍ୟବସାୟୀମାନେ ୨୨୦ଟଙ୍କାରେ ବିକ୍ରି କରୁଛନ୍ତି। ସେହିପରି ଭାକୁର, ଚିଙ୍ଗୁଡ଼ି, ପୋହଳା ଆଦି ମାଛ ମଧ୍ୟ ଚଢ଼ା ଦରରେ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ, ଭୁବନେଶ୍ୱରକୁ ଆନ୍ଧ୍ରରୁ ବିଭିନ୍ନ ପ୍ରକାର ମାଛ ଆମଦାନୀ କରାଯାଉଥିବା ବେଳେ ଚିଲିକା, ବାଲେଶ୍ୱର, ଧାମରା, ପରାଦୀପ ଆଦି ସ୍ଥାନରୁ କଙ୍କଡ଼ା, ଚିଙ୍ଗୁଡ଼ି ଆମଦାନୀ ହୋଇଥାଏ। ସପ୍ତାହରେ ୨ରୁ ୩ଥର ପ୍ରାୟ ୧୦ରୁ ୨୦ଟନ୍ ଆମିଷ ଆସିଥାଏ। ଯାହା ରାଜଧାନୀକୁ ପ୍ରଚୁର ପରିମାଣରେ ଆମିଷ ଯୋଗାଇଥାଏ। ହେଲେ ପୂର୍ବପେକ୍ଷା ଏଥିପାଇଁ ଗମନାଗମନ ବାବଦକୁ ଖର୍ଚ୍ଚ ହେଉଥିବା ଟଙ୍କା ବଢ଼ିଥିବା ଜୟ ଯବାନ ମତ୍ସ୍ୟ ସଂଘ ପକ୍ଷରୁ କୁହାଯାଇଛି। ପୂର୍ବପେକ୍ଷା ଆନ୍ଧ୍ରରେ ମଧ୍ୟ ମାଛ କିଲୋ ପିଛା ୭ରୁ ୮ଟଙ୍କା ବୃଦ୍ଧି ପାଇଛି। କାରଣ ବିଜୁଳି ବିଲ୍, ବରଫ ଦର, ମାଛ ମାନଙ୍କ ଖାଦ୍ୟରେ ଜିଏସ୍‌ଟି, ପେଟ୍ରୋଲ, ଡିଜେଲ ଆଦି ଦର ବୃଦ୍ଧି ପାଉଥିବାରୁ ଗମନାଗମନ ବାବାଦକୁ ଅଧିକ ଖର୍ଚ୍ଚ ହେଉଛି। ପ୍ରଥମେ ଡିଲର, ହୋଲେସେଲର, ରିଟେଲର ସମସ୍ତେ ନିଜ ନିଜର ଲାଭ ରଖି ଶେଷରେ ଗ୍ରାହକଙ୍କ ପାଖରେ ପହଞ୍ଚିବା ବେଳକୁ ଦର ବଢୁଛି। ତଥାପି ସମସ୍ତଙ୍କ ପାଇଁ ଗୋଟିଏ ଦର ରଖାଯାଇଛି। ଅଧିକାଂଶ ସମୟରେ ରାସ୍ତାକଡ଼ରେ ଅସ୍ଥାୟୀ (ଅଣପଞ୍ଜିକୃତ) ବ୍ୟବସାୟୀ ନିଜ ମନ ମୁତାବକ ଦର ବୃଦ୍ଧି କରୁଥିବା ସଂଘ ପକ୍ଷରୁ କୁହାଯାଇଛି। ସେହିପରି ବ୍ୟବସାୟୀମାନେ ଚିକେନ୍ ପାଇଁ ପିପିଲି ଉପରେ ନିର୍ଭର କରୁଥିବା ବେଳେ ସପ୍ତାହରେ ୨ରୁ ୩ଥର ଛୋଟ ବଡ଼ ଗାଡ଼ିରେ ଭର୍ତ୍ତି ହୋଇ କୁକୁଡ଼ା ଆସିଥାଏ। ତେଲ ଦର ବଢୁଥିବାରୁ ଟ୍ରାନ୍ସପୋର୍ଟ ଖର୍ଚ୍ଚ ଚିକେନ୍ ଦର ବୃଦ୍ଧି ପାଉଛି ବ୍ୟବସାୟୀମାନେ ମତ ଦେଇଛନ୍ତି। ପୂର୍ବ ଅପେକ୍ଷା ପ୍ରତି ଛୋଟ ଗାଡ଼ି ଭଡ଼ା ବାବଦକୁ ୫୦୦ରୁ ୭୦୦ଟଙ୍କା ଏବଂ ବଡ଼ ଗାଡ଼ି ବାବଦକୁ ୧ହଜାରୁ ୧୨ଶହ ଅଧିକ ଦେବାକୁ ପଡୁଛି। ପୂର୍ବରୁ କାର୍ତ୍ତିକ ମାସରେ ଚିକେନ୍ କିଲୋ ପିଛା ୧୪୦ରୁ ୧୫୦ଟଙ୍କାରେ ବିକ୍ରି ହେଉଥିବା ବେଳେ ଏବେ ତାହା ୨ଶହ ଟପିଛି ଏବଂ କେତେକ ସ୍ଥାନରେ ୨୬୦ ଟଙ୍କାରେ ବି ବିକ୍ରି ହେଉଥିବା ୟୁନିଟ୍-୪ ଚିକେନ୍ ଆସୋସିଏସନ୍ ପକ୍ଷରୁ କୁହାଯାଇଛି। ତେବେ ମଟନ୍, ଅଣ୍ଡା ଦର ମଧ୍ୟ ବଢୁଥିବାରୁ ଖାଉଟିମାନେ ଏବେ ଖାଇବା ଚିନ୍ତାରେ।

# ମା' ଶ୍ୟାମାକାଳୀଙ୍କ ପୂଜା ଓ ଦୀପାବଳି

## ୬୬ତମ ପୁଲିସ ସହିଦ ସ୍ମୃତି ଦିବସ

ଖୋର୍ଦ୍ଧା,୨୧।୧୦(ସମିସ): ସ୍ଥାନୀୟ ତରତୁଆସ୍ଥିତ ରିଜର୍ଭ ପୁଲିସ ପଡ଼ିଆଠାରେ ଜିଲ୍ଲା ପୁଲିସ ତରଫରୁ ୬୬ତମ ପୁଲିସ ସହିଦ ସ୍ମୃତି ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏସ୍‌ପି ବିବେକାନନ୍ଦ ଶର୍ମା ଯୋଗଦେଇ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ସେ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ। ପରେ ଅର୍ଦ୍ଧସାମରିକ ଓ ପୁଲିସ ବିଭାଗରେ କର୍ତ୍ତବ୍ୟରତ ସମୟରେ ପ୍ରାଣବଳୀ ଦେଇଥିବା କର୍ମଚାରୀଙ୍କ ସ୍ମୃତିଚାରଣ କରିଥିଲେ। ପୁଲିସ କର୍ମଚାରୀମାନେ କର୍ତ୍ତବ୍ୟ ପାଳନ ସମୟରେ ନିଜ ଜୀବନକୁ ଉତ୍ସର୍ଗ କରି ଦେଶ ପାଇଁ ସହିଦ ହୋଇଛନ୍ତି। ସେମାନଙ୍କ ଉଦ୍ଦେଶ୍ୟରେ ସ୍ମୃତି ଦିବସ ପାଳନ କରାଯାଉଛି ବୋଲି ଶ୍ରୀ ଶର୍ମା କହିଥିଲେ। ପ୍ରାରମ୍ଭରେ ସହିଦମାନଙ୍କ ସାହସ, ଦେଶସେବା ଓ ତ୍ୟାଗ ସ୍ମରଣରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଡିସ୍‌ନାଲ ଏସ୍‌ପି ଅନାଦୀ ଚରଣ ସେଠୀ ଓ ଶ୍ରୀନିବାସ ମହାନ୍ତି, ଷଷ୍ଠ ଆଇଆର୍‌ବି ଡେପୁଟି କମାଣ୍ଡାଣ୍ଟ ମନୋଜ ନାୟକ, ଡିଏସ୍‌ପି ଜ୍ୟୋତ୍ସ୍ନା କାଉଁରୀ, ସସ୍ମିତା ରଣା, ଅନୀଲ ମହାନ୍ତି, ଏସ୍‌ଡିପିଓ ନିହାର ପ୍ରଧାନ, ବରିଷ୍ଠ ଇନ୍ସପେକ୍ଟର ତାରିକ୍ ଅହମ୍ମଦ, ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକ, ସାଇବର ଏକ୍ସପର୍ଟ ଇନ୍ସପେକ୍ଟର ସୁଚିତ୍ରା ଜେନା, ଶିଳ୍ପାଞ୍ଚଳ ଥାନା ଅଧିକାରୀ ଉମେଶ ସାହୁ, ଅବସରପ୍ରାପ୍ତ ଅଧିକାରୀ, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ସହିଦଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେଡ୍‌କୁ ରିଜର୍ଭ ଇନ୍ସପେକ୍ଟର ସତ୍ୟକାନ୍ତ ମନୋରଞ୍ଜନ ଜେନା ପରିଚାଳନା କରିଥିବାବେଳେ ସର୍‌ଜେଣ୍ଟ ସୌମ୍ୟରଞ୍ଜନ ବରାଳ ଏଥିରେ ସହଯୋଗ କରିଥିଲେ।



## ବ୍ରହ୍ମାକୁମାରୀ ସେବାକେନ୍ଦ୍ରର ପ୍ରତିଷ୍ଠା ଦିବସ



ଖୋର୍ଦ୍ଧା,୨୧।୧୦(ସମିସ): ଦୀର୍ଘ ୪୧ବର୍ଷ ଧରି ଖୋର୍ଦ୍ଧା ସହରର ଗୋଡ଼ିପୋଖରୀଠାରେ ଥିବା ବ୍ରହ୍ମାକୁମାରୀ ସେବାକେନ୍ଦ୍ରର ପ୍ରତିଷ୍ଠା ଦିବସ ସ୍ଥାନୀୟ ମଙ୍ଗଳା ନଗରଠାରେ ମଙ୍ଗଳବାର ପାଳନ କରାଯାଇଛି। ସେବାକେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ଅନୁରାଧା ଭଉଣୀଙ୍କ ସଭାପତିତ୍ୱରେ ଅତିଥି ଭାବରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ବ୍ଲକ୍ ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟ, ସମାଜସେବୀ ଜିତେନ୍ଦ୍ର କୁମାର ପ୍ରଧାନ ଏବଂ ଷଷ୍ଠ ଭାରତ ରିଜର୍ଭ ବାଟାଲିୟନର ଅଧିକାରୀଗଣ ଯୋଗଦେଇ ବ୍ରହ୍ମାକୁମାରୀଙ୍କ ନିଃସ୍ୱାର୍ଥପର ଆଧ୍ୟାତ୍ମିକ ସେବାର ଗୁଣଗାନ କରିଥିଲେ। ବ୍ରହ୍ମାକୁମାରୀ ରଶ୍ମି ଭଉଣୀ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ତିଳକ ପ୍ରଦାନ କରିଥିଲେ। ବ୍ରହ୍ମାକୁମାର ଜୟକୃଷ୍ଣ ଭାଇ ମଞ୍ଚ ପରିଚାଳନା କରିବା ସହିତ ବାର୍ଷିକ ସେବା ବିବରଣୀ ପାଠ କରିଥିଲେ।

● ନୀଳକଣ୍ଠ ମେମୋରିଆଲ ଗୁରୁଜଙ୍ଗ କପ୍ କ୍ରିକେଟ

## ଭାଲିଆବାଡ଼ିକୁ ହରାଇ ସୁଆଙ୍ଗ ବିଜୟୀ

ଖୋର୍ଦ୍ଧା,୨୧।୧୦(ସମିସ): ସ୍ଥାନୀୟ ଗୁରୁଜଙ୍ଗ ଖେଳ ପଡ଼ିଆଠାରେ ଗୁରୁଜଙ୍ଗ କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ପ୍ରଥମ ନୀଳକଣ୍ଠ ମେମୋରିଆଲ ଗୁରୁଜଙ୍ଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଚତୁର୍ଥ ଦିବସର ମ୍ୟାଚ୍ ଭାଲିଆବାଡ଼ି ଏବଂ ସୁଆଙ୍ଗ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ଭାଲିଆବାଡ଼ି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୬ ୱିକେଟ ହରାଇ ୧୭୦ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବିକାଶ ପ୍ରଧାନ ୪୪ ରନ୍ କରିଥିଲେ। ଜବାବରେ ସୁଆଙ୍ଗ ଦଳ ୧୩ ଓଭର୍‌ରେ ୫ ୱିକେଟ ହରାଇ ୧୭୧ ରନ୍ ସଂଗ୍ରହ ବିଜୟୀ ହୋଇଥିଲା। ଦଳର ସମୀର ରାଉତରାୟ ୭୦ ରନ୍ କରିଥିଲେ। ଏହି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ସମୀର ରାଉତରାୟଙ୍କୁ ଅଲ୍ ରାଉଣ୍ଡର ପ୍ରଦର୍ଶନ ପାଇଁ ପୁରସ୍କୃତ କରାଯାଇଥିଲା। ଅସିତ୍ ପରିଡ଼ା, ସୁଜିତ୍ ପରିଡ଼ା, ପ୍ରଶାନ୍ତ ବେହେରା ଓ ପ୍ରକାଶ ସାହୁ ଖେଳକୁ ପରିଚାଳନା କରିଥିବାବେଳେ ସଞ୍ଜୀବ ବରାଳ ଓ ମନୋଜ ମିଶ୍ର ଖେଳକୁ ସଂଯୋଜନା କରିଥିଲେ।





ଟାଙ୍ଗୀ,୨୧।୧୦(ସମିସ): ଟାଙ୍ଗୀ ବ୍ଲକ୍ କୁହୁଡ଼ି ବଜାରଠାରେ ଆର୍ଯ୍ୟକଳା ନିଳୟ ତରଫରୁ ୭୯ତମ ବାର୍ଷିକ ଶ୍ୟାମାକାଳୀ ମହୋତ୍ସବ ସୋମବାର ମଧ୍ୟରାତ୍ରିରୁ ଆରମ୍ଭ ହୋଇଛି। ମୁଖ୍ୟ ପୁରୋହିତଙ୍କ ଦ୍ୱାରା ମା'ଙ୍କର ଘଟ ସ୍ଥାପନ ଓ ଚକ୍ଷୁଦାନ ପରେ ସନ୍ଧିପୂଜା ଯଥାବିଧି ଅନୁଷ୍ଠିତ ହୋଇଯାଇଛି। ପୂଜା ପ୍ରାରମ୍ଭରେ ନେତ୍ର ପ୍ରଦାନ, ପ୍ରାଣ ପ୍ରତିଷ୍ଠା, ଆହୁତି ପ୍ରଦାନ, ଚଣ୍ଡୀପାଠ, ଦଶ ମହାବିଦ୍ୟା ସହ ଷୋଡ଼ଶ ଉପଚାର ପୂଜା କାର୍ଯ୍ୟ ସହ ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ବିଶିଷ୍ଟ ଚିତ୍ରଶିଳ୍ପୀ ନବ ପଟ୍ଟନାୟକଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏହି ପୂଜା ତାଙ୍କ ଅନ୍ତେ ତାଙ୍କ ପୁତ୍ର ବିଶିଷ୍ଟ ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିରବଚ୍ଛିନ୍ନ ଭାବରେ କରାଯାଉଛି। ଅନୁରୂପ ଭାବେ ଟାଙ୍ଗୀ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ପରିସରରେ ୫୭ତମ ଶ୍ୟାମାକାଳୀ ପୂଜା ବିଧିପୂର୍ବକ କରାଯାଇଥିବା ବେଳେ ସପ୍ତାହବ୍ୟାପୀ ଏହି ପୂଜା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ପ୍ରତିକୂଳ ପାଗ ଯୋଗୁଁ ଦୁର୍ଗା ପୂଜା ଫିକା ପଡ଼ିଥିବାବେଳେ ଧାରାବାହିକ ବର୍ଷା ଯୋଗୁଁ ଶ୍ୟାମାକାଳୀ ପୂଜାରେ ମଧ୍ୟ ଫିକା ପଡ଼ିଛି।


**ଭୂଷଣ୍ଡପୁର:** ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ ବାଲିପାଟପୁର କଲୋନୀରେ ସାର୍ବଜନୀନ ଶ୍ରୀଶ୍ରୀ ଶ୍ୟାମାକାଳୀ ପୂଜା ମହାସମାରୋହ ତଥା ଆନନ୍ଦ ଉଲ୍ଲାସ ମଧ୍ୟରେ ଅନୁଷ୍ଠିତ ହେଉଛି। ୧୯୫୦ ମସିହାରୁ ନିୟମିତ ଭାବେ ଏହି ପୂଜା ଆୟୋଜିତ ହୋଇଆସୁଛି। ଦେଶ ବିଭାଜନ ପରେ ଟାଙ୍ଗୀ ବ୍ଲକ୍‌ରେ ଥଇଥାନ ହୋଇଥିବା ୬ଟି କଲୋନୀର ବଙ୍ଗାଳୀ ସମ୍ପ୍ରଦାୟଙ୍କ ତରଫରୁ ସର୍ବପ୍ରଥମେ ବାଲିପାଟପୁର କଲୋନୀ ବାସିନ୍ଦାଙ୍କ ଦ୍ୱାରା ଶ୍ୟାମାକାଳୀ ପୂଜା ଆରମ୍ଭ କରାଯାଇଥିଲା। ଏବେ ଝାଟିନୂଆଗାଁ କଲୋନୀ ଓ ସୁନ୍ଦରପୁର କଲୋନୀରେ ମଧ୍ୟ ଏହି ପୂଜା ଅନୁଷ୍ଠିତ ହେଉଥିବା ଦେଖିବାକୁ ମିଳୁଛି। ପୂଜା ମଣ୍ଡପରେ ବହୁ ସଂଖ୍ୟାରେ ଭକ୍ତଙ୍କ ଭିଡ଼ ଜମୁଥିବାବେଳେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ବାଲିପାଟପୁର ଯାତ୍ରା ପଡ଼ିଆରେ 'ଦରିଆ କୂଳର ଦରଦୀ ବନ୍ଧୁ' ନାଟକ ମଞ୍ଚସ୍ଥ ହେବାକୁ ଥିବାବେଳେ ସୁନ୍ଦରପୁର କଲୋନୀରେ ସାମାଜିକ ନାଟକ 'ସାକ୍ଷୀ ରହିଲା ମୋ ଜୁଇ ପାଉଁଶ' ଅଭିନୀତ ହେବ ବୋଲି ବାଲିପାଟପୁର କଲୋନୀ ପୂଜା କମିଟିର ସଭାପତି ନିତ୍ୟାନନ୍ଦ ସର୍ଦ୍ଦାର ଓ ସମ୍ପାଦକ ସୁଜିତ୍ କୁମାର ମଣ୍ଡଳଙ୍କଠାରୁ ସୂଚନା ମିଳିଛି।

**ବୋଲଗଡ଼:** ବୋଲଗଡ଼ କାଳୀପୂଜା କମିଟି ସୌଜନ୍ୟରେ ଜଗଜ୍ଜନନୀ ମା' ଶ୍ୟାମାକାଳୀଙ୍କ ପୂଜୋତ୍ସବ ବୋଲଗଡ଼ ଗଣେଶ ବଜାରସ୍ଥିତ କାଳୀମଣ୍ଡପଠାରେ ମହାସମାରୋହରେ ପାଳନ କରାଯାଉଛି। ଏଠାରେ ପୂଜା ଉତ୍ସବକୁ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।



ସେହିପରି ରାଜସୁନାଖଳା ତ୍ରିନାଥ ବଜାର ବଣିକ ସଙ୍ଘ ପକ୍ଷରୁ ପ୍ରତିବର୍ଷ ଭଳି ମା' ଶ୍ୟାମାକାଳୀ ପୂଜା ଉତ୍ସବ କରାଯାଉଛି। ଉକ୍ତ ବଜାରଠାରେ ପୂଜା ମଣ୍ଡପରେ ମା' ଶ୍ୟାମାକାଳୀଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଛନ୍ତି।

**ବାଲୁଗାଁ:** ବାଲୁଗାଁ ବାଣପୁର ଅଞ୍ଚଳରେ ମହାଆଡ଼ମ୍ବର ସହକାରେ ମା' ଶ୍ୟାମାକାଳୀଙ୍କ ପୂଜା ସୋମବାରଠାରୁ ଅନୁଷ୍ଠିତ ହୋଇଯାଇଛି। ବାଲୁଗାଁ ରାଜନ ମାର୍କେଟ କାଳୀପୂଜା କମିଟି ତରଫରୁ ପାରମ୍ପରିକ ମା' ଶ୍ୟାମାକାଳୀଙ୍କ ପୂଜା ଅନୁଷ୍ଠିତ ହେଉଥିବାବେଳେ ସୋମବାର କୁମ୍ଭାଭିଷେକ ପରେ ଦୀପାବଳି ଅମାବାସ୍ୟା ସନ୍ଧ୍ୟାରେ ମା'ଙ୍କ ପାରମ୍ପରିକ ପୂଜାନୀତି ଅନୁଷ୍ଠିତ ହୋଇ ରାତ୍ରରେ ମା'ଙ୍କୁ ଆବାହନ କରାଯାଇଥିଲା। ଏଥିସହ ବାଲୁଗାଁ ଅଶୋକନଗର ବଙ୍ଗୀୟ କଲୋନୀ, ଚିଲିକାକୂଳ ଶାନ୍ତିନଗର, ତାଳପଟି ଓ ଅନ୍ୟାନ୍ୟ ସାହି ବସ୍ତିମାନଙ୍କ ସହ ବାଣପୁର ଅଞ୍ଚଳରେ ମହାଆଡ଼ମ୍ବରରେ ମା' ଶ୍ୟାମାକାଳୀ ପୂଜା ଉତ୍ସବ ଅନୁଷ୍ଠିତ ହେଉଥିବାବେଳେ ବିଭିନ୍ନ ସାଜସଜ୍ଜା ସାଙ୍ଗକୁ ଆଲୋକମାଳାରେ ମଣ୍ଡପଗୁଡ଼ିକ ଝଲସି ଉଠୁଛି। ଅନ୍ୟପକ୍ଷେ ଦୀପାବଳି ଅବସରରେ ଗାଁଠୁ ସହର ପର୍ଯ୍ୟନ୍ତ ସନ୍ଧ୍ୟାଠାରୁ ଘରେ ଘରେ ପ୍ରଦୀପ ପ୍ରଜ୍ୱଳନ ସହ ରଙ୍ଗୀନ ଆଲୋକମାଳାରେ ଝଲସି ଉଠିବା ସହ ବାଣ ଫୁଟାଯାଇଥିଲା।



ବାଲୁଗାଁ ବଜାର | ଅଶୋକ ନଗର | ଚିଲିକା କୂଳ

## ଭାଇଚାରା ସୃଷ୍ଟି କଲା ଚାନ୍ଦପୁର ପାଟରା ସମିତି

ଟାଙ୍ଗୀ,୨୧।୧୦(ସମିସ): ଦୀପାବଳି ଉତ୍ସବ ଅବସରରେ ବିଭିନ୍ନ ରଙ୍ଗବେରଙ୍ଗର ଆଲୋକ ସାଜସଜ୍ଜା ସହିତ ବାଣ ଫୁଟାଇ ସମସ୍ତେ ମଜା ମନେଇଥା'ନ୍ତି। କିନ୍ତୁ ନୂତନ ପରମ୍ପରାରେ ଭାଇ ଭାଇ ମଧ୍ୟରେ ପବିତ୍ର ବନ୍ଧନ ସୃଷ୍ଟି କରିବାର ଲକ୍ଷ୍ୟ ନେଇ ଚାନ୍ଦପୁର ପାଟରା ସମିତି ନିରାଡ଼ମ୍ବର ଭାବେ ଦୀପାବଳି ଉତ୍ସବ ପାଳନ କରି ଭାଇଚାରାର ଏକ ପବିତ୍ର ବନ୍ଧନ ସୃଷ୍ଟି କରିଛି। ଚଳିତ ବର୍ଷ ୫୭ଜଣ ପାଟରା ଭାଇ ଏକତ୍ରିତ ହୋଇ ସମସ୍ତଙ୍କ ଦୁଆରେ ସମସ୍ତଙ୍କୁ ନେଇ ବଡ଼ବଡୁଆ ଡାକିବାର ପ୍ରୟାସ କରି ସଫଳତା ଆଣିପାରିଥିବା ଜଣାପଡ଼ିଛି। ପ୍ରାରମ୍ଭରେ ପ୍ରଭୁ ଗୋପୀନାଥ ଦେବଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ଆଳତି କରାଯାଇ ନରେଶ ସାହୁଙ୍କ ଦ୍ୱାରା ସମସ୍ତ ପାଟରା ଗୋସେଇଁଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ପରେ ୨୭ଟି ଘର ଆଗରେ ଶୃଙ୍ଖଳାର ସହିତ ବଡ଼ବଡୁଆ ଡକାଯାଇଥିଲା।

ପରିଶେଷରେ ଗୋପୀନାଥ ମଣ୍ଡପଠାରେ ବାଳଭୋଗ ବଣ୍ଟାଯାଇଥିଲା। ବରିଷ୍ଠ ପାଟରା ଗୋସେଇଁ ଦୁର୍ଯ୍ୟୋଧନ ସାହୁ, କୁମର ସାହୁ, ସୁବାସ ସାହୁ, ଦୁଃଖିଶ୍ୟାମ ସାହୁ, ଜିତେନ୍ଦ୍ର ସାହୁ, ନରେଶ ସାହୁ, ଅଶୋକ ସାହୁ, ବଦ୍ରିନାରାୟଣ ଚୌଧୁରୀ, ବିଜୟ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ମା' ଭଗବତୀଙ୍କ ଶ୍ୟାମାକାଳୀ ବେଶ

ବାଣପୁର,୨୧।୧୦(ସମିସ): ଭଗବତୀ କ୍ଷେତ୍ର ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କର ବାର ମାସରେ ତେର ପର୍ବ ସହିତ ବିଭିନ୍ନ ପର୍ବରେ ମା' ନାନାଦି ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥା'ନ୍ତି। ତନ୍ମଧ୍ୟରୁ ସୋମବାର ପବିତ୍ର କାର୍ତ୍ତିକ ଅମାବାସ୍ୟା ଆଲୋକର ପର୍ବ ଦୀପାବଳି ତିଥିରେ ମା' ଭଗବତୀ ଶ୍ୟାମାକାଳୀ ବେଶରେ ଅଗଣିତ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ସଂସାରର ଦୁର୍ଗତି ନାଶିନୀ ମହାଦୁର୍ଗା, ଶକ୍ତିସ୍ୱରୂପା, ବିଦ୍ୟା ପ୍ରଦାୟିନୀ ମା' ମହା ସରସ୍ୱତୀ, ସକଳ ଧନ ସମ୍ପଦର ଅଧିକାରିଣୀ ମା' ମହାଲକ୍ଷ୍ମୀ, ଦଶ ମହାବିଦ୍ୟା ଓ ବିପଦଆପଦର ସେ ହିଁ ସାହା ଭରସା। ଏହି ଦୀପାବଳି ଅବସରରେ ଶ୍ରଦ୍ଧାଳୁ ମା'ଙ୍କ ଏହି ମନଲୋଭା ବେଶ ଦର୍ଶନ କରି ଅଶୀର୍ବାଦ ଲାଭ କରିଥିଲେ। ପ୍ରାତଃରୁ ମା'ଙ୍କୁ ଘୃତ, ଖିର ଓ ଦହିରେ ମାହାସ୍ନାନ କରିବା ପରେ ଦ୍ୱାରପାଳ ପୂଜା, ସୂର୍ଯ୍ୟପୂଜା, ପହିଲି ଭୋଗ, ଦହି ପଖାଳ, ଶଙ୍ଖୁଡ଼ି ଭୋଗ, ନିଶଙ୍ଖୁଡ଼ି ଭୋଗ କରାଯିବା ପରେ ସନ୍ଧ୍ୟାରେ ମା'ଙ୍କୁ ଶ୍ୟାମାକାଳୀ ବେଶରେ ସୁସଜ୍ଜିତ କରାଯାଇଥିଲା। ମନ୍ଦିର ପ୍ରଶାସନ ତରଫରୁ ନୀତିକାନ୍ତି ପାଳନ ସହ ଶୃଙ୍ଖଳିତ ଦର୍ଶନର ସୁବନ୍ଦୋବସ୍ତ କରାଯାଇଥିଲା।



## ଆନନ୍ଦ ଉଲ୍ଲାସରେ ସରିଲା ଦୀପାବଳି ପର୍ବ

ଖୋର୍ଦ୍ଧା,୨୧।୧୦(ସମିସ): ଖୋର୍ଦ୍ଧା ସମେତ ଆଖପାଖରେ ଆଲୋକର ପର୍ବ ଦୀପାବଳିକୁ ବେଶ୍ ଆନନ୍ଦ ଉଲ୍ଲାସର ସହିତ ଲୋକମାନେ ପାଳନ କରିଛନ୍ତି। ଦୀପ ଓ ଆଲୋକମାଳାରେ ଗାଁଠାରୁ ସହର ବେଶ୍ ଝଲସୁଥିବା ପିଠାପଣାରେ ଘର ମହକୁଥିଲା। ଚଳିତ ବର୍ଷ ଦୁଇଦିନ ଦୀପାବଳି ପାଳନ କରିଛନ୍ତି ଲୋକେ। ସୋମବାର ଅଧିକାଂଶ ଲୋକ ଦୀପାବଳି ପାଳନ ସହ ପାର୍ବଣଶ୍ରାଦ୍ଧ କରିଥିବାବେଳେ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ମଧ୍ୟ ଅନେକ ଏହାକୁ ପାଳନ କରିଛନ୍ତି। ଦୁଇଦିନଯାକ ବାଣ ଫୁଟାଇବା ମଜା ନେଇଥିବା ଦେଖାଯାଇଛି। ଏଥିସହିତ ପିତୃପୁରୁଷଙ୍କ ନିମନ୍ତେ ବଡ଼ବଡୁଆ ଡାକିଲେ ସେମାନଙ୍କ ଆତ୍ମା ଶାନ୍ତି ହେଇଥାଏ ବୋଲି ବିଶ୍ୱାସ ରହିଛି। ଏହି କ୍ରମରେ ମାରୱାଡି ସମ୍ପ୍ରଦାୟର ଲୋକଙ୍କ ବିଶ୍ୱାସ ରହିଛି ଦୀପାବଳିରେ ବ୍ୟବସାୟ ପ୍ରତିଷ୍ଠାନରେ ପୂଜାପାଠ ଓ ହୋମଯଜ୍ଞ କଲେ ଧନଲକ୍ଷ୍ମୀ ଆସିଥା'ନ୍ତି। ତେଣୁ ଏହାକୁ ଆଖି ଆଗରେ ରଖି ସେମାନେ ନିଜ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ପୂଜା ସହିତ ନୂଆଖାତା ମଧ୍ୟ ପୂଜା କରିଥିବା ଜଣାଯାଇଛି।



ଗଡ଼ଖୋର୍ଦ୍ଧାସ୍ଥିତ ଲୀଳାକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ପାର୍ବଣଶ୍ରାଦ୍ଧ ବିଧିବିଧାନ ଅନୁସାରେ ପାଳିତ ହୋଇଯାଇଛି। ୨୦୦ରୁ ଊର୍ଦ୍ଧ୍ୱ ସ୍ଥାନୀୟ ଅଧିବାସୀ ପୂର୍ବପୁରୁଷଙ୍କ ସ୍ମୃତିରେ ଦୀପଦାନ କରିଥିଲେ। ମନ୍ଦିର ପୂଜକ ଅରୂପାନନ୍ଦ ମହାପାତ୍ର ଓ ଅକ୍ଷୟ ମହାପାତ୍ରଙ୍କ ଦ୍ୱାରା ଏହି ଶ୍ରାଦ୍ଧୋତ୍ସବ କରାଯାଇଥିଲା। ମୁଖ୍ୟ ପରିଚାଳକ ରମାକାନ୍ତ ପଟ୍ଟଯୋଶୀଙ୍କ ଦିଗ୍‌ଦର୍ଶନରେ ବିଶ୍ୱଜିତ୍ ମହାନ୍ତି ଓ ସ୍ଥାନୀୟ ଯୁବକମାନେ ଏହି ବିଧିବ୍ୟବସ୍ଥାର ଆୟୋଜନ କରିଥିଲେ।

## ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର

ବାଣପୁର,୨୧।୧୦(ସମିସ): ବାଣପୁର ଆଦର୍ଶ ଆରୋଗ୍ୟ ସେବା ସଦନ ଓ ହେଲ୍‌ଥ ଭିଲେଜ୍ ହସ୍ପିଟାଲ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ବାଣପୁର ବଜାରସ୍ଥିତ ରଘୁନାଥ ମଣ୍ଡପ ପରିସରରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଶିବିରରେ ବିଶିଷ୍ଟ ଯନ୍ତ୍ରଣା ଉପସମ ଡାକ୍ତର ଶୋଭନ କୁମାର ରଥଙ୍କ ନେତୃତ୍ୱରେ ହେଲ୍‌ଥ ଭିଲେଜ୍ ହସ୍ପିଟାଲ, ଭୁବନେଶ୍ୱରର ତତ୍ତ୍ୱାବଧାନରେ ଥିବା ସହଯୋଗୀ ଡାକ୍ତର ରାମକୃଷ୍ଣ ପାତ୍ର ଓ ଡାକ୍ତର ରାଘବାଲୋଚନ ଉପସ୍ଥିତ ରହି ଆଖପାଖ ଅଞ୍ଚଳର ୧୨୫ ଜଣ ରୋଗୀମାନଙ୍କର ଆଣ୍ଠୁଗଣ୍ଠି, ଅଣ୍ଟା, ହାଡ଼ ଜନିତ ବିଭିନ୍ନ ରୋଗର ଉପଶମ ନିମିତ୍ତ ଚିକିତ୍ସା କରିବା ସହ ମାଗଣା ଔଷଧ ପ୍ରଦାନ କରିଥିଲେ। ଆଦର୍ଶ ଆରୋଗ୍ୟ ସେବା ସଦନର ସଭାପତି ଭି.କାମେଶ୍ୱର ଆଚାରୀ, ହେଲ୍‌ଥ ଭିଲେଜ୍ ହସ୍ପିଟାଲର ପ୍ରଶାସକ ଭବାନୀ ପାଣି, ସ୍ୱାସ୍ଥ୍ୟ ସହାୟକ ପ୍ରଦୀପ ସାହୁ, ରଘୁନାଥ ମନ୍ଦିର ସମ୍ପାଦକ ଜୟକୃଷ୍ଣ ମାର୍ଥା, ଶ୍ରୀମନ୍ତ କୁମାର ମହାପାତ୍ର, ଆଲୋକ ବରାଳ, ସମ୍ବିତ୍ ପାତ୍ର ଓ ଟ୍ୱିଙ୍କିଲ୍ ଜେନା ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ। ବରିଷ୍ଠ ସାମ୍ବାଦିକ ନୃସିଂହ ମିଶ୍ର ଓ ଶିକ୍ଷାବିତ୍ ଡ. ଚିନ୍ତାମଣି ମିଶ୍ର ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ।

## ବିଦ୍ୟୁତ୍ ଆଘାତରେ ଜଣେ ମୃତ



ବୋଲଗଡ଼,୨୧।୧୦(ସମିସ): ବୋଲଗଡ଼ ବ୍ଲକ୍ ବୋଲଗଡ଼ ଗ୍ରାମ ଗଡ଼ଭିତର ସାହିର ସମାଜସେବୀ ବୁଦ୍ଧିରାମ ଦାସ (୬୪) ଦୀପାବଳି ଅବସରରେ ସନ୍ଧ୍ୟାରେ ନିଜ ଘରେ ଲିଟୁ ଲାଇଟ୍ ଲଗାଉଥିବା ସମୟରେ ବିଦ୍ୟୁତ୍ ଆଘାତ ଲାଗିଥିଲା। ସେଠାରେ ସେ ଅଚେତ ହୋଇପଡ଼ିବାରୁ ତାଙ୍କୁ ତୁରନ୍ତ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଦୁଃଖଦ ଘଟଣାରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ, ସରପଞ୍ଚ ଗୀତାଞ୍ଜଳି ସାହୁ, ସମିତିସଭ୍ୟ ନିର୍ମଳା ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟା ସୁନନ୍ଦିତା ସାହୁ ପ୍ରମୁଖ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଖୋର୍ଦ୍ଧା ଜିଲ୍ଲା ଚିକିତ୍ସାଳୟରେ ବୁଦ୍ଧିରାମଙ୍କ ଶବ ବ୍ୟବଚ୍ଛେଦ ପରେ ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ପୁତ୍ର ସାଗର ସଙ୍ଗମ ଦାସ ମୁଖାଗ୍ନି ଦେଇଥିଲେ।

● ଟ୍ରୁ ଲାଇଫ୍ ନିଶା ନିବାରଣ କେନ୍ଦ୍ରର ବାର୍ଷିକ ଉତ୍ସବ

## 'ନିଶାମୁକ୍ତ ସମାଜ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ'



ନିରାକାରପୁର,୨୧।୧୦(ସମିସ): ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱରସ୍ଥିତ ଟ୍ରୁ ଲାଇଫ୍ ନିଶା ନିବାରଣ କେନ୍ଦ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରର ମୁଖ୍ୟ ସୌମ୍ୟଶ୍ରୀ ପ୍ରିୟଦର୍ଶନ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଶା ବର୍ତ୍ତମାନର ସମାଜକୁ କବଳିତ କରି ରଖିଥିବାରୁ ଆଜିର ଯୁବ ସମାଜ ପଥଭ୍ରଷ୍ଟ ହୋଇ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି। ତେଣୁ ନିଶାମୁକ୍ତ ସମାଜ ଗଢ଼ିବା ପାଇଁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତାଭାବେ ସମାଜସେବୀ ସୁନୀତ୍ ମୁଣ୍ଡ ଓ ସମ୍ମାନିତ ଅତିଥି ଭାବେ ସମାଜସେବୀ ଶୁଭମ୍ ଦାଶ ଉପସ୍ଥିତ ଥିଲେ। ଶେଷରେ ରୋଜାଲିନ ସୌମ୍ୟ କର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଚିନ୍ମୟ ମହାପାତ୍ର, ସୌମ୍ୟ ମହାପାତ୍ର, ପ୍ରଳୟରଶ୍ମି ପରିଡ଼ା, ପ୍ରଫୁଲ୍ଲ ତ୍ରିପାଠୀ, ଗଣେଶ ନାୟକ, ଧନେଶ୍ୱର ପ୍ରଧାନ, ରାଘବ ସ୍ୱାଇଁ ଓ ଅନ୍ତେବାସୀମାନେ ସହଯୋଗ କରିଥିଲେ।

## 'ଶିକ୍ଷକଙ୍କୁ ଅଣଶିକ୍ଷା କାର୍ଯ୍ୟରୁ ମୁକ୍ତ କରାଯାଉ'

ବେଗୁନିଆ,୨୧।୧୦(ସମିସ): ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଅଣଶିକ୍ଷା କାର୍ଯ୍ୟରେ ନିୟୋଜିତ ହେବା ଫଳରେ ଛାତ୍ରଛାତ୍ରୀଙ୍କର ଶିକ୍ଷାଦାନ କ୍ଷେତ୍ରରେ ବ୍ୟାଘାତ ଘଟୁଥିବାରୁ ସାଧାରଣରେ ଅସନ୍ତୋଷ ବ୍ୟାପିବା ସହ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ଅଭିଭାବକମାନେ। ବର୍ତ୍ତମାନ ବିଦ୍ୟାଳୟମାନଙ୍କରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନ ଥିବାରୁ ଅଣଶିକ୍ଷା କାର୍ଯ୍ୟକ୍ରମକୁ ଶିକ୍ଷକମାନେ ଶିକ୍ଷାଦାନ ବନ୍ଦ କରି ରିପୋର୍ଟ, ଫର୍ମ ଓ ତଥ୍ୟ ଅପ୍‌ଲୋଡ୍‌ରେ ସର୍ବଦା ବ୍ୟସ୍ତ ରହି ଇଭେଣ୍ଟ ମ୍ୟାନେଜର ହେବା ସହ ପ୍ରତି ଦ୍ୱିତୀୟ ଦିନରେ ଏକ ଉତ୍ସବ ପାଳନ ହେବାରୁ ବିଦ୍ୟାଳୟର ଶୈକ୍ଷିକ ବାତାବରଣ ନଷ୍ଟ ହେଉଛି। ତେବେ ଉଲ୍ଲାସ ପୋର୍ଟାଲରେ ୧୫ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତିଙ୍କ ସାକ୍ଷରତା ଓ ପାଠପଢ଼ା ବିଷୟରେ ଘରକୁ ଘର ବୁଲି ସର୍ଭେ କରିବା ପାଇଁ ନିର୍ଦ୍ଦେଶ ରହିଥିବାବେଳେ ବହୁ ଶିକ୍ଷକଙ୍କ ଅଭିଯୋଗ ଅନୁଯାୟୀ ଅଣଶିକ୍ଷା କାର୍ଯ୍ୟ ଦିଆଯାଉଥିବାରୁ ସେମାନେ ଶିକ୍ଷାଦାନ ପାଇଁ ସମୟ ପାଇପାରୁ ନାହାନ୍ତି। କେବଳ ସ୍ୱଳ୍ପ ଶିକ୍ଷକରେ ଶିକ୍ଷାଦାନ କରୁଥିବାବେଳେ ମାତ୍ରାଧିକ ଅଣଶିକ୍ଷା କାର୍ଯ୍ୟକ୍ରମ ଯୋଗୁଁ ସେମାନେ ମାନସିକ ଚାପଗ୍ରସ୍ତ ହୋଇ କାର୍ଯ୍ୟ କରିବାରେ ଲାଗି ପଡ଼ିଛନ୍ତି। ସେହିପରି ପ୍ରାଥମିକ ବିଦ୍ୟାଳୟରେ ପାଠପଢ଼ା ନାହିଁ, କେବଳ ଅଣଶିକ୍ଷା କାର୍ଯ୍ୟ କରି ତା'ର ଫଟୋ ଉପରିସ୍ଥ ଅଧିକାରୀଙ୍କୁ ଦେବାରେ ଅଧିକାଂଶ ସମୟ ଅପଚୟ ହେବାରେ ଲାଗିଛି। ଶିକ୍ଷା ଅଧିକାର ନିୟମ ୨୦୦୯ ଓ ଅଧି ନିୟମ ୨୦୧୦ଧାରା ୨୭ର ଉଲ୍ଲଙ୍ଘନ ଦର୍ଶାଇବା ସହ ଶିକ୍ଷକଙ୍କୁ ଅଣଶିକ୍ଷା କାର୍ଯ୍ୟରେ ନିୟୋଜିତ କରିବା ଯୋଗୁଁ ରାଜ୍ୟରେ ପ୍ରାଥମିକ ଶିକ୍ଷା ଦୁର୍ବଳ ହେଉଛି ବୋଲି ଶିକ୍ଷକମାନେ ଅଭିଯୋଗ କରୁଛନ୍ତି।

ଶିକ୍ଷକଙ୍କୁ ବିଦ୍ୟାଳୟରେ ପାଠ ପଢ଼ାଇବା ପାଇଁ ସୁଯୋଗ ଦିଆଯିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଶିକ୍ଷକମାନଙ୍କୁ ବିଭିନ୍ନ ବିଷୟରେ ତାଲିମ, ବିଦ୍ୟାଳୟରେ ବୃକ୍ଷରୋପଣ, ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ, ଜାତୀୟ ସାକ୍ଷରତା କାର୍ଯ୍ୟକ୍ରମ, ମାଆ ପାଇଁ ଗଛଟିଏ, ଏକକ ପ୍ଲାଷ୍ଟିକ୍ ବ୍ୟବହାର ବର୍ଜନ, ନିପୁଣ ଶପଥ ସପ୍ତାହ, ଭୋଟ୍ କାର୍ଡ ସଂଶୋଧନ, ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ, ଶିକ୍ଷା ସଭା ଆଦି ବିଭିନ୍ନ ଅଣଶିକ୍ଷା କାର୍ଯ୍ୟ କରିବାକୁ ପଡୁଛି। ପ୍ରକୃତ ଶିକ୍ଷାଦାନ ଅପେକ୍ଷା ତଥ୍ୟ ସଂଗ୍ରହ କରିବା ସହ ପଠାଇବା ଉପରେ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି। ଏହିଭଳି ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ସିଆର୍‌ସିସି, ବିଆର୍‌ସି ଓ ଡିପିସିସ୍ତରରେ ତାଲିମ ସହ ମିଟିଂ ଇତ୍ୟାଦି ପାଇଁ ଶିକ୍ଷକମାନଙ୍କୁ ବାରମ୍ବାର ଡକାଯାଉଥିବାରୁ ପ୍ରାୟତଃ ବିଦ୍ୟାଳୟର ଅର୍ଦ୍ଧାଧିକ ଶିକ୍ଷକ ଅଣଶୈକ୍ଷିକ କାର୍ଯ୍ୟକ୍ରମରେ ନିୟୋଜିତ ରହୁଥିବାରୁ ଏକରକମ ଶିକ୍ଷାଦାନ ଠପ୍ ହୋଇଯାଇଥିବାରୁ ଅଭିଭାବକ ଓ ସଚେତନ ନାଗରିକ ଅଭିଯୋଗ କରିଛନ୍ତି।

## ଚାକିରି ନାଁରେ ମହିଳାଙ୍କଠୁ ଟଙ୍କା ଓ ସୁନା ଠକେଇ

ଜଟଣୀ,୨୧।୧୦(ସମିସ): ଜଟଣୀ ଥାନା ଅଞ୍ଚଳରେ ରହୁଥିବା ଜଣେ ମହିଳାଙ୍କୁ ପ୍ରଥମେ ଋଣ କରାଇଦେବା ଓ ପରେ ଇପିକଲ୍ ଏବଂ ବନ ବିଭାଗରେ ଚାକିରି କରାଇଦେବାର ମିଥ୍ୟା ପ୍ରତିଶ୍ରୁତି ଦେଇ ନଗଦ ୯ ଲକ୍ଷ ଟଙ୍କା ଓ ସୁନା ଅଳଙ୍କାର ଠକେଇ ନେବା ଘଟଣାରେ ଅଭିଯୁକ୍ତ ଯୁବକକୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ହେଲା ରାୟଗଡ଼ା ଜିଲ୍ଲା ନେହେରୁ ନଗରର ଏମ୍ ହରିଶଙ୍କର (୨୬)। ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ ସୁଶ୍ରୀ ମନିଷା ମିଶ୍ର ଜଟଣୀ ଅଞ୍ଚଳରେ ରହୁଥିବାବେଳେ ତାଙ୍କର ଋଣ ଆବଶ୍ୟକ ପଡ଼ିଥିଲା। ତେଣୁ ଋଣ ପାଇଁ ଯୋଗାଯୋଗ କରୁଥିବାବେଳେ ଗତ ଫେବୃଆରୀ ମାସରେ ଅଭିଯୁକ୍ତ ଇନ୍‌ଷ୍ଟାଗ୍ରାମରେ ଋଣ ଯୋଗାଇ ଦେଉଥିବା ଜାଣିବାକୁ ପାଇଥିଲେ ସୁଶ୍ରୀ। ଏହାପରେ ଉଭୟ ଇନ୍‌ଷ୍ଟାଗ୍ରାମ ଜରିଆରେ କଥାବାର୍ତ୍ତା ହୋଇ ପରବର୍ତ୍ତୀ ସମୟରେ ମହିଳା ଜଣକ ଅଭିଯୁକ୍ତକୁ ବ୍ୟକ୍ତିଗତ ନମ୍ବର ଦେଇଥିଲେ। ପରେ ଅଭିଯୁକ୍ତ ମହିଳା ଜଣଙ୍କୁ ବିଭିନ୍ନ ଲୋନ୍ ଆପ୍ ଫୋନ୍ ମାଧ୍ୟମରେ କିପରି ଋଣ ପାଇପାରିବେ ସେ ବିଷୟରେ କହିଥିଲେ। ଏହାର କିଛିଦିନ ପରେ ଅଭିଯୁକ୍ତ ଜଣକ ମହିଳାଙ୍କୁ ଯୋଗାଯୋଗ କରି ଜଣେ ମଧ୍ୟସ୍ଥି ମାଧ୍ୟମରେ ସରକାରୀ ଚାକିରି କରାଇଦେବେ ବୋଲି ପ୍ରସ୍ତାବ ଦେଇଥିଲେ। ମହିଳା ଜଣକ ତାଙ୍କ କଥାରେ ବିଶ୍ୱାସ କରି ନିଜ ପରିବାର ଲୋକଙ୍କ ସହ କଥାବାର୍ତ୍ତା କରି ପରାମର୍ଶ ନେଇଥିଲେ। ଅଭିଯୁକ୍ତ ତାଙ୍କୁ ପ୍ରଥମେ ଇପିକଲ୍ ଓ ପରେ ବନ ବିଭାଗରେ ନିଯୁକ୍ତି ଦେବାର ପ୍ରତିଶ୍ରୁତି ଦେଇ ଫୋନ୍ ପେ' ଓ ନଗଦ ଟଙ୍କା ବାବଦକୁ ୯ ଲକ୍ଷ ଟଙ୍କା ଓ ସୁନା ଅଳଙ୍କାର ନେଇଯାଇଥିଲେ। କିଛି ଦିନ ପରେ ମହିଳା ଜଣକ ଠକାମୀର ଶିକାର ହୋଇଥିବା ଜାଣି ଅଭିଯୁକ୍ତକୁ ଟଙ୍କା ଓ ସୁନା ଅଳଙ୍କାର ଫେରସ୍ତ କରିବାକୁ କହିଥିଲେ। ଟଙ୍କା ଓ ସୁନା ନ ଫେରାଇବାରୁ ମହିଳା ଜଣକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାରି ମଧ୍ୟରେ ଗତ ୧୭ ତାରିଖରେ ମହିଳା ଜଣକ ନିଜ ଝିଅକୁ ସ୍କୁଲରୁ ଆଣିବାକୁ ଯାଉଥିବା ସମୟରେ ହରିଭାଇନା ଛକରେ ଅଭିଯୁକ୍ତ ସହ ଭେଟ ହୋଇଥିଲା। ସେଠାରେ ଅଭିଯୁକ୍ତକୁ ଟଙ୍କା ଓ ସୁନା ଫେରାଇବାକୁ କହିବାରୁ ଅଭିଯୁକ୍ତ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ହତ୍ୟା ଧମକ ଦେଇ ଖସି ପଳାଇଥିଲେ। ମହିଳା ଜଣକ ଥାନାକୁ ଖବର ଦେବା ପରେ ପୁଲିସ ଖୋର୍ଦ୍ଧାରୋଡ୍ ରେଳ ଷ୍ଟେସନରୁ ଅଭିଯୁକ୍ତକୁ କାବୁ କରିଥିଲା। ଏ ନେଇ ଥାନାରେ କେସ୍ ନଂ ୪୭୬/୨୫ରେ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟଚାଲାଣ କରିଛି ପୁଲିସ।

## ବିପଦକୁ ଡାକୁଛି ବିଦ୍ୟାଳୟର ମୁଖ୍ୟ ଫାଟକ


ବାଣପୁର,୨୧।୧୦(ସମିସ): ବାଣପୁର ବ୍ଲକ୍ ଅନ୍ତର୍ଗତ ଗମ୍ଭାରୀମୁଣ୍ଡା ପତିତପାବନ ସରକାରୀ ଉଚ୍ଚ ବିଦ୍ୟାଳୟର ମୁଖ୍ୟ ପ୍ରବେଶ ଫାଟକଟି ବର୍ତ୍ତମାନ ଭାଙ୍ଗି ବିପଦସଂକୁଳ ଅବସ୍ଥାରେ ଝୁଲି ରହି କୌଣସି ଅଘଟଣ ଘଟିବାକୁ ଆମନ୍ତ୍ରଣ କରୁଛି। ପିଲାମାନଙ୍କ ବୃହତର ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ମରାମତି କରିବାକୁ ଅଭିଭାବକ ମହଲରେ ଦୃଢ଼ ଦାବି ହେଉଛି।




ସୂଚନା ମୁତାବକ, ଗମ୍ଭାରୀମୁଣ୍ଡା ପତିତପାବନ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରାୟ ହଜାରେରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଉକ୍ତ ବିଦ୍ୟାଳୟ ପରିସରରେ ଏକ ଛାତ୍ରୀ ପରିସ୍ରାଗାର କାର୍ଯ୍ୟ ଚାଲିଥିବାବେଳେ ଉକ୍ତ କାମ କରୁଥିବା ଠିକାଦାର ଏକ ଗାଡ଼ି ଯୋଗେ କାମ ପାଇଁ ବିଭିନ୍ନ ସାମଗ୍ରୀ ବିଦ୍ୟାଳୟକୁ ନେଉଥିବାବେଳେ ମୁଖ୍ୟ ପ୍ରବେଶ ଫାଟକକୁ ଧକ୍କା ଦେବାରେ ଫାଟକଟି ଭାଙ୍ଗିଯାଇ ବର୍ତ୍ତମାନ ବିପଦସଂକୁଳ ଅବସ୍ଥାରେ ଝୁଲିରହିଛି। ବିଦ୍ୟାଳୟର ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ଉକ୍ତ ବିପଦସଂକୁଳ ଅବସ୍ଥାରେ ଥିବା ଫାଟକ ଦେଇ ଦୈନନ୍ଦିନ ଯାତାୟାତ କରୁଥିବାବେଳେ କେଉଁ ମୁହୂର୍ତ୍ତରେ ଯେ ଏହି ଫାଟକଟି ଭାଙ୍ଗି ପଡ଼ି କୌଣସି ବଡ଼ ଅଘଟଣ ନ ଘଟିବ ତାହା କହିହେବ ନାହିଁ। ଏନେଇ ବହୁ ଅଭିଭାବକ ଅଭିଯୋଗ କରିଥିଲେ ମଧ୍ୟ ବିଦ୍ୟାଳୟର କର୍ତ୍ତୃପକ୍ଷ କେବଳ ଗୋଟିଏ ଛୋଟ କାଗଜ ବୋର୍ଡରେ ବିପଦସଂକୁଳ ଗେଟ୍ ଲେଖିଦେଇ ତାଙ୍କ ଦାୟିତ୍ୱ ସମ୍ପାଦନ କରି ଦେଇଥିବାବେଳେ ଉକ୍ତ ଗେଟ୍ ଦେଇ ଛାତ୍ରଛାତ୍ରୀଙ୍କ ଯାତାୟାତ ଲାଗି ରହିଛି। ବିଦ୍ୟାଳୟକୁ ଆଗମନ କିମ୍ବା ମାଧ୍ୟାହ୍ନଭୋଜନ ସମୟ ହେଉ ବା ଛୁଟି ସମୟରେ ଛାତ୍ରଛାତ୍ରୀମାନେ ଏହି ବିପଦସଂକୁଳ ଫାଟକ ନିକଟରେ ଛିଡ଼ା ହୋଇ ରହିବା ସହ ସେହି ଫାଟକ ଦେଇ ଯାଆସ କରୁଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସଚଳା ଗୁରୁଙ୍କୁ ପଚାରିବାରେ, ପରିସ୍ରାଗାର କାମ ନେଇଥିବା ଠିକାଦାରଙ୍କ ଗାଡ଼ିରେ ଉକ୍ତ ଫାଟକ କ୍ଷତିଗ୍ରସ୍ତ ହୋଇଥିବାରୁ ସେ ଉକ୍ତ ଫାଟକ କାମ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ବୋଲି ସେ କହିଥିଲେ। ହେଲେ ଫାଟକ କ୍ଷତିଗ୍ରସ୍ତ ହେବାର ୧ ମାସରୁ ଊର୍ଦ୍ଧ୍ୱ ଦିନ ବିତିଯାଇଥିଲେ ମଧ୍ୟ ଏବେବି ଉକ୍ତ ଫାଟକଟି ବିପଦସଂକୁଳ ଅବସ୍ଥାରେ ଝୁଲି ରହି ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ବିପଦ ରହିଥିବାବେଳେ ଅଘଟଣକୁ ଆମନ୍ତ୍ରଣ କରିଛନ୍ତି କର୍ତ୍ତୃପକ୍ଷ। ଯଦି କିଛି ଦୁର୍ଘଟଣା ଘଟେ ତେବେ ସେଥିପାଇଁ କିଏ ଦାୟୀ ରହିବ ସେ ନେଇ ସ୍ଥାନୀୟ ଅଞ୍ଚଳବାସୀ, ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇବା ସହ ଯଥାଶୀଘ୍ର ଫାଟକ ନିର୍ମାଣ ପାଇଁ ଦାବି କରିଛନ୍ତି।

# କାଳୀପୂଜା ମେଳା ପାଇଁ ଜିଲ୍ଲା ଉତ୍ସବମୁଖର



କେନ୍ଦୁଝର, ୨୧।୧୦(ସମିସ): କେନ୍ଦୁଝରର ପ୍ରସିଦ୍ଧ କାଳୀପୂଜା ମେଳା ମଙ୍ଗଳବାର ସଂଧ୍ୟାରୁ ଆରମ୍ଭ ହୋଇଛି। ସହରଯାକ ଝକମକ ଆଲୋକରେ ଦୀପାବଳି ଏବଂ କାଳିମେଳାର ମାହୋଲକୁ ଦ୍ୱିଗୁଣିତ କରୁଛି। ସୋମବାର ବିଭିନ୍ନ କାଳୀ ପୂଜା ମଣ୍ଡପରେ ପୂଜାନୀତି ଅନୁଷ୍ଠିତ ହୋଇଥିବାବେଳେ ମଙ୍ଗଳବାରଠାରୁ ବିଭିନ୍ନ ମେଢରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବାରେ ଲାଗିଛି। କାଳୀତୀର୍ଥରେ ସାମନ୍ତରାୟପୁର ପୁଷ୍କରିଣୀରେ କଳସପୂଜା କରାଯାଇଥିଲା। ଟେଲିଫୋନ ଏକ୍ସଚେଞ୍ଜ କାଳୀପୂଜା କମିଟିର ରିଜର୍ଭ ପୋଖରୀରେ କଳସ ବୁଡାଯାଇ ଅଣାଯାଇଥିଲା। କେନ୍ଦୁଝରରେ କାଳୀ ମେଳା ଆରମ୍ଭ ହେଉଥିବାରୁ ଦିନ ବେଳାରୁ ଅନେକ ଶ୍ରଦ୍ଧାଳୁ ମେଳାକୁ ଆସୁଥିବା ଲକ୍ଷ୍ୟ କରାଯାଇଛି। କେନ୍ଦୁଝର କାଳୀମେଳା ରାଜାରାଜୁଡା ଅମଳରୁ ଖ୍ୟାତି ଅର୍ଜନ କରିଥିବାବେଳେ ମା' କାଳୀଙ୍କର ପୂଜା ଅନୁଷ୍ଠିତ ହେଉଛି। ମେଳାକୁ ଅନେକ ଦୋକାନବଜାର ଆସିଥିବା ସହ ପ୍ରଥମ ପର୍ଯ୍ୟାୟରେ ମେଲୋଡି ପରେ ଅପେରା ସୋ ହେବାକୁ ଥିବା ଯୋଗୁଁ ଚଳିତ ବର୍ଷ ଅଧିକ ସଂଖ୍ୟାରେ ଦର୍ଶକ ତଥା ଶ୍ରଦ୍ଧାଳୁ ଆସିବାର ସମ୍ଭାବନାରୁ କମିଟି ତାର ପ୍ରସ୍ତୁତି ଚୂଡ଼ାନ୍ତ କରିଛି। ସୁରକ୍ଷା ବ୍ୟବସ୍ଥାକୁ ଆଖି ଆଗରେ ରଖି ମେଳା ପାଇଁ ବ୍ୟାପକ ପୁଲିସ ନିୟୋଜିତ ହେବେ।

କାଳୀତୀର୍ଥ କେନ୍ଦୁଝର କାଳୀପୂଜାକୁ ୮୫ ବର୍ଷରେ ପଦାର୍ପଣ କରୁଥିବାରୁ ବ୍ୟାପକ କାର୍ଯ୍ୟକ୍ରମ ରଖାଯାଇଛି। ସେହିପରି ଟେଲିଫୋନ୍ ଏକ୍ସଚେଞ୍ଜ ଛକ କାଳୀପୂଜା ଚଳିତ ବର୍ଷ ୫୬ ବର୍ଷରେ ପଦାର୍ପଣ କରୁଛି। କମିଟି ପକ୍ଷରୁ ପ୍ରତିବର୍ଷ ଭଳି ବନ୍ଧୁମାନଙ୍କ ଗହଣରେ ଏଥର ମଧ୍ୟ ଲଟେରୀ ରଖାଯାଇଛି। କାଳୀତୀର୍ଥ ପଡିଆରେ ପ୍ରଥମ ପର୍ଯ୍ୟାୟରେ ମେଲୋଡି ଏବଂ ୨ୟରେ ଅପେରା ସୋ ମଞ୍ଚସ୍ଥ ହେଉଛି।

କେନ୍ଦୁଝର ସହରର ଥାନା ଛକଠାରୁ ଚର୍ଚ୍ଚ ଛକ, ଏକ୍ସଚେଞ୍ଜ ଛକରୁ ପାର୍କଲାଇନ, ଏକ୍ସଚେଞ୍ଜ ଛକରୁ ଟାଲିଫୋନ ଅଫିସ ଗଳି, ନଗରଭବନ ରାସ୍ତାକଡ଼, ବାଲୁଙ୍କେଶ୍ୱର ପଡିଆ, କାଳୀତୀର୍ଥ, ସିନେମା ହଲ ସମ୍ମୁଖ ଆଦି ସ୍ଥାନରେ ମୀନାବଜାର ସାଙ୍ଗକୁ ବିଭିନ୍ନ ଘରକରଣା ସାମଗ୍ରୀ ଦୋକାନ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ସେପଟେ ଜନଜାତି ସାଧନ କେନ୍ଦ୍ର ସମ୍ମୁଖରେ ଭଳିକି ଭଳି ଖାଦ୍ୟଷ୍ଟଲ, କାଳୀମେଳା ପ୍ରବେଶ ପଥର ଡାହାଣ ପଟ ଖାଦ୍ୟଷ୍ଟଲ ମେଳା ଏବଂ ମେଢ ଦେଖିବାକୁ ଆସୁଥିବା ଲୋକଙ୍କ ପାଇଁ ଖାଦ୍ୟର ମଜା ଉଠାଇବା ସ୍ଥାନ ହୋଇଥିବାରୁ ସେହି ଷ୍ଟଲଗୁଡ଼ିକରେ ବିଶେଷତଃ ମହିଳା ଏବଂ ଛୋଟ ପିଲାଙ୍କ ପ୍ରଥମଦିନରୁ ଭିଡ଼ ପରିଲକ୍ଷିତ ହେଉଛି।

ଅନ୍ୟପକ୍ଷରେ, ପ୍ରସିଦ୍ଧ କାଳୀମେଳା ଅବସରରେ ଜେଲ ଛକ ନିକଟରେ ରାସ୍ତାକଡ଼ରେ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ପ୍ରାୟୋଜନରେ ବୟନିକା ଦ୍ୱାରା ହେବାକୁ ଥିବା ଷ୍ଟଲ ଲୋକଙ୍କ ଅନ୍ୟତମ ଆକର୍ଷଣର କେନ୍ଦ୍ରବିନ୍ଦୁ ହେବାକୁ ଯାଉଛି। ମଣ୍ଡୁଆ କାଶୀପୁରଠାରେ ଶ୍ମଶାନ କାଳୀଙ୍କ ପୂଜା ଧୂମାଧାମରେ ପାଳିତ ହେଉଥିବାବେଳେ ସୁଉଚ୍ଚ ସୁନ୍ଦର ତୋରଣ ଲୋକଙ୍କୁ ଆକର୍ଷିତ କରୁଛି। ଏଥିସହ ମାଇନିଂଠାରେ କାଳୀପୂଜା କାର୍ଯ୍ୟକ୍ରମ ସହରରେ କାଳୀପୂଜା ମାହୋଲକୁ ଅଧିକ ବୃଦ୍ଧିମନ୍ତ କରୁଛି। ସେପଟେ ମାଧପୁର କାଳୀ ମନ୍ଦିର, ସାରାସ କାଳୀ ମନ୍ଦିରରେ ବିଶେଷ ପୂଜାନୀତି ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ତିନିଦିନିଆ କେନ୍ଦୁଝର ଗସ୍ତ ଅବସରରେ ସମସ୍ତ କାଳୀ ମେଢ଼ ପରିଦର୍ଶନ କାର୍ଯ୍ୟକ୍ରମ ହେବ ବୋଲି ସୂଚନା ମିଳିଛି।

**ଆନନ୍ଦପୁର:** ଘସିପୁରା ବ୍ଲକ ଗଡ଼ବାନ୍ଧଗୋଡା ଗ୍ରାମରେ ୪୫ତମ ମା' ଶ୍ୟାମାକାଳୀ ପୂଜା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଆଚାର୍ଯ୍ୟ ବିଜୟ କୁମାର ରଥ, ଚଣ୍ଡୀ ପାଠକ ଉପେନ୍ଦ୍ର କୁମାର ପଣ୍ଡା, ଆଚାର୍ଯ୍ୟ ଜୟକେତନ ମିଶ୍ର, ଶିବପ୍ରସାଦ ରଥ, ରାକେଶ ମିଶ୍ର, ସଦାନନ୍ଦ କରଙ୍କ ଦ୍ୱାରା କଳସ ଯାତ୍ରାରେ ଗ୍ରାମ ପୁଷ୍କରିଣୀରୁ କଳସ ବୁଡ଼ାଇ ପୂଜା ମଣ୍ଡପରେ ସ୍ଥାପନା ପରେ ରୀତିନୀତିରେ ପୂଜାର୍ଚ୍ଚନା ଏବଂ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଯାଇଛି। ମୁଖ୍ୟକର୍ତ୍ତା ରାମଚନ୍ଦ୍ର ଚକ୍ରଙ୍କ ସହ ତ୍ରିଲୋଚନ ବିଶ୍ୱାଳ, ଦିଲୀପ ପାତ୍ର, ପଦ୍ମନାଭ ପଲେଇ, ବିଜୟ ରାଉତ, ବିମଳ ନାୟକ, ଶିବପ୍ରସାଦ ବେହେରା, ହୃଦାନନ୍ଦ ଦାଶ, ଅନିଲ ଚକ୍ର, ପ୍ରଫୁଲ୍ଲ ନାୟକ, ସୁରେଶ ବାରିକ, ମନୋଜ ଚକ୍ର ପୂଜା ସଙ୍କଳ୍ପରେ ବସିଥିଲେ। ତିନିଦିନ ଧରି ପ୍ରତି ସନ୍ଧ୍ୟାରେ ଆଧ୍ୟାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

**ବେଲବାହାଳି:** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବେଲବାହାଳି ଗ୍ରାମରେ ସାର୍ବଜନୀନ କାଳୀପୂଜା ପାଇଁ ସମଗ୍ର ଅଞ୍ଚଳ ଏବେ ଉତ୍ସବ ମୁଖର ହୋଇଉଠିଛି। ପୂଜାକମିଟିର କର୍ମକର୍ତ୍ତାଙ୍କ ମିଳିତ ସହଯୋଗରେ କୁସେଇ ନଦୀରୁ କଳସ ବୁଡାଇ ଗ୍ରାମ ପରିକ୍ରମା କରିବା ପରେ ଘଟସ୍ଥାପନ ପରେ ଯଥାରୀତି ପୂଜାର୍ଚ୍ଚନା କରାଯାଇଥିଲା। ସୋମବାର ବିଳମ୍ବିତ ରାତିରେ ଆରମ୍ଭ ହୋଇଥିବା ଏହି ପୂଜା ପାହାନ୍ତିପ୍ରହରରେ ଶେଷ ହୋଇଥିଲା। କଳସଧାରୀ ଓ ସଂକଳ୍ପରେ ମୁଖ୍ୟକର୍ତ୍ତା ଭାବେ ରାମଚନ୍ଦ୍ର ସାହୁ, ପୂଜକ ପ୍ରଭାକର କର, ମହେଶ୍ୱର ପାଢ଼ୀଙ୍କ ବେଦପାଠ ପରେ ପାଦୁକ ପାଇ ହବିଷ୍ୟାନ୍ତ ଭୋଜନ କରିଥିଲେ। ପୂଜା ୫୬



ବର୍ଷରେ ପଦାର୍ପଣ କରିଥିବା ବେଳେ ପୂଜାମଣ୍ଡପର ସାଜସଜ୍ଜା, ପୂରା ବଜାର ଅଞ୍ଚଳକୁ ଆଲୋକ ମାଳାରେ ସଜାଯାଇଛି। ପୂଜା କମିଟିର ସଭାପତି ତାପସ କୁମାର ଜେନା, ସମ୍ପାଦକ ମୋହନ ଚରଣ ସାହୁ, ଉପଦେଷ୍ଟା ସଞ୍ଜୟ ଦାସଙ୍କ ନେତୃତ୍ୱରେ ଚଳିତବର୍ଷ ୮ ଦିନ ଧରି ମା' ଶ୍ୟାମାକାଳୀଙ୍କ ପୂଜାର୍ଚ୍ଚନା ସହ ପ୍ରତିସନ୍ଧ୍ୟାରେ ମୀନାବଜାର, ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ୨୩ ତାରିଖ କଳିଙ୍ଗ ସଙ୍ଗୀତ ସାଧନା କେନ୍ଦ୍ର, ୨୪ ସୋମାଦେବୀ ଡ୍ୟାନ୍ସ ଗ୍ରୁପ, ୨୫ ସନ୍ଧ୍ୟାରେ ଶ୍ରୀଜଗନ୍ନାଥ ଭଜନ ସନ୍ଧ୍ୟା ଏବଂ ୨୬ ତାରିଖ ସମ୍ପର୍କ ମ୍ୟୁଜିକ ତରଫରୁ ମେଲୋଡି ପରିବେଷଣ ସହ ୨୩ରୁ ୨୬ ତାରିଖ ପର୍ଯ୍ୟନ୍ତ ''ଯାତ୍ରା ଧଉଳି' ଯାତ୍ରା ପରିବେଷଣ କରାଯିବ। ୪ରୁ ୬ ତାରିଖ ପର୍ଯ୍ୟନ୍ତ ଯାତ୍ରା ସମ୍ରାଟ ତୁଳସୀ ଗଣନାଟ୍ୟ ପରିବେଷଣ କରିବା ନେଇ କମିଟି ପକ୍ଷରୁ ଜଣାଯାଇଛି। କମିଟିର ସଦସ୍ୟ ହିମାଂଶୁ ଭୂଷଣ ସାହୁ, ଗୋବର୍ଦ୍ଧନ ଦାସ, ନବଘନ ପଣ୍ଡା, କାର୍ତ୍ତିକ ସାହୁ, ଗଣେଶ୍ୱର ସାହୁ, ସଞ୍ଜୟ ସାହୁ, ମାନସ ସାଉ, ସିପୁ ସାହୁ, ସୁଶାନ୍ତ ଜେନା, ସନା ସାହୁ, ହରପ୍ରସାଦ ସାହୁ, ପୂର୍ଣ୍ଣ ଜେନା, ବାପୁନ ସାହୁ, ରାମ ସାହୁ, ସଞ୍ଜୟ ଦାସ, ହେମନ୍ତ ମାଝୀ, ରଞ୍ଜନ ସାହୁ, ତ୍ରିଲୋଚନ ସାହୁ, ପ୍ରତାପ ସାହୁ, ନିରଞ୍ଜନ ସାହୁ, ପପୁ ସାହୁ, ବିଷ୍ଣୁ ସାହୁ, ପ୍ରଶାନ୍ତ ସାହୁ ସହଯୋଗ କରୁଛନ୍ତି।

**ଡୁରୁମୁଙ୍ଗା:** ପାଟଣା ମୁଖ୍ୟାଳୟ ବଜାର ଏବଂ ଡୁରୁମୁଙ୍ଗା ବଜାରରେ ବଣିକ ସଙ୍ଘ ପକ୍ଷରୁ ସୋମବାର ରାତି ଶ୍ୟାମା କାଳୀ ପୂଜା ଅନୁଷ୍ଠିତ ହୋଇଛି। ପାଟଣାରେ କର୍ତ୍ତା ଭାବେ ମୁରଲୀ ବେହେରା ଓ ଅଞ୍ଜନା ବେହେରା ଏବଂ ପୂଜକ ରବୀନ୍ଦ୍ର ପାଣି ଓ ସମ୍ବିତ କୁମାର ପାଣି କାର୍ଯ୍ୟ ସମ୍ପାଦନ କରିଥିଲେ। ବଣିକ ସଙ୍ଘ ସଭାପତି ବୁଲୁ ଭଞ୍ଜ ଓ ସମ୍ପାଦକ ଅଜୟ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଥିବା ବେଳେ ଦାଶରଥୀ ଦାଶ, ଅଜୟ ଦାଶ, ପ୍ରଦୀପ ବେହେରା, ଦକ୍ଷପ୍ରସାଦ ସାହୁ, ବିଟୁ ରାମ, ସହଦେବ ବେହେରା, ଲୋକନାଥ ବେହେରା ପରିଚାଳନା କରୁଛନ୍ତି। ଗୁରୁବାର ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେହିପରି ଡୁରୁମୁଙ୍ଗା ବଣିକ ସଂଘ ପକ୍ଷରୁ ନିହ୍ନୁଆଁ ପଡିଆରେ କାଳୀପୂଜାରେ କର୍ତ୍ତା ରାଜକିଶୋର ସାହୁ, ପୂଜକ ବାପି ପଣ୍ଡା ଓ ଭାନୁ ପାଣି କାର୍ଯ୍ୟ ସମ୍ପନ୍ନ କରିଛନ୍ତି। ବଣିକ ସଙ୍ଘ ସଭାପତି ତାପସକୁମାର ସାହୁ ଓ ସଂପାଦକ ଶ୍ରବଣ ସାହୁ, କ୍ଷେତ୍ରମୋହନ ସାହୁ, ତପନ ସାହୁ, ସୁବଳ ସାହୁ, ରତିରଞ୍ଜନ ପୃଷ୍ଟି, ଶମ୍ଭୁନାଥ ସାହୁ ସହଯୋଗ କରୁଛନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମରେ ପାଲା, ମ୍ୟାଜିକ ଶୋ ଓ ଡ୍ୟାନ୍ସ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।





## ୭୬ତମ ପୁଲିସ ସହିଦ୍ ଦିବସ ପାଳିତ



କେନ୍ଦୁଝର, ୨୧।୧୦(ସମିସ): ମଙ୍ଗଳବାର କେନ୍ଦୁଝର ରିଜର୍ଭ ପୁଲିସ ପଡ଼ିଆଠାରେ ୬୬ତମ ପୁଲିସ ସହିଦ ଦିବସ ଭାବଗମ୍ଭୀର ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି। ଏକ ସମ୍ମିଳିତ ପାରେଡରେ ପଶ୍ଚିମାଞ୍ଚଳ-ରାଉରକେଲା ଡିଆଇଜି ବ୍ରିଜେଶ ରାୟ, କେନ୍ଦୁଝର ଆରକ୍ଷୀ ଅଧୀକ୍ଷକ ନିତିନ କୁଶଲକର ଅଭିବାଦନ ଗ୍ରହଣ କରିବା ସହ ସହିଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। କର୍ତ୍ତବ୍ୟ ସମୟରେ ଦେଶ ପାଇଁ ପ୍ରାଣବଳି ଦେଇ ସହୀଦ ହୋଇଥିବାରୁ ତାଙ୍କର ସ୍ମୃତିଚାରଣ କରାଯିବା ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଏହି ଅବସରରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରାଯାଇଥିଲା। କେନ୍ଦୁଝର ରିଜର୍ଭ ଇନସ୍ପେକ୍ଟର ପ୍ୟାରେଡ ପରିଚାଳନା କରିଥିବାବେଳେ ସରଜେଣ୍ଟ ସହଯୋଗ କରିଥିଲେ। ଡିଏଫ୍ଓ ଏଚଡି ଧନରାଜ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଡିଆଇବି ଡିଏସ୍ପି ଜ୍ୟୋତିର୍ମୟ ଭୁକ୍ତା, ଟାଉନ ଥାନାଧିକାରୀ ଶ୍ରୀକାନ୍ତ ସାହୁଙ୍କ ସମେତ ଜିଲ୍ଲାସ୍ତରୀୟ ପୁଲିସ ଅଧିକାରୀ ସହିଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

## ବାଣ ନିଆଁରେ ଜଳିଗଲା ୩ ବଖରା ଚାଳ ଘର

### ୫ ଗୋରୁ ଜୀବନ୍ତ ଦଗ୍ଧ

ହାଟଡ଼ିହୀ,୨୧।୧୦(ସମିସ): ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ଜମ୍ବିରା ପଞ୍ଚାୟତ ସାନ ଆମ୍ବଗଡିଆ ଗ୍ରାମ ୫ ନଂ ୱାର୍ଡରେ ଅଗ୍ନିକାଣ୍ଡ ଘଟି ୩ବଖରା ଚାଳ ଘର ସହ ୫ ଗୋରୁ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ସୋମବାର ରାତି ସାଢ଼େ ୧୧ଟା ସମୟରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ଘରର ଚାଳ ଉପରେ ନିଆଁ ଲାଗିବା କ୍ଷଣି ଆଖି ପିଛୁଳାକେ ୩ବଖରା ଘର ନିଆଁରେ ପୋଡ଼ି ଛାରଖାର ହୋଇଯାଇଥିଲା। ନିଆଁର ପ୍ରକୋପରେ ୨ଟି ଗାଇ, ୩ଟି ଗୋରୁଙ୍କୁ ଉଦ୍ଧାର କରିବା ସମ୍ଭବ ହୋଇପାରି ନଥିଲା। ଗାଇ ଏବଂ ଗୋରୁ ନିଆଁରେ ପୋଡ଼ି ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଏଥିସହ ଘରୋଇ ଉପକରଣ ସହ ଚାଷ ଉପକରଣ ଏବଂ ପାଣିମଟର, ଧାନ, ଚାଉଳ, ପଲଙ୍କ, ଆଲମାରୀ ସହ କିଛି ଦରକାରୀ କାଗଜପତ୍ର ନିଆଁରେ ପୋଡ଼ି ଯାଇଥିବା ନେଇ ଘର ମାଲିକ ଶ୍ରୀ ମିଶ୍ର କହିଛନ୍ତି। ଖବର ପାଇ ହାଟଡ଼ିହୀ ଦମକଳ ବାହିନୀ ପହଞ୍ଚିଥିଲେ ସୁଦ୍ଧା



ସେତେବେଳେ ସବୁକିଛି ଜଳି ସାରିଥିଲା। ଘର ମାଲିକ କୋଦଣ୍ଡଧର ମିଶ୍ରଙ୍କ କହିବାନୁସାରେ, ଦୀପାବଳି ଥିବାରୁ ଗ୍ରାମର କିଛି ଯୁବକ ଉଚ୍ଚ ଶବ୍ଦ ବାଣ ଫୁଟାଉଥିବା ସମୟରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ବାଣ ନିଆଁରୁ ଏଭଳି ଅଗ୍ନିକାଣ୍ଡ ଘଟି ଥାଇପାରେ ବୋଲି କୋଦଣ୍ଡ ସନ୍ଦେହ କରିଛନ୍ତି।

## ଆନ୍ତଃଜିଲ୍ଲା ବନ୍ୟଜନ୍ତୁ ଶିକାରୀ ଗିରଫ

### ଦେଶୀ ବନ୍ଧୁକ ଓ ବାଇକ୍ ଜବତ

କେନ୍ଦୁଝର, ୨୧।୧୦(ସମିସ): କେନ୍ଦୁଝର ବନଖଣ୍ଡ ଭୂୟାଁ ଜୁଆଙ୍ଗ ପିଢ଼ ବନାଞ୍ଚଳରୁ ଜଣେ ଆନ୍ତଃଜିଲ୍ଲା ବନ୍ୟଜନ୍ତୁ ଶିକାରୀକୁ ବନ ବିଭାଗ ଗିରଫ କରିଛି। ଶିକାରୀଙ୍କ ନିକଟରୁ ବନ୍ୟଜନ୍ତୁ ଶିକାରରେ ବ୍ୟବହୃତ ସିଙ୍ଗଲ ବ୍ୟାରେଲ ଦେଶୀ ବନ୍ଧୁକ, ଏକ ବାଇକ, ଓଜନ କଣ୍ଟା ଏବଂ ମୋବାଇଲକୁ ମଧ୍ୟ ଜବତ କରାଯାଇଥିବା ଭୂୟାଁ ଜୁଆଙ୍ଗ ପିଢ଼ ବନାଞ୍ଚଳ ଅଧିକାରୀ ନୟନକାନ୍ତ ସାହୁ ପ୍ରକାଶ କରିଛନ୍ତି। ଦେବଗଡ଼ ଜିଲ୍ଲା ବାରକୋଟ ଥାନା ଅନ୍ତର୍ଗତ ସରୁଆଳି ଅଞ୍ଚଳର ଅକ୍ଷୟ ନାୟକ (୫୫) କେନ୍ଦୁଝର ବନଖଣ୍ଡ ଭୂୟାଁ ଜୁଆଙ୍ଗ ପିଢ଼ ବନାଞ୍ଚଳର ବିଭିନ୍ନ ଅଞ୍ଚଳରେ ଲୁଚାଛପାରେ



ବନ୍ୟଜନ୍ତୁ ଶିକାର କରୁଥିଲା। ସୂଚନା ଆଧାରରେ ବନ କର୍ମଚାରୀ ସତର୍କତାର ସହ ବନାଞ୍ଚଳର ବିଭିନ୍ନ ଅଞ୍ଚଳରେ ତୀକ୍ଷ୍ଣ ନଜର ରଖିଥିଲେ। ଶିକାରୀ ଜଣକ ସହରପୁର ସଂରକ୍ଷିତ ଜଙ୍ଗଲରେ ଥିବା ବେଳେ ବନାଞ୍ଚଳ ଅଧିକାରୀ ଏବଂ ଅନ୍ୟ ବନ କର୍ମଚାରୀ ଚଢ଼ଉ କରିଥିଲେ। ତେବେ, ଅଭିଯୁକ୍ତ ଅକ୍ଷୟ ସେଠାରୁ ଫେରାର ହୋଇଯାଇଥିଲା। ବନ ବିଭାଗ ବହୁ ଖୋଜାଖୋଜି ପରେ ତାକୁ ଚମ୍ପାଝରରେ ଜଣଙ୍କ ଘରେ ଲୁଚିକି ରହିଥିବା ଜାଣି ତାକୁ ସେଠାରୁ କାବୁ କରିଥିଲେ। ଶିକାରୀ ନିକଟରୁ ଦେଶୀ ବନ୍ଧୁକ, ଓଡି-୨୮ ବି-୪୫୯୮ ନମ୍ବର ବାଇକ, ମୋବାଇଲ ଫୋନ ଏବଂ ଜନ୍ତୁ ଶିକାର ପରେ କାଟି ବିକ୍ରୟ ପାଇଁ ବ୍ୟବହୃତ ଛୁରି, ଓଜନ କଣ୍ଟାକୁ ବନ ବିଭାଗ ଜବତ କରିଛି। ଏକ ମାମଲା ରୁଜୁକରି ଅଭିଯୁକ୍ତକୁ କୋର୍ଟ ଚାଲାଣ ହୋଇଥିବା ସୂଚନା ମିଳିଛି।

## ଗ୍ରାମାଞ୍ଚଳ ଫୁଟ୍‌ବଲ: ସଲେଇକେନା ଚାମ୍ପିଅନ



ଆଞ୍ଚଳିକ କ୍ରୀଡ଼ା

ତେଲକୋଇ, ୨୧।୧୦(ସମିସ): ତେଲକୋଇ ବ୍ଲକ ମୁଖ୍ୟାଳୟ ହାଲପୋଡ଼ି ଗ୍ରାମ ଖେଳ ପଡିଆଠାରେ ମା' ନାଗପାଟ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ତିନ ଦିନ ଧରି ଚାଲିଥିବା ନବମ ବାର୍ଷିକ ମା' ନାଗପାଟ ଗ୍ରାମାଞ୍ଚଳ ଫୁଟବଲ ପ୍ରତିଯୋଗିତା ମଙ୍ଗଳବାର ଉଦଯାପିତ ହୋଇଯାଇଛି। ରବିବାର ଏହି ଟୁର୍ଣ୍ଣାମେଣ୍ଟରେ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରଶ୍ମିତା ନାୟକ, ଚାରିଗଡ଼ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ମାନଗୋବିନ୍ଦ ସାହୁ ସାମିଲ ହୋଇଥିଲେ। ଏଥିରେ ସମୁଦାୟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ପୁରୁଣାପାଣିକୁ ୧-୦ ଗୋଲରେ ହରାଇ ସଲେଇକେନା ଚାମ୍ପିଅନ ହୋଇଛି। ମୁଖ୍ୟଅତିଥି ଭାବେ ବିଧାୟକ ଡ଼ାକ୍ତର ଫକୀର ମୋହନ ନାଏକ ଏବଂ ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ, ବରିଷ୍ଠ ବିଜେପି ନେତା ପ୍ରଫୁଲ୍ଲ ସାହୁ, ଗ୍ରାମର ବରିଷ୍ଠ ବ୍ୟକ୍ତି ବିଜୟ ପ୍ରଧାନ, ଦୟାନିଧି ପ୍ରଧାନ, ଅରକ୍ଷିତ ପ୍ରଧାନ, ଲୋକନାଥ ପ୍ରଧାନ, ହୃଷୀକେଶ ସାହୁ, ପ୍ରମୋଦ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରେଫରୀ ଭାବେ ସଂଜୟ ବେହେରା, ରାଜେଶ ପ୍ରଧାନ, ଯଯାତି ସାହୁ ଓ ଜୟନ୍ତ ବେହେରା ପରିଚାଳନା କରିଥିଲେ। ଗୁପ୍ତେଶ୍ୱର ନାୟକ ନାରଣ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଦାନ୍ତିଆରେ ଫୁଟ୍‌ବଲ୍ ଫାଇନାଲ: ଧୂଳିଆପଶି ଚାମ୍ପିଅନ

ବେଲବାହାଳି,୨୧।୧୦(ସମିସ): ଘସିପୁରା ବ୍ଲକ ଗଡବାନ୍ଧଗୋଡା ପଞ୍ଚାୟତ ଅନ୍ତର୍ଗତ ଦାନ୍ତିଆ ଗ୍ରାମରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମା' ଲକ୍ଷ୍ମୀ କ୍ଲବ ଆନୁକୂଲ୍ୟରେ ୧୫ତମ ଜିତେନ୍ଦ୍ର ମେମୋରିଆଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ସ୍ୱର୍ଗତ ଜିତେନ୍ଦ୍ର ସ୍ୱାଇଁଙ୍କ ସ୍ମୃତିରେ ଆୟୋଜିତ ହୋଇଆସୁଥିବା ଏହି ପ୍ରତିଯୋଗିତାରେ ଚଳିତର୍ଷ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ବ୍ରାହ୍ମଣୀପାଳ ଏକାଦଶକୁ ଧୂଳିଆପଶି ଏକାଦଶ ୨-୦ ଗୋଲରେ ଚାମ୍ପିଅନ ହୋଇଥିଲେ। ମୁଖ୍ୟଅତିଥିଭାବେ ବିଜେପି ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟ ପୃଥୁରାଜ୍ କୁଅଁରଙ୍କ ସହ ସମାଜସେବୀ ଯଜ୍ଞପ୍ରସାଦ ସାହୁ ଓ କେନ୍ଦୁଝର ବିଜେପି ସମ୍ପାଦକ ଦୀପକ ଜେନା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଦିବାକର ସ୍ୱାଇଁ, ତରଣିସେନ ରାଉତ, କିଶୋର ରାଉତ, ଦୁର୍ଯ୍ୟୋଧନ ପଣ୍ଡା, ଭ୍ରମରବର ରାଉତ, ବିଭୂତି ଭୁଷଣ ମଲ୍ଲିକ ଓ ହରିହର ଦାସଙ୍କୁ କମିଟିର ଯୁବକ ସମ୍ମାନିତ କରିଥିଲେ। ଗ୍ରାମର ସୁବଳ ସନାତନ ସ୍ୱାଇଁ, ପବିତ୍ର ସ୍ୱାଇଁ, ସରୋଜ ମଲ୍ଲିକ, ପ୍ରଦୀପ ମଲ୍ଲିକ, ଦୁର୍ଯ୍ୟୋଧନ ମଲ୍ଲିକ, ବଙ୍କିମ ମଲ୍ଲିକ, ଆଶିଷ ମଲ୍ଲିକ, ତୋଫାନ ମଦିକ, କୋଲ୍ଡ ମଳିକ, ଦୀପକ ମଳିକ, ଧର୍ମରାଜ ମଲ୍ଲିକ, ଅଙ୍ଗଦ ମଲ୍ଲିକ, କିଶନ ମଲ୍ଲିକ, ବିଷ୍ଣୁ ମଲ୍ଲିକ, ପ୍ରଭାତ ମଲ୍ଲିକ, କହ୍ନେଇ ଜେନା, ସୂର୍ଯ୍ୟମଣି ଜେନା, ଶ୍ୟାମସୁନ୍ଦର ଦାସ ସହଯୋଗ କରିଥିଲେ।





ସହରର ବିଭିନ୍ନ ସ୍ଥାନରେ କାଳୀପୂଜା

# ଦୀପାବଳିରେ ଅଘଟଣ; ବାଣରୁ ଜଳିଗଲା ଦୋକାନ ଘର

ବାଲେଶ୍ୱର,୨୧।୧୦(ସମିସ)

ଦୀପାବଳିରେ ବାଲେଶ୍ୱର ସହରରେ ଏକ ଅଘଟଣ ଘଟିଛି। ବାଣ ଫୁଟା ଚାଲିଥିବା ବେଳେ ଏକ ବାଣ ଗୋଟିଏ ଦୋକାନରେ ପଶିଯାଇ ଫାଟିଯିବା ଫଳରେ ଦୋକାନଟି ପୋଡି ପାଉଁଶ ହୋଇଯାଇଛି। ଘଟଣାସ୍ଥଳରେ ଦମକଳବାହିନୀ ପହଁଚି ପାଖାପାଖି ଦେଢ଼ଘଂଟା ପରେ ନିଆଁକୁ ଆୟତ କରିଥିଲା। ଏଭଳି ଏକ ଘଟଣା ଘଟିଛି ସହରର ଆଜିମାବାଦ ସ୍ଥିତ ବିଶ୍ୱନାଥ ମେସିନାରୀ ଦୋକାନରେ। ଆଜିମାବାଦ ରାସ୍ତାରେ ରହିଛି ବିଶ୍ୱନାଥ ମେସିନାରୀ ଦୋକାନ। ବିଶେଷ କରି ଏହି ଦୋକାନରେ ଡ୍ରିଲ ମେସିନ, କଟର ମେସିନ ସାଙ୍ଗକୁ ନିର୍ମାଣ କାର୍ଯ୍ୟ ପାଇଁ ଆବଶ୍ୟକ ହେଉଥିବା ବିଭିନ୍ନ ଯନ୍ତ୍ରାଂଶ ରହିଛି। ଏହି ଦୋକାନର ଉପର ମହଲାରେ ରହିଥିଲା କାଗଜ ପେଟି ମଧ୍ୟରେ କିଛି ସାମଗ୍ରୀ ରହିଥିଲା। ତେବେ ସୋମବାର ରାତିରେ ପାଖାପାଖି ୯ଟା ସମୟରେ ସେଠାରେ ବାଣ ଫୁଟା ହେଉଥିବା ବେଳେ ଏକ ବାଣ କୌଣସି ପ୍ରକାର ଉପର ମହଲାରେ ରଖାଯାଇଥିବା ପେଟିରେ ଲାଗିଥିଲା। ଏହାଛଡା ଦୋକାନକୁ ଲାଗି ରହିଛି ଏକ ବିଦ୍ୟୁତ ଖୁଂଟ। ତେବେ ନିଆଁ ଜଳିବା ପରେ ଉକ୍ତ ବିଦ୍ୟୁତ ଖୁଂଟରୁ ଯାଇଥିବା ତାର ଜଳିଯିବାରୁ ଦୋକାନରେ ସଟ ସର୍କିଟ ହୋଇ ସମ୍ପୂର୍ଣ୍ଣ ଦୋକାନ ଜଳିଯାଇଥିଲା। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ସ୍ଥାନୀୟ ଲୋକ ସେକ ସଲିମ କହିଛନ୍ତି ଯେ, ଦୋକାନରେ ନିଆଁ ଜଳୁଥିବା ବେଳେ ଏକ ପୁଲିସ ପିସିଆର ଗାଡି ସେହି



ରାସ୍ତା ଦେଇ ଯାଉଥିଲା। ସେମାନେ ତୁରନ୍ତ ଦମକଳ ବାହିନୀକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ଦମକଳ ବାହିନୀ ପହଁଚି ପାଖାପାଖି ଦେଢ଼ଘଂଟା ପରେ ନିଆଁକୁ ଆୟତ କରିଥିଲା। ହେଲେ ସେତେବେଳେକୁ ଦୋକାନର ବିଭିନ୍ନ ସାମଗ୍ରୀ ଗୁଡିକ ପୋଡି ପାଉଁଶ ହୋଇଯାଇଥିଲା।

## ପରିତ୍ୟକ୍ତ ଘରୁ ବାଣ ଜବତ

ବାଲେଶ୍ୱର,୨୧।୧୦(ସମିସ): ଏକ ପରିତ୍ୟକ୍ତ ଘର ମଧ୍ୟରେ କିଛି ବେଆଇନ ବାଣ ରଖାଯାଇଥିବା ବେଳେ ତାହାକୁ ଜବତ କରାଯାଇଛି। ବାଲେଶ୍ୱର ସହର ପୁରୁଣା ଷ୍ଟାଡିୟମର ପଛପଟରେ ଏକ ପରିତ୍ୟକ୍ତ ଘରେ ବେଆଇନ ଭାବେ ଦେଶୀ ବାଣ ଗଛିତ ରହିଥିଲା। ଖବର ପାଇ ପୌରପରିଷଦ ପକ୍ଷରୁ ପୁଲିସ ସହାୟତାରେ ଚଢ଼ଉ କରାଯାଇଥିଲା। ଚଢ଼ଉ ବେଳେ ବ୍ୟାଗରେ ଭର୍ତ୍ତି ହୋଇ ବାଣଗୁଡିକ ଉକ୍ତ ପରିତ୍ୟକ୍ତ ଘରେ ରହିଥିବା ଦେଖିବାକୁ



ମିଳିଥିଲା। ପାଖାପାଖି ୫୦ହଜାର ଟଙ୍କାରୁ ଅଧିକ ମୂଲ୍ୟରେ ଏହି ବାଣ ସବୁ ଗଛିତ ରହିଥିଲା। ଯାହାକୁ ପୌରପରିଷଦ ପକ୍ଷରୁ ଜବତ କରାଯାଇଥିଲା।

# କେଏଲଏମ୍ ୧୪ ସଙ୍ଗୀତ ପ୍ରତିଯୋଗିତା ଉଦ୍‌ଯାପିତ

ବାଲେଶ୍ୱର,୨୧।୧୦(ସମିସ): ସ୍ଥାନୀୟ ଉଦ୍ୟୋଗ ଭବନରେ କେଏଲଏମ -୧୪ ସଙ୍ଗୀତ ପ୍ରତିଯୋଗିତାର ଅନ୍ତିମ ପର୍ଯ୍ୟାୟ ଅନୁଷ୍ଠିତ ହୋଇଯାଇଛି। ଦିବଂଗତ କଣ୍ଠ ଶିଳ୍ପୀ କିଶୋର କୁମାର, ଲତା ମଙ୍ଗେସକର ଓ ମହମ୍ମଦ ରଫି ଗାଇଥିବା କାଳଜୟୀ ଗୀତକୁ ଆଧାର କରି ଏହି ପ୍ରତିଯୋଗିତାର ଆୟୋଜନ କରାଯାଇଥାଏ। ବରେଣ୍ୟ ଅତିଥି ଭାବରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଶ୍ରଦ୍ଧାଞ୍ଜଳି ରାଏ, ବିକ୍ରମ ପଣ୍ଡା, ପ୍ରଶାନ୍ତ ଦାସ, ସଂଗ୍ରାମ ଦାସ, ସୁବ୍ରତ କର ଓ ଦେବେନ୍ଦ୍ର ନାଥ ରାଏ। ସୁମହନ ମ୍ୟୁଜିକ, ବିଗତ ୧୪ ବର୍ଷ ଧରି ଏହି ପ୍ରତିଯୋଗୀତାର ଆୟୋଜନ କରି ଲୁକାୟିତ ଯୁବ ପ୍ରତିଭା ମାନଙ୍କୁ ପ୍ରେରଣା ଦେଉ ଥିବାରୁ ସମ୍ମାନୀୟ ଅତିଥି ଅନୁଷ୍ଠାନର ସଭାପତି ସୁଜିତ ଭୋଇଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ସୁମହନ ମ୍ୟୁଜିକ ପ୍ରତିବର୍ଷ ସଙ୍ଗୀତରେ ନିପୁଣ ପ୍ରତିଭାବାନ ସଙ୍ଗୀତଜ୍ଞଙ୍କୁ ସମ୍ମାନୀତ କରିଥାନ୍ତି। ସେହିକ୍ରମରେ ଏବର୍ଷ ଲୋକପ୍ରିୟ କଣ୍ଠଶିଳ୍ପୀ ଶଙ୍କର ଦାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରି ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ମଧ୍ୟ କରାଯାଇଥିଲା ଏବଂ ବିଜେତା ମାନଙ୍କୁ ପୁରସ୍କୃତ କରାଯାଇଥିଲା। ୨୦୨୫ କେ.ଏଲ.ଏମ-୧୪ ସଙ୍ଗୀତ ପ୍ରତିଯୋଗିତାର ବିଭିନ୍ନ ବିଭାଗରେ କୃତି ପ୍ରତିଯୋଗୀମାନେ ସଙ୍ଗୀତରେ ସେମାନଙ୍କର ଉତ୍କର୍ଷତା ପ୍ରତିପାଦନ କରିଛନ୍ତି। ଏହି ସଙ୍ଗୀତ ପ୍ରତିଯୋଗିତାର ବିଭିନ୍ନ ବିଭାଗରେ ବିଚାରକ ଭାବେ କାର୍ଯ୍ୟ ତୁଲାଇ ଥିଲେ ମମତା ହାଜରା, ଅମୃତାଂଶୁ ପଟ୍ଟନାୟକ, ରଶ୍ମିରେଖା ସାହାଣୀ, ସାଇ ଶୁଭଙ୍କର, ମୌସୁମୀ ଦାସ, ସମରେନ୍ଦ୍ର ମହାପାତ୍ର, ପ୍ରମୋଦ ଦାସ, ଉଜ୍ୱଳ ଚାନ୍ଦ ଓ ସୁଜିତ ଭୋଇ। ସମ୍ପାଦକ ନରୋତ୍ତମ ଜେନା ପ୍ରତିଯୋଗିତା ସଂଚାଳନ କରିଥିଲେ ଓ ଉପ ସଭାପତି ସମରେନ୍ଦ୍ର ମହାପାତ୍ର ଅତିଥିଙ୍କ ସ୍ୱାଗତ କରିଥିଲେ। ସଭ୍ୟ ମନୋରଞ୍ଜନ ପରିଡା କାର୍ଯ୍ୟକ୍ରମ ପରିଚାଳନା ଦାୟିତ୍ୱ ତୁଲାଇଥିଲେ।

# ଶିଶୁ ସାହିତ୍ୟିକ ଭାସ୍କର ଚନ୍ଦ୍ର ଦାସଙ୍କ ପରଲୋକ

ବାଲେଶ୍ୱର,୨୧।୧୦(ସମିସ): ବିଶିଷ୍ଟ ଶିଶୁସାହିତ୍ୟିକ ଭାସ୍କର ଚନ୍ଦ୍ର ଦାସଙ୍କ ଆଜି ମେଘଡମ୍ବରୁସ୍ଥିତ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି।



ମୃତ୍ୟୁବେଳକୁ ତାଙ୍କୁ ୮୩ ବର୍ଷ ବୟସ ହୋଇଥିବା ବେଳେ ଦୀର୍ଘ ଦିନ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ଆଜି ଦିନ ୨ ଘଟିକା ୩୦ରେ ହୃଦଘାତରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ କୁହାଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପତ୍ନୀ କମଳ କୁମାରୀ ଦାସ, ବଡ ପୁଅ ତପନ ଓ ସାନ ପୁଅ ରଞ୍ଜନ, ବୋହୂ ମମତା ଓ କବିତା, ଝିଅ ରଞ୍ଜିତା, ସଞ୍ଜିତା, ପୁଷ୍ପିତା, ଜ୍ୱାଇଁ ଗଜେନ୍ଦ୍ର, ଚିତ୍ତରଞ୍ଜନ ଓ ସୁଶାନ୍ତଙ୍କ ସମେତ ନାତିନାତୁଣୀମାନେ ଉପସ୍ଥିତ ଥିଲେ। ସ୍ୱର୍ଗତ ଦାସ ଶିଶୁ କିଶୋର ପତ୍ରିକା 'ଶିଶୁ ସାରଥୀ'ର ସମ୍ପାଦକ ରହିବା ସହ ନିଖିଳ ଓଡ଼ିଶା ଶିଶୁ ସାହିତ୍ୟ ଏକାଡେମୀର ସମ୍ପାଦକ ମଧ୍ୟ ଥିଲେ। ଆଜି ସନ୍ଧ୍ୟାରେ ସ୍ଥାନୀୟ ନୁଣିଆଯୋଡି ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ ପୁଅ ତପନ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଶେଷ ଦର୍ଶନ ନିମନ୍ତେ ଶିଶୁ ସାହିତ୍ୟିକ ପୀତାମ୍ବର ଦାସ, କମଳ ଦାସ, ରମେଶ ବେହେରା, ରେମୁଣା ବ୍ଲକ ଚେୟାରମେନ ରାଜେନ୍ଦ୍ର ରାଉତ, କୁରୁଡା ସରପଞ୍ଚ ତାପସ ପାଣିଗ୍ରାହୀ, ସମାଜସେବୀ ଆଦିତ୍ୟ ଚଣ୍ଡ, ଭଣଜା ସୁମନ୍ତ ପାତ୍ର, ପୁତୁରା ରାମକୃଷ୍ଣ ଦାସ, ହରେକୃଷ୍ଣ ଦାସ, କୁନା ଦାସ, ଭାଇ ଦିବାକର ଦାସ ଓ ନିଶାକର ଦାସ ପ୍ରମୁଖ ଉପସ୍ଥିତ ରହି ପୁଷ୍ପାର୍ଘ୍ୟ ଦେଇ ତାଙ୍କ ଆତ୍ମାର ସଦଗତି କାମନା କରିଥିଲେ।

# ଦୀପାବଳି ଉପଲକ୍ଷେ ଚିତ୍ରକଳା ପ୍ରତିଯୋଗିତା



ବାଲେଶ୍ୱର,୨୧।୧୦(ସମିସ): ପବିତ୍ର ଦୀପାବଳି ଉପଲକ୍ଷେ ନୋସି କଲଚୁରାଲ ଏକାଡେମି ତରଫରୁ ନୋସି ପରିସରରେ ସ୍କୁଲ ଛାତ୍ରଛାତ୍ରୀଙ୍କୁ ଦୀପାବଳିର ମହତ୍ତ୍ୱ ଓ ପ୍ରତିଭାର ବିକାଶ ପାଇଁ ଏକ ଚିତ୍ରକଳା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ସୁତେଇ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରିନସିପାଲ ରାମକୃଷ୍ଣ ସାହୁ ଯୋଗଦେଇ ଛାତ୍ରଛାତ୍ରୀଙ୍କ କଳା ପ୍ରତିଭାକୁ ପ୍ରଶଂସା କରିଥିଲେ। ଏକାଡେମି ମୁଖ୍ୟ ଉପଦେଷ୍ଟା ଶିଳ୍ପୀ କେଶୁଦାସ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ବିଚାରକ ଭାବେ ଅରୁଣ ବାରିକ ଓ ଦେବାଶିଷ ପତି ମୂଲ୍ୟାୟନ କରିବା ସହ ପ୍ରତି ବିଭାଗରେ ଶ୍ରେଷ୍ଠ ଦଶ ଜଣଙ୍କୁ ପୁରସ୍କୃତ କରିବା ପାଇଁ ବିବେଚିତ କରିଥିଲେ। ୪ଟି ବିଭାଗରେ ମୋଟ ୧୦୦ ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ତନିଷ୍କା ସାମଲ, ତନୁଶ୍ରୀ ମହଲା, ରଜନୀ ରାଣୀ ମଲ୍ଲିକ, ଶୁଭଲକ୍ଷ୍ମୀ ସାସମଲ, ପୁଷ୍ପା ଜେନା, ଶିଲି ସତ୍ପାଲୀ, ଶ୍ରୀୟାଂଶି ପଣ୍ଡା, ଦୁର୍ଗେଶ୍ୱରୀ ସିଂ, ଅଲିଭା ମଲ୍ଲିକ, ମୋନାଲିସା ପ୍ରଧାନ, ପ୍ରତ୍ୟୁଷା ଦାଶ, କୃଷ୍ଣା ମହାପାତ୍ର, ସାଇ ଶିବାଙ୍ଗୀ ସାହୁ ପ୍ରମୁଖ ନୃତ୍ୟ ଗୀତ ଓ ଏକକ ଅଭିନୟ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ପ୍ରଶାନ୍ତ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

# ବିବେକ ଭାରତୀ ଆଶ୍ରମକୁ ତୁଳସୀ ମିଶ୍ରଙ୍କ ଦାନ



ବାଲେଶ୍ୱର,୨୧।୧୦(ସମିସ): ସହରର ଗୋପାଳ ଗାଁ ନିବାସୀ ଅବସରପ୍ରାପ୍ତ ଷ୍ଟେଟ ବ୍ୟାଙ୍କ ଅଧିକାରୀ ତୁଳସୀ ରଞ୍ଜନ ମିଶ୍ର ଏକ ଲକ୍ଷ ଟଙ୍କା ଦାନ କରିଛନ୍ତି। ଖଇରା ବ୍ଲକ୍ ଅନ୍ତର୍ଗତ ଡଗରପଡାସ୍ଥିତ ବିବେକ ଭାରତୀ ସେବାଶ୍ରମର ଛାତ୍ର ମାନଙ୍କ ଯୋଗାସନ କକ୍ଷ ନିର୍ମାଣ ପାଇଁ ଶ୍ରୀ ମିଶ୍ର ଉକ୍ତ ଅର୍ଥ ରାଶି ଆଶ୍ରମର ସମ୍ପାଦକ ସ୍ୱାମୀ ଗଣେଶା ନନ୍ଦ ପୁରୀଙ୍କୁ ପ୍ରଦାନ କରିଛନ୍ତି। ଏହି ଚେକ୍ ପ୍ରଦାନ ସମୟରେ ଦିବାକର ମହାପାତ୍ର, ବୀରେନ କର, ଗୋପାଳ ଚନ୍ଦ୍ର ନାୟକ, ଗୋପବନ୍ଧୁ ଗିରି ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ଷ୍କର୍ମ ଅଭିଯୁକ୍ତକୁ ଗିରଫ ଦାବି

ବାଲେଶ୍ୱର,୨୧।୧୦(ସମିସ): ଜଳେଶ୍ୱର ଅଞ୍ଚଳର ଜଣେ ୫ବର୍ଷର ଶିଶୁକନ୍ୟା ଦୁଷ୍କର୍ମର ଶିକାର ହୋଇଥିଲା। ଏହି ଘଟଣାକୁ ଅନୁସନ୍ଧାନ କରି ଜଳେଶ୍ୱର ଥାନାରେ 'ଶିଶୁ ଯୌନ ଶୋଷଣ ଆଇନ' ଅନୁଯାୟୀ ଗୋଟିଏ ମୋକଦ୍ଦମା ପଞ୍ଜୀକରଣ କରାଯାଇଛି। ମାତ୍ର ଦୁଷ୍କର୍ମକାରୀ ଏପର୍ଯ୍ୟନ୍ତ ଗିରଫ ହୋଇନାହିଁ। ଏହି ବାବଦରେ ଯଥାଶୀଘ୍ର ଘଟଣାର ଅନୁସନ୍ଧାନ କରି ଆସାମୀକୁ ଗିରଫ କରି କୋର୍ଟ ଚାଲାଣ କରାଯାଉ ବୋଲି ଆଜି ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ତଥ୍ୟ ଅନୁସନ୍ଧାନ ଦଳ ପକ୍ଷରୁ ଏକ ଦାବିପତ୍ର ଜଳେଶ୍ୱର ଥାନାକୁ ଦିଆଯାଇଛି। ଦାବି ଅନୁସାରେ ୧୦ରୁ୧୨ଦିନ ମଧ୍ୟରେ ଅଭିଯୁକ୍ତକୁ ଗିରଫ ନ କରାଗଲେ ବାଲେଶ୍ୱର ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେବ ବୋଲି କହିଛି। ଦାବିପତ୍ର ପ୍ରଦାନ ସମୟରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଅନୁସନ୍ଧାନ ଦଳର ମୁଖ୍ୟ ମହମ୍ମଦ ଇସଲାମଙ୍କ ସହିତ ସହଯୋଗୀ ପ୍ରତିମା ପଣ୍ଡା, କବିତାରାଣୀ ଦାସ ଓ ସକିଲା ବାନୋ ପ୍ରମୁଖ ଉପସ୍ଥିତ ଥିଲେ।

# ୭୬ତମ ପୁଲିସ ଶହୀଦ ଦିବସ



ବାଲେଶ୍ୱର,୨୧।୧୦(ସମିସ): ସ୍ଥାନୀୟ ପୁଲିସ ପରେଡ ଗ୍ରାଉଣ୍ଡରେ ୭୬ତମ ପୁଲିସ ଶହୀଦ ଦିବସ ପାଳିତ ହୋଇଯାଇଛି। ପୂର୍ବାଞ୍ଚଳ ରେଞ୍ଜ ଡିଆଇଜି ପିନାକ ମିଶ୍ର ପୁଲିସ ପତାକାକୁ ଉତ୍ତୋଳନ କରି ପ୍ରଥମେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ। ୧୯୬୯ମସିହା ଅକ୍ଟୋବର ଏକୋଇଶରେ ଜାମ୍ମୁ କାଶ୍ମୀରର ଲଦାଖ ସୀମାରେ ଚୀନର ସୈନ୍ୟମାନେ ଲଦାଖକୁ ଦଖଲ କରିବା ପାଇଁ ଉଦ୍ୟମ କରିବା ସମୟ ରେ ସିଆରପିଏଫର ଦଶ ଜଣ ଯବାନ ସଂଘର୍ଷରେ ସହିଦ ହୋଇଥିଲେ। ସେଇ ସହିଦମାନଙ୍କ ସ୍ମୃତିରେ ଆଜିର ଦିନକୁ ସମଗ୍ର ଭାରତରେ ପୁଲିସ ପ୍ରଶାସନ ପକ୍ଷରୁ ଶହୀଦ ଦିବସ ପାଳନ କରାଯାଉଛି ବୋଲି ଡିଆଇଜି ଶ୍ରୀ ମିଶ୍ର ସୂଚନା ଦେଇଥିଲେ। ଡିଆଇଜି ୨୦୨୪ମସିହାରେ ଭାରତରେ ଆଇନ ଶୃଙ୍ଖଳା ପରିସ୍ଥିତି ସମୟ ରେ ବିଭିନ୍ନ ରାଜ୍ୟରେ ଶହୀଦ ହୋଇଥିବା ୧୯୧ ଜଣ ପୁଲିସ କର୍ମଚାରୀଙ୍କ ନାମ ପଢି ଥିଲେ। ଶେଷରେ ଡିଆଇଜି ଶ୍ରୀ ମିଶ୍ରଙ୍କ ସମେତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର ଓ ଉପସ୍ଥିତ ପୁଲିସ ଅଧିକାରୀମାନେ ଶହୀଦ ସ୍ମୃତି ସ୍ତମ୍ଭରେ ଶ୍ରଦ୍ଧାଞ୍ଜଳି ଜଣାଇ ଥିଲେ। ଆଡିସିନାଲ ଏସପି ଦେବଜ୍ୟୋତି ଦାଶ ଓ ଅଶ୍ୱନୀ କୁମାର ନାୟକ, ସଦର ଏସ୍‌ଡିପିଓ ସୁଧାଂଶୁ ଶେଖର ନାୟକ, ଡିଏସପି (ସିଟି) ତପସ୍ୱିନୀ କହଁର ଓ ନିର୍ମଳା ଗୋଛାୟତ, ଆର ଆଇ ସଡାକ ଶଙ୍କର ଟୁଡୁ ଓ ଭୂପେନ୍ଦ୍ର ନାଥ ପ୍ରିୟା, ଟାଉନ ଥାନା ଅଧିକାରୀ ବିଜୟ ଦାସ, ସହଦେବଖୁଣ୍ଟା ଥାନା ଅଧିକାରୀ ଅଜୟ କୁମାର ମୁର୍ମୁ ଏବଂ ସଦର ଥାନା ଅଧିକାରୀ ସାଲଖାନ ମୁର୍ମୁ ଉପସ୍ଥିତ ରହିଥିଲେ।

# ଦୀପାବଳିରେ ପ୍ରଦୂଷଣ ଓ ପ୍ଲାଷ୍ଟିକମୁକ୍ତ ଅଭିଯାନ

ବାଲେଶ୍ୱର,୨୧।୧୦(ସମିସ): ଦୀପାବଳିରେ ଭିନ୍ନ ଢଙ୍ଗରେ କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆର୍ଯ୍ୟ ସେବା ସଂଘ। ପବିତ୍ର ଦୀପାବଳି ଉପଲକ୍ଷେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ "ନିଜେ ହସିବା ଓ ଅନ୍ୟକୁ ହସାଇବା" ମାଧ୍ୟମରେ ନିଧିପଣ୍ଡାସ୍ଥିତ ଆକିନିଆ ଆବାସିକ ବିଦ୍ୟାଳୟରେ ସଫେଇ କାର୍ଯ୍ୟକ୍ରମ ସହ ପ୍ରଦୂଷଣ ଓ ପ୍ଲାଷ୍ଟିକ ମୁକ୍ତ ପରିବେଶ ସଂକ୍ରାନ୍ତୀୟ ସଚେତନତା ସୃଷ୍ଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରେ ପିଲାମାନଙ୍କୁ ଫଳ, କେକ୍ ଓ ମିଠା ବଣ୍ଟନ କରାଯାଇଥିଲା।



# ଶିଶୁଶ୍ରମିକ ଉଚ୍ଛେଦ ପାଇଁ ସ୍ୱେଚ୍ଛାସେବୀଙ୍କ ବୈଠକ

ବାଲେଶ୍ୱର,୨୧।୧୦(ସମିସ): ସିଏସିଏଲ ଓଡ଼ିଶା ଶାଖା ତରଫରୁ ବାଲେଶ୍ୱର ଜିଲ୍ଲାରେ ଶିଶୁ ଶ୍ରମିକ ଉଚ୍ଛେଦ ପାଇଁ ଜିଲ୍ଲାସ୍ତରୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଏସିଏଲ ଓଡ଼ିଶା ଶାଖାର ରାଜ୍ୟ ଆବାହକ ସୁକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ସିଏସିଏଲ ଅନୁଷ୍ଠାନର ଲକ୍ଷ୍ୟ ଓ କାର୍ଯ୍ୟାବଳୀ ସଂପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ ରାଜ୍ୟ ସହ ଆବାହକ ପ୍ରସନ୍ନ କୁମାର ମିଶ୍ର ଜିଲ୍ଲାରେ ଶିଶୁ ଶ୍ରମିକ ଚିହ୍ନଟ, ଶିଶୁ ଶ୍ରମିକ ବୃଦ୍ଧି ହେଉଥିବାର କାରଣ ଓ



ଏହାର ଉଚ୍ଛେଦ ପାଇଁ ଏକ ଛଅ ମାସିଆ ଖସଡ଼ା ସଂପର୍କରେ ଆଲୋଚନା କରିଥିଲେ। ଜିଲ୍ଲା ଆବାହକ ଉବାଚକ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବାଲ୍ୟ ବିବାହ ରୋକିବା ପାଇଁ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର

ବାଲେଶ୍ୱର,୨୧।୧୦(ସମିସ)

ଅନ୍ତର୍ଜାତୀୟ କନ୍ୟା ଦିବସ ଅବସରରେ ଶିଶୁ ଅଧିକାର ସୁରକ୍ଷା ଏବଂ ବାଲେଶ୍ୱରରେ ବାଲ୍ୟ ବିବାହ ବନ୍ଦ କରିବା ପାଇଁ କାର୍ଯ୍ୟ କରୁଥିବା ଏନଜିଓ ବିଏଡିସି ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛି। ଯେଉଁଥିରେ ଦୀପାବଳିରୁ ଗଣତନ୍ତ୍ର ଦିବସ ୨୬ ଜାନୁଆରୀ ପର୍ଯ୍ୟନ୍ତ ବାଲେଶ୍ୱରରେ ବ୍ୟାପକ ଅଭିଯାନ ଚଳାଇବା ପାଇଁ ପ୍ରଶାସନର ସମର୍ଥନ ଲୋଡ଼ିଛି। ସ୍ମାରକ ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଭାରତ ସରକାରଙ୍କ "ବାଲେଶ୍ୱରରେ ବିବାହ ମୁକ୍ତ ଭାରତ' ଅଭିଯାନକୁ ଏକ ବର୍ଷ ପୂରଣ ହେବାକୁ ଯାଉଛି। ଏହା ବାଲେଶ୍ୱରରେ ଅଭିଯାନର ସଫଳତାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲା ପ୍ରଶାସନ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଜିଲ୍ଲାସ୍ତରୀୟ ପଦକ୍ଷେପର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛି। ସ୍ମାରକପତ୍ରରେ ଜିଲ୍ଲା ପ୍ରଶାସନକୁ ପୂଜାରୀ, ମୌଲବୀ, ଚର୍ଚ୍ଚର ପାଷ୍ଟରମାନଙ୍କୁ ନିର୍ଦ୍ଦେଶ ଦେଇ ଏକ ସର୍କୁଲାର ଜାରି କରିବାକୁ ଅନୁରୋଧ କରାଯାଇଥିଲା। ଏବଂ ବିବାହ ଉତ୍ସବ ପାଳନ କରୁଥିବା ଅନ୍ୟମାନେ ଏବଂ ବ୍ୟାଣ୍ଡ ଗ୍ରୁପ୍, ବିବାହ ହଲ୍ (ଭୋଜୀ) ମାଲିକ ଏବଂ କ୍ୟାଟରର୍ ଭଳି ସେବା ପ୍ରଦାନକାରୀମାନେ, ବାଲ୍ୟବିବାହ ପରିଚାଳନାରେ ଯେକୌଣସି ସହାୟତା ବେଆଇନ ଏବଂ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଏହା ସହିତ ଗତ ବର୍ଷ ମଧ୍ୟରେ କୌଣସି ବାଲ୍ୟବିବାହ ହୋଇନଥିବା ପଞ୍ଚାୟତଗୁଡ଼ିକୁ ଚିହ୍ନଟ କରିବାରେ ପ୍ରଶାସନର ସହଯୋଗ ପାଇଁ ଅନୁରୋଧ କରାଯାଇଛି, ଯାହା ଦ୍ୱାରା ସେଗୁଡ଼ିକୁ ଆସନ୍ତା ବର୍ଷ 'ବାଲ୍ୟବିବାହ ମୁକ୍ତ ପଞ୍ଚାୟତ' ଭାବରେ ଘୋଷଣା କରାଯାଇପାରିବ।

## ପଙ୍କପାଳ ଦୁର୍ଗାମନ୍ଦିରରୁ ଚୋରି ଘଟଣାରେ ୬ ଗିରଫ

# ୨ ବାଇକ୍ ସମେତ ପିତ୍ତଳ ଥାଳି, ଚାମର, ପୂଜା ସାମଗ୍ରୀ ଜବତ

ଜଗତସିଂହପୁର/କୁଜଙ୍ଗ,୨୧।୧୦(ସମିସ): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଥାନା ଅନ୍ତର୍ଗତ ପଙ୍କପାଳସ୍ଥ ମା' ଦୁର୍ଗା ମନ୍ଦିର କ୍ଷେତ୍ର ରୁମ୍‌ରୁ ଗତ ୧୮ ତାରିଖ ରାତିରେ ହୋଇଥିବା ଚୋରି ଘଟଣାରେ ସଂପୃକ୍ତ ଥିବା ସମସ୍ତ ୬ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିବାରେ ସଫଳ ହୋଇଛି। ଏମାନଙ୍କଠାରୁ ୨ ଟି ବାଇକ୍ ସମେତ ଏକ ଜେନେରେଟର, ଏଲଇଡି ଲାଇଟ୍ ଓ ଚୋରି ହୋଇଥିବା ସମସ୍ତ ପୂଜା ସାମଗ୍ରୀ ଜବତ କରାଯାଇଥିବା କୁଜଙ୍ଗ ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ତିର୍ତ୍ତୋଲ ଏସ୍‌ଡିପିଓ ଚିନ୍ମୟ ରାଉତ ସୂଚନା ଦେଇଛନ୍ତି। ମନ୍ଦିରରୁ ଚୋରି ସମ୍ପର୍କରେ ପଙ୍କପାଳ ମା' ଦୁର୍ଗାପୂଜା କମିଟି ସଭାପତି ଆଶୁତୋଷ କଣ୍ଠ ୧୯ ତାରିଖରେ କୁଜଙ୍ଗ ଥାନାରେ ଏତଲା ଦେଇଥିଲେ। ପୁଲିସ ୩୮୧/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।



ଏହି ଘଟଣାରେ ପ୍ରଥମେ ପଙ୍କପାଳ ଗ୍ରାମର ପ୍ରଶାନ୍ତ ସାହୁ ଓରଫ ଗୁଣ୍ଡିକୁ ପୁଲିସ ତା' ଘରୁ ଉଠାଇ ଆଣି ପଚରାଉଚରା କରିବାବେଳେ ପୂରା ଘଟଣା ଉପରୁ ପର୍ଦ୍ଦା ହଟିଥିଲା। ଗୁଣ୍ଡିଠାରୁ ସମସ୍ତ ସୂଚନା ମିଳିବା ପରେ ପ୍ରଥମେ ୪ ଜଣଙ୍କୁ ଓ ପରେ ଅନ୍ୟ ୨ ଜଣଙ୍କୁ ପୁଲିସ ଗିରଫ କରିଥିଲା। ଗିରଫ ଅନ୍ୟ ଅଭିଯୁକ୍ତ ମନୋଜ ପ୍ରଧାନ ଓରଫ ମନୁ, ସୁବ୍ରତ ଦାସ ଓରଫ ପଲଟୁ, ସାଗର ପ୍ରଧାନ ଓରଫ କାହ୍ନା, ପ୍ରଭଞ୍ଜନ ନାୟକ ଓରଫ ଲିଟୁ ଓ ଜଗନ୍ନାଥ ପରିଡା ଓରଫ ତପନ। ସମସ୍ତ ଗିରଫ ଅଭିଯୁକ୍ତଙ୍କ ଘର କୁଜଙ୍ଗ ଥାନା ଅନ୍ତର୍ଗତ ପଙ୍କପାଳ ଗ୍ରାମରେ ବୋଲି ପୁଲିସ ସୂଚନା ଦେଇଛି। ଏମାନଙ୍କଠାରୁ ଦୁଇଟି ବାଇକ, ବଡ଼ ପିତଳ ଥାଳି, ୨ଟି ଘଣ୍ଟ, ୨ଟି ଡାଲ, ବଡ଼ ଅଖଣ୍ଡ ଦୀପ, ଗୋଟିଏ ଜେନେରେଟର ସହିତ ଅନ୍ୟ ଚୋରି ହୋଇଥିବା ପୂଜା ସାମଗ୍ରୀ ପୁଲିସ ଜବତ କରିଛି ବୋଲି ଏସ୍‌ଡିପିଓ ଶ୍ରୀ ରାଉତ ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ସୁବ୍ରତ ଦାସ ନାମରେ ପୂର୍ବରୁ ୧୨ଟି ମାମଲା ରହିଥିବାବେଳେ ସାଗର ପ୍ରଧାନ ନାମରେ ୩ଟି, ପ୍ରଭଞ୍ଜନ ନାୟକ ନାମରେ ୪ଟି, ଜଗନ୍ନାଥ ପରିଡା ନାମରେ ୬ଟି, ପ୍ରଶାନ୍ତ ସାହୁ ନାମରେ ୧ଟି ଓ ମନୋଜ ପ୍ରଧାନ ନାମରେ ପୂର୍ବରୁ କୌଣସି ମାମଲା ନ ଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## କୋଟକଣା ବଜାରରେ ମା' ଶ୍ୟାମାକାଳୀଙ୍କ ପୂଜା



ମଣିଜଙ୍ଗା,୨୧।୧୦(ସମିସ): ତିର୍ତ୍ତୋଲ ବ୍ଲକ୍ ତରଜଙ୍ଗା ପଞ୍ଚାୟତର କୋଟକଣା ବଜାରରେ ୪୮ ବର୍ଷ ଧରି ମା' ଶ୍ୟାମାକାଳୀ ପୂଜା ହୋଇଆସୁଛନ୍ତି। ଚଳିତ ବର୍ଷ ମା'ଙ୍କ ପୂଜା ଆରମ୍ଭ ହୋଇଛି। ମା'ଙ୍କର ପୂଜା ୭ ଦିନ ଧରି ଚାଲିବ।ପ୍ରତେହ ସନ୍ଧ୍ୟାରେ ଭଜନ ସମାରୋହ, ପ୍ରବଚନ ଅନୁଷ୍ଠିତ ହେଉଛି। ଦୁଇଦିନ ଧରି ନାଟକ ମଞ୍ଚସ୍ଥ ହେବ ବୋଲି ମୁଖ୍ୟ ଉପଦେଷ୍ଟା ବିଭୂତି ଭୂଷଣ ମଲ୍ଲିକ, ରବିନାରାୟଣ ଦାସ, ବୀରେନ ଦାସ, ବିକୁଆ ଦାସ ଜଣାଉଛନ୍ତି। ଅଭୟ ମହାରଣା କର୍ତ୍ତା ଅଛନ୍ତି।

## ସନ୍ତୋଷ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା

ପାରାଦୀପ/କୁଜଙ୍ଗ,୨୧।୧୦(ସମିସ): ପାରାଦୀପର ବରିଷ୍ଠ ଶ୍ରମିକ ନେତା ସନ୍ତୋଷ ପଟ୍ଟନାୟକ ପୁନର୍ବାର ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତି ପାଇବା ପରେ ନିଜ ନିର୍ବାଚନମଣ୍ଡଳୀରେ ଖୁସିର ଲହରି ଖେଳିଯାଇଛି। ସେହିପରି ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, କଟକ ସମେତ ବିଭିନ୍ନ ଜିଲ୍ଲାରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟୁଛି। କୁଜଙ୍ଗ ବ୍ଲକ୍ ଫତେପୁର ପଞ୍ଚାୟତର ମୁରବୀ ଶ୍ରେଣୀ ସମେତ ପ୍ରାୟ ଦୁଇଶହରୁ ଊର୍ଦ୍ଧ୍ୱ ଲୋକ ପାରାଦୀପର ଜିରୋ ପଏଣ୍ଟସ୍ଥ ଅଫିସ କାର୍ଯ୍ୟାଳୟରେ ସନ୍ତୋଷ ପଟ୍ଟନାୟକଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।



ବିଜେଡି ଦଳ ସଭାପତି ନବୀନ ପଟ୍ଟନାୟକ ପୁଣିଥରେ ସନ୍ତୋଷ ପଟ୍ଟନାୟକଙ୍କ ଉପରେ ଆସ୍ଥା ପ୍ରକଟ କରି ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତି ଦେଇଥିବାରୁ ପଞ୍ଚାୟତବାସୀ ଖୁସି ବ୍ୟକ୍ତ କରିଛନ୍ତି। ଯୁବ ବିଜେଡି ନେତା ବିକ୍ରମ ରାଉତରାୟ ଓ ପ୍ରଭାସ ଗୋଚ୍ଛାୟତଙ୍କ ନେତୃତ୍ୱରେ କୁଜଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତବାସୀ, ମୁରବୀଅନାରାଉତରାୟ, ରୁଲୁଭୋଳ, କପିଳାଜେନା, କୈଳାସସ୍ୱାଇଁ, ଭରତସ୍ୱାଇଁ, ପୁରିଆଭୋଳ, ଧନୀ ସ୍ୱାଇଁ, ରମାକାନ୍ତ ରାଉତ, ପକୁନା ରାଉତ, ପଦିନୀ ରାଉତ, ବିକାଶ ବେହେରା, ନିରଞ୍ଜନ ସ୍ୱାଇଁ, ଗୋବିନ୍ଦ ପ୍ରଧାନ, ଶଙ୍କର ସ୍ୱାଇଁ, ସଞ୍ଜୟ ନାୟକ, ପ୍ରଶାନ୍ତ ରାଉତ ପ୍ରମୁଖ ସାମିଲ ଥିଲେ।

## ପୁଲିସ ସହିଦ ଦିବସ ପାଳିତ



ଜଗତସିଂହପୁର,୨୧।୧୦(ସମିସ): ଜଗତସିଂହପୁର ଜିଲ୍ଲା ଆରକ୍ଷୀ ବିଭାଗ ପକ୍ଷରୁ ପୁନଙ୍ଗସ୍ଥ ରିଜର୍ଭ ପୁଲିସ ପଡ଼ିଆରେ ୬୬ତମ ପୁଲିସ ସହିଦ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏସପି ଅଙ୍କିତ ବର୍ମା ଯୋଗଦେଇ ଦେଶମାତୃକାର ସେବା ପାଇଁ ପ୍ରାଣବଳୀ ଦେଇଥିବା ସହିଦଙ୍କୁ ସମ୍ମାନ ପ୍ରଦାନ ସହିତ ସ୍ମୃତିଚାରଣ କରିଥିଲେ। ଏଥିରେ ୩ ପ୍ଲାଟୁନ ପୁଲିସ ଫୋର୍ସ ଓ ଗୋଟିଏ ବ୍ୟାଣ୍ଡ ପାର୍ଟି ଭାଗ ନେଇଥିଲେ। ରିଜର୍ଭ ଇନ୍ସପେକ୍ଟର ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଜିଲ୍ଲାର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ।

## ବିଜେଡି କର୍ମୀଙ୍କ ହୃଦ୍‌ଘାତରେ ମୃତ୍ୟୁ



ବାଲିକୁଦା,୨୧।୧୦(ସମିସ): ବିଜେଡି କର୍ମୀ ବାଲିକୁଦା ବ୍ଲକ ମାଛଗାଁ ପଞ୍ଚାୟତ ସିଙ୍ଗିଟାଳିଆ ଗ୍ରାମର ପ୍ରଦୀପ୍ତ ମୁଦୁଲି (୪୬)ଙ୍କ ହୃଦଘାତରେ ମୃତ୍ୟୁ ହୋଇଛି। ଦୀପାବଳି ଦିନ ସକାଳୁ ପରିବାର ଲୋକେ ପ୍ରଦୀପ୍ତଙ୍କୁ ବାଲିକୁଦା ମେଡିକାଲ ନେଇଥିଲେ। ଡାକ୍ତର ଗୁରୁତର ଅନୁଭବ କରି ଜଗତସିଂହପୁର ମେଡିକାଲ ପଠାଇଥିଲେ। ଜଗତସିଂହପୁରରେ ପହଞ୍ଚିବା ପୂର୍ବରୁ ବାଟରେ ତାଙ୍କର ମୃତ୍ୟୁ ହୋଇଥିବା ଚିକିତ୍ସା କରୁଥିବା ଡାକ୍ତର ସୂଚନା ଦେଇଥିଲେ। ପ୍ରଦୀପ୍ତ ବିଜୁ ଜନତା ଦଳର ଜଣେ ଦୃଢ଼ ସଂଗଠକ ଥିବାବେଳେ ଜିଲ୍ଲା ସଭାପତି ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କ ଏକାନ୍ତ ଅନୁଗତ ଥିଲେ। ବିଧାୟକ ସାରଦା ପ୍ରସନ୍ନ ଜେନା, ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ବ୍ଲକ୍ ଅଧ୍ୟକ୍ଷ ପ୍ରକାଶ ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ବବିତା ସ୍ୱାଇଁ, ସରପଞ୍ଚ ସଞ୍ଜୟ ସ୍ୱାଇଁ, ସରପଞ୍ଚ ଆଲୋକ ସ୍ୱାଇଁ, ସମିତିସଭ୍ୟ ନିରଞ୍ଜନ ଦାସ, ପୂର୍ବତନ ସରପଞ୍ଚ ପର୍ଶୁରାମ ସେଠୀ, ପୂର୍ବତନ ସମିତିସଭ୍ୟ ସଞ୍ଜୟ ପାଲ, ପୂର୍ବତନ ଜିଲ୍ଲାପରିଷଦ ଶୁଭେନ୍ଦୁ ଦାଶ, ଜିଲ୍ଲା ପରିଷଦ ରୁନୀଲତା ବେହେରା ପ୍ରମୁଖଙ୍କ ସମେତ ବହୁ ରାଜନେତା ଓ ବୁଦ୍ଧିଜୀବୀ ଅନ୍ତିମ ଦର୍ଶନ କରିଥିଲେ। ଏକ ବିରାଟ ପଟୁଆରରେ ପ୍ରଦୀପ୍ତଙ୍କ ମରଶରୀରକୁ ମାଛଗାଁ ପଞ୍ଚାୟତ ପରିକ୍ରମା କରାଯିବା ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା। ପୁଅ ସ୍ୱର୍ଣ୍ଣ ମୁଦୁଲି ମୁଖାଗ୍ନି ପ୍ରଦାନ କରିଥିଲେ। ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ ଓ ପୂର୍ବତନ ବିଧାୟକ ଡାକ୍ତର ଲଲାଟେନ୍ଦୁ ମହାପାତ୍ର ଶୋକ ବ୍ୟକ୍ତ କରିଛନ୍ତି।

## କଳିଙ୍ଗ ବାଲିଯାତ୍ରା ଷ୍ଟଲ୍ ନିମନ୍ତେ ଆବେଦନପତ୍ର ଆହ୍ୱାନ

ଜଗତସିଂହପୁର,୨୧।୧୦ (ସମିସ): ଚଳିତବର୍ଷ କଳିଙ୍ଗ ବାଲିଯାତ୍ରା ଉତ୍ସବ ଆସନ୍ତା ମାସ ୪ରୁ ୧୦ ତାରିଖ ପର୍ଯ୍ୟନ୍ତ ପାରାଦୀପ ସମୁଦ୍ର ବେଳାଭୂମି ବାଲିଯାତ୍ରା ପଡ଼ିଆରେ ପାଳିତ ହେବ। ବାଲିଯାତ୍ରା ପଡ଼ିଆରେ ଦୋକାନ/ଷ୍ଟଲ୍ ପାଇଁ ଆବେଦନପତ୍ର ଆହ୍ୱାନ କରାଯାଇଛି। ଇଚ୍ଛୁକ ବ୍ୟକ୍ତି ଚଳିତ ମାସ ୨୩ରୁ ୨୮ ତାରିଖ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ପାରାଦୀପ)ଙ୍କ କାର୍ଯ୍ୟାଳୟରେ ଆବେଦନ କରିବାକୁ ଅନୁରୋଧ କରାଯାଇଛି।

## ନାରାୟଣ ବୀରବର ସାମନ୍ତଙ୍କ ଜୟନ୍ତୀ ପାଳିତ




ଜଗତସିଂହପୁର,୨୧।୧୦(ସମିସ): ଜଗତସିଂହପୁର ସାରସ୍ୱତ ପରିଷଦ ଓ ପ୍ରଫୁଲ୍ଲ ପାଠାଗାର ମିଳିତ ଆନୁକୂଲ୍ୟରେ କୁଜଙ୍ଗ ଗାନ୍ଧୀ ଭାବେ ପରିଚିତ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶା ବିଧାନସଭାର ପୂର୍ବତନ ଉପବାଚସ୍ପତି ନାରାୟଣ ବୀରବର ସାମନ୍ତଙ୍କ ୧୨୫ତମ ଜୟନ୍ତୀ ପାଠାଗାର ପରିସରରେ ପାଳିତ ହୋଇଯାଇଛି। ପରିଷଦର ସଭାପତି ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ସଭାପତିତ୍ୱ କରି ଲୋକମୁଖରେ କୁଜଙ୍ଗ ଗାନ୍ଧୀ ଭାବେ ପରିଚିତ ସ୍ୱର୍ଗତ ସାମନ୍ତ ଜଣେ ସଚ୍ଚା ସ୍ୱାଧୀନତା ସଂଗ୍ରାମୀ ଓ ଗାନ୍ଧିବାଦୀ ନେତା ଥିଲେ ବୋଲି କହିଥିଲେ। ଶିକ୍ଷାବିତ୍ ରବୀନ୍ଦ୍ର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପାରାଦୀପ ବନ୍ଦର ପ୍ରତିଷ୍ଠାରେ ନାରାୟଣ ବୀରବର ସାମନ୍ତଙ୍କ ବଳିଷ୍ଠ ଉଦ୍ୟମ ଓ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା ବୋଲି ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ, ଉପଦେଷ୍ଟା ବିଜୟ ପତି, ସଞ୍ଜୟ ସାମନ୍ତସିଂହାର ଓ ପ୍ରତାପ ରାଉତରାୟ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାମନ୍ତଙ୍କ ତ୍ୟାଗପୂତ ଓ ସଂଗ୍ରାମୀ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପାଦକ ସୁରେନ୍ଦ୍ର ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଜୟ କିଶାନ କୋଅପରେଟିଭ୍ ସୋସାଇଟର ପ୍ରତିଷ୍ଠା ଦିବସ




ରଘୁନାଥପୁର,୨୧।୧୦(ସମିସ): ରଘୁନାଥପୁର ବ୍ଲକ୍‌ର ତାରପୁରଠାରେ ଜୟ କିଶାନ ମଲ୍ଟି ପରପସ୍ କୋଅପରେଟିଭ୍ ସୋସାଇଟର ୩୦ତମ ପ୍ରତିଷ୍ଠା ଦିବସ ଓ ବେଷ୍ଟ କୋଅପରେଟିଭ୍ ଆୱାର୍ଡ ଉତ୍ସବ ପାଳିତ ହୋଇଯାଇଛି। ଭୁବନେଶ୍ୱରର ଡେପୁଟି ରେଜିଷ୍ଟ୍ରାର କୋଅପରେଟିଭ୍‌ର ଅବସରପ୍ରାପ୍ତ ଡିଆରସିଏସ ଲଳିତ ବିଶ୍ୱାଳ ଯୋଗଦେଇଥିଲେ। ଅନ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା କୃଷି ଅଧିକାରୀ ରମେଶ ଦାଶ, ଅବସରପ୍ରାପ୍ତ ଶିକ୍ଷକ, ଶିକ୍ଷାବିତ ଓ ସମାଜସେବୀ ସୁରେଶ ରାଉତ, କାର୍ଯ୍ୟରତ ଏସଆରସିଏସ ରଖାଲ ସାମଲ, ଭାଷା ଓ ଭାବନାର ସମ୍ପାଦକ ସୁକାନ୍ତ ପ୍ରଧାନ ଓ ଚିତ୍ରା ଚିନ୍ମୟୀ ଦାଶ ଯୋଗଦେଇ ସମବାୟ ଗ୍ରାମ୍ୟ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ମତବ୍ୟକ୍ତ କରିଥିଲେ। ମନୁଷ୍ୟର ଅନ୍ତର୍ନିହିତ ଗୁଣ ମଧ୍ୟରୁ ସମବାୟ ବା କୋଅପରେଟିଭ୍ ଏକ ଦିବ୍ୟଗୁଣ। ସଭାପତି ଚଣ୍ଡି ପ୍ରସାଦ ସିଂହଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୂର୍ବ ସମ୍ପାଦକ ଅନୁଷ୍ଠାନ ବିଷୟରେ ସୂଚନା ଦେଇଥିବାବେଳେ ସମ୍ପାଦକ ନାରାୟଣ ଗିରି ବିବରଣୀ ପାଠ କରିଥିଲେ। ଉପସଭାପତି ଶକୁନ୍ତଳା ପରିଜା, ସୀମା ମହାପାତ୍ର, ଲକ୍ଷ୍ମଣ ଦାଶ, ମନୋଜ ସ୍ୱାଇଁ, ଅଭିଜିତ ସିଂହ, ହିମାଂଶୁ ପଟ୍ଟନାୟକ, ରାକେଶ ବିଶ୍ୱାଳ, ହେମନ୍ତ ପଟ୍ଟନାୟକ, ବରିଷ୍ଠ କ୍ଷେତ୍ର କର୍ମଚାରୀ ବଳରାମ ସେଠୀ, ଯତୀନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

## ମେଘ ମହ୍ଲାରର ଚତୁର୍ଥ ସ୍ୱନକ୍ଷତ୍ର ଉତ୍ସବ

କୁଜଙ୍ଗ,୨୧।୧୦(ସମିସ): ସବୁ ଯୁଗରେ ସାହିତ୍ୟ ମାନବିକ, ସମ୍ବେଦନ, ବିବେକବୋଧ, ବିଚାରଧାରା, ସହନଶୀଳତା ବହନ କରି ମାନବ ସମାଜକୁ ଦିଗଦର୍ଶନ ଦେଇ ଆସିଥାଏ ବୋଲି ମେଘ ମହ୍ଲାରର ଚତୁର୍ଥ ସ୍ୱନକ୍ଷତ୍ର ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଶିକ୍ଷା, ସାହିତ୍ୟ, ସଂସ୍କୃତି, ସମାଜସେବା ଅନୁଷ୍ଠାନ ମେଘ ମହ୍ଲାରର ଚତୁର୍ଥ ବାର୍ଷିକ ସ୍ୱନକ୍ଷତ୍ର ଉତ୍ସବ ଡ. କେଶବ ଦଳାଇଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଫେସର ଉମାକାନ୍ତ ନାୟକ ଯୋଗଦେଇ ସାହିତ୍ୟକୁ ବାଦ୍ ଦେଇ ସୁନ୍ଦର ସମାଜର ପରିକଳ୍ପନା କରାଯାଇପାରିବ ନାହିଁ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବାଲିଘର ସମ୍ପାଦକ କୈଳାସ ସ୍ୱାଇଁ ସବୁ ଯୁଗରେ ସାହିତ୍ୟ ମାନବ ସମାଜର ହିତ ସାଧନ କରିଥାଏ ବୋଲି କହିଥିଲେ। ଶିକ୍ଷାବିତ୍ ବିଭୂତି ଭୂଷଣ ଦାସ, କବି ନବୀନ ପ୍ରଧାନ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ସାରସ୍ୱତ ସମାରୋହରେ ଅନୁଷ୍ଠାନ ପକ୍ଷରୁ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କୃତ କବି ପୀତାମ୍ବର ତରାଇଙ୍କୁ ଜନ୍ମଦିନର ଅଭିନନ୍ଦନ ସହ ଉତ୍କଳ ସାହିତ୍ୟ ସମାଜର ନବନିର୍ବାଚିତ କାର୍ଯ୍ୟକାରୀ ସମିତି ସଭ୍ୟ ଡଃ ରଘୁ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦିକା କବି ପ୍ରଭାତୀ ମାଝୀ ସାରସ୍ୱତ ଆସର ସମ୍ପର୍କରେ ସୂଚନା ପ୍ରଦାନ କରିଥିବାବେଳେ ସସ୍ମିତା ନାୟକ, ରାକେଶ ମଣ୍ଡଳ ସ୍ୱାଗତ ସଂଗୀତ ଗାନ କରିଥିଲେ। କଥାକାର ଦୀପ୍ତି ଖଣ୍ଡୁଆଳଙ୍କ ସଂଯୋଜନାରେ ଗୌର ବାରିକ, ଜୟନ୍ତୀ ଦାଶ, ମାନଗୋବିନ୍ଦ ପ୍ରଧାନ, କନକ ବାରିକ, ରବୀନ୍ଦ୍ର ଚୌଧୁରୀ, ଜୟୀରାମ ସାହାଣୀ, ଗୀତା ଦାସ, ସର୍ବେଶ୍ୱର ସେଠୀ ସ୍ୱରଚିତ କବିତା ପାଠ କରିଥିଲେ। ସମାଜସେବୀ ବିଜୟ ଖଟେଇ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସୌଭାଗିନୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।




## ୧୨ନଂ କେନାଲରୁ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

ତିର୍ତ୍ତୋଲ,୨୧।୧୦(ସମିସ): ଗୋବିନ୍ଦପୁର ପଞ୍ଚାୟତ ଅରଡଙ୍ଗ ଗ୍ରାମ ନିକଟ ୧୨ନଂ କେନାଲରୁ ଜଣେ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର ହୋଇଛି। ଆଜି ମଧ୍ୟାହ୍ନରେ କେନାଲରେ ବୃଦ୍ଧାଙ୍କ ମୃତଦେହ ଭାସି ଯାଉଥିବାବେଳେ ସ୍ଥାନୀୟ ଲୋକେ ଦେଖି ପୁଲିସକୁ ଖବର ଦେଇଥିଲେ। ପରେ ତିର୍ତ୍ତୋଲ ଅଗ୍ନିଶମ ବାହିନୀ କର୍ମଚାରୀ ଅରଡଙ୍ଗ ନିକଟରୁ ମୃତଦେହକୁ ଉଦ୍ଧାର କରି କୂଳକୁ ଆଣିଥିଲେ। ପୁଲିସ ଶବକୁ ଜବତ କରିଥିବାବେଳେ ବୃଦ୍ଧାଙ୍କ ପରିବାର ରଘୁନାଥପୁରରୁ ଆସି ଶବକୁ ଚିହ୍ନଟ କରିଥିଲେ। ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ କରୁଥିବା ଥାନା ସୂତ୍ରରୁ ଜଣାପଡ଼ିଛି।

## ପୋଖରୀରେ ବୁଡ଼ି ଯୁବକ ମୃତ

ନାଉଗାଁ,୨୧।୧୦(ସମିସ): ନାଉଗାଁ ଶାଳିକଙ୍ଗା ମହିମା ଅଲେଖ ଆଶ୍ରମ ମଠରେ ଆଶ୍ରିତ ଥିବା ଯୁବକ ପୁଷ୍କରିଣୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ୮ ବର୍ଷ ଧରି ମଠରେ ଆଶ୍ରିତ ଥିବା ବାଲିକୁଦା ଥାନା ଅଞ୍ଚଳ ମଙ୍ଗପୁର ଗ୍ରାମର ନଟବର ନାୟକଙ୍କ ପୁଅ ନୃସିଂହ ନାୟକ (୩୫) ଆଜି ଭୋର ସମୟରେ ମଠ ପରିସରରେ ଥିବା ଏକ ପୁଷ୍କରିଣୀକୁ ଗାଧୋଇବାକୁ ଯାଇଥିବା ସମୟରେ ବୁଡ଼ି ଯାଇଥିଲେ। ନୃସିଂହଙ୍କୁ ନ ପାଇ ମଠର ଅନ୍ୟ ସଦସ୍ୟ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ମଧ୍ୟାହ୍ନ ସମୟରେ ନୃସିଂହଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖିବାକୁ ପାଇଥିଲେ। ନାଉଗାଁ ପୁଲିସକୁ ଖବର ଦିଆଯିବା ପରେ ପୁଲିସ ଓ ନାଉଗାଁ ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ନାଉଗାଁ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଜଣାଯାଇଛି।


## ଘେରିରୁ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

ଏରସମା/ପାରାଦୀପ,୨୧।୧୦(ସମିସ): ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ନୂଆଗାଁର ବାବାଜୀ ସାମନ୍ତରାୟଙ୍କ ବଡ଼ତଣ୍ଡାରେ ଥିବା ଚିଙ୍ଗୁଡ଼ି ଘେରିରେ ମୟୂରଭଞ୍ଜ ଜିଲ୍ଲାର ଲକ୍ଷ୍ମୀଧର ମହନ୍ତ(୩୫) ଶ୍ରମିକ ଭାବେ କାମ କରୁଥିଲେ। ସେ ୧୫ ତାରିଖରୁ ନିଖୋଜ ଥିଲେ। ଘେରି ମାଲିକ ବାବାଜୀ ଖୋଜା ଖୋଜି କରି ନ ପାଇବା ପରେ ୧୭ ତାରିଖ ଦିନ ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ମଙ୍ଗଳବାର ଏରସମା ବ୍ଲକ ଜପା ପଞ୍ଚାୟତ ଅନ୍ତର୍ଗତ ଦାସ ମଠ ନିକଟ ବାଲିଆମରା ନଦୀରେ ଏକ ମୃତଦେହ ଭାସୁଥିବା ଖବର ପାଇ ଅଭୟଚାନ୍ଦପୁର ପୁଲିସ ଘେରି ମାଲିକ ବାବାଜୀଙ୍କୁ ନେଇ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରି ଉଦ୍ଧାର କରିଥିବା ଜଣାପଡ଼ିଛି।

## ବାଣ ଫୁଟାଇ ଦୁଇ ଗୁରୁତର

ପାରାଦୀପ,୨୧।୧୦(ସମିସ): ଗତକାଲି ଦୀପାବଳିରେ ବାଣ ଫୁଟାଇବା ସମୟରେ ଷଣ୍ଢକୁଦ ଅଞ୍ଚଳରେ ଦୁଇଜଣ ଗୁରୁତର ହୋଇ କଟକ ମେଡିକାଲ ସ୍ଥାନାନ୍ତରିତ ହୋଇଛନ୍ତି। ସମୀର ବେହେରା (୨୦) ବାଣ ଫୁଟାଇବା ବେଳେ ତାଙ୍କର ପାପୁଲି ସମ୍ପୂର୍ଣ୍ଣ ଛିଡ଼ିଯାଇଛି। ସେହିପରି ବାଣ ଫୁଟାଇବା ବେଳେ ସୁଭନାଥ ମହାନ୍ତିଙ୍କ କାନରେ ଆଘାତ ଲାଗିବାରୁ ତାଙ୍କୁ କିଛି ଶୁଭୁ ନ ଥିବା ଜଣାପଡିଛି। ତାଙ୍କୁ ପ୍ରଥମେ ଅଠରବାଙ୍କୀ ଓ ପରେ କଟକ ସ୍ଥାନାନ୍ତରିତ କରାଯାଇଛି।

## ଅତାମଲା ଗ୍ରାମରେ ମା' ଶ୍ୟାମାକାଳୀ ପୂଜା



ଜଗତସିଂହପୁର, ୨୧।୧୦(ସମିସ): ଜଗତସିଂହପୁର ସହରସ୍ଥ ଅତାମଲା ଛକରେ ମା' ଶ୍ୟାମାକାଳୀ ପୂଜା ଅନୁଷ୍ଠିତ ହେଉଛି। ରାତ୍ର ୧୨ ଘଟିକାରେ କଳସ ବୁଡ଼ା କାର୍ଯ୍ୟକ୍ରମ କାଠପୋଲସ୍ଥ ସଫେଇରେ ହୋଇଥିଲା। ଏହି ପୂଜାରେ ନିରଞ୍ଜନ ମହାପାତ୍ର ପୁରୋହିତ ଥିବାବେଳେ ମଧୁରୀ ପ୍ରଧାନ ଓ କଳ୍ପନା ପ୍ରଧାନ କର୍ତ୍ତା ଅଛନ୍ତି। ପୂଜା କମିଟି ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ରମୋଦ ମହାପାତ୍ର, ପ୍ରଶାନ୍ତ ମାଝି, ମାନସ ମଲ୍ଲିକ, ସନ୍ତୋଷ ନାୟକ, ଉଲସନ ମହାନ୍ତି, ଭଗବାନ ଭୋଇ, ସୁବ୍ରଜିତ ମହାନ୍ତି, ଲକ୍ଷ୍ମୀଧର ପ୍ରଧାନ, ଅମୂଲ୍ୟ ପ୍ରଧାନ, ରାକେଶ ପ୍ରଧାନ, ବିନୋଦ ବେହେରା, କିସାନ ଭୋଇ ପ୍ରମୁଖ ପୂଜା ପରିଚାଳନା କରୁଛନ୍ତି।

## ଲକ୍‌ପଡ଼ା ଅଞ୍ଚଳରେ ନିଶାଡିଙ୍କ ଆତଙ୍କ; ଘରେ ପଶି ଆକ୍ରମଣ



ପାରାଦୀପ, ୨୧।୧୦(ସମିସ):ପାରାଦୀପ ଲକପଡ଼ା ଅଞ୍ଚଳରେ ଚୋରା ପାଉଡର ବେପାରୀ ଆତଙ୍କରାଜ ଖେଳାଇଛନ୍ତି। କେତେକ ଅସାମାଜିକ ଯୁବ ଏହି ବେପାର କରି ମାଲେମାଲ ହେଉଥିବାବେଳେ ପାଟି ଖୋଲିଲେ ପିଲାଠୁ ମହିଳା ସମସ୍ତଙ୍କୁ ଘରେପଶି ନିସ୍ତୁକ ମାଡ଼ ମାରୁଛନ୍ତି। ଗତକାଲି କିଛି ଅସାମାଜିକ ଯୁବକ ଲକପଡ଼ାରେ ଦୁର୍ଗା ମିର୍ଦ୍ଧାଙ୍କ ଘରେ ପଶି ତୁମୁଳକାଣ୍ଡ ଘଟାଇଥିବାବେଳେ ସେ ପାରାଦୀପ ଆଦର୍ଶ ଥାନାରେ ଅଭିଯୋଗ କରିଛନ୍ତି। ଗତକାଲି ରାତି ୧୦ଟାରେ ଅସାମାଜିକ ଯୁବକ ତାଙ୍କ ଘରର କବାଟକୁ ଗୋଇଠା ମାରି ଘରେ ପଶି ନିଶା ସେବନ କରି ମାରଣାସ୍ତ୍ରରେ ତାଙ୍କୁ ଓ ତାଙ୍କ ପରିବାର ଲୋକଙ୍କୁ ଆକ୍ରମଣ କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ସେହିଭଳି ପଡାରେ ବହୁ ପରିବାରର ଘରେ ରାତିରେ ପଶି ଏଭଳି ଗଣ୍ଡଗୋଳ କରୁଥିବା ନେଇ ଆଜି ପାର୍ବତୀ ମଣ୍ଡଳ, ଦୁର୍ଗା ମିର୍ଦ୍ଧା, ପୁଷ୍ପା ମିର୍ଦ୍ଧା, କୁନୁମୁନି ମାଇତି, ଲକ୍ଷ୍ମୀ ମଣ୍ଡଳ, ରିତା ମଣ୍ଡଳ, ସୋନୁ ମଣ୍ଡଳ ଓ ତୁନୁ ମଣ୍ଡଳ ପ୍ରମୁଖ ଥାନା ଅଧିକାରୀଙ୍କୁ ଭେଟି ଜଣାଇଥିଲେ।

## ବିଜେଡି କର୍ମୀଙ୍କୁ ମେଡିକାଲରେ ଭେଟିଲେ ବିଜେଡି ପ୍ରତିନିଧି ଦଳ

# ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବି

ଜଗତସିଂହପୁର,୨୧।୧୦(ସମିସ)

ରାଜନୈତିକ ଆକ୍ରୋଶରୁ ମରଣାନ୍ତକ ଆକ୍ରମଣର ଶିକାର ହୋଇଥିବା ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ପଟସରା ଗ୍ରାମର ମହିଳା ବିଜେଡି କର୍ମୀ ରଶ୍ମିରଞ୍ଜିତା ପରିଜାଙ୍କୁ ଆଜି ସନ୍ଧ୍ୟାରେ ବିଜେଡିର ଏକ ପ୍ରତିନିଧି ଦଳ ମେଡିକାଲରେ ସାକ୍ଷାତ କରି ତାଙ୍କର ଆଶୁ ଆରୋଗ୍ୟ କାମନା କରିବା ସହ ସମବେଦନା ଜଣାଇଛନ୍ତି। ଏଥିସହ ବିଜେଡି ପ୍ରତିନିଧି ଦଳ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବି କରିଛନ୍ତି।

ସୂଚନା ମୁତାବକ, ସୋମବାର ଦୀପାବଳି ସନ୍ଧ୍ୟାରେ ସଦର ଥାନା ଅନ୍ତର୍ଗତ ପଟସରା ଗ୍ରାମର ବିଜେଡି ମହିଳା କର୍ମୀ ରଶ୍ମିରଞ୍ଜିତା ପରିଜାଙ୍କୁ ପୂର୍ବ ଶତ୍ରୁତାରୁ ସେହି ଗ୍ରାମର କିଛି ଲୋକ ମିଳିତ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ରଶ୍ମିରଞ୍ଜିତାଙ୍କୁ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ରଶ୍ମିରଞ୍ଜିତାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଛି। ଆଜି ସନ୍ଧ୍ୟାରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ବିଜେଡି ନେତ୍ରୀ ଇପ୍‌ସିତା ସାହୁ, ମୁଖପାତ୍ର ଲେଲିନ ମହାନ୍ତି ଓ ସୋଫିଆ ଆଲାମ ପ୍ରମୁଖ ଆହତ ମହିଳା ବିଜେଡି କର୍ମୀ ରଶ୍ମୀଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ରାଜ୍ୟସଭା ସାଂସଦ ସୁଲତା ଦେଓ ଓ ଇପ୍‌ସିତା ସାହୁ କହିଛନ୍ତି, ଜଣେ ମହିଳାଙ୍କ ଉପରେ ଆକ୍ରମଣ ହେବା ଘଟଣା ଅତ୍ୟନ୍ତ ନିନ୍ଦନୀୟ। ବିଗତ ଦେଢ ବର୍ଷ ମଧ୍ୟରେ ସମଗ୍ର ଓଡ଼ିଶାରେ ଏଭଳି ଦୁର୍ଭାଗ୍ୟଜନକ ଘଟଣା ବଢିଚାଲିଛି। ମହିଳାମାନେ ଏ ସରକାରରେ ଅସୁରକ୍ଷିତ। ରଶ୍ମିରଞ୍ଜିତା ସରକାରଙ୍କ ଦୋଷ ଦୁର୍ବଳତାକୁ ସାମାଜିକ ଗଣମାଧ୍ୟମରେ ସମାଲୋଚନା କରିଆସୁଥିବାରୁ ଶାସକ ଦଳ କର୍ମୀ ଉଦ୍ଦେଶ୍ୟମୂଳକ ଭାବେ ତାଙ୍କ ଉପରେ ଏଭଳି ମରଣାନ୍ତକ ଆକ୍ରମଣ କରିଛନ୍ତି। ଯାହାକୁ ବିଜେଡି ଦଳ ଗୁରୁତର ସହ ନେଉଛି। ଆଗାମୀ ଦିନରେ ଯଦି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ, ତେବେ ବିଜେଡି ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଏହି ବିଜେଡି ନେତ୍ରୀ ଚେତାବନୀ ଦେଇଛନ୍ତି।



# ଧାନ ଚାଷରେ ପତ୍ରପୋଡ଼ା ରୋଗ

## ଚାଷୀ ମୁଣ୍ଡରେ ଚଡ଼କ

କାଳିପଦା, ୨୧।୧୦ (ସମିସ)



ଖରିଫ ଧାନ ଚାଷରେ ଏବେ ବହୁଳ ଭାବେ ପତ୍ର ପୋଡା ରୋଗ ଦେଖାଦେଇଛି। ଫଳରେ ଫସଲ ଅମଳ ନେଇ ଚାଷୀ ଆଶଙ୍କାରେ ରହିଛନ୍ତି। ଧାନ ଗଛ ଗୁଡିକର ଉପର ପତ୍ର ଗୁଡିକ ଶୁଖି ଶୁଖି ଯାଉଛି। ଗଛ ଗୁଡିକ ମଧ ଦୁର୍ବଳ ହେଉଥିବା ଦେଖିବାକୁ ମିଳିଛି। ସରକାରଙ୍କ କୃଷି ବିଭାଗ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି। ଚଳିତ ବର୍ଷ ବାଲିଆପାଳ ବ୍ଲକରେ ବନ୍ୟା ଦାଉ ସାଧିଥିବା ବେଳେ ଏବେ ପତ୍ର ପୋଡା ରୋଗ ଚାଷୀ ମୁଣ୍ଡରେ ଚଡକ ପଡିବା ସଦୃଶ ହୋଇଛି। ଏବେ ଧାନ ଗଛରେ କେଣ୍ଡା ବାହାରିବା କଥା। ମାତ୍ର ରୋଗ ପୋକ ଯୋଗୁଁ କେଣ୍ଡା ଠିକ ଭାବରେ ବାହାରି ପାରୁ ନାହିଁ। ଯେଉଁ ଚାଷୀମାନେ ସମବାୟ ସମିତି ଓ ଜାତୀୟ କାରଣ ବ୍ୟାଙ୍କରୁ ଋଣ ଆଣିଥିଲେ ସେମାନେ ଏବେ ଋଣ ଶୁଝିବା ଚିନ୍ତାରେ ରହିଛନ୍ତି। ବାଲିଆପାଳ ବ୍ଲକରେ ସୁବର୍ଣ୍ଣ ରେଖା ନଦୀକୂଳ ଜମି ବନ୍ୟା ଯୋଗୁଁ ଖରିଫ ଧାନ ଚାଷ ନାହିଁ କହିଲେ ଚଳେ। ଅବଶିଷ୍ଟ ପାଣ୍ଡ ଜମି ଓ ବନ୍ୟା ରହିତ ଜମିରେ ଚାଷ ମୋଟା ମୋଟି ଭାବେ ହୋଇଛି। ଏବେ ପତ୍ର ପୋଡା ଓ କାଣ୍ଡ ବିନ୍ଧା ରୋଗ ଯୋଗୁଁ ବହୁ କ୍ଷତି ହେବ ବୋଲି ଗଗନ ବିହାରୀ ଜେନା, ମୃତ୍ୟୁଞ୍ଜୟ ନାୟକ, ସୁବଳ କୁମାର ବିଶ୍ୱାଳ, ଧନଞ୍ଜୟ ସାହୁ, ବନ ବିହାରୀ ଦାସ, ମୁକୁନ୍ଦ ମୁରାରୀ ଟୁଡୁ, ଘନଶ୍ୟାମ ବେହେରା, ମନ୍ମଥ କୁମାର ପାତ୍ର, ସୁବୋଧ କାନ୍ତ ପାତ୍ର ପ୍ରମୁଖ କହିଛନ୍ତି।

# ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ପକ୍ଷାଘାତ ରୋଗୀଙ୍କୁ ସହାୟତା



ରାଜଘାଟ, ୨୧।୧୦ (ସମିସ): ଆଲୋକର ପର୍ବ ଦୀପାବଳି ଉତ୍ସବ ଓ ପବିତ୍ର କାଳୀପୂଜା ଅବସରରେ "ଦୁଃଖୀ ଦରବାର' ପରିବାର ତରଫରୁ ଆମ୍ବକୁଡୁଚି ଗ୍ରାମର ଜଣେ ଅସହାୟା ମା' ବୃନ୍ଦାବତୀ ଗୋଛାୟତ ଯିଏକି ଦୀର୍ଘ ତିନିବର୍ଷ ହେବ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ ଜୀବନଯୁଦ୍ଧ ସହ ସଂଗ୍ରାମ କରୁଛନ୍ତି। ଆଉ ତାଙ୍କ ମୁହଁରେ ଆଜିର ଏହି ଖୁସି ଦିନରେ ଟିକିଏ ହସ ଫୁଟେଇବା ପାଇଁ ଶୀତବସ୍ତ୍ର, ଖାଦ୍ୟ ସାମଗ୍ରୀ ଏବଂ ତାଙ୍କ ପାଟିରେ ମିଠା ଖୁଆଇ ସଂଗଠନର ସଦସ୍ୟମାନେ ମା କାଳୀଙ୍କ ନିକଟରେ ସେହି ମା'ଙ୍କର ଦୀର୍ଘାୟୁ ଜୀବନ କାମନା କରିଥିଲେ। ସଂଗଠନର ମୁଖ୍ୟ ଉପଦେଷ୍ଟା ଜ୍ୟୋତିର୍ମୟ ନନ୍ଦଙ୍କ ଆହ୍ୱାନ କ୍ରମେ ଉଦୀୟମାନ ଯୁବକ କାର୍ତ୍ତିକ ଚନ୍ଦ୍ର ଜେନା, ସାଗର ଘୋଷ, ଲକ୍ଷ୍ମୀଧର ଜେନା, ଜୀବନକୃଷ୍ଣ ଜେନାଙ୍କ ସହାୟତାରେ ତଥା ସଂଗଠନର ସଦସ୍ୟ ମନୋଜ ବେହେରା, ବିଜୟ ଜେନା, ବିଶ୍ୱଜିତ ଧଳ, ଆଶୁତୋଷ ବାରିକ, ଜୟନ୍ତ ସେନାପତି, ବିଜୟ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସୋର ମାରାଥନ କମିଟି ପକ୍ଷରୁ କର୍ମକର୍ତ୍ତା ମନୋନୟନ



ସୋର,୨୧।୧୦(ସମିସ): ସୋର ମାରାଥନ କମିଟି ପକ୍ଷରୁ ପୌରପାଳିକା ଅନ୍ତର୍ଗତ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ ବିଶ୍ରାମଗୃହରେ ଏକ ସାମ୍ବାଦିକ ସମ୍ମିଳନୀ କମିଟି ସଭାପତି ସଞ୍ଜୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେବା ସହିତ ନୂତନ କର୍ମକର୍ତ୍ତା ମନୋନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋର ମାରାଥନ ଏ ବର୍ଷ ଚତୁର୍ଥ ବର୍ଷରେ ପଦାର୍ପଣ କରିଥିବା ବେଳେ ଆସନ୍ତା ନଭେମ୍ବର ୩୦ ତାରିଖରେ ଏହି ମାରାଥନ ଅନୁଷ୍ଠିତ ହେବ। ଏହା ୧୦ କିମି ଏବଂ ୫ କିମି ଦୁଇଟି ଦୁଇଟି ବିଭାଗରେ ଅନୁଷ୍ଠିତ ହେବାକୁ ଥିବା ବେଳେ ଉଭୟ ମହିଳା ଏବଂ ପୁରୁଷ ପ୍ରତିଯୋଗୀ ଏଥିରେ ଅଂଶ ଗ୍ରହଣ କରିପାରିବେ। ଉଭୟ ପୁରୁଷ ଏବଂ ମହିଳା ବିଭାଗରେ ପାଞ୍ଚ ପାଞ୍ଚ ଜଣ ଲେଖାଏଁ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଏଥିପାଇଁ ଉଭୟ ଅନ ଲାଇନ ଏବଂ ଅପ ଲାଇନରେ ରେଜିଷ୍ଟ୍ରେସନ ଆରମ୍ଭ ହୋଇଯାଇଛି ଏବଂ ଏହା ନଭେମ୍ବର ୧୫ ପର୍ଯ୍ୟନ୍ତ ଚାଲୁରହିବା ସହିତ ଅପ ଲାଇନରେ ସୋର ପୌର ପାଳିକାରେ ପାଞ୍ଚଟି ରେଜିଷ୍ଟ୍ରେସନ କାଉଣ୍ଟର ଖୋଲାଯାଇଥିବା ସୂଚନା ଦିଆଯାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରତିଯୋଗୀ ମାନେ ଏଥିରେ ଅଂଶ ଗ୍ରହଣ କରିବାକୁ ଥିବା ବେଳେ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ପାଇଁ ବହୁ ସେଲିବ୍ରିଟି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ଏବଂ ୩୦ ତାରିଖ ଅପରାହ୍ନ ଏବଂ ଡିସେମ୍ବର ୧ ତାରିଖ ପୂର୍ବାହ୍ନରେ ରାଧାନାଥ ପଡିଆରେ ଯୋଗ ଶିବିର ଅନୁଷ୍ଠିତ ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। କମିଟି ୩ ବର୍ଷ ପୂରଣ କରି ସାରିଥିବାରୁ ସାମ୍ବାଦିକ ସମ୍ମିଳନୀ ପୂର୍ବରୁ କମିଟିର ଏକ ବୈଠକ ବସି ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ସଞ୍ଜୟ କୁମାର ଦାସ, ଉପସଭାପତି ଭାବେ ଅବଦୁଲ ଉଦୁତ ଖାନ, ରଶ୍ମିତା ସାହୁ, କୃଷ୍ଣଚନ୍ଦ୍ର ସାହୁ, ସମ୍ପାଦକ ଭାବେ ସୌମ୍ୟଶାନ୍ତ ଅମୃତ ପଟ୍ଟନାୟକ, ସହ ସମ୍ପାଦକ ଭାବେ ଭଗବାନ ଲେଙ୍କା, ପ୍ରଦୀପ କୁମାର ବିଶ୍ୱାଳ,ସଂଗ୍ରାମ ଗୁଇଁ ଏବଂ ଆଦ୍ୟାଶା ଦାସ କୋଷାଧକ୍ଷ ଭାବେ ରମେଶ ପ୍ରଧାନ ଏବଂ ମିଡ଼ିଆ ସଂଯୋଜକ ଭାବେ ଦାମୋଦର ଦାଶମହାପାତ୍ରଙ୍କୁ ସର୍ବ ସମ୍ମତି କ୍ରମେ ମନୋନୀତ କରାଯାଇଥିଲା।

# ଅର୍ଥନୀତି ବିଭାଗର ବନ୍ଧୁମିଳନ

ଜଳେଶ୍ୱର ବ୍ଲକ, ୨୧।୧୦(ସମିସ): ଜଳେଶ୍ୱରର ଦୀନକୃଷ୍ଣ ମହାବିଦ୍ୟାଳୟର ଅର୍ଥନୀତି ବିଭାଗର (୨୦୧୫-୧୮) ବ୍ୟାଚ ତରଫରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ରାଇବଣିଆ ଦୁର୍ଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ମୁଖ୍ୟ ସମୀର କୁମାର ଦାସ ଯୋଗ ଦେଇ ବନ୍ଧୁମିଳନର ମୂଲ୍ୟବୋଧ ଓ ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବରେ ଅଧ୍ୟାପକ ରଞ୍ଜନ କୁମାର ମାଝୀ ଯୋଗ ଦେଇଥିଲେ। ସଭା ଶେଷରେ ପୁରାତନ ଛାତ୍ର ଗୌତମ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ର ହରିଶଙ୍କର ବେହେରା, ରତୀନ୍ଦ୍ର ବେହେରା, ରାଜେଶ କୁମାର ଘୋଷ, ସତ୍ୟଜିତ ଜେନା, ରଂଜିତ ବେହେରା, ଜଗନ୍ନାଥ କମିଲା, ସୂର୍ଯ୍ୟକାନ୍ତ ଗିରି, ଦେବବ୍ରତ ଦେ, ଶୁଭଦୀପ ଚକ୍ରବର୍ତ୍ତୀ ପ୍ରମୁଖ ଯୋଗ ଦେଇଥିଲେ।

# ଗୋଚର ଜମିରୁ ଗଛ କାଟିନେଲେ



ରାଜଘାଟ, ୨୧।୧୦ (ସମିସ): ଛୁଟିଦିନ ଦେଖି ମଉକାରେ ଚଉକା ମାରିନେଲେ ସରପଞ୍ଚ। ବସ୍ତା ଥାନା ଭେଲୋରା ପଞ୍ଚାୟତର ତାରିଣୀ ଛକ ନିକଟରେ ଥିବା ଏକ ସରକାରୀ ଗୋଚର ଜାଗାରୁ ବେଆଇନ ଭାବେ ଏକ ଗଛକୁ କାଟି ସ୍ଥାନୀୟ ସରପଞ୍ଚ କାଟି ନେଇଥିବା ଅଭିଯୋଗ ହୋଇଛି। ଭେଲୋରା ମୌଜାର ତାରିଣୀ ଛକ ନିକଟ ଗୋଚର ଜାଗାରୁ ସ୍ଥାନୀୟ ପଦିମା ଗ୍ରାମର ବିଦ୍ୟାଧର ସିଂହ ୩ଟି ମୂଲ୍ୟବାନ ଗଛ କାଟୁଥିବାର ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଭେଲୋରା ଗ୍ରାମର ଜୟନ୍ତ କୁମାର ଭଦ୍ର, ସପନ ବାଗ ତାପସ ମହାନ୍ତି ଲମ୍ବୋଧର କମିଳା ଓ କିଛି ଗ୍ରାମବାସୀ ଘଟଣା ସ୍ଥଳରେ ପହଞ୍ଚିଥିଲେ। ତେବେ ବିନା ଅନୁମତିରେ ସରକାରୀ ଜାଗାରୁ ଗଛ କଟା ବାବଦରେ ପଚାରିବାରୁ ସ୍ଥାନୀୟ ସରପଞ୍ଚଙ୍କ ପରାମର୍ଶରେ ଗଛ କାଟୁଥିବାର ଶ୍ରୀ ସିଂହ ପ୍ରକାଶ କରିଥିଲେ। ଏ ନେଇ ଅଭିଯୋଗକାରୀଙ୍କ ତରଫରୁ ଗୁଡିଖାଲ ରାଜସ୍ୱ ନୀରିକ୍ଷକ ତଥା ବସ୍ତା ତହସିଲଦାରଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା କେହି ଫୋନ୍ ରିସିଭ କରିନଥିଲେ। ଏ ବାବଦରେ ସରପଞ୍ଚ ଦୁର୍ଗାରାଣୀ ଜେନାଙ୍କୁ ପଚାରିବାରୁ ସେଠାରେ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେବା କହୁଥିବା ବେଳେ ଗଛ କଟା ବାବଦରେ ଅବଗତ ନ ଥିବା କହିଥିଲେ। ଗୋଚର ଜମିରେ କୌଣସି ସରକାରୀ ନିର୍ମାଣ କାର୍ଯ୍ୟ ନହେବାର ନିୟମ ଥିବାବେଳେ ସରପଞ୍ଚଙ୍କ ଏଭଳି ମନ୍ତବ୍ୟ ତାଙ୍କର ଦୋଷକୁ ପଦାରେ ପକାଇଛି। ବନ ବିଭାଗ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଲୋକେ ଦାବି କରିଛନ୍ତି।

# ଇଂରାଜୀ ପୁସ୍ତକ 'ଗ୍ଲିମସେସ୍ ଅଫ୍ ଇଣ୍ଡିଆନ ଇକୋନୋମି' ଉନ୍ମୋଚିତ



କାଳିପଦା, ୨୧।୧୦ (ସମିସ): ବାଲିଆପାଳ ବରିଷ୍ଠ ନାଗରିକ ପରିଷଦର ମାସିକ ବୈଠକରେ ପରିଷଦର ସଦସ୍ୟ ତଥା ଅବସର ପ୍ରାପ୍ତ ଅଧକ୍ଷ ଡ଼ ବିଜୟ କୁମାର ଦେ ଙ୍କର ଇଂରାଜୀ ପୁସ୍ତକ " ଗ୍ଲିମସେସ ଅଫ ଇଣ୍ଡିଆନ ଇକୋନୋମି' ମୁଖ୍ୟଅତିଥି ଦୀନକୃଷ୍ଣ ସ୍ମୃତି ପରିଷଦର ସମ୍ପାଦକ ବିପିନ ବିହାରୀ ବିଶ୍ୱାଳଙ୍କ କରକମଳରେ ଉନ୍ମୋଚିତ ହୋଇଯାଇଛି। ବୈଠକରେ ପୂର୍ଣ୍ଣଚନ୍ଦ୍ର ରାଜ ପୌରହିତ୍ୟ କରିଥିବା ବେଳେ ମୁଖ୍ୟ ବକ୍ତା ତଥା ପୁସ୍ତକ ସମୀକ୍ଷକ ଭାବେ କବି ବ୍ରଜେନ୍ଦ୍ର ନାଥ ଗିରି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଅବସର ପ୍ରାପ୍ତ ଶିକ୍ଷାବିତ ଚିତ୍ତରଞ୍ଜନ ଦାସ, ସମ୍ପାଦକ ଡ. ବଂକିମ ଚନ୍ଦ୍ର ଜେନା, ଲେଖକ ଡ଼ ବିଜୟ କୁମାର ଦେ ପ୍ରମୁଖ ମଂଚାସୀନ ହୋଇଥିଲେ। ବେଦପାଠ ସହିତ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ କବି ତଥା ସାହିତ୍ୟିକ ସନ୍ନ୍ୟାସୀ ବେହେରା କରିଥିବାବେଳେ ଲେଖକ ଡ. ବିଜୟ କୁମାର ଦେ ନିଜ ପୁସ୍ତକ ସମ୍ବନ୍ଧରେ ସ୍ୱାଗତ ଭାଷଣ ଦେଇଥିଲେ । ପରିଷଦର ବରିଷ୍ଠ ସଦସ୍ୟ ବିଜୟ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବିଷ୍ଣୁପୁରରେ ଅସହାୟଙ୍କୁ ରିଲିଫ୍ ବଣ୍ଟନ



ବାଲିଆପାଳ, ୨୧।୧୦ (ସମିସ): ଦୀପାବଳି ଅବସରରେ ୱାଏମସିଏ ସ୍ୱେଚ୍ଛାସେବୀ ସଂଗଠନ ଓ ଚନ୍ଦ୍ର ଶେଖର ଆଜାଦ ଫାଉଣ୍ଡେସନର ମିଳିତ ସହଯୋଗରେ ଅସହାୟ ଲୋକଙ୍କୁ ବିଷ୍ଣୁପୁର ପଞ୍ଚାୟତରେ ନୟାବାଲି ଗ୍ରାମର ସମାଜସେବୀ ପରେଶ ଚନ୍ଦ୍ର କରଙ୍କ ବାସଭବନରେ ରିଲିଫ ବଣ୍ଟନ କରାଯାଇଛି। ବାଲିଆପାଳ ବ୍ଲକରେ ସୁବର୍ଣ୍ଣ ରେଖା ନଦୀରେ ଚଳିତ ବର୍ଷ ସାତ ଥର ବନ୍ୟା ଆସି ଲୋକଙ୍କ ଧନଜୀବନକୁ ପ୍ରଭାବିତ କରିଛି। ଲୋକଙ୍କ ମୁହଁରେ ହସ ଫୁଟାଇବା ପାଇଁ ଲୋକଙ୍କୁ ମାସକର ରାସନ୍, ଚାଉଳ, ପିଲା ମାନଙ୍କ ଉଦ୍ଦେଶ୍ୟରେ ସ୍କୁଲ ବ୍ୟାଗ୍ ଥିବା ୧୦୦ରୁ ଊର୍ଦ୍ଧ୍ୱ ପ୍ୟାକେଟ୍ ଦିଆଯାଇଛି। ଅତିଥି ଭାବେ ବସ୍ତା ଏସଡିପିଓ ମାନସ ଦେଓ, ପ୍ରକୃତିବନ୍ଧୁ ସୁମନ୍ତ ଜେନା, ସଂଗଠନର ଜିଲ୍ଲା ସଭାପତି ସଞ୍ଜୟ କୁମାର ମହାପାତ୍ର, ପ୍ରୋଗ୍ରାମ ଅଫିସର୍ ସାଲେସ ବିକ୍ରମ କୁମାର, କଷାଧକ ବିନୟ ଭୂଷଣ ସିଂ, ବରିଷ୍ଠ ସାମ୍ବାଦିକ ସୁବଳ ଚନ୍ଦ୍ର ଦାସ,ଅରି ପାଷ୍ଟରର ଜେନେରାଲ ମ୍ୟାନେଜର ରାମକୃଷ୍ଣ ପାଢୀ ପ୍ରମୁଖ ଯୋଗଦେଇ ଥିଲେ।

# ଗଡ଼ିଲା ସାଇବର ସୁରକ୍ଷା ସଚେତନତା ରଥ



ନୀଳଗିରି, ୨୧।୧୦ (ସମିସ): ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକଙ୍କ ନେତୃତ୍ୱରେ ଆଜି ସାଇବର ପୁଲିସ ଓ ନୀଳଗିରି ପୁଲିସ ଟିମ୍ ପକ୍ଷରୁ ନୀଳଗିରିରେ ସାଇବର ସୁରକ୍ଷା ଅଭିଯାନ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୀଳଗିରି ସହରର ବିଭିନ୍ନ ସ୍ଥାନରେ ସାଇବର ସୁରକ୍ଷା ସଚେତନତା ରଥ ଗଡିବା ସହିତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଚେତନତା ରଥ ନୀଳଗିରି ସହର ପରିକ୍ରମା କରିବା ସହିତ ପୋଲିସ ଟିମ୍ ଲୋକଙ୍କୁ ସଚେତନତା ପତ୍ର ପ୍ରଦାନ କରିଛନ୍ତି। ନୀଳଗିରି ଥାନା ଓ ବାଲେଶ୍ୱର ସାଇବର ପୁଲିସ ଟିମ୍‌ର ମିଳିତ ସହଯୋଗ ରେ ଏହି ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ଲୋକେ ସାଇବର ଠକାମିରେ ଶିକାର ହେଉ ଥିବାରୁ ପୋଲିସ୍ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଥିବା ଜଣାପଡିଛି।

# ନାକେଦମ କଲେଣି ୩୦ ଟିକିଆ ହାତୀପଲ

ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୨୧।୧୦ (ସମିସ): ସନ୍ଧ୍ୟା ହେଲେ ରାଇବଣିଆ ଜଂଗଲରେ ଥିବା ହାତୀପଲ ଗାଁ ମୁହାଁ ହେଉଛନ୍ତି। ଗାଁ ନିକଟ ଧାନ କିଆରିରୁ ଧାନ ଖାଇବା ସହ ଦଳିମକଚି ଦେଉଛନ୍ତି। କାଳିକ ପଞ୍ଚାୟତର ରଙ୍ଗମାଟିଆ ଗାଁକୁ ହାତୀପଲ ଆସି ଭୋର ୪ଟା ସମୟରେ ମୋହନ ମାରାଣ୍ଡିଙ୍କ ରୋଷେଇ ଘର କାନ୍ଥକୁ ଭାଙ୍ଗିଥିବା ଜଣାଯାଇଛି। ଫଳରେ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ହାତୀ ଗୁଡିକ ୮ ଦିନ ତଳେ ମୟୂରଭଞ୍ଜ ଜିଲାରୁ ଆସି ରାଇବଣିଆ ଜଂଗଲରେ ରହିଛନ୍ତି। ଦିନ ତମାମ ଘଂଚ ଜଂଗଲରେ ରହୁଥିବା ବେଳେ ରାତି ହେଲେ ପାଖ ଗାଁକୁ ଆସି ଚାଷଜମିରୁ ଫସଲ ଖାଉଛନ୍ତି। ଆଜି ଙଗାମାଟିଆ, ସୁରେଇସାହି, ବାଗବୁଡା, ଭାଡ୍ରାପଦା ଇତ୍ୟାଦି ଗାଁ ନିକଟ ଜଂଗଲରେ ରହିଥିବାବେଳେ ବନ ବିଭାଗ ପକ୍ଷରୁ ଗ୍ରାମବାସୀଙ୍କୁ ସଚେତନ କରାଯାଇଛି। ହାତୀ ଗୁଡିକ ବିଭିନ୍ନ ଦଳରେ ବିଭକ୍ତ ହେଉଥିବାବେଳେ ମୁଖ୍ୟତଃ ୨ଟି ଦନ୍ତା ସେମାନଙ୍କର ନେତୃତ୍ୱ ନେଉଛନ୍ତି। ବନପାଳ ପ୍ରହଲାଦ ନାଇକଙ୍କ ନେତୃତ୍ୱରେ ୪ଟି ଟିମ ଗଠନ କରାଯାଇ ହାତୀ ମାନଙ୍କ ଗତିବିଧି ଉପରେ ସତର୍କ ଦୃଷ୍ଟି ରଖାଯାଇଛି। ଜଂଗଲ ପାଖ ଗାଁ ଗୁଡିକରେ ବିଦ୍ୟୁତ ସରବରାହ ବନ୍ଦ ରଖାଯାଇଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ଅନ୍ଧକାର ରେ ରହୁଛନ୍ତି। କାଳିକ ପଞ୍ଚାୟତର ରଙ୍ଗମାଟିଆ ଗାଁରେ ମୋହନ ମାରାଣ୍ଡିଙ୍କ ରୋଷେଇ ଘର କାନ୍ଥକୁ ହାତୀମାନେ ଭାଙ୍ଗିଥିବା ବେଳେ ପରିବାର ଲୋକେ ଅଳ୍ପକେ ରକ୍ଷା ପାଇଛନ୍ତି। ହାତୀ ଗୁଡିକ ଗାଁ ମୁହାଁ ନହେବାର ସ୍ଥାୟୀ ସମାଧାନ ଲାଗି ପୂର୍ବରୁ ଖୋଳାଯାଇ ଥିବା ଟ୍ରେଞ୍ଚ ର ପୁନଃଉଦ୍ଧାର ଓ ପ୍ରସ୍ତାବିତ ନୂତନ ଟ୍ରେଞ୍ଚ ଖୋଳିବା ସହିତ ପର୍ଯ୍ୟାପ୍ତ ବାଉଁଶ ଜଂଗଲ ସୃଷ୍ଟି କରାଯିବାକୁ ଦାବି ହେଉଛି।

# ପୂର୍ବଶତ୍ରୁତାରୁ ଗଣ୍ଡଗୋଳ, ୬ ଗିରଫ

ସୋର, ୨୧।୧୦ (ସମିସ): ସୋର ଥାନା ଅନନ୍ତପୁର ପଞ୍ଚାୟତ ଅଇଁରୀ ଗ୍ରାମରେ ଗତକାଲି ରାତିରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଗଣ୍ଡଗୋଳ ହୋଇଥିବା ବେଳେ ସୋର ପୁଲିସ ଉଭୟ ପକ୍ଷରୁ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଇଁରୀ ଗ୍ରାମର ଦେବବ୍ରତ ବିଶ୍ୱାଳଙ୍କ ସହିତ ବର୍ତନା ଗ୍ରାମର ସଞ୍ଜୟ କୁମାର ପାତ୍ରଙ୍କ ପୂର୍ବ ଶତ୍ରୁତା ଥିଲା। ତେବେ ଗତକାଲି ରାତିରେ ସଞ୍ଜୟ ଅଇଁରୀ ଗ୍ରାମରେ ଅନ୍ୟ ମାନଙ୍କ ସହିତ ଯାଉଥିବା ବେଳେ ସେଠାରେ ଗଣ୍ଡଗୋଳ ହୋଇଥିଲା। ଫଳରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରୁଥିବା ଭଦ୍ରକ ହଳଦିଆ ଅଞ୍ଚଳର ଶସଧର ରାଉଳ (୪୨) ଆହତ ହୋଇଥିଲେ। ଖବର ପାଇ ଅନନ୍ତପୁର ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛଅ ଜଣଙ୍କୁ ଥାନାକୁ ଆଣି ଅଟକ ରଖିଥିଲା। ଏ ବାବଦରେ ଉଭୟ ପକ୍ଷରୁ ସୋର ଥାନାରେ ଅଭିଯୋଗ ହେବାପରେ ପୁଲିସ ଦୁଇଟି ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଅପରାହ୍ନରେ ଥାନାରେ ଅଟକ ଥିବା ଅଇଁରୀ ଗ୍ରାମର ଦେବବ୍ରତ ବିଶ୍ୱାଳ (୨୨), ରମେଶ ପରିଡା (୩୬), ଦିଗବିଜୟ ବାରିକ (୨୧), ବର୍ତନା ଗ୍ରାମର ସଞ୍ଜୟ ପାତ୍ର (୨୦), ଅରଡ଼ା ଗ୍ରାମର ରାଜୁ ମଳିକ (୨୩) ଏବଂ ଭଦ୍ରକ ହଳଦିଆ ଗ୍ରାମର ଶସଧର ରାଉଳ (୪୨)କୁ ଗିରଫ କରିଥିଲେ। ପୁଲିସ ଶସଧର ନିକଟରୁ ଏକ ବନ୍ଧୁକ ଏବଂ ବାଇକକୁ ଜବତ କରିଥିଲା। ସନ୍ଧ୍ୟାରେ ସୋର ମେଡିକାଲରେ ସମସ୍ତଙ୍କର ଡାକ୍ତରୀ ମାଇନା ପରେ ପୁଲିସ ସମସ୍ତଙ୍କୁ କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ମାନଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ପୁଲିସ ସୂଚନା ଦେଇଛି।

# କଂଗ୍ରେସର ସାଂଗଠନିକ ବୈଠକ

ଭୋଗରାଇ,୨୧।୧୦(ସମିସ): ଭୋଗରାଇ ବ୍ଲକ ମନ୍ଦାରସାହି ପଞ୍ଚାୟତର କାଳାହି ଗ୍ରାମର ଦେବବ୍ରତ ଦାସ ମହାପାତ୍ରଙ୍କ ବାସଭବନରେ କଂଗ୍ରେସର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କଂଗ୍ରେସର ହାତମୁଠାକୁ ଟାଣ କରିବା ପାଇଁ ତୃଣମୂଳଠାରୁ ସଂଗଠନକୁ ମଜବୁତ କରିବା ଆଦି କଂଗ୍ରେସ ନେତା ମାନେ ଆହ୍ୱାନ ଦେଇଥିଲେ। ପଞ୍ଚାୟତର ନୂତନ ସଭାପତି ଦେବବ୍ରତ ଦାସ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୩୩ ନମ୍ବର ଜୋନର ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ମନ୍ଦାର ସାହି ସରପଞ୍ଚ ମମତା ସାହୁ, କଂଗ୍ରେସର ପୂର୍ବତନ ପଞ୍ଚାୟତ ସଭାପତି ଅତୁଲ ଜେନା, ଶଶାଙ୍କ ଗିରି, ଅତୁଲ ଚନ୍ଦ୍ର ମହାନ୍ତି, ନାଏବ ସରପଞ୍ଚ ସୁଦର୍ଶନ ଗିରି, ଦିଲବର ଶାହା, ସରସ୍ୱତୀ ଗିରି, ସୁଭଦ୍ରା ପାତ୍ର, ବିଜୟ ତୋଲା, ଯୋଗେଶ୍ୱର ସାହୁ, ଧରଣୀ ଜେନା, ହରିଶ ଚନ୍ଦ୍ର ଗିରି, ସରୋଜ ଦାସ, ସୁବଳ ମହାନ୍ତି, ପରେଶ ଦାସ ମହାପାତ୍ର ପ୍ରମୁଖ ଉପସ୍ଥିତ ହୋଇ ସଂଗଠନ ବାବଦରେ ଆଲୋଚନା କରିଥିଲେ। ଏଥିରେ ସମସ୍ତ ପଞ୍ଚାୟତର କଂଗ୍ରେସ କର୍ମୀମାନେ ଅଂଶଗ୍ରହଣ କରିଥିଲେ।

# ଶ୍ରମିକ ସଂଗଠନର ବନ୍ଧୁମିଳନ

ବାଲେଶ୍ୱର,୨୧।୧୦(ସମିସ): ଷ୍ଟେସନ କ୍ଲବଠାରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଶ୍ରମିକ ସଂଗଠନ ମଧ୍ୟରୁ ଧାମରା ଶ୍ରମିକ ସଂଗଠନ ପକ୍ଷରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ହିନ୍ଦ୍ ମଜଦୁର ସଭାର ସଭାପତି ଅରୁଣ କୁମାର ସ୍ୱାଇଁ ସଭାପତିତ୍ୱ କରି ଆଗାମୀ ଦିନରେ ହିନ୍ଦ୍ ମଜଦୁର ସଭା ଶ୍ରମିକ ମାନଙ୍କର ନ୍ୟାର୍ଯ୍ୟ ଦାବି ପାଇଁ ଲଢେଇ ଜାରି ରଖିବ ବୋଲି କହିଥିଲେ। ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ପୌରପାଳିକାର ପୂର୍ବତନ ଅଧକ୍ଷ ଆଲୋକ ସାହୁ, ଆଇନଜୀବୀ ସୁଧାଂଶୁ ଶେଖର ଦାସ, ପ୍ରିୟବ୍ରତ ନାୟକ, ତୁଷାର ନାୟକ, ଯୁବନେତା ପପୁ ଲେଙ୍କା, ଶ୍ରମିକ ନେତା ଶାନ୍ତନୁ ଦାସ, ଶ୍ରୀକାନ୍ତ ବାଗୁଡେଇ, ହ୍ରିତିକ ନାୟକ, ନରହରି ମହାଲିକ, ରାକେଶ ଦାସ, ଅଭୟ ଦାସ, ଯୋଗେନ୍ଦ୍ର ତାପସି, ମନୋଜ ପୃଷ୍ଟି ଓ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ଶ୍ରମିକମାନେ ଉପସ୍ଥିତ ଥିଲେ।

# କୁଣ୍ଡଳୀରେ କାଳୀପୂଜା ଓ ରକ୍ତଦାନ ଶିବିର

ଲଙ୍ଗଳେଶ୍ୱର, ୨୧।୧୦ (ସମିସ) : ବାଲିଆପାଳ ବ୍ଲକ କୁଣ୍ଡଳୀ ମହାମାୟା ମାର୍କେଟ ରେ କାଳୀପୂଜା ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ରକ୍ତଦାନ ଶିବିର ସମାଜସେବୀ ଭିଷ୍ମ ଚରଣ ମଲ୍ଲିକଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ ଯୋଗଦେଇ ଶିବିରକୁ ଉଦଘାଟନ କରିଥିବା ବେଳେ ଶିକ୍ଷାବିତ ବନମାଳୀ ସାହୁ, ବରିଷ୍ଠ ପାଲା ଗାୟକ ରାମହରି ଜେନା, ଅମିୟ ରଞ୍ଜନ ଜେନା, ଡାକ୍ତର ସୂର୍ଯ୍ୟ ପ୍ରକାଶ ରାଉତରାୟ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ବାଲେଶ୍ୱର ରକ୍ତଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ଏହି ଶିବିରରୁ ୨୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। କମଳାକାନ୍ତ ପଟ୍ଟାୟତ, ମନ୍ଦୋଦରୀ ବେହେରା, ଅଞ୍ଜନା ମଲ୍ଲିକ, ଯମୁନା ମଣୀ ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ।

# ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ; ଡିଜେ ଲଭର ଚାମ୍ପିଅନ

ବାଲିଆପାଳ, ୨୧।୧୦ (ସମିସ)



ବାଲିଆପାଳ ବ୍ଲକ ଦେଭୋଗ ପଞ୍ଚାୟତ ବିଷ୍ଣୁପୁର ଗ୍ରାମର ବୁଢ଼ୀ ବରଗଛ ଖେଳପଡ଼ିଆଠାରେ ଦୀପାବଳି ଏବଂ କାଳୀପୂଜା ଅବସରରେ ଶ୍ରୀରାମପୁର ପଞ୍ଚାୟତର ମଇଁଷାମୁଣ୍ଡା ଆଦିବାସୀ ମା' ଭଗବତୀ କ୍ଲବ ଆନୁକୂଲ୍ୟରେ ଦୁଇ ଦିନ ଧରି ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ସୋମବାର ଉଦଯାପିତ ହୋଇଯାଇଛି । ଟୁର୍ଣ୍ଣାମେଣ୍ଟରେ ୧୬ଟି ଫୁଟବଲ୍ ଦଳ ଅଂଶଗ୍ରହଣ କରିଥିଲେ। ଚିତ୍ତାକର୍ଷକ ଫାଇନାଲ ଖେଳରେ ଗଜାନନ ଏଫ. ସି. ଛଡ଼ା ଦଳକୁ ହରାଇ ଡ଼ି. ଜେ. ଲଭର (ମୟୂରଭଞ୍ଜ) ଦଳ ଚାମ୍ପିଅନ ହୋଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ଫୁଟବଲ୍ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆଦିବାସୀ ଗୁରୁଜନ, ଯୁବକ ଓ ମହିଳା ମାନେ ବିଧାୟିକା ଶ୍ରୀମତୀ ଜେନାଙ୍କୁ ପାରମ୍ପରିକ ବାଦ୍ୟ ବଜାଇ ନାଚି ନାଚି ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧିତ କରିଥିଲେ। ମଇଁଷାମୁଣ୍ଡା ଆଦିବାସୀ ସାହି ମା' ଭଗବତୀ ଅନୁଷ୍ଠାନର ସଭାପତି ରାମ ବେଶ୍ରା ଉତ୍ସବରେ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଶ୍ରୀରାମପୁର ପଞ୍ଚାୟତର ସରପଞ୍ଚ ଦେବ କୁମାର ଦେ, ସମିତି ସଦସ୍ୟାଙ୍କ ପ୍ରତିନିଧି ଭଜନ ବେହେରା, ବିଷ୍ଣୁପୁର ଗ୍ରାମର ମୁଖ୍ୟ ଅବସରପ୍ରାପ୍ତ ସେନାଧିକାରୀ ତ୍ରିଭୁବନ ନାଥ, ଦେଭୋଗ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ମୃତ୍ୟୁଞ୍ଜୟ ନାୟକ, ଶ୍ରୀରାମପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ବିଜୟ କୃଷ୍ଣ ବେହେରା, ପୂର୍ବତନ ସମିତି ସଦସ୍ୟ ଝାଡ଼େଶ୍ୱର ବେହେରା, ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ଥିଲେ । ରେଫରି ଭାବେ ପ୍ରୀତମ ମାଝୀ, ମୋହନ ବେଶ୍ରା,ଏବଂ କାଳି ଚରଣ ମୁର୍ମୁ ପ୍ରମୁଖ ଖେଳକୁ ପରିଚାଳନା କରିଥିଲେ। ମଇଁଷାମୁଣ୍ଡା ଆଦିବାସୀ ସାହି ମା' ଭଗବତୀ କ୍ଲବର ସଦସ୍ୟମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ। ଫୁଟବଲ୍ ଖେଳକୁ ଉପଭୋଗ କରିବାକୁ ଆଖ ପାଖ ଅଞ୍ଚଳରୁ ବହୁ ଜନ ସମାଗମ ଦେଖିବାକୁ ମିଳିଥିଲା।

## ଆରମ୍ଭ ହେଲା ପ୍ରସିଦ୍ଧ ତିଗିରିଆ ଶ୍ୟାମାକାଳୀ ପୂଜା

# ୧୭ ମଣ୍ଡପରେ ପୂଜା ପାଉଛନ୍ତି ମା' କାଳୀ





ତିଗିରିଆ,୨୧।୧୦(ସମିସ)

ଆଠଗଡ ଉପଖଣ୍ଡ ପ୍ରସିଦ୍ଧ ତିଗିରିଆ ଶ୍ୟାମାକାଳୀ ପୂଜା ସୋମବାରଠାରୁ ଆରମ୍ଭ ହୋଇଛି। ଏଥିନେଇ ସଜେଇ ହୋଇଛି ତିଗିରିଆ ବ୍ଲକ ହେଡକ୍ୱାର୍ଟର ନିଜିଗଡ ଗ୍ରାମ। ଗ୍ରାମର ଗୋହିରିମୁଣ୍ଡା ଛକ ଠାରୁ ରାଜବାଟୀ ଦୀର୍ଘ ୧.୫ କିମି ମୁଖ୍ୟରାସ୍ତା ଓ ସମସ୍ତ ଗଳିକନ୍ଦିରେ ଏବେ କେବଳ ଆଲୋକମାଳା, ପୂଜାମଣ୍ଡପ ଓ ବିଗ୍ରହ। ସୋମବାର ଠାରୁ ୧୧ ଦିନ ପର୍ଯ୍ୟନ୍ତ ହେବାକୁ ଥିବା ଏହି କାଳୀପୂଜାକୁ ଯାକଯମକର ସହିତ ପାଳନ ନେଇ ନିଜିଗଡ ଗ୍ରାମର ୧୭ଟି ପୂଜାମଣ୍ଡପର କର୍ମକର୍ତ୍ତା ତଥା କାଳୀପୂଜାକୁ ଶାନ୍ତିଶୃଙ୍ଖଳା ମଧ୍ୟରେ ପାଳନ କରିବା ପାଇଁ ତିଗିରିଆ ବ୍ଲକ, ତହସିଲ, ଥାନା ତଥା ଅନ୍ୟାନ୍ୟ ବିଭାଗର ଉତ୍ତମ ସହଯୋଗରେ ଆରମ୍ଭ ହୋଇଛି ପ୍ରତିଯୋଗିତା ପୂର୍ଣ୍ଣ ଶ୍ୟାମାକାଳୀ ପୂଜା। ପୂଜା ଆଉ ଦିନେ ଦୁଇଦିନ ମଧ୍ୟରେ ଜମିବାର ଥିଲେ ହେଁ ଆଜିଠାରୁ କଟକ, ଯାଜପୁର, ନୟାଗଡ, ଢେଙ୍କାନାଳ ଆଦି ଅଞ୍ଚଳର ନାମିଦାମୀ ଫାଷ୍ଟଫୁଡ ଦୋକାନ ଠାରୁ ଆରମ୍ଭ କରି ବିଭିନ୍ନ ନାମୀଦାମୀ କମ୍ପାନୀର ଆଇସକ୍ରୀମ ଓ ଥଣ୍ଡାର ପସରା ଆରମ୍ଭ ହୋଇସାରିଛି। ଆସନ୍ତା ଦିନେ ଦୁଇଦିନ ପରେ ପ୍ରତିଦିନ ହଜାର ହଜାର ଦର୍ଶକମାନଙ୍କ ଉପସ୍ଥିତି ତିଗିରିଆର ଶ୍ୟାମାକାଳୀ ପୂଜାକୁ ଆହୁରି ଲୋକଭିମୁଖୀ କରିବ ବୋଲି ଆଶା ରହିଛି। ସୂଚନା ମୁତାବକ ସୋମବାର ଠାରୁ ତିଗିରିଆ ବ୍ଲକର ସଦର ମହକୁମା ନିଜିଗଡ ଗ୍ରାମରେ ଆୟୋଜିତ ହେଉଥିବା ପ୍ରସିଦ୍ଧ ଶ୍ୟାମାକାଳୀ ପୂଜା ପାଇଁ ସଂପୂର୍ଣ୍ଣ ନିଜିଗଡ ଗ୍ରାମଟି ସଜେଇ ହେବା ସହ ଗାଁର ସମୁଦାୟ ୧୭ଟି ସ୍ଥାନରେ ପୂଜା ପାଇବାକୁ ଥିବା ଶ୍ୟାମାକାଳୀ ଓ ହରପାର୍ବତୀଙ୍କ ସମେତ ଅନ୍ୟାନ୍ୟ ପାଶ୍ୱର୍ ଦେବାଦେବୀଙ୍କ ବିଗ୍ରହ

**● ଆଲୋକମାଳାରେ ଝଲସୁଛି ତିଗିରିଆ ଟାଉନ**

**● ଜମିଲାଣି ବ୍ୟବସାୟ; ଫାଷ୍ଟଫୁଡ୍ ଦୋକାନରେ ଭିଡ଼**

ନିର୍ମାଣ ସରିଛି। ରବିବାର ସଧ୍ୟାସୁଦ୍ଧା ସମସ୍ତ ମଣ୍ଡପର ବିଗ୍ରହ ନିର୍ମାଣ ସହ ରାସ୍ତାଘାଟ ସଫେଇ, ସାହି ଗଳିକନ୍ଦିର ଆଲୋକୀକରଣ ବ୍ୟବସ୍ଥାକୁ ଶେଷ କରାଯାଇଛି। ଚଳିତ ବର୍ଷ ତିଗିରିଆ ନିଜିଗଡ ଗ୍ରାମର ଥାନା ଛକ ସ୍ଥିତ କାଳୀମେଢ, ରାଜବାଟୀର ଶିବ ମେଢ, ତଳଗଡ ମଝିସାହି, ତଳଗଡ ନୂଆସାହି, ପାଖଲୋକସାହି, ମଡେଲ ବସ୍ତି, ବ୍ରାହ୍ମଣ ସାହି, ବଡଦାଣ୍ଡ ସାହି, ମହାବୀର ବଜାର, ମହାରାଜା କ୍ଲବ, ମୁଣ୍ଡିଆ ସାହି, ନବୀସ ସାହି, ଉପରଗଡ ନୂଆସାହି, ଗାନ୍ଧୀ ସାହି, ଶବର ସାହି ଓ ହରିଜନ ସାହି ଠାରେ ୧୭ଟି ପୂଜା ମଣ୍ଡପ ପକ୍ଷରୁ ହରପାର୍ବତୀ ଶ୍ୟାମାକାଳୀ ଓ ଅନ୍ୟାନ୍ୟ ପାଶ୍ୱର୍ଦେବାଦେବୀଙ୍କ ବିଗ୍ରହ ପ୍ରତିଷ୍ଠା କରାଯାଇ ଥିବା ବେଳେ ଗ୍ରାମର ଗୋହିରିଦ୍ୱାର ଛକ ଠାରୁ ରାଜବାଟୀ ପର୍ଯ୍ୟନ୍ତ ଦୀର୍ଘ ୧.୫ କିମିର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାଶ୍ୱର୍ର ବିଭିନ୍ନ କିସମର ଆଲୋକମାଳରେ ସୁସଜ୍ଜିତ କରାଯାଇଛି। ନିଜିଗଡର ବିଭିନ୍ନ ସ୍ଥାନରେ ୧୪ଟି ସୁଉଚ୍ଚ ଆଲୋକ ଗେଟ ଚଳିତ ବର୍ଷ କାଳୀପୂଜାକୁ ବେଶ ଆକର୍ଷଣୀୟ କରିଛି। ଅନ୍ୟପକ୍ଷରେ ଯାତ୍ରା ଜମିବାକୁ ଆହୁରି ୨ ରୁ ୩ ଦିନ ବାକି ଥିଲାବେଳେ କଟକ, ନୟାଗଡ, ଢେଙ୍କାନାଳ, ଅନୁଗୁଳ, ଯାଜପୁର ଆଦି ଅଞ୍ଚଳର ବଡବଡ ଫାଷ୍ଟଫୁଡ ବ୍ୟବସାୟୀ ତଥା ବିଭିନ୍ନ ପ୍ରକାରର ଆଇସକ୍ରିମ ଷ୍ଟଲ ଗୁଡିକ ଖୋଲିଯାଇଥିବାରୁ ଦିନ ତମାମ ସ୍ଥାନୀୟ କଲେଜ ଛାତ୍ରଛାତ୍ରୀ ଓ ସନ୍ଧ୍ୟା ପରେ ପ୍ରଚୁର ଜନଗହଳି ଲାଗି ରହୁଛି।

## ଯୁବକଙ୍କ ଆତ୍ମହତ୍ୟା

ଆଠଗଡ଼,୨୧।୧୦(ସମିସ): ଖୁଣ୍ଟୁଣୀ ଥାନାରୁ ଅଳ୍ପ କିଛି ଦୂର ଘଣ୍ଟିଖାଲ ସନ୍ନିକଟ ସୁବାସୀ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ସକାଳେ ଜଣେ ଯୁବକଙ୍କ ମୃତଦେହକୁ ଏକ ଗଛଡାଳରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ପୁଲିସ ଘଟଣାସ୍ଥଳରେ ଅନୁଧ୍ୟାନ କରିବା ସହ ଡାକ୍ତରଖାନାରେ ଏକ ଅପମୃତ୍ୟୁ ମାମଲାରେ ବ୍ୟବଚ୍ଛେଦ କରାଯାଇଛି। ମୃତ ଯୁବକଙ୍କ ନାମ ଅଶୋକ ମାଝୀ ଓ ତାଙ୍କ ଘର ନୂଆପଡ଼ା ଜିଲ୍ଲା ଅଞ୍ଚଳରେ। ମୃତ ଯୁବକ ମାନସିକ ଅସୁସ୍ଥତା ଯୋଗୁଁ ଗତ ୧୨ଦିନ ହେବ ଘରୁ ପଳାଇ ଆସିଥିଲେ।

## ଅଜଗର ସାପ ଉଦ୍ଧାର

ଆଠଗଡ଼,୨୧।୧୦(ସମିସ): ମଙ୍ଗଳବାର ଅପରାହ୍ନରେ ଆଠଗଡ଼ ନିକଟବର୍ତ୍ତୀ ଶୋଳଘରିଆ ଗ୍ରାମରୁ ଏକ ୭ ଫୁଟ ଲମ୍ବର ଅଜଗରକୁ ଆଠଗଡ଼ ବନବିଭାଗ ପକ୍ଷରୁ ଉଦ୍ଧାର କରାଯାଇଛି। ସାପଟି ଗୋଟିଏ କୂଅରେ ପଡିଥିବା ବେଳେ ସ୍ଥାନୀୟ ଲୋକେ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବନବିଭାଗ ପକ୍ଷରୁ ଉଦ୍ଧାରକାରୀ ଟିମ୍ ପହଞ୍ଚି ସାପଟିକୁ ଉଦ୍ଧାର କରି ଅଡାଳ ସଂରକ୍ଷିତ ଜଙ୍ଗଲରେ ଛାଡି ଦେଇଥିବା ବିଭାଗ ପକ୍ଷରୁ କୁହାଯାଇଛି।

## ସର୍ଟସର୍କିଟରୁ ଅଗ୍ନିକାଣ୍ଡ

ନରସିଂହପୁର,୨୧।୧୦(ସମିସ): ନରସିଂହପୁର ବ୍ଲକ ବାଲିପୁଟ ଗ୍ରାମର କାଳିଆ ବେହେରାଙ୍କ ଘରେ ସୋମବାର ବିଦ୍ୟୁତ ସର୍ଟସର୍କିଟ ହୋଇ ଅଗ୍ନିକାଣ୍ଡ ଘଟି ବିଭିନ୍ନ ଘରକରଣା ସାମଗ୍ରୀ ଓ ଆବଶ୍ୟକ କାଗଜପତ୍ର ପୋଡିଯାଇଛି। ନରସିଂହପୁର ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ନିର୍ବାଣ ଦିବସ



ବଡମ୍ବା,୨୧।୧୦(ସମିସ): ବଡମ୍ବା ପ୍ରାଣଯୋଗ ପ୍ରତିଷ୍ଠାନର ମହର୍ଷି ଦୟାନନ୍ଦ ଯଜ୍ଞ ମଣ୍ଡପରେ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ୧୪୨ତମ ନିର୍ବାଣ ଦିବସରେ ଯଜ୍ଞ, ଧ୍ୟାନ, ଯୋଗ, ପ୍ରାଣାୟାମ ସହିତ ସନ୍ଧ୍ୟାରେ ବେଦ ମନ୍ତ୍ର ଜରିଆରେ ଦୀପ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବଡମ୍ବା ଆର୍ଯ୍ୟ ସମାଜର ସମସ୍ତ ସଦସ୍ୟ, ସଦସ୍ୟା ଉପସ୍ଥିତ ଥିଲେ। ପ୍ରାଣଯୋଗ ପ୍ରତିଷ୍ଠାନର ଅଧ୍ୟକ୍ଷ ବିଜ୍ଞାନ କବି ଚନ୍ଦ୍ରଶେଖର ମହାନ୍ତିଙ୍କର ପୌରହିତ୍ୟରେ ସମସ୍ତ କାର୍ଯ୍ୟକ୍ରମ ସୂଚାରୁ ରୂପେ ପାଳନ କରାଯାଇଥିଲା। ପ୍ରତିଷ୍ଠାନର ସହକାରୀ ଅଧ୍ୟକ୍ଷା ବେଦ ଆଚାର୍ଯ୍ୟା ପ୍ରବୀଣା ମହାନ୍ତି "ବେଦ ମନ୍ତ୍ର ବିଶ୍ୱର ପ୍ରଥମ ବିଜ୍ଞାନ ସୂତ୍ର' ପ୍ରସଙ୍ଗ ଏବଂ ଦୟାନନ୍ଦ ସରସ୍ୱତୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।

## ଅବସରପ୍ରାପ୍ତ ଜିଲ୍ଲା ଜଜ୍ ଶିରିଶ ମିଶ୍ରଙ୍କ ପରଲୋକ



କଟକ,୨୧।୧୦(ସମିସ): ଅବସରପ୍ରାପ୍ତ ଜିଲ୍ଲା ଜଜ ଶିରିଶଚନ୍ଦ୍ର ମିଶ୍ରଙ୍କ ୮୨ବର୍ଷ ବୟସରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ତାଙ୍କର ମୃତ୍ୟୁଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ସ୍ୱର୍ଗତ ମିଶ୍ରଙ୍କ ଭୁବନେଶ୍ୱର କଳିଙ୍ଗ ବିହାରସ୍ଥିତ ବାସଭବନକୁ ବହୁ ବିଶିଷ୍ଟ ବ୍ୟକ୍ତି ଯାଇ ମରଶରୀରକୁ ଶେଷ ଦର୍ଶନ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ମିଶ୍ର ଓଡିଶା ବିଚାର ବିଭାଗ ସେବାରେ ଯୋଗଦେଇ ବିଭିନ୍ନ ପଦପଦବୀରେ ଦକ୍ଷତାର ସହ କାର୍ଯ୍ୟ କରି କଟକ ଜିଲ୍ଲା ଏବଂ ଦୌରା ଜଜ୍ ଭାବରେ ଅବସର ନେଇଥିଲେ। ସେ ଖୋର୍ଦ୍ଧା ଜିଲ୍ଲା ଖାଉଟି ଅଦାଲତ ସଭାପତି ସହ ସିକ୍କିମ ଲୋକାୟୁକ୍ତର ଲୋକପାଳ ଭାବରେ ୫ବର୍ଷ ରହିଥିଲେ। ଅବସରପ୍ରାପ୍ତ ଜିଲ୍ଲା ଜଜ ସଂଘ ଏବଂ ଅନ୍ୟାନ୍ୟ ଅବସରପ୍ରାପ୍ତ ନ୍ୟାୟିକ ଅଧିକାରୀ, ବନ୍ଧୁ ଏବଂ ସମ୍ପର୍କୀୟଙ୍କ ସମେତ ସାଂସଦ ପ୍ରଦୀପ ପାଣିଗ୍ରାହୀ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ତିଗିରିଆରେ ପୁଣି ମାତିଲେଣି ଗୋ-ତସ୍କର

# ୯ ଗାଈ ଉଦ୍ଧାର, ଜଣେ ଅଟକ

ତିଗିରିଆ,୨୧।୧୦(ସମିସ): ତିଗିରିଆ ଥାନା ଅନ୍ତର୍ଗତ କରଡ଼ାପଲ୍ଲୀ ଗ୍ରାମରୁ ରାଜ୍ୟ ତଥା ରାଜ୍ୟ ବାହାରକୁ ବେଆଇନ ଗୋ-ଚାଲାଣ ଓ ଗୋ ମାଂସ ଚାଲାଣ ପାଇଁ ଗତ କିଛିଦିନ ତଳେ ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ତତ୍କାଳୀନ ଏସପି ପ୍ରତିକ ସିଂ ଓ ଥାନା ଅଧିକାରୀ ସମରେନ୍ଦ୍ର ପାଇକରାୟଙ୍କ ଦ୍ୱାରା ଏହି ଗ୍ରାମରେ ଚଢ଼ଉ କରାଯାଇ ଏହି ଗୋ ମାଫିଆଙ୍କ କଳା ସାମ୍ରାଜ୍ୟକୁ ଧ୍ୱସ୍ତ ବିଧ୍ୱସ୍ତ କରାଯିବା ସହ ଅନେକ ଗୋ-ମାଫିଆଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ସେହିଦିନଠାରୁ ତିଗିରିଆରେ କିଛିଦିନ ହେବ ବେଆଇନ ଗୋ ଚାଲାଣ ଓ ଗୋ ମାଂସ ଚାଲାଣ ବନ୍ଦ ରହିବା ସହ ଗୋ-ମାଫିଆମାନେ ଛତ୍ରଭଙ୍ଗ ଦେଇଥିଲେ। ମାତ୍ର ଏସପି ପ୍ରତୀକ ସିଂ ଓ ଥାନା ଅଧିକାରୀ ସମରେନ୍ଦ୍ର ପାଇକରାୟଙ୍କ ଅନ୍ୟତ୍ର ବଦଳି ପରେ ଏବେ ପୁଣି ଗୋ ମାଫିଆମାନେ ସକ୍ରିୟ ହେବା ସହ ବ୍ୟବସାୟ ଆରମ୍ଭ କରିଥିବା ଜଣାପଡ଼ିଛି। ଜିଲ୍ଲା ଗ୍ରାମାଞ୍ଚଳ ଏସପି ବିନୀତ ଅଗ୍ରୱାଲଙ୍କ ନିର୍ଦ୍ଦେଶକ୍ରମେ ତିଗିରିଆ ଥାନା ଏସଆଇ ପ୍ରିୟଦର୍ଶିନୀଙ୍କ ନେତୃତ୍ୱରେ କରଡ଼ାପଲ୍ଲୀ ଗ୍ରାମରେ ଚଢ଼ଉ କରାଯାଇ ଚାଲାଣ ପାଇଁ ଥିବା ୯ଟି ଗାଈକୁ ଉଦ୍ଧାର କରାଯାଇଥିବା ବେଳେ ଗୋ-ବ୍ୟବସାୟରେ ସଂଶ୍ଳିଷ୍ଟ ଜଣେ ଗୋ-ମାଫିଆଙ୍କୁ ପୁଲିସ ଅଟକ ରଖିଥିବା ସୂଚନା ମିଳିଛି। ତିଗିରିଆ ଥାନା ଏଏସଆଇ ବିକାଶ ରଞ୍ଜନ ବିଶ୍ୱାଳ, ଏଏସଆଇ ଅରୁଣ ବେହେରାଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଓ ଅତିରିକ୍ତ ଫୋର୍ସ ଉପସ୍ଥିତ ଥିଲେ।

## କେନାଲକୁ ଖସିଲା ଅଟୋ; ମହିଳା ମୃତ

କନ୍ଦରପୁର,୨୧।୧୦(ସମିସ): କନ୍ଦରପୁର ଥାନା ମାଛ ଗାଁ କେନାଲ ରାସ୍ତାର କୁଲେଇସୁଣି ନିକଟରେ ଏକ ଅଟୋ ଭାରସାମ୍ୟ ହରାଇ ମାଛଗାଁ କେନାଲ ଭିତରକୁ ଖସି ପଡ଼ିବାରୁ ସେଥିରେ ଥିବା ଜଣେ ବୟସ୍କ ମହିଳାଙ୍କ ମୃତ୍ୟୁ ଘଟିଛି। ଉକ୍ତ ମହିଳା ଜଣକ ବିରିଡ଼ି ଥାନା ଅଧୀନସ୍ଥ ମହାତଳ ଗ୍ରାମର ରମା ମହାପାତ୍ର (୫୧)। ଅଟୋଟି ୫ ଜଣ ଯାତ୍ରୀଙ୍କୁ ନେଇ ବିରିଡ଼ି ଅଞ୍ଚଳକୁ ଯାଉଥିଲା। ଏଥିରେ ୪ ଜଣ ଯାତ୍ରୀ ଓ ଗାଡ଼ି ଚାଳକ ଜଣକ ଉଦ୍ଧାର ହୋଇଥିବାବେଳେ ମହିଳା ଜଣକ ପାଣିରେ ପଡ଼ି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି।

## ନଦୀରେ ବୁଡ଼ି ଜଣେ ମୃତ

କିଶନନଗର,୨୧।୧୦(ସମିସ): କିଶୋରନଗର ଥାନା କୋଟୁଁଆ ଗ୍ରାମର ଜଣେ ଆଦିବାସୀ କୁନୁ ସିଂ (୪୦) ନିକଟରେ ଥିବା ପାଇକା ନଦୀରେ ବୁଡ଼ି ପ୍ରାଣ ହରାଇଥିବା ଜଣାପଡିଛି। ରବିବାର ସନ୍ଧ୍ୟାରେ କୁନୁ ସିଂ ଉକ୍ତ ନଦୀରେ ଥିବା ଏକ ଅସ୍ଥାୟୀ ବାଉଁଶ ଚାରରେ ଘରକୁ ଫେରୁଥିବା ବେଳେ ପାଣିରେ ପଡିଯାଇଥିଲେ। ଘରକୁ ଫେରିବା ବିଳମ୍ବ ହେବାରୁ ଘର ଲୋକ ଖୋଜାଖୋଜି କରିଥିଲେ। ସେଇ ଚାର ବାଟେ ଯାଉଥିବା ଲୋକଙ୍କଠାରୁ ଖବର ପାଇ ପାଇକାରେ ଖୋଜାଖୋଜି କରିଥିଲେ। ବ୍ୟକ୍ତି ଜଣକ ପାଣିରେ ପଡି ଦଳ ଭିତରେ ପଶି ଯାଇଥିଲେ। ପରିବାର ଲୋକେ ତାକୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବଡ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡ଼ାକ୍ତର ତାକୁ ମୃତ ଘୋଷଣା କରିଥିଲେ। ଏନେଇ ଉକ୍ତ ଅସ୍ଥାୟୀ ବାଉଁଶ ଚାରକୁ ସେଠାରୁ ହଟେଇବା ପାଇଁ କୋଟୁଁଆ ଗ୍ରାମବାସୀ ଦାବି କରିଛନ୍ତି।

# ବିଭିନ୍ନ ସ୍ଥାନରେ ମା'କାଳୀ ପୂଜା ଓ ଦୀପାବଳି



ସାଲେପୁର,୨୧।୧୦(ସମିସ)

ରୋଧପୁର କାଳୀପୂଜା କମିଟି ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ମା'ଙ୍କର ପୂଜା ଯଥାବିଧିରେ ଅନୁଷ୍ଠିତ ହୋଇଥିଲା। ସେହିପରି ଲୁଣାହାର ଗ୍ରାମର ସୁନ୍ଦରଖାଁ ଶ୍ମଶାନରେ ମା' ଶ୍ମଶାନ କାଳୀଙ୍କର ପୂଜା ଅନୁଷ୍ଠିତ ହୋଇଥିବା ବେଳେ, ଅଲ୍ଲୀପୁର ଠାରେ ମା'ଯୋଗମାୟାଙ୍କର ପୂଜା ଅନୁଷ୍ଠିତ ହୋଇଥିଲା। ସେହିପରି ମହନାପୁର ସ୍ଥିତ ମା'କାଳୀଙ୍କ ମନ୍ଦିର, ପାଗା ହାଟସ୍ଥିତ ମା'କାଳୀଙ୍କ ମନ୍ଦିର ସମେତ ସାଲେପୁର ବ୍ଲକର ବିଭିନ୍ନ ସ୍ଥାନରେ ଦୀପାବଳି ଉତ୍ସବ ଓ ମା'କାଳୀଙ୍କ ପୂଜା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଯାଇଛି।

**ଟାଙ୍ଗୀ:** ହର୍ଷଉଲ୍ଲାସ ଓ ଆଲୋକର ପର୍ବ ପବିତ୍ର ଦୀପାବଳି ଓ ମା' କାଳୀଙ୍କ ଆରାଧନା ଟାଙ୍ଗୀ-ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ଟାଙ୍ଗୀ ଅଞ୍ଚଳରେ ଶ୍ରଦ୍ଧା ଏବଂ ଭକ୍ତିର ସହ ପାଳିତ ହୋଇଯାଇଛି। କୋଟସାହି ପଞ୍ଚାୟତ ଟାଙ୍ଗୀର ସାତ ସାହି ଦଳିତ ବସ୍ତି ପକ୍ଷରୁ ମିଳିତଭାବେ କାଳୀପୂଜା ଶାନ୍ତିଶୃଙ୍ଖଳାର ସହ ପାଳିତ ହେବା ଆଲୋଚ୍ୟର ବିଷୟ ପାଲଟିଛି। ପୂଜକ ସୁରେନ୍ଦ୍ର ଜେନା ପୂଜା ପରିଚାଳନା କରିଥିବାବେଳେ ନାରାୟଣ ସାମଲ, ଦିଲ୍ଲୀପ ଚିନ୍ନାରା, ରାଜକିଶୋର ସାମଲ, ପରମେଶ୍ୱର ମଲ୍ଲିକ ଓ ସମୀର ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ନିଶ୍ଚିନ୍ତକୋଇଲି:** ପବିତ୍ର ଦୀପାବଳି ଅବସରରେ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ନତକାଇ ଶକ୍ତିଶ୍ୱର ପୀଠ ମା' ଦକ୍ଷିଣେଶ୍ୱରୀ କାଳୀ ମନ୍ଦିରରେ ଯଥାରୀତି ପୂଜାର୍ଚ୍ଚନା କରାଯିବା ସହ ରାତ୍ରିରେ ଚଣ୍ଡିପାଠ ଏବଂ ମା' କାଳୀଙ୍କ ଷୋଡଶ ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା। ପୂଜକ ଘନଶ୍ୟାମ ପାଢୀ ଏବଂ ତାଙ୍କ ସହଯୋଗୀ ପରିଚାଳନା କରିଥିଲେ। କର୍ତ୍ତା ଭାବେ ଲୋପାମୁଦ୍ରା ବେହେରା କାର୍ଯ୍ୟ ତୁଲାଇଥିଲା ବେଳେ ଆନନ୍ଦଧାମ ଟ୍ରଷ୍ଟ ପକ୍ଷରୁ ରମେଶ ଚନ୍ଦ୍ର ସ୍ୱାଇଁ, ରାଜେନ୍ଦ୍ର ବାରିକଙ୍କ ସମେତ ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ବାବୁଜଙ୍ଗଠାରେ ଥିବା ଦକ୍ଷିଣକାଳୀ ମନ୍ଦିରରେ ମା' କାଳୀଙ୍କ ଯଥାରୀତି ପୂଜାର୍ଚ୍ଚନା କରାଯାଇଛି। ପଣ୍ଡିତ ନିତ୍ୟାନନ୍ଦ ଦାସ, ପଣ୍ଡିତ ସଚ୍ଚିକାନ୍ତ ତ୍ରିପାଠୀଙ୍କ ଦ୍ୱାରା ସମସ୍ତ ପୂଜାର୍ଚ୍ଚନା କରାଯାଇଥିଲା ବେଳେ ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନରେନ୍ଦ୍ର ବାରିକ, ଜିଲ୍ଲା ପରିଷଦ ସଭ୍ୟା ଶୁଭଶ୍ରୀ ମହାନ୍ତି, ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ବିଜୟ ରାଉତ, ଜମ୍ବେଶ୍ୱର ବେଉରା, ସୁନାକର ସାହୁ, ଦୁର୍ଗାପ୍ରସାଦ ଦାସ ପ୍ରମୁଖ ଯୋଗଦେଇ ପୂଜାର୍ଚ୍ଚନାରେ ଉପସ୍ଥିତ ହୋଇ ମା'ଙ୍କ ସାନ୍ନିଧ ଲାଭ କରିଥିଲେ। ସେହିପରି ପାଟପୁର ପିଏନ୍‌ବି ନିକଟରେ ଥିବା ମା' କାଳୀ ମନ୍ଦିରରେ ଦୀପାବଳି ଦିନ ସମାରୋହରେ ମା' କାଳୀଙ୍କ ଯଥାରୀତି ପୂଜାର୍ଚ୍ଚନା କରାଯାଇଛି। ଏଥିରେ କର୍ତ୍ତା ଭାବେ ଚିନ୍ମୟ ବିଶ୍ୱାଳ ଅଧିଷ୍ଠିତ ହୋଇ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ଚୌଦ୍ୱାର:** ଐତିହାସିକ ବଧୀ କୁଦ ନିକଟ ଶ୍ମଶାନ କାଳୀ ମନ୍ଦିରରେ ମା ଶ୍ୟାମାଙ୍କର ଷୋଡଶ ଉପଚାର ପୂଜା ସାଙ୍ଗକୁ ମହାଯଜ୍ଞ ଓ ୧୦୦୮ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶ୍ମଶାନରେ ମନ୍ଦିର ପ୍ରତିଷ୍ଠା କରାଯାଇ ଆଜକୁ ୪୦ ବର୍ଷ ଧରି ପୀଠରେ ଅନୁଷ୍ଠିତ ହେଉଥିବା ଏହି ପୂଜାରେ ଦେବୀ ଦର୍ଶନ ଓ ଭୋଗରାଗ ପାଇଁ ବହୁ ଜନସମାଗମ ହୋଇଥିଲା। ଅନୁରୂପ ଭାବେ ବଧୀ ମଠରେ ଙ୍ଗ ଜ୍ଞାନେନ୍ଦ୍ର ସ୍ୱାଇଁଙ୍କ ଦ୍ୱାରା ଅନୁଷ୍ଠିତ କାଳୀ ପୂଜାରେ ବହୁ ଶ୍ରଦ୍ଧାଳୁ ମା'ଙ୍କ ବିଭୁକୃପା ଲାଭ କରିଥିଲେ। ସେହିପରି ଭାବେ ଥର୍ମାଲ ରୋଡ, ଚାରବାଟିଆସ୍ଥିତ ବିରାଟ ବଜାର, ଥର୍ମାଲ ରୋଡସ୍ଥିତ କାଳୀ ମନ୍ଦିର, ବୈଦେଶ୍ୱର ନିକଟ କାଳୀ ମନ୍ଦିର, ନଖରା, ଶାଳଗାଁ ଆଦି ସ୍ଥାନରେ ଅନୁଷ୍ଠିତ ସାର୍ବଜନୀନ କାଳୀପୂଜାରେ ସାରାଦିନ ବ୍ୟାପି ହୋମଯଜ୍ଞ ଓ ପୂଜାର୍ଚ୍ଚନା ଆଦି ନାନାବିଧ କାର୍ଯ୍ୟକ୍ରମ ସାଙ୍ଗକୁ ପ୍ରସାଦ ବିତରଣ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ସମସ୍ତ ପୀଠ ଓ ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଆତସବାଜି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

**ନରସିଂହପୁର:** ନରସିଂହପୁରର ବିଭିନ୍ନ ସ୍ଥାନରେ ମା' ଶ୍ୟାମାକାଳୀଙ୍କ ପୂଜା ମହାଆଡମ୍ବର ସହକାରରେ ପାଳିତ ହୋଇଯାଇଛି। ଅଢେଇଗୁଣ୍ଡି ଗ୍ରାମବାସୀଙ୍କ ସହଯୋଗରେ ମା'ଙ୍କ ପୂଜା ପରିପ୍ରେକ୍ଷୀରେ ୬ ଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହେବା ସହିତ ଏକାଧିକ ଗ୍ରାମାଞ୍ଚଳ ପ୍ରତିଭାଙ୍କୁ ନେଇ ବିଭିନ୍ନ ନାଟକକୁ ନେଇ ପ୍ରତିଯୋଗିତା ପାଇଁ ବ୍ୟବସ୍ଥା କରାଯାଉଛି। ପରେ ସେହି ଦଳ ମଧ୍ୟରୁ ଯେଉଁ ଦଳ ଶ୍ରେଷ୍ଠତା ଲାଭ କରିବ ସେମାନଙ୍କୁ ପୁରସ୍କାର ପ୍ରଦାନର ବ୍ୟବସ୍ଥା ସହିତ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ସେହିପରି ବାଲିଝରି ଗ୍ରାମର ଉପର ବଜାର, ବ୍ରହ୍ମପୁରା ଗ୍ରାମରେ ମଧ୍ୟ ମା'ଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି।









# ସିଟି କଟକ

# ମାନିଲେନି କଟକଣା

## ଫୁଟିଲା କୋଟି କୋଟି ଟଙ୍କାର ବାଣ; ଆକାଶ ଧୂଆଁମୟ





**ବାଣ ଫୁଟାଇ ମଜାନେଲେ**



**କଟକ, ୨୧।୧୦(ସମିସ)**

ରୌପ୍ୟନଗରୀରେ ଦୀପାବଳି ପାଳିତ ହୋଇଯାଇଛି। ଗତକାଲି ବିଳମ୍ବିତ ରାତି ପର୍ଯ୍ୟନ୍ତ ବାଣ ଫୁଟାଇ ମିଠା ଖୁଆଇ ଉତ୍ସବ ପାଳିଛନ୍ତି କଟକିଆ। ସହରରେ ଶାନ୍ତିଶୃଙ୍ଖଳାର ସହିତ ଆଲୋକ ଓ ଆତସବାଜିର ପର୍ବ ଦୀପାବଳି ପାଳନ କରାଯାଇଛି। ଗ୍ରୀନ୍ କ୍ରାକର ସହ ପ୍ରଚଣ୍ଡ ଶବ୍ଦକାରୀ ତଥା ପ୍ରଦୂଷଣ ବଢ଼ାଉଥିବା ବାଣଗୁଡ଼ିକ କଟକଣା ସତ୍ତ୍ୱେ ବିଭିନ୍ନ ସ୍ଥାନରେ ଫୁଟିଛି। ତେବେ ଦୀପାବଳି ରାତି ୯ଟା ପରେ ବାଣ ଫୁଟାଇଲେ ପୁଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କହିଥିଲା। ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ଏନେଇ ନିର୍ଦ୍ଦେଶ ଜାରି କରିଥିଲେ। ଏଥର ରାତି ୧୦ଟା ନୁହେଁ, ରାତି ୯ଟା ପର୍ଯ୍ୟନ୍ତ ବାଣଫୁଟା ସମୟସୀମା ରଖାଯାଇଥିଲା। ଏମିତିକି ଗ୍ରୀନ୍ କ୍ରାକର ବ୍ୟତିତ ଉଚ୍ଚ ଶବ୍ଦକାରୀ ବାଣ ଫୁଟାଇଲେ ପୁଲିସ ଗିରଫ କରିବ ବୋଲି ଚେତାବନୀ ଦେଇଥିଲା। ଶେଷରେ ସବୁ ନିୟମକାନୁନ୍‌କୁ ଫୁ’ କରିଦେଇଛନ୍ତି କଟକବାସୀ। ବିଳମ୍ବିତ ରାତି ପର୍ଯ୍ୟନ୍ତ ପ୍ରଚଣ୍ଡ ଶବ୍ଦକାରୀ ବମ୍ ଫୁଟାଇ କଟକ ଆକାଶକୁ ଧୂଆଁମୟ କରି ଦେଇଥିଲେ। ଏପରିକି ଆଜି ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ବାଣଫୁଟା ଚାଲିଥିଲା।

ଫ୍ୟାନ୍ସି ବାଣ ଓ ଚାଇନା ବମ୍ ଅଧିକ ଫୁଟୁଥିଲା। ସହରର ବିଭିନ୍ନ ସ୍ଥାନରେ ପ୍ରଚଣ୍ଡ ଶବ୍ଦକାରୀ ଷ୍ଟାର୍ ବମ୍, ହେଭି ସାଉଣ୍ଡ ବମ୍, ଫ୍ୟାନ୍ସି ବମ୍ ଏବଂ ଚାଇନା ବମ୍ ଗୁଡ଼ିକୁ ଲୋକମାନେ ଫୁଟାଉଥିବା ନଜରକୁ ଆସିଥିଲା। ବିପୁଳ ପରିମାଣର ନିଷିଦ୍ଧ କରାଯାଇଥିବା ବାଣ ବେଆଇନ୍ ଭାବେ ଫୁଟାଯାଉଥିବା ପୁଲିସ ଜାଣିବାକୁ ପାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଦେଖାଯାଇଥିଲା। ତେବେ ବାଣ ବିସ୍ଫୋରଣରେ କୌଣସି ଲୋକ ମୃତାହତ ହୋଇ ନ ଥିବା ବେଳେ ସହରର ୨ଟି ସ୍ଥାନରେ ଅଗ୍ନିକାଣ୍ଡ ଘଟିଛି। ପିଠାପୁର ଡାଲମିଲ ଲେନରେ ଜଣେ ବ୍ୟକ୍ତିଙ୍କ ଘରେ ଥୁଆ ହୋଇଥିବା କାରରେ ବାଣ ପଡ଼ି ନିଆଁ ଲାଗିଥିଲା। ରାତି ପ୍ରାୟ ୧୦ଟା ୩୦ ସମୟରେ ନିଆଁ ଲାଗିବା କ୍ଷଣି ଉଗ୍ରରୂପ ଧାରଣ କରିଥିଲା। ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଏହାପରେ ୨ଟି ଫାୟାର ଗାଡ଼ି ଓ ୧୫ରୁ ଅଧିକ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଏକ ଘଣ୍ଟା ପରିଶ୍ରମ କରି ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ୧୫ଲକ୍ଷ ଟଙ୍କାର ସମ୍ପତ୍ତି ଭସ୍ମୀଭୂତ ହୋଇଯାଇଛି।

**ଡାଲ୍‌ମିଲ୍ ଗଳିରେ ୧୫ ଲକ୍ଷ ଟଙ୍କାର ସାମଗ୍ରୀ ଭସ୍ମୀଭୂତ: ଜଳିଗଲା କାର୍ ଓ ଗୋଦାମ**

ସେହିପରି ମଧୁପାଟଣା ଥାନା ଅନ୍ତର୍ଗତ ନିଶାମଣି ହଲ୍ ଗଳିରେ ଏକ ଘରେ ବାଣ ନିଆଁ ପଡ଼ି ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେହିପରି ମଙ୍ଗଳାବାଗ ଛକ, ଚଣ୍ଡିଛକ ନେକ୍ସା ସୋରୁମ୍ ନିକଟ, ନୂଆ ରାଉସାପାଟଣା, ଗଣେଶ ଘାଟ, ପାରେଶ୍ୱର ସାହି, ଖାନନଗର ଦୁର୍ଗାଘର ନିକଟ ଏବଂ ଝାଞ୍ଜିରୀମଙ୍ଗଳାଠାରେ ବାଣଜନିତ ଅଗ୍ନିକାଣ୍ଡ ଘଟିଥିଲେ ମଧ୍ୟ କୌଣସି କ୍ଷୟକ୍ଷତି ଘଟି ନାହିଁ। ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରାଯାଇଥିଲା। ସେହିପରି ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଅପର୍ଣ୍ଣାନଗରରେ ଗତକାଲି ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଥିଲା। ଦୀପାବଳିରେ ୨ ଜଣ ଯୁବକ ବାଣ ଫୁଟାଇବାକୁ ସ୍କୁଟିରେ ବାଣ ନେଇ ଯାଉଥିବା ବେଳେ ଭୟଙ୍କର ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣରେ ସ୍କୁଟିଟି ସମ୍ପୂର୍ଣ୍ଣ ଭାବେ ଜଳି ଯାଇଥିବା ବେଳେ ୨ଜଣ ଯୁବକ ଗୁରୁତର ଆହତ ହୋଇ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

ଅନ୍ୟପଟେ, ଗତକାଲି ଓ ଆଜି ଆତସବାଜି ଫୁଟାକୁ ନେଇ ସମ୍ଭାବ୍ୟ ଅଘଟଣକୁ ଦୃଷ୍ଟିରେ ରଖି ଅଗ୍ନିଶମ ବିଭାଗ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ନିଆଯାଇଥିଲା। ବକ୍ସିବଜାର ଅଗ୍ନିଶମ କେନ୍ଦ୍ର ପକ୍ଷରୁ ୩ଟି ଗାଡ଼ି, ଚାଉଳିଆଗଞ୍ଜ ଅଗ୍ନିଶମ କେନ୍ଦ୍ର ପକ୍ଷରୁ ୨ଟି ଗାଡ଼ି ଏବଂ ସିଡିଏ ଅଗ୍ନିଶମ କେନ୍ଦ୍ର ପକ୍ଷରୁ ୨ଟି ନିଆଁଲିଭା ଗାଡ଼ି ମହଜୁଦ୍ ରଖାଯିବା ସହ ଅଗ୍ନିକଙ୍କୁ ସଜାଗ ରଖାଯାଇଥିଲା। ଏଥି ସହିତ ୨ଟି ୱାଟର୍ ମିଷ୍ଟ ଭ୍ୟାନ୍ ସାରା ସହରରେ ପାଟ୍ରୋଲିଂ କରିଥିଲା। କୌଣସି ସ୍ଥାନରେ ଅଗ୍ନିକାଣ୍ଡ ଘଟିଲେ ଏହି ଭ୍ୟାନ୍ ପ୍ରଥମେ ନିଆଁ ଲିଭେଇବାକୁ ଚେଷ୍ଟା କରିବା ସହିତ ସମ୍ପୃକ୍ତ କର୍ମଚାରୀ ବକ୍ସିବଜାରରେ ଖୋଲିଥିବା କଣ୍ଟ୍ରୋଲ୍ ରୁମ୍‌କୁ ତୁରନ୍ତ ଖବର ଦେଉଥିଲେ। ଯେଉଁସ୍ଥାନରେ ଅଗ୍ନିକାଣ୍ଡ ଘଟିଥିଲା, ତାହାକୁ ଠିକ୍ ସମୟରେ କାର୍ଯ୍ୟରତ ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ ବୋଲି ଫାୟାର ଅଫିସର ସଞ୍ଜିବ୍ ବେହେରା ସୂଚନା ଦେଇଛନ୍ତି।

### ଦୀପାବଳି ଅଘଟଣ
## ଏସ୍‌ସିବିରେ ୫୦ରୁ ଅଧିକ ଆହତ

**କଟକ, ୨୧।୧୦(ସମିସ):** ଦୀପାବଳିରେ ଘଟିଥିବା ବିଭିନ୍ନ ଅଘଟଣରେ ଆହତ ହୋଇଥିବା ୫୦ରୁ ଅଧିକ ବ୍ୟକ୍ତି ବଡ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସୋମବାର ସନ୍ଧ୍ୟା ପରଠାରୁ ମଙ୍ଗଳବାର ରାତି ପର୍ଯ୍ୟନ୍ତ ଆହତମାନେ ମେଡିକାଲକୁ କ୍ରମାଗତ ଭାବେ ଆସୁଛନ୍ତି ବୋଲି ପ୍ଲାଷ୍ଟିକ ସର୍ଜରୀ ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ବିଶ୍ୱଜିତ ମିଶ୍ର ସୂଚନା ଦେଇଛନ୍ତି। ଆହତଙ୍କ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି। ଅନେକ ଆହତଙ୍କ ହାତ ପୋଡି ହୋଇଛି। ତେବେ ଆହତଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ମେଡିକାଲରେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶଯ୍ୟା ସଂଖ୍ୟା ବଢ଼ାଇ ଦିଆଯାଇଥିବା ପ୍ରଫେସର ମିଶ୍ର କହିଛନ୍ତି। ପ୍ରକାଶଯୋଗ୍ୟ, ଦୀପାବଳିରେ ବାଣରେ ପୋଡି ହୋଇଥିବା ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆହତମାନେ ବଡ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଏଥି ନିମନ୍ତେ ଆଇସିୟୁ ଗୁଡିକ ମଧ୍ୟ ପୂର୍ବରୁ ସଂରକ୍ଷିତ ରଖାଯାଇଥିଲା। ମଙ୍ଗଳବାର ଅପରାହ୍ଣ ସୁଦ୍ଧା ମିଳିଥିବା ସୂଚନା ମୁତାବକ ବାଣରେ ପୋଡି ସଙ୍କଟାପନ୍ନ ହୋଇଥିବା ୯ ଜଣ ଆହତଙ୍କୁ ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିଲା। ଅନ୍ୟପକ୍ଷରେ ଆଇସିୟୁ ସଙ୍କଟକୁ ନେଇ ମଧ୍ୟ ମେଡିକାଲରେ ଚାପା ଉତ୍ତେଜନା ଦେଖା ଦେଇଛି। କିଛି ରୋଗୀ ଗୁରୁତର ଥିଲେ ସୁଦ୍ଧା ତାଙ୍କୁ ବର୍ଣ୍ଣ ୱାର୍ଡର ସାଧାରଣ ଶଯ୍ୟାରେ ପକାଇ ରଖାଯାଇଛି।

## କର୍ପୋରେଟର ପ୍ରିୟମ୍ବଦା ସ୍ୱାଇଁଙ୍କ ପରଲୋକ

**କଟକ, ୨୧।୧୦(ସମିସ):** କଟକ ମହାନଗର ନିଗମ(ସିଏମସି) ୱାର୍ଡ ନଂ-୫ କର୍ପୋରେଟର ପ୍ରିୟମ୍ବଦା ସ୍ୱାଇଁଙ୍କ ସୋମବାର ରାତିରେ ପରଲୋକ ଘଟିଛି। ମସ୍ତିଷ୍କାଘାତରେ ଆକ୍ରାନ୍ତ ହୋଇ ପ୍ରିୟମ୍ବଦା ଏସ୍‌ସିବି ମେଡିକାଲରେ ଚିକିତ୍ସାଧୀନ ଥିଲେ। ତାଙ୍କ ପରଲୋକ ସୂଚନା ପାଇ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଏସ୍‌ସିବି ମେଡିକାଲରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ପ୍ରେମାଂଶୁ ବେହେରା, ଦେଢ଼ଶୁର ସୁଧାଂଶୁ ବେହେରା, ମୀନକେତନ ବେହେରା, ଦିଅର ମଳୟ ବେହେରା, ମନୋରଞ୍ଜନ, ମିହିର ବେହେରାଙ୍କ ସମେତ ପରିବାର ଲୋକେ, ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଗତ ନିର୍ବାଚନରେ ପ୍ରିୟମ୍ବଦା ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢି କର୍ପୋରେଟର ହୋଇଥିଲେ। ପରେ ସେ ବିଜେଡିକୁ ସମର୍ଥନ ଜଣାଇଥିଲେ। ମଙ୍ଗଳବାର ପୂର୍ବାହ୍ଣ ୧୧ଟାରେ ତାଙ୍କ ମର ଶରୀରକୁ ବିଜୁଭବନକୁ ଅଣାଯାଇଥିଲା। ମେୟର ସୁବାସ ସିଂହ, କମିସନର କିରଣଦୀପ କୌର ସହୋତାଙ୍କ ସମେତ ମହାନଗର ନିଗମର ସମସ୍ତ ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷ, ଅଧ୍ୟକ୍ଷା, କର୍ପୋରେଟର ପ୍ରମୁଖ ପାର୍ଥିବ ଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କର ଶେଷ ଦର୍ଶନ କରିଥିଲେ। ସତୀଚଉରା ଶ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ବୁବୁନୁ ମୁଖାଗ୍ନି ଦେଇଥିଲେ।



## ପୂଜା ସାମଗ୍ରୀ ଦୋକାନରେ ଅଗ୍ନିକାଣ୍ଡ

**କଟକ, ୨୧।୧୦(ସମିସ):** ମାଲଗୋଦାମ ଥାନା ଅନ୍ତର୍ଗତ କଲେଜଛକରେ ଥିବା ଏକ ପୂଜା ସାମଗ୍ରୀ ଦୋକାନରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଭସ୍ମୀଭୂତ ହୋଇଯାଇଛି। ଘଟଣାସ୍ଥଳରେ ଚାଉଳିଆଗଞ୍ଜ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପାଖରେ ଥିବା ଅନ୍ୟ ଦୋକାନକୁ ନିଆଁ ବ୍ୟାପିବା ପୂର୍ବରୁ ତାହାକୁ ଲିଭା ଯାଇଥିଲା। ସ୍ଥାନୀୟ ଅଞ୍ଚଳରେ ଅଗ୍ନିଶମ ବିଭାଗ ପକ୍ଷରୁ ନିୟୋଜିତ ହୋଇଥିବା କୁଇକ୍ ରେସପନ୍ସ ଟିମ୍ ପହଞ୍ଚି ପ୍ରଥମେ ନିଆଁକୁ ଆୟତ୍ତ କରିଥିବା ଜଣାପଡ଼ିଛି। କଲେଜଛକରେ ବସନ୍ତ କୁମାର ସାହୁଙ୍କ ପୂଜା ସାମଗ୍ରୀ ଦୋକାନ ମଙ୍ଗଳବାର ସନ୍ଧ୍ୟାରେ ବନ୍ଦ ଥିଲା ବେଳେ ବିଦ୍ୟୁତ୍ ସର୍ଟସର୍କିଟ୍ ଯୋଗୁଁ ନିଆଁ ଲାଗି ଯାଇଥିଲା। ଦୋକାନରେ ଭିତରେ ଥିବା ସମସ୍ତ ପୂଜା ସାମଗ୍ରୀ ଜଳିଯାଇଥିବା ସୂଚନା ମିଳିଛି।

## ବସୁନ୍ଧରା ଶିଶୁ ଆଶ୍ରମରେ ଦୀପାବଳି




**କଟକ, ୨୧।୧୦(ସମିସ):** ମୋକିମ ଫାଉଣ୍ଡେସନ ଆନୁକୂଲ୍ୟ ଓ ମେଟ୍ରୋ ଗ୍ରୁପ ସହଯୋଗିତାରେ ବିଡାନାସୀସ୍ଥିତ ବସୁନ୍ଧରା ଶିଶୁ ଆଶ୍ରମଠାରେ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ପୂର୍ବତନ ବିଧାୟକ ଇଂ ମହମ୍ମଦ ମୋକିମଙ୍କ ତତ୍ତ୍ୱାବଧାନରେ ଦୀପାବଳି ଉପଲକ୍ଷେ ନିଆରା ଢଙ୍ଗରେ ଆନନ୍ଦ ବାଣ୍ଟିବାର କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ବିଧାୟିକା ଇଂ ସୋଫିଆ ଫିରଦୋଷ ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାମାନଙ୍କ ସହିତ ମିଶି ବାଣ ଫୁଟେଇବା ସହ ବିଭିନ୍ନ ପ୍ରତିଯୋଗିତା ଦେଖିବା ସହ ପିଲାମାନଙ୍କୁ ଚକୋଲେଟ ବାଣ୍ଟି ଉତ୍ସାହିତ କରିଥିଲେ। ଡା. ନୟୀମା ତାଜେନ, ଗିରିବାଳା ବେହେରା, ସରୱାର ହସିବ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ମେଡାଲ ଦେଇ ପୁରସ୍କୃତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆଶ୍ରମର ପିଲାଙ୍କୁ ନେଇ ନାଚ, ଗୀତ, ଚିତ୍ରାଙ୍କନ ଓ ରଙ୍ଗୋଲି ଆଦି ପ୍ରତିଯୋଗିତା ହୋଇଥିଲା। ଆଶ୍ରମର ପ୍ରତିଷ୍ଠାତା ଶୈଳବାଳା ବେହେରାଙ୍କ ସହ ଆଶ୍ରମର ସମସ୍ତ ସଭ୍ୟାମାନଙ୍କୁ ଫାଉଣ୍ଡେସନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସତ୍ୟରଞ୍ଜନ କରଙ୍କ ସଂଯୋଜନାରେ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା ହୋଇଥିବା ବେଳେ ସକିଲ ଖାନ ସ୍ୱାଗତ କରିଥିବା ବେଳେ ଶେଷରେ ପ୍ରିୟଙ୍କା ପାଢ଼ୀ ଧନ୍ୟବାଦ ଦେଇଥିଲେ। ମୋକିମ ଫାଉଣ୍ଡେସନ ଓ ମେଟ୍ରୋ ଗ୍ରୁପର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଉତ୍କଳ ସାହିତ୍ୟ ସମାଜର ନବନିର୍ବାଚିତ କର୍ମକର୍ତ୍ତାଙ୍କ ଦାୟିତ୍ୱ ଗ୍ରହଣ



**କଟକ, ୨୧।୧୦(ସମିସ):** ସୋମବାର ପୂର୍ବାହ୍ଣରେ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନରେ ଉତ୍କଳ ସାହିତ୍ୟ ସମାଜର ପୂର୍ବତନ ଓ ନବ-ନିର୍ବାଚିତ କର୍ମକର୍ତ୍ତା ଏବଂ କାର୍ଯ୍ୟନିର୍ବାହିକା ସମିତି ସଭ୍ୟମାନଙ୍କ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ନୂତନ କର୍ମକର୍ତ୍ତା ଓ କାର୍ଯ୍ୟନିର୍ବାହିକା ସମିତି ସଭ୍ୟମାନଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ନବନିର୍ବାଚିତ ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀଙ୍କୁ ପୂର୍ବତନ ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ଓ ନବନିର୍ବାଚିତ କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସଙ୍କୁ ପୂର୍ବତନ କୋଷାଧ୍ୟକ୍ଷ ଶିବାଶିଷ କର ନିଜ ନିଜର ଦାୟିତ୍ୱ ଅର୍ପଣ କରିଥିଲେ। ସଭାପତି ଡ. ଚାନ୍ଦଙ୍କ ସମେତ ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ, ସଂଗଠନ ସମ୍ପାଦକ ଶଶିକାନ୍ତ ରାଉତ ଓ ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ମହାନ୍ତି ଉପସ୍ଥିତ ଥିଲେ। ଏଥିସହିତ ନବନିର୍ବାଚିତ କାର୍ଯ୍ୟନିର୍ବାହିକା ସମିତିସଭ୍ୟ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ, ଡ. ବୈଜୟନ୍ତୀମାଳା ଶତପଥୀ, ମୀରା ବେଉରା, ଡ. ଗାୟତ୍ରୀ ଦେବୀ, ଡ. ସେନାପତି ପ୍ରଦ୍ୟୁମ୍ନ କେଶରୀ, ଅମିତାଭ ଖିଲାର, ଜେନା ଆଦିତ୍ୟ ପ୍ରତାପ ବାଘସିଂହ, ଡ. ରଘୁ ସାହୁ, ଡ. ଧରଣୀଧର ନାଥ, ରାଜକିଶୋର ସ୍ୱାଇଁ ଓ ଗୀତାଞ୍ଜଳି ପୃଷ୍ଟି ଯୋଗଦେଇଥିଲେ। ପୂର୍ବତନ ଉପସଭାପତି ମନୋଜ ପଟ୍ଟନାୟକ, ପୂର୍ବତନ ସଂଗଠନ ସମ୍ପାଦକ ଡ. ସୁନାମଣି ରାଉତ ଏବଂ କାର୍ଯ୍ୟନିର୍ବାହିକା ସମିତିର ପୂର୍ବତନ ସଭ୍ୟ ବିଜୟଲକ୍ଷ୍ମୀ ନାୟକ, ମୁରଲୀଧର ଶତପଥୀ ଓ ରାଧାଶ୍ୟାମ ରାଉଳ ଉପସ୍ଥିତ ଥିଲେ।

## ହାଇକୋର୍ଟର ପ୍ରଥମ ମୁଖ୍ୟ ବିଚାରପତି ବୀରକିଶୋର ରାୟଙ୍କ ଜୟନ୍ତୀ

**କଟକ, ୨୧।୧୦(ସମିସ):** ବୀର କିଶୋର ରାୟ ସ୍ମୃତି ସଂସଦ ପକ୍ଷରୁ ଓଡ଼ିଶା ହାଇକୋର୍ଟର ପ୍ରଥମ ମୁଖ୍ୟ ବିଚାରପତି, ପୂର୍ବତନ ସାଂସଦ ବୀର କିଶୋର ରାୟଙ୍କ ୧୩୪ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ହାଇକୋର୍ଟ ପରିସରରେ ଥିବା ସ୍ୱର୍ଗତ ରାୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହିତ ବାର ପରିସରରେ ଏକ ସ୍ମୃତି ସଭା ଆୟୋଜନ କରାଯାଇଥିଲା। ଏଥିରେ ଆଇନଜୀବୀ ସତ୍ୟବାଦୀ ମନ୍ତ୍ରୀ, ଅନିଲ ଦେଓ, ଅତିରିକ୍ତ ସରକାରୀ ଓକିଲ ଜୟନ୍ତ ବଳ, ଅମୀୟ ମିଶ୍ର, ଦେବସ୍ମାନ ଦାସ, ସ୍ମୃତି ସଂସଦର ସମ୍ପାଦକ ବିଜୟ ରଗଡ଼, ବାର କାଉନସିଲ ସଭ୍ୟ ଲକ୍ଷ୍ମୀ ନାରାୟଣ ପଟେଲ, ସୌଭାଗ୍ୟ ଦାସ, ସରୋଜ ଆଚାର୍ଯ୍ୟ, ଗଙ୍ଗାଧର ସାମଲ, ଅଜୟ ନାୟକ, ପ୍ରଶାନ୍ତ ରାଉତରାୟ, ଅଭୟ ଶର୍ମା, ପ୍ରକାଶ ସାମଲ, ଜୟନ୍ତ ବିଶ୍ୱାଳ, ସାରଦା ମହାରଣା, ନରେନ୍ଦ୍ର ସାହୁ, ବ୍ରଜଭୂଷଣ ସାହୁ, ଶିବପ୍ରସାଦ ସ୍ୱାଇଁଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।



### ଦୀପାବଳି ପାଇଁ ବାୟୁ ପ୍ରଦୂଷଣ
# ସହରରେ ଏକ୍ୟୁଆଇ ୨୦୦ ଛୁଇଁଲା

**କଟକ, ୨୧।୧୦(ସମିସ)**

ଦୀପାବଳି ବାଣ ଫୁଟା ପାଇଁ କଟକ ସହରର ବାୟୁ ପ୍ରଦୂଷଣ ସ୍ଥିତି ବିଗିଡିଥିବାର ଜଣାପଡ଼ିଛି। ପୂର୍ବାପେକ୍ଷା ଗତ ଦୁଇ ଦିନ ଧରି ସହରର ପ୍ରଦୂଷଣ ଧାର୍ଯ୍ୟ ସୀମା ଲଙ୍ଘିଛି। ସମସ୍ତ କଟକଣା ସତ୍ତ୍ୱେ ସହରର ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ୨୦୦ ଛୁଇଁଛି। ଯଦିଓ ଶୀତ ଋତୁରେ ଏହି ସାନ୍ଦ୍ରତା ବୃଦ୍ଧି ପାଇଥାଏ ଏଥର ଶୀତ ଓ କୁହୁଡିର ପ୍ରକୋପ ନଥିବା ସତ୍ତ୍ୱେ କେବଳ ଅଧିକ ପରିମାଣର ବାରୁଦ ଜଳିବା କାରଣରୁ ବାୟୁମଣ୍ଡଳ ଅଧିକ ପ୍ରଦୂଷିତ ହୋଇଥିବା କୁହାଯାଉଛି। କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ତଥ୍ୟ ଅନୁସାରେ ଅନଲାଇନ ଜରିଆରେ ସିଡିଏ ଅଞ୍ଚଳରେ କରାଯାଉଥିବା ପ୍ରଦୂଷଣ ସ୍ଥିତି ଯାଞ୍ଚରୁ ସହରରେ ଏକ୍ୟୁଆଇ ପୂର୍ବରୁ ୧୦୦ତଳେ ଥିବା ବେଳେ ଆଜି ୨୦୦ଛୁଇଁଥିଲା। ସୁପ୍ରିମକୋର୍ଟ ୧୨୫ଡେସିବେଲରୁ ଅଧିକ ଶବ୍ଦ ଉତ୍ପନ୍ନକାରୀ ବାଣ ବିକ୍ରି, ଫୁଟାଇବା ଉପରେ କଟକଣା ଜାରି କରିଥିଲେ। ହାଇକୋର୍ଟ ମଧ୍ୟ ଗତ ୨୦୨୧ରେ ଏହି ନିର୍ଦ୍ଦେଶାବଳୀକୁ ପାଳନ କରିବା ସହ କେବଳ ସବୁଜ ବାଣ ବିକ୍ରିକୁ ଅନୁମତି ପ୍ରଦାନ କରିଥିଲେ। ଏଥର ମାତ୍ର ଦୁଇ ଘଣ୍ଟା ବାଣ ଫୁଟା ପାଇଁ ଅନୁମତି ଥିବା ବେଳେ ଏହା ସଠିକ ଢଙ୍ଗରେ ଅନୁପାଳନ କରାଯାଇନଥିଲା। ମର୍କତନଗରରେ ବାୟୁର ମାନ ଯାଞ୍ଚ ପାଇଁ ଅନଲାଇନ ମନିଟରିଂ କରାଯାଉଛି ଯାହାକୁ ସିଧାସଳଖ କେନ୍ଦ୍ର ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସର୍ଭର ସହ ସଂଯୁକ୍ତ କରାଯାଇଥିବା ବେଳେ ଅନ୍ୟ ୩ଟିସ୍ଥାନରେ ମାନୁଆଲ ବ୍ୟବସ୍ଥା ଥିବାରୁ ତଥ୍ୟ ଉପଲବ୍ଧ ହୋଇପାରିନି। ମିଳିଥିବା ସୂଚନାନୁସାରେ ସାରା ଦେଶରେ ୧୨୧ ସ୍ଥାନକୁ ବାୟୁ ପ୍ରଦୂଷଣ ବୃଦ୍ଧିକୁ ଦୃଷ୍ଟିରେ ରଖି ନିୟମିତ ଯାଞ୍ଚ ନିୟମିତ କରିବା ଉପରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଗୁରୁତ୍ୱ ଦେଇଥିଲା। ଓଡ଼ିଶାର ୭ଟି ସହରକୁ ଚିହ୍ନଟ କରାଯାଇଥିଲା ଯେଉଁଥିରେ କଟକ ସହର ରହିଛି।

# ଜୋନ୍‌ସ୍ତରୀୟ କଳା ଉତ୍ସବ ଉଦ୍‌ଯାପିତ



କୋରାପୁଟ,୨୧।୧୦,(ସମିସ): ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଜୋନ୍‌ସ୍ତରୀୟ କଳା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଗଜପତି, ନବରଙ୍ଗପୁର, ରାୟଗଡ଼ା, ମାଲକାନଗିରି ଏବଂ କୋରାପୁଟ ଜିଲ୍ଲାରୁ ମନୋନୀତ ୯୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ୧୨ଟି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସମଗ୍ର ଶିକ୍ଷା କୋରାପୁଟ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଲକ୍ଷ୍ମୀପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ଗିରିଜା ଚୌଧୁରୀ, ଗୁଣାତ୍ମକ ଶିକ୍ଷା ସଂଯୋଜକ ଚନ୍ଦ୍ରକଳା ବଗର୍ତ୍ତି ଏବଂ ଶିକ୍ଷାବିତ ସୀମାଞ୍ଚଳ ଦାସ ମଞ୍ଚରେ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପୁରସ୍କାର ପ୍ରଦାନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚମେଲି ମଜୁମଦାର ଯୋଗ ଦେଇଥିବା ବେଳେ ଲକ୍ଷ୍ମୀପୁର ମହାବିଦ୍ୟାଳୟର ଅଧ୍ୟାପକ ଡ. ଜଗନ୍ନାଥ ରଥ,ଗୁଣାତ୍ମକ ଶିକ୍ଷା ସଂଯୋଜକ ଚନ୍ଦ୍ରକଳା ବଗର୍ତ୍ତି, ଏମ୍‌ଡି ଏଆର ଖାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବାଳିକା ଶିକ୍ଷା ସଂଯୋଜକ ଶୁଭେନ୍ଦୁ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ସହ ସୂଚନା ଦେଇଥିଲେ କି ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀ ୨୨ ଏବଂ ୨୩ ତାରିଖରେ ଭୁବନେଶ୍ୱର ଠାରେ ଆୟୋଜିତ ରାଜ୍ୟ ସ୍ତରୀୟ କଳା ଉତ୍ସବରେ ଭାଗ ନେବେ। ରମେଶ ସାହୁ, ଧରଣୀଧର ରଣା, ଭବେଶ ପତି, ହର ମିଶ୍ର, ପ୍ରିୟରଞ୍ଜନ ଦାସ, ପ୍ରମୋଦ ଡାକୁଆ, ରାଜେଶ ବେହେରା, ସାଗରିକା ମିଶ୍ର, ସୁବୋଧ ମାଝୀ, ଜ୍ୟୋତି ପାତ୍ରୀ ଏବଂ ତ୍ରିଲୋକେଶ ପଣ୍ଡା ପରିଚାଳନାରେ ସହଯୋଗ କରିଥିଲେ। ସିଆର୍‌ସିସି ପ୍ରଦୀପ କୁମାର ପାତ୍ର ମଞ୍ଚ ପରିଚାଳନା କରିଥିଲେ।

# ଜିଲ୍ଲା ପୁଲିସ ପକ୍ଷରୁ ଶହୀଦ ଦିବସ ପାଳିତ



କୋରାପୁଟ,୨୧।୧୦,(ସମିସ): ଜିଲ୍ଲା ପୁଲିସ ପକ୍ଷରୁ ପ୍ୟାରେଡ୍ ପଡ଼ିଆରେ ୬୬ ତମ ଶହୀଦ ଦିବସ ପାଳିତ ହୋଇଛି। ଏସ୍‌ପି ରୋହିତ ବର୍ମାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମନୋଜ୍ ସତ୍ୟବାନ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶହୀଦ ପୁଲିସ କର୍ମଚାରୀଙ୍କ ପରିବାରକୁ ଜିଲ୍ଲା ପୁଲିସ ପକ୍ଷରୁ ସମବେଦନା ଜଣାଇବା ସହ ବିଭାଗ ସେମାନଙ୍କ ସହ ସବୁବେଳେ ରହି ଆସିଛି ବୋଲି ମୁଖ୍ୟ ଅତିଥି ଶହୀଦ କର୍ମଚାରୀଙ୍କ ପରିବାରଜନଙ୍କୁ ଆଶ୍ୱାସନା ଦେଇଥିଲେ। ବିଭିନ୍ନ ସମୟରେ ଶହୀଦ ହୋଇଥିବା ଓ ମହାମାରୀ କରୋନା ସମୟରେ ଲୋକଙ୍କୁ ସେବା ପ୍ରଦାନ କରି କରୋନାରେ ଆକ୍ରାନ୍ତ ହୋଇ ମୃତ୍ୟୁ ବରଣ କରିଥିବା ପୁଲିସ କର୍ମଚାରୀଙ୍କୁ ମଧ୍ୟ ସମ୍ମାନ ଦିଆ ଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ପୁଲିସ୍ ଅଧିକାରୀ ଓ ଶହୀଦ ପରିବାରର ସଦସ୍ୟ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

● ଆବାସ ଯୋଜନା ଗୃହ ପ୍ରବେଶ ଉତ୍ସବ

# ହିତାଧିକାରୀଙ୍କୁ ଚାବି ପ୍ରଦାନ



କୋରାପୁଟ,୨୧।୧୦(ସମିସ): ସ୍ଥାନୀୟ ମ୍ୟୁନସିପାଲଟି ଅଡିଟୋରିୟମ ଠାରେ ପ୍ରଧାନମନ୍ତ୍ରୀ ସହରୀ ଆବାସ ଯୋଜନା ହିତାଧିକାରୀଙ୍କ ଗୃହ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଅଙ୍ଗୀକାର ଅଭିଯାନ ଅନ୍ତର୍ଗତ ଆବାସ ଯୋଜନାରେ ଗୃହ ସମ୍ପୂର୍ଣ୍ଣ କରିଥିବା ହିତାଧିକାରୀ ମାନଙ୍କୁ ମୁଖ୍ୟ ଅତିଥି ରଘୁରାମ ମାଛ,ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ଏବଂ କାଉନସିଲର ମାନେ ଗୃହ ଚାବି ପ୍ରଦାନ କରିଥିଲେ। ଏହି ଉତ୍ସବରେ ପୌରପାଳିକା ର ବିଭିନ୍ନ ୱାର୍ଡ ର ୨୦ ଜଣ ହିତାଧିକାରୀ ଙ୍କୁ ଗୃହ ପ୍ରବେଶ ଚାବି ପ୍ରଦାନ କରାଯାଇଥିଲା। କୋରାପୁଟ ପୌର ଯନ୍ତ୍ରୀ ମନୋଜ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କନିଷ୍ଠ ରାଜସ୍ୱ ସହାୟକ ଜଗନ୍ନାଥ ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ସିଏଲଟିସି ସାମନ୍ତ ଚନ୍ଦ୍ରଶେଖର ଦାଶ ଯୋଗଦେଇ ପରିଚାଳନା କରିଥିଲେ। ଛାତ ଘରଟିଏ କରିବା ପାଇଁ ଦିନେ ସ୍ୱପ୍ନ ଦେଖିଥିଲୁ। ତାହା ଆଜି ପୂରଣ ହୋଇଛି ବୋଲି ହିତାଧିକାରୀ ଅନୁପମା ବାରିକ କହିଛନ୍ତି।

# ଡେଙ୍ଗୁରେ ୱେଲ୍‌ଥ ସେଣ୍ଟର ପ୍ଲାଣ୍ଟ ମ୍ୟାନେଜରଙ୍କ ମୃତ୍ୟୁ, କ୍ଷତିପୂରଣ ଦାବି



ଜୟପୁର,୨୧।୧୦(ସମିସ):ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ ପୌରସଂସ୍ଥାର ଗୋଡ଼ିଆ ଧୋବା ସାହିସ୍ଥିତ ୱେଲଥ୍ କେନ୍ଦ୍ର-୧ ଠାରେ କାର୍ଯ୍ୟରତ ପ୍ଲାଣ୍ଟ ମ୍ୟାନେଜର ବିଷ୍ଣୁପ୍ରିୟା ପାତ୍ର। ଏହିପରି ଗତ ଦୁଇ ବର୍ଷ ପୂର୍ବରୁ ତାଙ୍କ ସ୍ୱାମୀଙ୍କ ଅକାଳ ବିୟୋଗ ହୋଇଥିବା ବେଳେ ବର୍ତ୍ତମାନ ତାଙ୍କ ଡେଙ୍ଗୁରେ ମୃତ୍ୟୁ ହୋଇଛି। ତାଙ୍କର ଦୁଇ ସନ୍ତାନ ରହିଥିବା ବେଳେ ବର୍ତ୍ତମାନ ସେମାନେ ନାବାଳକ ରହିଛନ୍ତି। ତେଣୁ ଉଭୟ ସନ୍ତାନ ଏକ ପ୍ରକାର ଅନାଥ ହୋଇଯାଇଛନ୍ତି। ତେଣୁ ପରିବାର, ସାହିପଡ଼ିଶାଙ୍କ ସମେତ ପୌରସଂସ୍ଥାରେ କାର୍ଯ୍ୟରତ ସମସ୍ତ ସ୍ୱଚ୍ଛସାଥି, ସୁପରଭାଇଜର ଏବଂ ପ୍ଲାଣ୍ଟରେ କାର୍ଯ୍ୟରତ କର୍ମଚାରୀଙ୍କ ପକ୍ଷରୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ଦାବି ହୋଇଛି। ଏହିପରି ପ୍ଲାଣ୍ଟର କର୍ମଚାରୀମାନଙ୍କୁ ମଶାକାମୁଡ଼ା ଏବଂ ଜଳାପୋଡ଼ା ଭଳି ରୋଗ ଦେଖାଦେଉଛି। ତାଙ୍କ ମଧ୍ୟ ଏଭଳି ଲକ୍ଷଣ ଦେଖାଦେଇଥିଲା। ଏହାର ଗୋଟିଏ ଦିନ ପରେ ସେ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ ଏବଂ ତାଙ୍କୁ ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ଅନ୍ୟାନ୍ୟ ରକ୍ତ ପରୀକ୍ଷା ସହ ଡେଙ୍ଗୁ ପରୀକ୍ଷା କରାଯାଇଥିଲା। ଏହିପରି ତାଙ୍କର ରକ୍ତର ପ୍ଲେଟଲେଟ ଖସି ୧୦ ହଜାରକୁ ଚାଲି ଆସିଥିଲା, ତେଣୁ ତାଙ୍କ ଅବସ୍ଥା ଗୁରୁତର ହେବା ଯୋଗୁଁ ତାଙ୍କ ଗତ କିଛି ଦିନ ପୂର୍ବରୁ କୋରାପୁଟ ସ୍ଥିତ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ତାଙ୍କୁ ବ୍ରହ୍ମପୁର, କଟକ କିମ୍ବା ବିଶାଖାପାଟଣାକୁ ନେବାକୁ ପରାମର୍ଶ ଦିଆଯାଇଥିଲା। କିନ୍ତୁ ପରିବାର ଆର୍ଥିକ ସ୍ୱଚ୍ଛଳତା ନଥିବା ଯୋଗୁଁ ନେବାରେ ସମସ୍ୟା ଦେଖାଦେଇଥିଲା। ଶେଷରେ ଗତ ରବିବାର ପୂର୍ବାହ୍ନରେ କୋରାପୁଟ ମେଡିକାଲ କଲେଜରେ ତାଙ୍କର ମୃତ୍ୟୁ ହୋଇଯାଇଛି। ସହରରୁ ସଂଗୃହୀତ ହେଉଥିବା ଅଳିଆ ଆବର୍ଜନା ଗୁଡିକକୁ ଖତ ପ୍ରସ୍ତୁତ ଏବଂ ଅନ୍ୟାନ୍ୟ ସଫେଇ କରାଯିବା ନେଇ ପୌରସଂସ୍ଥାର ୩ଟି ଏମସିସି ପ୍ଲାଣ୍ଟ (ୱେଲଥ କେନ୍ଦ୍ର) ରେ ପହଞ୍ଚିଥାଏ। ଏଠାରେ ଏହାକୁ ଜମା କରିବା ପରେ ପ୍ଲାଣ୍ଟକୁ ଯାଇ ଏହାର ପ୍ରସ୍ତୁତିକରଣ କରାଯାଥାଏ। କିନ୍ତୁ ଦୀର୍ଘଦିନ ଧରି ପ୍ଲାଣ୍ଟରେ ଜମା ହେଉଥିବା ଅଳିଆ ଆବର୍ଜନା ଯୋଗୁଁ ସେଠାରେ ମଶା, ମାଛି ଏବଂ ଅନ୍ୟାନ୍ୟ ଜୀବାଣୁ ସୃଷ୍ଟି ହୋଇଥାଆନ୍ତି, ଯାହା ମନଷ୍ୟଙ୍କ ପାଇ କ୍ଷତିକାରକ। ତେଣୁ ସଂଗୃହୀତ ଅଳିଆ ଆବର୍ଜନାକୁ ତୁରନ୍ତ ପ୍ରସ୍ତୁତିକରଣ କିମ୍ବା ଜମା ହୋଇଥିବା ଅଳିଆ ଆବର୍ଜନା ଉପରେ ଜୀବାଣ ଏବଂ କୀଟପତଙ୍ଗ ମାରିବା ନେଇ ବିଷାକ୍ତ ଔଷଧ ସିଞ୍ଚନ ଆବଶ୍ୟକତା ରହିଛି। ସେହିପରି ଉକ୍ତ କୀଟପତଙ୍ଗ ମାରିବା ନେଇ ଔଷଧ ଉନ୍ନତମାନର ରହିବା ଆବଶ୍ୟକତା ରହିଛି। କିନ୍ତୁ ଏଥିରେ ସାମାନ୍ୟ ବିଳମ୍ବ କିମ୍ବା ଅଣଦେଖା କରାଗଲେ ସେଠାରେ କାର୍ଯ୍ୟରତ ସ୍ୱଚ୍ଛ କର୍ମଚାରୀ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ପ୍ରତି ବିପଦ ସୃଷ୍ଟି ହେବ ବୋଲି କୁହାଯାଉଛି। ତେଣୁ ଏଥିପ୍ରତି ପୌରସଂସ୍ଥା ପକ୍ଷରୁ ତୁରନ୍ତ ଏବଂ ସ୍ୱତନ୍ତ୍ର ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଏଥିନେଇ ଜୟପୁର ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତିଙ୍କୁ ପଚାରିବାରୁ ପୌରସଂସ୍ଥାର ୩ଟି ଏମ୍‌ସିସି ଗୁଡ଼ିକରେ ସଫେଇ କରାଯାଇଛି।

## ଗଛରେ ପିଟିହୋଇ ବାଇକ୍ ଚାଳକଙ୍କ ମୃତ୍ୟୁ

ଲମତାପୁଟ,୨୧।୧୦(ସମିସ): ଗଛରେ ପିଟିହୋଇ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ ରାଣୀତୋଟା ଥାନା ଅଧୀନ ମାଳିପେଟା ଗାଁ ନିକଟରେ ଏହି ଦୁର୍ଘଟଣା ଘଟିଛି। ନିଜ କାମ ସାରି ମଧ୍ୟରାତ୍ରିରେ ଘରକୁ ଫେରୁ ଥିବା ସମୟରେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ଗଛ ସହିତ ଧକ୍କା ହେବା ଫଳରେ ଘଟଣା ସ୍ଥଳରେ ହିଁ ଯୁବକର ମୃତ୍ୟୁ ହୋଇଥିଲା। ରବିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିବାବେଳେ ସୋମବାର ସକାଳେ କିଛି ସ୍ଥାନୀୟ ଲୋକ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ମୃତ ଯୁବକ ଜଣକ ସ୍ଥାନୀୟ ସୁକ୍ରୀଗୁଡା ଗାଁର ସୁନାଧର ବୁରୁଡ଼ି ଓ ସେ ଲମତାପୁଟର ଭୈରବୀ ହୋଟେଲରେ ରୋଷେଇଆ ଭାବରେ କାମ କରୁଥିଲେ। ରାଣୀତୋଟା ପୁଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

## ପୁଅକୁ ଆକ୍ରମଣ; ମା’ ଥାନାର ଦ୍ୱାରସ୍ଥ

ଜୟପୁର,୨୧।୧୦(ସମିସ): ଜୟପୁର ସଦରଥାନା ଉମୁରୀ ଗ୍ରାମର ବାସିନ୍ଦା ବିକାଶ ନାଗ(୨୪)ଙ୍କୁ ଗ୍ରାମର ୬ ଜଣ ଯୁବକ ସଂଘବଦ୍ଧ ଭାବେ ଆକ୍ରମଣ କରିଥିବା ନେଇ ତାଙ୍କ ମାଆ ସମାରୀ ନାଗ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ବିକାଶ ନାଗ ଓ ତାଙ୍କ ମା ସମାରି ନାଗ ଆଜି ମେଡିକାଲରୁ ଉମୁରୀ ଗ୍ରାମକୁ ଯାଉଥିବା ବେଳେ ଉମୁରୀ ତଳସାହି ନିକଟରେ ଉମୁରୀ ଗ୍ରାମର ୬ଜଣ ଯୁବକ ରାସ୍ତାରେ ଅଟକାଇ ତାଙ୍କ ପୁଅକୁ ଲୁହା ପଞ୍ଚ ଏବଂ ଖଣ୍ଡା ରେ ଆକ୍ରମଣ କରିବା ସହ ବନ୍ଧୁକ ଦେଖାଇବା ସହିତ ପରିବାରୁ ଜୀବନରେ ମାରିବା ନେଇ ଧମକଚମକ ଦେଇଥିଲେ। ଏହି ଆକ୍ରମଣରେ ଅଭିଯୋଗକାରିଣୀଙ୍କ ପୁଅ ବିକାଶର ଆଖିରେ ଗୁରୁତର ଆଘାତ ଲାଗିଛି। ଏତଲାକୁ ଭିତ୍ତି କରାଯାଇ ପୁଲିସ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଥିବା ନେଇ ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# କୋରାପୁଟ ବିଧାୟକଙ୍କ ବୈପାରୀଗୁଡ଼ା ଗସ୍ତ



ବୈପାରୀଗୁଡ଼ା,୨୧।୧୦(ସମିସ): ବୈପାରୀଗୁଡ଼ା ବ୍ଲକ୍ ମହୁଲି ପଞ୍ଚାୟତର ବିଭିନ୍ନ ସ୍ଥାନରେ ଉନ୍ନୟନ ମୂଳକ କାର୍ଯ୍ୟ ସମୀକ୍ଷା କଲେ କୋରାପୁଟ ବିଧାୟକ ରଘୁରାମ ମାଛ। ପ୍ରଥମେ ତଳଗୁଞ୍ଜି ପ୍ରାଥମିକ ବିଦ୍ୟାଳୟ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ବିଧିବଦ୍ଧ ଭାବେ ଶୁଭାରମ୍ଭ କରିଛନ୍ତି ବିଧାୟକ ଶ୍ରୀ ମାଛ। ପରେ ତଳାମାଳିଗୁଡା ର ଅର୍ଦ୍ଧ ନିର୍ମିତ ମନ୍ଦିର ସ୍ଥିତି ଅନୁଧ୍ୟାନ କରିବା ସହ ମନ୍ଦିର ନିର୍ମାଣ ପାଇଁ ଉଚିତ ପଦକ୍ଷେପନିଆଯିବ ବୋଲି କହିଛନ୍ତି। ସେହିପରି ଗାଁ ର ରାସ୍ତା, ପାଣି ସମସ୍ୟା କୁ ନେଇ ତଦରକ କରିଥିଲେ। ଏହି ଅବସରରେ ମହୁଲି ପଞ୍ଚାୟତର ବିଭିନ୍ନ ସ୍ଥାନରେ ବିଭିନ୍ନ ଉନ୍ନୟନ ମୂଳକକାର୍ଯ୍ୟ ସମୀକ୍ଷା କରିଥିଲେ। ଏହି ଅବସରରେ ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ଗୁପ୍ତା, ଉପାଧ୍ୟକ୍ଷ ପୂର୍ଣ୍ଣିମା ବାରିକ, ଜିଲ୍ଲାପରିଷଦ ସଭ୍ୟା ମଣି ଯାନୀ, ସହକାରୀ ଯନ୍ତ୍ରୀ ଖିରୋଦ କୁମାର ବେହେରା, କନିଷ୍ଠ ଯନ୍ତ୍ରୀ ସରାଜ କୁମାର ଜେନା, ସରପଞ୍ଚ ସଦା ଯାନୀ, ସମିତି ସଭ୍ୟ ଭକ୍ତରାମ ହରିଜନ, ବିଜେପି କର୍ମୀ ମଧୁରୁ କୋଲାର ମଣ୍ଡଳ ସଭାପତି ମୋହଲାଲ ଆଡାରୀ, ନଟବର ପଟ୍ଟନାୟକ, କୁଶ ମାଝୀ, ନରସିଂହ ବେହେରା, ଲୁକୁ ଖରା, ଦେବେନ୍ଦ୍ର ଦଳପତି ପ୍ରମୁଖ ଉପସ୍ଥିତ ଥିଲେ।

# ବିଜ୍ଞାନ ଶିକ୍ଷକ ସମ୍ବର୍ଦ୍ଧିତ



କୋଷାଗୁମୁଡା,୨୧।୧୦(ସମିସ): ଚଳିତ ବର୍ଷ ଆୟୋଜିତ ହେବାକୁ ଥିବା ବାଳ ବୈଜ୍ଞାନିକ ପ୍ରଦର୍ଶନୀ ମଧ୍ୟପ୍ରଦେଶର ଭୋପାଳ ଠାରେ ଆୟୋଜିତ ହେବ। ଏହି ପ୍ରଦର୍ଶନୀ ରେ ନବରଙ୍ଗପୁର ଜିଲ୍ଲା, କୋଷଗୁମୁଡ଼ା ବ୍ଲକର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ମାଝିଧନୁଆର ବସନ୍ତ ଚଣ୍ଡାଳ ଏବଂ ମାର୍ଗଦର୍ଶକ ବିଜ୍ଞାନ ଶିକ୍ଷକ ବଦ୍ରିନାରାୟଣ ବିଶ୍ୱାଳ ଅଂଶଗ୍ରହଣ କରିବା ପାଇଁ ଚୟନ ହୋଇଛନ୍ତି। ଏହି ବିଦ୍ୟାଳୟ କ୍ରମାନ୍ୱୟରେ ଦ୍ୱିତୀୟ ଥର ଜାତୀୟ ସ୍ତରରେ ଭାଗ ନେବା ପାଇଁ ଚୟନ ହୋଇଥିବାରୁ ନବରଙ୍ଗପୁର ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଛତ୍ରପତି ସାହୁ ଏକ ଉପଢକନ୍, ମାନପତ୍ର, ଏବଂ ଏକ ସିଲ ଦେଇ ରାଜ୍ୟ ସ୍ତରୀୟ ବ୍ୟାଡମିଣ୍ଟନ ଚାମ୍ପିଅନସିପ ମଞ୍ଚରେ ସମ୍ବର୍ଦ୍ଧିତ କରିଛନ୍ତି। ଏହି ବିଦ୍ୟାଳୟର ବିଜ୍ଞାନ ଶିକ୍ଷକଙ୍କ କଠିନ ପରିଶ୍ରମ ଏବଂ ସଠିକ୍ ମାର୍ଗଦର୍ଶନ ଯୋଗୁ ତଥା ଜିଲ୍ଲା ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟ୍ଟନାୟକଙ୍କ ତତ୍ତ୍?ାବଧାନରେ ମାଝୀଧନୁଆ ଭଳି ଏକ ଉପାନ୍ତ ଅଞ୍ଚଳର ଛାତ୍ରଛାତ୍ରୀ ରାଜ୍ୟ ତଥା ଜାତୀୟ ସ୍ତରରେ ବିଜ୍ଞାନ କ୍ଷେତ୍ରରେ ସଫଳ ପ୍ରଦର୍ଶନ କରୁଛନ୍ତି। ଏହି ଖବର ଜାଣିବା ପରେ ନବରଙ୍ଗପୁର ଜିଲ୍ଲାର ବୁଦ୍ଧିଜୀବୀ ଏବଂ କୋଷଗୁମୁଡ଼ା ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ମାଝିଧନୁଆ ଗ୍ରାମପଞ୍ଚାୟତର ସରପଞ୍ଚ, ମୋ ସ୍କୁଲ ସଭାପତି, ସି ଆର ସିଶି, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଅଭିନନ୍ଦନ ଜଣାଇଛନ୍ତି।

## ଯୁବକଙ୍କୁ ହତ୍ୟା ମାମଲା, ଫେରାର ଅଭିଯୁକ୍ତ ଗିରଫ

ଜୟପୁର,୨୧।୧୦(ସମିସ): ଜୟପୁର ସହରର ନୂଆସାହି ଅଞ୍ଚଳରେ ଗତ ଅଢେଇବର୍ଷ ପୂର୍ବେ ସଂଘବଦ୍ଧ ଆକ୍ରମଣ କରାଯାଇ ଅରୁଣ ଅନକା ନାମକ ଜଣେ ଯୁବକକୁ ହତ୍ୟା ମାମଲାରେ ଫେରାର ଅନ୍ୟତମ ଅଭିଯୁକ୍ତଙ୍କୁ ଟାଉନଥାନା ପୁଲିସ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତ ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ଥାନାର ତୁରଞ୍ଜି ଗ୍ରାମର ସୋମନାଥ ଗୌଡ(୨୬)। ଏହି ମାମଲାରେ ଅଭିଯୁକ୍ତ ସୋମନାଥ ଗୌଡ ହତ୍ୟା ଘଟଣା ଦିନ ଠାରୁ ଫେରାର ରହିଥିଲେ। ଆଜି ଫେରାର ଅଭିଯୁକ୍ତକୁ ପୁଲିସ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିବା ନେଇ ଟାଉନଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି। ପୁଲିସ ସୂଚନା ଅନୁଯାୟୀ ଗତ ୨୦୨୩ ମସିହା ଏପ୍ରେଲ ୨୭ ତାରିଖ ସନ୍ଧ୍ୟା ସମୟରେ ମାସ୍କ ପିନ୍ଧି କିଛି ଯୁବକ ବିଭିନ୍ନ ମାରଣାସ୍ତ୍ର ନେଇ ଏକ ଅଟୋ ଯୋଗେ ଆସି ପୂର୍ବ ଶତ୍ରୁତାକୁ ନେଇ ଭଲିବଲ ଖେଳି ଫେରୁଥିବା ମୃତକ ଅରୁଣଙ୍କୁ ଆକ୍ରମଣ କରିବା ସହ ଗୋଡାଇ ଗୋଡାଇ ନୂଆ ସାହି ୫ମ ଲାଇନ ଛକ ଠାରେ ହାଣି ଥିଲେ। ଗୁରୁତର ଅବସ୍ଥାରେ ଅରୁଣଙ୍କୁ ଜିଲ୍ଲା ଚିକିତ୍ସାଳୟକୁ ନିଆଯାଥିଲା କିନ୍ତୁ ସେଠାରେ ଡାକ୍ତର ତାଙ୍କର ମୃତ୍ୟୁ ଘୋଷଣା କରିଥିଲେ। ଖବରପାଇ ଟାଉନ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ ଏହି ଆକ୍ରମଣରେ ୭ରୁ ଉରୁଦ୍ଧ ଆକ୍ରମଣକାରୀ ସାମିଲ ରହିଥିଲେ ବର୍ତ୍ତମାନ ପ୍ରାୟ ୬ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛନ୍ତି।

## କୋରାପୁଟରେ ମା’ ଶ୍ୟାମାକାଳୀ ପୂଜା



କୋରାପୁଟ,୨୧।୧୦ (ସମିସ): ସ୍ଥାନୀୟ ରବୀନ୍ଦ୍ର ସାଂସ୍କୃତିକ ପରିଷଦ ମଣ୍ଡପ ଠାରେ କୋରାପୁଟ ବେଙ୍ଗଲୀ କମିଟି ପକ୍ଷରୁ ଶ୍ୟାମାକାଳୀ ପୂଜା ଆୟୋଜିତ ହୋଇଛି। ଚଳିତ ବର୍ଷ ୨୫ତମ ବର୍ଷ ଭାବେ ଏହି ଶ୍ୟାମାକାଳୀ ପୂଜା କରାଯାଉଥିବା ଯୋଗୁଁ ଏହାକୁ ନେଇ ବେଶ ଉତ୍ସାହ ଦେଖିବାକୁ ମିଳିଥିଲା। ସୋମବାର ମଧ୍ୟରାତ୍ରିରୁ ମା’ଙ୍କ ପୂଜା ଆରମ୍ଭ ହୋଇଥିଲା। ଏଥିରେ କମିଟି ସଭାପତି ବାବୁଲ ସିଂ, ଆଇନ ପରାମର୍ଶଦାତା କ୍ୟାପଟେନ କ୍ରିଷ୍ଣା କୁମାର ଭଟ୍ଟାଚାର୍ଯ୍ୟଙ୍କ ସମେତ ଅଞ୍ଚଳର ଶତାଧିକ ବେଙ୍ଗଲୀ ସମାଜର ଭକ୍ତ ସାମିଲ ହୋଇ ମାଙ୍କ ପୂଜାର୍ଚ୍ଚନା ସହ ମା’ଙ୍କ ଆଶୀର୍ବାଦ ନେଇଥିଲେ। ମଙ୍ଗଳବାର ସନ୍ଧ୍ୟାରୁ ମା’ଙ୍କ ମଣ୍ଡପଠାରେ ଧୁନୁଚି ନାଚ ସମେତ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ବୁଧବାର ସକାଳେ ମା’ଙ୍କୁ ମେଲାଣି ଦିଆଯିବ ବୋଲି କମିଟି ସଭାପତି ଶ୍ରୀ ସିଂ ପ୍ରକାଶ କରିଛନ୍ତି।

## ରାଜୁପୁଟ ପଞ୍ଚାୟତ ବୁଲିଲେ ବିଧାୟକ



ସେମିଳିଗୁଡ଼ା,୨୧।୧୦(ସମିସ): ସେମିଳିଗୁଡ଼ା ବ୍ଲକ୍‌ର ରାଜୁପୁଟ ପଞ୍ଚାୟତରେ ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ ମଙ୍ଗଳବାର ସକାଳେ ଗସ୍ତ କରିଛନ୍ତି। ରାଜୁପୁଟ ପଞ୍ଚାୟତ ବିଭିନ୍ନ ଗ୍ରାମ ପରିଦର୍ଶନ କରିଥିଲେ। ନୂତନ ମିନି ଷ୍ଟାଡିଅମ ନୂଆଁ ଉଚ୍ଚ ବିଦ୍ୟାଳୟ ମୁଖିବଡେଇ ଗାଁ ମାନଙ୍କର ନିଶାଣୀ ମୁଣ୍ଡା ଡ୍ରେନ ଗୋଷ୍ଠୀ ପାଇଖାନା କେନ୍ଦ୍ର ହମାକ୍ସ ଲାଇଟ୍,ପାନୀୟ ଜଳ ମେଗା ପ୍ରୋଜେକ୍ଟ ତୁରନ୍ତ କାମ ସାରିବାକୁ ବିଧାୟକ ନିର୍ଦ୍ଦେଶ ଦେଇଛନ୍ତି। ମୁଖିବିବେଇ ସଦର ମଣ୍ଡପ ଠାରେ ଗାଁର ମହିଳା ମାନେ ଫୁଲମାଳ ଦେଇ ସ୍ୱାଗତ କରିଥିଲେ। ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମ ପରିଦର୍ଶନ କରି ଗ୍ରାମବାସୀ ତଥା ଗୁରୁଜନଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଯଥା ସମ୍ଭବ ଉକ୍ତ ସମସ୍ୟାଗୁଡ଼ିକର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇ ଥିଲେ। ସେହିପରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ ସମୀକ୍ଷା କରିଥିଲେ। ଅସହାୟ ଗରିବ ଲୋକଙ୍କ ବିଧାୟକ ରାମଚନ୍ଦ୍ର କାଡାମ ସାହାଯ୍ୟ ମଧ୍ୟ କରିଥିଲେ। ଗ୍ରାମବାସୀଙ୍କ ସହ ବିଭିନ୍ନ ଆଲୋଚନା କରିଥିଲେ। ଦୁଃଖ ସୁଖ ବୁଝିଥିଲେ ରାଜୁପୁଟ ପଞ୍ଚାୟତର ସରପଞ୍ଚ ପୀତାମ୍ବର କିର୍ଶନୀ ଓ ସମସ୍ତ ଯୁବ ଗୋଷ୍ଠୀ ଉପସ୍ଥିତ ଥିଲେ।

## ପୁଲିସ ଗାଡ଼ି ଉପରେ ଆକ୍ରମଣ କରିଥିବା ଅଭିଯୁକ୍ତ ଗିରଫ

ନନ୍ଦପୁର,୨୧।୧୦(ସମିସ): ଓଡ଼ିଶା ଆନ୍ଧ୍ରର ପୁଲିସ ଓ ଅବକାରୀ ପୁଲିସ ସ୍କ୍ୱାନରରେ ଥିବା ଗଞ୍ଜେଇ ମାଫିଆକୁ ଗିରଫ କରି କୋର୍ଟ ଚାଲାଣ କରିଛି ନନ୍ଦପୁର ଅବକାରୀ ପୁଲିସ। ତତ୍ ସହିତ ପାଡୁଆ ଥାନା ଅନ୍ତର୍ଗତ ପରଜା ବଡ଼ପଡା ଗ୍ରାମ ପଞ୍ଚାୟତର ଶ୍ରିଗାମ ଫୁଟ ଗ୍ରାମରୁ ଗିରଫ କରିଛି ଅବକାରୀ ବିଭାଗ। ଅଭିଯୁକ୍ତ ଜଣକ ହେଲା ସିବିନ୍ଦ୍ର ହନ୍ତାଳ। ସିବିନ୍ଦ୍ର ନାମରେ ଉଭୟ ଓଡ଼ିଶା ଓ ଆନ୍ଧ୍ରରେ ଗଞ୍ଜେଇ ଚାଲାଣ ମାମଲା ରହିଛି। ସେ ଗଞ୍ଜେଇ ମାଫିଆଙ୍କୁ ଧରିବାକୁ ଚଢ଼ଉବେଳେ ଗଣ୍ଡଗୋଳ କରି ପୁଲିସ ଗାଡ଼ିକୁ ଆକ୍ରମଣ କରିଥିବା ନେଇ ମାମଲା ରହିଥିଲା।

**କାଗଜ କଲମରେ ସୁରକ୍ଷିତ ଇନ୍ଦ୍ରାବତୀ ବନ୍ଧ**

# ହେଉନି ଜଳ ନିଷ୍କାସନ; ସିମେଣ୍ଟ ବନ୍ଧରେ ଉଠିଲାଣି ଗଛ

ତେନ୍ତୁଳିଖୁଣ୍ଟି,୨୧।୧୦(ସମିସ):



ଏସିଆ ମହାଦେଶର ଦ୍ୱିତୀୟ ସର୍ବବୃହତ ଇନ୍ଦ୍ରାବତୀ ଜଳବିଦ୍ୟୁତ ପ୍ରକଳ୍ପର ଥିବା ଉଭୟ ମାଟି ବନ୍ଧ ଏବଂ କଂକ୍ରିଟ ବନ୍ଧ ସମେତ ୮ଗୋଟି ଡାଇକର ସୁରକ୍ଷା ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରକ୍ଷଣାବେକ୍ଷଣ ପ୍ରତି ଜଳସମ୍ପଦ ବିଭାଗ ଏକ ପ୍ରକାର ଆଖି ବନ୍ଦ କରିଦେଇଥିବା ବେଳେ କାଗଜ କଲମରେ ବନ୍ଧ ସମ୍ପୂର୍ଣ୍ଣ ଭାବରେ ସୁରକ୍ଷିତ ଥିବା ଦର୍ଶାଯାଉଛି। କିନ୍ତୁ ବନ୍ଧ ସୁରକ୍ଷା ପ୍ରତି ସମ୍ପୂର୍ଣ୍ଣ ଅବହେଳା କରାଯାଉଥିବା ଏବେ ଅଭିଯୋଗ ହେଉଛି। ଦୀର୍ଘ ଦିନରୁ ଅବହେଳିତ ହୋଇ ରହିଥିବା ଦେଓପାଳିସ୍ଥିତ ଇନ୍ଦ୍ରାବତୀ ମୁଖ୍ୟ ବନ୍ଧ ଗେଲେରୀର ୨୩ ନମ୍ବର ପ୍ରକୋଷ୍ଠ ଫାଟକ ଏବଂ ୧୪ ନମ୍ବର ସମ୍ପ ଚେମ୍ବର ମୁଖ୍ୟ ଅପରେସନ ଗେଲେରୀରୁ ଭୂତଳ ଜଳ ନିଷ୍କାସନ ଦୀର୍ଘ ବର୍ଷ ଧରି କରାଯାଉନଥିବା ହେତୁ ଭୂତଳ ଜଳ ଗେଲେରୀ ଭିତରେ ପୂର୍ଣ୍ଣ ହୋଇ ପ୍ରବେଶ ଫାଟକ ଦେଇ ବାହାରକୁ ଆସୁଥିବା ଦେଖିବାକୁ ମିଳୁଛି। ଉଭୟ ଇନ୍ଦ୍ରାବତୀ ଏବଂ ମୁରାନ କଂକ୍ରିଟ ବନ୍ଧର ଗେଲେରୀ ଜଳ ନିଷ୍କାସନ ପ୍ରକ୍ରିୟା କରାଯାଉନଥିବା ବେଳେ ଡ୍ୟାମ ସମ୍ପୂର୍ଣ୍ଣ ସୁରକ୍ଷିତ ବୋଲି ଦର୍ଶାଯାଉଛି। ୨୦୨୩ ମସିହାରେ ସମ୍ପୂର୍ଣ୍ଣ ବନ୍ଧକୁ ସବୁଜ ରଙ୍ଗ କରାଯାଇଥିଲା। ତା ପରେ ଆଉ ଦୃଷ୍ଟି ନଦେବା କାରଣରୁ କଂକ୍ରିଟ ବନ୍ଧରେ ଗଛ ଉଠିଲାଣି। ଦେଓପାଲିସ୍ଥିତ ଇନ୍ଦ୍ରାବତୀ ଡ୍ୟାମର ୭ଟି ଫାଟକ ଏବଂ ମୁରାନ ଡ୍ୟାମର ୫ଟି ଫାଟକ ମଧ୍ୟରୁ କିଛି ଫାଟକ କାର୍ଯ୍ୟକ୍ଷମ ନଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିବା ବେଳେ ସେଗୁଡିକର ମରାମତି ପ୍ରତି ଜଳ ସେଚନ ବିଭାଗ ସମ୍ପୂର୍ଣ୍ଣ ଆଖିବୁଜିଦେଇଥିବା ସାଧାରଣରେ ଅଭିଯୋଗ ହେଉଛି। ଡ୍ୟାମ୍‌ରେ ଲାଗିଥିବା ରବର ବୁଶ୍ ନଷ୍ଟ ହୋଇ ପାଣି ଲିକ କରୁଥିବା ଦେଖିବାକୁ ମିଳୁଛି। ଡ୍ୟାମରେ ମାଟି ବନ୍ଧ ଗୁଡ଼ିକରେ ଉଇ ହୁଙ୍କାମାନ ଗଢ଼ିଉଠିଥିବା ବେଳେ ସେଗୁଡ଼ିକ ପ୍ରତି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁନାହିଁ। ଜଳ ସମ୍ପଦ ବିଭାଗ ହାତଗଣତି କିଛି ଯନ୍ତ୍ରୀ ଏବଂ ସୁରକ୍ଷା କର୍ମୀଙ୍କ ହାତରେ ଏସିଆ ମହାଦେଶର ଦ୍ୱିତୀୟ ସର୍ବବୃହତ ଜଳ ବିଦ୍ୟୁତ ପ୍ରକଳ୍ପର ରକ୍ଷଣାବେକ୍ଷଣ ଦାୟିତ୍ୱ ଟେକିଦେଇ ନିଶ୍ଚିନ୍ତ ହୋଇଯାଇଥିବା ବେଳେ ଇନ୍ଦ୍ରାବତୀ ପ୍ରକଳ୍ପର ସଠିକ ଦେଖାଶୁଣା ହେଉନଥିବା ଅଭିଯୋଗ ହେଉଛି।

# ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି



ମାଲକାନଗିରି,୨୧।୧୦(ସମିସ): ମାଲକାନଗିରି ଜିଲ୍ଲା ସ୍ଥରୀୟ ୬୬ ତମ ପୁଲିସ ଶହୀଦ ଦିବସରେ ଏସପି ଓ ଅନ୍ୟାନ ଅଧିକାରୀ ଶହୀଦ ଯବାନଙ୍କୁ ଜଣାଇଛନ୍ତି ଗଭୀର ଶ୍ରଦ୍ଧାଞ୍ଜଳି। ମାଲକାନଗିରି ଜିଲ୍ଲା ସଦର ମହକୁମା ମୁଖ୍ୟ ପୋଲିସ କାର୍ଯ୍ୟାଳୟ ପରିସରରେ ଆଜି ୬୬ତମ ପୁଲିସ ଶହୀଦ ସ୍ମୃତି ଦିବସ ପାଳିତ ହୋଇ ଯାଇଛି। ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଦିବସ ସମ୍ବନ୍ଧରେ ଉପସ୍ଥିତ ଜବାନ, ପଦାଧିକାରୀ, ବୁଦ୍ଧିଜୀବି ଏବଂ ନିମନ୍ତ୍ରିତ ଅତିଥି ମାନଙ୍କୁ ଉଦ୍‌ବୋଧନ ଦେବା ସହ ଦେଶର ସୁରକ୍ଷା ପାଇଁ ପୋଲିସ ପଦାଧିକାରୀ କର୍ମଚାରୀ ମାନଙ୍କ ବଳିଦାନ କେବେ ବ୍ୟର୍ଥ ଯିବନାହିଁ ନିଜ ଜୀବନକୁ ଦେଶ ପାଇଁ ବଳି ଦେଇ ଦେଶ ସୁରକ୍ଷା ନିମନ୍ତେ ମାଓବାଦୀ, ଉଗ୍ରବାଦୀ, ଆତଙ୍କବାଦୀ ସହ ଲଢେଇ କରି ଆଜି ଦେଶର ସମ୍ବିଧାନ ଓ ସୁରକ୍ଷାରେ ଗୁରୁତ୍ୱପୂର୍ଣ ଭୂମିକା ନିଭାଇଛନ୍ତି। ଆମ ଦେଶରେ ବିଭିନ୍ନ ରାଜ୍ୟରେ ସହୀଦ ହୋଇଥିବା ସହୀଦ ପୁଲିସ ପାଧିକାରୀ ଓ ସିପହୀ ମାନଙ୍କର ନାମ ଘୋଷଣା କରି ସେମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦୁଇମିନିଟ୍ ନୀରବ ପ୍ରାର୍ଥନା କରା ଯାଇଥିଲ। ପୁଲିସ ସହିଦ ପୁତଳିକା ରେ ମାଲ୍ୟାର୍ପଣ କରି ସ୍ମୃତିଚାରଣ ସହ ଶ୍ରଦ୍ଧାଞ୍ଜଳି ଜଣାଇ ଥିଲେ। ପରେ ମାଲକାନଗିରି ଜିଲ୍ଲାରେ ମାଓବାଦୀଙ୍କ ସହ ଲଢେଇ କରି ସହୀଦ ହୋଇଥିବା ଜବାନ ମାନଙ୍କ ସ୍ମୃତିସ୍ତମ୍ଭ ରେ ପୁଷ୍ପଗୁଚ୍ଛ ଅର୍ପଣ କରିଥିଲେ,ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଏସପି ରାଜ କିଶୋର ଦାଶ, ଏଏସପି ରଶ୍ମିରଞ୍ଜନ ସେନାପତି, ଡ଼ିଏସପି ଓନାମ ଲାକ୍ରା, ଡିଏସପି ମମତା ପାଣିଗ୍ରାହୀ, ମାଲକାନଗିରି ଆଦର୍ଶ ଥାନା ଆଇଆଇସି ରିଗାନ କିଣ୍ଡୋ ଙ୍କ ସହ ଜିଲ୍ଲାର ସମସ୍ତ ପୋଲିସ ପଦାଧିକାରୀ ଉପସ୍ଥିତ ଥିଲେ। ରିଜର୍ଭ ପୁଲିସ ଇନିସପେକ୍ଟର ସତ୍ୟ ପ୍ରିୟ ବିଶ୍ୱାଳ ଓ ପୁଲିସ ସର୍ଜେଣ୍ଟ ବିଭୀଷଣ ସବର ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୧୯ ବର୍ଷରେ ଗୁଣୁପୁର କାଳୀପୂଜା; ମଣ୍ଡପରେ ଜମୁଛି ଭିଡ଼





ଗୁଣୁପୁର,୨୧।୧୦(ସମିସ):

ରାୟଗଡ଼ା ଜିଲ୍ଲା ଗୁଣପୁର ସହରର କୋର୍ଟ ଛକ ନିକଟରେ ଥିବା କାଳୀ ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି। ଚଳିତ ବର୍ଷ ଏହି ପୂଜା ୧୯ ବର୍ଷରେ ପଦାର୍ପଣ କରିଛି। ଏହି ଅବସରରେ ରବିବାର କଳସ ଯାତ୍ରା ପରେ ସୋମବାର ଦକ୍ଷିଣକାଳୀ ମନ୍ଦିରରୁ ମଧ୍ୟ ରାତ୍ରରେ ଆଙ୍ଗା ମାଳ ଅଣାଯାଇ ମଣ୍ଡପରେ ସ୍ଥାପନ କରାଯାଇଥିଲା। ପରେ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ମଙ୍ଗଳବାର କାଳୀ ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମି ଥିଲା। ଏଥିପାଇଁ ବିଭିନ୍ନ ପ୍ରକାରର ରଙ୍ଗୀନ ଆଲୋକ ମାଳାରେ ଆଲୋକିତ ହୋଇଛି ମରାଠୀଗୁଡ଼ା ଅଞ୍ଚଳ। ମୀନାବଜାରରେ ମଧ୍ୟ ବିଭିନ୍ନ ପ୍ରକାରର ଦୋକାନ ଲୋକଙ୍କୁ ଆକର୍ଷିତ କରିଛି। ଏହି ପୂଜା ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଚଳିତବର୍ଷ ପ୍ରଥମ ଥର ପାଇଁ ବିଭିନ୍ନ ସ୍କୁଲ କଲେଜର ଛାତ୍ର ଛାତ୍ରୀଙ୍କୁ ନେଇ ପ୍ରାର୍ଥନା ପ୍ରତିଯୋଗିତା, ଦଳଗତ ନୃତ୍ୟ, ଟ୍ରାକ୍ ମେଲୋଡ଼ି, ସୋଲୋ ନୃତ୍ୟ ଇତ୍ୟାଦି ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ ମଣ୍ଡପରେ ପ୍ରଦର୍ଶିତ ନିମନ୍ତେ ଯୋଜନା କରାଯାଇଛି। ପ୍ରଥମ ଥର ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ମିଠା ଭୋଗ ବିକ୍ରୟ ବ୍ୟବସ୍ଥା କରାଯାଇଛି। ବୁଧବାର ଠାରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି କମିଟି ପକ୍ଷରୁ ଜଣାପଡିଛି। ଆଜି ମା'ଙ୍କୁ ଦର୍ଶନ କରିବା ପାଇଁ ଗୁଣପୁର ଉପଜିଲ୍ଲାପାଳ ଧୂଧାଲ୍ ଅଭିଶେକ ଦିଲୀପ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପୂଜା ମଣ୍ଡପରେ ପହଞ୍ଚି ଦର୍ଶନ କରିଥିଲେ। ସେହିପରି ରାମାନାଗୁଡ଼ା ବ୍ଲକ୍ ଭାମିନିଠାରେ ଥିବା ଦ୍ୱିତୀୟ ଭାରତୀୟ ସଂରକ୍ଷିତ ବାହିନୀର ଦୁର୍ଗପତି ବ୍ରଜମୋହନ ନାଏକ, ଗାନ୍ଧୀ ବିଶ୍ୱ ବିଦ୍ୟାଳୟର ଉପ ସଭାପତି ତଥା ପୂଜା କମିଟିର ଉପଦେଷ୍ଟା ଡଃ ଚନ୍ଦ୍ରଦ୍ୱଜ ପଣ୍ଡା, ସମାଜ ସେବୀ ତଥା ରାୟଗଡ଼ା ଜିଲ୍ଲା ଆମ୍ବ୍ରସ ମ୍ୟାନ ଅକ୍ଷୟ କୁମାର ଦାସ ପ୍ରମୁଖ ମଣ୍ଡପରେ ମା ' ଙ୍କ ଦର୍ଶନ କରି କୃପା ଲାଭ କରିଥିଲେ। ଏହି ଅବସରରେ କାଳୀ ପୂଜା କମିଟି ତରଫରୁ ସମସ୍ତ ଅତିଥିଙ୍କୁ ସ୍ୱାଗତ କରିବା ସହ ମୁଖ୍ୟ ପୂଜକ ପ୍ରକାଶ ଚନ୍ଦ୍ର ଦାସଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମୟରେ କମିଟିର ସଭାପତି ରାଧା କୃଷ୍ଣ ପଟ୍ଟନାୟକ, ସମ୍ପାଦକ ନରସିଂହ ଶତପଥୀ, ଉପସଭାପତି ଜନାର୍ଦ୍ଦନ ମହାପାତ୍ର, କୋଷାଧ୍ୟକ୍ଷ ବିରଞ୍ଚି ନାଥ ଶତପଥୀ, ପାରଳାର କଲ୍ୟାଣ ବିଭାଗ ଡିଆଇ ରମେଶ ଦାସ, ଲିଟୁ ପାଢ଼ୀ, ସଂଗ୍ରାମ ସାହୁ, ଟୁକୁରୁ ପାଣିଗ୍ରାହୀ, ବାବୁଲି ଖାଡଙ୍ଗା, ବାବୁ ମିଶ୍ର, ସୁନା ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି।

# ରାୟଗଡ଼ାରେ କାଳୀପୂଜା ଦଶମହାବିଦ୍ୟା ଉତ୍ସବ


## ମାତୃକୃପା ଲାଭ କରିବାକୁ ଭକ୍ତଙ୍କ ଭିଡ଼

ରାୟଗଡ଼ା,୨୧।୧୦(ସମିସ): ଆଲୋକର ପର୍ବ ଦୀପାବଳି ଅବସରରେ ରାୟଗଡ଼ାର କାଳୀପୂଜା ଦଶମହାବିଦ୍ୟା ଉତ୍ସବ -୨୦୨୫ ଆରମ୍ଭ ହୋଇଯାଇଛି। ଫ୍ରେଣ୍ଡସ ୟୁଥ୍ ଆସୋସିଏସନ ଆନୁକୂଲ୍ୟରେ ଚଳିତ ବର୍ଷ ରାୟଗଡ଼ା ବ୍ଲକ୍ କଲୋନୀସ୍ଥିତ କାଳୀପୂଜା ମଣ୍ଡପରେ ୪୩ତମ ଶ୍ରୀଶ୍ରୀଶ୍ରୀ ମା ଜଗତଜନନୀ କାଳୀପୂଜା ଦଶମହାବିଦ୍ୟା ଉତ୍ସବ ପାଳନ କରାଯାଉଛି। ଏହି ଉତ୍ସବରେ ଯୋଗଦାନ ପୂର୍ବକ ମାତୃକୃପା ଲାଭ କରିବା ପାଇଁ ମଙ୍ଗଳବାର ଭକ୍ତ ତଥା ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା। ନୀତିକାନ୍ତି ଅନୁଯାୟୀ ପ୍ରଥମ ଦିନରେ ମା' ଗୁରୁତାରାଙ୍କ ପୂଜା କରାଯାଇଥିଲା। ଗତ ସୋମବାର ରାତ୍ରରେ ମଣ୍ଡପରେ ପ୍ରାଣ ପ୍ରତିଷ୍ଠା,ନିଶିପୂଜା,



ପୁଷ୍ପାଞ୍ଜଳି ଆଦି ପୂଜାବିଧି ପରେ ମଙ୍ଗଳବାର ସକାଳେ ସୂର୍ଯ୍ୟପୂଜା ପରେ ସମସ୍ତ ପୂଜାବିଧି ଅନୁଷ୍ଠିତ ହୋଇଥିଲା। ମଣ୍ଡପରେ ମା' କାଳୀଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ପାଉଥିବାବେଳେ ଦର୍ଶକଙ୍କୁ ଆକୃଷ୍ଟ କଲା ଭଳି ରାଜମହଲ ସଦୃଶ ତୋରଣ ଶୋଭା ପାଉଛି। ୧୧ଦିନ ଧରି ଅନୁଷ୍ଠିତ ହେବାକୁ ଥିବା କାଳୀପୂଜାରେ ଦର୍ଶକଙ୍କ ମନୋରଞ୍ଜନ ପାଇଁ ମୀନା ବଜାର ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ହୋଟେଲ ତେଜସ୍ୱୀ ସମ୍ମୁଖ ପଡ଼ିଆରେ ମୀନାବଜାରକୁ ସ୍ଥାନ ଦିଆଯାଇଥିବା ବେଳେ ସେଠାରେ ପ୍ରବଳ ଲୋକଙ୍କ ଭିଡ଼ ଆଜି ଦେଖିବାକୁ ମିଳିଛି। ପୁଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳାକୁ ବଜାୟ ରଖିବା ପାଇଁ ଆବଶ୍ୟକ ପୁଲିସ ମୁତୟନ କରାଯାଇଛି। ମଣ୍ଡପ ନିକଟରେ ସିସିଟିଭି ଲଗାଯାଇଛି। ଏଥିସହିତ ମଣ୍ଡପକୁ ସଂଯୋଗ କରୁଥିବା ୪ଟି ରାସ୍ତାକୁ ସୁନ୍ଦର ଆଲୋକମାଳାରେ ସଜା ଯାଇଛି। ରାସ୍ତାକଡ଼ରେ ଥିବା ଗଛଗୁଡ଼ିକୁ ରଙ୍ଗବେରଙ୍ଗ ଆଲୋକମାଳାରେ ସୁସଜ୍ଜିତ କରାଯାଇଥିବା ଦେଖିବାକୁ ମିଳିଛି।

# ଦୁର୍ଘଟଣାରେ ବିଏସ୍ଏଫ୍ ଯବାନ ମୃତ; ୬ ଆହତ



ମାଲକାନଗିରି,୨୧।୧୦(ସମିସ): ଛୁଟି କଟାଇ କାର୍ଯ୍ୟରେ ଯୋଗ ଦେବାକୁ ଯାଉଥିବାବେଳେ ବିଏସଏଫ ଯବାନଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ଅନ୍ୟ ୬ଜଣ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ବାଲିମେଳାସ୍ଥିତ ବିଏସ୍ଏଫ୍ ବାଟାଲିୟନର ୬ଜଣ ଯବାନ ନିଜର ଛୁଟି ସାରି ଖମାମ ଯାଏଁ ଏକ ଟ୍ରେନ୍‌ରେ ଆସିଥିଲେ, ସେଠାରୁ ଏକ କାର ଯୋଗେ ମାଲକାନଗିରି ଜିଲ୍ଲା ବାଲିମେଳା ଅଭିମୁଖେ ଆସୁଥିଲେ। ଏହି ସମୟରେ ଉକ୍ତ କାର ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଯବାନ ଗୌରବ ପାଣ୍ଡେଙ୍କ ମୃତ୍ୟୁ ଘଟିଥିଲା। ଏଥିସହ ଅନ୍ୟ ୫ଜଣ ଯବାନ ଓ କାର୍ ଡ୍ରାଇଭର ଆହତ ହୋଇଥିଲେ। ସେଥିରୁ ୪ଜଣ ଯବାନ ଗୁରୁତର ଥିବା ଜଣାପଡ଼ିଛି। ଗତ କାଲି ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଥିଲା। ଏହି ସମସ୍ତ ଯବାନ ମାଲକାନଗିରି ଜିଲ୍ଲା ବାଲିମେଳା୧୪୨ ବଟାଲିଆନ ବିଏସ୍ଏଫ୍ କ୍ୟାମ୍ପରେ କାର୍ଯ୍ୟ କରୁଥିଲେ। ଚିନ୍ତୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଶରୀର ଜବତ କରି ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇବ ସହ ଗୁରୁତର ଆହତଙ୍କୁ ଚିକିତ୍ସା ନିମନ୍ତେ ପଠାଇ ତଦନ୍ତ ଆରମ୍ଭ କରିଛି। ଆହତମାନଙ୍କୁ ପ୍ରଥମେ ଚିନ୍ତୁର ଓ ସେଠାରୁ ଗୁରୁତରଙ୍କୁ ଖମାମ ହସ୍ପିଟାଲକୁ ପଠାଯାଇଛି।

# ବରା ଗାଁ ଫୁଟବଲ ଟୁର୍ଣ୍ଣାମେଣ୍ଟ, କଳାହାଣ୍ଡି ଚାମ୍ପିଅନ୍

ନନ୍ଦାହାଣ୍ଡି,୨୧।୧୦(ସମିସ):



ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ୍ ମେଣ୍ଟ୍ରି ପଞ୍ଚାୟତ ବରା ଗାଁଠାରେ ୧୫ ତାରିଖରୁ ଆରମ୍ଭ ହୋଇଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ଟୁର୍ଣ୍ଣାମେଣ୍ଟରେ ୯ଟି ଦଳ ଅଂଶଗ୍ରହଣ କରିଥିଲେ। ନବରଙ୍ଗପୁର ଜିଲ୍ଲା ବିଜେପି ପୂର୍ବତନ ସଭାପତି ଜଗଦିଶ ବିଶୋଇ ଏହାକୁ ଉଦ୍‌ଘାଟନ କରିଥିବାବେଳେ, ବିଧାୟକ ଗୌରୀଶଙ୍କର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚ୍‌ରେ କଳାହାଣ୍ଡି ଓ ଦମନଯୋଡ଼ି (ବ୍ରଦର୍୧୧ ) ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କଳାହାଣ୍ଡି ଦଳ ୩-୨ ଗୋଲରେ ଦମନଯୋଡ଼ି (ବ୍ରଦର ୧୧)ଦଳକୁ ପରାସ୍ତ କରି ଚାମ୍ପିଅନ୍ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ମୁଖ୍ୟ ଅତିଥି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅରୁଣ କୁମାର ମିଶ୍ର, ମେଣ୍ଟ୍ରି ଗ୍ରାମପଞ୍ଚାୟତ ସରପଞ୍ଚ ବେବି ମାଝୀ, ସମିତି ସଭ୍ୟା ବସନ୍ତ କୁମାରୀ ନାୟକ, ଜଗଦୀଶ ବିଶୋଇ, ଦୟାନିଧି ବିଶୋଇ, ଭାବଗ୍ରାହୀ ବେନ୍ୟା, ନାରାୟଣ ପାତ୍ର, ଜଗବନ୍ଧୁ ଜାନି, ଅନସୂୟା ଭତରା ପ୍ରମୁଖ ଅନ୍ୟତମ ଅତିଥି ଭାବେ ମଞ୍ଚାସୀନ ଥିଲେ। ବିଧାୟକ ଗୌରୀଶଙ୍କର ମାଝୀ ଚାମ୍ପିଅନ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ରନର୍ସ ଅପ୍ ଦଳକୁ ଜିଲ୍ଲା ପରିଷଦ ଅରୁଣ କୁମାର ମିଶ୍ର ଟ୍ରଫି ପ୍ରଦାନ କରିଥିଲେ। ଚନ୍ଦନ ପାତ୍ର ଗରଡ଼ା, ଲାଲୁ ହରିଜନ, ବିଜୟ ନାୟକ ରିଫେରି ଏବଂ ଲିଙ୍ଗରାଜ ଖୁରା ଭାଷ୍ୟକାର ଦାୟିତ୍ୱ ନିର୍ବାହ କରିଥିଲେ। ଚୈତନ୍ୟ ଭତରା, ଗଗନ ନାୟକ, ଯାକେନ ପାତ୍ର ବାଘ, ଆଶିଷ କୁମାର କନ୍ଧପାନ, ଅଭିନାଦାବ୍ ନାୟକ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିଥିଲେ।

# ଅଘୋଷିତ ବିଦ୍ୟୁତ୍‌କାଟ୍, ଲୋକେ ହନ୍ତସନ୍ତ

ରାୟଗଡ଼ା/କୋଲନାରା,୨୧।୧୦(ସମିସ): ରାୟଗଡ଼ା ଜିଲ୍ଲା ଶିଳ୍ପନଗରୀ ଜେକେପୁରଠାରେ ଆଲୋକର ପର୍ବ ପବିତ୍ର ଦୀପାବଳି ପାଳନ ହେଉଥିବାବେଳେ ସାରା ଜେକେପୁର ସହରରେ ଅନ୍ଧାର ରାଜ୍ କରୁଥିବା ଦେଖିବାକୁ ମିଳିଥିଲା। ଏଠାରେ ଦୀର୍ଘ ୬ଘଣ୍ଟା ବିଦ୍ୟୁତ୍‌କାଟ୍ ହୋଇଥିବାବେଳେ ଜେକେପୁରର ବିଦ୍ୟୁତ୍ ଉପଭୋକ୍ତାମାନେ ନାହିଁ ନଥିବା ଅସୁବିଧା ଭୋଗ କରିଥିଲେ। ଦିନ ୩ଟା ପରଠୁ ବିଦ୍ୟୁତ ବିଚ୍ଛିନ୍ନ ହୋଇଥିଲାବେଳେ ରାତ୍ର ୯ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ହୋଇପାରିନଥିଲା। ଯାହା ଫଳରେ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହୋଇଥିଲେ। ନିତିଦିନ ଭଳି ପୂଜାପାର୍ବଣ ଦିବସରେ ବିଦ୍ୟୁତ ଉପଭୋକ୍ତା ମାନେ ଅସୁବିଧା ଭୋଗ କରିଥିଲେ। ଟାଟା ପାୱାରକୁ ଦାୟିତ୍ୱ ହସ୍ତାନ୍ତର କରିବା ପରଠାରୁ ବିଦ୍ୟୁତ ଉପଭୋକ୍ତା ବିଦ୍ୟୁତ ପାଇଁ ଏଭଳି ଅସୁବିଧା ଭୋଗୁଥିବା କହିଛନ୍ତି। ଆଲୋକର ଏହି ପର୍ବ ଦିବସରେ ଦୀର୍ଘ ଛଅ ଘଣ୍ଟାରୁ ଊର୍ଦ୍ଧ୍ୱ ଧରି ବିଦ୍ୟୁତ ସରବରାହ ବନ୍ଦ ରହିବା ହେତୁ ଉପଭୋକ୍ତା ମାନଙ୍କ ମନରେ ଅସନ୍ତୋଷ ଦେଖା ଦେଇଥିଲା। ବିଦ୍ୟୁତ୍ ଉପଭୋକ୍ତା ମାନଙ୍କ ପାଇଁ ବିଭାଗ ପକ୍ଷରୁ ଟିପିଏସଓଡିଏଲ ନାମକ ଏକ ୱାଟସଆପ ଗ୍ରୁପ ଖୋଲା ଯାଇଥିଲେ ମଧ୍ୟ ସେଥିରେ ଅଘୋଷିତ ବିଦ୍ୟୁତ କାଟ ସମ୍ବନ୍ଧରେ କୌଣସି ସୂଚନା ପ୍ରଦାନ କରାଯାଉନଥିବା ଯୋଗୁଁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଦୀପାବଳି ପର୍ବ ଥିବା ଯୋଗୁଁ ବିଦ୍ୟୁତ ସରବରାହ ବନ୍ଦ ଥିବା ବେଳେ ବ୍ୟବସାୟଙ୍କ ଉପରେ ଏହାର ପ୍ରଭାବ ସିଧାସଳଖ ପଡ଼ିଥିବା କୁହାଯାଉଛି। ଟ୍ରାନସଫର୍ମର ପୋଡ଼ି କିମ୍ବା ଅନ୍ୟାନ୍ୟ ଛୋଟମୋଟ ମରାମତି କାର୍ଯ୍ୟ ବିଭାଗ ପକ୍ଷରୁ ପୂର୍ବରୁ କାହିଁକି କରାଯାଉନାହିଁ ବୋଲି ପ୍ରଶ୍ନ ଉଠୁଛି। ଆଗାମୀ ଦିନରେ ବିଭାଗ ପକ୍ଷରୁ ଏଭଳି ହଇରାଣ କରାଗଲେ ଅଞ୍ଚଳବାସୀ ଉଚିତ୍ ପଦକ୍ଷେପ ନେବେ ବୋଲି ଉପଭୋକ୍ତାମାନେ କହିଛନ୍ତି।

# କଲେଜ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

ରାୟଗଡ଼ା,୨୧।୧୦(ସମିସ): ରାୟଗଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଡିଗ୍ରୀ ତୃତୀୟ ବର୍ଷ ଛାତ୍ରୀଙ୍କ ଗତ ସୋମବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ୍ୟୁବରଣ କରିଥିବା ଛାତ୍ରୀଙ୍କ ଜଣଙ୍କ ହେଲେ ଲିଜା ପୀଡ଼ିକାକା (୨୦) ଓ ତାଙ୍କ ଘର ମୁନିଗୁଡ଼ା ଥାନା ନିଆଳି ଗ୍ରାମରେ ବୋଲି ଜଣାପଡ଼ିଛି। ସୂଚନା ପ୍ରକାରେ ଲିଜା ରାୟଗଡ଼ା ସହରର ଗାନ୍ଧୀ ନଗର ୪ର୍ଥ ଲାଇନ୍‌ରେ ରହୁଥିଲେ। କୌଣସି କାରଣରୁ ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ଏହା ଆତ୍ମହତ୍ୟା ନା ଅନ୍ୟକିଛି ତାହା ସ୍ପଷ୍ଟ ହୋଇନାହିଁ। ରାୟଗଡ଼ା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ବର୍ଷା ପାଇଁ ଫିକା ପଡ଼ିଲା କାଳୀପୂଜା

ମାଲକାନଗିରି,୨୧।୧୦(ସମିସ): ଦୀପାବଳି ଓ କାଳୀପୂଜା ପାଇଁ ମାଲକାନଗିରି ଉତ୍ସବ ମୁଖର ହୋଇଉଠିଥିବାବେଳେ ବର୍ଷା ଏଥିରେ ବାଧକ ସାଜିଥିଲା। ଫଳରେ ପୂଜା ମଉଜକୁ ଫିକା କରିଦେଇଥିଲା। ମାଲକାନଗିରି ଜିଲ୍ଲାର ବିଭିନ୍ନ ସ୍ଥାନରେ କାଳୀପୂଜା ପାଇଁ ସୁଉଚ୍ଚ ତୋରଣ ସାଙ୍ଗକୁ ସୁନ୍ଦର ସାଜସଜ୍ଜା ହୋଇଛି। ବିଶେଷକରି ମାଲକାନଗିରି ଜିଲ୍ଲା ସଦର ମହାକୁମା ନଗରଭବନ ଠାରେ ମା' କାଳୀଙ୍କ ବିରାଟ ମୂର୍ତ୍ତି ନିର୍ମାଣ କରାଯାଇଛି। ରିକ୍ଲାମେସନ କଲୋନୀରେ ମଧ୍ୟ କାଳୀଙ୍କ ମୂର୍ତ୍ତି ନିର୍ମାଣ କରାଯାଇଛି, ସୋମବାର ସନ୍ଧ୍ୟାରେ ପୂଜା ରୀତିନୀତି ଅନୁସାରେ କରାଯାଇଛି। ପୟାଶ୍ରାଦ୍ଧ ସାଙ୍ଗକୁ ଦୀପାବଳି ଉତ୍ସବ ମଧ୍ୟ ପାଳନ କରାଯାଇଛି। ତେବେ ଆଜି ସନ୍ଧ୍ୟାରୁ ବର୍ଷା ଲାଗି ରହିଛି। ଏହି ଅଦିନିଆ ବର୍ଷା ଯୋଗୁଁ କାଳୀ ପୂଜା ଓ ଦୀପାବଳି ଉତ୍ସବ ଆଂଶିକ ଭାବେ ଫିକାପଡ଼ିଯାଇଥିବା ଦେଖିବାକୁ ମିଳିଥିଲା।

# କବିର ଧର୍ମ ଦାସ ବଂଶାବଳି ମିଶନ ପକ୍ଷରୁ କମ୍ବଳ ବଣ୍ଟନ




ଉମରକୋଟ,୨୧।୧୦(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟସ୍ଥିତ ଅନ୍ଧ-ମୁକ-ବଧିର ବିଦ୍ୟାଳୟ ସହ ଅନ୍ୟ ଛାତ୍ରଛାତ୍ରୀଙ୍କୁ କବିର ଧର୍ମ ଦାସ ବଂଶାବଳୀ ମିଶନ ପକ୍ଷରୁ କମ୍ବଳ ଏବଂ ମିଠା ବଣ୍ଟନ କରାଯାଇଛି। ଏଥିରେ ସମସ୍ତ ବିଦ୍ୟାଳୟ କାର୍ଯ୍ୟ କର୍ତ୍ତା ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ କେଡ଼ିଭି ମିଶନ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। କେଡ଼ିଭି ମିଶନ ତରଫରୁ ରମେଶ ସାହୁଙ୍କୁ ଶୁଭେଚ୍ଛା ଜଣାଇଥିଲେ। ମହନ୍ତ ମାନ ଦାସ, ରମେଶ ଦାସ, ଖଗ ଦାସ, ଅଭି ଦାସ, ବିକ୍ରମ ଦାସ, ଜଗତୁ ଦାସ, ଗରା ଦାସ, ପେଣ୍ଡ୍ରାଦାସ, ଗବରୁ ଦାସ, ଝିପାଲି, ଦାସ, କମଳା ଦାସ, ଦୀପ୍ତି ଦାସ, ସନ୍ତୋଷୀ ଦାସ, କୁମାରୀ ଦାସ, ବନ୍ତି ଦାସ, ଲଳିତା ଦାସ, କୁନି ଦାସ, ଡମୁ ଦାସ ଉପସ୍ଥିତ ଥିଲେ।

# ଡମ ସମାଜ ପକ୍ଷରୁ ଦିଆଲି ପରବ ଭେଟଘାଟ୍ ପ୍ରସ୍ତୁତି ବୈଠକ



ଟିକିରି,୨୧।୧୦(ସମିସ): କାଶୀପୁର ବ୍ଲକ୍ ଟିକିରି ଥାନା ଅଧୀନରେ ଥିବା ଏସିଆନ୍ ଟେକ୍ ପଡ଼ିଆର କାଶିପୁର ବ୍ଲକ ଡମ ସମାଜର ଦିଆଲ୍ ପରବ ଭେଟଘାଟ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ରାୟଗଡ଼ା ଜିଲ୍ଲା ଡମସମାଜର କର୍ମକର୍ତ୍ତା ମାନେ ସାମିଲ୍ ହୋଇଥିଲେ। ସେମାନଙ୍କ ମଧ୍ୟରେ ଡମ ସମାଜର ସଭାପତି ତେଲି ନାୟକ ଦିଆଲି ପରବ ଭେଟଘାଟ ପାଇଁ ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନା କରିଥିଲେ। କାଶିପୁର ବ୍ଲକ ଡମସମାଜର କର୍ମକର୍ତ୍ତା ଓ ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି କି ଆମ୍ଭେ, ବ୍ଲକ୍‌ସ୍ତରୀୟ ଦିଆଲ୍ ପରବ ଭେଟଘାଟ ନକରି ଅବିଭକ୍ତ କୋରାପୁଟ ଜିଲ୍ଲା ଦିଆଲ୍ ପରବ ଭେଟଘାଟ, କାଶୀପୁର ବ୍ଲକ୍ ଡମ ସମାଜ ତରଫରୁ ପାଳନ କରିବା। ସର୍ବସମ୍ମତି କ୍ରମେ କାଶିପୁର ବ୍ଲକ୍‌ରେ ଅବିଭକ୍ତ କୋରାପୁଟ ଜିଲ୍ଲା ଦିଆଲ୍ ପରବ ଭେଟଘାଟ ପାଳନ କରିବାପାଇଁ ସ୍ଥିର କରିଥିଲେ। ଆସନ୍ତା ନଭେମ୍ବର ମାସ ତେଇଶି ତାରିଖରେ ଦିଆଲ୍ ପରବ ଭେଟଘାଟ ପାଳନ କରାଯିବ। ଏବଂ ସମ୍ବିଧାନ ଦିବସ ଦିନ ମହାଆଡମ୍ବରରେ କାଶିପୁର ବ୍ଲକର ସମସ୍ତଙ୍କୁ ଏହା ପାଳନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ବୈଠକରେ ସମସ୍ତ ଅବିଭକ୍ତ କୋରାପୁଟ ଜିଲ୍ଲାର ଡମସମାଜ, ପଞ୍ଚାୟତର ଡମସମାଜ, ସହିତ ଚାରି ଜିଲ୍ଲାର ଡମ ସମାଜ ସଭାପତି ଓ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କୁ ଅନୁରୋଧ କରିଛନ୍ତି କି ମାନ ଅଭିମାନ ଭୁଲି ଭାଇଚାରାର ବାର୍ତ୍ତା ନେଇ ସମସ୍ତେ ଏହି ପର୍ବ ପାଳନ କରିବା। ଗୋବିନ୍ଦ ନାଏକ, ଯୁଧିଷ୍ଠିର ନାଏକ, ଗୁଣନିଧି ବାଗ, କୁପାଖାଲ୍, ଶଙ୍କର ନାଏକ, ଉମେଶ ନାଏକ, ଗଙ୍ଗାଧର ନାଏକ, ବଟକୃଷ୍ଣ ନାଏକ, ଲାଲ୍ ବାହାଦୁର ଦୁରିଆ, ରାଜେନ୍ଦ୍ର ଦୁରିଆ, ଅଭିମନ୍ୟୁ ନାଏକ, କମଳଲୋଚନ ନାଏକ, ନାଗେଶ୍ୱର ଖୋସଲା, ପରମା ନାଏକ, ସାଗବାରି, ପୃଷ୍ଟି ଦୁରିଆ, ବିଶ୍ୱାମିତ୍ର ନାଏକ, ସିମନ୍ କୁମାର ଖୋସଲା, ସୁଧୀର କୁମାର ଖୋସଲାଙ୍କ ସହିତ ଅନେକ ଡମସମାଜ ଭାଇମାନେ ଯୋଗ ଦେଇଥିଲେ।

# ବିଧବାଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ ପାଇଁ ଗ୍ରାମବାସୀଙ୍କ ଦାବି

ପୋଡ଼ାଗଡ଼,୨୧।୧୦(ସମିସ): କୋରାପୁଟ ଜିଲ୍ଲାର ବିଭିନ୍ନ ବ୍ଲକ୍‌ର ହିତାଧିକାରୀଙ୍କୁ ପକ୍କାଘର ପାଇଁ କାର୍ଯ୍ୟାଦେଶ ସହ ପ୍ରଥମ କିସ୍ତି ମଧ୍ୟ ପ୍ରଦାନ କରା ଯାଇଛି। ମାତ୍ର ଅନେକ ଗ୍ରାମରେ ପ୍ରକୃତ ହିତାଧିକାରୀ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ କରାଯାଇନଥିବା ନଜରକୁ ଆସିଛି। ସେହିପରି ଏକ ଗରିବ ବିଧବା ମହିଳା ହେଉଛନ୍ତି ଲାଚି ସାଉନ୍ତା (୪୫)। ଲାଚୀ ହେଉଛନ୍ତି ଦଶମନ୍ତପୁର ବ୍ଲକ ଅଧୀନ ମୁଜାଙ୍ଗ ପଞ୍ଚାୟତ ଅନ୍ତର୍ଗତ ସୁକୁରୀଗୁଡ଼ା ଗ୍ରାମର ବାସିନ୍ଦା। ଦୀର୍ଘ ୪ବର୍ଷ ହେବ ତାଙ୍କର ସ୍ୱାମୀ ମୃତ୍ୟୁ ବରଣ କରିଛନ୍ତି। ସ୍ୱାମୀ ମଲାପରେ ଲାଚି ୩ଝିଅ ଓ ଗୋଟିଏ ପୁଅ ଓ ନିଜ ମା ଏବଂ ସାନ ଭଉଣୀ ସହ ଭଙ୍ଗା କୁଡିଆରେ ଆଜବେଷ୍ଟସ୍ ପକାଇ ରହୁଛନ୍ତି। ଗତ ୧୧ ତାରିଖରେ କାଠ ବିକ୍ରି ପାଇଁ ଦାମନଯୋଡ଼ିସ୍ଥିତ ନୋଲକକୁ ଯାଉଥିବା ସମୟରେ ଲାଚିଙ୍କ ମା' କମାଲି ଦିଶାରୀ(୬୫)ଙ୍କ ବଜ୍ରପାତରେ ମୃତ୍ୟୁ ହେଇଥିଲା। ଏବେ ନିଜ ପୁଅ ଝିଅ ଓ ସାନ ଭଉଣୀଙ୍କୁ ନେଇ ସେ ସେହି ଦଦରା ଘରେ ରହୁଥିବା ଦେଖା ଦେଇଛି। ସେ ଅତି ଗରିବ ଶ୍ରେଣୀର ହୋଇଥିବାରୁ ଚଳିବାକୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଥିବା କହିଛନ୍ତି। ଲାଚିଙ୍କ ବଡ଼ ଝିଅ ଗତ ବର୍ଷ ବିବାହ କରିଛନ୍ତି। ଏବେ ଦୁଇ ଝିଅ ଓ ପୁଅ ଭଉଣୀକୁ ନେଇ ରହୁ ଥିବାରୁ କେବଳ ମାସକୁ ୨୫ କେଜି ଚାଉଳ ଓ ୧୦୦୦ ଟଙ୍କା ବିଧବା ଭତ୍ତା ହିଁ ସରକାରୀ ସହାୟତା। ଲାଚିଙ୍କ ପରି ବିଧବା ମହିଳାମାନଙ୍କୁ କିଭଳି ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ୍ କରାଯାଇ ନାହିଁ ତାକୁ ନେଇ ପ୍ରଶ୍ନ କରିଛନ୍ତି ଅଞ୍ଚଳବାସୀ। ତେଣୁ ଏହି ଯୋଜନାରେ ସାମିଲ କରି ଅତିଶୀଘ୍ର ଗୃହ ଯୋଗାଇ ଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

# ଗଛ ଲଗାଇ ନିଆରା ଦୀପାବଳି ପାଳିଲେ



କୋରୁକୋଣ୍ଡା,୨୧।୧୦(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ଚିତାପାରୀ ୩ ଗ୍ରାମ ପଞ୍ଚାୟତ ବୀରକିଶୋରପୁର ଗ୍ରାମରେ ପରିବେଶବିତ୍ ଦୀପା ରାଣି ନାୟକ ଏବଂ ବୀରକିଶୋରପୁର ଯୁବକ ସଂଘର ମିଳିତ ଆନୁକୂଲ୍ୟରେ ସଂଘର ସଭାପତି ଜଗନ୍ନାଥ ହନ୍ତାଳ ଓ ସମସ୍ତ ସଦସ୍ୟଙ୍କ ଦ୍ୱାରା ୧୦୦ଟି ବୃକ୍ଷ ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ (ବି.ଇ.ଓ) ଗାୟତ୍ରୀ ଦେବୀ, କଣ୍ଡେଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସନ୍ତ କୁମାର ରଣା, ଦାର୍ଲାବେଡା ମହା ବିଦ୍ୟାଳୟ ର ଅଧ୍ୟାପକ ଦିଲୀପ କୁମାର ଓଝା ଓ ସୋମନାଥପୁର ପଞ୍ଚାୟତର ସିଆର୍‌ସିସି ଯତୀନ୍ଦ୍ର କୁମାର ସ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ମୁଖ୍ୟ ଉଦ୍ଦେଶ୍ୟ ଥିଲା ଏହି ଦୀପାବଳିରେ ବାଣ ଫୁଟେଇ ପରିବେଶ କୁ ପ୍ରଦୂଷଣ କରିବା ବଦଳରେ ବୃକ୍ଷ ରୋପଣ କରି ପରିବେଶ ପ୍ରଦୂଷଣ ମୁକ୍ତ କରିବା ଏବଂ ସବୁଜ ଦୀପାବଳି ପାଳନ କରିବା। ଗ୍ରାମବାସୀଙ୍କ ମନ ରେ ପରିବେଶ ପ୍ରତି ସକାରାଶକ ମନଭାବ ସୃଷ୍ଟି କରିବା ଏହାର ଲକ୍ଷ୍ୟ ଥିଲା। ଏହି କାର୍ଯ୍ୟକ୍ରମରେ ବୀରକିଶୋରପୁର ଗ୍ରାମର ମା' ମଉଳି ଓ ଶୁଭଶ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସିଆର୍‌ପି କର୍ମଚାରୀ ରେବତୀ ତନ୍ତୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମକୁ ସଫଳ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଆଗାମୀ ଦିନରେ ସେଇ କୁନି କୁନି ବୃକ୍ଷଗୁଡ଼ିକର ଯତ୍ନ ନେବା ପାଇଁ ସମସ୍ତ ସଦସ୍ୟ ଶପଥ ନେଇଛନ୍ତି। ସ୍ୱେଚ୍ଛାସେବୀ ଭାବେ ଶୁଭଙ୍କର ଭୌମିକ, ସୋମନାଥ ହନ୍ତାଳ, ସୁନେଲ ମୁଦୁଲି, ରାଜୁ ସିସା, ପୂର୍ଣ୍ଣ ମୁଦୁଲି, ଭୀମ ହନ୍ତାଳ ଆଦି ?ୃକ୍ଷ ରୋପଣ ରେ ସହଯୋଗ କରିଥିଲେ କ୍ଷ ଆଗାମୀ ଦିନରେ ମାଲକାନଗିରି ଜିଲ୍ଲାର ପ୍ରତେକ ଗ୍ରାମ ରେ ଏହି ଭଳି କାର୍ଯ୍ୟକ୍ରମ ଆୟୋଜନ କରି ଲୋକଙ୍କ ମନରେ ପରିବେଶ ସୁରକ୍ଷା ପ୍ରତି ସଚେତନତା ସୃଷ୍ଟି କରିବା ପାଇଁ ପରିବେଶବିତ୍ ଦୀପା ରାଣି ନାୟକ ପ୍ରତିଶ୍ରୁତି ଦେଇଛନ୍ତି।

# ଆଦିବାସୀଙ୍କୁ ଜଙ୍ଗଲ ଜମି ଓ ସିଲିଂ ବହିର୍ଭୂତ ଜମି ବଣ୍ଟନ ଦାବି

ପଦ୍ମପୁର,୨୧।୧୦(ସମିସ):




ସୋମବାର ସିପିଆଇ (ଏମ୍ଏଲ୍) ଲିବରେସନ ପକ୍ଷରୁ ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ୍ ତେମ୍ବାଗୁଡ଼ା ହାଟପଦାଠାରେ ବ୍ଲକ୍‌ସ୍ତରୀୟ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସିପିଆଇ (ଏମ୍ଏଲ୍) ଲିବରେସନ ଜିଲ୍ଲା ସମ୍ପାଦକ ତ୍ରିପତି ଗମାଙ୍ଗ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ବର୍ଷିଥିଲେ। ଏଥିସହ ଜଙ୍ଗଲ ଜମି ଓ ସିଲିଂ ବହିର୍ଭୂତ ଜମି ବଣ୍ଟନ କରିବା ନେଇ ସରକାରଙ୍କ ପାଖରେ ଦାବି ରଖିଥିଲେ। ଦାବି ମଧ୍ୟରେ ସମସ୍ତ ଗାଁର ଆଦିବାସୀ, ଦଳିତମାନଙ୍କୁ ରହିବାକୁ ଘର ଡିହ, ସିଲିଂ ବହିର୍ଭୂତ ଜମି ବଣ୍ଟନ କରିବା, ସମ୍ବିଧାନର ୫ମ ଅନୁଚ୍ଛେଦରେ ଆଦିବାସୀମାନଙ୍କୁ ଜମିର ଅଧିକାର ଦେବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୫ଲକ୍ଷ ଟଙ୍କା ଯୋଗାଇବା, ମନରେଗା କାମରେ ୨୦୦ ଦିନ କାମ ସହ ଦୈନିକ ୬୦୦ ଟଙ୍କା ମଜୁରି ଯୋଗାଇବା, ସମସ୍ତ ଗରିବଙ୍କୁ ୫୦ କେଜି ଚାଉଳ ଯୋଗାଇବା, ୩୦୦ ୟୁନିଟ୍ ବିଦ୍ୟୁତ ଯୋଗାଇବା, ପେନସନ ୫ହଜାର ଟଙ୍କା କରିବା, ପ୍ରତ୍ୟେକ ଗାଁର ଆଦିବାସୀମାନଙ୍କ ଦଖଲରେ ଥିବା ଜମିର ପଟା ପ୍ରଦାନ କରିବା, ଡକରମା ଠାରୁ ପୂର୍ତ୍ତ ବିଭାଗ ରାସ୍ତା ପର୍ଯ୍ୟନ୍ତ ପକ୍କା କରିବା, ସର୍ଦ୍ଦାପୁର ଠାରୁ ଅଞ୍ଜଲି ପର୍ଯ୍ୟନ୍ତ ପକ୍କା ରାସ୍ତା କରିବା ପାଇଁ ଆଲୋଚନା କରିବା ସହ ଦାବି ପୂରଣ ନହେଲେ ନଭେମ୍ବର ମାସରେ ପଦ୍ମପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ଧାରଣା ଦେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୈଠକରେ ରାଜେନ୍ଦ୍ର ମାଝୀ, ପାଉଲ ରଇତ, ଝିରିମିୟ ମାଝୀ, ଏଲିଅ ମାଝୀ, ଦୈରପତି ଶବର, ଗିରିଧର ଶବର, ତୁଳସା ନିମାଲା, ବୃନ୍ଦାବତୀ ଗମାଙ୍ଗ, ରାଜୁ ପାତିକା, ହର୍ଷାନନ୍ଦ ଲିମା, ଜକ୍ଷ ଲିମା, ସାହେବ ଲିମା, ସମନ ରଇତ ପ୍ରମୁଖ ଉପସ୍ଥିତ ଥିଲେ।

● ଆଉ ଜଣେ ଦାଦନଙ୍କ ମୃତ୍ୟୁ

# ଗାଁକୁ ଆସି ପାରିଲା ନାହିଁ ମୃତଦେହ

**ଧର୍ମଗଡ,୨୧।୧୦(ସମିସ):** ଦଣ୍ଡପାଟ ଅଞ୍ଚଳ ପାଇଁ ଦାଦନ ଶ୍ରମିକଙ୍କ ସମସ୍ୟା ନୂଆ ହୋଇ ରହିନାହିଁ।କଳାହାଣ୍ଡି କଥା ଯଦି କୁହାଯାଏ -ତେବେ ଧର୍ମଗଡ ଦଣ୍ଡପାଟ ଅଞ୍ଚଳକୁ ଦାଦନ ଶ୍ରମିକ ଅଞ୍ଚଳ ଭାବେ ପରିଗଣନା କରାଯାଏ। ଦୈନନ୍ଦିନ କିଛି ନା କିଛି ଦାଦନ ଶ୍ରମିକ ଙ୍କ ଘଟଣା ଅଞ୍ଚଳର ଶିରୋନାମା ଖବର ପାଲଟିଥାଏ। ନୀତିଦିନ -ଦାଦନ ନିର୍ଯାତନା, ବନ୍ଧକ, ନିଖୋଜ,ମୃତ୍ୟୁ ଭଳି ଘଟଣା ଲାଗି ରହିଛି। ପୁଣି ମୃତ୍ୟୁ ତାଲିକାରେ ଆଉ ଜଣେ ଦାଦନ ଶ୍ରମିକଙ୍କ ନାଁ ଯୋଡି ହୋଇଯାଇଛି। ମୃତ ମହିଳା ଜଣକ ଧର୍ମଗଡ ବ୍ଲକ୍ ତେଣ୍ଡାପାଲି ପଞ୍ଚାୟତ ସାଗବାହେଲି ଗ୍ରାମର କବିନ୍ଦ୍ର ନାଏକଙ୍କ ସ୍ତ୍ରୀ କସ୍ତୁରୀ ନାଏକ( ୪୩) ।କିଛି ବର୍ଷରୁ ସ୍ୱାମୀ-ସ୍ତ୍ରୀ ବାହାର ରାଜ୍ୟରେ ବିଭିନ୍ନ ଠିକାଦାର,କମ୍ପାନୀରେ ନିୟୋଜିତ ହୋଇ ପେଟପାଟଣା କରି ଆସୁଥିଲେ। ଗତ କିଛି ଦିନ ତଳେ ମହାରାଷ୍ଟ୍ର ରାଜ୍ୟର କର୍କବାଡ଼ -ଖମନ ଠାରେ ଏକ ଘରୋଇ ମାଲିକ ଠାରେ କାମ କରୁଥିଲେ ।ହେଲେ କସ୍ତୁରୀଙ୍କ ଦେହ ଅସୁସ୍ଥ ହୋଇ ପଡିଥିଲା। ଜିଲ୍ଲା ଚିକିତ୍ସାଳୟ ଖମନ ଠାରେ ଭର୍ତ୍ତି କରାଯାଇ ଚିକିତ୍ସିତ ହେଉଥିଲେ ଓ ସୋମବାର ଦିନ ଚିକିତ୍ସା ଅବସ୍ଥାରେ ମୃତ୍ୟୁ ହୋଇଥିଲା ।ଏହି ଖବର ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ ପରିବାର ଲୋକେ ମୃତ ଶବ ଆଣିବାକୁ ଅସମର୍ଥ ହୋଇ ପଡିଛନ୍ତି ।ଅର୍ଥ ଅଭାବରୁ ଗାଁକୁ ମୃତଦେହ ଆଣିବା ଅସମ୍ଭବ ହୋଇ ପଡିଛି। ମୃତଦେହ ଆଣିବାକୁ ହେଲେ ୪୦ହଜାରୁ ଊର୍ଦ୍ଧ୍ୱ ଟଙ୍କା ଆବଶ୍ୟକ। ଯାହା ପରିବାର ପକ୍ଷରେ ସମ୍ଭବ ନ ଥିବା କୁହାଯାଏ ।ଗାଁ ଲୋକଙ୍କ କହିବା ମତେ ମଙ୍ଗଳବାର ଦିନ ମହିଳାଙ୍କ ମୃତଦେହ ସେଠାରେ ସତ୍କାର କରାଯାଇଥିବା ଆଲୋଚନା ହୁଏ। ସରକାର ଉପରେ ସରକାର ବଦଳିଛି ହେଲେ ଦଣ୍ଡପାଟ ଅଞ୍ଚଳ ଭାଗ୍ୟ କେବେ ବଦଳିବ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଯୁବକଙ୍କ ଗଳିତ ଶବ ଉଦ୍ଧାର

**ଭବାନୀପାଟଣା,୨୧।୧୦(ସମିସ):** ସୋମବାର ଦୀପାବଳୀ ପାଇଁ ଚାରିଆଡେ ଉତ୍ସବ ମୁଖର ହୋଇଥିବାବେଳେ ଭବାନୀପାଟଣା ସହର ଶମ୍ଭୁନଗରପଡାସ୍ଥିତ ଏକ ଜମିରୁ ଅପରାହ୍ନରେ ଜଣେ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଥିଲା। ମୃତ ଯୁବକଙ୍କ ନାମ ମହେଶ୍ୱର ଶବର(୧୯)। ସେ ସହରର ଶବରପଡାର ବୋଲି ଜଣାପଡିଛି। ଖବର ପାଇ ପୁଲିସ ଓ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ଅନ୍ୟପଟେ,ଯୁବକଙ୍କ ମୃତ୍ୟୁକୁ ନେଇ ପରିବାରବର୍ଗ ହତ୍ୟା ସନ୍ଦେହ କରି ଥାନାରେ ଲିଖିତ ଅଭିଯୋଗ ଦେଇଛନ୍ତି। ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ଯୁବକଙ୍କ ମୃତ୍ୟୁକୁନେଇ ପରିବାରଲୋକ ଗଭୀର ଦୁଃଖରେ ଭାଙ୍ଗି ପଡିଛନ୍ତି ।ଏହା ଏକ ପୂର୍ବକଳ୍ପିତ ହତ୍ୟାକାଣ୍ଡ ବୋଲି ପୁଲିସ ନିକଟରେ ଦାବି ମଧ୍ୟ କରିଛନ୍ତି ।ପୁଲିସ ତଦନ୍ତ ପରେ ମୃତ୍ୟୁ ରହସ୍ୟ ଜଣାପଡିବ।

ପାଚିଲା ଧାନରେ ରୋଗ ପୋକ

# କାମ ଦେଉନି କୀଟନାଶକ, ହାତ ଟେକିଦେଲାଣି କୃଷି ବିଭାଗ

ସିନାପାଲି,୨୧।୧୦(ସମିସ)



ନୂଆପଡ଼ା ଜିଲ୍ଲା ସିନାପାଲି ଅଞ୍ଚଳରେ ପାଚିଲା ଧାନରେ ରୋଗପୋକ ଲାଗି ବ୍ୟାପକ ଧାନ ଫସଲ ନଷ୍ଟ ହେଉଥିବା ଯୋଗୁଁ ଚାଷୀମାନେ ଚିନ୍ତାରେ ରହିଛନ୍ତି। ବିଭିନ୍ନ କୀଟ ନାଶକ ଔଷଧ ପ୍ରୟୋଗ କଲେ ମଧ୍ୟ କାମରେ ଆସୁ ନାହିଁ। ଏପରିକି ଏହାକୁ ନିୟନ୍ତ୍ରଣ କରିବାରେ କୃଷି ବିଭାଗର ପରାମର୍ଶ ମଧ୍ୟ କାମ ଦେଉ ନାହିଁ। ଅଞ୍ଚଳର ହେକ୍ଟର ହେକ୍ଟର ଜମିରେ ରୋଗପୋକ ଲାଗି ଧାନ ଚାଷ ପୋଡ଼ି ନଷ୍ଟ ହେଉଛି। ଚଳିତ ବର୍ଷ ପ୍ରାକ୍ ମୌସୁମୀ ବର୍ଷା ଠିକ ସମୟରେ ଆସିଥିବା ବେଳେ ଚାଷ ଉପଯୋଗୀ ବର୍ଷା ହୋଇଥିଲା। ଚାଷୀ ମଧ୍ୟ ଠିକ୍ ସମୟରେ ଧାର କରଜ ଆଣି ଧାନ ବୁଣା ସାଙ୍ଗକୁ ରୁଆ ବେଉଷଣ କରିଥିଲା। ଚାଷ ମଧ୍ୟ ବହୁତ ଭଲ ହୋଇଥିଲା। ଜମିରେ ଆବଶ୍ୟକ ଅନୁଯାୟୀ ବିଭିନ୍ନ ସାର ପ୍ରୟୋଗ କରିଥିଲା ଧାନ ଗୁଡ଼ିକରେ ଫୁଲଫଳ ମଧ୍ୟ ଭଲ ଆସିଥିଲା। ହେଲେ ଧାନ ଗଛ ଗୁଡ଼ିକ ପାଚିବା ଆରମ୍ଭ ବେଳକୁ ରୋଗର ପ୍ରାଦୁର୍ଭାବ ଦେଖା ଦେଇ ସର୍ବନାଶ କରିଦେଲା। ଯେତେ ଚେଷ୍ଟା କଲେ ମଧ୍ୟ ରୋଗ ପୋକ କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଲା। ଦୁଇ ତିନି ଥର ଲେଖାଏଁ ଔଷଧ ପ୍ରୟୋଗ କଲେ ମଧ୍ୟ କୌଣସି କାମକୁ ନୁହେଁ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି ।ଚାଷୀ ଅନେକ ଆଶା ନେଇ ବହୁ ପରିଶ୍ରମ ସାଙ୍ଗକୁ ଖର୍ଚ୍ଚାନ୍ତ କରି ଧାନ ଚାଷ କରିଥିବା ବେଳେ ଏବେ ଉପାୟ ଶୂନ୍ୟ ହୋଇ ଚିନ୍ତାରେ ଭାଙ୍ଗି ପଡ଼ିଥିବା ବେଳେ ଧାର କରଜ ଶୁଝିବା ମୁସ୍କିଲ ହୋଇପଡ଼ିଛି। ସିନାପାଲି ଏକ ଅଣଜଳସେଚିତ ଅଞ୍ଚଳ ହୋଇଥିବା ବେଳେ ଏଠାରେ ସେଭଳି ଜଳସେଚନର ବ୍ୟବସ୍ଥା ନାହିଁ। କେବଳ ବର୍ଷା ଜଳ ଉପରେ ନିର୍ଭର କରି ଚାଷ କାର୍ଯ୍ୟ କରିଥାନ୍ତି। ଏଠାରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ପ୍ରତିବର୍ଷ ଚାଷୀଙ୍କୁ ମରୁଡିର ସମ୍ମୁଖିନ ହେବାକୁ ପଡ଼ିଥାଏ। ଏଭଳି ପରିସ୍ଥିତିରେ ଯାହା ବି ଉପାର୍ଜନ ହୁଏ ସେଥିରେ ବର୍ଷକର ଖାଇବା ଖର୍ଚ୍ଚ ମିଳିଥାଏ। ହେଲେ ଚଳିତ ବର୍ଷ ରୋଗ ପୋକ ଯୋଗୁଁ ଧାନ ଚାଷ ଉଜୁଡ଼ି ଯାଇଛି। କିଭଳି ଧାରକରଜ ଶୁଝି ପରିବାର ପ୍ରତିପୋଷଣ କରିବ ତାକୁ ନେଇ ଚିନ୍ତାରେ ରହିଛନ୍ତି। ଚଳିତ ବର୍ଷ ସିନାପାଲି ବ୍ଲକର ପ୍ରାୟ ୨୭ଟି ପଞ୍ଚାୟତର ବିଭିନ୍ନ ଗାଁ ଗଣ୍ଡାରେ ଏଭଳି ରୋଗ ପୋକ ଲାଗି ରହିଛି। ଧାନ ଗଛ ଗୁଡ଼ିକ ନାଲି ରଙ୍ଗର ହୋଇ ସମ୍ପୂର୍ଣ୍ଣ ପାଳ ହୋଇଯାଇଛି। ଆଉ କିଛି ଜମିର ଧାନ କେଣ୍ଡା ଗୁଡ଼ିକରେ କଳା କଳା ହୋଇ ଗଛ ମରିଯାଉଛି ।ଅନେକ ଉପାୟ ଅବଲମ୍ବନ କରୁଥିଲେ ମଧ୍ୟ କାମ ଦେଉ ନାହିଁ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି ।ସରକାରଙ୍କ ତରଫରୁ ପ୍ରଶାସନିକସ୍ତରରେ ତଦନ୍ତ କରି ଆବଶ୍ୟକ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଚାଷୀମାନେ ନିବେଦନ କରିଛନ୍ତି।

ଡିଏଭି ଜୋନସ୍ତରୀୟ କରାଟେ ପ୍ରତିଯୋଗିତା

# କଳାହାଣ୍ଡିକୁ ୪ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ

**ଲାଞ୍ଜିଗଡ଼,୨୧।୧୦(ସମିସ):** ଝାରସୁଗୁଡା ଡିଏଭି ପବ୍ଲିକ ସ୍କୁଲଠାରେ ରବିବାର ଜୋନ୍‌ସ୍ତରୀୟ କରାଟେ




ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି ।ପ୍ରତିଯୋଗିତାରେ କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ୮ ଜଣ କରାଟେ ପ୍ରତିଯୋଗୀ ବିଭିନ୍ନ ବର୍ଗରେ ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ବିଭିନ୍ନ ବର୍ଗରେ ୪ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ହାସଲ କରି ଡିଏଭି ଜାତୀୟ କରାଟେ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି ।ଲୋକେଶ ବିଶ୍ୱାଳ, ହିତେଶ ମହାଖୁଡ଼, କିରନ୍ ବେମାଲ ଓ ଗଙ୍ଗାଧର ମଲ୍ଲିକ ସ୍ୱର୍ଣ୍ଣପଦକ ଏବଂ ଅପିତା ବାଡ଼ତିଆ ରୌପ୍ୟ ପଦକ ହାସଲ କରିଛନ୍ତି। ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ଅଧ୍ୟକ୍ଷା ଡ଼.ମାନବିନ କୌରଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗୀମାନେ ନିଜ ବିଦ୍ୟାଳୟ ଶିକ୍ଷକ ଦୁର୍ଯ୍ୟୋଧନ ନାଗ ଓ ଶିକ୍ଷୟିତ୍ରୀ ଅବ୍ୟର୍ଧନା ଦାସ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଲାଞ୍ଜିଗଡ ଉତ୍କଳ କରାଟେ ସ୍କୁଲ କୋଚ କ୍ଷମାନିଧି ମହାଖୁଡ଼ ଏହି ଖେଳାଳିଙ୍କୁ କରାଟେ ତାଲିମ ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ଭାଗ ନେଇ ଜିଲ୍ଲା ତଥା ବ୍ଲକ ଓ ନିଜ ସ୍କୁଲ ପାଇଁ ଗୌରବ ଆଣିଥିବା ଯୋଗୁଁ କରାଟେ କୋଚ୍ ଶ୍ରୀ ମହାଖୁଡ, କଳାହାଣ୍ଡି ଉତ୍କଳ କରାଟେ ସ୍କୁଲ୍ ଚିଫ ଟେକନିକାଲ ନିର୍ଦ୍ଦେଶକ ସୁରେଶ ଜାଲ ଯାଦବ, ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ସଫଳତା ପାଇଁ ଖେଳାଳିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି।

■ ରାଜ୍ୟସ୍ତରୀୟ କ୍ୱାନକିଡୁ ତାଏକ୍ୱୋଣ୍ଡୋ ଚାମ୍ପିଅନସିପ

# କଳାହାଣ୍ଡିକୁ ୧୨ ସ୍ୱର୍ଣ୍ଣ ପଦକ

**କେସିଙ୍ଗା,୨୧।୧୦(ସମିସ):** ଅକ୍ଟୋବର ୧୮ ତାରିଖ ଓ ୧୯ ତାରିଖ ଦିନ କଟକସ୍ଥିତ ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମ୍‌ରେ ଷଷ୍ଠ ରାଜ୍ୟସ୍ତରୀୟ କ୍ୱାନକିଡୁ ରାଜ୍ୟସ୍ତରୀୟ ତାଏକ୍ୱୋଣ୍ଡୋ ଚାମ୍ପିଅନସିପ ଅନୁଷ୍ଠିତ ହୋଇଯାଇଛି ।ଏଥିରେ କଳାହାଣ୍ଡି ଜିଲ୍ଲାର ମାଷ୍ଟର ଛବିଲାଲ ନିଆଲଙ୍କ ତତ୍ତ୍ୱାବଧାନରେ କେସିଙ୍ଗାର ମାଷ୍ଟର ଟଲଷ୍ଟୟ ଦୁର୍ଗା ମୁଖ୍ୟ କୋଚ୍ ଭାବେ ଓ ଭବାନୀପାଟଣାର ମାଷ୍ଟର ବିଜୟ ସହକାରୀ କୋଚ୍ ଭାବେ କଳାହାଣ୍ଡିର ୩୧ ଜଣ ପ୍ରତିଯୋଗୀ ସହ ଭାଗ ନେଇଥିଲେ। କେସିଙ୍ଗା ୟଙ୍ଗବ୍ଲଡ଼ ପବ୍ଲିକ ସ୍କୁଲର ଅଧ୍ୟକ୍ଷା



ଦିପ୍ତିରାଣି ସିଂ ଉକ୍ତ ପ୍ରତିଯୋଗିତାରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।ପ୍ରତିଯୋଗିତାରେ କଳାହାଣ୍ଡିରୁ ୧୨ ଜଣ ସ୍ୱର୍ଣ୍ଣପଦକ, ୧୨ ଜଣ ରୌପ୍ୟ ପଦକ ଓ ୧୦ ଜଣ କାଂସ୍ୟ ପଦକ ହାସଲ କରି ସମଗ୍ର ରାଜ୍ୟରେ କଳାହାଣ୍ଡି ଦ୍ୱିତୀୟ ସ୍ଥାନ ଅଧିକାର କରି ଜିଲ୍ଲା ପାଇଁ ଗୌରବ ଆଣିପାରିଛି। କଳାହାଣ୍ଡି ଜିଲ୍ଲା କ୍ୱାନକିଡୁ ସଭାପତି ଭାବେ ତାପସ ମିଶ୍ର,ଅଫିସିଆଲ୍ ଭାବେ ଖିତିସ ଯୋଗ ଦେଇଥିବା ବେଳେ ଅଭିଭାବକ ଭାବେ ସୁନୀତା ବେବୋର୍ତ୍ତା ,ତପନ କୁମାର ଦାଶ,ସୋନୁ ମିଶ୍ର, ରତ୍ନାକର ତାଣ୍ଡି ପ୍ରମୁଖ ଯୋଗ ଦେଇ ପ୍ରତିଯୋଗୀ ଓ ଦଳକୁ ସହଯୋଗ କରିବା ସହିତ ଉତ୍ସାହିତ କରି ମନୋବଳ ବୃଦ୍ଧି କରିଥିଲେ। କଳାହାଣ୍ଡି ଜିଲ୍ଲାକୁ ଗର୍ବ ଓ ଗୌରବାନୀତ କରି ଫେରିଥିବା ଉକ୍ତ ପ୍ରତିଯୋଗୀଙ୍କୁ କେସଙ୍ଗା ରେଳ ଷ୍ଟେସନରେ କେସିଙ୍ଗା ସାମ୍ବାଦିକ ସଂଘର ସଭାପତି ସୁଶାନ୍ତ ମହାପାତ୍ର,ସଂଗ୍ରାମ କେଶରୀ ସିଂଦେଓ,ବିବେକ ଦାଶ,ମଧୁସୂଦନ ଠାକୁର ସ୍ୱାଗତ କରିବା ସହ କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ଆନନ୍ଦ ବେହେରା, ପୂର୍ବତନ ନଗରପାଳ ରାମ କୁମାର ଜୈନ,କଳାହାଣ୍ଡି ଆଥଲେଟୀକ୍ ସଂଘର ସଂପାଦକ ପୁରନ୍ଦର ଭୋଇ ପ୍ରମୁଖ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ଅଞ୍ଚଳବାସୀ ବିଜୟୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ପ୍ରତିଯୋଗିତା



**ନୂଆପଡା /କୋମନା,୨୧।୧୦(ସମିସ):** 'ମୋ ସ୍ୱପ୍ନର ଓଡିଶା ୨୦୩୬' ପ୍ରସଙ୍ଗରେ କୁରୁମପୁରୀ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ୧୫ଟି ବିଦ୍ୟାଳୟକୁ ନେଇ ଶିଶୁ ମହୋତ୍ସବ ସୁରଭି ୨୦୨୫ ସରକାରୀ ପ୍ରାଥମିକ ବିଦ୍ୟାଳୟ କୁଶଦହନାରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମଅଶୋକ କୁମାର ପଟ୍ଟନାୟକ, ଅଧ୍ୟକ୍ଷ ଶ୍ରୀସାଇ କଲେଜ କୁରୁମପୁରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା।

ସାଧନ କେନ୍ଦ୍ର ସଂଯୋଜକ କାମଳକାନ୍ତ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ କୋମନା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନିତା ପଣ୍ଡା,ଟେଙ୍ଗନାବସା ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱଦେବ ପଣ୍ଡା,ଲଖନା ସିଆରସିସି ସହଦେବ ମହାନନ୍ଦ ଓ କୁଶଦହନା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ରିଖିରାମ ମହାନନ୍ଦ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରେମଲାଲସତନାମୀ ପ୍ରଧାନଶିକ୍ଷକ ଦଲଦଲି କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ। ସରକାରୀ ପ୍ରାଥମିକ ବିଦ୍ୟାଳୟ କୁଶଦହନାରେ ସମସ୍ତ ଶିକ୍ଷକ,ଶିକ୍ଷୟତ୍ରୀଙ୍କ ସହ କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗୀତା କରିଥିଲେ।

ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷାଙ୍କ ଘରୁ ଚୋରି

# ୬ ଦିନ ପରେ ପହଞ୍ଚିଲା ସନ୍ଧାନୀ କୁକୁର

**କେସିଙ୍ଗା,୨୧।୧୦(ସମିସ):** ଗତ ୧୫ ତାରିଖ ମଧ୍ୟ ରାତ୍ରିରେ କଳାହାଣ୍ଡି ଜିଲ୍ଲାର ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷାଙ୍କ କେସିଙ୍ଗା ୱାର୍ଡ ନଂ୧୦ସ୍ଥିତ ବାସଭବନରୁ ଚୋରି ଘଟଣାରେ ମଙ୍ଗଳବାର ଅପରାହ୍ନ ୪ ଘଣ୍ଟା ସମୟରେ ଚୋରି ଘଟଣାର ୬ ଦିନ ପରେ ସନ୍ଧାନୀ କୁକୁର ଆସି ସନ୍ଧାନ ଆରମ୍ଭ କରିଥିଲା ।ବିଗତ ୬ ଦିନ ଭିତରେ କେସିଙ୍ଗାରେ ପ୍ରାୟ ୩ ଦିନ ଭୀଷଣ ବର୍ଷା ହୋଇଥିଲା ଏତେ ବର୍ଷା ପରେ ସନ୍ଧାନୀ କୁକୁର ଚୋର ଧରିବାରେ କେତେ ସଫଳ ହେବ ତାହା ଆଗାମୀ ଦିନରେ



ଆକଳନ କରାଯିବ। ସନ୍ଧାନି କୁକୁର ଘର ଚାରି ପାଖରେ ବୁଲି ଘଟଣାସ୍ଥଳର ଏକ କିଲୋମିଟର ପରିଧିରେ ରାଉଣ୍ଡ ମାରି ଚାଲିଆସିଥିଲା ।ପ୍ରକାଶ ଥାଇକି ୧୫ ତାରିଖ ରାତିରେ ଅଧ୍ୟକ୍ଷାଙ୍କ ପରିବାର ଲୋକଙ୍କ ଉପସ୍ଥିତିରେ ଚୋରମାନେ ପ୍ରାୟ ୪ ତୋଳା ସୁନା ଓ ପ୍ରାୟ ୧୨ ତୋଳାରୂପା ଧରି ଛୁ ମାରିଥିଲେ ।ଉକ୍ତ ଘଟଣା ଦିନ ହିଁ ସାଇନଟିଫିକ ଟିମ୍ ପହଞ୍ଚି ତନାଘନା ଆରମ୍ଭ କରିଥିବା ବେଳେ ସନ୍ଧାନୀ କୁକୁର ଆସିବା ପାଇଁ ୬ ଦିନ କେମିତି ଲାଗିଲା ଚର୍ଚ୍ଚାର ବିଷୟ ପାଲଟିଛି।

# ବଜ୍ରପାତରେ ୨୩ ଛେଳି ମୃତ



**ମ. ରାମପୁର,୨୧।୧୦(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ ଅଲାତରା ଠାରେ ସୋମବାର ଅପରାହ୍ନ ୨ଘଣ୍ଟା ସମୟରେ ଏକ ଅଭାବନୀୟ ଘଟଣା ଘଟିଛି।

ମିଳିଥିବା ସୂଚନା ଅନୁସାରେ ଅଲାତରା କନ୍ଧପଡା ରୁ ଅପରାହ୍ନରେ କିଛି ଲୋକ ଶୁଣାମୁଖୀ ଜଙ୍ଗଲ ନିକଟସ୍ଥ କଟାମୁଣ୍ଡାକୁ ୧୦୦ରୁ ଉର୍ଦ୍ଧ ଛେଳି ଚରାଇବାକୁ ଯାଇଥିଲେ। ହଠାତ ବିଜୁଳି ଘଡଘଡି ବର୍ଷା ସହିତ ପାଖରେ ଥିବା ଏକ ସାହାଜ ଗଛରେ ବଜ୍ରପାତ ହୋଇ ଥିବାରୁ ସେହି ଗଛ ତଳେ ଥିବା ଛେଳି ଜଗନ୍ନାଥ ଭୋଇ ୫ ଟି, ବିରଞ୍ଚି ମାଝୀ ୫, ସୁରେନ୍ଦ୍ର ଭୋଇ ୪, ଶରତ ନାଗ ୨କିଶୋର ପୁଟେଲ ୨,ହରିଶ୍ଚନ୍ଦ୍ର ଭୋଇ ୨, ଜଗବନ୍ଧୁ ଭୋଇ ୧ ,ଚୈତନ ପୁଟେଲ ୧ ଓ ସାଧୁ ରଣାଙ୍କ ଗୋଟିଏ ମୋଟ ୨୩ ଗୋଟି ଛେଳିର ମୃତ୍ୟୁ ହେବା ସହ ଗୋଟିଏ ଛେଳି ଆହତ ହୋଇଛନ୍ତି। ଖବର ପାଇ ମ.ରାମପୁର ପ୍ରାଣୀଧନ ନିରୀକ୍ଷକ ଶ୍ରୀକାନ୍ତ ପାଣିଗ୍ରାହୀ ଏବଂ ଜିତେନ୍ଦ୍ର ନାଗ ଆସି ପୋଷ୍ଟଭୁତାମ କରିଥିବା ବେଳେ ମଙ୍ଗଳବାର ମଦନପୁର ରାଜସ୍ୱ ନିରୀକ୍ଷକ ତନୁସ୍ମିତା ନାୟକ ଗାଁକୁ ଆସି ତଦାରଖ କରି ସରକାର ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ସହାୟତା କରାଜିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଗଣ୍ଡାମେର ବିଦ୍ୟାଳୟର ଉଦ୍‌ଘାଟନ ଉତ୍ସବ



**ଧର୍ମଗଡ଼/ଗୋଲାମୁଣ୍ଡା,୨୧।୧୦(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍ ଗଣ୍ଡାମେର ଗ୍ରାମର ପ୍ରାଥମିକ ବିଦ୍ୟାଳୟ କୁ ଦୀର୍ଘ ୧୦ ବର୍ଷ ଧରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଉନ୍ନୀତ କରଣ ପାଇଁ ଗଣ୍ଡାମେର ଗ୍ରାମବାସୀ ଦାବି କରି ଆସୁଥିଲେ। ତତ୍ ସହିତ ଗତ ୨୦୨୩ ମସିହା ମାର୍ଚ୍ଚ ୨୭ ତାରିଖରୁ ଅନିର୍ଦ୍ଧିଷ୍ଟକାଳ ପର୍ଯ୍ୟନ୍ତ ପ୍ରାଥମିକ ବିଦ୍ୟାଳୟ କୁ ତାଲା ବନ୍ଦ କରି ଆନ୍ଦୋଳନ ମଧ୍ୟ କରିଥିଲେ। ପରେ ଦୀର୍ଘ ୯ମାସର ତାଲା ବନ୍ଦ ପରେ ବିଦ୍ୟାଳୟ ପରିଚାଳନା ସ୍ୱାଭାବିକ ହୋଇଥିଲା। ଗତ ଅଗଷ୍ଟ ମାସ ୧୮ ତାରିଖ ରେ ଗଣ୍ଡାମେର ପ୍ରାଥମିକ ବିଦ୍ୟାଳୟକୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଉନ୍ନୀତ ପାଇଁ ବିଜ୍ଞପ୍ତି ପ୍ରକାଶ ହୋଇଥିବାରୁ ଗଣ୍ଡାମେର ଗ୍ରାମବାସୀଙ୍କ ଦୀର୍ଘ ଦଶ ବର୍ଷର ଦାବି ପୂରଣ ହୋଇଥିଲା। ମଙ୍ଗଳବାର ଗଣ୍ଡାମେର କେନ୍ଦ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରର ଉଦ୍‌ଘାଟନ ଉତ୍ସବ ଆୟୋଜିତ ହୋଇଥିଲା ।ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଘ୍ନରାଜ ରାଉତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ ବିଧାୟକ ସୁଧିର ରଂଜନ ପଟ୍ଟଯୋଶୀ ,ସମ୍ମାନିତ ଅତିଥି ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଜୁନାଗଡ଼ ବିଧାୟକ ପ୍ରାର୍ଥୀ ମନୋଜ କୁମାର ମେହେର, ଗୋଲାମୁଣ୍ଡା ବ୍ଲକ୍ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ଗୋଲାମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେଶ ନାୟକ ପ୍ରମୁଖ ଉପସ୍ଥିତିରେ ଶୁଭ ଉଦ୍‌ଘାଟନ ହୋଇଥିଲା।

ଫରୱାର୍ଡ ବ୍ଲକ୍‌ର ରାଜ୍ୟସ୍ତରୀୟ ସଂକଳ୍ପ ସମ୍ମିଳନୀ ଉଦ୍‌ଯାପିତ

# 'ମୋ ପରିବାର-ନେତାଜୀ ପରିବାର' ଅଭିଯାନର ଶୁଭାରମ୍ଭ

ଜୁନାଗଡ଼,୨୧।୧୦(ସମିସ)




ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ନେତୃତ୍ୱରେ ଗଠିତ ଭାରତୀୟଙ୍କ ପ୍ରଥମ ସ୍ୱାଧୀନ ସରକାର "ଆଜାଦ ହିନ୍ଦ ସରକାର'ର ୮୩ ତମ ପ୍ରତିଷ୍ଠା ଦିବସ ଅବସରରେ ନେତାଜୀଙ୍କ ଦ୍ୱାରା ପ୍ରତିଷ୍ଠିତ ରାଜନୈତିକ ଦଳ "ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ' ପକ୍ଷରୁ ରାଜ୍ୟସ୍ତରୀୟ ସଂକଳ୍ପ ସମ୍ମିଳନୀ ଗତ ୧୯ ତାରିଖରୁ କଳାହାଣ୍ଡି ଜିଲ୍ଲାର ଜୁନାଗଡସ୍ଥିତ ସହିଦ ରେଣ୍ଡୋ ମାଝୀ ସଂସ୍କୃତି ଭବନ ପରିସରରେ ଆରମ୍ଭ ହୋଇ ୨୧ ଅପରାହ୍ନରୁ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମେ ଫରୱାର୍ଡ ବ୍ଲକ୍‌ର କଳାହାଣ୍ଡି ଜିଲ୍ଲା ସମ୍ପାଦକ ଗୟାରମ ପୂଜାରୀ ଫରୱାର୍ଡ ବ୍ଲକ୍ ସଂଗ୍ରାମୀ ପତାକାକୁ ଉତ୍ତୋଳନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବରଗଡ ଜିଲ୍ଲାର ମହିଳା ଶ୍ରମିକ ସବିତା ମିର୍ଦ୍ଧା ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ କ୍ୟାପଟେନ ଲକ୍ଷ୍ମୀ ଇନ୍ଦିରା ପଣ୍ଡାଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି ସମ୍ମିଳନୀକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ଫରୱାର୍ଡ ବ୍ଲକ୍‌ର ରାଜ୍ୟ ସଭାପତି ପୂର୍ଣ୍ଣ ଚନ୍ଦ୍ର ପାଢ଼ିଙ୍କ ସଭାପତିତ୍ୱରେ ଗତ ତିନି ଦିନ ଧରି ଜୁନାଗଡ଼ ଠାରେ ଚାଲିଥିବା ସଂକଳ୍ପ ସମ୍ମିଳନୀର ପ୍ରଥମ ଦିବସରେ ଫରୱାଡର୍ ବ୍ଲକ୍‌ର ପୂର୍ବତନ ଜାତୀୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ରାଜ୍ୟସଭା ସାଂସଦ ଦେବବ୍ରତ ବିଶ୍ୱାସ ମୁଖ୍ୟଅତିଥି ଭାବରେ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବରେ ଫରୱାଡର୍ ବ୍ଲକ୍‌ର ଜାତୀୟ ସମ୍ପାଦକ ସଂଜୟ ଭଟାଚାର୍ଜି ,ଅନ୍ୟତମ ସମ୍ମାନିତ ଅତିଥି ଭାବରେ ସାମ୍ବାଦିକ ଦେବେନ୍ଦ୍ର କୁମାର ବିଶି ଯୋଗଦେଇ ନେତାଜୀଙ୍କ ଜୀବନଦର୍ଶ ଉପରେ ଆଲୋକପାତ କରିଥିଲେ। ଫରୱାର୍ଡ ବ୍ଲକ୍‌ର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର ବକ୍ତବ୍ୟରଖି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ଓ କର୍ପୋରେଟ ସପକ୍ଷବାଦୀ ନୀତି ଯୋଗୁଁ ପ୍ରାକୃତିକ ସମ୍ପଦ ରେ ଭରପୁର ଓଡିଶା ଓ ଓଡ଼ିଶାର ଜନତା ଗରିବ ଓ ଅବହେଳିତ ଅବସ୍ଥାରେ ରହିଛନ୍ତି ।ଦ୍ୱିତୀୟ ଦିବସରେ ବିଶିଷ୍ଟ କବି, ସାହିତ୍ୟିକ ତଥା ପୂର୍ବତଟ ରେଳବାଇର ପୂର୍ବତନ ମୁଖ୍ୟ ଲୋକସମ୍ପର୍କ ଅଧିକାରୀ ନିରାକାର ଦାସ, ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର ପାତ୍ର, ସମଦୃଷ୍ଟିର କାର୍ଯ୍ୟନିର୍ବାହୀ ସମ୍ପାଦକ ବିଘ୍ନେଶ୍ୱର ସାହୁ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ନେତାଜୀଙ୍କ ଧାରାରେ ଜନ ପ୍ରତିବାଦ ଗଢି ତୋଳିବାକୁ ଆହ୍ୱାନ କରିଥିଲେ। ଫରୱାଡର୍ ବ୍ଲକ୍‌ର ରାଜ୍ୟ ଉପସଭାପତି ଗୋପାଳ ଚନ୍ଦ୍ର ଅଗ୍ରୱାଲ,ସର୍ବେଶ୍ୱର ମିଶ୍ର, କୋଷାଧ୍ୟକ୍ଷ ଶମ୍ଭୁ ପ୍ରସାଦ ମହାନ୍ତି, ରାଜ୍ୟ କମିଟି ସଭ୍ୟ ଲକ୍ଷ୍ମୀ ଦୋରା, ସୁଶାନ୍ତ କୁମାର ସୁନା, ଲକ୍ଷ୍ମୀଧର ଗିରି, ନିରଞ୍ଜନ ଭୋଇ,ସୁନାଧର ଆଜାଦ ହିନ୍ଦ ବାହିନୀର ସମ୍ପାଦିକା ସୁବତୀ ଆଜାଦ,ଷ୍ଟୁଡେଣ୍ଟସ ବ୍ଲକର ରାଜ୍ୟ ସମ୍ପାଦିକା ଦିଶା ଆଜାଦ, ଛାତ୍ରୀ ନେତ୍ରୀ ରିଙ୍କି ସାହୁ, ଛାତ୍ରନେତା ରାଜୁ ମାଡକାମୀ, ଯୁବନେତା ତୋଫାନ ହିଆଲ,ମହିଳା ନେତ୍ରୀ ନିଶା ଭୁକ୍ତା, ପ୍ରମୁଖ ବକ୍ତବ୍ୟ ରଖିବା ସହ ବିଭିନ୍ନ ପ୍ରସ୍ତାବମାନ ଆଗତ କରିଥିଲେ। ଆଜି ଆଜାଦ ହିନ୍ଦ ସରକାରର ପ୍ରତିଷ୍ଠା ଦିବସ ଅବସରରେ ଆଜାଦ ହିନ୍ଦ ବାହିନୀର ଶୋଭା ଯାତ୍ରା ସଂସ୍କୃତି ଭବନରୁ ବାହାରି ଜୁନାଗଡ଼ ବଜାର ପରିକ୍ରମା କରିବା ପରେ ଆଜାଦ ହିନ୍ଦ ସରକାରର ପତାକାକୁ ଉତ୍ତୋଳନ କରାଯାଇ ଥିଲା। ଏହି ଅବସରରେ ଫରୱାଡର୍ ବ୍ଲକ ପକ୍ଷରୁ'ମୋ ପରିବାର-ନେତାଜୀ ପରିବାର ' ଅଭିଯାନ କାର୍ଯ୍ୟକ୍ରମର ଅରମ୍ଭ କରିଥିଲେ ଦେବବ୍ରତ ବିଶ୍ୱାସ ।ଅପରାହ୍ନରେ ଫରୱାଡର୍ ବ୍ଲକ୍‌ର ପତାକା ଅବତରଣ କରାଯିବା ସହ ସଂକଳ୍ପ ସମ୍ମିଳନୀ ଉଦ୍‌ଯାପିତ ହୋଇଥିଲା।

# କିକିଆରେ ଧନ୍ୱନ୍ତରୀ ଜୟନ୍ତୀ



**କେସିଙ୍ଗା,୨୧।୧୦(ସମିସ):** କେସିଙ୍ଗା ବ୍ଲକ୍ କିକିଆ ଗ୍ରାମର କଟାପଡାରେ ବୈଦ୍ୟନାଥ ଆୟୁର୍ବେଦ ଭବନ ପ୍ରାଇଭେଟ୍ ଲିମିଟେଡର ସହଯୋଗରେ ମୃତ୍ୟୁଞ୍ଜୟ ବୈଦ୍ୟ ସଂଘ ପକ୍ଷରୁ ଧନ୍ୱନ୍ତରୀ ଜୟନ୍ତୀ ପାଳିତ ହୋଇ ଯାଇଛି। ସକାଳେ ଧନ୍ୱନ୍ତରୀଙ୍କର ବୈଦିକ ରୀତିରେ ହୋମ, ଯଜ୍ଞ, ପୁଷ୍ପାଞ୍ଜଳି ସହ ପୂଜାକାର୍ଯ୍ୟ ସମାପନ ହୋଇଥିଲା। ଉକ୍ତ ପୂଜାରେ ଗଙ୍ଗାଧର ମହାପାତ୍ର ପୁରୋହିତ୍ୟ କରି ଥିବା ବେଳେ ବୈଦ୍ୟ ସରୋଜ କାନ୍ତ ପଧାନ ଏବଂ ତାଙ୍କ ଧର୍ମପତ୍ନୀ କର୍ତ୍ତାର ଦାୟିତ୍ୱ ତୁଲାଇ ଥିଲେ। ପରେ ବୈଦ୍ୟମାନଙ୍କର ସଭାକାର୍ଯ୍ୟ ଆୟୋଜନ କରାଯାଇଥିଲା। ସଭାରେ ମୁଖ୍ୟଅତିଥି ବୈଦ୍ୟନାଥ ଆୟୁର୍ବେଦ ଭବନ ପ୍ରାଇଭେଟ୍ ଲିମିଟେଡ଼ର ଏରିଆ ସେଲ୍ସ ମ୍ୟାନେଜର କୀର୍ତ୍ତି ରଞ୍ଜନ ଦାସ,ସମ୍ମାନିତ ଅତିଥି ବୈଦ୍ୟ ଧର୍ମାନନ୍ଦ ପଧାନ,ଦୁର୍ଗା ଚରଣ ପଧାନ,ପବିତ୍ର ଶବର, ଜିଲ୍ଲା ବୈଦ୍ୟ ସଂଯୋଜନା କମିଟିର ସଭାପତି ବୈଦ୍ୟ ଜଗବନ୍ଧୁ ମୁନି, ସଂଘର ଅସ୍ଥାୟୀ ସଭାପତି ନରହରି ସ୍ୱାଇଁ ମଞ୍ଚାସୀନ ହୋଇଥିଲେ। ବୈଦ୍ୟ ଶରତ ଚନ୍ଦ୍ର ପଧାନ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ବୈଦ୍ୟ ତ୍ରୈଲୋକ୍ୟ ପଧାନ, ଅଜିତ୍ କୁମାର ସାହୁ, ନରେଶ କୁମାର ସାହୁ ତିନି ଜଣଙ୍କୁ ବୈଦ୍ୟନାଥ ଆୟୁର୍ବେଦ ଭବନ ପ୍ରାଇଭେଟ୍ ଲିମିଟେଡ଼ ତରଫରୁ 'ବୈଦ୍ୟ ରତ୍ନ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଭାପତି ଧନ୍ୟବାଦ୍ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଉପସଭାପତି ମୋହନ ନାଏକ,ଜୟବୀର ବଗର୍ତ୍ତି, ଗୁଣନିଧି ସିଂହ, ଲବଣୀ ମାଝୀ, ମାଧବ ବିଶି, ଦଇତାରୀ ସୁନା,କେଶବ ମାଝୀଙ୍କ ସମେତ ଶହେରୁ ଅଧିକ ପାରମ୍ପରିକ ବୈଦ୍ୟ କଳାହାଣ୍ଡି ଏବଂ ନୂଆପଡ଼ା ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସି ଯୋଗ ଦେଇଥିଲେ।

# ବାରିପଦା ସହରରେ କାଳୀପୂଜା







**ବାରିପଦା, ୨୧।୧୦(ସମିସ):** ବାରିପଦା ସହରର ବିଭିନ୍ନ ସ୍ଥାନରେ ପବିତ୍ର ଦୀପାବଳୀ ଉତ୍ସବ ଓ କାଳୀପୂଜା ଧୂମଧାମରେ ପାଳିତ ହୋଇଛି। ଅନୁକୂଳ ପାଗ ଯୋଗୁଁ ଆଲୋକର ପର୍ବ ଦୀପାବଳିରେ ଆତସୀବାଜି ପ୍ରଦର୍ଶନ ସହିତ ସହରରେ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ପୂଜା ମଣ୍ଡପ ଓ ମନ୍ଦିରରେ ମା' କାଳୀଙ୍କ ପୂଜା ରୀତିନୀତି ଅନୁଯାୟୀ ଶେଷ ହୋଇଛି। ସୋମବାର ବିଳମ୍ବିତ ରାତିରେ ଘଟଉତ୍ତୋଳନ କରାଯାଇ ପୂଜା ସମ୍ପନ୍ନ ହୋଇଛି। ମଙ୍ଗଳବାର ସକାଳୁ ଶ୍ରଦ୍ଧାଳୁ ଦେବୀ ଦର୍ଶନ କରିଥିଲେ। ସହରର ଷ୍ଟେସନ ବଜାର, କୃଷ୍ଣଚନ୍ଦ୍ର ଗୋଲେଇ, ରେଲୱେ ଷ୍ଟେସନ, ନିୟୁ ମାର୍କେଟ, ଟ୍ରାଫିକ ମାର୍କେଟ, କଚେରୀ ମାର୍କେଟ, ଭଞ୍ଜପୁର, କେଏମବିଏମ ରୋଡ, ତକତପୁର ଓ ପୋଡାଅସ୍ତିଆ ଆଦି ସ୍ଥାନରେ ମଣ୍ଡପଗୁଡିକୁ ତୋରଣ ଓ ଆଲୋକମାଳାରେ ସଜା ଯାଇଛି। ସେହିପରି ସହରରେ ଥିବା କାଳୀମନ୍ଦିର ସାହି, ବାରୁଣୀ ଶ୍ମଶାନ କାଳୀ, ମା' କୀଚକେଶ୍ୱରୀ, ଜଗନ୍ନାଥ ମନ୍ଦିର ପରିସରରେ ଥିବା କାଳୀମନ୍ଦିର ଓ ଗୌରାଙ୍ଗ ମଠ ପରିସର କାଳୀ ମନ୍ଦିରରେ ମଧ୍ୟ ପୂଜା ଜାକଜମକରେ ଶେଷ ହୋଇଛି। ସମସ୍ତ ମନ୍ଦିର ଓ ମଣ୍ଡପଗୁଡିକ ମଙ୍ଗଳବାର ଅନ୍ନଭୋଗ ଲଗାଯାଇ ବଣ୍ଟନ କରାଯାଇଛି। ଭକ୍ତମାନେ ମା'ଙ୍କୁ ପୂଜା କରି ଅପାର କୃପା ଲାଭ କରିଛନ୍ତି। ସେହିପରି ଆଲୋକର ପର୍ବ ଦୀପାବଳୀକୁ ଆନନ୍ଦ ଉଲ୍ଲାସରେ ପାଳନ କରାଯାଇଛି। ଛୋଟ ମୋଟ ଅଘଟଣ ବିନା ବାଣ ରୋଷଣୀ ଓ ଆତସବାଜୀରେ ସହର କମ୍ପି ଉଠିଛି। ସରକାରଙ୍କ ୨ଘଣ୍ଟା ବାଣଫୁଟା ନିୟମକୁ ପାଳନ ନ କରି ବିଳମ୍ବିତ ରାତି ପର୍ଯ୍ୟନ୍ତ ସହରରେ ବାଣଫୁଟା ଚାଲିଥିଲା।





## ୧୫୧ ବର୍ଷରେ ଗୁଜୁରୀ ମାର୍କେଟ କାଳୀପୂଜା

# ୧୦ ଦିନ ପୂଜା ପାଇବେ ମା' ଦକ୍ଷିଣେଶ୍ୱର କାଳୀ

**ବାରିପଦା, ୨୧।୧୦(ସମିସ):** ଆଲୋକ ପର୍ବ ଦୀପାବଳିରେ ମା' କାଳୀଙ୍କ ପୂଜାର୍ଚ୍ଚନା ପାଇଁ ବାରିପଦା ସହର ଚଳଚଞ୍ଚଳ ହୋଇଉଠିଛି। ବାରିପଦା ସହରରେ ମଣ୍ଡପ ପୂଜା ମଧ୍ୟରେ ସ୍ଥାନୀୟ ଗୁଜୁରୀ ମାର୍କେଟ କାଳୀପୂଜା କମିଟି ସର୍ବପୁରାତନ। ସ୍ଥାନୀୟ ଅଞ୍ଚଳର ଦୋକାନୀ ଓ ଜନସାଧାରଣ ମାନେ ମିଶିକି ଛୋଟ କରି ପୂଜା ଆରମ୍ଭ କରିଥିଲେ। ଚଳିତ ବର୍ଷ ଏହି ପୂଜା ୧୫୧ ବର୍ଷରେ ପଦାର୍ପଣ କରିଛି। ଏଠାରେ ମା' ଦକ୍ଷିଣେଶ୍ୱର କାଳୀ ପୂଜା ପାଇଥାନ୍ତି। ଅନେକ ସକ୍ରିୟ ସଦସ୍ୟଙ୍କୁ ନେଇ ବିନା ବାଧାବିଘ୍ନରେ ପୂଜା ଜାରି ରହିଛି। ପୂଜା କମିଟି ସଭାପତି ଦୋଳଗୋବିନ୍ଦ ଦାସ, ସମ୍ପାଦକ ସୁଭାଷ ଚନ୍ଦ୍ର ଅଧିକାରୀ ଓ କୋଷାଧ୍ୟକ୍ଷ ଦିଲ୍ଲୀପ ଦାସଙ୍କ ସହଯୋଗରେ ଚଳିତବର୍ଷ ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଛି। ପଶ୍ଚିମବଙ୍ଗରୁ ଆସିଥିବା ମୂର୍ତ୍ତି କାରିଗରଙ୍କ ଦ୍ୱାରା ମା' କାଳୀଙ୍କ ସମେତ ରାମକୃଷ୍ଣ ପରମହଂସ ଏବଂ ତାଙ୍କ ସ୍ତ୍ରୀ ସାରଦା ଦେବୀଙ୍କ ନିର୍ମାଣ ମୂର୍ତ୍ତି ବେଶ୍ ଆକର୍ଷଣୀୟ। ପୂଜା ମଣ୍ଡପ, ତୋରଣ ଓ ମୂର୍ତ୍ତି ସାଜସଜ୍ଜା ପାଇଁ ଭକ୍ତ ଓ ଦେଖଣାହାରୀଙ୍କ ଗହଳି ଲାଗିରହିଛି। ଚଳିତ ଥର ପୂଜାକୁ ଆକର୍ଷଣୀୟ କରିବା ପାଇଁ ସଦୃଶ୍ୟ ତୋରଣ ସମେତ ଅଧିକ ଆଲୋକିକରଣ ବ୍ୟବସ୍ଥା କରାଯାଇଛି। ସୋମବାର ଘଟ ସ୍ଥାପନ ହୋଇ ରାତିରେ ପୂଜା ହୋଇଥିଲା। ଏଠାରେ ନିଷ୍ଠାର ସହ ପୂଜା ହେଉଥିବାରୁ ପ୍ରବଳ ଭିଡ ଜମିଥାଏ। ପ୍ରତ୍ୟେକ ଦିନ ହୋମ ସହ ସଂଧ୍ୟା ଆଳତୀ ପରେ ଭୋଗଲାଗି ହୋଇଥାଏ। ଚଳିତ ବର୍ଷ ୧୦ ଦିନ ଧରି ମା' କାଳୀଙ୍କ ପୂଜାର୍ଚ୍ଚନା ହେବ। ଏହା ପରେ ଶାନ୍ତିଶୃଙ୍ଖଳାର ସହିତ ଭସାଣି ଉତ୍ସବ ଅନୁଷ୍ଠିତ ହେବ।



## ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ବୈଶିଙ୍ଗା, ୨୧।୧୦(ସମିସ):** ବୈଶିଙ୍ଗା ଥାନା ରଙ୍ଗାମାଟିଆ ଛକରେ ସୋମବାର ସନ୍ଧ୍ୟାରେ ଦୁର୍ଘଟଣା ଘଟି ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ବୈଶିଙ୍ଗା ଥାନା ପଦ୍ମଲାଭପୁର ଗ୍ରାମର ସ୍ୱର୍ଗତ ଶ୍ରୀଧର ମାଝିଙ୍କ ପୁଅ ରାମେଶ୍ୱର ମାଝି ଓରଫ ବାପି। ରାମେଶ୍ୱର ଏକ ବାଇକ ଯୋଗେ ଦ୍ରୁତଗତିରେ ଯାଉଥିବା ସମୟରେ ଭାରସାମ୍ୟ ହରାଇ ରଙ୍ଗାମାଟିଆ ଛକ ରାସ୍ତା ପାର୍ଶ୍ୱରେ ଥିବା ଏକ ସାଇନବୋର୍ଡରେ ପିଟି ହୋଇଯାଇଥିଲେ। ଫଳରେ ରାମେଶ୍ୱରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ସେ ବୈଶିଙ୍ଗା ବଜାରରୁ ଘରକୁ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଛି। ପୁଲିସ ପହଞ୍ଚି ବୈଶିଙ୍ଗା ଡାକ୍ତରଖାନାକୁ ସ୍ଥାନାନ୍ତର କରିବା ସହିତ ବାଇକ୍ ଜବତ ପୂର୍ବକ ରାତିରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

## ନଭେମ୍ବର ୯ରେ ପ୍ରତିଭା ସମ୍ମାନ ପ୍ରଦାନ

**ବେତନଟୀ, ୨୧।୧୦(ସମିସ):** ବେତନଟୀର ପ୍ରତିଭା ପୂଜନ ଅନୁଷ୍ଠାନର ୪ର୍ଥ ପ୍ରତିଭା ସମ୍ମାନ ଉତ୍ସବ ଆସନ୍ତା ନଭେମ୍ବର ୯ ତାରିଖରେ ଅନୁଷ୍ଠିତ ହେବ। ଏହି ଅବସରରେ ବିଭିନ୍ନ ସ୍ଥାନରୁ ମନୋନୀତ ହୋଇଥିବା ୨୧ ଜଣ ବିଶିଷ୍ଟ ପ୍ରତିଭାଧରମାନଙ୍କୁ ସମ୍ମାନିତ କରାଯିବ ବୋଲି ମୁଖ୍ୟଟ୍ରଷ୍ଟି ତଥା ପ୍ରତିଭା ପୂଜନର ସଭାପତି ଆଡଭୋକେଟ୍ ସଚ୍ଚିଦାନନ୍ଦ ମହାନ୍ତି ଜଣାଇଛନ୍ତି। ଏଥିନିମନ୍ତେ ଅନୁଷ୍ଠିତ ବୈଠକରେ ଟ୍ରଷ୍ଟି ହରିଶଚନ୍ଦ୍ର ନନ୍ଦ ଗୋସ୍ୱାମୀ, ବାସୁଦେବ ନାପିତ ଓ ରବୀନ୍ଦ୍ରନାଥ ଖଟୁଆଙ୍କ ସମେତ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଅରୁଣ କୁମାର ଓତା, ରବୀନ୍ଦ୍ର ନାଥ ମିଶ୍ର, ହରେନ୍ଦ୍ର ନାଥ ବାରିକ, କମଳ ଲୋଚନ କର, ସହଦେବ ଗିରି, ରବୀନ୍ଦ୍ରନାଥ ପ୍ରଧାନ, କମଳଲୋଚନ ମହାପାତ୍ର, ବାସନ୍ତୀ ସାହୁ, ଯତୀନ୍ଦ୍ରନାଥ ସାହୁ, ଦୁର୍ଯ୍ୟୋଧନ ସିଂ, ବିଜୟ କୁମାର ଦ୍ୱିବେଦୀ, ସର୍ବେଶ୍ୱର ଦାସ ଓ ପ୍ରକାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ରାଇରଙ୍ଗପୁରରେ ପୁଲିସ ସହିଦ ଦିବସ ପାଳିତ

**ରାଇରଙ୍ଗପୁର, ୨୧।୧୦(ସମିସ):** ରାଇରଙ୍ଗପୁରରେ ପୁଲିସ ସହିଦ ଦିବସ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମକୁ ଆବାହକ ରେଡି ଭୋଲଣ୍ଟିଅର୍ସ ଡାଇରେକ୍ଟର ବିଜୟ କୁମାର ରାମ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବରେ ସବ ଡିଭିଜନାଲ ପୁଲିସ ଅଫିସର ଗୋକୁଳାନନ୍ଦ ସାହୁ ଯୋଗ ଦେଇ ପୁଲିସ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ।

ଆଇଆଇସି ଜ୍ୟୋତିପ୍ରକାଶ ସ୍ୱାଇଁ ଯୋଗଦେଇ ପୁଲିସ ସହିଦ ଦିବସ ଉପରେ ମତବ୍ୟକ୍ତ କରିଥିଲେ। ସେବାସ୍ତମ୍ଭ ସର୍ବଭାରତୀୟ ସମ୍ପାଦକ ମୋଚିରାମ ମାଝି ଏବଂ ଜିଲ୍ଲା ସଭାପତି ପ୍ରତାପ ଚନ୍ଦ୍ର ହେମ୍ବ୍ରମ ମଧ୍ୟ ଉପସ୍ଥିତ ଥିଲେ। ସାଇବର ଏକ୍ସପର୍ଟ ଶ୍ୟାମ ସୁନ୍ଦର ମଣ୍ଡଳ ଏବଂ ରେଡି ଭୋଲଣ୍ଟିଅର୍ସ ସଭାପତି ପ୍ରୀତିରାଜ ପୁଲିସ ସାଲ୍ୟୁଟ ପ୍ରଦାନ କରିଥିଲେ। ସେବାସ୍ତମ୍ଭ ଉପସଭାପତି ଗୋପାଳ କୃଷ୍ଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସେବାସ୍ତମ୍ଭ ବରିଷ୍ଠ ଉପସଭାପତି ରବୀନ୍ଦ୍ର ମୁଖି, ବରିଷ୍ଠ ସାମ୍ବାଦିକ ମାନସ ମହାନ୍ତି, ରେଡି ଭୋଲଣ୍ଟିଅର୍ସ ଏବଂ ସମସ୍ତ ପୁଲିସ କର୍ମଚାରୀ ସହଯୋଗ କରିଥିଲେ।

# ୬୬ତମ ପୁଲିସ ସହିଦ ଦିବସ ପାଳିତ

**ବାରିପଦା, ୨୧।୧୦(ସମିସ):** ମୟୂରଭଞ୍ଜ ଜିଲ୍ଲା ପୁଲିସ ପକ୍ଷରୁ ୬୬ ତମ ପୁଲିସ ସହିଦ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲି ଯୋଗ ଦେଇ ସହିଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅକ୍ଟୋବର ୨୧ ତାରିଖ ହେଉଛି ପୁଲିସ୍ ସହିଦ ଦିବସ। ଏହି ଦିବସ ସାରା ଦେଶରେ ପାଳନ କରାଯାଇଥାଏ। ୧୯୫୯ ମସିହାରେ ଆଜିର ଦିନରେ ଚୀନ୍-ଭାରତୀୟ ସୀମା ବିବାଦର ଏକ ଅଂଶ ଭାବରେ ଲଦାଖର ଇଣ୍ଡୋ-ତିବ୍ବତୀୟ ସୀମାରେ ସେଣ୍ଟ୍ରାଲ୍ ରିଜର୍ଭ ପୁଲିସ୍ ଫୋର୍ସ ପାଟ୍ରୋଲିଂ ସମୟରେ ଚୀନ୍ ସୈନ୍ୟ ଆକ୍ରମଣ କରିଥିଲା। ସାରା ଦେଶରେ ବିଭିନ୍ନ



ଆରକ୍ଷୀ ବାହିନୀର ଯବାନ ବିଭିନ୍ନ ସମୟରେ ସହିଦ ହୋଇଥିଲେ। ମୟୂରଭଞ୍ଜ ଜିଲ୍ଲାର ସହିଦ ପୁଲିସ କର୍ମଚାରୀଙ୍କ ସ୍ମୃତିକୁ ମଧ୍ୟ ଏସ୍‌ପି ଶ୍ରୀ ଗୁଣ୍ଟୁପାଲ୍ଲ ଉଲ୍ଲେଖ କରିଥିଲେ। ଏହି ଉପଲକ୍ଷେ ସହିଦଙ୍କ ସ୍ମୃତିରେ ନିରବ ପ୍ରାର୍ଥନା କରଯାଇଥିଲା। ଏହି ଅବସରରେ ଚିତ୍ତାକର୍ଷକ ପରେଡ୍ ପ୍ରଦର୍ଶନ କରାଯାଇଥିଲା। ଅତିରିକ୍ତ ଏସପି, ଡିଏସପି, ଏସଡିପିଓ, ଥାନା ଅଧିକାରୀ ଓ ରିଜର୍ଭ ପୁଲିସ ଅଧିକାରୀ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଦୀପାବଳିରେ ମାତିଲେ ଛିନତାଇ ଗ୍ୟାଙ୍ଗ

**ବାରିପଦା, ୨୧।୧୦(ସମିସ):** ବାରିପଦା ସହରର ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ଦୀପାବଳିରେ ଛିନତାଇ ହୋଇଛି। ସହରର ଦାରୋଗାଡାହି ନିକଟରେ ଜଣେ ମହିଳାଙ୍କ ନିକଟରୁ ଛିନତାଇ କରି ଦୁର୍ବୃତ୍ତମାନେ ଫେରାର ହୋଇଯାଇଛନ୍ତି। ଏନେଇ ମହିଳା ଜଣକ ଭଞ୍ଜପୁର ଥାନାରେ ଅଭିଯୋଗ କରିଛନ୍ତି। ସେ ରଘୁନାଥପୁର ଅଞ୍ଚଳରୁ ମାର୍କେଟିଂ ସାରି ଘରକୁ ଫେରୁଥିଲେ। ଏହି ସମୟରେ ଜାତୀୟ ରାଜପଥରେ ଏକୁଟିଆ ସୁଯୋଗ ପାଇ ଦୁର୍ବୃତ୍ତମାନେ ମହିଳାଙ୍କଠାରୁ ସୁନାହାର ଛିନତାଇ କରିଥିଲେ। ଲୁଟ୍ ସୁନା ହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ଏନେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ସିସି ଟିଭି ସହାୟତାରେ ଯାଞ୍ଚ କରିଛି।

## ନଭେମ୍ବର ୧ରୁ ସଂସ୍କାର ଶିଶୁ ମହୋତ୍ସବ 'ମୟୂରୀ'ର ପଞ୍ଜୀକରଣ

# କୁନି କୁନି ପିଲାଙ୍କୁ ନେଇ ଚାଲିଛି ଥିମ୍‌ସଙ୍ଗ୍ ପ୍ରସ୍ତୁତି

**ବାରିପଦା, ୨୧।୧୦(ସମିସ)**

ଶିଶୁଦିବସ ଅବସରରେ ନଭେମ୍ବର ୧୩ରୁ ୧୬ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ହେବାକୁ ଥିବା ଏକାଦଶ ସଂସ୍କାର ଶିଶୁ ମହୋତ୍ସବ 'ମୟୂରୀ' ପାଇଁ ନଭେମ୍ବର ୧ରୁ ପୌର ଗେଷ୍ଟହାଉସରେ ପଞ୍ଜୀକରଣ ଆରମ୍ଭ ହେବ। କାର୍ଯ୍ୟକାରୀ ସଭାପତି ଡ଼ ବନଜା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ତୃତୀୟ ପ୍ରସ୍ତୁତି ବୈଠକରେ ଚଳିତ ବର୍ଷ ଶିଶୁ ମହୋତ୍ସବ କିଭଳି ସୁରୁଖୁରୁରେ ଅନୁଷ୍ଠିତ ହେବ ସେ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ସେହିପରି ନଭେମ୍ବର ୨ତାରିଖ ରବିବାର ଅପରାହ୍ନ ୪ଟାରୁ ଅପରାହ୍ନ ସାଢେ ୫ଟା ଯାଏଁ ପଞ୍ଜୀକରଣ ଚାଲିବ। ପ୍ରତିଯୋଗୀ ବା ଅଭିଭାବକମାନେ ନିଜେ ଆସି ଫର୍ମ ପୂରଣ କରି ନାମ ପଞ୍ଜିକୃତ କରିପାରିବେ।



ସେହିପରି ନଭେମ୍ବର ୮ ତାରିଖରୁ ୧୧ତାରିଖ ପର୍ଯ୍ୟନ୍ତ ଅପରାହ୍ନ ୪ଟାରୁ ସାଢେ ୫ଟା ପର୍ଯ୍ୟନ୍ତ ପଞ୍ଜିକରଣ ଚାଲୁ ରହିବ ବୋଲି ସୂଚନା ଦିଆଯାଇଛି। ପ୍ରତିଯୋଗୀମାନେ ଚାହିଁଲେ ୧ତାରିଖରୁ ବଡ଼ପୋଖରୀ ଆଡିରେ ଥିବା ଖେଳ ଇଣ୍ଡିଆରୁ ଫର୍ମ ନେଇପାରିବେ। ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ 'ମୟୂରୀ'ର ପ୍ରତିଷ୍ଠାତା ସଞ୍ଜୟ କୁମାର ଚୌଧୁରୀ ନିଜେ ରଚନା କରିଥିବା ଗୀତଟିକୁ ଥିମ୍ ସଙ୍ଗୀତ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଶାନ୍ତନୁ ସିଂହଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତି ଚାଲିଥ ସୂଚନା ଦେଇଛନ୍ତି। ଆସନ୍ତା ୨୬ ତାରିଖରେ ଥିମ ସଙ୍ଗର ଅଡିଓ ରିଲିଜ ହେବାକୁ ଯାଉଥିବା ନେଇ ମଧ୍ୟ ସୂଚନା ଦିଆଯାଇଛି। ପ୍ରସ୍ତୁତି ବୈଠକରେ ପରିବେଶବିତ୍ ବିବେକାନନ୍ଦ ପଟ୍ଟନାୟକ, ଡ଼ ହରିହର ଦାସ, ଡ ସନ୍ଦୀପ ଚାନ୍ଦ, ବୀଣା ଦାଶ, କୈବଲ୍ୟ ପ୍ରସାଦ ମହାପାତ୍ର, ବାସନ୍ତୀ ଲତା ମହାପାତ୍ର, ସୁନିତା କୁଅଁର, କବି ଅଜିତ ପତ୍ର, ଇଂ ସୁନିଲ କୁମାର ପ୍ରଧାନ, ମୋତିଲାଲ ଗୁପ୍ତା, ସତ୍ୟାନନ୍ଦ ଶେଜପଡ଼ା, ଆର୍କିଟେକ୍ଟ ମନୋଜ କୁଁଅର, ପ୍ରଶାନ୍ତ କୁମାର ବେହେରା, ଇତିଶ୍ରୀ ସାହୁ, ଚନ୍ଦନ ସେଜପଡ଼ା, କିଚକ ବେହେରା, ସଞ୍ଜୀବ ଦଳେଇ, ଅଭିଷେକ ଯାଦଭ, ଅଜିତ କୁମାର ଭକ୍ତା, ରଜନୀ ବାରିକ, ବୈଜୟନ୍ତୀ ମାଳା ପାଲ, ପ୍ରାଣ ମାଧବ ସେନାପତି, ସ୍ମୃତି ମାଇତି, ପ୍ରାଚିତା ମହନ୍ତ, ରଶ୍ମି ମହାପାତ୍ର, ଚିନ୍ମୟୀ ଷଡ଼ଙ୍ଗୀ ଓ ହିମାଂଶୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲା ଶିକ୍ଷା ବିଭାଗ ଓ ପରିବହନ ସଂସ୍ଥାର ମଧୁଚନ୍ଦ୍ରିକା

# ଏମ୍‌ଡିଏମ୍ ଚାଉଳ ପରିବହନରେ ଟେଣ୍ଡର ଫିକ୍ସିଂ ଅଭିଯୋଗ

ରାଉରକେଲା, ୨୧।୧୦(ସମିସ)



ସୁନ୍ଦରଗଡ଼ ଜିଲ୍ଲାରେ ଏମଡିଏମ ଚାଉଳ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। କେତେକ ଅସାଧୁ ଅଧିକାରୀ ଏବଂ ଏମଡିଏମ ଚାଉଳ ବଣ୍ଟନ ସଂସ୍ଥାର ମଧୁଚନ୍ଦ୍ରିକା ଯୋଗୁଁ ପରିବହନ ସଂସ୍ଥା ମାସିକ କୋଟି କୋଟି ଟଙ୍କାର ଚାଉଳ ଆତ୍ମସାତ୍ କରୁଥିବା ଅଭିଯୋଗ ହେଉଛି। ହେଲେ ବିଭାଗୀୟ ଅଧିକାରୀଙ୍କ ଏନେଇ ନୀରବତା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ୧୯ ମାସ ହେଲା ବେଆଇନ ଭାବେ ଏମଡିଏମ୍ ପରିବହନ ହେଉଥିଲେ ମଧ କାହାରି ଏଦିଗରେ ନିଘା ନାହିଁ। ତେବେ ଏ ସମ୍ପର୍କରେ 'ସକାଳ'ରେ ପ୍ରକାଶିତ ହେବା ପରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରିଥିଲା। ଟେଣ୍ଡର ରଦ୍ଦ କରି ପୁନଃ ଟେଣ୍ଡର ପାଇଁ ଆହ୍ୱାନ କରାଯାଇଥିଲା। କିନ୍ତୁ ପୁଣି ଏକ ନିର୍ଦ୍ଦିଷ୍ଟ ପରିବହନ ସଂସ୍ଥାକୁ ଟେଣ୍ଡର ପ୍ରଦାନ ନେଇ ଯୋଜନା ହେବାରୁ ଜିଲ୍ଲାପାଳ ଏହାକୁ ଭଣ୍ଡୁର କରିଥିବା ସୂଚନା ରହିଛି।

ଉଲ୍ଲେଖଯୋଗ୍ୟ, ସୁନ୍ଦରଗଡ଼ ଜିଲ୍ଲାର ୧୭ଟି ବ୍ଲକ ସହିତ ବୀରମିତ୍ରପୁର, ରାଜଗାଙ୍ଗପୁର ଓ ସୁନ୍ଦରଗଡ଼ ମ୍ୟୁନିସିପାଲିଟି ଅଞ୍ଚଳରେ ଥିବା ବିଭିନ୍ନ ବିଦ୍ୟାଳୟରେ ସରକାରଙ୍କ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଜାରି ରହିଛି। ରାଉରକେଲା ମହାନଗର ନିଗମ, ଲାଠିକଟା ବ୍ଲକ, ବିଶ୍ରା ବ୍ଲକରେ ଥିବା ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଅକ୍ଷୟପାତ୍ର ଫାଉଣ୍ଡେସନ ପକ୍ଷରୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। କିନ୍ତୁ ଅବଶିଷ୍ଟ ବ୍ଲକରେ ଥିବା ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ରୋଷେଇ କରାଯାଉଛି। ସରକାର ମାଗଣାରେ ଚାଉଳ ଯୋଗାଇ ଦେଉଛନ୍ତି। ଜିଲ୍ଲାରେ ଥିବା ୬/୭ଟି ରାଇସ୍ ରିସିଭିଂ ସେଣ୍ଟର (ଆର୍‌ଆର୍‌ସି)ରୁ ପରିବହନ ଠିକାଦାର ଚାଉଳ ଉଠାଇ ସରକାରୀ ସ୍କୁଲ ଗୁଡ଼ିକରେ ଯୋଗାଇ ଦେଇଥାଏ। ପରିବହନ ଠିକାଦାରଙ୍କୁ ଜିଲ୍ଲା ଶିକ୍ଷା ବିଭାଗ ଚୟନ କରିଥାଏ। ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ୨୦୨୩ ଏପ୍ରିଲ ମାସରେ ଏକ ଟେଣ୍ଡର ହୋଇ ଭୁବନେଶ୍ୱରର ଏକ ପରବହନ ସଂସ୍ଥାକୁ ଚାଉଳ ପରିବହନ ପାଇଁ ଚୟନ କରାଯାଇଥିଲା। ୨୦୨୩ ଜୁଲାଇ ମାସରେ ହୋଇଥିବା ଏହି ଚୁକ୍ତି ୯ ମାସ ପରେ ଅର୍ଥାତ ୨୦୨୪ ମାର୍ଚ୍ଚ ୩୧ରେ ଶେଷ ହୋଇଥିଲା। କିନ୍ତୁ ଇତି ମଧ୍ୟରେ ୧୯ ମାସ ବିତି ଥିଲେ ମଧ ସମ୍ପୃକ୍ତ ଠିକା ସଂସ୍ଥା ଆଜି ପର୍ଯ୍ୟନ୍ତ ଚାଉଳ ପରିବହନ କରୁଥିବା ସମସ୍ତଙ୍କୁ ବିସ୍ମିତ କରିଛି। ଶିକ୍ଷା ବିଭାଗ ଟେଣ୍ଡର ନ କରି ଉକ୍ତ ପରିବହନ ସଂସ୍ଥା ପ୍ରତି କ'ଣ ପାଇଁ ଏତେ ଅନୁକମ୍ପା ଦେଖାଉଛି ତାହା ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଲା ନାଁକୁ ମାତ୍ର ଠିକା ସଂସ୍ଥା ଥାଇ ସମ୍ପୃକ୍ତ ସଂସ୍ଥା ବିଭିନ୍ନ ବ୍ଲକରେ ପେଟି ପରିବହନ ଠିକାଦାର ନିୟୋଜିତ କରିଛି। ପୁରୁଣା ଅର୍ଥାତ ୨୦୨୩ରେ ହୋଇଥିବା ଚୁକ୍ତି ଅନୁସାରେ ପରିବହନ ଠିକାଦାର ଚାଉଳ ପରିବହନରେ ନିଜ ଟ୍ରକ ନିୟୋଜିତ କରିବ। ଯେଉଁ ଟ୍ରକ ଆର୍‌ଆର୍‌ସିରୁ ଚାଉଳ ପରିବହନ କରିବ ସେ ସବୁ ଟ୍ରକର ପଞ୍ଜୀକରଣ ନମ୍ବର ଓ ତାଲିକା ଶିକ୍ଷା ବିଭାଗ ନିକଟରେ ରହିବ। ମାତ୍ର ସେହି ଠିକାଦାର ଚୁକ୍ତିନାମା ଉଲଂଘନ କରିଥିବା ଅଭିଯୋଗ ହୋଇଛି।

ସମ୍ପୃକ୍ତ ପରିବହନ ଠିକାଦାର ବିଭିନ୍ନ ବ୍ଲକରେ ଲୋକ ନିଯୁକ୍ତ କରି ଚାଉଳ ପରିବହନ କରୁଛି। ଏପରିକି ପରିବହନ ସଂସ୍ଥାର ଜଣେ କର୍ମଚାରୀ ସୁନ୍ଦରଗଡ଼ରେ ନିୟୋଜିତ ଥିବାବେଳେ ତାଙ୍କ ପତ୍ନୀଙ୍କ ନାଁରେ ଥିବା ଏକ ଟ୍ରକ ଆର୍‌ଆର୍‌ସିରୁ ଚାଉଳ ପରିବହନରେ ଲଗାଇ ଦେଇଛନ୍ତି। ଏସବୁ ବ୍ୟାପକ ଅନିୟମିତତା ନେଇ ପୂର୍ବତନ ଜିଲ୍ଲାପାଳ ହର୍ଷଦ ଗାଭାଲି ଓ ସତ୍ୟବାନ ମହାଜନଙ୍କ ନିକଟରେ

- ୧୯ ମାସ ହେଲା ବେଆଇନ ଭାବେ ଚାଲିଛି ଏମ୍‌ଡିଏମ୍ ପରିବହନ
- ଟେଣ୍ଡରକୁ ପୁଣି ଖାରଜ କଲେ ଜିଲ୍ଲାପାଳ

ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ଗତ ମାସ ଅର୍ଥାତ ସେପ୍ଟେମ୍ବର ୨ ତାରିଖରେ ଜିଲ୍ଲା ଶିକ୍ଷା ବିଭାଗ ନୂତନ ପରିବହନ ଠିକାଦାର ନିଯୁକ୍ତି ପାଇଁ ଟେଣ୍ଡର ଆହ୍ୱାନ କରିଥିଲା। ମାତ୍ର ତାହା ଏକ ପ୍ରକାର ଫିକ୍ସିଂ କହିଲେ ଅତ୍ୟୁକ୍ତି ହେବ ନାହିଁ। ଅପରପକ୍ଷେ ପିଏମ୍ ପୋଷଣ ଓ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ମଧ୍ୟାହ୍ନ ଭୋଜନ ଚାଉଳ ଯୋଗାଇ ଦିଆଯାଉଛି। ସାରା ରାଜ୍ୟ ପାଇଁ ସରକାର ଗୋଟିଏ ପ୍ରକାରର ଟେଣ୍ଡର ଆହ୍ୱାନ କରୁଛନ୍ତି। ମାତ୍ର ଜିଲ୍ଲା ଶିକ୍ଷା ବିଭାଗରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ସୁନ୍ଦରଗଡ଼ ଓ ଖୋର୍ଦ୍ଧା ଜିଲ୍ଲାରେ ସମାନ ସମୟରେ ଟେଣ୍ଡର ହୋଇଥିଲା। ମଧ୍ୟାହ୍ନ ଭୋଜନ ଚାଉଳ ପରିବହନ କରୁଥିବା ଠିକାଦାର କେବଳ ଟେଣ୍ଡରରେ ଭାଗ ନେଇ ପାରିବେ ବୋଲି ସୁନ୍ଦରଗଡ଼ ଶିକ୍ଷା ବିଭାଗ ସର୍ତ୍ତ ରଖିଥିଲା। କିନ୍ତୁ ଖୋର୍ଦ୍ଧା ଜିଲ୍ଲା ଟେଣ୍ଡରରେ ଯେଉଁ ସବୁ ଠିକା ସଂସ୍ଥା ସରକାରୀ ସଂସ୍ଥାରୁ ଖାଦ୍ୟ ସାମଗ୍ରୀ ଯଥା- ପିଡିଏସ୍, ଏଫ୍‌ସିଆଇ ଗହମ ପରିବହନ କରୁଛନ୍ତି ସେମାନେ ପିଡିଏସ୍ ଟେଣ୍ଡରରେ ଭାଗ ନେଇ ପାରିବେ ବୋଲି ସର୍ତ୍ତ ରଖିଥିଲା। ଅନ୍ୟ କୌଣସି ଠିକାଦାର ଯେପରି ସୁନ୍ଦରଗଡ଼ରେ ନ ପଶନ୍ତୁ ସେଭଳି ଯୋଜନା ପ୍ରସ୍ତୁତ କରାଯାଇଥିଲା। ସେହିପରି ସୁନ୍ଦରଗଡ଼ ଜିଲ୍ଲାରେ ବିଭିନ୍ନ ସ୍କୁଲ ପାଇଁ ମାସିକ ୫୦୦୦ କ୍ୱିଣ୍ଟାଲ ଚାଉଳ ପରିବହନ କରାଯିବ। ଏହାର ବଜାର ମୂଲ୍ୟ ପ୍ରାୟ ୨ କୋଟି ଟଙ୍କା। ଏ ବାବଦ ବ୍ୟାଙ୍କ ଗ୍ୟାରେଣ୍ଟି ନ ନେଇ କେବଳ ସଲଭେନ୍ସି ସାର୍ଟିଫିକେଟ ମଗା ଯାଇଛି। ସେହିପରି ପରିବହନ କ୍ଷେତ୍ରରେ ଅଭିଜ୍ଞତା ଯାହା ରହିବା କଥା ସେ ସବୁ ନରଖି ଜିଲ୍ଲା ଶିକ୍ଷା ବିଭାଗ ନିଜ ଇଚ୍ଛାରେ ନିୟମ ପରିବର୍ତ୍ତନ କରିଥିଲା। ଏ ସମ୍ପର୍କରେ ସୁନ୍ଦରଗଡ଼ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ରଙ୍କ ନିକଟରେ ଅଭିଯୋଗ ହେବା ପରେ ଜିଲ୍ଲାପାଳ ଟେଣ୍ଡର ବାତିଲ କରି ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ ସାନି ଟେଣ୍ଡର ଆହ୍ୱାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେଣୁ ଜିଲ୍ଲା ବାଧ ହୋଇ ଗତ ମାସ ୧୫ ତାରିଖ ଟେଣ୍ଡର ରଦ୍ଦ ହୋଇଥିଲା। ଇତି ମଧ୍ୟରେ ୩୦/୩୫ ଦିନ ବିତି ଗଲାଣି। ମାତ୍ର ଶିକ୍ଷା ବିଭାଗ ନୂଆ ଟେଣ୍ଡର ଆହ୍ୱାନ କରୁନାହିଁ। ଏହା ପଛରେ କି ରହସ୍ୟ ରହିଛି ତାର ତଦନ୍ତର ଆବଶ୍ୟକତା ରହିଛି।

## ସଂଗ୍ରାମ ମହାନ୍ତିଙ୍କୁ ଏପିଜେ ଅବଦୁଲ କଲାମ ଏକ୍ସିଲେନ୍ସ ସମ୍ମାନ

**ରାଉରକେଲା, ୨୧।୧୦(ସମିସ):** ରାଇସିନାରୋଡ ପ୍ରେସ କ୍ଲବ୍ ନୂଆଦିଲ୍ଲୀ ଠାରେ ସମାଜସେବୀ ସଂଗ୍ରାମ ମହାନ୍ତିଙ୍କୁ ଡକ୍ଟର ଏପିଜେ ଅବଦୁଲ କଲାମ ଏକ୍ସିଲେନ୍ସ ଆୱାର୍ଡ ୨୦୨୫ରେ ସମ୍ମାନିତ କରାଯାଇଛି। ଡକ୍ଟର ଏପିଜେ ଅବଦୁଲ କଲାମଙ୍କ ୯୪ ତମ ଜନ୍ମବାର୍ଷିକୀ ଅବସରରେ କଳିଙ୍ଗ ଏଜୁକେସନ ସୋସିଆଲ ୱେଲଫେୟାର ଟ୍ରଷ୍ଟ ତରଫରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବେ ମେଜର ଜେନେରାଲ ପିକେ ସଇଘାଲ ଯୋଗ ଦେଇ ସମ୍ମାନିତ କରିଥିଲେ। ଆହ୍ଲାବାଦ ବିଶ୍ୱବିଦ୍ୟାଳୟର କୁଳପତି ପିକେ ସାହୁ ଓ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ।




## ଚୋରି ସ୍କୁଟି ଜବତ, ଜଣେ ଗିରଫ

**ରାଉରକେଲା, ୨୧।୧୦(ସମିସ):** ସେକ୍ଟର-୧୯ ଥାନା ଜି ବ୍ଲକ ଅଞ୍ଚଳରୁ ଚୋରି ହୋଇଥିବା ଏକ ସ୍କୁଟିକୁ ସେକ୍ଟର-୧୯ ଥାନା ପୁଲିସ ଜବତ କରିବା ସହ ଏହି ଘଟଣାରେ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ଗିରଫ ଯୁବକ ହେଉଛି ସେକ୍ଟର-୧୯ ଥାନା ଅଧୀନ ରାମଗଡ଼ ବସ୍ତିର ନାତୁ ଗୋଚ୍ଛାୟତ(୩୧)। ସେକ୍ଟର-୧୯ ଥାନା ଅଧୀନ ଜି-୭ କ୍ୱାର୍ଟରରେ ବାସ କରୁଥିବା ସିଦ୍ଧାନ୍ତ ଶଙ୍କର ସିଂହ ରାଉରକେଲାର ଆପୋଲୋ ହସ୍ପିଟାଲରେ ନର୍ସିଂ ସୁପରଭାଇଜର ଭାବେ କାର୍ଯ୍ୟ କରନ୍ତି। ସେ ଗତ ୧୯ ତାରିଖରେ ତାଙ୍କ ସ୍କୁଟିକୁ ନିଜ ଘର ଅଗଣାରେ ରଖିଥିଲେ। ସେଠାରୁ ତାଙ୍କ ସ୍କୁଟି ଚୋରି ହୋଇଥିଲା। ତାଙ୍କ ରିପୋର୍ଟ କ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ଦୁଷ୍କର୍ମ ଅଭିଯୋଗରେ ପ୍ରେମିକ ଗିରଫ

**ରାଉରକେଲା, ୨୧।୧୦(ସମିସ):** ପ୍ରେମିକାକୁ ଦୁଷ୍କର୍ମ କରିବା ଅଭିଯୋଗରେ ବ୍ରାହ୍ମଣୀ ତରଙ୍ଗ ଥାନା ପୁଲିସ ଜଣେ ୨୯ ବର୍ଷୀୟ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ଯୁବକ ଜଣକ ବିରକେରା ଅଞ୍ଚଳର ବୋଲି ଜଣା ପଡ଼ିଛି। ଜଣେ ୨୭ ବର୍ଷୀୟା ଯୁବତୀଙ୍କ ସହ ସେ ଦୀର୍ଘ ବର୍ଷ ଧରି ପ୍ରେମ ସମ୍ପର୍କ ପରେ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲା। ଏହାରି ମଧ୍ୟରେ ଯୁବତୀ ଜଣକ ୮ ମାସର ଗର୍ଭବତୀ ହୋଇଥିଲେ। ବାରମ୍ବାର ବିବାହ କରିବାକୁ ଯୁବତୀ କହିଥିଲେ ହେଁ ଯୁବକ ଜଣକ ଆଉ ଧରାଛୁଆଁ ନଦେଇ ଫେରାର ହୋଇଥିଲା। ଏନେଇ ଗତ ୧୬ ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଆଜି ଅଭିଯୁକ୍ତକୁ ଗିରଫ କରିଥିବା ଜଣାପଡ଼ିଛି।

## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

**ରାଉରକେଲା, ୨୧।୧୦(ସମିସ):** ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବ୍ରାହ୍ମଣୀ ତରଙ୍ଗ ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଗତକାଲି କଲୁଙ୍ଗା ଗୁଇଭଙ୍ଗା ଅଞ୍ଚଳର ଅମିର ଚାନ୍ଦ ଯାଦବ (୫୧) ସାଇକଲରେ ଯାଉଥିଲେ। ସ୍ଥାନୀୟ ଏକ ଘରୋଇ ସ୍କୁଲ ନିକଟରେ ତାଙ୍କୁ ଏକ ଅଜଣା ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିଲା। ଏଥିରେ ସେ ରାସ୍ତାରେ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇ ଥିଲେ। ହେଲେ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଆଜି ପୁଲିସ ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି।

## କାର୍-ବାଇକ୍ ଧକ୍କାରେ ୩ ଗୁରୁତର

**ରାଉରକେଲା, ୨୧।୧୦(ସମିସ):** ଛେଣ୍ଡ ଥାନା ଅଧୀନ ଛେଣ୍ଡ ରିଂରୋଡ ଠାରେ ଗତକାଲି ରାତିରେ ଏକ କାର ଓ ବାଇକ୍ ମଧ୍ୟରେ ଧକ୍କା ହେବା ଯୋଗୁଁ ୩ ଜଣ ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ପରିବାର ସଦସ୍ୟ କାରରେ ଯାଉଥିବା ବେଳେ ବାଇକ୍ ସହ ଧକ୍କା ହୋଇଥିଲା। ଫଳରେ ଉଭୟ ଗାଡି କ୍ଷତିଗ୍ରସ୍ତ ହୋଇଥିଲା। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

## ବଣାଇଗଡ଼ରେ ଶ୍ୟାମାକାଳୀ ପୂଜା ଓ ଦୀପାବଳି



**ବଣାଇଁ, ୨୧।୧୦(ସମିସ):** ବଣାଇ ଅଞ୍ଚଳରେ ପବିତ୍ର ଦୀପାବଳି ପର୍ବ ସହିତ ଶ୍ୟାମାକାଳୀ ପୂଜା ଉତ୍ସବ ମହାସମାରୋହରେ ପାଳିତ ହୋଇଛି। ବିଭିନ୍ନ ବ୍ୟବସାୟୀ ସେମାନଙ୍କ ଦୋକାନରେ ମହାଲକ୍ଷ୍ମୀ ପୂଜା ଆରଧନା କରି ନୂତନ ବର୍ଷର ବ୍ୟବସାୟ ଆରମ୍ଭ କରିଥିଲେ। ସେହିପରି ବଣାଇଗଡ଼ ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ମାଁ କାଳୀଙ୍କ ମୃଣ୍ମୟୀ ମୂର୍ତ୍ତୀ ନିର୍ମାଣ କରି ପୂଜାର୍ଚ୍ଚନା କରାଯାଇଥିଲା। ପବିତ୍ର ବ୍ରାହ୍ମଣୀ ନଦୀରୁ ଜଳ ସଂଗ୍ରହ କରି କଳସକୁ ଶୋଭାଯାତ୍ରାରେ ଆଣି ପୂଜା ମଣ୍ଡପରେ ସ୍ଥାପନ ହୋଇଥିଲା। ଗତ ୩ଦିନ ହେବ ସନ୍ଧ୍ୟାରେ ପୂଜା ମଣ୍ଡପ ଠାରେ ଭାଗବତ ଠାରୁ ଆରମ୍ଭ କରି ବିଭିନ୍ନ ଆଞ୍ଚଳିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାଳୀ ପୂଜାରେ ପୂଜକ ଭାବେ ଗୁଣନିଧି ମିଶ୍ର, ଅଜୟ ପ୍ରହରାଜ, ଡମ୍ବରୁଧର ନନ୍ଦ ପୂଜାର୍ଚ୍ଚନା କରିଥିବା ବେଳେ ଅଜୟ ପ୍ରହରାଜ ସମ୍ପୂର୍ଣ୍ଣ ଚଣ୍ଡୀପାଠ କରିଥିଲେ। ଏଥିରେ ସନାତନ ନାୟକ ସହଯୋଗ କରିଥିବା ବେଳେ ବଣାଇଗଡ଼ ଅଞ୍ଚଳର ବ୍ୟବସାୟୀ ମାନେ ସହଯୋଗ କରିଥିଲେ।

## ଗୋପବନ୍ଧୁପାଲିରୁ ୪ ଜୁଆଡ଼ି ଗିରଫ

**ରାଉରକେଲା, ୨୧।୧୦(ସମିସ):** ସ୍ଥାନୀୟ ପ୍ଲାଣ୍ଟ ସାଇଟ୍ ଥାନା ଅଧୀନ ରେଲୱେ କଲୋନୀ ନିକଟ ଗୋପବନ୍ଧୁପାଲି ସ୍ଥିତ ଇନ୍ଦିରାନଗରରେ ଜୁଆ ଖେଳ ଚାଲିଥିବା ଖବର ପାଇ ପୁଲିସ ଚଢ଼ଉ କରିଥିଲା। ସେଠାରୁ ୪ ଜଣ ଜୁଆଡିଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିବା ସହ ୨୨୦୦ ଟଙ୍କା ଜବତ କରିଛି। ଗିରଫ ଜୁଆଡି ରାଜା ଯାଦବ(୨୨), ଫାରୁକ ଶେଖ(୨୨), ମହମ୍ମଦ ଫରିଦ(୨୯) ଏବଂ କରଣ (୨୦) ବୋଲି ଜଣାପଡ଼ିଛି।



## ସର୍ବଭାରତୀୟ ୨୫ ବର୍ଷରୁ କମ୍ ଜେଟିସିଏ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

**ରାଉରକେଲା, ୨୧।୧୦(ସମିସ):** ସ୍ଥାନୀୟ ସେକ୍ଟର-୧୩ ଜୟ ମାଆ ତାରିଣୀ କ୍ଲବ୍ ପକ୍ଷରୁ ଆୟୋଜିତ ସର୍ବଭାରତୀୟ ୨୫ ବର୍ଷରୁ କମ୍ ଜେଟିସିଏ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଜେଟିସିଏ ଏକାଦଶ ଦଳକୁ ହରାଇ ଆଶୁ ଏକାଦଶ ବିଜୟୀ ହୋଇଛି।

### ଆଶୁ ଏକାଦଶ ଚାମ୍ପିଅନ୍




ଆଶୁ ଏକାଦଶ ଦଳ ପ୍ରଥମେ ଟସ୍ ଜିଣି ବ୍ୟାଟିଂ କରିବା ପାଇଁ ନିଷ୍ପତ୍ତି ନେଇଥିଲା। ଆଶୁ ଏକାଦଶ ଦଳ ୨୭.୧ ଓଭରରେ ୧୦ ୱିକେଟ ହରାଇ ୨୪୪ରନ ସ୍କୋର କରିଥିଲା। ଆଶୁ ଏକାଦଶ ଦଳର ରବି ବିନୋଦ ସିଂହ ୩୫ଟି ବଲରେ ଏବଂ ରୋଶନ ଶର୍ମା ୩୭ଟି ବଲରେ ସର୍ବାଧିକ ୬୪ରନ୍ ସ୍କୋର କରିଥିଲେ। ଏହାର ଜବାବରେ ଜେଟିସିଏ ଏକାଦଶ ଦଳର ହେମନ୍ତ ନାୟକ ୩୭ଟି ବଲରୁ ୪୧ରନ୍ ସ୍କୋର କରିଥିଲେ। କିନ୍ତୁ ଦଳ ୨୯.୨ ଓଭରରେ ୧୫୩ ରନ ସ୍କୋର କରି ଅଲଆଉଟ ହୋଇଯାଇଥିଲା। ଫଳରେ ଆଶୁ ଏକାଦଶ ଦଳ ୯୧ରନରେ ବିଜୟୀ ହୋଇ ଚାମ୍ପିଅନ୍ ହୋଇଥିଲା। ଆଶୁ ଏକାଦଶ ଦଳର ରବି ବିନୋଦ ସିଂହଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ସେହିଭଳି ଶ୍ରେଷ୍ଠ ବୋଲର ଭାବେ ଜେଟିସିଏ ଏକାଦଶ ଦଳର ଅମରନାଥ ବାନାର୍ଜୀଙ୍କୁ ପୁରସ୍କୃତ କରାଯାଇଥିଲା। ଓସିଏର ପ୍ରଶାନ୍ତ ମହାନ୍ତି ଓ ରଞ୍ଜନ ମହାପାତ୍ର ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ। ଆୟୋଜିତ ପୁରସ୍କାର ପ୍ରଦାନ ଉତ୍ସବରେ ଏମଓଇଏଫସିସିର ରାଜ୍ୟ ଅଧ୍ୟକ୍ଷ ଅମିତାଭ ସାମଲ ମୁଖ୍ୟ ଅତିଥି ଭାବେ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଏଲଏଣ୍ଡଟି ରାଜ୍ୟ ମୁଖ୍ୟ ସତିଶ ପଟ୍ଟନାୟକ, ଏସକେ ସିଂହ କନଷ୍ଟ୍ରକସନର ପ୍ରୋପାଇଟର ସୁମନ ସିଂହ ଏବଂ ସମାଜସେବୀ ମହେନ୍ଦ୍ର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## ରିଜର୍ଭ ପୁଲିସ୍ ପଡ଼ିଆରେ ସହିଦ ଦିବସ ଓ ରକ୍ତଦାନ ଶିବିର

**ରାଉରକେଲା, ୨୧।୧୦(ସମିସ):** ସ୍ଥାନୀୟ ରିଜର୍ଭ ପୁଲିସ ପଡ଼ିଆରେ ୬୬ ତମ ପୁଲିସ ସହିଦ ଦିବସ ପାଳିତ ହୋଇଛି। ଏହି ଦିବସରେ ଅମର ଯବାନ ସହିଦ ସ୍ମୃତି ସ୍ତମ୍ଭରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ରାଉରକେଲା ଏସ୍‌ପି ନୀତେଶ ୱାଧୱାନିଙ୍କ ସମେତ ଅନ୍ୟ ପୁଲିସ ଅଧିକାରୀମାନେ ଦେଶ ପାଇଁ ବଳିଦାନ ଦେଇଥିବା ସହୀଦ ପୁଲିସଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ପୁଲିସ ଅଧିକାରୀ, ଅବସରପ୍ରାପ୍ତ ପୁଲିସ୍ ଅଧିକାରୀ ମାନେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ରାଉରକେଲା ରିଜର୍ଭ ପୁଲିସ କାର୍ଯ୍ୟାଳୟ ପରିସରରେ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଶିବିରକୁ ରାଉରକେଲା ଏସ୍‌ପି ନୀତେଶ ୱାଧୱାନି ଉଦ୍‌ଘାଟନ କରିଥିଲେ। ବିଭିନ୍ନ ହସ୍ପିଟାଲ୍‌ରେ ରକ୍ତ ଅଭାବକୁ ପରିଲକ୍ଷିତ କରି ପ୍ରତ୍ୟେକ ଥାନା, ଫାଣ୍ଡି, ଏସପି ଅଫିସ୍ ଏବଂ ଅନ୍ୟ ସ୍ଥାନ ମାନଙ୍କରେ ରକ୍ତଦାନ କାର୍ଯ୍ୟକ୍ରମ ଜାରି ରହିଛି। ଏଥିରେ ବହୁ ମହିଳା ଏବଂ ପୁରୁଷ ପୁଲିସ୍ ଅଧିକାରୀ ରକ୍ତଦାନ କରିଥିଲେ।



## ବଣାଇରେ ସଂକୀର୍ତ୍ତନ କଳାକାରଙ୍କ ସମାବେଶ

**ବଣାଇ, ୨୧।୧୦(ସମିସ):** ରାଜା ଧରଣୀଧର କ୍ଲବ୍ ପରିସରରେ ବଣାଇଁ କଦମ୍ବ କେଶରୀ ସାଂସ୍କୃତିକ କଳା ପରିଷଦ ପକ୍ଷରୁ ଏକ ଭବ୍ୟ କଳାକାର ସମାବେଶ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ସ୍ୱତନ୍ତ୍ର ଅତିଥି ଭାବେ ବଣାଇର ରାଜା ସାହେବ ବୀର କେଶରୀ ଇନ୍ଦ୍ରଦେଓ ଦେବ ଓ ସମ୍ମାନିତ ଅତିଥି ଭାବେ ବଣାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟଶଙ୍କର ଜୟପୁରିଆ ଯୋଗ ଦେଇଥିଲେ। ପରିଷଦର ପ୍ରତିଷ୍ଠାତା ତଥା କଳାକାର ଖଗେଶ୍ୱର ବାରିକ, ଉପସଭାପତି ରଜନୀକାନ୍ତ ଦଣ୍ଡିଆ, ଓଡ଼ିଶା ଖାଉଟି ସମବାୟ ମହାସଂଘ ଲିମିଟେଡର ନିର୍ଦ୍ଦେଶକ ଏବଂ ଭାରତୀୟ ଦଳିତ ସାହିତ୍ୟ ଏକାଡେମୀର ରାଜ୍ୟ ଉପସଭାପତି ବିପ୍ରଚରଣ ଜୟପୁରିଆ, ଲହୁଣୀପଡ଼ା ବ୍ଲକ କଳାକାର ସଂଘର ଉପ ସଭାପତି ପ୍ରଫୁଲ୍ଲ ପଲେଇ ପ୍ରମୁଖ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ସମାବେଶରେ ବଣାଇ ଉପଖଣ୍ଡ ଅଧୀନ ସମସ୍ତ ୪ଟି ବ୍ଲକରୁ ହଜାର ହଜାର କଳାକାର ଦଳ ଯୋଗ ଦେଇ ନିଜ କଳା ପ୍ରତିଭା ଦେଖାଇଥିଲେ। ସମାଜସେବୀ ଉଗ୍ରସେନ କିସାନ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମନ୍ତ ମହାକୁଳ, ପ୍ରତାପ ସାହୁ, ଚିନ୍ମୟ ତ୍ରିପାଠୀ, ଭୁବନାନନ୍ଦ କିସାନ, ଭ୍ରମର ବାରିକ, ସୁଶାନ୍ତ ବ୍ରହ୍ମ, ରାଜୀ ପ୍ରଧାନ, ହୃଦାନନ୍ଦ ବେହେରା, ଶୁକଦେବ ପଲେଇ, ଶ୍ରୀଧର ନାୟକ, ଟୋପି ଚନ୍ଦନ ସାହୁ, ପ୍ରମୁଖ ସହଯୋଗ କରିଥିଲେ।

## ୧୯ ଆର୍‌ଏସ୍‌ପି କର୍ମଚାରୀ ପୁରସ୍କୃତ




**ରାଉରକେଲା, ୨୧।୧୦(ସମିସ):** ସେଲ୍‌ଫ, ରାଉରକେଲା ଇସ୍ପାତ କାରଖାନା ଅଧୀନ ସାମଗ୍ରୀ ପରିଚାଳନା ବିଭାଗର ସମ୍ମିଳନୀ କକ୍ଷରେ ବିଭାଗର ଅଧିକାରୀଙ୍କ ସମେତ ୧୯ ଜଣ କର୍ମଚାରୀଙ୍କୁ କାର୍ଯ୍ୟକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ 'ସେଲ୍‌ଫ ସାବାସ ଯୋଜନା' ଅଧୀନରେ ପୁରସ୍କୃତ କରାଯାଇଛି। ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ ଏଥିରେ ଅଧ୍ୟକ୍ଷତା କରିବା ସହ ପୁରସ୍କାର ପ୍ରଦାନ କରିଥିଲେ। ସାମଗ୍ରୀ ପରିଚାଳନା (ପର୍ଚେଜ୍) ବିଭାଗର ସିଜିଏମ ଟି.ବିନୋଦ, ସାମଗ୍ରୀ ପରିଚାଳନା (ଷ୍ଟୋର୍ସ) ବିଭାଗର ଜିଏମ ଇନଚାର୍ଜ ଆଶିଷ ରଞ୍ଜନ ଏବଂ ସାମଗ୍ରୀ ପରିଚାଳନା (ମାର୍କେଟିଂ) ବିଭାଗର ଜିଏମ ଇନଚାର୍ଜ ଅଜୟ ଶୁକ୍ଲାଙ୍କ ସହିତ ବିଭାଗର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସେଲ୍‌ଫ ସାବାସ ପୁରସ୍କାର ଯୋଜନାର ବର୍ଗ-୧ ଅଧୀନରେ ୧୫ ଜଣ କର୍ମଚାରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ବର୍ଗ ଅଧୀନରେ ଏମଏମ (ପର୍ଚେଜ୍) ବିଭାଗର ଏଜିଏମ ଆଶୁତୋଷ, ଏମଏମ (ଷ୍ଟୋର) ବିଭାଗର ଏଜିଏମ ଏସ୍ କେରକେଟ୍ଟା, ଏମଏମ (ପର୍ଚେଜ୍) ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ସୌଭାଗ୍ୟ ବିଶ୍ୱାଲ ଏବଂ ଏମଏମ (ମାର୍କେଟିଂ) ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଏସ୍‌କେ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା।

## ତ୍ରିବେଣୀ କଳା ସଙ୍ଗମର ବାର୍ଷିକୋତ୍ସବ

ରାଉରକେଲା, ୨୧।୧୦(ସମିସ)

ରାଉରକେଲାର ଜଣାଶୁଣା ଅଗ୍ରଣୀ ନୃତ୍ୟାନୁଷ୍ଠାନ ତ୍ରିବେଣୀ କଳା ସଙ୍ଗମର ୨୫ତମ ବାର୍ଷିକ ଉତ୍ସବ ସ୍ଥାନୀୟ ସିଭିକ ସେଣ୍ଟର ଠାରେ ୨ଦିନ ଧରି ମହାଡମ୍ବର ସହ ପାଳିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଉରକେଲା ଷ୍ଟିଲ ପ୍ଲାଣ୍ଟର ମହାପ୍ରବନ୍ଧକ ବିଶ୍ୱଜିତ ମିଶ୍ର, ସମ୍ମାନିତ ଅଥିତି ଭାବେ ରାଉରକେଲା ବାର ଆସୋସିଏସନର ସଭାପତି ସଦାନନ୍ଦ ସାହୁ, ସମାଜସେବୀ ସନ୍ଧ୍ୟା ଲାକ୍ରା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପୁରାତନ ଛାତ୍ରଛାତ୍ରୀଙ୍କୁ ବେଷ୍ଟ ଆଚିଭମେଣ୍ଟ, ବେଷ୍ଟ ସିନିୟର ପ୍ୟାରେଣ୍ଟସ, ବେଷ୍ଟ ଷ୍ଟୁଡେଣ୍ଟ ଅଫ ଦି ଇୟର, ଡିସିପ୍ଲିନ ଏବଂ ବେଷ୍ଟ ପରଫର୍ମର ଆଦି ପୁରସ୍କାର ଦିଆ ଯାଇଥିଲା।




ସେହିପରି ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ସମ୍ମାନିତ ଅତିଥି ଭାବେ ପ୍ରଫେସର ଡ.ସମର ମୁଦାଲି ଏବଂ ସାମ୍ବାଦିକ ସୁଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସାରଦା ନାୟକ ଉତ୍କଳ କଳା ସଂସ୍କୃତିକୁ ଉଜ୍ଜୀବିତ କରି ରଖିବା ଏବଂ ଦୀର୍ଘ ୨୫ ବର୍ଷ ଧରି ଅନୁଷ୍ଠାନକୁ ବଞ୍ଚାଇ ରଖି ହଜାର ହଜାର ଛାତ୍ରଛାତ୍ରୀ ସୃଷ୍ଟି କରିବାରେ ଅନୁଷ୍ଠାନର ଗୁରୁ ସୁନିତା ପଟ୍ଟନାୟକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ପ୍ରବୀର ଜେନା ସଞ୍ଚାଳନ କରିଥିବା ବେଳେ ମନୀନ୍ଦ୍ର ପଟ୍ଟନାୟକ, ସୁବ୍ରତ ପଟ୍ଟନାୟକ, ଦିପେନ ଦେହୁରୀ, ବନ୍ଦନା ମହାପାତ୍ର, ପ୍ରିୟା ରାଉତରାୟ, ଅଞ୍ଜଳି ଜେନା, ଏଲିନା ମହାନ୍ତି ଶିଖାରାୟ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ତ୍ରିବେଣୀ କଳା ସଙ୍ଗମର କଳାକାରମାନଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ପରବେଶିତ ହୋଇଥିଲା।

# ମା' ଭଦ୍ରକାଳୀଙ୍କ ସପ୍ତମାତୃକା ବେଶ ▶ ବେଦମାତା ଓ ମହାକାଳୀ ବେଶରେ ଦର୍ଶନ ଦେଲେ ମା'

ଭଦ୍ରକ, ୨୧।୧୦(ସମିସ)

ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ପହରମ ବୈଷ୍ଣବୀ ମା' ଭଦ୍ରକାଳୀଙ୍କ ସପ୍ତ ମାତୃକା ବେଶର ପ୍ରଥମ ଦିନ ସୋମବାର ମା' ବେଦମାତା ବେଶରେ ପୂଜା ପାଇଛନ୍ତି। ମା'ଙ୍କର ଏହି ବେଶକୁ ଦର୍ଶନ କରିବା ନିମନ୍ତେ ପୀଠରେ ପ୍ରବଳ ଗହଳି ଲାଗିଥିଲା। ବେଦମାତା ବେଶରେ ମା' ହଳଦିଆ ପାଟ ବସ୍ତ୍ର ପରିଧାନ କରି ସ୍ୱର୍ଣ୍ଣ ରୌପ୍ୟ ଅଳଙ୍କାରରେ ସୁସଜ୍ଜିତ ହୋଇଥିଲେ। ବାମହସ୍ତ ଯୁଗଳରେ ବେଦ ଓ ଗଦା ଧାରଣ କରିଥିବା ବେଳେ ଦକ୍ଷିଣ ହସ୍ତ ଯୁଗଳରେ ଜପା ମାଳି ଓ ପଦ୍ମ ଧାରଣ କରିଥଲେ। ମା'ଙ୍କର ମୁଖ ମଣ୍ଡଳ ହଳଦୀ ବର୍ଣ୍ଣ ଥିବାବେଳେ ମା' ହଂସ ବାହନରେ ବିରାଜମାନ କରିଛନ୍ତି। ଶାସ୍ତ୍ର ଅନୁସାରେ ସୃଷ୍ଟି କର୍ତ୍ତା ବ୍ରହ୍ମା ପାଳନ କର୍ତ୍ତା ବିଷ୍ଣୁ ଓ ସଂହାର କର୍ତ୍ତା ମହେଶ୍ୱରଙ୍କ ଆରାଧ୍ୟ ହେଉଛନ୍ତି ବେଦମାତା। ସେଥିପାଇଁ ତାଙ୍କୁ ଦେବମାତା ବୋଲି କୁହାଯାଏ। ସେ ସମସ୍ତ ଦେବତାଙ୍କୁ ସ୍ନେହ ମମତା ବଣ୍ଟନ କରନ୍ତି। ସମସ୍ତ ବେଦର ସରତତ୍ତ୍ୱ ମା' ବେଦ ମାତାଙ୍କୁ ଜ୍ଞାନ ଗଙ୍ଗା ବୋଲି କୁହାଯାଏ। ବେଦ ମାତା ବେଶରେ ଦର୍ଶନ କଲେ ଭକ୍ତର ଜ୍ଞାନ ଚକ୍ଷୁ ଉନ୍ମୁକ୍ତ ହୁଏ ଓ ଭକ୍ତର ଆତ୍ମା ଶୁଦ୍ଧି ଓ ପବିତ୍ର ହୁଏ। ପୀଠ ରେ ଗୁରୁ ପୂଜା, ସୂର୍ଯ୍ୟ ପୂଜା, ପଞ୍ଚଦେବତା ପୂଜା ପରେ ମାନସିକ କଳସ ଶୋଭା ଯାତ୍ରା ବାହାରିଥିଲା। ମାନସିକ ଭକ୍ତମାନେ ମୁଣ୍ଡରେ ଘଟ ଧରି ପାରମ୍ପରିକ





ବାଦ୍ୟ ସହ ବେଦ ପାଠ, ନାମ ସଙ୍କୀର୍ତ୍ତନ, ନୃତ୍ୟର ତାଳେ ତାଳେ ଶୋଭାଯାତ୍ରାରେ ଯାଇ ପବିତ୍ର ସାଳନ୍ଦୀ ନଦୀର ଆହାରପଦା ଘାଟରୁ ଜଳ ଆଣିଥିଲେ। କଳସ ମଣ୍ଡପରେ ଘଟ ସ୍ଥାପନ କରିବା ପରେ ଶାସ୍ତ୍ରୀୟ ବ୍ରାହ୍ମଣ, ଆଚାର୍ଯ୍ୟଙ୍କ ଦ୍ୱାରା ମହାଯଜ୍ଞର ଶୁଭାରମ୍ଭ ହୋଇଥିଲା। ସନ୍ଧ୍ୟା ବେଳେ ମା'ଙ୍କ ର ଦିବ୍ୟ ଆଳତୀ ଦର୍ଶନ ନିମନ୍ତେ ପୀଠରେ ଭିଡ଼ ଲାଗିଥିଲା। ସାଂସ୍କୃତିକ ସନ୍ଧ୍ୟାର ପ୍ରଥମ ସନ୍ଧ୍ୟାରେ ଗାୟକ ପ୍ରବୀର ସନାତନ ଦାସଙ୍କ ପାଲା ପରିବେଷଣ ଭକ୍ତଙ୍କ ମନ ମୋହିଥିଲା। ମଙ୍ଗଳବାର ମା' ଭକ୍ତଙ୍କୁ ମହାକାଳୀ ବେଶରେ ଦର୍ଶନ ଦେଇଛନ୍ତି। ଭକ୍ତମାନେ ଧାଡ଼ି ବାନ୍ଧି ଧୂପ, ଦ୍ୱୀପ ନୈବେଦ୍ୟ ଦେଇ ଆଶୀର୍ବାଦ କାମନା କରିଥଲେ। ମା' ଭଦ୍ରକାଳୀ ପୀଠରେ ବର୍ଷ ସାରା ଶାନ୍ତ, ସୌମ୍ୟ ରୂପରେ ପୂଜା ପାଇଥାନ୍ତି। ମା' ମଙ୍ଗଳ ମୟୀ, କଲ୍ୟାଣକାରୀ। କୋଳରେ ବାଳ ଗୋପାଳଙ୍କ ବିଗ୍ରହକୁ ଧାରଣ କରିଥିବାରୁ ସେ ଜଗତର ପାଳନ କର୍ତ୍ତୀ ଓ ସ୍ନେହମୟୀ। ସପ୍ତ ମାତୃକା ବେଶର ଦ୍ୱିତୀୟ ଦିବସରେ

## ଆଜି ରାଜ ରାଜେଶ୍ୱରୀ ବେଶ

ସେ ମୁକ୍ତ କେଶ।, ରକ୍ତ ଜିହ୍ୱା, ମୁଣ୍ଡ ମାଳିନୀ, ଖଡଗ ଧାରିଣୀ ଉଗ୍ର ଓ ରୁଦ୍ର ରୂପରେ ଭକ୍ତଙ୍କୁ ଦର୍ଶନ ଦେଇ ଥାନ୍ତି। ମହାକାଳୀ ବେଶ ଦର୍ଶନ କଲେ ଭକ୍ତର ଗର୍ବ, ଅହଙ୍କାର ବିନାଶ ହୋଇଥାଏ। ଭକ୍ତ ଆସୁରିକ ପ୍ରବୃତ୍ତିରୁ ମୁକ୍ତି ପାଇ ସତ୍ୟ, ଧର୍ମ ପଥ ଅନୁସରଣ କରିଥାଏ। ପୀଠରେ ଗୀତା ପାଠ, ଶତ ଚଣ୍ଡୀ ପାଠ, ହୋମ ଯଜ୍ଞ ଚାଲୁ ରହିଛି। ପ୍ରତ୍ୟେକ ଦିନ ମା'ଙ୍କ ଅନ୍ନ ପ୍ରସାଦ ଭକ୍ତଙ୍କୁ ମନ୍ଦିର ପ୍ରଶାସନ ତରଫରୁ ମାଗଣା ଦିଆଯାଉଛି। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଭକ୍ତଙ୍କୁ ଆକର୍ଷିତ କରୁଛି। ବହୁ ବିଶିଷ୍ଟ ବ୍ୟକ୍ତି, ରାଜନେତା, ପ୍ରାଶାସନିକ ଅଧିକାରୀ ମାନେ ପୀଠକୁ ଯାଇ ମା'ଙ୍କ ଆଶୀର୍ବାଦ କାମନା କରୁଛନ୍ତି। ବୁଧବାର ମା' ରାଜ ରାଜେଶ୍ୱରୀ ବେଶରେ ଦର୍ଶନ ଦେବେ।

# ମା' ଦକ୍ଷିଣେଶ୍ୱର କାଳୀ ମନ୍ଦିରରେ ପୂଜା

**ବନ୍ତ/ଆଗରପଡ଼ା, ୨୧।୧୦(ସମିସ):** ବନ୍ତ ବ୍ଲକ ଅନ୍ତର୍ଗତ ଛୟାଳସିଂହ ପଞ୍ଚାୟତ ବିଦ୍ୟୁତ୍ ଷ୍ଟ୍ରକ୍ଚର ନିକଟ ମା' ଦକ୍ଷିଣେଶ୍ୱର କାଳୀଙ୍କ ମନ୍ଦିରରେ ପୂଜା ପାଉଛନ୍ତି ମା'। ଏଠାରେ ୩ ଦିନ ଧରି ପୂଜା ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ପୂଜକ ନାରାୟଣ ମିଶ୍ର, ଦୁର୍ଗା ପଣ୍ଡା ସମସ୍ତ ପୂଜା କାର୍ଯ୍ୟ ସମ୍ଭାଳିଥିବା ବେଳେ ପ୍ରାରମ୍ଭରେ ନିକଟସ୍ଥ ଗ୍ରାମ୍ୟ ଠାକୁରାଣୀ ପୁଷ୍କରିଣୀରୁ କଳସ ଘଟ ଉତ୍ତୋଳନ କରାଯାଇ ଗ୍ରାମ ବଜାର ପରିକ୍ରମା ପରେ ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ୩ ଦିନ ଧରି ମା'ଙ୍କ ରୀତିନୀତି ଅନୁସାରେ ବିଭିନ୍ନ ପୂଜା ଅନୁଷ୍ଠିତ ହେଉଥିବା ବେଳେ ଆଖପାଖ ଅଞ୍ଚଳରୁ ଶତାଧିକ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ବିଜୟ ନାୟକ, କୁଳମଣି ନାୟକ, ନରେଶ ତ୍ରିପାଠୀ, ଉମାକାନ୍ତ ନାଥ, ରାମ ଚନ୍ଦ୍ର ମହାନ୍ତି, ବାପୁନୁ ଜେନା, ବାଦଲ ଜେନା, ସନ୍ତୋଷ ସାହୁ, ସମେତ ଛୟାଳସିଂହ ପଞ୍ଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ସହଯୋଗ କରୁଛନ୍ତି।



# କାଳୀପୂଜା ପାଇଁ ଗଣିଜାଙ୍ଗ ଉତ୍ସବ ମୁଖର



**ବନ୍ତ/ଆଗରପଡ଼ା, ୨୧।୧୦(ସମିସ):** ବନ୍ତ ବ୍ଲକର ସର୍ବପୁରାତନ ଗଣିଜାଙ୍ଗ କାଳୀ ପୂଜାପାଇଁ ଉତ୍ସବ ମୁଖର ହୋଇ ଉଠିଛି ଗଣିଜାଙ୍ଗ ପୂଜା ମଣ୍ଡପ। ଏହି ପୂଜା ବନ୍ତ ବ୍ଲକର ସର୍ବପୁରାତନ କାଳୀପୂଜା। ଏଠାରେ ଚଳିତ ବର୍ଷ ଧୁମ୍‌ଧାମରେ ପାଳନ କରାଯାଉଛି କାଳୀ ପୂଜା। ଏହି ଅନୁଷ୍ଠାନ ପ୍ରାୟ ୭୦ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ଅନୁଷ୍ଠାନ। ସ୍ୱର୍ଗତ ଗୌରହରି ପତି, ସିଦ୍ଧେଶ୍ୱର ଧଳ, ମୂର୍ତ୍ତି କାରିଗର ବୃନ୍ଦାବନ ମଜୁନଦାର, କୃଷ୍ଣ ପଣ୍ଡାଙ୍କ ସମେତ ଅନେକ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ଏହି ପୂଜା ପ୍ରଥମେ ଆରମ୍ଭ ହୋଇଥିଲା। ବର୍ତ୍ତମାନ ପୂଜା ବଜାର କମିଟି ପକ୍ଷରୁ ଏହା ଅନୁଷ୍ଠିତ ହେଉଛି। ପ୍ରାରମ୍ଭରେ ସରୁସାଗର ନଈରେ ୭ଟି କଳସ ଘଟଉତ୍ତୋଳନ ପରେ ଗ୍ରାମ ବଜାର ପରିକ୍ରମା କରାଯାଇ ପୂଜା ମଣ୍ଡପକୁ ଅଣାଯାଇଥିଲା। ପୂଜକ ଜଗନ୍ନାଥ ପାଣିଗ୍ରାହୀ, ସତ୍ୟବ୍ରତ ପଣ୍ଡା, ଦୀପକ ପଣ୍ଡା, ହାଡ଼ିବନ୍ଧୁ ପଣ୍ଡା ସମସ୍ତ ପୂଜା କାର୍ଯ୍ୟ ତୁଲାଇଥିଲେ। ପ୍ରାୟ ୧୨ ଫୁଟ୍ ଉଚ୍ଚତା ମୂର୍ତ୍ତି ସହିତ ଆକର୍ଷଣୀୟ ସାଜସଜ୍ଜା ହୋଇଛି। ହଜାର ହଜାର ସଂଖ୍ୟାରେ ବନ୍ତ ଏବଂ ଭଦ୍ରକ ବ୍ଲକର ଭକ୍ତଙ୍କ ପୂଜା ମଣ୍ଡପରେ ପ୍ରତିଦିନ ସମାଗମ ହୋଇଥିଲା। ମଣ୍ଡପରେ ୯ ଦିନ ପୂଜା ପାଇବେ ମା'। ପ୍ରତିଦିନ ପୂଜା କାର୍ଯ୍ୟକ୍ରମକୁ କମିଟିର ସଭାପତି, ସମ୍ପାଦକ ସମେତ ବଜାର କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରୁଛନ୍ତି।

## ଭଣ୍ଡାରିପୋଖରୀ ଉତ୍ସବ ମୁଖର

# ପୀଠ ଦେବୀ ଦକ୍ଷିଣ କାଳୀଙ୍କ ପୂଜା ଉତ୍ସବ

**ବାରିକପୁର, ୨୧।୧୦(ସମିସ):** ପବିତ୍ର ଦୀପାବଳିଠାରୁ ଭଣ୍ଡାରିପୋଖରୀ ଥାନା ଛକ ସମେତ ମଞ୍ଜୁରୀ ରୋଡ ଓ ବନ୍ଧାଳମଢିଆଳୀ ପଞ୍ଚାୟତ ଖପୁରିଆପଦା ମା' କାଳୀଙ୍କ ପୂଜା ଉତ୍ସବ ଭାବ ଉଦ୍ଦୀପନାର ସହିତ ଆରମ୍ଭ ହୋଇଛି। ଚଳିତ ବର୍ଷ ମଞ୍ଜୁରୀ ରୋଡ ବଜାରଠାରେ ବ୍ୟବସାୟୀଙ୍କ ତରଫରୁ ବେଶ ଧୁମଧାମରେ ପୂଜା ଅନୁଷ୍ଠିତ ହୋଇଛି। ସେହିଭଳି ବୈତରଣୀ ନଦୀ କୂଳ ଖପୁରିଆପଦା ଠାରେ ମଧ୍ୟ ପୀଠ ଦେବୀ ମା' ଦକ୍ଷିଣ କାଳୀଙ୍କ ବାର୍ଷିକ ପୂଜା ଉତ୍ସବ ଶୁଭାରମ୍ଭ ହୋଇଛି।ଗତ ସୋମବାର ଦିନ ନଦୀରୁ ଘଟ ଉତୋଳନ ହେବା ପରେ ବୈଦିକ ରୀତିନୀତି ଅନୁଯାୟୀ ମା'ଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ପ୍ରଥମ ଦିନରେ କଳସ ପୂଜା, ଦେବୀଙ୍କ ନ୍ୟାସ ପୂଜା, ଷୋଡ଼ଷ ଉପଚାର ପୂଜା, କଖାରୁ ବଳି ଅନୁଷ୍ଠିତ ହୋଇଛି। ନିଶାର୍ଦ୍ଧରେ ବିଭିନ୍ନ ପୂଜା ବିଧି ଅନୁସାରେ ପୂଜକ ଅଭିରାମ ପାଢ଼ୀ, ଲଳିତ ନନ୍ଦ, ପ୍ରଶାନ୍ତ ନନ୍ଦ ମାଙ୍କୁ ଆବାହନ କରିଥିଲେ। ଏଥିରେ ସଙ୍କଳ୍ପ କର୍ତ୍ତାଭାବେ ଭରତ ଚନ୍ଦ୍ର ନନ୍ଦ ଓ ନିରୂପମା ନନ୍ଦ ଦାୟିତ୍ୱ ନିର୍ବାହ କରିଛନ୍ତି। ସପ୍ତଦିନ ବ୍ୟାପୀ ପୂଜା ଉତ୍ସବ ଅନୁଷ୍ଠିତ ହେଉଥିବା ବେଳେ ଏଥିରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଅପେରା ମଧ୍ୟ ପରିବେଷଣ ହେବ। ବାର୍ଷିକ ଉତ୍ସବକୁ ବିଶ୍ୱନାଥ ସାହୁ, ନାରାୟଣ ସାହୁ, ସୁମନ୍ତ ଶେଖର ପଣ୍ଡା, ରବୀନ୍ଦ୍ର ଜେନା, ବିଜୟ ରଞ୍ଜନ ସାହୁ, ବିଶ୍ୱଜିତ ସାହୁ, ମନୋଜ ପଣ୍ଡା, ପୁପେନ୍ଦ୍ର ପଣ୍ଡା ପ୍ରମୁଖ ପରିଚାଳନା କରିଛନ୍ତି।



ଅନୁରୂପ ଭାବେ ଭଣ୍ଡାରିପୋଖରୀ ଥାନା ଛକଠାରେ ବେଶ ଆନନ୍ଦ ଉଲ୍ଲାସର ସହିତ ମା'ଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଛି। ପୂଜକ ବାମନ ଚରଣ ପଣ୍ଡା ଓ ସୋମ୍ୟରଞ୍ଜନ ପଣ୍ଡା ଶାସ୍ତ୍ରୀୟ ମାନ୍ୟତା ଅନୁଯାୟୀ ମା' କାଳୀଙ୍କୁ ପୂଜାର୍ଚ୍ଚନା କରିଛନ୍ତି। ଆୟୋଜିତ ପୂଜାରେ ସଙ୍କଳ୍ପ କର୍ତ୍ତା ଭାବେ ବିଜୟ ନାୟକ ଓ ଗୌରୀ ନାୟକ ଦାୟିତ୍ୱ ନିର୍ବାହ କରିଛନ୍ତି। ବଜାର କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଅପେରା ପ୍ରଦର୍ଶନ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

## ରୋଭର୍ସ କ୍ଲବ୍‌ର ୬୫ତମ ବାର୍ଷିକ ସମାରୋହ

# ପୁରୁଖା ଖେଳାଳି ଗୁଲ ମହମ୍ମଦଙ୍କୁ ସମ୍ବର୍ଦ୍ଧନା

**ଭଦ୍ରକ, ୨୧।୧୦(ସମିସ):** ଭଦ୍ରକ ପୁରୁଣା ବଜାର ରୋଭର୍ସ କ୍ଲବର ୬୫ତମ ବାର୍ଷିକ ସମାରୋହ ପାଳିତ ହୋଇଯାଇଛି। ଏହି ସଭାରେ କ୍ଲବର ସଭାପତି ହାଜି ଅବଦୁଲ କାସିମ ଖାନଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଥିଲା। ସମାଜସେବୀ ସୁଧାକର ରାଉତ ଅତିଥିମାନଙ୍କୁ ଆମନ୍ତ୍ରିତ କରି ମଞ୍ଚକୁ ଆଣିଥିଲେ। ପରେ ସମସ୍ତ ଅତିଥି ଆଲୋକର ଦୀପ ଲଗେଇଥିଲେ। କବି ତଥା ମାଷ୍ଟର ମୁସ୍ତାକ ଗୌହର ସଞ୍ଚଳନରୁ ଆରମ୍ଭ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ମୁକ୍ତିମଣ୍ଡଳ, ଭଦ୍ରକ ପୌରପାଳିକା ପୌରାଧ୍ୟକ୍ଷ ଗୁଲମକ୍କୀ ଦଲୱାଜି ହବିବ, ପୁରୁଣା ବଜାର ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ, ଫେଲୋସିପ ଅଧ୍ୟକ୍ଷ ଏସଏମ ଫାରୁକ, ଜିଲ୍ଲା ବରିଷ୍ଠ ନାଗରିକ ସଙ୍ଘର ସଭାପତି ଲଲାଟେନ୍ଦୁ ମହାପାତ୍ର, ସମ୍ପାଦକ କୈଳାଶ ବାବୁ, ତ୍ୟାଗଭୂମି ସଭାପତି ଅଜୟ ନାୟକ, ହିନ୍ଦୁ ସୁରକ୍ଷା ସମିତିର ସଭାପତି



ବିଦ୍ୟାଧର ସାହୁ, ନେତ୍ରୀ ଅନିତାବାଳା ଆର୍ଶ୍ଚର୍ଯ୍ୟ, ମୁସଲିମ ଜମାତର ସମ୍ପାଦକ ହାଜି ଅବଦୁଲ ମୁକିତ ଖାନ ଓ ରବି ମହାପାତ୍ର ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ସମସ୍ତ ଅତିଥିଙ୍କୁ କ୍ଲବ ସଭ୍ୟାଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ପ୍ରାକ୍ତନ ସାଂସଦ ମଞ୍ଜୁଲତା ମଣ୍ଡଳ ଦୁଇ ପର୍ଯ୍ୟାୟରେ ୬ଲକ୍ଷ ଟଙ୍କା କ୍ଲବ ଘରର ଉପର ମହଲା ତିଆରି କରିବା ପାଇଁ ଦେଇଥିବାବେଳେ ଆଜି ସେ ନିଜେ ଉଦଘାଟନ କରିଥିଲେ। ସମସ୍ତ ଅତିଥିଙ୍କ ଦ୍ୱାରା କ୍ଲବର ପୁରୁଖା ଫୁଟବଲ ଖେଳାଳି ଶେଖ ଗୁଲ ମହମ୍ମଦଙ୍କୁ ଫୁଲତୋଡ଼ା, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଭଦ୍ରକ ଏକ ଭାଇଚାରା ସହର ଏବଂ ଏହି ରୋଭର୍ସ କ୍ଲବ ମହାବୀର ପଡ଼ିଆ ଠାରେ ଫୁଟବଲ ଖେଳି ଜାତୀୟ ସ୍ତରରେ ଫୁଟବଲ ଖେଳି ସୁନାମ ଅର୍ଜନ କରିଛନ୍ତି। ତାହା ଆଜି ଆମ ପାଇଁ ଗର୍ବ; କିନ୍ତୁ ମହାବୀର ପଡ଼ିଆକୁ ଷ୍ଟାଡିଅମର ରୂପରେଖା ଉନ୍ନତି ପାଇଁ କୋଟି କୋଟି ଟଙ୍କା ଅନୁଦାନ ଆସିଥିଲା ତାହା ଉକ୍ତ ଟଙ୍କା ଫେରିଯାଇଛି ବୋଲି ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ କହିଥିଲେ। ବିଦ୍ୟାଧର ସାହୁ କହିଥିଲେ ଯେ, କେବଳ ନେତା ଚାହିଁଲେ ଫେରି ଯାଇଥିବା ଟଙ୍କା ଆମ ପାଖକୁ ଆସିବ ନାହିଁ, ଯେହେତୁ ସମସ୍ତେ ମିଳିମିଶି ଚାହିଁଲେ ପୁଣି ଉକ୍ତ ଟଙ୍କା ଫେରିବ ଏବଂ ଷ୍ଟାଡ଼ିଅମ ତିଆରି ହୋଇପାରିବ। ଏହି ବାର୍ଷିକ ସମାରୋହରେ କ୍ଲବ ସମ୍ପାଦକ ହରୀ ପ୍ରସାଦ ନନ୍ଦୀ ବିବରଣୀ ପାଠ କରିଥିଲେ। ଉପ ସଭାପତି ଦିଲ୍ଲୀପ ସିଂହ, ସହ ସମ୍ପାଦକ ସହିଲ ଅହେମଦ ଓ ମହେବୁବ ଖାନ, କୋଷାଧ୍ୟକ୍ଷ ହାଜି ଅବୁ ହୋସେନ, ମିର୍ଜା ଇଜାଜ ବେଗ, ଶେଖ ଫାରୁକ, ମିର୍ଜା ଫରୟାଦ ବେଗ, ଶେଖ ନାଶିର ଅଲି, ସଲିମ ଖାନ, ଶେଖ ଜୁଲଫୁକାର, ସୈୟଦ କେତାବ ଅଲ୍ଲୀ, ଦିଲାୱାର ଅଲ୍ଲୀ, ମୀର ମହମ୍ମଦ ସମିର ପ୍ରମୁଖ ଉପସ୍ଥିତ ଥିଲେ।

# ଦୀପାବଳିରେ ଆଖଣ୍ଡଳମଣିଙ୍କ ମନ୍ଦିର ଚୂଡ଼ାକୁ ଉଠିଲା ମହାଦୀପ

**ଭଦ୍ରକ/ଆରଡି, ୨୧।୧୦(ସମିସ):** ପ୍ରସିଦ୍ଧ ଶୈବପୀଠ ଆରଡି ଧାମର ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ପବିତ୍ର ଦୀପାବଳୀ ଅବସରରେ ଗତ ସୋମବାର ରାତିରେ ବିଶ୍ୱ କଲ୍ୟାଣ ଉଦ୍ଦେଶ୍ୟରେ ମନ୍ଦିରଚୂଡାକୁ ଉଠିଲା ମହାଦୀପ। ଏଥିପାଇଁ ସୋମବାର ଭୋର ୪ଟାରେ ଦ୍ୱାରଫିଟା ଯିବା ପରେ ମଙ୍ଗଳ ଆଳତୀ, ଘର୍ଷଣଲାଗି, ଜଳାଭିଷେକ ନୀତି ସମ୍ପନ୍ନ ହ୍ୱୋ ପରେ ନବବସ୍ତ୍ର ଲାଗି କରାଯାଇ ଦିଗମ୍ବର ବେଶରେ ସଜ୍ଜିତ କରାଯିବ ବାବାଙ୍କୁ ପହିଲି ବାଲ୍ୟ ଭୋଗ ଲାଗି କରାଯାଇଛି। ସକାଳ ୯ଟାରେ ପହଡଖିଆ ଅନ୍ନନୀତି, ମଧ୍ୟାହ୍ନ ୧ଟାରେ ଯୋଗୀବେଶ ଓ ବଡନୀତି, ୧ଘଣ୍ଟା ଅବକାଶ (ଶୟନ) ନୀତି ସମ୍ପନ୍ନ ହୋଇଥିଲା। ପରେ ଦୀପାବଳି ନୀତି ନିମନ୍ତେ ଅପରାହ୍ନ ୪ଟାରେ ବାବାଙ୍କୁ ବଡସିଂହାର ବେଶରେ ସଜ୍ଜିତ କରାଯାଇ ସଂଧ୍ୟାରେ ଭକ୍ତମାନଙ୍କ ଦ୍ୱାରା ହଜାରହଜାର ଦୀପ ପ୍ରଜ୍ୱଳନ କରାଯାଇଥିଲା। ସନ୍ଧ୍ୟା ୭ଟାରେ ମହାଦୀପ ପ୍ରସ୍ତୁତି କରାଯାଇ ଶୋଡଷ ଉପଚାରରେ ପୂଜାର୍ଚ୍ଚନା ଓ ଅଗ୍ନି ସଂଯୋଗ କରାଯିବା ପରେ ରାତ୍ର ୯ଟା ୩୦ରେ ଘଣ୍ଟା କୀର୍ତ୍ତନ ଓ ଭକ୍ତମାନଙ୍କ ହରିବୋଲ ହୁଳହୁଳିରେ ମନ୍ଦିର ବେଢ଼ା ପରିକ୍ରମା କରାଯାଇ ୯ଟା ୪୦ରେ ମନ୍ଦିର ଚୂଡାରେ ସ୍ଥାପନ କରାଯାଇଥିଲା।



# ଆଗରପଡ଼ା ରାଜବାଟୀରେ ଦୀପାବଳି

**ବନ୍ତ/ଆଗରପଡ଼ା, ୨୧।୧୦(ସମିସ):** ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ତଥା ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ଉତ୍କଳକେଶରୀ ଡ.ହରେକୃଷ୍ଣ ମହତାବଙ୍କ ବାସଭବନ ଆଗରପଡ଼ା ରାଜବାଟୀରେ ୧୨ ମାସରେ ୧୩ପର୍ବ ପାଳନ କରାଯାଇଥାଏ। ସେହି ଧାରା ଆଜିବି ବଜାୟ ରଖିଛନ୍ତି ତାଙ୍କ ପୁତ୍ର ତଥା କଟକ ସାଂସଦ ଭର୍ତ୍ତୃହରି ମହତାବ। ଶୁଭ ଦୀପାବଳି ଅବସରରେ ଶ୍ରୀ ମହତାବ ତାଙ୍କ ପୁତ୍ର ଲୋକ ରଞ୍ଜନ ମିଷ୍ଟାନ୍ନରେ ଆପ୍ୟାୟିତ କରି ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଧାମନଗର ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବରିଷ୍ଠ ନାଗରିକ ରାମଚନ୍ଦ୍ର ନାୟକ, କୈଳାସ ଧଳ, ରଞ୍ଜନ ଦାସ, ଚିତ୍ତରଞ୍ଜନ ସାମନ୍ତ ରାୟ, ରବୀନ୍ଦ୍ର ପଣ୍ଡା, ଆଇନଜୀବୀ ମନୋଜ ରାୟ, ଜଗତମୋହନ ସିଂହ, ସୁରେନ୍ଦ୍ର କର, ସାମ୍ବାଦିକ ଅକ୍ଷୟ ସିଂହ, ଅପୂର୍ବ ବେହେରା, ମନୋରଞ୍ଜନ ବାରିକ, ବିଜେପି ନେତା ଅମୂଲ୍ୟରତ୍ନ ନନ୍ଦ, ରଞ୍ଜନ ସିଂହ, ଅଶୋକ ପରିଡ଼ା, ପ୍ରମୁଖ ଉପସ୍ଥିତ ଥିଲେ।

# ଜାଗରଣ ଯାତ୍ରା ପାଇଁ ପ୍ରଚାର ସମିତିର ପ୍ରସ୍ତୁତି

**ଭଦ୍ରକ, ୨୧।୧୦(ସମିସ):** ଭଦ୍ରକର ପ୍ରସିଦ୍ଧ ମା'କାଳୀପୂଜା ଉପଲକ୍ଷେ ପ୍ରତିବର୍ଷ ପରି ଚଳିତ ବର୍ଷ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ପକ୍ଷରୁ ମହାସଂସ୍କୃତିର ଜାଗରଣ ଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଭଦ୍ରକସ୍ଥ ଶ୍ରୀବାଳଗୋପାଳ ମନ୍ଦିର ପରିସରରେ ସମିତିର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗୀରଥିନନ୍ଦ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୨୨ରୁ ୨୭ ତାରିଖ ପର୍ଯ୍ୟନ୍ତ ୬ ଦିନ ବ୍ୟାପୀ ଦିବା ୧୦ ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଭଦ୍ରକ ଚରମ୍ପା ରେଲୱେ ଷ୍ଟେସନ ନିକଟ ଏକ ଅସ୍ଥାୟୀ ଶ୍ରୀଜଗନ୍ନାଥ ମଣ୍ଡପରେ ଗୀତା, ଭାଗବତ ପଠନ, କଳାକାରଙ୍କ ଦ୍ୱାରା ସଂକୀର୍ତ୍ତନ ପରିବେଷଣ, ଭଜନ, ପ୍ରବଚନ ଭାବବିନିମୟ କାର୍ଯ୍ୟକ୍ରମ ଓ ଆଧ୍ୟାତ୍ମିକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଶ୍ରେଷ୍ଠ ଉତ୍ତରଦାତାଙ୍କୁ ଶେଷରେ ସମ୍ମାନିତ କରାଯିବ। ସନ୍ଧ୍ୟା ଅଧିବେଶନରେ ପ୍ରତ୍ୟେହ ଆଧ୍ୟାତ୍ମିକ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର କରାଯାଇଛି। ଏହି ଆଧ୍ୟାତ୍ମିକ ସଭାରେ ସଂସ୍କୃତି ମନ୍ତ୍ରୀ ଭଦ୍ରକ ସାଂସଦ, ବିଧାୟକ, ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଓ ବକ୍ତା ଭାବରେ ବହୁ ସାହିତ୍ୟିକ, ଗବେଷକ, ସମାଜସେବୀ ଓ ଶ୍ରୀଜଗନ୍ନାଥ ପ୍ରେମୀ ବିଶିଷ୍ଟ ବିଦ୍ୱାନଗଣଙ୍କୁ ଯୋଗଦାନ କରିବାକୁ ଅନୁରୋଧ କରାଯାଇଛି। ବୈଠକରେ ସନ୍ତୋଷ କୁମାର ଦାଶ, ଶରତ ଚନ୍ଦ୍ର ମହାନ୍ତି, କାଶୀନାଥ ପଣ୍ଡା, ସନେଇ ଶିଅଳ, ଦୁଃଶାସନ ମହାନ୍ତି, ପଦ୍ମଲୋଚନ ମହାପାତ୍ର, ଡ଼. ନିତ୍ୟାନନ୍ଦ ମିଶ୍ର, ଡ଼ା. ଅନିଲ ଦାସ, କୃପାସିନ୍ଧୁ ନାୟକ, ବଳରାମ ମହାନ୍ତି, ଲକ୍ଷ୍ମୀଧର ଖଟୁଆ, ପ୍ରବୋଧ ଅଗସ୍ତି ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଆବାହକ ଶରତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଟ୍ରକ ଧକ୍କାରେ ୨ ଷଣ୍ଢ ମୃତ ଓ ୩ ଗୋରୁ ଆହତ ▶ ବାଲିମୁଣ୍ଡା ଛକରେ ରାସ୍ତା ଅବରୋଧ

**ବାସୁଦେବପୁର, ୨୧।୧୦(ସମିସ):** ବାସୁଦେବପୁର ବ୍ଲକ ବାଲିମୁଣ୍ଡା ଛକରେ ସୋମବାର ଆଇନ ବୋଝେଇ ଟ୍ରକ ଧକ୍କାରେ ୨ଟି ଷଣ୍ଢର ମୃତ୍ୟୁ ଘଟିଥିବାବେଳେ ୩ଟି ଗୋରୁ ଆହତ ହୋଇଛନ୍ତି। ପ୍ରତିବାଦରେ ସ୍ଥାନୀୟ ଗ୍ରାମବାସୀ ଓ ବଜରଙ୍ଗ ଦଳ କର୍ମୀ କହୁଥିବା ଯୁବକମାନେ ରାସ୍ତା ଅବରୋଧ କରିଛନ୍ତି। ଫଳରେ ଦୁଇ ପାର୍ଶ୍ୱରେ ଅଟକି ରହିଛି ଶହ ଶହ ଟ୍ରକ ଓ ଯାତ୍ରୀବାହୀ ଗାଡି ଖରାରେ ଅଟକି ରହିଥିଲା। ବାସୁଦେବପୁରରୁ ଧାମରାକୁ ଯିବାକୁ ଯାତ୍ରୀବାହୀ ବସ ଓ ଧାମରକରୁ ବାସୁଦେବପୁର ଆସୁଥିବା ବସ ଅଟକି ରହିଛି। ଫଳରେ ଶହ ଶହ.ଯାତ୍ରୀ ଅସୁବିଧାର ସମ୍ମୁଖୀନ ହୋଇ ଚାଲି ଚାଲି ଯାଉଥିବାର ଦେଖିବାକୁ ମିଳିଥିଲା। ଆଜି ପୁରପଲ୍ଲୀରେ ପାଳିତ ହେଉଛି ପବିତ୍ର ଦୀପାବଳୀ ଓ କାଳୀପୂଜା। ଏହି ପବିତ୍ର ପର୍ବ ପାଳନ କରିବାକୁ ଦେଶ ବିଦେଶରୁ କାମ ଛାଡି ପରିବାର ପାଖକୁ ଧାଇଁ ଆସୁଛନ୍ତି। ଗୋମାତା ଗାଡି ଧକ୍କାରେ ମୃତ୍ୟୁବରଣ କରିଥିବାରୁ ସମସ୍ତଙ୍କର ସମବେଦନା ରହିଛି। ଯାହାକୁ ଆଳ କରି କିଛି ଭଡାଟିଆ ଜିଲ୍ଲା ବାହାରୁ ଆସି ରାସ୍ତା ରୋକରେ ସାମିଲ୍ ହୋଇ ବିଭ୍ରାନ୍ତିକର ମନ୍ତବ୍ୟ ଦେଉଥିଲେ। ପୁଲିସ ପ୍ରଶାସନ, ଗଣମାଧ୍ୟମ ଓ ମୁଖ୍ୟମନ୍ତ୍ରୀଙ୍କ ଗାଳିରେ ଧଜିଆ ଉଡାଇଥିଲେ। ପୁଲିସ ସବୁ ଦେଖି ନିରବ। ଉଦଭ୍ରାନ୍ତ ଯୁବକମାନେ ଏକ ରୋଗୀଙ୍କ ଗାଡିକୁ ଛାଡିନଥିଲେ। ଯାତ୍ରୀମାନେ ଖାଇବା ଓ ପାଣି ନପାଇ ହନ୍ତସନ୍ତ ହେବାକୁ ପଡ଼ିଥିଲା। ଦାବି ପୂରଣ ନହେଲେ ରାସ୍ତାରୁ ହଟିବୁ ନାହିଁ ବୋଲି କହିଛନ୍ତି ଯୁବକ। ଶାନ୍ତି ଶୃଙ୍ଖଳା ରକ୍ଷା କରିବାକୁ ପୁଲିସ ମୃତୟନ କରାଯାଇଛି। ଶେଷରେ ତହସିଲଦାରଙ୍କ ହସ୍ତକ୍ଷେପ ପରେ ଅପରାହ୍ନ ୩ଟାରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା।



# ବାଣ ଦୁର୍ଘଟଣାରେ ୧୮ ଆହତ

**ବାରିକପୁର, ୨୧।୧୦(ସମିସ):** ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ଆନନ୍ଦ ଉଲ୍ଲାସର ସହିତ ପବିତ୍ର ଦୀପାବଳି ଉତ୍ସବ ସହିତ ବଡ଼ବଡୁଆ ପିତୃପୁରୁଷଙ୍କ ପୟା ଶ୍ରାଦ୍ଧ ଅନୁଷ୍ଠିତ ହୋଇଛି। ହେଲେ ଅସାବଧାନତା ଯୋଗୁଁ ସନ୍ଧ୍ୟାରେ ବାଣ ଫୁଟାଇ ୧୮ ଜଣ ଆହତ ହୋଇଥିବା ସୂଚନା ମିଳିଛି। ସୋମବାର ସନ୍ଧ୍ୟାରେ ବାଣ ଫୁଟାଇବା ବେଳେ ୧୪ ଜଣ ଆହତ ହୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିଥିଲେ। ଅନ୍ୟ ୪ଜଣ ମଙ୍ଗଳବାର ସକାଳୁ ମେଡ଼ିକାଲକୁ ଆସିଥିଲେ। ସେମାନଙ୍କ ମଧ୍ୟରୁ ୧୪ ଜଣଙ୍କ ପ୍ରାଥମିକ ଚିକିତ୍ସା ପରେ ଘରକୁ ପଠାଯାଇଛି। ଅନ୍ୟ ୪ ଜଣଙ୍କୁ ଭଦ୍ରକ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଆହତମାନେ ମଞ୍ଜୁରୀ ରୋଡ, ସରସଦା, ବାରିକପୁର, ଛତାବର, ଆଖୁଆପଦାର ବୋଲି ଜଣାପଡ଼ିଛି।

# ଡକାୟତି ଯୋଜନା ପଣ୍ଡ ୪ କୋର୍ଟଚାଲାଣ, ମାରଣାସ୍ତ୍ର ଜବତ

ଝାରସୁଗୁଡ଼ା,,୨୧।୧୦(ସମିସ): ଝାରସୁଗୁଡ଼ା ଜିଲ୍ଲା ଓରିଏଣ୍ଟ ଥାନା ଅଧୀନ ଗଜପତିନଗର ପୋଖରୀ ନିକଟରେ ଗତ ରବିବାର ବିଳମ୍ବିତ ରାତିରେ ଏକ ଡକାୟତି ଦଳ ବିଭିନ୍ନ ମାରଣାସ୍ତ୍ର ସହ ଏକତ୍ରିତ ହୋଇ ଡକାୟତି ଯୋଜନା କରୁଥିବା ବେଳେ ପୁଲିସ ଚଢ଼ଉ କରି ୪ ଅଭିଯୁକ୍ତକୁ ଗିରଫ କରିଥିବା ବେଳେ ୨ ଜଣ ଫେରାର ହୋଇଯାଇଥିଲେ। ଏହାକୁ ନେଇ ଓରିଏଣ୍ଟ ପୁଲିସ ତରଫରୁ ସୋମବାର ଏକ ମାମଲା ରୁଜୁ କରାଯାଇଛି। ଗିରଫ ଅଭିଯୁକ୍ତ ଓରିଏଣ୍ଟ ଥାନା କାଳିନଗର ଅଞ୍ଚଳର ଆଶୀଷ ବେହେରା(୧୯) ଓ ବିଶାଳ ବେହେରା(୨୭) ଏବଂ ବ୍ରଜରାଜନଗର ଥାନା ଖଲିଆକାନି ଅଞ୍ଚଳର ଅଭିଷେକ ଭୋଇ(୨୨) ଓ ଅମୀର ମହାରଣା(୨୪)କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ନେଇ ପୁଲିସ ତରଫରୁ ସୂଚନା ଦିଆଯାଇଛି। ଓରିଏଣ୍ଟ ଥାନା ପୁଲିସ ଏଏସ୍ଆଇ ପରମେଶ୍ୱର ପଟେଲ ଓ ପୁଲିସ ଟିମ ରାତ୍ରି ପାଟ୍ରୋଲିଂ କରୁଥିବା ସମୟରେ କିଛି ଦୁର୍ବୃତ୍ତ ଗଜପତିନଗର ପୋଖରୀ ନିକଟରେ ବିଭିନ୍ନ ମାରଣାସ୍ତ୍ର ଧରି ଏକତ୍ରିତ ହୋଇ ଡକାୟତି ଯୋଜନା କରୁଥିବା ନେଇ ଖବର ପାଇଥିଲେ। ଘଟଣାସ୍ଥଳରେ ଚଢ଼ଉ କରାଯାଇ ୪ ଅଭିଯୁକ୍ତକୁ ଗିରଫ କରିବାରେ ପୁଲିସ ସଫଳ ହୋଇଥିବା ହେଲେ ଅନ୍ଧାରର ସୁଯୋଗ ନେଇ ୨ ଜଣ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଚଢ଼ଉ ସମୟରେ ଅଭିଯୁକ୍ତଙ୍କ ନିକଟରୁ ୨ଟି ଖଣ୍ଡା, ୨ଟି ଲୁହାରଡ, ଏକ ଛୁରୀ, ୨ଟି ଟର୍ଚ୍ଚ ଲାଇଟ, ୩ଟି ମୋବାଇଲ ଫୋନ, ୨୨୭୦ ଟଙ୍କା, ୨ଟି ବାଇକ ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଥିବା ନେଇ ଓରିଏଣ୍ଟ ପୁଲିସ ତରଫରୁ ସୂଚନା ଦିଆଯାଇଛି।

# ଚକଡ଼ା ଓ ନଳୀ ପୋକ ପାଦୁର୍ଭାବ; ଶହ ଶହ ଏକର ଧାନ ଫସଲ ନଷ୍ଟ



ଝାରସୁଗୁଡ଼ା,୨୧।୧୦(ସମିସ): ସାର ଅଭାବ, ଅଦିନିଆ ଲଗାଣ ବର୍ଷା ପରେ ଏବେ ଚକଡା ପୋକ ଚାଷୀଙ୍କ ଚିନ୍ତାର କାରଣ ହୋଇଛି। ଶସ୍ୟ ଶ୍ୟାମଳ ଥିବା ଧାନ ବିଲକୁ ମାତ୍ର ଦିନେ ଦୁଇ ଦିନରେ ଶୁଖିଲା ପଡିଆ କରିଦଉଛି ଏହି ପୋକ। ଝାରସୁଗୁଡ଼ା ଜିଲ୍ଲାର ଶହ ଶହ ଏକର ଚାଷ ଜମିରେ ଚକଡା ପୋକ ଲାଗି ଧାନ ଫସଲ ନଷ୍ଟ ହୋଇଥିବାବେଳେ ନଳୀ ପୋକ ମଧ୍ୟ ଚାଷୀଙ୍କ ନିଦ ହଜାଇଛି। ଝାରସୁଗୁଡ଼ା ଜିଲ୍ଲାରେ ଚାଷୀଙ୍କ ଦୁଃଖ କହିଲେ ନ ସରେ। ପ୍ରଥମେ ଲଗାଣ ବର୍ଷା ଯୋଗୁଁ ବର୍ଷା ଧାନ ଫସଲ ନଷ୍ଟ ହୋଇଥିବାବେଳେ ବର୍ତ୍ତମାନ ଧାନ ଗଛରେ ଚକଡା ପୋକ, ନଳୀ ପୋକ ଲାଗି ବ୍ୟାପକ କ୍ଷୟକ୍ଷତି ହେଉଛି। ଜିଲ୍ଲାର ଲଖନପୁର, କୋଲାବିରା, ଲାଇକେରା, କିର୍ମିରା, ଝାରସୁଗୁଡ଼ା ବ୍ଲକ୍ ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ଚକଡା ପୋକ ସହ ନଳୀ ପୋକ ଲାଗି ଶହଶହ ଏକର ଫସଲ ନଷ୍ଟ ହୋଇଥିବା ଅଭିଯୋଗ କରିଛନ୍ତି ଚାଷୀ। ଚକଡା ପୋକ ଧାନ ଗଛର ତଳ ଅଂଶରେ ରହି ବଂଶ ବିସ୍ତାର କରୁଥିବାରୁ ପ୍ରାରମ୍ଭିକ ସ୍ଥିତିରେ ଚାଷୀ ଏନେଇ ଜାଣି ପାରୁନାହାନ୍ତି। ଫଳରେ ସବୁଜ ସୁନ୍ଦର ଦିଶୁ ଥିବା ଧାନ ଗଛ ମାତ୍ର ଦିନେ ଦୁଇ ଦିନରେ ହଳଦିଆ ଦେଖାଯାଇ ସମ୍ପୂର୍ଣ୍ଣ ଫସଲ ନଷ୍ଟ ହୋଇଯାଉଛି। ଚକଡା ଲାଗି ଥିବା ବିଲରେ ଏବେ କେବଳ ଶୁଖିଲା ନଡା ପଡି ରହିଛି। ଧାର କରଜ କରି ଚାଷ କରିଥିବା ଚାଷୀ ଏବେ ଏହି ଶୁଖିଲା ନଡାରୁ କିପରି ଋଣ ପରିଶୋଧ କରିବ ଏବଂ ନିଜ ପରିବାର ପ୍ରତିପୋଷଣ କରିବ ସେନେଇ ଚିନ୍ତା ପ୍ରକାଶ କରିଛନ୍ତି।

ଏବେ ଧାନ ଅମଳ ହେବାକୁ ମାତ୍ର ୨୦ରୁ ୨୫ ଦିନ ବାକି ରହିଛି। ଏହି ସମୟରେ ଯେଉଁ ବିଲ ଚକଡା ପୋକ ପ୍ରାଦୂର୍ଭାବରୁ ବଞ୍ଚିଯାଇଛି ସେଥିରେ ନଳୀପୋକ ଦାଉ ସାଧୁଛି। ନଳୀ ପୋକ ଧାନ କେଣ୍ଡାର ତଳ ଭାଗକୁ କାଟି ଦେଉଥିବାରୁ ଧାନ କେଣ୍ଡାଟି ଅପରିପକ୍ୱ ରହିବା ସହ ଛିଣ୍ଡି ତଳେ ପଡିଯାଉଛି। ଚକଡା ପୋକ ଏବଂ ନଳୀ ପୋକ ବିଷୟରେ ଚାଷୀ ଓ କୃଷକ ସାଥି ଜାଣି ପାରି କୃଷି ବିଭାଗର ଅଧିକାରୀଙ୍କୁ ଖବର ଦେଉଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ପରାମର୍ଶ ଅନୁସାରେ ଔଷଧ ଦେବା ପୂର୍ବରୁ ଏହି ପୋକ ଧାନ ଫସଲ ନଷ୍ଟ କରି ଦେଉଛନ୍ତି। ଚକଡା ଏବଂ ନଳୀ ପୋକ ଡରରେ ଏବେ ଚାଷୀ ଦୋକାନରେ ବିକ୍ରି ହେଉଥିବା ବିଭିନ୍ନ ଔଷଧ କିଣି ବିଲରେ ସିଞ୍ଚନ କରୁଛନ୍ତି। ହେଲେ ସେଥିରେ ଫସଲ କେତେ ସୁରକ୍ଷିତ ରହିବ ତାକୁ ନେଇ ମଧ୍ୟ ଆଶା ଆଶଙ୍କାରେ ଝାରସୁଗୁଡ଼ାର ଚାଷୀକୂଳ। ତେଣୁ କୃଷି ବିଭାଗ ଅଧିକାରୀ ବିଲକୁ ପହଞ୍ଚି ଯାଞ୍ଚ କରିବାସହ ଆଗୁଆ ରୋଗ ପୋକ ପାଇଁ ଔଷଧ ଯୋଗାଇ ଦିଅନ୍ତୁ ବୋଲି ଚାଷୀ ଦାବି କରିଛନ୍ତି। ଅନ୍ୟପଟେ ବହୁଳ ୟୁରିଆ ସାରର ବ୍ୟବହାର ଏବଂ ମେଘୁଆ ପାଗ ଯୋଗୁଁ ପୋକର ପ୍ରାଦୁର୍ଭାବ ଜିଲ୍ଲାରେ ଦେଖିବାକୁ ମିଳିଥିଲା। ହେଲେ ଏବେ କୃଷି ବିଭାଗ କର୍ମଚାରୀ ମାନେ ଚାଷୀଙ୍କ ପାଖକୁ ପହଞ୍ଚିବା ସହ ସବସିଡିରେ ଚାଷୀଙ୍କୁ ଔଷଧ ଯୋଗାଇ ଦିଆଯାଉଛି। ତେଣୁ ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଚକଡା ପୋକ ଏବଂ ନଳୀ ପୋକର ପ୍ରାଦୂର୍ଭାବ ଦେଖାଦେଇଥିଲେ ହେଁ ଏବେ ତାହା ନିୟନ୍ତ୍ରଣରେ ଥିବା କହିଛନ୍ତି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ ନନ୍ଦ। ଲଗାଣ ବର୍ଷା ସହ ଚକଡା ଏବଂ ନଳୀ ପୋକ ଦ୍ୱାରା ହୋଇଥିବା କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ଯୋଗାଇବା ସହ ଜିଲ୍ଲା କୃଷି ବିଭାଗ ପକ୍ଷରୁ ପ୍ରତି ଗାଁକୁ ଯାଇ ରୋଗ ପୋକ ଲାଗିବା ପୂର୍ବରୁ ଚାଷୀ କିପରି ନିଜ ଫସଲକୁ ସୁରକ୍ଷିତ ରଖିପାରିବେ ସେନେଇ ପ୍ରଶିକ୍ଷଣ ଦେବାର ଆବଶ୍ୟକତା ରହିଛି।



ଠିକ୍ ସମୟରେ ମିଳୁନି ଔଷଧ

# ଜିଲ୍ଲାସ୍ତରୀୟ 'ଆସ ସ୍କୁଲ ଯିବା' ଅଭିଯାନ



ଝାରସୁଗୁଡ଼ା,୨୧।୧୦(ସମିସ): ଝାରସୁଗୁଡା ଜିଲ୍ଲାସ୍ତରୀୟ 'ଆସ ସ୍କୁଲ ଯିବା' ଅଭିଯାନ ଶୁଭାରମ୍ଭ ହୋଇଛି। ବିଧାୟକ ଟଙ୍କଧର ତ୍ରିପାଠୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପତାକା ଦେଖାଇ ଅଭିଯାନର ଶୁଭାରମ୍ଭ କରିବା ସହ ଝାରସୁଗୁଡା ଜିଲ୍ଲାରୁ ସମ୍ପୂର୍ଣ୍ଣ ଭାବେ ଡ୍ରପ୍ଆଉଟ୍ ସମାପ୍ତ କରିବାକୁ ଆହ୍ୱାନ ଦେଇଥିଲେ। ଶିକ୍ଷା କ୍ଷେତ୍ରରେ ଝାରସୁଗୁଡାକୁ ଏକ ଅଗ୍ରଣୀ ଜିଲ୍ଲାରେ ପରିଣତ କରିବା ପାଇଁ ବିଭାଗୀୟ ଅଧିକାରୀ, ଶିକ୍ଷକ ଶିକ୍ଷୟିତ୍ରୀ ଏଥିପାଇଁ ଯତ୍ନବାନ ହେବା ଓ ଆନ୍ତରିକତା ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ ଡ.ରାଧାକାନ୍ତ ଗଡତିଆ ବିଦ୍ୟାଳୟ ବାହାରେ ଥିବା ବା ନାମ ଲେଖାଇ ନ ଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟକୁ ଆଣିବା ଓ ଜିଲ୍ଲାରୁ ଡ୍ରପ୍ ଆଉଟ୍ ଶୂନ୍ୟ କରିବାକୁ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ମନମୋହନ ଏମ୍.ଇ. ସ୍କୁଲ ଠାରୁ ପୁରୁଣାବସ୍ତି ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଆୟୋଜିତ ଶୋଭାଯାତ୍ରାରେ ରାଜସ୍ୱ ମନ୍ତ୍ରୀଙ୍କ ପ୍ରତିନିଧି ପ୍ରମୋଦ ସେନାପତି, ରଘୁନନ୍ଦନ ପଣ୍ଡା ଓ ବରଗଡ଼ ସାଂସଦଙ୍କ ପ୍ରତିନିଧି ବିଶ୍ୱଜିତ ଷଡଙ୍ଗୀ ପ୍ରମୁଖ ଯୋଗଦାନ କରିଥିଲେ।

କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଡ.ଗଡତିଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଝାରସୁଗୁଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନୀଲ ପଟେଲ, କିରିମିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟନାରାୟଣ ପଣ୍ଡା, ଲଇକେରା ଗୋଷ୍ଠୀ ଶିକ୍ଷା ଅଧିକାରୀ ହିମାଂଶୁ ବାଗ୍, ପୂର୍ବତନ ବିଜ୍ଞାନ ସୁପର ଭାଇଜର ସଦାନନ୍ଦ ଦାସ, ବର୍ତ୍ତମାନର ବିଜ୍ଞାନ ସୁପରଭାଇଜର ନିରଜ ପଟେଇ, ଖୁଲଣା ସୁନ୍ଦରୀ ବେହେରା ତଥା ଜିଲ୍ଲାର ସମସ୍ତ ବ୍ଲକ୍‌ରୁ ଆସିଥିବା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏବଂ ସମସ୍ତ ସିଆରସିସି ସହଯୋଗ କରିଥିଲେ।

## ଏବିଭିପି ତରଫରୁ ଦୀପାବଳି ଉତ୍ସବ



ବରଗଡ଼,୨୧।୧୦(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବରଗଡ଼ ଜିଲ୍ଲା ବିଜେପୁର ନଗରର କାର୍ଯ୍ୟକର୍ତ୍ତାଙ୍କ ତରଫରୁ ଗୋଡଭଗା ସ୍ଥିତ ଶ୍ରୀକୃଷ୍ଣନନ୍ଦ ଅନାଥ ଆଶ୍ରମ ଠାରେ ଦୀପାବଳି ଉତ୍ସବ ପାଳନ କରାଯାଇଥିଲା। ଏହି ଅବସରରେ ବିଜେପୁର ନଗରର ନଗର ସମ୍ପାଦକ ଶୁଭଙ୍କର ଦାଶ, ସହ ସମ୍ପାଦିକା ସୋନାଲୀ ରାଣୀ ଦାଶ, ଛାତ୍ରୀ ପ୍ରମୁଖ ଟିନା ସାହୁ, କାର୍ଯ୍ୟକର୍ତ୍ତା ଡୋନୀ ତାଣ୍ଡି ଓ ହିମାଳୟା ବର୍ଗେଙ୍କ ସହିତ ମିଶି ଅନାଥ ଛୁଆଙ୍କ ସହିତ ଦୀପାବଳି ପାଳନ କରିଥିଲେ। ଏଥିରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ପ୍ରମୁଖ କାର୍ଯ୍ୟକର୍ତ୍ତା ତଥା ସମ୍ବଲପୁର ବିଭାଗ ସଂଯୋଜକ ସଂକେତ ସାହୁ, ବିଭାଗ ଛାତ୍ରୀ ପ୍ରମୁଖ ଆଞ୍ଚଲ ଚୌଧୁରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ପଞ୍ଚମ, ଜିଲ୍ଲା ସଂଯୋଜକ ପ୍ରାଞ୍ଜଳ କୁଆଁର ଏବଂ ଅତାବିରା ନଗର ସମ୍ପାଦକ ଓମ୍ ପ୍ରକାଶ ଗଡତିଆ, ଏସଅଫଦି ସହ ସଂଯୋଜକ ଅର୍ପିତା ରଥ, ଏସଅଫ୍ଏସ ଜିଲ୍ଲା ସଂଯୋଜକ କୀର୍ତ୍ତି ପଣ୍ଡା, ଏସଅଫ୍ଏସ ସହ ସଂଯୋଜକ ବି ଦୀପାଞ୍ଜଳି ବିଶେଷ ଭାବେ ଉପସ୍ଥିତରହି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ସମସ୍ତେ ଶିଶୁ ମାନଙ୍କ ସହ ମିଶି ବୃକ୍ଷରୋପଣ କରିବା ସହ ମିଠା, ଭୋଜନର ବ୍ୟବସ୍ଥା କରି ଅତି ଆନନ୍ଦରେ ଦୀପାବଳି ଉତ୍ସବ ପାଳନ କରିଥିଲେ।

## ଯାଦବ ସମାଜର ବୈଠକ

ବରଗଡ଼,୨୧।୧୦(ସମିସ): ଅତାବିରା ମାର୍କେଟରେ ଯାଦବ ସମାଜର ବ୍ଲକ୍‌ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାଦବ ସମାଜର ବ୍ଲକ୍ ସଭାପତି ପୂର୍ଣ୍ଣଚନ୍ଦ୍ର ସାଲମାଙ୍କ ସଭାପତିତ୍ୱରେ ବୈଠକରେ ଅତାବିରା ବ୍ଲକ୍‌ର ସମସ୍ତ ପଞ୍ଚାୟତରୁ ଯାଦବ ଭାଇମାନେ ଯୋଗଦେଇ ଯାଦବ ସମାଜର ବିକାଶ ଦିଗରେ ଆଲୋଚନା କରିଥିଲେ। ବୈଠକରେ ସୁରେନ୍ଦ୍ର କଠାର, ମହନ କଠାର, ସନ୍ୟାସି ଠେଲା, ମାଲିକ ମହାକୁର, ଶ୍ରୀପତି ପୋଡ଼, ଅର୍ଜୁନ ଭୋଇ, ପ୍ରଶାନ୍ତ ବନଛୁର, ଆନନ୍ଦ ଜାଲ, ବୃନ୍ଦାପନ ଦୀପ, କେଶବ ଦୀପ, ରେନମାଲ ଜାଲ, ଜୟଲାଲ ଦୀପ, ବିରଞ୍ଚି ଭୋଇ ପ୍ରମୁଖ ଯୋଗ ଦେଇଥିଲେ।

# ବଘରାଚକାରେ ମହାଲକ୍ଷ୍ମୀ ପୂଜା



ଝାରସୁଗୁଡ଼ା,୨୧।୧୦(ସମିସ): ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ୍‌ରାଜପୁର ପଞ୍ଚାୟତ ଅଧୀନ ବଘରାଚକା ଗାଁରେ ବିଶ୍ୱନାଥ ମେହେର ସ୍ମାରକୀ ଟ୍ରଷ୍ଟ ପକ୍ଷରୁ ୨୦ ତମ ଜୟ ମା' ଲକ୍ଷ୍ମୀ ପୂଜା କମିଟି ତରଫରୁ ଶୁକ୍ରବାର ପର୍ଯ୍ୟନ୍ତ ୪ଦିନ ବ୍ୟାପୀ ଆୟୋଜିତ ହେବାକୁ ଥିବା ମହାଲକ୍ଷ୍ମୀ ପୂଜା ଆଜି ମଙ୍ଗଳବାର ଦିନ ଠାରୁ ଆରମ୍ଭ ହୋଇଯାଇଛି। ମଙ୍ଗଳବାର ସକାଳୁ ପଣ୍ଡିତ ମୋତିଲାଲ ମିଶ୍ର ଓ ବାସୁଦେବ ଦାସ ମା' ଲକ୍ଷ୍ମୀଙ୍କ ମୃଣ୍ମୟ ମୂର୍ତ୍ତିର ଆବାହନ ପୂଜା, ହୋମ ଯଜ୍ଞ, ନୈବେଦ୍ୟ, ଆଳତି ପୂଜା ଆଦି କରିଥିଲେ। ଚଳିତ ବର୍ଷ କିଶୋର ମେହେର ଓ ତାଙ୍କ ପତ୍ନୀ ଶୌକି ମେହେର କର୍ତ୍ତା ଦାୟିତ୍ୱ ନିର୍ବାହ କରିଛନ୍ତି। ମା' ଲକ୍ଷ୍ମୀଙ୍କ ଭୋଗ ଲାଗି ହେବା ପରେ ପୂଜା କମିଟି ତରଫରୁ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ଅନ୍ୟପକ୍ଷେ ବୁଧବାର ସନ୍ଧ୍ୟାରେ ପୌରାଣିକ କାର୍ଯ୍ୟକ୍ରମ ଜଳନ୍ଧର ଦରବାର ଅନୁଷ୍ଠିତ ହେବ ଓ ଗୁରୁବାର ସନ୍ଧ୍ୟାରେ ଲକି କୁପନ୍ ଉଠାଣ କାର୍ଯ୍ୟକ୍ରମ ରହିଥିବା କମିଟି ତରଫରୁ ସୂଚନା ଦିଆଯାଇଛି। ବିଶ୍ୱନାଥ ସ୍ମାରକୀ ଟ୍ରଷ୍ଟ ଓ ଲକ୍ଷ୍ମୀ ପୂଜା କମିଟିର ସଞ୍ଜୀବ ମେହେର, ହୁତାଶନ ମେହେର, ଜଗନ୍ନାଥ ମେହେର, ନାରାୟଣ ମେହେର, ବୁଧୁରାମ ମେହେର, ହେମନ୍ତ ମେହେର, ଲୋକନାଥ ମେହେର, ଚିନ୍ତାମଣି ମେହେର, ନୌକେଶ୍ୱର୍ ମେହେର, ତରଣିସେନ୍ ମେହେର, ବାବୁଲାଲ ମେହେର, ଚିତ୍ରସେନ ମେହେର, ବାବ୍ଲିି ମେହେର, ପିଣ୍ଟୁ ମେହେର, ନିଖିଳ ମେହେର, ଚିକୁ ମେହେର, ଉପେନ୍ଦ୍ର ମେହେର, ବଣ୍ଟି ମେହେର, କୈଳାସ ମେହେର, ତ୍ରିନାଥ ମେହେର, ଟଙ୍କ ମେହେର ପ୍ରମୁଖ ପୂଜା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି।

# ବିଭିନ୍ନ ଗାଁରେ 'ଗାଁ ଦିବସ'



ବରଗଡ଼,୨୧।୧୦(ସମିସ): ଗାଁକୁ ଭଲ ପାଇବା ସଂସ୍କୃତି ଭାଇଚାରା ଏକତା ଅଖଣ୍ଡତାକୁ ବଜାୟ ରଖିବା ତଥା ଗ୍ରାମୀଣ ସଭ୍ୟତା ସଂସ୍କୃତି ପରମ୍ପରା ଏବଂ ନୈତିକ ମୂଲ୍ୟବୋଧ ପ୍ରାସଙ୍ଗିକତାର ବିଭିନ୍ନ ଦୃଷ୍ଟାନ୍ତ ମାନ ଦେଇ କଳାକ୍ଷେତ୍ର ଅତାବିରା ତରଫରୁ ଅତାବିରା ବ୍ଲକ୍ ଲରାସରା ପଞ୍ଚାୟତ ଖଇରପାଲି ଗାଁରେ ଗାଁ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ହଳଧର ନାଗ, ମୁଖ୍ୟ ବକ୍ତା ଭାବେ ଡକ୍ଟର ତପସ୍ୱନୀ ଗୁରୁ, ଲରାସରା ପଞ୍ଚାୟତ କୀର୍ତ୍ତିନ ସେଟ, ମଣ୍ଡଳ ସଭାପତି ପୁଷ୍ପକ ଗାଇଗରିଆ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମଟିକୁ ଅମୃତ ବାରିକ ପରିଚାଳନା କରିଥିଲେ। ସୁଜତା ବିଶ୍ୱାଳ, ଜାହ୍ନବୀ ମହାକୁର, ଅନୁପମା ମହାନନ୍ଦ,କୁନି କର୍ମୀ, ରାଜେଶ ମହାକୁର, ଅମିତ ସାହୁ ପ୍ରମୁଖ ସହଯୋଗ କରିଥିଲେ।

ଅମ୍ବାଭୋନା: ଅମ୍ବାଭୋନା ବ୍ଲକ୍ ଅଧୀନ ପ୍ରକାଶପୁର ସ୍ଥିତ ଜୟ ଜଗନ୍ନାଥ ସଂଗୀତ କଳା ପରିଷଦ ଆନୁକୂଲ୍ୟରେ ବରିଷ୍ଠ କଳାକାର ରବିଶଙ୍କର ବେହେରାଙ୍କ ତତ୍ତ୍ୱାବଧାନରେ ଦୀପାବଳି ଉତ୍ସବ ଏବଂ ଗାଁ ଦିବସ ପାଳନ କରାଯାଇଛି। ମୁଖ୍ୟବକ୍ତା ଭାବେ ସୁଲଳିତ ପାତ୍ର ଯୋଗ ଦେଇଥିଲେ। ଅଞ୍ଚଳର ବରିଷ୍ଠ କଳାକାର ଏବଂ ନାଗରିକ ଟିକାରାମ ନାୟକ, ପଟେଲ, ପୂରଞ୍ଜନ ଡୁଙ୍ଗୁରୀ, ନାଗାର୍ଜୁନ ସାହୁ, ଅଣ୍ଡାରାମ ପଧାନ, ରମେଶଚନ୍ଦ୍ର ପଟେଲ, ମେଘନାଦ ପଟେଲ, କିଶୋର ପୁରୋହିତ, ଲିଙ୍ଗରାଜ ପଟେଲ, ହୃଦାନନ୍ଦ ଭୋଇ, ବିଷ୍ଣୁ ଭୋଇ, ପାଣ୍ଡବ ତାଣ୍ଡି, ହୃଷିକେଶ ପଟେଲ, ବଂଶୀଧର ସେଠ, ମିନକେତନ ଭୋଇ, ପିତାମ୍ବର ସେଠ, ଅଲେଖ ଦେହେରୀ ପ୍ରମୁଖ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।



# ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ସମୂହର ସମ୍ବର୍ଦ୍ଧନା ସଭା

ଗାଇସିଲେଟ,୨୧।୧୦(ସମିସ): ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ୍‌ର ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ସମୂହ ଆନୁକୂଲ୍ୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଶାନ୍ତି ମୈତ୍ରୀ ଉଚ୍ଚ ବିଦ୍ୟାପୀଠ ପଲ୍ଲୀବିକାଶ ଠାରେ ସଭାପତି ମନୋଜ ସାହୁଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ବିଶ୍ୱନାଥ ବେହେରା, କର୍ମଚାରୀ ରବୀନ୍ଦ୍ର ଭୋଇ, ଶାନ୍ତି ମୈତ୍ରୀ ଉଚ୍ଚ ବିଦ୍ୟାପୀଠ ପଲ୍ଲୀ ବିକାଶର ପୂର୍ବତନ ପ୍ରଧାନଶିକ୍ଷକ ଡୋଳାମାଣି ତରିଆ, କର୍ମଚାରୀ ଗୁରୁଦେବ ସେଠ, ପଞ୍ଚାୟତ ହାଇସ୍କୁଲ ଡଙ୍ଗାବାହାଲର ପୂର୍ବତନ ପ୍ରଧାନଶିକ୍ଷକ ହେମନ୍ତ ସାହୁ, କର୍ମଚାରୀ ଶାନ୍ତିଲାଲ ନାୟକ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ କୁଣ୍ଡାଖାଇ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରିୟରଞ୍ଜନ ପଧାନ, ଚିଖିଲି ହାଇସ୍କୁଲ ପ୍ରଧାନଶିକ୍ଷକ ସୌଭାଗ୍ୟ ପଧାନ, କଟାବହାଲ ହାଇସ୍କୁଲର ପ୍ରଧାନଶିକ୍ଷକ ସୁଦର୍ଶନ ବାରିକ, ବରିହାପୁଖପାଣି ହାଇସ୍କୁଲ ପ୍ରଧାନଶିକ୍ଷକ ମୋହନ ରଣା, ଫିରିଙ୍ଗିମାଲ ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ଦଣ୍ଡସେନା, କଂଧୁମୁଣ୍ଡା ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରଶାନ୍ତ ହୋତା, ବେହେରାମୁଣ୍ଡା ହାଇସ୍କୁଲର ପ୍ରଧାନଶିକ୍ଷକ ରୁକ୍ମଣ ଦିଶ୍ରୀ, ଡଙ୍ଗାବାହାଲର ପ୍ରଧାନଶିକ୍ଷକ ସନ୍ତୋଷ ପାଣ୍ଡେ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନଶିକ୍ଷକ ରୁକ୍ମଣ ଦିଶ୍ରୀ ସ୍ୱାଗତ ବକ୍ତବ୍ୟ ଦେଇଥିବା ବେଳେ ସମ୍ପାଦକ ବିଷ୍ଣୁ ଭୋଇ ବିବରଣୀ ପଠନ କରିଥିଲେ। ଶିକ୍ଷକ ନବୀନ ବରିହା, ଅରକ୍ଷିତ ବାରିକ, ଜଗନ୍ନାଥ ସାହୁ, ବାମନ ସାହୁ, ଗଙ୍ଗାଧର ସାହୁ, ଗୋକୁଳ ପଧାନ, ହେମନ୍ତ ବାରିକ, ଅମୁଲ୍ୟ ଯୋଷୀ, କୃଷ୍ଣ ଚନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ। ନୂତନ ଅନୁଦାନ ପ୍ରାପ୍ତ ୧୧ଟି ବିଦ୍ୟାଳୟର ସମସ୍ତ ଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ମୋହନ ରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ପୁଲିସ ପକ୍ଷରୁ ସହିଦ୍ ସ୍ମୃତି ଦିବସ



ଦେବଗଡ଼,୨୧।୧୦(ସମିସ): ଜିଲ୍ଲା ପୁଲିସ ପକ୍ଷରୁ ସ୍ଥାନୀୟ ରିଜର୍ଭ ପୁଲିସ ପଡିଆରେ ୬୬ ତମ ଓଡ଼ିଶା ସହିଦ ସ୍ମୃତି ଦିବସ ପାଳିତ ହୋଇଯାଇଛି। ଦେବଗଡ଼ ଆରକ୍ଷୀ ଅଧିକ୍ଷକ ଅନୀଲ ମିଶ୍ର ଯୋଗ ଦେଇ ଆନୁଷ୍ଠାନିକ ପ୍ୟାରେଡ ଅଭିବାଦନ ଗ୍ରହଣ କରିଥିଲେ। ପରେ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ପ୍ରଦତ୍ତ ବାର୍ତ୍ତା ପଠନ କରିଥିଲେ। ଏହି ଅବସରରେ ମିଳିତ ସ୍ମୃତି ପ୍ୟାରେଡ ମଧ୍ୟରେ ସହିଦ ମାନଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା। ଶେଷରେ ଦେଶ ପାଇଁ ବଳିଦାନ ଦେଇଥିବା ସହିଦଙ୍କ ଉଦ୍ଦେଶ୍ୟରେ ଅମର ଜବାନ ସ୍ମୃତି ସ୍ତମ୍ଭରେ ଜିଲ୍ଲାପାଳ କବିନ୍ଦ୍ର ସାହୁ, ଆରକ୍ଷୀ ଅଧିକ୍ଷକ ଅନୀଲ ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଧୀରଜ ଚୋପଦାର, ଏସଡିପିଓ ରମେଶ ଚନ୍ଦ୍ର ମହାନା, ୪ର୍ଥ ଆଇଆରବି କମାଣ୍ଡାଣ୍ଟ କାହ୍ନୁ ଚରଣ ହାଁସଦା, ଆରଆଇ ହମ୍ବିରା ସୋରେନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ପୁଲିସ ବିଭାଗର ବରିଷ୍ଠ ଅଧିକାରୀ ଓ ନିମନ୍ତ୍ରିତ ଅତିଥି ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ସିଆରପିଏଫରେ କାର୍ଯ୍ୟ କରୁଥିବା ବେଳେ ସହିଦ ହୋଇଥିବା ଦେବଗଡ଼ ଜିଲ୍ଲାର ୨ ଜଣ ସହିଦ ଭାଟସିଂ ଗାଁର ସହିଦ ଶାନ୍ତନୁ ଧଳ ଏବଂ ପୁଡାଡିହି ଗାଁର ସହିଦ କାର୍ତ୍ତିକେଶ୍ୱର ମହାପାତ୍ରଙ୍କ ପରିବାରକୁ ଉପଢୌକନ ପ୍ରଦାନ ପୂର୍ବକ ଜିଲ୍ଲା ପୁଲିସ ପକ୍ଷରୁ ସମ୍ମାନିତ କରାଯାଇଥିଲା।

ଝାରସୁଗୁଡ଼ା: ଝାରସୁଗୁଡ଼ା ଜିଲ୍ଲା ଓଏସଏପି ଦ୍ୱିତୀୟ ବାଟାଲିୟନ ପଡିଆ ଠାରେ ଜିଲ୍ଲା ପୁଲିସ ପକ୍ଷରୁ ମଙ୍ଗଳବାର ୬୬ ତମ ପୁଲିସ ସହିଦ ସ୍ମୃତି ଦିବସ ପାଳିତ ହୋଇଯାଇଛି। ଦେଶ ପାଇଁ ଜୀବନ ଉତ୍ସର୍ଗ କରିଥିବା ବୀର ସହିଦ ଓ ଦିବଂଗତ ପୁଲିସଙ୍କୁ ପ୍ରଣାମ ଜଣାଇ ଦେଶ ପାଇଁ ସେମାନେ କରିଥିବା ବଳିଦାନକୁ ସ୍ମରଣ କରାଯାଇଛି। ଏହି ଅବସରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଯୋଗଦେଇ ସହିଦଙ୍କ ସ୍ମୃତି ଚାରଣ କରିବା ସହ ସହିଦ ସ୍ମୃତି ସ୍ତମ୍ଭରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୁଲିସ ତରଫରୁ ପରେଡ କରାଯାଇ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସହିଦଙ୍କ ବଳିଦାନ ଫଳରେ ଦେଶର କୋଟିକୋଟି ଜନତା ସୁରକ୍ଷିତ ତଥା ହସ ଖୁସିରେ ଜୀବନ ଯାପନ କରୁଛନ୍ତି। ତାଙ୍କୁ ସମ୍ମାନ ଦେବା ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ ବୋଲି ଉପସ୍ଥିତ ଅତିଥିଗଣ ମତବ୍ୟକ୍ତ କରିଥିଲେ।



# ପାଇକମାଳ ହାଇସ୍କୁଲରେ ଅଭିଭାବକ ବୈଠକ

ପାଇକମାଳ,୨୧।୧୦(ସମିସ): ପାଇକମାଳ ହାଇସ୍କୁଲରେ ପ୍ରଧାନଶିକ୍ଷକ ଡ.ଦ୍ୱାଦଶ ପଧାନଙ୍କ ଅଧ୍ୟକ୍ଷତାରେ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବବିତା ବେହେରା, ଟାଇଲ ଚନ୍ଦ୍ର ଭୋଇ ଓ ଅବସରପ୍ରାପ୍ତ ଅଧ୍ୟାପକ ମୀନକେତନ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ବୈଠକରେ ୮୫ ଜଣ ଅଭିଭାବକ ଅଭିଭାବିକା ଯୋଗଦାନ କରିଥିଲେ। ଜ୍ୟୋତିର୍ମୟୀ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ପ୍ରଧାନଶିକ୍ଷକ ନବମ ଓ ଦଶମ ଶ୍ରେଣୀର ଅର୍ଦ୍ଧବାର୍ଷିକ ପରୀକ୍ଷା ଫଳାଫଳ ଘୋଷଣା କରିଥିଲେ। ସୁଦାମ ପାଣ୍ଡେ, ଲଳିତ ବିଶ୍ୱାଳ, ରଜତ ସାହୁ, ନିରୁପମା ସାହୁ, ଛବିଳ ସେଠ୍, ଶିବମ ନାୟକ, ମନୋଜ ସାହୁ, ସ୍ୱାଧୀନ ସହଯୋଗ କରିଥିଲେ। ଯଶୋବନ୍ତ ସାହା ଧନ୍ୟବାଦ ଅର୍ପଣ କରିଥିଲେ।

● ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

# ଚିନ୍ମୟ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ କୃତିତ୍ୱ



ଦେବଗଡ଼,୨୧।୧୦(ସମିସ): ଚିନ୍ମୟ ମିଶନ ଦ୍ୱାରା ରାଉରକେଲା ଠାରେ ଆୟୋଜିତ ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତାରେ ଦେବଗଡ଼ ଚିନ୍ମୟ ବିଦ୍ୟାଳୟର ଛାତ୍ରଛାତ୍ରୀ ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରି ବିଦ୍ୟାଳୟ ତଥା ଜିଲ୍ଲା ପାଇଁ କୃତିତ୍ୱ ଅର୍ଜନ କରିଛନ୍ତି। କ ବିଭାଗରେ ୟୁକେଜିର ଛାତ୍ରୀ ପଲକ୍ବି ପ୍ରଧାନ ପ୍ରଥମ ସ୍ଥାନ, ଏଲକେଜିର ପ୍ରିୟଦର୍ଶିନୀ ନନ୍ଦ ତୃତୀୟ ସ୍ଥାନ, ଘ ବିଭାଗର ପ୍ରତ୍ୟୁଷାରାଣୀ ମିଶ୍ର ଦ୍ୱିତୀୟ ସ୍ଥାନ, ଙ ବିଭାଗର ସପ୍ତମ ଶ୍ରେଣୀର ଛାତ୍ର ପୀୟୁଷ ଦ୍ୱିବେଦୀ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏଥିସହିତ ସାୟୋନି ଶ୍ରେଙ୍ଗସୀ, ଅମୃତ ପ୍ରସାଦ, କ୍ରୀଷ୍ଟାପ୍ରିୟଦର୍ଶିନୀ ଏବଂ ମୟଙ୍କରାଜ ସାନ୍ତ୍ୱନା ମୂଳକ ପୁରସ୍କାର ପାଇଛନ୍ତି। କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଦେବଗଡ଼ ଚିନ୍ମୟ ମିଶନର ଆଚାର୍ଯ୍ୟା ସ୍ୱାମିନି ତନ୍ନିଷ୍ଠାନନ୍ଦ, ସମ୍ପାଦକ ପ୍ରଭୁଦତ୍ତ ମିଶ୍ର, ଚେୟାରମ୍ୟାନ ସ୍ୱାମୀ ନିଗମାନନ୍ଦ, ଅଧ୍ୟକ୍ଷ ଡ.ଅଭୟ ସାହୁ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ବୃନ୍ଦ ଶୁଭେଚ୍ଛା ଜଣାଇଛନ୍ତି।

# ବରଗଡ଼ରେ ମା’ କାଳୀଙ୍କୁ ଆରାଧନା





**ବରଗଡ଼, ୨୧।୧୦(ସମିସ)**

ବରଗଡ଼ ମାଁ ଶ୍ୟାମା କାଳୀ ମନ୍ଦିରରେ ୮୩ ତମ ବାର୍ଷିକ ପୂଜା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବସରରେ ମନ୍ଦିର ପରିସରରୁ ଶହ ଶହ ମହିଳାଙ୍କ ଗହଣରେ ଭବ୍ୟ କଳସ ଶୋଭାଯାତ୍ରା ବାହାରିଥିଲା। ଜିରାନଦୀରୁ ପୂର୍ଣ୍ଣ କଳସ ଉଠିଥିଲା। ଏହି ଅବସରରେ ସେଠାରେ ଖଣ୍ଡାଧୁଆ ହୋଇଥିଲା। ଦୀପ ସ୍ଥାପନା କରାଯାଇ କଳସ ପୂଜା ଅନୁଷ୍ଠିତ ହୋଇଥିଲା। ପିତୃ ପୁରୁଷଙ୍କୁ ଉପସ୍ଥିତ ସମସ୍ତେ ତିଳତର୍ପଣ କରିଥିଲେ। ଏହା ପରେ କଳସ ଅଣାଯାଇ ମନ୍ଦିରରେ ସ୍ଥାପନା କରାଯାଇଥିଲା। ପୂଜା କରାଯାଇ ଅଖଣ୍ଡ ଦୀପ ସ୍ଥାପନ କରାଯାଇଥିଲା। ନିଶାର୍ଦ୍ଧରେ ପୀଠରେ ମାଁଙ୍କ ଗୁପ୍ତ ରୀତିନୀତି ଅନୁଷ୍ଠିତ ହୋଇଥିଲା। ମାଁଙ୍କ ମହାସ୍ନାନ ପରେ ଉଗ୍ରତାରା, ତ୍ରିପୁର ଭୈରବୀ, ତ୍ରିପୁର ସୁନ୍ଦରୀ, ମାଁ ଭୁବନେଶ୍ୱରୀ, ବଗଳାମୁଖୀ, ଛିନ୍ନମସ୍ତା, ଧୁମାବତୀ, ମହାଲକ୍ଷ୍ମୀ, ଯୋଗିନୀ, କ୍ଷେତ୍ରପାଳଙ୍କ ପୂଜା ଅର୍ଚ୍ଚନା ପରେ ଚଣ୍ଡିହବନ ଅନୁଷ୍ଠିତ ହୋଇଥିଲା। ସକାଳୁ ମାଁ ଶ୍ୟାମାକାଳୀ ରାଜରାଜେଶ୍ୱରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ପଣ୍ଡିତ ନରସଂହ ଶତପଥୀ, ଚଣ୍ଡୀ ପାଠକ ପଣ୍ଡିତ ନରେଶ ମିଶ୍ର, ପଣ୍ଡିତ ସଞ୍ଜୟ ଦାଶ, ପଣ୍ଡିତ ବିପିନ ବିହାରୀ ଦାଶ ପୂଜା ଅର୍ଚ୍ଚନା କରିଥିଲେ। ସତ୍ୟ ପ୍ରକାଶ ରଥ ମୁଖ୍ୟକର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ। ୭ ଦିନ ପର୍ଯ୍ୟନ୍ତ ବାର୍ଷିକ ପୂଜା ଉତ୍ସବ ଚାଲିବ। ୨୬ରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ।

**ଭେଡେନ:** ଜାମଡୋଲ ଗାଁରେ ୪୯ତମ ମାଁ କାଳୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଗ୍ରାମବାସୀ ଓ ପୂଜା କମିଟିର ସଦସ୍ୟ ଗାଁ ନିକଟସ୍ଥ ବାବା ଜମ୍ବେଶ୍ୱର ମନ୍ଦିର ନିକଟସ୍ଥ ପୋଖରୀରୁ କଳସରେ ଜଳ ଆଣି ମଣ୍ଡପରେ ସ୍ଥାପନ କରିଥିଲେ। ମୁଖ୍ୟ ପୂଜକ ଭାବେ ସମୀର ରଞ୍ଜନ ଶତପଥୀ ଓ ତାଙ୍କ ସହଯୋଗୀ ଭାବେ ସୁକାନ୍ତ ପଣ୍ଡା, ରତ୍ନାକର ଶତପଥୀ, ଦୁଷ୍ମନ୍ତ ଦେହେରି, ବିଷ୍ଣୁ ଦାଶ ପୂଜା ଦାୟିତ୍ୱରେ ଥିଲେ। ଟଙ୍କଧର ଦଳେଇ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ପୂଜା କମିଟିର ଉମାକାନ୍ତ ଭୋଇ, ପିଣ୍ଟୁ ପାତ୍ର, ଠାକୁର ଦଳେଇ, ଚକ୍ର ଦଳେଇ, ରବୀନ୍ଦ୍ର ସାହୁ, ଶମ୍ଭୁ ପଧାନ, ଘାସିରାମ କର୍ମୀ, ଅମିତ ପଣ୍ଡା, ରଶ୍ମିକାନ୍ତ ପାତ୍ର, ମିହିର ପାତ୍ର, ଆନନ୍ଦ ପଣ୍ଡା, ଶିବ ପାତ୍ର, ଜୟଲାଲ ପାତ୍ର, ବିରେନ୍ଦ୍ର ଭୋଇ, ଥବୀର ପାତ୍ର, ବିଜୟ ପଧାନ, ବିକି ଭୋଇ, ବୁଧ ମହାକୁରଙ୍କ ସମେତ ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

**ବିଜେପୁର:** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ତାଳପଦର ନିକଟରେ ପ୍ରବାହିତ ପବିତ୍ର ଉତ୍ତାଲି ନଦୀ ପୀଠରେ ଅବସ୍ଥିତ ମାଁ ଦକ୍ଷିଣ କାଳୀଙ୍କ ପୀଠର୍ୱେହା ସମାରୋହରେ ମା’ଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ନଦୀରେ ପୂଜାର୍ଚ୍ଚନା ପୂର୍ବକ କଳସ ଆଣି ପୂଜାମଣ୍ଡପରେ ସ୍ଥାପନ କରାଯାଇଥିଲା। ସୂର୍ଯ୍ୟ ପୂଜା, ପାର୍ଶ୍ୱ ଦେବତା ପୂଜା, ଦକ୍ଷିଣ କାଳୀଙ୍କ ଶୋଡଷ ଉପଚାର ପୂଜା, ଚଣ୍ଡୀ ହବନ, ଆରତୀ, ପୁଷ୍ପାଞ୍ଜଳି ଆଦି କରାଯାଇଥିଲା। ଏହି ପୀଠରେ ଶୋଭାପାଉଥିବା ଗଣେଶ, କାଳେଶ୍ୱର ଶିବ, ଶନି ମହାରାଜ ପ୍ରମୁଖଙ୍କଠାରେ ପୂଜାର୍ଚ୍ଚନା କରାଯାଇଥିଲା। ପଣ୍ଡିତ ସିଦ୍ଧେଶ୍ୱର ସାବତ, ଟଙ୍କଧର ସାବତ, ପୀତବାସ ମିଶ୍ର, ରାଧେଶ୍ୟାମ ମିଶ୍ର, କାହ୍ନା ପାଣିଗ୍ରାହୀ, ବିରଞ୍ଚି ଦାଶ ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। ସୁନିଲ ମିଶ୍ର ପୂଜାର କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ ଯୁଗାର ଯାତ୍ରା ଅନୁଷ୍ଠିତ ହୋଇଥିଲା। ପୀଠର ପରିଚାଳକ ପ୍ରଶାନ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରେମାନନ୍ଦ ମିଶ୍ର, ରାଧେଶ୍ୟାମ ମିଶ୍ର, ତୋସବନ୍ତ ସାହୁ, ନିରଞ୍ଜନ ସାହୁ, ଗିରିରଣା, ଚୈତନ୍ୟ ବିଶ୍ୱାଳ, ନେତ୍ରାନନ୍ଦ ସାହୁ, ଜୟ ପାଣିଗ୍ରାହୀ, ବୀରେନ ବାଗ, ନରସିଂହ ପୂଜାହାରୀ, ସରପଞ୍ଚ କାମିନୀ ପଧାନ, ସମିତି ସଦସ୍ୟ ସଞ୍ଜୁ ପଧାନ, ରାଜକିଶୋର ବେହେରା ପ୍ରମୁଖ ସହଯୋଗ କରିଥିଲେ।





**ପଦ୍ମପୁର:** ହନୁମାନ ପଡ଼ା ସ୍ଥିତ ହନୁମାନ ମନ୍ଦିର ପରିସରରେ ଜଗତଜନନୀ ମାଁ ଶ୍ୟାମାକାଳୀଙ୍କ ପୂଜା ଉତ୍ସବ ଖଣ୍ଡାଧୂଆ ଯାତ୍ରା ସହ ଆରମ୍ଭ ହୋଇଯାଇଛି। ଶତାଧିକ ଜନସାଧାରଣ ଏକ ଭବ୍ୟ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ସ୍ଥାନୀୟ କଣ୍ଟା ବନ୍ଧରୁ ପବିତ୍ର ଜଳ ଆଣି ପୂଜା ସ୍ଥଳରେ ସ୍ଥାପନ କରିଥିଲେ। ଅର୍ଦ୍ଧରାତ୍ରିରେ ମାଁଙ୍କ ଚକ୍ଷୁଦାନ କରାଯାଇଥିଲା। ପଣ୍ଡିତ ଆତ୍ରହି ଭଞ୍ଜନ ପାଣିଗ୍ରାହୀଙ୍କ ନେତୃତ୍ୱରେ ପୂଜାକାର୍ଯ୍ୟ ହେଉଥିବା ବେଳେ ଲଳିତ ଶତପଥୀ ସପତ୍ନିକ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ଶୁକ୍ରବାର ମାଁଙ୍କ ଭସାଣୀ କାର୍ଯ୍ୟକ୍ରମ ରହିଥିବା ବେଳେ ଦର୍ଶକଙ୍କ ମନୋରଞ୍ଜନ ପାଇଁ ପ୍ରତିଦିନ ଅପରାହ୍ଣରେ ଆୟୋଜକ ସାର୍ବଜନୀନ କାଳୀ ପୂଜା କମିଟି ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି। ସମସ୍ତ କାର୍ଯ୍ୟକ୍ରମ ସଭାପତି ଅଜିତ ଶତପଥୀ, ଉପସଭାପତି ପ୍ରିୟରଞ୍ଜନ ଭୋଇ ଓ ପ୍ରଫୁଲ୍ଲ ମିଶ୍ର, ସମ୍ପାଦକ ଆଦର୍ଶ ନାଥ, ସହସମ୍ପାଦକ ଅଜୁ ପଟ୍ଟନାୟକ, କୋଷାଧ୍ୟକ୍ଷ, ଶ୍ୟାମଳ ଦାସ, ସରୋଜ ମିଶ୍ର, ନରସିଂହ ପଟ୍ଟନାୟକ, ଅଶୋକ ବହିଦାର, ସୁବାଷ ପାତ୍ର, ପିଣ୍ଟୁ ନାଥ ପ୍ରମୁଖଙ୍କ ନେତୃତ୍ୱରେ ଅନୁଷ୍ଠିତ ହେଉଛି।

## ଦୀପାବଳିରେ ରକ୍ତଦାନ ଶିବିର



**ବରଗଡ଼, ୨୧। ୧୦(ସମିସ):** ବରଗଡ଼ ଅଗ୍ରଗାମୀ ଭବନଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ୨୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଜୟରାମ ବାଘଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିରୂପେ ନିହାଲ ସିଂ, ସମ୍ମାନିତ ଅତିଥି ଭାବେ ବିଏସ୍‌ପି ଜିଲ୍ଲା ପ୍ରଭାରୀ ଟଙ୍କଧର କଣ୍ଟା, ଜିଲ୍ଲା ସଭାପତି ଅଜୟ କୁମ୍ଭାର, ଜିଲ୍ଲା ସାଧାରଣ ସମ୍ପାଦକ ସରୋଜ କୁମ୍ଭାର, ହାସ୍ୟ ଅଭିନେତା ବିନ୍ଦୁ, ସଙ୍ଗୀତକାର ଶିବଶଙ୍କର ପଧାନ ପ୍ରମୁଖ ଯୋଗ ଦେଇଥିଲେ। ତରୁଣ ତାଣ୍ଡି, ଲିଙ୍ଗରାଜକୁଆଁର, ସୁବଳ ମେହେର, ସମୀର କନ୍ଧେଧର, ଗୌତମ ତାଣ୍ଡି ପ୍ରମୁଖ ସହଯୋଗ କରିଥିଲେ।

## ମହାଲକ୍ଷ୍ମୀ ପୂଜା ପାଇଁ ଭୂମିପୂଜା



**ବିଜେପୁର, ୨୧।୧୦(ସମିସ):** ବିଜେପୁର ବ୍ଲକ ପଡ଼ା ଗାଁରେ ୩୦ତମ ମା’ ମହାଲକ୍ଷ୍ମୀଙ୍କ ପୂଜା ପାଇଁ ଭୂମିପୂଜା କରାଯାଇଛି। ବିଧାୟକ ସନତ ଗଡ଼ତିଆଙ୍କ ଅନୁଦାନ ସହାୟତାରେ ଏକ ସ୍ଥାୟୀ ମଞ୍ଚ ଲାଗି ଭୂମି ପୂଜା କରାଯାଇଛି। ଅନୁଷ୍ଠାନର ସଭାପତି ଉମେଶ ମେହେର, ସମ୍ପାଦକ ବିସିକେଶନ ମେହେର, ସହ ସମ୍ପାଦକ ଆନନ୍ଦ ବାରିକ, କୋଷାଧକ୍ଷ ଶାନ୍ତନୁ ମିଶ୍ର, ବୀରକିଶୋର ମେହେର, ଗିରିଶ ପଧାନ ଓ ସମସ୍ତ ସଦସ୍ୟଙ୍କ ସହ ପଡ଼ା ଗାଁର ବିଶିଷ୍ଟ ବ୍ୟକ୍ତିମାନେ ଏହି ଭୂମିପୂଜା ଉତ୍ସବରେ ଅଂଶଗ୍ରହଣ କରିଥିଲେ।

## ଭେଡେନ ବ୍ଲକ୍ ଆଦିବାସୀ ସଂଘର ବୈଠକ

**ଭେଡେନ, ୨୧।୧୦(ସମିସ):** ଭେଡେନ ବ୍ଲକ ଆଦିବାସୀ ସଙ୍ଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାନେତ୍ରୀ ପ୍ରେମଶିଳା ବରିହା ସଭାପତିତ କରିଥିଲେ। ଜିଲ୍ଲା ସଭାପତି ଗୋବିନ୍ଦ ବରିହା, ଜିଲ୍ଲା ସମ୍ପାଦକ ତ୍ରିଲୋଚନ ଭୁଏ, ସୋହେଲା ବ୍ଲକ ସଭାପତି ଧନଞ୍ଜୟ ବରିହା, ନାରିନେତ୍ରୀ ବିନୋଦିନୀ ନାଏକ, ବରଗଡ଼ ବ୍ଲକ ସମ୍ପାଦକ କର୍ମଦେବ ବେହେରା, ଅତାବିରା ବ୍ଲକର ନାରୀନେତ୍ରୀ ଗୁରୁବାରି ଭୂଏ, ଚନ୍ଦ୍ରକାନ୍ତି ଧରୁଆ ପ୍ରମୁଖ ଯୋଗ ଦେଇଥିଲେ। ପ୍ରମୋଦ ବାରିକ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।



## କୃଷକ ସଚେତନତା ସମାବେଶ ପାଇଁ ପ୍ରସ୍ତୁତି

**ପଦ୍ମପୁର, ୨୧।୧୦(ସମିସ):** ପ୍ରତ୍ୟେକ ବର୍ଷ ପରି ଏ ବର୍ଷ ମଧ ରାଜବୋଡାସମ୍ବର କୃଷକ ସଂଗଠନ ନଭେମ୍ବର ୮ ରେ ବିରାଟ କୃଷକ ସଚେତନତା ସମାବେଶ କରିବା ପାଇଁ ନିଷ୍ପତ୍ତି ନେଇଛି। ଏହି ସମାବେଶ ପାଇଁ ଏଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଞ୍ଛାନିଧି ନାୟକ ସଭାପତିତ୍ୱ କରିଥିଲେ। ସରକାର ବଦଳିଛି; ହେଲେ ବ୍ୟବସ୍ଥା ବଦଳି ନାହିଁ। କୃଷକମାନଙ୍କ ଭାଗ୍ୟ ଆହୁରି ଜଟିଳରୁ ଜଟିଳତର ହେବାରେ ଲାଗିଛି ବୋଲି ସଂଗଠନ କର୍ମକର୍ତ୍ତା କହିଥିଲେ। ଚଳିତ ବର୍ଷ ସାର, ବିହନ, ବର୍ଷା, ରୋଗପୋକ, ବୀମା ଓ ଧାନ ପଞ୍ଜିକରଣ ସମସ୍ୟାରେ ଚାଷୀ ପ୍ରଭାବିତ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ସମସ୍ତ ଚାଷୀଙ୍କ ଧାନ ବିକ୍ରି ପଞ୍ଜିକରଣ କରାଯାଇ ପାରିନାହିଁ। ଆନୁପାତିକ ଚାଉଳ ନ ଉଠିବାରୁ ଧାନ କିଣା ନିଶ୍ଚୟ ପ୍ରଭାବିତ ହେବ ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ଧାନ ବିକ୍ରି, କଟନିଛଟଣୀ, ଫସଲ ନଷ୍ଟ ଜନିତ ତିପୂରଣ, ବିଦ୍ୟୁତ୍ ସମସ୍ୟା, ବିସ୍ଥାପନ ବିହୀନ ଦେୟମୁକ୍ତ ଜଳସେଚନ, ଶୀତଳ ଭଣ୍ଡାର ଇତ୍ୟାଦି କୃଷକମାନଙ୍କ ସମସ୍ୟା ଦିଗରେ ସଚେତନ, ସଂଗଠିତ ହୋଇ ଲଢ଼େଇ କରିବାକୁ ସମାବେଶରେ ନିଷ୍ପତ୍ତି ନେବା ପାଇଁ ସ୍ଥିର ହୋଇଛି। ଏହି ସଭାରେ ସଂଗଠନର ଅଶୋକ ସାହୁ, କୈଳାସ ବାରିକ, ସୁବାସ ସାମନ୍ତରାୟ, ପଞ୍ଚାନନ ସାହୁ, ଦହିତ ସାହୁ, ମଳୟ ଭୋଇ, କୁଳମଣି ବାରିକ, ଲିଙ୍ଗରାଜ ପଧାନ, ନବୀନ ବେହେରା, ବିଜୟୀ ସାହୁ, ଦୁଷ୍ମନ୍ତ ପଟେଲ, ପ୍ରକାଶ ଦାସ, ଅରବିନ୍ଦ ପଣ୍ଡା, ସରୋଜ ସାହୁ, ପ୍ରସନ୍ନ କୁମ୍ଭାର, ଉପଦେଷ୍ଟା ଅଜିତ ଶତପଥୀ, ରମେଶ ମହାପାତ୍ର ଓ ସମସ୍ତ ବ୍ଲକ ପ୍ରତିନିଧି ଯୋଗ ଦେଇଥିଲେ।



## ଶ୍ୟାମାଜ୍ୟୋତି ମହୋତ୍ସବ ଉଦ୍‌ଘାଟିତ

**ପଦ୍ମପୁର, ୨୧।୧୦(ସମିସ):** ପଦମପୁର ବ୍ଲକ ସର୍ଗିବାହାଲରେ ୨୮ ତମ ସାର୍ବଜନୀନ କାଳୀପୂଜା ଓ ଶ୍ୟାମାଜ୍ୟୋତି ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଅଞ୍ଚଳର କଳାକାରଙ୍କୁ ନେଇ ଏକ ନୃତ୍ୟ ପ୍ରତିଯୋଗିତା ଅନଷ୍ଠିତ ହୋଇଥିଲା। ଆଦିବାସୀ ସରକାରୀ ନୋଡାଲ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ବରିହା, କାଳୀପୂଜା କମିଟିର ସଭାପତି ଛାୟାକାନ୍ତ ମେହେର, ଚନ୍ଦ୍ରମୋହନ ମେହେର, ଲୋଚନ ବରିହା, ଖେଳ ଶିକ୍ଷକ ଚନ୍ଦ୍ରମଣି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଗୋବର୍ଦ୍ଧନ ବରିହା, ଆନନ୍ଦ ବିଶ୍ୱାଳ, ବିସ୍ମୟ ସାହୁ ପ୍ରମୁଖ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ଈଶ୍ୱର ମେହେର, ସୁଶ୍ରୀ ରାଜେଶ୍ୱରୀ ପାଣିଗ୍ରାହୀ ଓ ଦୁର୍ଗାଶିଷ ପଟ୍ଟନାୟକ ବିଚାରକ ଥିଲେ। ଦ୍ୱିତୀୟ ଦିବସରେ ପଦମପୁର ଆଦର୍ଶ ଥାନା ଅଧିକାରୀ ମମତା ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଗୋବର୍ଦ୍ଧନ ବରିହା, ମନିଶ ରଥ ସହଯୋଗ କରିଥିଲେ। ଲୋଚନ ବରିହା ଧନ୍ୟବାଦ ଅର୍ପଣ କରିଥିଲେ।



## ଝାରବନ୍ଧରେ ଗିରି ଗୋବର୍ଦ୍ଧନ ପୂଜା ଉତ୍ସବ

**ଝାରବନ୍ଧ, ୨୧।୧୦(ସମିସ):** ଝାରବନ୍ଧ ବ୍ଲକ ଯାଦବ ସମାଜ ତଥା ଝାରବନ୍ଧ ଗ୍ରାମବାସୀଙ୍କ ଆୟୋଜନରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ଗିରି ଗୋବର୍ଦ୍ଧନ ପୂଜା ଉତ୍ସବ ଆରମ୍ଭ ହୋଇଛି। ସଭାପତି ଗୁଣମଣି ବନଛୋର, ସମ୍ପାଦକ ଉମେଶ ବନଛୋରଙ୍କ ତତ୍ତ୍ୱାବଧାନରେ ଏହା ଆରମ୍ଭ ହୋଇଛି। ଯାଦବ ସମାଜର ସହଯୋଗରେ ଶହ ଶହ ମା’ ଭଉଣୀ, ପୁରୁଷମାନେ ସଂକୀର୍ତ୍ତନ, ସମ୍ପ୍ରଦା, ଗଣ୍ଡା ବାଜା ସହ ବିରାଟ ସାଂସ୍କୃତିକ ଯାତ୍ରାରେ ବାହାରି ଗାଁ ପୋଖରୀକୁ ଯାଇଥିଲେ। ସେଠାରୁ କଳସ ଶୋଭାଯାତ୍ରା ବାହାରିଥିଲା। ସମସ୍ତେ ଗାଁ ପରିକ୍ରମା କରି ପୂଜା ସ୍ଥଳରେ ପହଞ୍ଚିବା ପରେ କଳସ ସ୍ଥାପନ କରି ପୂଜା ଆରମ୍ଭ ହୋଇଛି। ଏହି ଅବସରରେ ହୃଷିକେଶ ପୋଡ, ସୁଧାମୟୀ ପୋଡ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ଏହି ପୂଜା ୩ ଦିନ ଧରି ଚାଲିବ।

## ପଣ୍ଡିତ ସଦାଶିବ ତ୍ରିପାଠୀଙ୍କ ପରଲୋକ



**ଦହିତା, ୨୧।୧୦(ସମିସ):** ପଦ୍ମପୁର ଉପଖଣ୍ଡ ବୁଡେନ ପଞ୍ଚାୟତ ବୁକାଝୁଲା ଗାଁର ପଣ୍ଡିତ ସଦାଶିବ ତ୍ରିପାଠୀଙ୍କ ୮୪ ବର୍ଷ ବୟସରେ ପରଲୋକ ହୋଇଯାଇଛି। ତାଙ୍କ ପରଲୋକ ଖବର ପାଇ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ସ୍ଥାନୀୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡପୁଅ ପୃଥ୍ୱିରାଜ ମୁଖାଗ୍ନି ଦେଇଥିଲେ।

## ଯୁବ ବ୍ୟବସାୟୀଙ୍କ ଅକାଳ ବିୟୋଗ



**ଭେଡେନ, ୨୧।୧୦(ସମିସ):** ଭେଡେନ ଅଞ୍ଚଳର ଜଣାଶୁଣା ଯୁବ ବ୍ୟବସାୟୀ ନିଲୁ ମେହେର(୩୭)ଙ୍କ ଅକାଳ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ଦେହ ଅସୁସ୍ଥ ଥିବାରୁ ସେ ସମ୍ବଲପୁରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ପରଲୋକ ଘଟିଛି। ତାଙ୍କର ମରଶରୀର ପହଞ୍ଚିବା ପରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ପରେ ଏକ ବିଶାଳ ଶୋଭାଯାତ୍ରାରେ ଭେଡେନ ନିକଟସ୍ଥ ଦନ୍ତା ନଦୀ ଶ୍ମଶାନ ଘାଟକୁ ନିଆଯାଇ ଅନ୍ତିମ ସଂସ୍କାର କରାଯାଇଥିଲା। ପୁତୁରା ରୁଦ୍ର ନାରାୟଣ ମେହେର ମୁଖାଗ୍ନି ଦେଇଥିଲେ।

# ବିଇଓ ଅଫିସ୍ ଘେରିଲେ ଛାତ୍ରଛାତ୍ରୀ, ଅଭିଭାବକ

**ଅତାବିରା, ୨୧।୧୦(ସମିସ)**

ଅତାବିରା ବ୍ଲକ ଝିଲିମିଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଦାବି ନେଇ ଅଭିଭାବକ ଓ ଛାତ୍ରଛାତ୍ରୀ ବିଇଓ ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ। ପରେ ସ୍କୁଲରେ ତାଲା ପକାଇ ଦେଇଥିଲେ। ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୯ଟି ଶ୍ରେଣୀରେ ୨୨୨ ଜଣ ଛାତ୍ରଛାତ୍ରୀ ଅଛନ୍ତି। ଏଥି ପାଇଁ ୬ ଜଣ ଶିକ୍ଷକ ଅଛନ୍ତି। ଜୁନ ୨୬ରୁ ଜଣେ ଶିକ୍ଷକ ଛୁଟିରେ ରହିବାରୁ ପାଠ ପଢ଼ା ବ୍ୟାହତ ହୋଇଥିଲା। କିଛି ଦିନ ତଳେ ସମ୍ପୃକ୍ତ ଶିକ୍ଷକ କାର୍ଯ୍ୟରେ ଯୋଗ ଦେବାକୁ ଯାଇଥିଲେ। ବିଭିନ୍ନ ଅଭିଯୋଗ ଆଣି ତାଙ୍କୁ ପରିଚାଳନା କମିଟି କାର୍ଯ୍ୟରେ ଯୋଗ ଦେବାକୁ



ସୁଯୋଗ ଦେଇ ନ ଥିଲା। ଶିକ୍ଷକ ଜଣକ ଦୀର୍ଘ ଦିନ ଛୁଟିରେ ରହିବାରୁ ପିଲାଙ୍କ ପାଠପଢ଼ା ବ୍ୟାହତ ହେବା ଅଭିଯୋଗ କରି ଗତ ମାସ ୨୩ ତାରିଖ ସ୍କୁଲରେ ତାଲା ପକାଇବାରୁ ଅର୍ଦ୍ଧବାର୍ଷିକୀ ପରୀକ୍ଷା ବାଧାପ୍ରାପ୍ତ ହୋଇଥିଲା। ବିଇଓ ଓ ଏବିଇଓ ଘଟଣାସ୍ଥଳକୁ ଯାଇ ଶିକ୍ଷକ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଇତି ମଧ୍ୟରେ ପାଖାପାଖି ମାସେ କାଳ ବିତି ଯାଇଥିଲେ ସୁଦ୍ଧା ଶିକ୍ଷକ ନିଯୁକ୍ତି ନ ଦେବା ଓ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନରୁ ସ୍କୁଲର ପିଲାଙ୍କ ସହ ଅଭିଭାବକ ବିଇଓ ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ। ଏ ନେଇ ବିଇଓ ମିଶ୍ରାଣୀ କୁମ୍ଭାରଙ୍କ ପଚାରିବାରୁ ଡିଇଓଙ୍କୁ ଏ ବିଷୟରେ ଅବଗତ କରାଯାଇଛି। ଶୀଘ୍ର ସମାଧାନର ଉପାୟ ବାହାରିବ ବୋଲି କହିଛନ୍ତି।